ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ମାସିକ ଓଡ଼ିଆ ସାହିତ୍ୟ ଇ-ପତ୍ରିକା

# ଆହ୍ୱାନ

ଜାନୁଆରୀ ୨୦୨୦ ସଂସ୍କରଣ

କଥା ଓ କାହାଣୀ

ପଦ୍ୟ ଓ କବିତା

ହାସ୍ୟ ଓ ବ୍ୟଙ୍ଗ

ଇତିହାସ ଓ ପ୍ରବଂଧ

ଅନୁବାଦ ସାହିତ୍ୟ

ସମ୍ବଲପୁରୀ ଲେଖା

ଶିଶୁ କଥା

ଏବଂ

ଆହୁରି ଅନେକ



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ପ୍ରତିଷ୍ଠାତା ଓ ସଂପାଦକ, ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆହ୍ୱାନ

ଓଡ଼ିଶାର ପ୍ରଥମ ଏବଂ ଏକମାତ୍ର ସମ୍ପୂର୍ଣ୍ଣ ଓଡ଼ିଆ ମାସିକ ସାହିତ୍ୟ ଇ-ପତ୍ରିକା



ଆସ ଓଡ଼ିଆରେ ଲେଖିବା, ପଢ଼ିବା ଓ ପଢ଼ାଇବା

ପ୍ରତିଷ୍ଠାତା - ସମ୍ପାଦକ

## ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

ଏମ୍.ବି.ବି.ଏସ୍., ପି.ଜି.ଡି.ଏମ୍.ସି.ଏଚ୍., ପି.ଜି.ଡି.ଏଚ୍.ଏମ୍

ଫ୍ଲାଟ୍ ସଂ: ୨୦୨, ଚିଦାନନ୍ଦ ଆବାସ, ବୀମା ନଗର, ବ୍ରହ୍ମପୁର, ୭୬୦୦୧୦, ଓଡ଼ିଶା

ଭ୍ରାମ୍ୟଭାଷ / ହ୍ୱାଟ୍‌ସଆପ୍ : ୭୦୦୮୫୬୭୦୮୫ । ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

'ଆହ୍ୱାନ' ଇ-ପତ୍ରିକାରେ ପୂର୍ଣ୍ଣତଃ ମୌଳିକ, ଅପ୍ରକାଶିତ ଲେଖା ଗୁଡ଼ିକ ହିଁ ଲେଖାର ମାନ ଏବଂ ଭାଷା ତଥା ଉପାଦେୟତା ଆଧାରରେ ଚୟନ କରାଯାଇଥାଏ । କୌଣସି ବେନାମୀ ଲେଖା ଉପରେ ଆମର କୌଣସି କର୍ତ୍ତବ୍ୟ / ଦାୟିତ୍ୱ ରହିବ ନାହିଁ । ଲେଖାରେ ଦିଆଯାଇଥିବା ସମସ୍ତ ତଥ୍ୟ ଏବଂ ବିଚାର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ, ତାହା ଉପରେ ସମ୍ପାଦକ କିମ୍ବା ପ୍ରକାଶକଙ୍କ ସହମତି ରହିବ ବୋଲି କୌଣସି ଲିଖିତ ନିୟମ ନାହିଁ । ଯଦିଓ ପ୍ରତ୍ୟେକ ଲେଖାକୁ ଭଲଭାବରେ ପଢ଼ିବା ଏବଂ ବୁଝିବାପରେ ହିଁ ପ୍ରକାଶନ ହେତୁ ନିର୍ବାଚନ କରାଯାଇଥାଏ । ତଥାପି ଲେଖାର ଶତପ୍ରତିଶତ ସତ୍ୟତାର ଦାବୀ କେବଳ ଲେଖକଙ୍କର । କୌଣସି ଲେଖାକୁ ନେଇ ଉଠିଥିବା ବିବାଦର ଉତ୍ତରଦାୟିତ୍ୱ କେବଳ ଲେଖାର ମୂଳ ଲେଖକଙ୍କର, ଏଥିରେ ସମ୍ପାଦକ କିମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ରହିବ ନାହିଁ ।

ଏହି ପତ୍ରିକାର କୌଣସି ଅଂଶ ବା ଲେଖା ସମ୍ପାଦକଙ୍କ ଲିଖିତ ଅନୁମତି ବିନା ଅନ୍ୟ କୌଣସି ମାଧ୍ୟମ (ପତ୍ର ପତ୍ରିକା / ଗଣମାଧ୍ୟମ / ସମ୍ବାଦପତ୍ର ଇତ୍ୟାଦି)ରେ ପ୍ରକାଶିତ କରିବା ଅପରାଧ ବୋଲି ଧରିନିଆଯିବ । ପ୍ରତ୍ୟେକ ଲେଖା ଉପରେ ସମ୍ପୂର୍ଣ୍ଣ ଅଧିକାର ଲେଖକଙ୍କର ରହିବ, ସେ ଚାହିଁଲେ ତାହାକୁ ଫେସବୁକ ଏବଂ ଟ୍ୱିଟର ଆଦି ଗଣମାଧ୍ୟମରେ କିମ୍ବା ଅନ୍ୟ ମାଧ୍ୟମରେ ପ୍ରକାଶିତ କରିପାରିବେ ।




**ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ଆହ୍ୱାନ ଇ-ପତ୍ରିକାର ଅଗଣିତ ପାଠକପାଠିକାଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।**

Magazine Downloaded from www.aahwaan.com

# ସୂଚୀପତ୍ର


| | | |
|---|---|---|
| ସମ୍ପାଦକୀୟ | ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ | ୧୩ |
| **କାହାଣୀ ବିଭାଗ** | | **୧୭** |
| ସୁନେଲି ସିଂହ | ଅଶୋକ ବିଶ୍ୱାଳ | ୧୮ |
| ଗ୍ରାମରକ୍ଷୀ | ସୁବଳ ମହାପାତ୍ର | ୨୬ |
| ଅଳତା | ଅନସୂୟା ପଣ୍ଡା | ୩୨ |
| ତୁମେ ଦୁର୍ବଳ ସାହିତ୍ୟିକ ବାବା | ନାରାୟଣ ଚନ୍ଦ୍ର ସେନାପତି | ୩୭ |
| ଅଭଡ଼ା ମା | ମଧୁସ୍ମିତା ମିଶ୍ର | ୪୮ |
| ପ୍ରଭାତୀ ତାରା | ସୁଷମା ପରିଜା | ୫୨ |
| ଭାଗ୍ୟବଦଳିଲା ନୂଆ ବର୍ଷରେ | ମହେଶ୍ୱର ସାହୁ | ୬୨ |
| ମା କ୍ଷୀର | ସୀତାରାମ ଦାଶ | ୭୩ |
| ଗ୍ରୀଟିଙ୍ଗ କାର୍ଡ | ବିଦ୍ୟୁତଲତା ମିଶ୍ର | ୭୬ |
| ରଘୁଆ ସାନ୍ତାକ୍ଲଜ୍ | ବିଜୟ କୁମାର ପଣ୍ଡା | ୮୦ |
| ମାତୃ ଆଶ୍ରିତ | ସୁନେତ୍ରା ନାୟକ | ୮୪ |
| ରୂପାନ୍ତର | ତ୍ରିଲୋଚନ ଦାସ | ୯୭ |
| ରବିବାର ଦିନ ଜେଜେଙ୍କ ଗପ | ରାଜେଶ କୁମାର ବାରିକ | ୧୦୩ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ମୋ ସୁନା ଭଉଣୀ | ମାଧୁରୀ ସାହୁ | ୧୦୬ |
| ଭିନ୍ନ ଏକ ଗ୍ୟାଙ୍ଗଷ୍ଟାର | ଦୀପକ ଷଡ଼ଙ୍ଗୀ | ୧୧୦ |
| ବିଶ୍ୱ ନିୟନ୍ତାଙ୍କୁ ପତ୍ର | ନିବେଦିତା ମହାପାତ୍ର | ୧୧୮ |
| କ୍ରୋଦ୍ଧି ସିଂହ | ଅଙ୍କିତା ପାଢ଼ୀ | ୧୨୧ |
| ନିଷିଦ୍ଧ ଧର୍ମ | ଅପରାଜିତା ବେସନ | ୧୨୫ |
| ଫରକ | ଶାନ୍ତନୁ କୁମାର ରାଉତ | ୧୩୦ |
| ନ'ଅଙ୍କରେ ବାରବର୍ଷର ସନାତନ | ରାହୁଲ ପ୍ରଧାନ | ୧୩୨ |
| ପିଞ୍ଜରା | ସୁଧାଂଶୁ ଶେଖର ଦ୍ୱିବେଦୀ | ୧୩୭ |
| **କବିତା ବିଭାଗ** | | **୧୪୩** |
| ପ୍ରେମ ଚିତ୍ରକାର | ଦୁଷ୍ମନ୍ତ ଖଟୁଆ | ୧୪୪ |
| ତମ ବିନା ମୁଁ | ଡା ନୀଳମାଧବ କର | ୧୪୫ |
| ଶେଷ ଠିକଣା | ହାସ୍ୟମୟୀ ରାଜ | ୧୪୬ |
| ଖୁସି | ପ୍ରବୀଣ କୁମାର ଖାଡ଼ଙ୍ଗା | ୧୪୭ |
| ମନ ସାଗର | ସସ୍ମିତା ରାଉତ ଜେନା | ୧୪୮ |
| ବାପା | ବୈଦ୍ୟନାଥ ପଣ୍ଡା | ୧୪୯ |
| ଶ୍ରାବଣର ଧାରା | ଶାନ୍ତନୁ କୁମାର ରାଉତ | ୧୫୦ |
| ମା ଗୋ ମହାଲକ୍ଷ୍ମୀ | ଜଗବନ୍ଧୁ ସାହୁ | ୧୫୧ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ତୁଛାରେ ପାଇବ କଷ୍ଟ | ଅକ୍ଷୟ କୁମାର ବେହେରା | ୧୫୨ |
| ନିର୍ବାସନ | ପୁଷ୍ପାଞ୍ଜଳୀ ପଣ୍ଡା | ୧୫୩ |
| କାହ୍ନୁ କେଳେଙ୍କାରୀ | ଚିନ୍ମୟୀ ସାହୁ | ୧୫୪ |
| ଜୀବନର ବିଳାପ | ମନୋଜ କୁମାର ପଣ୍ଡା | ୧୫୫ |
| ତୁ ଏକା ମୋର ଭରସା | ସଂଯୁକ୍ତା ରାଉତ | ୧୫୬ |
| ସମୟର ରଙ୍ଗ | ଭାସ୍କର ଚନ୍ଦ୍ର ଖଣ୍ଡା | ୧୫୭ |
| ମୋ ବାପା | ଆଶିଷ କୁମାର ସ୍ୱାଇଁ | ୧୫୯ |
| ପାଖେଥିଲେ ମାଟି, ହଜିଗଲେ ମାଣିକ | ସଂଯୁକ୍ତା ମହାପାତ୍ର | ୧୬୦ |
| ବନ୍ଧୁ | ଛବିରାଣୀ ପତି | ୧୬୧ |
| ସମୟର ଦାସ | ଗୌତମସେନ ହାଁସଦା | ୧୬୩ |
| ମୋକ୍ଷ | କେଶରୀ ପ୍ରସାଦ ମହାନ୍ତି | ୧୬୪ |
| ସ୍ରଷ୍ଟା ସର୍ଜନା | ରୋହିତ ସେଠୀ | ୧୬୬ |
| ଅପେକ୍ଷାରେ ହାରିଗଲି | ଉଦୟ କୁମାର ପଣ୍ଡା | ୧୬୭ |
| ବରଷର ଇତି | ସୁଶାନ୍ତ କୁମାର ଧଳ | ୧୬୯ |
| ମୃତ୍ୟୁ ମୋତେ ଡରେ | ବିନୟ ମହାପାତ୍ର | ୧୭୧ |
| ମୋ ଜନ୍ମଦିନ ପାଇଁ | ଅଙ୍କିତା ପାଢ଼ୀ | ୧୭୨ |
| ନୁଆ ବରଷ ମୁଁ କହେ | ମହେଶ୍ୱର ସାହୁ | ୧୭୪ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| କିଏ ସେ ଅଜଣା ? | ମିତ୍ରଭାନୁ ବିଶ୍ୱାଳ | ୧୭୫ |
| ଦୁହିତା | ହରେରାମ ପଣ୍ଡା | ୧୭୬ |
| ହେ ନବବର୍ଷ ତୁମେ ଆମ ସମ୍ଭାବନା | ନାରାୟଣ ଚନ୍ଦ୍ର ସେନାପତି | ୧୭୭ |
| ଭୃଣର ପ୍ରାର୍ଥନା | ପ୍ରୀତିରଞ୍ଜନ ନାୟକ | ୧୭୯ |
| ଜେଜେ ବାପା | ପୂର୍ଣ୍ଣିମା ଲେଙ୍କା | ୧୮୨ |
| ପରାଜିତା | ଗୌରୀ ପଣ୍ଡା | ୧୮୩ |
| ଋଣଗ୍ରସ୍ତ ଜୀବନ | ପବିତ୍ର ଦାସ | ୧୮୪ |
| ଜୀବନ ପରୀକ୍ଷା | ଦେବବ୍ରତ ବାରିକ | ୧୮୫ |
| ମାଆ | ପ୍ରେମଲତା ଦେବୀ | ୧୮୬ |
| ଶବ୍ଦଟିଏ | ଦଣ୍ଡାସୀ ପ୍ରଧାନ | ୧୮୭ |
| ଉପହାର | ସନାତନ ସରକାର | ୧୯୦ |
| ହତାଶିଆ ପ୍ରେମିକ | ବିନୟ ମିଶ୍ର | ୧୯୧ |
| ପ୍ରଭୁ ଲକ୍ଷ୍ମୀପତି | ରାମ ପ୍ରସାଦ ସିଂହ | ୧୯୨ |
| ଚାଷୀଭାଇ | ଶୁଭବ୍ରତ ମହାପାତ୍ର | ୧୯୩ |
| ଆଉ ମୁଁ ଚାହେଁନା | ଚିତ୍ତରଞ୍ଜନ ପଧାନ | ୧୯୪ |
| ବିଦାୟ ଉଣେଇଶି | କସ୍ତୁରୀ ଚରଣ ରାଉତ | ୧୯୫ |
| ଦୁର୍ବଳା ନୁହେଁ ମୁଁ | ଅଜୟ କୁମାର ବେହେରା | ୧୯୬ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ସବୁକିଛି ସ୍ୱପ୍ନପରି | ନରେନ୍ଦ୍ର ପ୍ରସାଦ ବେହେରା | ୧୯୭ |
| ଅଭିମାନ | ପ୍ରଶାନ୍ତ କୁମାର ମିଶ୍ର (କୁନୁ) | ୨୦୧ |
| ଆମେ ତ ଜୀବଟେ ଛାର | ଶିଶିର କୁମାର ପଣ୍ଡା | ୨୦୩ |
| ସମ୍ପର୍କ | ସରସ୍ୱତୀ ପଣ୍ଡା | ୨୦୪ |
| ମଣିଷତ୍ୱ | ମନସ୍ମିତା ବିଶ୍ୱାଳ | ୨୦୫ |
| ସମସ୍ୟା | ବର୍ଷା ଦାସମହାପାତ୍ର | ୨୦୬ |
| ସ୍ମୃତି | ସଂଯୁକ୍ତା ସାହୁ | ୨୦୮ |
| ହୃଦୟ ଭାଙ୍ଗିଲାପରେ | ଜ୍ୟୋତିର୍ମୟୀ ବେହେରା | ୨୦୯ |
| ଜୀବନ | ନନ୍ଦିନୀ ରାଉତ | ୨୧୦ |
| ଯଦି କେବେ ଆସ ତୁମେ | କବିତା ତିଆଡ଼ି | ୨୧୧ |
| ସମ୍ଭୋଗ କରିବାକୁ ଲାଗେ ଭାରି | ଆନନ୍ଦ ସାଗରିଆ | ୨୧୨ |
| ଫୁଲେଇ ମୋ ପ୍ରିୟା | କୁମାର ଲୋକେଶ୍ | ୨୧୩ |
| ପ୍ରିୟତମ ମିଛ କଥା | ରାଜେନ୍ଦ୍ର ଗିରି | ୨୧୪ |
| ନୃଶଂସ ମଣିଷ | ସୌମେନ୍ଦ୍ର ମହାନ୍ତି | ୨୧୬ |
| ତୁମ ହାତଲେଖା ଚିଠି | ପ୍ରଶାନ୍ତ କୁମାର ପ୍ରଧାନ | ୨୧୮ |
| ଧନୁରେ ଧନ୍ୟ ଉତ୍କଳଧାମ | ସନ୍ତୋଷ ପଟ୍ଟନାୟକ | ୨୧୯ |
| ରକ୍ଷୁବୋଉ ଶୁଣୁଛ | ଡଃ ଆଲୋକ କୁମାର ରାୟ | ୨୨୦ |


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com


| | | |
|---|---|---|
| ମହମବତୀ କିଣିଲେଣି | ଲୋକନାଥ ସାମଲ | ୨୨୨ |
| ଜୀବନ ସଖା | ଆଶୁତୋଷ ମେହେର | ୨୨୪ |
| ମଦୁଆର ଆତ୍ମଚରିତ | ଧର୍ମେନ୍ଦ୍ର ବାରିକ | ୨୨୫ |
| ଫଗୁଣ ଜଳୁଛି | ପ୍ରକାଶ କୁମାର ଚାନ୍ଦ | ୨୨୬ |
| ତୋ ସ୍ମୃତି | ସିଦ୍ଧେଶ୍ୱର ତ୍ରିପାଠୀ | ୨୨୭ |
| ତଟିନୀ ପଥେ | ଅମ୍ରିତେଶ ଖଟୁଆ | ୨୨୯ |
| କନିଆଁ ରତନ | ଅନାମ ଚରଣ ସାହୁ | ୨୩୧ |
| ଦେହ କାନ୍ଦୁଛି | ରମାମଣୀ ସାହୁ | ୨୩୨ |
| ବିଦାୟୀ ୨୦୧୯ | କାହ୍ନୁଚରଣ ସାହୁ | ୨୩୪ |
| ଅନ୍ୱେଷଣ | ପ୍ରଜ୍ଞା ପାରମିତା ମହାନ୍ତି | ୨୩୭ |
| ବ୍ୟଥା | ଗୌରୀଦତ୍ତ ମାଝୀ | ୨୩୮ |
| ଜୋତା | ଜ୍ଞାନେଶ୍ୱର ମିଶ୍ର | ୨୪୦ |
| କେମିତି କହିବି | ବିଦ୍ୟାଧର ମିଶ୍ର | ୨୪୨ |
| ବିବାହ | ବେବିସ୍ମିତା କର | ୨୪୩ |
| ଅପରିଚିତା | ରିଭୁ ଆଭୂଷଣ ପଣ୍ଡା | ୨୪୪ |
| କାହାପାଇଁ | ଜୟନ୍ତ କୁମାର ସାହୁ | ୨୪୬ |
| ତଥାପି ଈଶ୍ୱର | ଶିବଶଙ୍କର ସାହୁ | ୨୪୮ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ନୈବେଦ୍ୟ | ମଞ୍ଜୁରାଣୀ ମିଶ୍ର | ୨୫୦ |
| ତୁ ଟିକେ ଧୈର୍ଯ୍ୟଧର | ଶେଖର କୁମାର ସାହୁ | ୨୫୧ |
| ସ୍ୱାଗତଂ ନୂଆବର୍ଷ | ସମ୍ବେଦନା ମିଶ୍ର | ୨୫୨ |
| ଆସ ନୂଆବର୍ଷ | ସତ୍ୟବ୍ରତ ସାହୁ | ୨୫୩ |
| କେତେ ଦିନ | ପ୍ରକାଶ ଚନ୍ଦ୍ର ପଣ୍ଡା | ୨୫୪ |
| ମୋ ଭାବନା | ଦୀପାଞ୍ଜଳି ଭଞ୍ଜ | ୨୫୫ |
| କିନ୍ତୁ | ବିକାଶ ଚନ୍ଦ୍ର ବେହେରା | ୨୫୬ |
| ଆସରେ ପିଲାଏ ଆସ | ନୀଳାମ୍ବର ମହାନ୍ତି | ୨୫୭ |
| ଶବ୍ଦ ଯନ୍ତ୍ରଣା | ପଙ୍କଜ କୁମାର ମାହାନା | ୨୫୯ |
| ନୀଡ଼ | ରାଜେନ୍ଦ୍ର ସାମଲ | ୨୬୦ |
| ଜୀବନ ଯୁଦ୍ଧ | ବିକାଶ ଚନ୍ଦ୍ର ଧୁଙ୍ଗିଆ | ୨୬୫ |
| ହେ ସମୟ | ବଳବନ୍ତ ସିଂ | ୨୬୭ |
| ଶୀତ ସକାଳ | ଜାନକୀ ନାୟକ | ୨୬୮ |
| ଗ୍ରୀଟିଙ୍ଗ୍ କାର୍ଡ୍ | ହୀରାବତୀ ପାତ୍ର | ୨୬୯ |
| ସାଥିରେ | ଅଭିଜିତ୍ ଦାଶ | ୨୭୦ |
| ଅଫେରା ଅନ୍ୱେଷା | ଜିତେନ୍ଦ୍ର କୁମାର ସ୍ୱାଇଁ | ୨୭୧ |
| ଟ୍ୱେଣ୍ଟି ଟ୍ୱେଣ୍ଟିର ପ୍ରତିଜ୍ଞା | ବିଦ୍ୟାଧର ପଣ୍ଡା | ୨୭୪ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com


| | | |
|---|---|---|
| ଜଳାତଙ୍କ ରୋଗ | ରାହୁଲ ପ୍ରଧାନ | ୨୭୫ |
| ଧନୁଯାତ୍ରା | ରିନୁମା ବିଶ୍ୱାଳ | ୨୭୭ |
| ଅନ୍ତର୍ଧ୍ୱନୀ | ସନାତନ କଟା | ୨୭୮ |
| କିଏ ତୁମେ | ସେବକାନ୍ତ ନନ୍ଦ | ୨୮୦ |
| ତୁଚ୍ଛ ଏ ଜୀବନ | ସରୋଜ ସାହୁ | ୨୮୧ |
| ନାରୀ | ମହେନ୍ଦ୍ର କୁମାର ସ୍ୱାଇଁ | ୨୮୨ |
| ମା ଭଗବତୀ ମହାତ୍ମ୍ୟ | ସରୋଜିନୀ ମିଶ୍ର | ୨୮୩ |
| ଭୁଲି ମୁଁ ପାରିବି ନାହିଁ | ପ୍ରଶାନ୍ତ କୁମାର ନାଥ | ୨୮୬ |
| ନାରୀ ଜନ୍ମ | ପ୍ରଣତି ଆଚାର୍ଯ୍ୟ | ୨୮୭ |
| ହେ କବିତା ! | ହୃଦୟାନନ୍ଦ ପଧାନ | ୨୯୦ |
| ଦୀପାବଳୀ | ଶ୍ରୀକ୍ଷେତ୍ରସୁନ୍ଦର | ୨୯୨ |
| କଲମ ସ୍ୟାହି | ଶ୍ରୀରାଜଶେଖର ସି ଚିମା | ୨୯୩ |
| **ସମ୍ବଲପୁରୀ ବିଭାଗ** | | **୨୯୪** |
| ଫଳ କେ କେଁ ଆସ | ପୁସ୍ତମ ଯୁଆଡ଼ି | ୨୯୫ |
| ମାଏଟ୍ ମା'ର୍ କଥା | ହରିଶ ତାଣ୍ଡି | ୨୯୭ |
| ସୁନାର୍ ଭାରତ୍ | ନବୀନ ପଧାନ | ୨୯୮ |
| ପୁଷପୁନି | କ୍ଷମାନିଧି ସାହୁ | ୨୯୯ |


ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

| | | |
|---|---|---|
| ପୁତା | ଅରୁଣ କୁମାର ଭୋଇ | ୩୦୦ |
| ଚାଷୀଭାଇ | ଜିତେନ୍ଦ୍ର ପାଣ୍ଡେ | ୩୦୨ |
| ନୂଆଁ ବରଷା ଆଏଲାରେ | ସୁଭାଷ ଚନ୍ଦ୍ର ଭୁଏ | ୩୦୪ |
| ଆର୍ କେଭେଁ ହେବୁରେ ମୁନୁଷ୍ | ଗଣେଷ ଭୁଏ | ୩୦୭ |
| ନୂଆ ବଛର୍ ୨୦୨୦ | ଚନ୍ଦ୍ରଶେଖର ଗୋ | ୩୦୯ |
| ସପନ୍ ବଦ୍‌ଲେ ଜୀବନ୍ | ମିତ୍ରଭାନୁ ବିଶ୍ୱାଳ | ୩୧୧ |
| **ପ୍ରବନ୍ଧ ବିଭାଗ** | | **୩୧୨** |
| 'ପଠାଣି' ନାମର ତାତ୍ପର୍ଯ୍ୟ | ସାବିତ୍ରୀ ସ୍ୱାଇଁ | ୩୧୩ |
| ଓଡ଼ିଆ ଭାଷାର ଅବସ୍ଥା | ମନୋଜ କୁମାର ପଣ୍ଡା | ୩୧୮ |
| ତୁମ ପାଇଁ, କିଛି ଧାଡ଼ି | ଶୁଚିସ୍ମିତା ବେହେରା | ୩୨୨ |
| ମହିଳା ଓ ଶିଶୁ ଅଧିକାର | ନାରାୟଣ ଚନ୍ଦ୍ର ସେନାପତି | ୩୨୬ |
| କଟୁବଚନ ଦୁଃଖଦାୟୀ | ନରେନ୍ଦ୍ର ପ୍ରସାଦ ବେହେରା | ୩୨୯ |
| ମହାବାହୁଙ୍କ ଅତୃପ୍ତ ଆତ୍ମା | ସୋସିଆଲ୍ ଫୋରମ୍ | ୩୩୦ |
| ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ | ସନାତନ ମହାକୁଡ଼ | ୩୩୭ |
| ମାତୃବତ୍ ପରଦାରେଷୁ | ଶଶିକାନ୍ତ ମିଶ୍ର | ୩୪୦ |
| କାହାକୁ କହିବା | ସହଦେବ ସାହୁ | ୩୪୮ |
| **ବିଶେଷ ସୂଚନା** | | **୩୫୩** |

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com



ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ

# ସମ୍ପାଦକଙ୍କ କଲମରୁ...

ନମସ୍କାର

ଆହ୍ୱାନ ଇ-ପତ୍ରିକା ପ୍ରକାଶନର ଆଉ ଏକ ନୂତନ ବର୍ଷ । ବର୍ଷ ୨୦୦୬ରୁ ପ୍ରକାଶିତ ହେଉଥିବା ଆହ୍ୱାନ ସଂପ୍ରତି ୨୦୨୦ ରେ ପହଞ୍ଚିଛି, ଏବଂ ଏହାର ସମସ୍ତ ଶ୍ରେୟ କେବଳ ଏହାର ପାଠକୀୟ ଆଦୃତି ଏବଂ ଲେଖକ ସମୁହଙ୍କ ବିଶ୍ୱାସ ଓ ଆଶା ଉପରେ ନିର୍ଭର କରୁଛି । ଆପଣ ମାନଙ୍କୁ ଅନେକ ଅନେକ ଶୁଭେଚ୍ଛା ।

ଶୁଭେଚ୍ଛା ଦେବାର ସମୟ ହୋଇଛି ଇଂରାଜୀ ନବବର୍ଷର । ଇଂରାଜୀ ନବବର୍ଷ ୨୦୨୦ ଉପନୀତ । ପ୍ରତ୍ୟେକ ବର୍ଷ ନୂତନବର୍ଷର ଆଗମନ ପାଇଁ ଅନେକ ପ୍ରକାରର ଯୋଜନା, ବ୍ୟବସ୍ଥା ଆଦି ହୋଇଥାଏ । କେହି କେହି ନୂଆ ବର୍ଷରେ ନୂଆ ନୂଆ କାର୍ଯ୍ୟ ସବୁ କରିବାପାଇଁ ଚିନ୍ତନ କରିଥାନ୍ତି, ସେ ସବୁ ସମ୍ଭବ ହୁଏ ବା ନ ହୁଏ ସେ ବିଷୟରେ ମନ୍ଥନ କରିବା ପାଇଁ ହୁଏତ ସମୟ ମିଳେନି । କିନ୍ତୁ ବିଶ୍ୱସ୍ତରରେ ନବବର୍ଷ ଭାବରେ ଜାନୁଆରୀ ପ୍ରଥମକୁ ପାଳନ କରାଯାଏ ଏବଂ ଆମେ ବିଶ୍ୱମାନବ ହିସାବରେ ଏହି ଦିନର ଶୁଭେଚ୍ଛା ଓ ଅଭିନନ୍ଦନ ପରସ୍ପରକୁ ଜଣାଇବା ଅନିବାର୍ଯ୍ୟ ହୋଇଯାଏ । ଅବଶ୍ୟ ସନାତନ ହିନ୍ଦୁ ଧର୍ମରେ ନବବର୍ଷର ଆଗମନ ଅନ୍ୟ ସମୟରେ ହୁଏ (ବିଷୁବ ସଂକ୍ରାନ୍ତି) । ଯେଉଁଦିନ ଋତୁଚକ୍ରରେ ପରିବର୍ତ୍ତନ ହୁଏ । ତେଣୁ କିଛି ସନାତନ ଧର୍ମାବଲମ୍ବୀ ଇଂରାଜୀ ନବବର୍ଷ ପାଳନକୁ ବିରୋଧ କରନ୍ତି । କିନ୍ତୁ ଯଦି ଆମକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶ୍ୱସ୍ତରରେ ନିଜର ଛବିକୁ ଉନ୍ନତ ସ୍ତରରେ ରଖିବାକୁ ହେବ ତା ହେଲେ ସେହି ସ୍ତରରେ ଆୟୋଜିତ ଏବଂ ପ୍ରଯୋଜିତ ଅନେକ ଉତ୍ସବକୁ ଆପଣେଇବାକୁ ମଧ୍ୟ ହେବ । ଯଦିଓ ଆମେ ସନାତନ ଧର୍ମକୁ ମାନୁ ଏବଂ ହିନ୍ଦୁ କ୍ୟାଲେଣ୍ଡର ବ୍ୟବସ୍ଥାକୁ ସମ୍ମାନ ଦେଉ କିନ୍ତୁ ଯେତେବେଳେ ସବୁ ବ୍ୟବସ୍ଥା ଇଂରାଜୀ କ୍ୟାଲେଣ୍ଡର ହିସାବରେ ହେଉଛି ତା ହେଲେ ନବବର୍ଷ ପାଳନରେ କୌଣସି ଅସୁବିଧା ଆସିବା ଉଚିତ ନୁହେଁ । ଯେଉଁ ବନ୍ଧୁ କୁହନ୍ତି ଯେ ହିନ୍ଦୁ ନବବର୍ଷ ହିଁ ପ୍ରକୃତ ନବବର୍ଷ ତାହାକୁ ଆମେ ସମ୍ମାନ ଦେଉ ସତ କିନ୍ତୁ ସେହି ବନ୍ଧୁ କହି ପାରିବେ କି ସେ ନିଜ ସନ୍ତାନକୁ ସ୍କୁଲରେ ନାମ ଲେଖାଇବା ବେଳେ ଜନ୍ମ ତାରିଖ ଲେଖନ୍ତି ନା ତିଥି ଲେଖନ୍ତି ? ଦରମା ନେବାବେଳେ ହିନ୍ଦୁ କ୍ୟାଲେଣ୍ଡର ହିସାବରେ ନିଅନ୍ତି ନା ଇଂରାଜୀ କ୍ୟାଲେଣ୍ଡର ହିସାବରେ ନିଅନ୍ତି ? ବିରୋଧ କରିବାପାଇଁ ବିରୋଧ କରାଯାଉ ଏହା ଉଚିତ ନୁହେଁ । ଆସନ୍ତୁ ଖୁସି ହେବା, କାରଣ ଯାହା ବି ହେଉ । ଅନ୍ୟକୁ ନିନ୍ଦିତ କରି ଖୁସି ହେବା ଅପେକ୍ଷା ଅନ୍ୟର ଖୁସିରେ ଖୁସି ହେବା ବହୁତ ବଡ଼ କଥା ।

ନିନ୍ଦାରୁ ବର୍ତ୍ତମାନର ସମୟିକ ଘଟଣାବଳୀ ମନେ ପଡ଼ିଯାଉଛି । ବିଗତ ଏକ ମାସରେ ଭାରତର ବାତାବରଣ ବସ୍ତୁତଃ ଉଷ୍ମ ରହିଥିଲା । ଶୀତ ଦିନ ହେବା ସତ୍ତ୍ୱେ, ସଂଶୋଧିତ ନାଗରିକତ୍ୱ ଆଇନ ବିରୋଧରେ ଭାରତରେ ପ୍ରମୁଖ ସହର ମାନଙ୍କରେ ଅନେକ ଧରଣର ଶୋଭାଯାତ୍ରା, ହିଂସାକାଣ୍ଡମାନ ଆୟୋଜିତ କରାଯାଇଥିଲା । ସେହି ସବୁ ଶୋଭାଯାତ୍ରାକୁ ଦେଖିଲେ ମନେ ହେଉନଥିଲା ସେଇ ବ୍ୟକ୍ତିମାନେ ସରକାରଙ୍କ ବିରୋଧରେ ଶୋଭାଯାତ୍ରା କରୁଥିଲେ । ଖୋଲାଖୋଲି ସେମାନେ ହିନ୍ଦୁତ୍ୱ, ହିନ୍ଦୁବାଦୀ ଏବଂ ସନାତନ ଧର୍ମର ବିରୋଧରେ ସ୍ଲୋଗାନ୍ ଦେଉଥିଲେ, ପ୍ଲାକାର୍ଡ୍ ଓ ବ୍ୟାନର୍ ଧରୁଥିଲେ, ନିଜ ମୁହଁରେ ଅଭଦ୍ର ଭାଷାରେ ଆମ ଧର୍ମକୁ ଗାଳି ଦେଉଥିଲେ । କିନ୍ତୁ ଆମେ ତ ସହନଶୀଳ ତେଣୁ ଆମେ ଏଥିପ୍ରତି କୌଣସି ପ୍ରତିକ୍ରିୟା ଦେବା ଉଚିତ ମନେ କଲୁନାହିଁ ।

ଅତ୍ୟନ୍ତ ଦୁଃଖ ଓ କ୍ଷୋଭର ବିଷୟ ଅନେକ ନେତୃସ୍ଥାନୀୟ ସାହିତ୍ୟିକ ମଧ୍ୟ ସେହିଭଳି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଚରଣ ପ୍ରଦର୍ଶନ କରୁଛନ୍ତି । ନିଜକୁ ବୁଦ୍ଧିଜୀବି ବୋଲି ଦର୍ଶାଇବାକୁ ଯାଇ ସରକାରୀ ନିର୍ଦ୍ଦେଶ ପ୍ରତି ଅସହିଷ୍ଣୁତାପୂର୍ଣ୍ଣ ବ୍ୟବହାର ଦ୍ୱାରା ଅନ୍ୟ ମାନଙ୍କୁ ମଧ୍ୟ ହିଂସାକାଣ୍ଡ ପାଇଁ ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବରେ ଉସୁକାଉଛନ୍ତି । ଓଡ଼ିଶାର କିଛି ସାହିତ୍ୟିକ ଅଛନ୍ତି, ହଠାତ୍ ସେମାନଙ୍କର ବୁଦ୍ଧି ଉଦୟ ହୋଇଯାଇଛି । ଯେଉଁମାନେ ସରକାରୀ ଆଇନ୍ ସିଏଏ (ସଂଶୋଧିତ ନାଗରିକତ୍ୱ ଆଇନ) ବିରୋଧରେ ବିଷୋଦଗାର କରୁ କରୁ ପରୋକ୍ଷ ଭାବରେ ସନାତନ ଧର୍ମକୁ ଅପମାନିତ କରାଇବାକୁ ପଛାଇନାହାନ୍ତି । ଭଗବାନ ସେମାନଙ୍କୁ ସଦବୁଦ୍ଧି ଦିଅନ୍ତୁ ।

ପ୍ରଗତିଶୀଳ ସମାଜରେ ନିଜର ସ୍ଥିତିକୁ ବଜାୟ ରଖିବାକୁ ହେଲେ ଆମକୁ ଦୃତଗତିରେ ଉନ୍ନତି କରିବାକୁ ହେବ ହିଁ ହେବ । ଯେତେବେଳେ ସମୁଦାୟ ବ୍ୟବସ୍ଥା ବଦଳିବାରେ ଲାଗିଛି, ସେତେବେଳେ ଆମେ ନିଜକୁ ଅଜ୍ଞ ବା ବିଷୟରହିତ ବୋଲି କହିଦେଲେ ଚଳିବ ନାହିଁ । ଯେତେବେଳେ ସ୍ମାର୍ଟ୍ ଫୋନ୍ ଆସିଥିଲା ସେତେବେଳେ ଏହାକୁ ନେଇ ଅନେକ କଳ୍ପନାଜଳ୍ପନା ଆରମ୍ଭ ହୋଇଥିଲା କିନ୍ତୁ ଅଳ୍ପ ସମୟ ଭିତରେ ଏହିଫୋନ ଦ୍ୱାରା ଆମେ ଅନେକ କିଛି କରି ଦେଇପାରୁଛୁ ଯାହା ହୁଏତ ଏକ ଦଶନ୍ଧିପୂର୍ବରୁ ଆମ ପାଇଁ ସ୍ୱପ୍ନଥିଲା । ଆଜି ହ୍ୱାଟ୍ସଆପ୍ ଦ୍ୱାରା ତ୍ୱରିତ ଭାବରେ ସମ୍ବାଦ ପ୍ରେରଣ ହୋଇପାରୁଛି, ସମ୍ବାଦ ସହ ଭିଡ଼ିଓ ବାର୍ତ୍ତା ବି ପଠାଇ ହେଉଛି, ସେହିଭଳି ଆମ ଇମେଲ୍ ବ୍ୟବସ୍ଥା ବି ଅତ୍ୟନ୍ତ ସହଜ ହୋଇ ପାରିଛି । ଏ ସବୁ କହିବାର କାରଣ ଏହା ଯେ କିଛି ଲେଖକ ଦୁଃଖ ପ୍ରକାଶ କରୁଛନ୍ତି ସେମାନଙ୍କୁ ଇମେଲ୍ କରିବା ଆସେନାହିଁ । ଯେହେତୁ ହ୍ୱାଟ୍ସଆପ୍ ସହଜ ତେଣୁ ସେଥିରେ ଲେଖା ପଠାଇବାକୁ କହୁଛନ୍ତି । କଥା ହେଉଛି, ମୋର ଜାଣତରେ ହେଉ ବା ଅଜାଣତରେ ମୋତେ ଅନେକ ସାହିତ୍ୟ ଗ୍ରୁପରେ ସଦସ୍ୟତା ଦିଆଯାଉଛି । ଏବଂ ପ୍ରତିଦିନ ଅସଂଖ୍ୟ ନୂଆ ନୂଆ ପୋଷ୍ଟ ସେଥିରେ ଆସୁଛି । ସେହି ସମୟରେ ଆପଣ ପଠାଇବା କବିତାକୁ ବାହାର କରିବା ଏବଂ ପୁଣିଥରେ ତାକୁ କମ୍ପ୍ୟୁଟରକୁ ନେଇ ଲେଖାରେ ପରିବର୍ତ୍ତନ କରି

 Magazine Downloaded from www.aahwaan.com

ପ୍ରକାଶନଯୋଗ୍ୟ କରିବା ମୋ ପାଇଁ ଅତ୍ୟନ୍ତ କଷ୍ଟସାଧ୍ୟ ହୋଇପଡୁଛି, ସେଥିପାଇଁ ଅନୁରୋଧ ଆପଣମାନେ ଅନ୍ତତଃ ଇମେଲ୍ କରିବା ଶିଖିଦିଅନ୍ତୁ ।

ଦ୍ୱିତୀୟତଃ ମୁଁ ପତ୍ରିକାର ଶେଷରେ ଜଣାଇଛି ଯେ ପ୍ରତ୍ୟେକ ମାସରେ ପତ୍ରିକା ପ୍ରକାଶନ ପାଇଁ କେତେ ପ୍ରକାରର ଅସୁବିଧାର ସମ୍ମୁଖୀନ ହେଉଛି, ସେଇଥିପାଇଁ ପତ୍ରିକାର ନିୟମିତ ପ୍ରକାଶନରେ ଅନେକ ସମୟରେ ବିଳମ୍ବ ହେଉଛି । ଏବଂ ଲେଖକମାନେ ଦୟାକରି ଧୈର୍ଯ୍ୟର ସହ ଅପେକ୍ଷା କରିଲେ ପତ୍ରିକା ନିଶ୍ଚୟ ପ୍ରକାଶିତ ହେବ । ଏହା ସବୁ ସତ୍ତ୍ୱେ ବିଗତ ଚବିଶି ଘଣ୍ଟାରେ ଅନ୍ୟୁନ ଏକ ଡଜନ ବ୍ୟକ୍ତି ମୋ ପାଖକୁ ଏକାଧିକ ଥର ଫୋନ୍ କରି ପତ୍ରିକା ବିଷୟରେ ସୂଚନା ଜାଣିବାକୁ ଚାହୁଁଛନ୍ତି । ଦୟାକରି ଧୈର୍ଯ୍ୟ ଧରି ଅପେକ୍ଷା କରନ୍ତୁ, ଆହ୍ୱାନ ପତ୍ରିକା ନିଶ୍ଚୟ ପ୍ରକାଶିତ ହେବ । ଏହି କଥା ବାରମ୍ବାର କହିବା ସତ୍ତ୍ୱେ କିଛି ନୂତନ ଲେଖକ ନିଜର ଉତ୍କଣ୍ଠା ହେତୁ ଅସମ୍ଭାଳ ହେଉଛନ୍ତି । ସେହିମାନଙ୍କୁ ଅନୁରୋଧ, ପତ୍ରିକା ପ୍ରକାଶନ ହେଲେ ଆପଣ ଆହ୍ୱାନ ପତ୍ରିକାର ଫେସବୁକ୍ ଗ୍ରୁପ୍ ଏବଂ ପେଜରେ ଖବର ପାଇପାରିବେ କିମ୍ବା ଆମ ୱେବ୍‌ସାଇଟରେ ବି ଦେଖି ପାରିବେ, ତେଣୁ ଅପେକ୍ଷା କରନ୍ତୁ ।

ଆଶା କରୁଛି ଚଳିତ ମାସର ସଂସ୍କରଣ ଆପଣମାନଙ୍କୁ ଭଲ ଲାଗିଥିବ । ଯେଉଁ ବନ୍ଧୁମାନଙ୍କ ଲେଖା ପ୍ରକାଶିତ ହୋଇ ପାରିନାହିଁ, ସେମାନେ ଦୟାକରି ପୁଣିଥରେ ଆଗାମୀ ସଂସ୍କରଣ ନିମନ୍ତେ ଲେଖା ପଠାଇ ପାରିବେ ।

ଧନ୍ୟବାଦ

*ଡା ଜ୍ୟୋତି ପ୍ରସାଦ ପଟ୍ଟନାୟକ*

*ପ୍ରତିଷ୍ଠାତା - ସମ୍ପାଦକ, ଆହ୍ୱାନ ଇ-ପତ୍ରିକା*

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାଣୀ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁନେଲୀ ସିଂହ



ଅଶୋକ ବିଶ୍ୱାଳ

ଆରେ ଉଠ, ଉଠ । ତୁ ତୋ ଯାଗାରେ ଶୋଇଯାଆ । ମୋତେ ମୋ ରାସ୍ତାରେ ଯିବାକୁ ଦେ । ମାଲଧାରୀ ନିଜ ଭାଷାରେ କହିଲା । ସେ ସିଂହମାନଙ୍କ ଆଡକୁ ବେଶୀ ନଜର ଦେଉ ନଥିଲା । ତାର ସ୍ୱର ଡରରେ ମୋଟେ ଥରୁ ନଥିଲା ।

ଏହି କଥା ଗୁଡାକ କେମିତି ଅବିଶ୍ୱାସ ଯୋଗ୍ୟ ହୋଇପାରେ । କିନ୍ତୁ ମାଲଧାରୀମାନେ ସିଂହକୁ ମୋଟେ ଡରନ୍ତି ନାହିଁ ।

ଦୁଇଭାଇ ତାର କଥା ଶୁଣୁଥିଲେ । ଲୋକଟା କିଛି କହୁଛି । କିନ୍ତୁ ସେମାନେ ଯେ ରାସ୍ତା ମାଡି ଶୋଇଛନ୍ତି ସେକଥା ସେମାନେ ଜାଣି ପାରିଲେ । ଲୋକଟା ନିଜ ରାସ୍ତାରେ ଯାଉ । ଦୁଇ ସିଂହ ଟିକିଏ ଭିଡିମୋଡି ହୋଇ ତାକୁ ରାସ୍ତା ଛାଡିଦେଲେ ଆଉ ରାସ୍ତାଠୁ କେଇ ଖୋଜ ଦୂରରେ ଶୋଇଗଲେ । ସୋମନଙ୍କ ଏମିତି ବ୍ୟବହାର ଦେଖିଲେ କେହି ଭାବନ୍ତା ସିଂହମାନେ ସତେ ଯେମିତି ଏକ ପାଳୁତ କୁକୁର । ସିଂହମାନଙ୍କର ମାଲଧାରୀମାନଙ୍କ ପ୍ରତି ଶ୍ରଦ୍ଧା ଆଉ ସମ୍ମାନ ଅଛି ।

ଦୁଇଭାଇ ରାସ୍ତାର ଧାରରୁ ମାଲଧାରୀକୁ ଅନାଇ ରହିଲେ । ଚାହିଁଲେ ଖୁବ ସହଜରେ ସେମାନେ ଗୋଟିଏ ଥାବା ମାଡରେ ମାଲଧାରୀକୁ ମାରିଦେଇ ପାରିଥାନ୍ତେ । କିନ୍ତୁ ସେମିତି ଭୂଲକାମ ସେମାନେ କେବେ କରିବେ ନାହିଁ । ତାଙ୍କର ସିଂହ ସାମ୍ରାଜ୍ୟରେ କିଛି କାମକୁ ମନା କରାଯାଇଛି । ଏ ଭିତରେ ଅଛି ମାଲଧାରୀର ବଧ । ଏହି ଲୋକମାନଙ୍କ ଯୋଗୁ ସିଂହମାନେ ଅକାଳ ସମୟରେ କିଛି ଖାଇବାକୁ ପାଇଯାଆନ୍ତି ଆଉ ମାଲଧାରୀମାନେ ସେଥିପାଇଁ କିଛି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରତିଶୋଧବି ନିଅନ୍ତି ନାହିଁ । ଏକ କାହାଣୀ ସିଂହ ସମାଜରେ ଖେଳିବୁଲୁଥିଲା କଥାଟା ଏକ ପୁରୁଣା ସିଂହର ଥିଲା । ଏକଥାଟା ସିଂହମାନଙ୍କ ସାମ୍ରାଜ୍ୟରେ ଖେଳି ଯାଇଥିଲା । ଏକ ରାଜ୍ୟଚ୍ୟୁତ ସିଂହ ଖୁବ ଦୁର୍ବଳ ଆଉ ରୋଗୀଣା ହୋଇ ପଡିଲା । ବେଳେ ବେଳେ କେମିତି ଏ ସିଂହ ମୁଖ୍ୟ ସିଂହମାନଙ୍କ ଅନୁପସ୍ଥିତିରେ ଦଳ ପାଖକୁ ଆସି କିଛି ଖାଦ୍ୟ ମାଗୁଥିଲା । କିନ୍ତୁ ଏମିତି ଆସିବା କମ ହୋଇଗଲା । ସେ ଏମାନଙ୍କ ଡରରେ ଦୁରକୁ ଚାଲିଗଲା ।

ତାର ଦେହ ଦିନକୁ ଦିନ ଦୁର୍ବଳ ହୋଇ ଯାଉଥାଏ । ଖାଇବା ପାଇଁ କିଛି ମିଳୁନଥାଏ । ଖାଲି ତଳେ ପଡି ପଚୁଥିବା ଶବରେ ପେଟ ପୁରୁ ନଥାଏ । କଷ୍ଟରେ ଏମିତି ବୁଲୁବୁଲୁ ଏକ ମାଲଧାରୀ ଆଉ ସେମାନଙ୍କ ମଇଁଷିକୁ ଦେଖିଲା । ମାଲ୍‌ଧାରୀମାନେ ନିଜର ଗାଈ ମଇଁଷି ଧରି ଫେରୁଥାନ୍ତି । ସିଂହଟା ଶବ୍ଦ ଶୁଣି ଉଠି ଠିଆହୋଇଗଲା । କାନପାରି ଜାଣିଲା ଏ ମାଲ୍‌ଧାରୀମାନଙ୍କର ଶବ୍ଦ । ଗାଈ ମଇଁଷିମାନେ ପାଖରେ ଅଛନ୍ତି । ତେଣୁ ବାଧ୍ୟହୋଇ ମାଲଧାରୀମାନଙ୍କ ଗାଈ, ମଇଁଷିଙ୍କୁ ଶିକାର କରିବାକୁ ଚାହିଁଲା । ଆଗରେ ସିଂହ ଅଛି ବୋଲି ମାଲଧାରୀ ଜାଣି ନଥିଲା । ମାଲ୍‌ଧାରୀ ସାଧାରଣ ଗତିରେ ଆଗେଇ ଆସୁଥିଲା । ପଛରେ ମଇଁଷିମାନେ ଆସୁଥାନ୍ତି । ଏ ସିଂହଟି ବର୍ତ୍ତମାନ ବୁଢ଼ା ଆଉ ରୋଗୀଣା । କେଉଁ ଦଳପାଇଁ ସେ ଅଦରକାରୀ । ଜୀବନ ବଂଚେଇବାପାଇଁ ଶିକାର ତାକୁ ନିଜେ କରିବାକୁ ପଡିବ ।

ସେ ଛପି ରହିଲା । ସୁଯୋଗ ଦେଖି ମାଲଧାରୀମାନଙ୍କ ମଇଁଷିକୁ ଆକ୍ରମଣ କରିବ । ପଛରେ ଆସୁଥିବା ମଇଁଷିମାନେ ଜାଣିପାରିଲେ ଯେ ଆଗରେ କିଛି ଶିକାରୀ ଅଛି । ତେଣୁ ସେମାନେ ରହିଗଲେ । ମାଲ୍‌ଧାରୀ ସେମିତି କିଛି ଜାଣିପାରିଲା ନାହିଁ । ଭାବିଲା ମଇଁଷିମାନେ ଏମିତି ବେଳେ ବେଳେ କରନ୍ତି । କିନ୍ତୁ ସେ ନ ଡରି ଆଗେଇ ଚାଲିଲା । ଆଉ ତା ପଛରେ ମଇଁଷି ଚାଲୁଥାନ୍ତି । ଏଣେ ଭୋକିଲା ବୁଢା ସିଂହ ସେହି ମଇଁଷିଦଳ ସହ ତାଳ ମିଳାଇ ପଛରେ ଚାଲିଥାଏ । ମଇଁଷିମାନେ ପବନକୁ ଶୁଙ୍ଘୁଥାନ୍ତି ଆଉ ବୁଲିଯାଉଥାନ୍ତି । ସେହି

 Magazine Downloaded from www.aahwaan.com

ସମୟରେ ସିଂହ ହଟି ଯାଉଥାଏ ଆଉ ଭୂମିରେ ପେଟେଇ ପଡୁଥାଏ । ସେ ଅପେକ୍ଷା କରୁଥିଲା କେଉଁଠି ଗଛ ଥିବ କିମ୍ବା ଶୁଖିଲା ଘାସ ଥିବ । ବଡ ଘାସ ଭିତରେ ଛପି ସହଜରେ ରହି ଶିକାର କରି ନେବ ।

ଏ ବୁଢା ସିଂହଟି ଅନେକ ଧିରେ ଧିରେ ମଇଁଷି ଆଉ ତା ଭିତରେ ଦୂରତାକୁ ସେ କମେଇ ଦେଲା । ଶେଷରେ ବୁଢ଼ା ସିଂହଟି ଗୋଟିଏ ବୁଦା ଆଢୁଆଳରୁ ଆସିଗଲା । ଆଉ ଟିକିଏ ଜୋରରେ ଚାଲି ଶେଷ ମଇଁଷି ଉପରକୁ ଡେଇଁ ପଡିଲା । ସବା ପଛରେ ରହୁଥିବା ମଇଁଷିମାନେ ବୁଢା ହୋଇପାରନ୍ତି କିମ୍ବା ରୋଗଗ୍ରସ୍ତ ହୋଇପାରନ୍ତି । ଏମାନଙ୍କୁ ମାରିବା ସହଜ । ସେ ଡେଇଁପଡି ତାର ମେରୁଦଣ୍ଡକୁ କାମୁଡି ଭାଙ୍ଗି ଦେବାକୁ ଚେଷ୍ଟା କରୁଥିଲା । ହଠାତ୍ ଏକଦମ୍ ମଇଁଷିର ବେକ ଉପରକୁ ଧରିବା ସହଜ ନୁହେଁ । କାରଣ ମଇଁଷି ବୁଲିପଡି ପକେଇ ଦେଇପାରେ ଆଉ ତାକୁ ଆଘାତ୍ କରିପାରେ ।

ସେ ପଛରୁ ଡେଇଁପଡି କାମୁଡି ମଇଁଷିକୁ ତଳେ ପକେଇ ମାରିଦେଲା । ଅନ୍ୟ ମଇଁଷିମାନେ ଜୋରରେ ମାଲିକ ଆଡକୁ ଦୌଡିବାକୁ ଲାଗିଲେ । ମାଲ୍‌ଧାରୀ ଜାଣିପାରିଲା ତା'ର ଗୋଟିଏ ମଇଁଷି ମରିଯାଇଛି । ଦୂରରୁ ମାଲଧାରୀ ଦେଖିଲା ସିଂହ ତା ମଇଁଷିର ବେକକୁ ଧରିଛି । ଆଉ କିଛି ତ କରିହେବ ନାହିଁ । ମଇଁଷିତ ନିଶ୍ଚିତ ଭାବରେ ମରିଯିବ । ଏତେ ଦିନ ତା ସହିତ ଥିବା ମଇଁଷିକୁ ବଂଚାଇ ନ ରଖିବା ହେତୁ ମାଲଧାରୀକୁ ବଡ ଦୁଃଖ ଲାଗିଲା । କିନ୍ତୁ ସେମାନେ ସିଂହଙ୍କୁ ବଡ ସମ୍ମାନ ଦିଅନ୍ତି । ସେ ସିଂହକୁ ଘଉଡାଇବା ପାଇଁ ଚେଷ୍ଟା କଲା ନାହିଁ । ଦଳର ଅନ୍ୟ ମଇଁଷିମାନେ ମଲା ମଇଁଷି ଆଡକୁ ମାଡି ଆସିଲେ । ଏହା ଏକ ଆଶ୍ଚର୍ଯ୍ୟଜନକ ଘଟଣା ହେଇପାରେ । ମଇଁଷି ଉପରେ ସେତେବେଳେ ସିଂହ ଥାଏ । ଏପଟେ ମଇଁଷିମାନେ ହଟୁନଥାନ୍ତି । ମାଲ୍‌ଧାରୀ କଣ କରିବ ବୁଝି ପାରୁନଥାଏ । ତେଣୁ ମାଲ୍‌ଧାରୀ ଧିରେ ଧିରେ ଆସିଲା ସେ ମଇଁଷିମାନଙ୍କୁ ଦୂରକୁ ନେଇଯିବାକୁ ଚେଷ୍ଟା କଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେ ଜାଣିଲା ତା ମଇଁଷିମାନେ ସେମାନଙ୍କ ସାଥିକୁ ବଂଚାଇବାକୁ ଚେଷ୍ଟା କରୁଛନ୍ତି । କିନ୍ତୁ ଆଉ କିଛି କରିବାର ନାହିଁ । ସେ ଡରୁ ନଥିଲା । କିନ୍ତୁ ତାକୁ ଟିକଏ ଦୁଃଖ ଲାଗୁଥିଲା । ସେ ଯେତେବେଳେ ମଲା ମଇଁଷି ପାଇଁ ଦୁଃଖ ଲାଗିନଥିଲା ।

ସେ ଅନ୍ୟ ମଇଁଷିମାନଙ୍କୁ ଧରି ଫେରି ଆସିଲା । କିନ୍ତୁ ଫେରିଲା ବେଳକୁ ଆଉଥରେ ପଛକୁ ଅନାଇଲା । ବୁଢା ସିଂହଟି ମଇଁଷିକୁ ସିନା ମାରିଦେଲା କିନ୍ତୁ ତା ଦେହରେ ଆଉ ବଳ ନଥିଲା । ସେଇଠି ଟଳି ପଡିଲା ।

ମାଲ୍‌ଧାରୀ ତାକୁ ଦେଖି କହିଲା, ଆରେ ସିଂହ ମୋର ଗୋଟିଏ ମଇଁଷିକୁ ଏତେ କଷ୍ଟ କରି ମାରଲୁ କିନ୍ତୁ ଖାଇପାରିଲୁ ନାହିଁ ।

ଏତିକି କହି ଦୁଃଖ କଲା ଆଉ ତା ପରେ ନିଜର ପଶୁମାନଙ୍କୁ ଧରି ଫେରିଗଲା ।

ଦୁଇଭାଇ ମାଲଧାରୀମାନଙ୍କ ସହ ସିଂହମାନଙ୍କ ସମ୍ବନ୍ଧ ବିଷୟରେ ବହୁତ କଥା ଶୁଣିଥିଲେ । ସେମାନେ ଏମିତି କିଛି ସମୟ ସେହି ଅଂଚଳରେ ବିଶ୍ରାମ କଲେ ।

ସେପଟେ ଗାଈ ମଇଁଷିମାନେ ଚରୁ ଚରୁ ପାଣି ପାଖକୁ ଆସିଗଲେ । ପାଣି ଭିତରେ ଏକ ମଇଁଷିର ଶବ ପଡିଥିଲା । ଏକଦମ କମ ପାଣି । କିଛିଦିନ ତଳେ ଏକ ମଇଁଷିର ଗୋଡ ଖସିଯିବାରୁ ଖାଲରେ ଖସିପଡି ଜୀବ ହରାଇଥିଲା । ଶବରୁ କିଛି ମାଂସ ପାଖର ସିଂହମାନେ ଖାଇଦେଇଥିଲେ । ମାଲଧାରୀ ଦୁଇଜଣ ଆସି ସେ ଶବକୁ ଅନାଇଲେ । ମାଲଧାରୀର ଘର ପାଖରେ ସିଂହ ରହେ । ସିଂହ ଚାରିଆଡେ । ସେମାନେ କିଛି ସମୟ ଅନାଇ ରହିଲେ । ମାଂସ ସଢି ଆସିଲାଣି । ତାପରେ ଚାଲିଗଲେ । ସେମାନେ ଆଡୁଆଳ ହେବା ମାତ୍ରେ କଳା କାଉମାନେ ମଢ ଉପରେ ବସି ସଢା ମାଂସ ଖାଇବାକୁ ଲାଗିଲେ ।

ବିଲୁଆଟିଏ କୁଆଡୁ ଧପାଳି ଚାଲି ଆସିଗଲା । କିନ୍ତୁ ଶବ ପାଖକୁ ଆସିଲା ନାହିଁ । ସେ ନାକରେ କିଛି ଶୁଙ୍ଘୁଥିଲା ଆଉ ଖୁବ ଜୋରରେ ଏପଟ ସେପଟ ହେଉଥିଲା । ପାଖରେ କିଏ

 Magazine Downloaded from www.aahwaan.com

ଅଛି । କାଉମାନେ ହଠାତ୍ ଉଡିଗଲେ । ବିଲୁଆ କ୍ଷଣିକରେ ଅନ୍ତର୍ଦ୍ଧାନ ହୋଇଗଲା । ସେପଟୁ ପଥର ଉପରେ ଏକ ସିଂହୀ ଚାଲି ଚାଲି ଆସୁଥିଲା । ସିଂହୀ ବାଟ ଖୋଜି ମଢ ପାଖକୁ ଆସିଲା । ମଢକୁ ଯେତେପାରେ କୂଳକୁ ଟାଣି ଆଣିଲା ଆଉ ସଢା ମାଂସ ଖାଇବାକୁ ଲାଗିଲା ।

ମାଲଧାରୀ ଗୋଚାରଣ ଅଂଚଳରେ ସବୁଆଡେ ସିଂହ ଥାଆନ୍ତି । କିଛି ଦୁର୍ଘଟଣା ଘଟିବା ଅସମ୍ଭବ ନୁହେଁ । କିନ୍ତୁ ସିଂହମାନେ ମାଲଧାରୀର ଶିକାର କରନ୍ତି ନାହିଁ । ମାଲଧାରୀ ଆଖି ଆଗରେ ମଧ୍ୟ ସେମାନଙ୍କ ପଶୁକୁ ଅତି ଭୋକିଲା ନହେଲେ ମାରନ୍ତି ନାହିଁ । ମାଲଧାରୀକୁ ଦେଖିଲେ ସିଂହମାନେ ହଟି ଯାଆନ୍ତି । ଗିର ଜଙ୍ଗଲରେ କିଛି ସିଂହଙ୍କର ରାଜ୍ୟ ଅଛି ଆଉ ତାଛଡା କିଛି ବୁଲା ସିଂହ ଅଛନ୍ତି । ଏ ଦୁଇଭାଇ ନିଜ ରାଜ୍ୟ ପାରିଧିରେ ଅନ୍ୟ ଯାଗାକୁ ଚାଲିଗଲେ । ଏହି ସମୟରେ ସେ ଅଂଚଳକୁ ଏକ ବୁଲା ସିଂହ ପଶି ଆସିଲା । କେତେ କଲୋମିଟର ଦୁରରେ ଏ ଦୁଇଭାଇଙ୍କ ଦଳର ସିଂହୀମାନେ ଥିଲେ । ଏଣୁ ଏ ବୁଲା ସିଂହର ଆସିବାଟା କେହି ଜାଣି ପାରିଲେ ନାହିଁ । ବୁଲା ସିଂହଟା ବେଳେ ବେଳେ ଏକୁଟିଆ ଶିକାର କରିନିଏ । ବହୁତ ସମୟ ମରିପଡିଥିବା ଶବ ଖାଇନିଏ ।

ଏମିତିଆ ଏକ ବୁଲା ସିଂହଟିଏ କିଛି ଖାଇଦେଇ ରାସ୍ତା ଉପରେ ଶୋଇ ରହିଥିଲା । ପାଖ ଆଖରେ କେହି ସିଂହ ନଥିବା ହେତୁ ତାର ଡର ନଥିଲା । ସେପଟୁ ମାଲଧାରୀ ନେସରୁ ବାଟଚଲା ରାସ୍ତାଟି ବାହାରି ଆସି ସେଇଠି ବୁଲି ଯାଇଥିଲା । ସେପଟୁ ଆସିଲେ ଶହେ ଖୋଜ ଦୂର ପର୍ଯ୍ୟନ୍ତ ନପହଁଚିଲେ ସିଂହ ଅଛି ବୋଲି ଜାଣି ହେବନାହିଁ । ଘାସ ବଡ ନଥିଲା । କିନ୍ତୁ କଂଟା ବାବୁଲ ଗଛ ସବୁ ତଳକୁ ଓହଳି ଆସିଥିଲା । ଏଥିପାଇଁ ବେଶି ଦୂରକୁ ଦେଖାଯାଉ ନଥିଲା ।

ସକାଳ ବେଳା । ନେସଆଡୁ ମଧ୍ୟବୟସ୍କ ମାଲଧାରୀଟିଏ ଏକୁଟିଆ ଚାଲି ଆସୁଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଗରେ ତାର ଗୋରୁ ଗାଇ ଆଉ ମଇଁଷି ଚାଲୁଥାନ୍ତି । ସେ ଗାଇକୁ ଆଡଉ ଆଡଉ ଗୀତ ଗାଉଥାଏ । ମାଲଧାରୀର ଗୀତ କେବେ ସରେ ନାହିଁ । ଲମ୍ବା ରାସ୍ତାରେ ସେ ଗୀତ ଛାଡି ଦେଇଥାଏ । ଏତେ ସକାଳୁ ତାକୁ ଗୀତ ଗାଇବାକୁ ଭଲ ଲାଗୁଥିଲା ।

ଗାଇ ମଇଁଷି ସବୁ ବେଳେବେଳେ ଏପଟ ସେପଟ ହୋଇଯାଉଥାନ୍ତି । ମାଲଧାରୀ ଟିକିଏ ଦୌଡିଆସି ସେମାନଙ୍କୁ ସିଧା ଦଳରେ କରି ଦେଉଥାଏ । ଏ ଗାଇ ମଇଁଷିଙ୍କର ଗୁଣ ହେଉଛି ଯେଉଁଠିନା ସେଇଠି ରହିଯିବେ ବା ସାମାନ୍ୟ ଘାସରେ ମୁହଁମାରି ଦଳକୁ ବିଳମ୍ବ କରିଦେବେ । ଏଣୁ ଏମାନଙ୍କୁ ଦଳଭିତରେ ଶୃଙ୍ଖଳାରେ ଆଡେଇ ଦେବାକୁ ପଡେ ।

ଏପଟେ ସିଂହକୁ ଗାଇ ମଇଁଷିଙ୍କର ଆସିବାର ଶବ୍ଦ ଶୁଣା ଯାଉଥିଲା । ସେ ତଳୁଆ ମୁଣ୍ଡକୁ ଟିକିଏ ଉପରକୁ କରିଦେଲା । ତାର ଆଖି ଖୋଲି ଯାଇଥିଲା । ସେ ଖୁବ ଧ୍ୟାନର ସହ ସେହି ଶବ୍ଦ ଆସୁଥିବା ଆଡକୁ ଚାହିଁଲା । ଆଗରୁ ଦଳେ ଗାଇ ମଇଁଷି ମାଡି ଆସୁଥିଲେ । ନାଲି ଗାଇମାନେ ପ୍ରଥମେ ବାହାରି ଆସିଲେ । ପଛେ ପଛେ ମଇଁଷି ।

ଆଗରେ ସିଂହ ଶୋଇ ଅନାଇଛି ।

ଗାଇଦଳ ଆଉ ଆଗେଇଲେ ନାହିଁ । କିନ୍ତୁ ସିଂହକୁ ଦେଖି ଦୌଡିଲେ ନାହିଁ । ରାସ୍ତାର ଏକ କରକୁ ବୁଲି ଜଙ୍ଗଲ ଭିତରେ ପଶିବାକୁ ଆରମ୍ଭ କଲେ । ଯାହହେଲେ ବି ଗାଇ ମଇଁଷି । ଯେତେ ବଡ ଦଳରେ ଥିଲେ ମଧ୍ୟ ସେମାନଙ୍କ ମନରେ ଡର ଥିଲା । ସିଂହ ଗିର ଜଙ୍ଗଲର ସବୁଠାରୁ ବଡ ମାଂସାଶୀ ପ୍ରାଣୀ । ତେଣୁ ସେମାନଙ୍କ ମନରେ ଡର ଥିଲା ।

ମାଲଧାରୀ ପ୍ରଥମେ ସିଂହ ବିଷୟରେ କିଛି ଜାଣି ପାରିଲା ନାହିଁ । କିନ୍ତୁ ଗୋରୁ ଏମିତି ବୁଲି ଯିବାରୁ ତାକୁ କିଛି ସନ୍ଦେହ ହେଲା । ଆଗରେ କିଛି ଅଘଟଣ ଘଟିଛି । ସେ ବାଡି ହଲାଇ ହଲାଇ ଦୌଡି ଆସିଲା ।

ଆଗରେ ଏକ ବିଶାଳ ସିଂହ ଶୋଇଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏମିତି ସିଂହକୁ ରାସ୍ତାରେ ଦେଖି ଗୋରୁ ଜଙ୍ଗଲ ମୁହାଁ ହେଉଛନ୍ତି । ଏ ପାଖ ଜଙ୍ଗଲରେ ବେଶି ଚାରା ନାହିଁ । ପେଟ ପୁରିବନି । ପୁଣି ଜଙ୍ଗଲ ଭିତରକୁ ଚାଲିଗଲେ ଏମାନଙ୍କୁ ଏକାଠି କରିବା କଷ୍ଟ । ଅଯଥା ସମୟ ନଷ୍ଟ । ସେ ଗୋରୁମାନଙ୍କୁ ବାଡେଇ ଏକାଠି କରିଦେଲା । ତାପରେ ସିଂହ ଆଡକୁ ଦୌଡି ଆସିଲା ।

ସାମାନ୍ୟ ଲୋକଟାଏ । ସିଂହ ଆଗରେ ଅତି ସାମାନ୍ୟ ଜୀବ । ଗୋଟିଏ ଥାପଡରେ ଏହାର ମୃତ୍ୟୁ ଘଟିବ । ବେକ ଝୁଣିବା ଯାଏ କଥା ଯିବନି । ସିଂହ ଏମିତି ଲୋକକୁ ଦେଖି ତାଛଲ୍ୟ ହସ ହସିବା କଥା । ଗିରର ସିଂହ କିନ୍ତୁ ସେମିତି କରି ପାରେନି । ମାଲଧାରୀ ପ୍ରତି ତାର ଖୁବ ସମ୍ମାନ ।

ମାଲଧାରୀ ଲୋକଟି ମଧ୍ୟମ ଉଚ୍ଚତାର । ତାର ହାତର ବାଡିକୁ ଉଚ୍ଚାଇ ସେ ସିଂହ ଆଡକୁ ଦୋଡି ଆସୁଥାଏ । ସାଧାରଣ ଶରୀର । ଲୋକଟା ନିଜେ ଏକ ବାଡି ଭଳି ଦେଖା ଯାଉଥିଲା । ଏକ ମୋଟା ବାଡିରେ ଧଳା କପଡା ଗୁଡାଇ ଦିଆ ଯାଇଛି । ସେ ବାଡିରୁ ପତଳା ଡାଳ ଭଳି ତାର ହାତର ବାଡି ଲାଗୁଥିଲା । ତା ପଛରେ ତାର ଗୋରୁ ଏକାଠି ହୋଇ ଠିଆ ହୋଇଥିଲେ ।

ସିଂହ କିନ୍ତୁ କିଛି କଲାନି । ଅଳସୁଆ ଭାବରେ ଠିଆ ହେଲା । ଆକ୍ରମଣ ସହଜରେ କରି ପାରିଥାନ୍ତା । ମାଲଧାରୀ ଏବେ କେଇ ଖୋଜ ଦୂରରେ । ସିଂହ ଧିରଚାଲିରେ ରାସ୍ତାରୁ ଦୂରକୁ ଚାଲିଗଲା ।

ସିଂହର ଏମିତି ଚାଲିଯିବା ଦେଖିଲେ କେହି ବିଶ୍ୱାସ କରି ପାରନ୍ତାନି । ସିଂହ ଏକ ପାଳିତ ପଶୁ ଭଳି ମାଲଧାରୀର କଥା ମାନୁଥିଲା । ଏମିତି ଦୌଡି ଆସିବାର ଅର୍ଥ ହେଉଛି ରାସ୍ତା ଛାଡିଦିଅ । ଅନ୍ୟମାନେ ଆଗକୁ ଯିବେ ।

ସିଂହ ପୁଣି ମାଟିରେ ଶୋଇ ପଡିଲା । ସେଇଠୁ ପଛ ଶୋଇବା ଯାଗା ଛଅଠ ଫୁଟ

 Magazine Downloaded from www.aahwaan.com

ଭିତରେ ହେବ । ସିଂହର ଶୋଇବା ଯାଗା ଭଲ ଭାବେ ରାସ୍ତାରୁ ଦେଖା ଯାଉଥିଲା ।

ସିଂହ ରାସ୍ତାରୁ ହଟିଯିବାର ଦେଖି ମାଲଧାରୀ ନିଜ ଗୋରୁଙ୍କ ପାଖକୁ ଫେରିଗଲା । ସେମାନଙ୍କୁ ଅଡେଇ ନିଜର ରାସ୍ତାରେ ଚାଲିବାକୁ ଲାଗିଲା । ଗାଈ ଗୋରୁ ସବୁ ଚାଲୁ ଚାଲୁ ସିଂହକୁ ଅନାଉଥାନ୍ତି । ସିଂହ ସେମାନଙ୍କୁ ଆକ୍ରମଣ କଲାନାହିଁ ବା ଏମାନେ ଦୌଡିଲେ ନାହିଁ । ଧିରେ ସିଂହ ଶୋଇଥିବା ଯାଗା ପାର ହୋଇଗଲେ ।

ମାଲଧାରୀ ମୁହଁ ନିର୍ବିକାର । ତାର କଣ୍ଠରୁ ମଧୁର ସ୍ୱର ବାହାରି ଆସୁଥିଲା ।

ସେ ସିଂହଟା ବହୁତ ସମୟ ଧରି ନେସ ପାଖା ପାଖି ରହିଲା । ଖରାବେଳେ ଛାଇକୁ ଯାଇ ବିଶ୍ରାମ ନେଉଥିଲା । କିନ୍ତୁ ନେସର ଅନେକ ପାଖରେ । ତାର ଶୋଇବା ଯାଗାରୁ ନେସ ଭଲ ଭାବେ ଦେଖା ଯାଉଥିଲା । ସେ ଯେଉଁ ଯାଗାରେ ବିଶ୍ରାମ ନେଉଥିଲା । ସେହି ପାଖରେ ପାଣି ଥିଲା । ମାଲଧାରୀ ମହିଳାମାନେ ପାଣି ଷ୍ଟିଲ ଗରାରେ ମୁଣ୍ଡରେ ରଖି ଘରକୁ ନେଇ ଆସନ୍ତି । ନେସ ପାଖରେ ଏକ ମହିଳା ମୁଣ୍ଡରେ ଷ୍ଟିଲର ଗରାମାନ ରଖି ପାଣି ଆଣିବାକୁ ଯାଉଥିଲେ ।  ସିଂହଟି ସେ ମହିଳାକୁ ଅନାଇଥିଲା କିନ୍ତୁ କିଛି କଲାନାହିଁ ।

ଧିରେ ଧିରେ ସୂର୍ଯ୍ୟ ଗଡି ଆସିଲା । ଗାଈ ବାଛୁରୀ ମଇଁଷିମାନେ ଘରକୁ ଫେରି ଆସିଲେ । ମହିଳାମାନେ ଗାଈ ମଇଁଷିଟାରୁ ଦୁଧ ବାହାର କରିବାକୁ ଲାଗିଗଲେ । ସେମାନଙ୍କ ହାତ ମେସିନ ଭଳି ଉପର ତଳକୁ ହେଉଥିଲା ଆଉ ଦୁଧ ଚିର ଚିର ହୋଇ ଷ୍ଟିଲ ବାଲଟିରେ ପଡୁଥିଲା ।

ଏଣେ ସଂଜ ହୋଇ ଆସିଲା ।

କିଛି ଘରୁ ଧୂଆଁବାହାରି ଆସୁଥିଲା । ମାଲଧାରୀ ନେସରେ ଆଲୁଅ ଲୁଚି ଯାଉଥିଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଗ୍ରାମରକ୍ଷୀ



ସୁବଳ ମହାପାତ୍ର

ମୋ ନିଜକୁ ଆଜି ମୋର ୮୯ ବର୍ଷ ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା । ତାରିଖ ୦୧/ ୦୧/ ୨୦୨୦....

ମୋତେ ଆଜି ୮୯ ବର୍ଷ ପୁରିଲା । ପୁଅ, ବୋହୁ, ନାତି, ନାତୁଣୀ, ନାତୁଣୀ ବୋହୁ, ନାତୁଣୀ ଜୋଇଁ, ଅଣ ନାତି ଓ ଅଣ ନାତୁଣୀ ମାନଙ୍କ ଠାରୁ ଅନେକ ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ପାଇ ମୁଁ ଆଜି ବହୁତ ଖୁସି । ସେମାନେ ଆଣିଥିବା ଗିଫ୍ଟ ଗୁଡିକ ରଖୁ ରଖୁ ହଠାତ ମୋ ବହି ଥାକ ଭିତରୁ ଗୋଟିଏ ହାତ ଅଙ୍କା ଚିତ୍ର ପାଇଲି । ଜଣେ ଲୋକ, ଶିକ୍ଷା ପାଇଁ ଏତେବଡ଼ କାମ ଯେ କରିପାରେ, ଭାବିଲେ ତାହା ଆଜିବି ଅବିଶ୍ୱାସ ଲାଗେ । ଚିତ୍ରଟି ଦେଖୁଦେଖୁ ମୁଁ ଫେରି ଯାଉଥିଲି ପଛକୁ ପଛକୁ....

ପ୍ରାୟ ଷାଠିଏ, ପଞ୍ଚଷଠି ବର୍ଷ ତଳର ଘଟଣା....

ଜାଙ୍ଗୁଲୁ ଜାଙ୍ଗୁଲୁ ଅନ୍ଧାର ହୋଇ ଆସୁଥାଏ । ସମୟ ପାଞ୍ଚଟା କି ଛଅଟା ବାଜିବ ବୋଧେ । ଶୀତ ଦିନ ହେଲେବି ଶୀତ ଏତେ ପଡି ନଥାଏ, ତଥାପି ମଝିରେ ମଝିରେ ପବନ ବୋହୁଥାଏ । ପବନ ବାଜି ଦେହ ଶୀତେଇ ଯାଉଥାଏ । ଜଙ୍ଗଲ ମଝିରେ ଏକୁଟିଆ ଝିଅ ପିଲାଟି ମୁଁ ବସ ରୁ ଓଲ୍ଲେହିଲି । ମାଲକାନଗିରି ର ଭାଲୁଗୁଡା ଗାଁ ରେ ମୋର ପୋଷ୍ଟିଂ । ଏଠି ପହଂଚି ଭାବି ଯାଉଥିଲି ମୋ ବାପା, ମା, ଭାଇ, ଭଉଣୀ, ସାଙ୍ଗ ସାଥୀ ମାନଙ୍କ ବାରଣ କୁ । ସମସ୍ତେ ଗୋଟି ଗୋଟି କରି ବାରଣ କରିଥିଲେ । "ଏତେ ବାଟ, ପୁଣି ଜଙ୍ଗଲ ମଝିରେ ଆଦିବାସୀ ଗାଁ । ସେଠି ମଣିଷ ରୁହନ୍ତି ? ଚାକିରୀ ଯାଉ...ତୁ ଆମର ଏଇଠି ଦେଖ" । କିନ୍ତୁ ମୋର ଏକା ଜିଦ, ମୁଁ ସେଇଠି ହିଁ ଜଏନ କରିବି ।

ସୁଖ ପରେ ଦୁଃଖ ଓ ଦୁଃଖ ପରେ ସୁଖ ଆସେ । ମୋ ପାଇଁ କିନ୍ତୁ ଦୁଇଟି ଯାକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକାବେଳେ ଆସିଥିଲା । କୁହନ୍ତିନି... "ତୁମର ଚିରଶତ୍ରୁ ସାତ ମହଲା କୋଠା ଉପରୁ ପଡି ମରିଗଲା । କିନ୍ତୁ ପଡିଲା ତୁମ କାର ଉପରେ" । ଏ ଘଟଣା ଟି ଯେତିକି ସୁଖ ଦେବ, ତାଠୁ ଅଧିକ ଦୁଃଖ ଦେବ । ମୋ ସହ ବି ସେଇୟା ଘଟିଥିଲା । ପାଞ୍ଚ ବର୍ଷ ର ଅପେକ୍ଷା ପରେ ମୋତେ ଶିକ୍ଷକ ଚାକିରୀ ଖଣ୍ଡିଏ ମିଳିଥିଲା । କିନ୍ତୁ ମିଳିଲା ମାଲକାନଗିରି ର ଜଙ୍ଗଲ ଭିତରେ ଥିବା ଭାଲୁଗୁଡା ଗାଁ ରେ । କଟକ ଝିଅ ହୋଇ ମୁଁ ସେଠିକି ଯିବା ମୋ ବାପା, ମା, ଭାଇ, ଭଉଣୀ ଙ୍କ ପାଇଁ ଯେତିକି ଆଶ୍ଚର୍ଯ୍ୟ ଥିଲା ତାଠୁ ଅଧିକ ଆଶ୍ଚର୍ଯ୍ୟ ହେଉଥିଲେ ମୋ ସାଙ୍ଗ ସାଥୀ । ଏଇୟା ନୁହେଁ ଯେ କେହି ବଦଳି ପାଇଁ ଚେଷ୍ଟା କରି ନଥିଲା । କିନ୍ତୁ ସବୁ ଚେଷ୍ଟା ଫେଲ ମାରିଥିଲା । ଶେଷରେ ମୋ ନିଷ୍ପତ୍ତି ଥିଲା,"ଯାହାବି ହେଇଯାଉ, ମୁଁ ଚାକିରୀ ଛାଡିବିନି । ସେଇଠି ହିଁ ଜଏନ କରିବି । ମା ର ସୁଉଁ, ସୁଉଁ କାନ୍ଦ ଓ ବାପାଙ୍କ ଅସହାୟ ଆଖି ଭିତରେ କିନ୍ତୁ ମୁଁ ଦେଖି ପାରିଥିଲି କିଛି ଆଶା ର ଆଲୋକ ।

ଆଉ ସେଥିପାଇଁ ମୁଁ ଆଜି ଆସି ଠିଆ ହୋଇଥିଲି ଏପରି ଏକ ଜାଗାରେ ଯେଉଁଠି ଲୋକ ତ ଦୂରର କଥା କାଉ କୋଇଲି ବି ଗୋଟେ ଉଡୁ ନଥିଲେ । ଏଠୁ ଆହୁରି ତିନି କିଲୋମିଟର ବାଟ ମୋତେ ଚାଲି କି ଯିବାକୁ ପଡ଼ିବ, ପାଖରେ କେହି ନାହାନ୍ତି, ସାଙ୍ଗରେ ଗୋଟାଏ ଚକ ଲଗା ବ୍ୟାଗ ସହ ପରିବା ବ୍ୟାଗ ରେ ମା ଦେଇଥିବା ଆଚାର, ପୋଡ ପିଠା, ପିଜୁଳି, କଦଳୀ ଆଦି ଖାଇବା ଜିନିଷ । କଣ କରିବି ଏବେ ? ? କେମିତି ପହଞ୍ଚିବି ସେଠି ? ଅନ୍ଧାର ଆସ୍ତେ ଆସ୍ତେ ହେଇ ଆସୁଥାଏ । ଝିଅ ପିଲା, ଏକା ଯିବାକୁ ଡର ଲାଗୁଥାଏ । କିଛି ସମୟ ରାସ୍ତା ଉପରେ ଅପେକ୍ଷା କଲି । ହଠାତ ଦୂରରୁ ଆଉ ଏକ ବସ ଆସିବାର ଶବ୍ଦ ଶୁଭିବାରୁ ଟିକେ ହାଲକା ଲାଗିଲା । ବସ ରୁ ଓହ୍ଲେହିଲେ ଜଣେ ଷାଠିଏ, ପଂଚଷଠି ବର୍ଷ ର ବୃଦ୍ଧ । ଦେହରେ ଖାକି ପୋଷାକ, ହାତରେ ବାଡ଼ି, ମୁଣ୍ଡରେ ଠେକା, ମୋଟା ମୋଟା ନିଶ ହଳକ ପାଟି ପାଖରୁ ଗାଲ ମଝି ଯାଏଁ ଲମ୍ବିଥାଏ । ମୋ ଦେହରେ ଟିକେ ଜୀବନ ପଶିଲା । ପଚାରିଲେ,"କୁଆଡେ ଯିବ ?"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ – ଭାଲୁଗୁଡା, ଆଉ ଆପଣ ?

ବୃଦ୍ଧ– ମୁଁ ବି ସେଇଠିକି ଯାଉଛି । ମୁଁ ଭାଲୁଗୁଡା ର ଗ୍ରାମରକ୍ଷୀ ।

ମୁଁ– ଓଃ...ଭଲ ହେଲା ତେବେ...

ଆମେ ଦୁହେଁ ଚାଲିବାକୁ ଆରମ୍ଭ କଲୁ । ବାଟରେ କେତେ କଥା ସେ ଗପି ଚାଲିଥାନ୍ତି । ସେ ପୁରା ଗାଁ ର ଏକୁଟିଆ ବ୍ୟକ୍ତି ଯିଏକି ଦଶମ ଯାଏଁ ପାଠ ପଢ଼ିଛନ୍ତି । ଗ୍ରାମରକ୍ଷୀ ଚାକିରୀ ଟି ସରକାର ଙ୍କ ତରଫରୁ ମିଳିଛି । ଗାଁ ର ଲୋକ ସଂଖ୍ୟା ପ୍ରାୟ ୧୦୦ ଉପରେ । ଗାଁ ଦେବତା, ଗାଁ ଚାଲି ଚଳଣ, ଡୁଙ୍ଗର, ମାଝୀ, ଗ୍ରାମଦେବୀ, ଚାଷ ବାସ, ଜଙ୍ଗଲୀ ଦ୍ରବ୍ୟ, କାଠ ଚୋର, ସ୍କୁଲ ସବୁ ବିଷୟରେ ସେ ଗପୁ ଗପୁ ଆମେ ପହଞ୍ଚି ଯାଇଥିଲୁ ସ୍କୁଲ ପାଖରେ । ଗଲାବେଳେ କହିଗଲେ,"ଦିଦି, ଆମ ପିଲାଙ୍କୁ ଭଲରେ ପାଠ ପଢେଇବ । ସେମାନେ ଯେମିତି କଲେକ୍ଟର ହେବେ" । ଛୋଟିଆ ହସଟିଏ ହସି ମୁଁ ଆଗକୁ ପାଦ ବଢ଼େଇଲି । ସ୍କୁଲ ହତା ଭିତରେ ଖୁବ ସୁନ୍ଦର ଭାବେ ସଜା ହୋଇଥାଏ । ସ୍କୁଲ ଭିତରେ ଦୁଇଟି ଶ୍ରେଣୀଗୃହ ସହ ରହିବା ପାଇଁ ଦୁଇଟି କୋଠରୀ । ଯମୁନା ଦିଦି ମୋତେ ଅପେକ୍ଷା କରିଥିଲେ ଯେମିତି । ପାଦ ଶବ୍ଦ ଶୁଣି ବାହାରକୁ ଆସିଲେ । କାଲି ଏ ସ୍କୁଲ ରେ ତାଙ୍କର ଶେଷ ଦିନ । କାଲି ସେ ରିଟାର୍ଡ କରିବେ । ପରଦିନ ସେ ଚାଲିଯିବେ ତାଙ୍କ ଘରକୁ । ସେଥିପାଇଁ ଏ ଚାକିରୀ ଟି ମୋତେ ମିଳିଥିଲା ।

କେମିତି ଆସିଲ ଏଠିକୁ ପଚାରୁ ପଚାରୁ ମୁଁ କହିଗଲି ଘଟଣା ସବୁ । ଛୋଟିଆ ହସଟିଏ ହସି ସେ ଗଲେ ମୋ ପାଇଁ ଚା କରିବାକୁ । ହସଟି କିନ୍ତୁ ମୋତେ ଟିକେ ରହସ୍ୟମୟ ଲାଗିଲା । ରାତି ଅନେକ ଯାଏଁ ଆମେ ଭିନ୍ନ ଭିନ୍ନ ବିଷୟରେ କଥା ହେଲୁ । ସେ କହି ଚାଲିଥିଲେ ସେ ଏଠିକୁ କେମିତି ଆସିଲେ ଓ କେମିତି ଏଠି ବିତେଇଦେଲେ ଦୀର୍ଘ ପଇଁତିରିଶ ବର୍ଷ । ଏବେ ମୁଁ ବୁଝି ପାରୁଥିଲି ତାଙ୍କ ରହସ୍ୟମୟ ହସ ର କାରଣ....

ସେ କହି ଚାଲିଥାନ୍ତି....

ତମେ ଯେଉଁଠି ଓଲ୍ଲେହିଲ, ମୁଁ ବି ସେଇଠି ଓଲ୍ଲେହିଥିଲି ଆଜିକୁ ପଇଁତିରିଶ ବର୍ଷ ତଳେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଏମିତି ଏକ ଶୀତ ଦିନ ପ୍ରାୟ ରାତି ଆଠଟା ରେ । ଆସିଲା ବେଳେ ବାଟରେ ବସ ଖରାପ ହେବାରୁ ବସ ପ୍ରାୟ ତିନିଘଣ୍ଟା ଡେରିରେ ପହଁଚିଲା । ଏକୁଟିଆ ଝିଅ କୁ ଜଙ୍ଗଲ ରାସ୍ତା । ବାଘଭାଲୁ ଙ୍କୁ ବି ଡର । ବସ ରୁ ଓଲ୍ଲେହି ସାରି ନିଜକୁ ଏକୁଟିଆ ପାଇ କାନ୍ଦି ଉଠିଲି ମୁଁ । କେମିତି ଯିବି, ଚିନ୍ତା ଘରୁଥାଏ । ତା ସହ ରାତି କେଉଁଠି କାଟିବି ବୋଲି ଡର । ଏ ସମୟରେ ବୁଦା ଭିତରୁ ଖସ ଖସ କିଛି ଶବ୍ଦ ଶୁଭିଲା । ମୁଁ ଡରି ଛାନିଆଁ । ହନୁମାନ ଚାଲିସା ଓ ମହାମୃତ୍ୟୁଞ୍ଜୟ ମନ୍ତ୍ର ପଢି ଚାଲିଥାଏ । ଦେଖିଲି ବୁଦା ମୂଳରୁ ଠେକୁଆ ଛୁଆଟିଏ ରାସ୍ତା ପାର ହୋଇ ଚାଲିଗଲା । ତଥାପି ଡର ଛାଡି ନଥାଏ । ଭୂତ, ପ୍ରେତଙ୍କୁ ମୁଁ ବିଶ୍ୱାସ କରେନାହିଁ । ତଥାପି, ମଣିଷ ରୂପୀ ପଶୁ ଓ ଆଦିବାସୀଙ୍କ ପ୍ରତି ଭୀଷଣ ଭୟ । କିଛି ନବୁଝି ନଶୁଝି ସେମାନେ ତୀର ଚଳେଇ ଦେବେ । ଏପଟେ ଶୀତ କୁ ସେପଟେ ହିଂସ୍ର ଜନ୍ତୁଙ୍କ ଭୟ । ଏପଟେ ରାତି କୁ ସେପଟେ ଆଦିବାସୀଙ୍କ ରାଗ । କଣ କରିବି, କଣ କରିବି ହେଇ ଭଗବାନ ଙ୍କୁ ଡାକୁ ଥାଏ । ଏତିକିବେଳେ ବାଡ଼ି ଖଣ୍ଡେ ହଲେଇ ହଲେଇ ସେ ଆସିଲେ । ମୋଟା ନିଶ, ଦେହରେ ଖାକି ପୋଷାକ, ଛଅ ଫୁଟ ର ବାଡ଼ି ହଲେଇ ହଲେଇ ସେ ଆସି କହିଲେ, "ଚାଲ..." ।

"କୁଆଡେ ? " ବୋଲି ମୁଁ ପଚାରିଲି ।

କହିଲେ, "ତୁମେ ଭାଲୁଗୁଡା ଗାଁ ସ୍କୁଲ ର ନୂଆ ମାଷ୍ଟରାଣୀ ତ ?"

କହିଲି,"ହଁ" ।

ଚାଲ, ମୁଁ ଛାଡ଼ିଦେଇ ଆସିବି । ମୁଁ ସେଇ ଗାଁ ର ଗ୍ରାମରକ୍ଷୀ । ମୋ ପାଖକୁ ତାର ଆସିଥିଲା । ତମକୁ ଅପେକ୍ଷା କରି କରି ବିରକ୍ତ ଲାଗିବାରୁ ଏଇ ଟିକେ ହେଲା ଯାଇଥିଲି ଜଙ୍ଗଲ ଭିତରକୁ କନ୍ଦା ଖୋଜି ।

ଓହୋ, ବଞ୍ଚିଗଲା ମଣିଷ କହି ନିଶ୍ୱାସ ମାରିଲି । ସେଦିନ ସେ ଆଣି ଗାଁ ମୁଣ୍ଡରେ ଛାଡ଼ିଦେଇ ଗଲେ । ଏଠି ଯେଉଁ ସାର ଥିଲେ ତାଙ୍କ ଘରେ ଖାଇବା ଓ ରହିବା ବ୍ୟବସ୍ଥା କରିଥିଲେ । ସାରଙ୍କ ସ୍ତ୍ରୀ ଙ୍କୁ ପଚାରୁ ପଚାରୁ ଜାଣିଲି ସେ ଗ୍ରାମରକ୍ଷୀ ଙ୍କ ନାଁ ପାତର ମୁଣ୍ଡା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରାୟ ଦଶ ବାର ବର୍ଷ ତଳୁ ସେ ମରି ଗଲେଣି । ଗାଁ ଲୋକଙ୍କ ଶିକ୍ଷା ପାଇଁ, ବିଶେଷ କରି ଝିଅ ମାନଙ୍କୁ ପଢେଇବା ପାଇଁ ସେ ବହୁତ ଲାଗିଥିଲେ । ତାଙ୍କ ପ୍ରଚେଷ୍ଟା ରେ ଏ ଗାଁ ରେ ସ୍କୁଲ ଟିଏ ହୋଇ ପାରିଥିଲା ଓ ସାର ଥିଲେ ସେ ସ୍କୁଲ ର ପ୍ରଥମ ଓ ଏକମାତ୍ର ଶିକ୍ଷକ । ତାଙ୍କ ରିଟାର୍ଡ ସମୟ ଆସିବାରୁ ମୋତେ ଆପଏଂଟ କରା ଯାଇଥିଲା ଏ ସ୍କୁଲ କୁ ।

ଯମୁନା ଦିଦିଙ୍କ କଥା ଶୁଣି ମୋ ଦେହ ଶୀତେଇ ଉଠୁଥାଏ । ତା ମାନେ ମୁଁ ଜଣେ ଭୂତ ସହ ପ୍ରାୟ ତିନି କିଲୋମିଟର ବାଟ ଚାଲି ଚାଲି ଆସିଲି ? ଏବେ ମୁଁ ମନେ ପକେଇ ପାରୁଥିଲି ଯେ ଏ ଗାଁ କୁ ଗୋଟିଏ ମାତ୍ର ବସ ଆସେ । ସେଦିନ କାହିଁକି କେଜାଣି ଭୂତ ଙ୍କ ଉପରେ ମୋର ବିଶ୍ୱାସ କରିବାକୁ ମନ କହୁଥିଲା । ଯମୁନା ଦିଦିଙ୍କ ପାଖକୁ ଲାଗିଯାଇ ପଚାରିଲି,"ତା ପରେ ଆପଣଙ୍କୁ ଡର ଲାଗିଲାନି ? ଆପଣ ଏତେଦିନ କେମିତି ରହିଲେ ଏଠି" ?

ଗଳା ଝାଡ଼ି ଯମୁନା ଦିଦି କହିଲେ," ସେଦିନ ସେ ଅନ୍ଧାର ରାତି ଓ ଜଙ୍ଗଲ ମଝିରେ ସେ ଭୂତ ହେଲେବି ମୋ ପାଇଁ ଭଗବାନ ଥିଲେ । ତେବେ ଆଉ ଡରିବି କାହାକୁ ? ସେଇ ଭଗବାନଙ୍କୁ ସ୍ମରଣ କରି ମୋ ଜୀବନ ର ପଇଁତିରିଶ ବର୍ଷ ମୁଁ ଏଠି କାଟି ସାରିଲିଣି । ଛୋଟରୁ ବାହା ନ ହେବାକୁ ନିଷ୍ପତ୍ତି ନେଇଥିଲି । ପରେ ଆଦିବାସୀ ଙ୍କ ପାଇଁ କିଛି କରିବାକୁ ମନ ଡାକିଥିଲା । ଭାଗ୍ୟ କୁ ଜଏନ କଲି ଏ ଜାଗାରେ । ଯାହା ଉପରେ ଏପରି ଏକ ମହାନ ଆତ୍ମାଙ୍କର ହାତ ଅଛି ସେ ଡରିବ କାହାକୁ ?? ଏ ଲୋକମାନେ ବହୁତ ନିରୀହ ଓ ପରିଶ୍ରମୀ । ସହର ଭଳି ଏଠି ଚାକଚକ୍ୟ ନାହିଁ କି ହିଂସା ବାଦ ନାହିଁ । କେବଳ ଗୋଟିଏ ବଦଗୁଣ ହେଲା, କଥା କଥା ରେ ଏମାନେ ରାଗିଗଲେ ଧନୁ ଧରି, ଛାତିକୁ ତୀର ମାରିଦେବେ । ତେବେ ମୋ ସହ ଆଜିଯାଏଁ ଏମିତି କିଛି ଘଟିନି । ପିଲାମାନେ ଆସନ୍ତି, ପ୍ରଥମ ରୁ ପଞ୍ଚମ ଯାଏଁ ଏ ସ୍କୁଲ ରେ ପଢ଼ନ୍ତି । ପରେ ଝିଅମାନେ ବାହା ହେଇଯାଆନ୍ତି ଓ ପୁଅ ମାନେ କିଏ ଜନ୍ତୁ ଶିକାର କରେ ତ କିଏ ଜଙ୍ଗଲ ଜାତ ଦ୍ରବ୍ୟ ସବୁ ସଂଗ୍ରହ କରି ହାଟ ରେ ବିକ୍ରି କରେ । ମୋତେ କିନ୍ତୁ ସମସ୍ତେ ସ୍ନେହ ଆଦର କରନ୍ତି ଓ ମାନନ୍ତି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଥା କହୁକହୁ ନିଜେ ହାତରେ ତିଆରି କରିଥିବା ଗ୍ରାମରକ୍ଷୀ ଙ୍କ ଚିତ୍ର ଟି ଆଣି ଦେଖେଇଲେ । ମୁଁ ଦେଖୁଥିଲି, ସେଇ ଖାକି ପୋଷାକ, ସେଇ ନିଶ, ସେଇ ଛଅ ଫୁଟିଆ ଠେଙ୍ଗା , ସେଇ ଠେକା....

ଦେହ ଶୀତେଇ ଉଠୁଥିଲା... ମନେ ମନେ ପ୍ରଣାମ କଲି ସେ ମହାନ ଆତ୍ମାଙ୍କୁ ଓ ଯମୁନା ଦିଦିଙ୍କୁ ମାଗି ରଖିଦେଲି ଏ ଫୋଟୋଟି ।

******

ମୋ ଜୀବନ ର ପ୍ରାୟ ଦଶବର୍ଷ କାଟିଥିଲି ମୁଁ ସେ ସ୍କୁଲ ରେ । କିନ୍ତୁ ବାହାଘର ପରେ, ବିଶେଷତଃ ପିଲା ବଡ ହେଲା ପରେ ସେମାନଙ୍କ ପାଠ ପଢା ପାଇଁ ସେଠି ଆଉ ରହିବା ସମ୍ଭବ ନଥିଲା । ତେଣୁ ଚାକିରୀ ରୁ ରିଯାଇନ କରି ଫେରି ଆସିଥିଲି । ମୁଁ ଆସିବା ଯାଏଁ ଆଉ କେହିବି ଶିକ୍ଷକ ସେଠାରେ ଜଏନ କରିବା ପାଇଁ ଆସି ନଥିଲେ । ସେଦିନୁ କିନ୍ତୁ ଭୂତ ମାନଙ୍କ ପ୍ରତି ଏକ ସହାନୁଭୂତି ଜାଗ୍ରତ ହୋଇ ସାରିଥିଲା ମୋ ମନ ଭିତରେ ।

ଏତେ ବର୍ଷ ପରେ ପୁଣି ଫୋଟୋଟି ଦେଖି ମନେ ମନେ ପ୍ରଣାମ କଲି । ସେଇ ଗାଁ ରୁ କେହି ଜଣେ କଲେକ୍ଟର ହୋଇ ନଥିବାରୁ ତାଙ୍କ ଆତ୍ମା ଶାନ୍ତି ପାଇ ନଥିବ ବୋଲି ଭାବି ମନ ଦୁଃଖ ହେଉଥିଲା ।

ଖଲାରୀ, ଅନୁଗୁଳ, ଓଡିଶା

ଭ୍ରାମ୍ୟଭାଷ : ୯୩୭୬୦୧୨୫୦୦

ଇମେଲ୍ : subal.mohapatra@gmail.com

(ବି.ଦ୍ର. - ଏହା ଏକ ସମ୍ପୂର୍ଣ୍ଣ କାଳ୍ପନିକ କାହାଣୀଟିଏ ମାତ୍ର)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଳତା



ଅନସୂୟା ପଣ୍ଡା

ଖୁବ ଅଜଣା ଏ ନାଟକର ପ୍ରତିଟି ଅଙ୍କ । ଏମିତିକି ଟିକିଏ ପର ମୁହୂର୍ତ୍ତରେ କଣ ଘଟିବ ତା ବିଷୟରେ ସମସ୍ତେ ପୁରାପୁରି ଅଜ୍ଞ । ଏତେ ଅସ୍ଥିରତା କଣ କେଉଁ ନାଟକରେ ଥାଏ ! ତଥାପି ଏ ନାଟକରେ ଭାଗ ନେବାକୁ ସମସ୍ତେ ବ୍ୟଗ୍ର । ଗୋଟେ ଗୋଟେ ଅସ୍ଥିର ଚରିତ୍ରରେ ନିଜର ସମସ୍ତେ ମନ, ପ୍ରାଣ, ଆତ୍ମାକୁ ଢାଳି ଦେଇ ମୋର ମୋର ହେଉଛନ୍ତି ସଭିଏଁ । ମୁଖ୍ୟନାୟକ ହେବାକୁ ପୁଣି ସମସ୍ତଙ୍କର ପସନ୍ଦ । ସେଥିପାଇଁ ଏଠି ରିତିମତ ଲଢେଇ । କେହି କାହାକୁ ପ୍ରହାର କରିବାକୁ ପଛାଉ ନାହାଁନ୍ତି । ଶକୁନିର କୂଟନୀତିରେ ପଶା ଖେଳି ନିଜେହିଁ ରସାତଳଗାମୀ । ହେଲେ କଣ ପାଇଁ ଏ ପ୍ରତିଯୋଗିତା, ଏ ଲଢେଇ ।

କିଛି ବି ମୋର ନୁହେଁ । ନା ସୁଖ, ନା ଦୁଃଖ । ନା ଜିତିବା ନା ହାରିବା, ନା ପାଇବା ନା ନପାଇବା, ନା ଭୁଲ ନା ଠିକ । ଶୂନ୍ୟରୁ ଆସିଥିବା ଜୀବନ ଶୂନ୍ୟରେ ମିଶିଯିବ । ତଥାପି ସବୁ ଜାଣି କାହିଁ ଲୋକମାନେ ଏମିତି ହୁଅନ୍ତି କେଜାଣି ! ଅବ୍ୟର୍ଥରେ ନୁହେଁ ବ୍ୟର୍ଥ ଚିନ୍ତାରେ ମନଟାକୁ ମନେଇବାକୁ ପଡିବ ଏ କଥା ଭୁଲି ଯାଆନ୍ତି ।

ଆଜି ତାର ଦଶମ ବିବାହବାର୍ଷିକୀ । ସୁନୀଲଙ୍କ ସହ ତାର ବୈବାହିକ ଜୀବନଟା ଏତେ ସହଜ ନଥିଲା ।

କ୍ଷମାର ଅମୋଘ କବଚ ପିନ୍ଧି ନଥିଲେ ସେ ନିଜେ ଶାନ୍ତି ପାଇ ପାରିନଥାନ୍ତା କି, ଏ ବିରାଟ ସାମାଜିକ ଅନୁଷ୍ଠାନଟିକୁ ସଫଳତାର ସହ ଆଗକୁ ବଢ଼ାଇ ପାରି ନଥାନ୍ତା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିଏ କୁହେ କ୍ଷମା ଅନ୍ୟକୁ ଦଣ୍ଡ ଦେବାର ବଡ ଅସ୍ତ୍ର କିନ୍ତୁ ତାକୁ ଲାଗେ କ୍ଷମା ନିଜ ପାଇଁ ଶାନ୍ତି ଆଣିବାର ଅଶେଷ ଉତ୍ସ । ବେଳେବେଳେ ଭାବେ ଯଦି ସେ କ୍ଷମା ଦେଇ ଦେଇଛି ତେବେ ପୁଣି କାହିଁ ସେ ପଛ କଥା ଭାବି କଷ୍ଟ ପାଏ ?

ମନ୍ଦିର ଯିବା ପୂର୍ବରୁ ଅଳତା ଲଗାଇବ ବୋଲି ଅଳତା କାଚଟା ଧରୁ ଧରୁ ଭୟରେ ତା ହାତଟା ଥରି ଗଲା ।  ବୋଧହୁଏ ଜୀବନରେ ଛୋଟ ଘଟଣା ଖୁବ ବଡ ଆଘାତ ଦିଏ । ସେଇ ଛୋଟ ଝିମିଟି ଖେଳରୁ ତ ମହାଭାରତର ମହାଗ୍ରନ୍ଥ ରଚନା ହୋଇଛି ।

କେବଳ ଆଜି ନୁହେଁ ଯେତେବେଳେ ବି ସେ ଅଳତା ଲଗାଏ ସେ ପୁଣି ପୁରୁଣା ଦିନକୁ ଫେରିଯାଏ ।

ବାହାଘର ପରେ ପ୍ରଥମ ସାବିତ୍ରୀ ବ୍ରତ । ଶାଶୁ ବାରମ୍ବାର କହି ରଖିଥିଲେ, ପ୍ରଥମ ସାବିତ୍ରୀବ୍ରତ ଶାଶୁ ଘରେ ପାଳନ କରିବାକୁ । ଯୋଗକୁ ସୁନୀଲଙ୍କର ଦିଲ୍ଲୀରେ ଟ୍ରେନିଂ ପଡିଲା। ଏକ ଇଂରାଜୀ ମିଡ଼ିଅମ ସ୍କୁଲରେ ଶିକ୍ଷୟତ୍ରୀ ରୂପେ କାମ କରୁଥିବା ଅଲିଭାର ମଧ୍ୟ ଖରାଦିନ ଛୁଟି ଚାଲିଥାଏ ।

ଭୁବନେଶ୍ୱରର ନୂଆପଲ୍ଲୀରେ ତା ଶାଶୁଘର । ରାଉରକେଲାରୁ ରାତିସାରା ବସ ଜର୍ଣ୍ଣି କରି ଆସି ଥକି ଯାଇଥିଲେ ବି ଅପରାହ୍ନରେ ଦିଲ୍ଲୀ ପାଇଁ ଥିବା ଫ୍ଲାଇଟ ପାଇଁ ବାହାରିଲେ ସୁନୀଲ ।

ଗୁମସୁମ ହୋଇ ବସିଥିବା ଅଲିଭାକୁ ଦେଖି ସୁନୀଲ ପଚାରିଲେ, "କଣ ହେଲା, ମନଦୁଃଖ ! ମୁଁ ରହିବିନି, ଆମ ଘରେ ତମେ ଚଳି ପାରିବ ତ ?"

ବାଦଲ ଢାଙ୍କି ଥିବା ମୁହଁରେ ଗୋଟେ ନିର୍ଭିକ ହସ ଫୁଟାଇ ଅଲିଭା କହିଥିଲା, "ମୁଁ କଣ ଆଉ ମୋର ବାପାଙ୍କର ଗେହ୍ଲାଝିଅ 'ଅଲି' ହୋଇଅଛି, ମୁଁ ଏ ପାଞ୍ଚମାସ ଭିତରେ ପକ୍କା

 Magazine Downloaded from www.aahwaan.com

ଘରଣୀ ହୋଇ ଗଲିଣିନା ! ହେଲେ ପ୍ରଥମ ସାବିତ୍ରୀ, ଯାହା ପାଇଁ ସଜେଇ ହେବି ବ୍ରତ ରଖିବି ସେ ତ ରହିବନି ?”

“କଣ ଆଉ କରିବା ! ଅନ୍ୟ କାହାକୁ ପଠାଇବାର ବ୍ୟବସ୍ଥା ଥିଲେ ମୁଁ ରହି ଯାଇଥାନ୍ତି, ଏମିତିବି ଆପ୍ରଇଜାଲଟା ଆଗକୁ ଅଛିତ !” ଅଲିଭାକୁ ସ୍ନେହରେ ଆଲିଙ୍ଗନ କରୁ କରୁ ସୁନୀଲ କହିଲେ ।

ବାହାଘରବେଳେ କୋଡିଏ ଦିନ ଅଲିଭା ଶାଶୁ ଘରେ ରହିଥିଲା । ସୁନୀଲ ମଧ୍ୟ ତାସହ ଥିଲେ । ସ୍ନେହୀ ଶାଶୁଶଶୁର, ନୂଆନୂଆ ବ୍ୟାଙ୍କରେ ଚାକିରୀ ପାଇଥିବା ସାନଦିଅର, କଲେଜରେ ଶେଷବର୍ଷ ବିଏ ପଢୁଥିବା ତା ଗୋଟିଏ ବୋଲି ନଣନ୍ଦଙ୍କର ଅମାୟିକ ବ୍ୟବହାର ଦେଖି ଅଲିଭା ଭାବୁଥିଲା କିଏ କୁହେ ଶାଶୁ ଓ ମା ସମାନ ନୁହଁନ୍ତି । ଦିଅର ଓ ନିଜର ଭାଇ ଭିତରେ ଫରକ ସେ ଜାଣି ପାରୁନଥିଲା । ତା ସୁନାନାକି ନଣନ୍ଦତ ତା ସାଙ୍ଗ ପରି ଚଳୁଥିଲେ । ହେଲେ ସୁନୀଲ ନଥିବା ବେଳେ ଚରିତ୍ର ମାନଙ୍କର ମୁଖା ଆପେ ଖୋଲି ଯାଇଥିଲା । ଅଲିଭା ଆଖିରେ ସରଳତାର କୁହୁଡି ଭିତରୁ ଝାପସା ଦେଖା ଯାଉଥିବା ମୁହଁ ସବୁ ସତ୍ୟ ଖରାର ତେଜପାଇ ସଫା ଦେଖାଗଲେ ।

ସାବିତ୍ରୀ ସଜ ବାପା ଆଣି ପୂର୍ବ ଦିନ ଦେଇଯାଇଥିଲେ । ବୋଉ ମିଶ୍ରି, ଲେମ୍ବୁ, ଠାରୁ ଆରମ୍ଭ କରି ଫଳମୂଳ, ଫାଳ ମୁଗ, ନଡ଼ିଆ, କଦଳୀ, ଜୋଇଁଙ୍କ ଡ୍ରେସ, ତା ପାଇଁ ଶାଢ଼ୀ, କାଚ, ସିନ୍ଦୁର, ଅଳତା ଆଦି ଯାହା କିଛି ଆବଶ୍ୟକ ସବୁ  ସଜାଡ଼ିକି ଦେଇଥିଲା । ବାରମ୍ବାର ଫୋନରେ କହିଥିଲା ଅଳତା ପିନ୍ଧିବୁ, ଭୁଲିଯିବୁନି  ।

ସାବିତ୍ରୀ ଦିନ ନାଲି ଶାଢ଼ୀ, ଚୁଡ଼ି, ସିନ୍ଦୁର ପିନ୍ଧି ସାରି ଅଳତା ପିନ୍ଧିବାକୁ ଅଳତା କାଚର ଠିପି ଖୋଲୁଛିତ, ଶାଶୁ ଡାକ ପକାଇଲେ, “ଆରେ ଅଲିଭା ! କଣ ଆଜି ଏତେ ଡେରି, ଅରୁଣ

 Magazine Downloaded from www.aahwaan.com

ଖାଇଲେ ଅଫିସ ଯିବ, ବାପା ଜଳଖିଆ କରିବେ, ସକାଳୁ ଚାହା ନପିଇ ମୁଣ୍ଡ ତାଙ୍କର ବିନ୍ଧିଲାଣି କହୁଛନ୍ତି । ପୁଣି ପୂଜା ପାଇଁ ଭୋଗ ଥାଳି ସଜଡାହେବ ।" ବାପା ମା'ଙ୍କର ଗୋଟେ ଝିଅ ଅଲିଭା ବହୁତ ଗେହ୍ଲା, ହେଲେ ଶାଶୁ ଘରେ ଗେହ୍ଲାପଣ କିଏ ଦେଖୁଛି ।

ଶାଶୁଙ୍କ ପାଟି ଶୁଣି ଘବରାଇ ଗଲା ଅଲିଭା । ତରତରରେ ତା ହାତରୁ ଖସି ପଡିଲା ଅଳତା ବୋତଲଟା । ପାଖରେ ରଖା ଯାଇଥିବା ବଡ ଦସ୍ତା ଟ୍ରଙ୍କ ଉପରେ ପଡ଼ିଥିବା ପୁରୁଣା ଖବର କାଗଜଟିକୁ ଭିଡି ଆଣି ଯେତେ ପୋଛିଲେବି ସେ ଧଳା ମାର୍ବଲ ଚଟାଣରୁ ଠିକରେ ଛାଡିନଥିଲା । ଅଳତା ପିନ୍ଧିସାରି ସେ ରୁମରୁ ବାହାରି ଆସି ରୋଷେଇ ଘରଭିତରେ ପଶିଯାଇଥିଲା ।

"ଭାଉଜ ! ସେ ବେସିନଟା ସାରା କଣ ଏମିତି ନାଲି ନାଲି ହୋଇଛି । ବାହାରକୁ ଆସି ଦେଖିଲ କେମିତି ଚଟାଣ ସାରା ସବୁଆଡେ ଅଳତା ଲାଗିଯାଇଛି । ଧଳା ମାର୍ବଲରୁ କଣ ସହଜେ ଛାଡିବ ? ମଣିଷ ଗୋଡ଼ରୁ ଚମଡା ଉଠି ଯାଇଥିଲା ମିସ୍ତ୍ରୀଙ୍କ ପଛରେ ଦଉଡି ଦଉଡି । ସେ ରୋଷେଇ ଛାଡ଼, ତମେ ଗଲ ଆଗ ଅଳତା ସବୁ ଛଡାଇବ ! ହଁ ସେ ବେସିନଟା ବି ବ୍ରସ ମାରିଦେବ ।" ବିରକ୍ତ ହୋଇ ସାନ ଦିଅର ଅରୁଣ କହୁଥିଲେ । ତାଙ୍କ ମୁହଁର ଭାବ ବଡ କଠୋର ଓ ରୁକ୍ଷ ଦିଶୁଥିଲା । ଯେମିତି ସୁନୀତା ଅଳତା ପିନ୍ଧି ଜାଣି ଜାଣି ସବୁଠି ଲଗାଇଦେଇଛି । ଅଳତା ଲଗାଇ ଯେମିତି ସେ ଏକ ବଡ ଭୁଲ କରିଦେଇଛି । ଲୁହ ଛଳଛଳ ହୋଇ ଯାଇଥିଲା ଅଲିଭାର ଆଖି । କେଇ ଟୋପା ଲୁହତ ବାହାରି ଆସିଥିଲା ତା ଆଖିରୁ ମାତ୍ର ସେ ନିଜକୁ ସମ୍ଭାଳି ନେଇଥିଲା । ତା ମନର କଷ୍ଟ ବାଣ୍ଟିବାକୁ ବି କେହି ନଥିଲେ ।

ପରେ ଘଷି ଘଷି ଦାଗ ସବୁ ଘରୁ ଛଡାଇ ଦେଇଥିଲା ସେଦିନ ଅଲିଭା ହେଲେ ଆଜି ବାହାଘରର ଦଶ ବର୍ଷ ପରେବି ଦାଗ ହୋଇ ବସି ଯାଇଥିବା ସେ କଥାଟା ତା ମନରୁ

 Magazine Downloaded from www.aahwaan.com

ଯାଇନି । ଆଜିଯାଏ ଯେତେବେଳେ ଅଳତା ପିନ୍ଧିଛି ସେତେବେଳେ ସେ ପୁରୁଣା କଥା ମନେପଡି ତାକୁ କଷ୍ଟ ଦେଇଛି ।

ଅଳତା ବୋତଲଟା ଥାକରେ ରଖିଲା ବେଳେ, ଭାବୁଥିଲା ଏତେ ସହଜରେ ଯଦି ଜୀବନରେ ଘଟି ଯାଇଥିବା ଘଟଣା ସବୁ ଭୁଲି ହୋଇଯାଆନ୍ତା ତେବେ ଜୀବନରେ ଯନ୍ତ୍ରଣା ବୋଲି କିଛି ରହି ନଥାନ୍ତା ।

“ଆରେ କଣ ଏତେ ସମୟ ବସି ଅଳତା ଲଗାଉଛ, ଆଜି କାଚଟା ଯାକ ସାରିଦେବ ନା କଣ ? ବାହାର ଶୀଘ୍ର, ମନ୍ଦିର ଯିବା ।” ସୁନୀଲଙ୍କ ଡାକରେ ସମ୍ବିତ ପାଇଲା ଅଲିଭା । ତାଙ୍କ ସହ ପୁଅ ମଧ୍ୟ ସ୍ୱର ମିଳାଉଥିଲା । କଣ ସବୁ ସରପ୍ରାଇଜ ପ୍ରୋଗ୍ରାମ ବାପା ପୁଅ ପ୍ଲାନ କରିଛନ୍ତି, ଅଲିଭା ଜାଣେନି । ମନ୍ଦିର ଯିବାକୁ ତରତର ହୋଇ ବାହାରି ଆସିଲା ଅଲିଭା ।

-ଅନସୂୟା ପଣ୍ଡା,

କାର୍ଡଗୁଡି, ବାଙ୍ଗାଲୋର,

ଭ୍ରାମ୍ୟଭାଷ : ୯୮୪୦୭୦୬୧୪୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁମେ ଦୁର୍ବଳ ସାହିତ୍ୟିକ ବାପା



ନାରାୟଣ ଚନ୍ଦ୍ର ସେନାପତି

"ତୁମେ ଜଣେ ଦୁର୍ବଳ ସାହିତ୍ୟିକ ବାପା...

ତୁମେ ଜଣେ ଦୁର୍ବଳ ସାହିତ୍ୟିକ"

ଏଇ କେତୋଟି ଶବ୍ଦପୁଞ୍ଜର ଅନାବିଳ ସମ୍ପର୍କରେ ସଂଯୋଜିତ ଦୁଃଖ ନଗରକୀର୍ତ୍ତନ କରୁଥିବା ବାକ୍ୟଟିରେ ବିଷାକ୍ତ ବିଶେଷଣଟି ମୁହୂର୍ତ୍ତକ ଭିତରେ ନାରାୟଣ ବାବୁଙ୍କ ମନରେ ବିଷାଦର ଆଲୋଡନ ତରଙ୍ଗ ସୃଷ୍ଟି କଲା । ବ୍ୟସ୍ତ ବିବ୍ରତକୁ ନିଜ ଅନ୍ତର ଠାରୁ ବହୁ ଦୂରରେ ରଖି ସେ ସହନଶୀଳତାର ଗାଲିଚାରେ ବସି ଅପେକ୍ଷା କଲେ ଝିଅ ଅନନ୍ୟାର ରୁକ୍ଷ ଟିପ୍ପଣୀର ପ୍ରୀତି ପୂର୍ଣ୍ଣ ବ୍ୟାଖ୍ୟା ସ୍ୱର୍ଶକୁ ।

ସେଦିନ ଅନନ୍ୟାର ଷ୍ଟଡି ରୁମ୍ ରେ ନାରାୟଣ ବାବୁ ପଚାରୁଥିଲେ ସାହିତ୍ୟର କେଇଟା ପ୍ରଶ୍ନ । ଅଯତ୍ନବାନ ବେପରୁଆ ଭଳି ପଚରା ପ୍ରଶ୍ନର ଉତ୍ତର ନଦେଇ ଫିକ୍ କିନା ହସିଦେଲା ଅନନ୍ୟା । ଝିଅର ଏଭଳି ବ୍ୟବହାରକୁ ସେ ଆଦୌ ଗ୍ରହଣ କରିପାରିଲେ ନାହିଁ, କାରଣ ଏଭଳି ବ୍ୟବହାର ସେ କେବେ ଝିଅଠାରୁ ପାଇନାହାନ୍ତି କି ଆଶା ବି କରିନାହାଁନ୍ତି । ଶୃଙ୍ଖଳା ଓ ସଂସ୍କାରକୁ ଭଲ ପାଉଥିବା ଏ ମଣିଷ ଝିଅ ଉପରେ ବହୁତ ରାଗିଲେ, ପ୍ରବଳ ବର୍ଷିଲେ । ଏ ଗାଳି ବର୍ଷଣ ବି ଝିଅ ଉପରେ କେବେ ପଡି ନ ଥିଲା ଏପରିକି ଅଦିନ ଝଡ଼ ପରି ଏ ଝଡ଼କୁ ସେ କେବେ ବି ଚାହିଁ ନ ଥିଲା ।

ନିଜକୁ କ'ଣ ବୋଲି ଭାବୁଛୁ ? ବହୁତ ବଡ଼ ପଣ୍ଡିତ ହୋଇଗଲୁଣି ବୋଧେ ? ହଉ ଦେଉଛି କେତୋଟି ପ୍ରଶ୍ନ, ୨୦ମିନିଟ ପରେ ଆସି ଦେଖିବି, ଯଦି ନ କରିଥାଉ, ତେବେ ତୋର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିନେକୁ ମୋର ଦିନେ । ଏତିକି କହି ନାରାୟଣ ବାବୁ ଗୋଟିଏ କାଗଜରେ ୪ଟି ପ୍ରଶ୍ନ ଦେଇ ବାହାରକୁ ଚାଲିଗଲେ । ଅନନ୍ୟା ତରବର ହୋଇ ତାର ଉତ୍ତର ୫ମିନିଟ୍ ଭିତରେ କରିଦେଇ ଅପେକ୍ଷା କଲା ତା ବାପାଙ୍କ ଫେରିବାକୁ ।

ଅନନ୍ୟା ମନେ ମନେ ସ୍ମରଣ କରୁଥାଏ ବାପାଙ୍କର ଏଇ କେଇପଦ ଧମକପୂର୍ଣ୍ଣ କଥାକୁ । ଆଖିରୁ ଝରି ପଡୁଥାଏ ଲୋତକ କେଇଧାର । ଭାବୁଥାଏ ମୋ ବାପା ମୋତେ କେବେ ବି ଏମିତି ରାଗନ୍ତି ନାହିଁ, କ'ଣ ହୋଇଛି ତାଙ୍କର ? ଅଧିକାଂଶ ସମୟ ମୋବାଇଲରେ କବିତା, ଗଳ୍ପ, ପ୍ରବନ୍ଧ... ଏଇମିତି ଅନେକ ଲେଖନ୍ତି, କୁହନ୍ତି ମୁଣ୍ଡ ଥଣ୍ଡା ହେଲେ ସିନା ସବୁ ବାହାରିବ । କିନ୍ତୁ... ଆଜି ଏମିତି ଗରମ ଯେ ? ଅବଶ୍ୟ ସେ ନିଜକୁ ଦୋଷୀ ଦୋଷୀ ଭାବୁଥାଏ, କାରଣ ବାପା ପଚାରୁଥିବା ପ୍ରଶ୍ନର ଉତ୍ତର ନଦେଇ ସେ ଫିକ୍‌କିନା ହସି ଦେଇଥିଲା । ତାହା ନିଶ୍ଚୟ ତା ବାପାଙ୍କୁ ବାଧିଥିବ । ଅବଶ୍ୟ ତା'ର ଏପରି କରିବାର ନ ଥିଲା । କିନ୍ତୁ ବାପା ଏତେ ସରଳ ପ୍ରଶ୍ନ ପଚାରିଥିଲେ ଯେ ତାହା ଶୁଣି ତାକୁ ହସ ଲାଗିଥିଲା । ଆଉ କିଛି କଥା ନ ଥିଲା ।

ସେପଟେ ନାରାୟଣ ବାବୁ ଭାବନା ରାଇଜରେ ବୁଲି ଖୋଜୁଥାନ୍ତି ଦୁଇଟି ଉତ୍ତର । ଝିଅ ଉତ୍ତର ନ ଦେଇ କାହିଁକି ଫିକ୍ କିନା ହସିଲା ? ଦ୍ୱିତୀୟତଃ ଏଇ ସାମାନ୍ୟ କଥାରେ ସେ ଏତେ ଉତ୍‌କ୍ଷିପ୍ତ କାହିଁକି ହେଲେ ? ଝିଅ କେବେ ତାଙ୍କୁ ଅସମ୍ମାନ କରିନାହିଁ ଆଜି ଯାଏ । ସେ ବି ବିଚକ୍ଷଣ ବୁଦ୍ଧି ଧୀଶକ୍ତି ସମ୍ପନ୍ନ ପ୍ରତିଭାଟିଏ । ପ୍ରତ୍ୟେକ ପାଠ୍ୟ ବିଷୟ ଓ ସହ ପାଠ୍ୟ ବିଷୟରେ ତାର ଢେର ଦଖଲ ବି ଅଛି । ଯେଉଁ କେଇଟା ପ୍ରଶ୍ନ ପଚାରିଥିଲେ ଅତି ସରଳ, ଯାହାର ଉତ୍ତର ତା ପାଇଁ ମାମୁଲି । ବୋଧେ ଉଚ୍ଚ ପାଠରେ ଧ୍ୟାନ ଦେଇ ଏ ସବୁ ଭୁଲିଯାଇଛି ନା ଏ ସରଳ ପ୍ରଶ୍ନକୁ ହେୟଜ୍ଞାନ କରି ହସିଦେଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏସବୁ ଭାବି ଭାବି ଆସି ପହଂଚିଗଲେ ଝିଅ ପାଖରେ । ଆସୁ ଆସୁ ଝିଅ ବଢ଼େଇଦେଲା ବାପାଙ୍କୁ ପ୍ରଶ୍ନର ଉତ୍ତର ଲେଖା ଖାତାଟିକୁ । ବାପା ଏଥର ଅଦ୍ଭୁତ ଉତ୍ତରଗୁଡିକୁ ପଢି ଆଶ୍ଚର୍ଯ୍ୟ କେବଳ ନୁହଁ ବିସ୍ମୟ ବି ହୋଇଗଲେ । କାରଣ ସେ ଆଶା କରିଥିବା ଉତ୍ତର ଝିଅ ଦ୍ୱାରା କଳ୍ପନାତୀତ ଥିଲା । ଏଥର ଆଉ କ୍ରୋଧାନ୍ୱିତ ନ ହୋଇ ଝିଅକୁ ଗୋଟିଏ ପରେ ଗୋଟିଏ ପ୍ରଶ୍ନର ଉତ୍ତର ପଚାରି ଝିଅଦ୍ୱାରା ବ୍ୟାଖ୍ୟା କରାଇଲେ ।

ତୁ ଯେଉଁ ଉତ୍ତର ଲେଖିଛୁ ଏସବୁ କଣ ଠିକ ?

ଝିଅ କହିଲା ହଁ ବାପା ଶତପ୍ରତିଶତ ଠିକ । କହିବ ଯଦି ପ୍ରମାଣ ସହ ମୁଁ ବୁଝେଇଦେବି ।

ପ୍ରଥମ ପ୍ରଶ୍ନ ପଚାରିଲେ ନାରାୟଣ ବାବୁ । ସାହିତ୍ୟ କାହାକୁ କହନ୍ତି ?

ଝିଅ କହିଲା, ବାପା ଯାହା ମନ ଭିତରେ ସର୍ବଦା ଆଲୋଡନ ଆଣି ସମାଲୋଚନାର ମାହୋଲ ସୃଷ୍ଟିକରି ସଭିଙ୍କୁ ବ୍ୟତିବ୍ୟସ୍ତ ବିବ୍ରତ କରେ, ସ୍ୱହିତ ପାଇଁ ଅନ୍ୟର ଅହିତ କରିବାକୁ ପଛାଏ ନାହିଁ, ତାହା ସାହିତ୍ୟ ।

ଯିଏ ସଦା ଗର୍ବ ଅହଂକାର ଦୂଷିତ ପୋଖରୀକୁ ଗଙ୍ଗା କହି ସ୍ନାନ କରେ, ନିଜର ଅଶୁଦ୍ଧ ଲେଖାକୁ ଶୁଦ୍ଧ ବୋଲି ଭାବେ, ନିଜର ହଜାର ଭୁଲ ନ ଦେଖି ଅନ୍ୟର ଠିକରୁ ଭୁଲ ବାହାର କରେ, ଲେଖା ଚୋରି କରି - ନକଲ କରି - ଉତ୍ତାରି - ନିଜ ନାଁରେ ବାହାର କରି ମାନପତ୍ର, ଉପାଧି ପାଇବାକୁ ମଶା ମାଛି ପରି ଯ୍ଯା ତା ପଛରେ ଧାଏଁ ସେ ହେଲେ ସାହିତ୍ୟିକ । ତୁମ ଦ୍ୱିତୀୟ ପ୍ରଶ୍ନ ସାହିତ୍ୟିକ କାହାକୁ କହନ୍ତିର ଉତ୍ତର । ଆଉ ତୃତୀୟ ଚତୁର୍ଥ ପ୍ରଶ୍ନର ଉତ୍ତର ବି ଶୁଣ ।

ଯିଏ ତାର ଲେଖାରେ ଅଭଦ୍ର, ଚୋର, ଅଣସାହିତ୍ୟିକ, ତୋତେ ଜୋତାରେ ପିଟିବି,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲଙ୍ଗଳା କରି ଛକରେ ପିଟିବି, ପର୍ଦ୍ଦା ଫ୍ଲାସ କରିଦେବି, ମୁଁ କାହାକୁ ଡ଼ରେ ନାହିଁ, ପୁନଶ୍ଚ ରାଣ୍ଡୁଆ, ଭାଡୁଆ, ମାଡୁଆ ଆଦି ବେଦ ବା ଦେବ ଭାଷାର ଶବ୍ଦ ପ୍ରୟୋଗ କରି କବିତା କି ସାହିତ୍ୟ ତଥ୍ୟ ଲେଖି ନିଜକୁ ଦାମ୍ଭିକ-ସଚ୍ଚୋଟ ଭାବନ୍ତି ସେ ହେଲେ ସବଳ ସାହିତ୍ୟିକ ।

ଯିଏ ନିଜର ଭୁଲ ନ ଥାଇ କ୍ଷମା କରିବେ, ଭୁଲ ଥିଲେ ବଡ଼ପଣରେ ସୁଧାରିଦେବେ, ଯଦି ଲେଖାରେ ତ୍ରୁଟି ଅଛି ମାର୍ଜ୍ଜନା କରିବେ,ଆପଣମାନଙ୍କର ଅମୁଲ୍ୟ ମତ ମୋ ପାଇଁ ପାଥେୟ, ଆପଣମାନେ ବହୁତ ବଡ଼ ମୁଁ ନିମିତ୍ତ ମାତ୍ର ଆଦି କଥା କଥାକେ ଲେଖି ଶୃଙ୍ଖଳା ଚାହାନ୍ତି, ସାହିତ୍ୟର ମର୍ଯ୍ୟାଦା ଲୋଡନ୍ତି ସେ ଦୁର୍ବଳ ସାହିତ୍ୟିକ । ତୁମେ ଜଣେ ଦୁର୍ବଳ ସାହିତ୍ୟିକ ବାପା.. ତୁମେ ଜଣେ ଦୁର୍ବଳ ସାହିତ୍ୟିକ ।

ନାରାୟଣ ବାବୁ ଝିଅର ଏ ବିବେକାନନ୍ଦଙ୍କ ପରି ବାଗ୍ମୀତା ପୂର୍ଣ୍ଣ ନିର୍ଭୀକ ବକ୍ତବ୍ୟ, ମରୁବାଲି ଜଳ ଶୋଷିଲା ପରି ପି ଯାଉଥାନ୍ତି । କହିଲେ ଝିଅ, ଏସବୁ ଉଦ୍ଭଟ ଉତ୍ତର ତୁ ଉଦାହରଣ ଦେଇ ବୁଝେଇ ପାରିବୁ ?

ଅନନ୍ୟା କହିଲା, ବାପା ଏ ତ ସାମାନ୍ୟତମ ଚାହିଁଲେ କେତେ ତଥ୍ୟ ଓ କେତେ ଉଦାହରଣ.... ସବୁ ମୁଁ ଦେଇପାରିବି । ପ୍ରତଦିନ ତୁମେ ଶୋଇବା ପରେ ତୁମ ମୋବାଇଲ ଖୋଲି ଅନେକ ସାହିତ୍ୟ ଗ୍ରୁପରୁ କିଛି ପଢି ଶିଖିବାପାଇଁ ଚେଷ୍ଟା କରେ । ହେଲେ ପାଏ ସ୍ୱଳ୍ପ ଶିକ୍ଷଣୀୟ କିନ୍ତୁ ପାଇଛି ଏଇ ତୁମ ପ୍ରଦତ୍ତ ପ୍ରଶ୍ନର ନିଛକ ଉତ୍ତର । ରାସ୍ତାରେ ଗଲାବେଳେ ତୁମେ ପରା ମୋତେ ପଢ଼ାଇ କୁହ, ଏଇ ଦେଖ, 'ବ୍ରହ୍ମା ବିଷ୍ଣୁ ଚିକେନ୍ ସେଣ୍ଟର, ହର ପାର୍ବତୀ ଫରେନ ଲିକର, ମା ବାଗ୍ଦେବୀ ଶୁଖୁଆ ଭଣ୍ଡାର, ଉଦିତ ସୂର୍ଯ୍ୟ ଦେଶୀ ମଦ ଦୋକାନ' କେଉଁ ଜିନିଷ ସହ କେଉଁ ନାଁ ଯୋଡ଼ା ଯାଇଛି । ସେଦିନ ମୋତେ ବହୁତ ଖରାପ ଲାଗୁଥିଲା । କିନ୍ତୁ ତୁମ କେତେକ ସାହିତ୍ୟ ଗ୍ରୁପ୍ କଣ ତାଠୁ କମ୍ କି ? ଖାଲି ଆ ବିରୁଦ୍ଧରେ, ତା ବିରୁଦ୍ଧରେ, କିଏ

 Magazine Downloaded from www.aahwaan.com

ଦାଦାଗିରି ତ କିଏ ମୂର୍ଖାମୀ । କିଏ ଅହଂକାରରେ କାହା ବିରୁଦ୍ଧରେ ଲେଖି ଉକ୍ତରେଟ କଲାଣି ତ କିଏ ଧାଡିଏ ଶୁଦ୍ଧ ନ ଥିବା ବ୍ୟାକରଣ ବିହୀନ କୁକୁରିଆ ପ୍ରେମ ଅକବିତା ଲେଖି ସବୁଠୁ ଶ୍ରେଷ୍ଠ ସାହିତ୍ୟିକ ଘୋଷଣା କରି ଚାଲେଞ୍ଜ କଲାଣି । ନାଁ ଦେଲେ କଣ ହେବ, ସୂର୍ଯ୍ୟର ଅସଲ ଗୁଣ, ସରସ୍ୱତୀ କିଏ କଣ, ସାହିତ୍ୟର ଅସଲ ଅର୍ଥ ବୁଝି ତାର ମର୍ଯ୍ୟାଦା ରଖିବା ଦରକାର । ତୁମ୍ଭମାନଙ୍କର ଏଇ ଗ୍ରୁପରେ ଏଇମିତି ସବୁ ହିଁ ଭରପୁର ଅଛି ନା । ଆଜି ଯଦି ବଳଦେବ ରଥ ଥାଆନ୍ତେ ତେବେ ଭଲ ଦି ଧାଡି ଲେଖିଥାନ୍ତେ । ଯଦୁମଣି ବି ଲେଖି ଖୁସି ହେଉଥାନ୍ତେ । ବ୍ୟାସଙ୍କର ପଦେ ଦୁଇପଦ ଲେଖାରେ ସବୁ ମିଳିଥାନ୍ତା । ହେଲେ ଆଜିକାଲି କା ବ୍ୟାସ, ଭଞ୍ଜ, ମେହେରମାନେ ଯେଉଁ ସ୍ୱଶବ୍ଦକୋଷରୁ ଶବ୍ଦ ଖଞ୍ଜିଲେଣି ଏହା ଦେଖି ହୁଏତ ପାଣିନୀ ଡରି ପଳାଇ ଯାଇଥାନ୍ତେ ।

ତୁମେ ପରା ମୋତେ ଶିଖାଇଥିଲ କବି, ଲେଖକ, ଗାଳ୍ପିକ, ପ୍ରାବନ୍ଧିକ ସମସ୍ତେ ଗଠନମୂଳକ ଲେଖା ଲେଖନ୍ତି, ଉଦ୍ ବୋଧନ ହେଲେ ବି ଖରାପ ଶବ୍ଦର ବ୍ୟବହାର କରନ୍ତି ନାହିଁ, ଠିକ୍ ସନ୍ତାନ କ୍ରୋଧି ହେଲେ ବି ଯେପରି ମାକୁ ସମ୍ମାନର ସହ କଥା କହିଥାଏ । ଯେପରି ଗୋପବନ୍ଧୁ, ରାଧାନାଥ, ମଧୁସୂଦନ ଦାସ, ବୀରକିଶୋର, କୁନ୍ତଳା କୁମାରୀ ଲେଖିଛନ୍ତି । କିନ୍ତୁ ସେମାନେ ଆଜି ଥିଲେ ତୁମ ଆଧୁନିକ ସାହିତ୍ୟିକଙ୍କ ଠାରୁ ଏ ସବଳ, କଡା, ଶକ୍ତିଶାଳୀ ଶବ୍ଦର ପ୍ରହାର ବହୁତ ଶିଖିଥାନ୍ତେ ।

ଖାଲି ସେତିକି ନୁହଁ ବାପା, ତୁମେ ପରା କହୁଥିଲ ବାଳାଦପି ଗୃହିତବ୍ୟ ଯୁକ୍ତିଯୁକ୍ତ ମନିଷୀ ଭି । ମାତ୍ର ଏବେ ତ କିଛି ଯୁବ ପ୍ରତିଭାଙ୍କୁ... ତୋର କେତେ ବର୍ଷ ହୋଇଛି ବେ, ତୋ ବୟସ ଯେତେ.. ମୋ ଅଭିଜ୍ଞତା ତା ଠୁ ଅଧିକ କୁହାଯାଉଛି । କିଏ ବି ସାହିତ୍ୟ ନ ଦେଖି ତୋ କୁବେର ପଣିଆ, ମନ୍ତ୍ରୀ ସାଥି, ବଡ଼ ଲୋକଙ୍କ ଜୋକ ହୋଇ କହିଲାଣି ମୋ ପରି ସାହିତ୍ୟିକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବିଶ୍ୱରେ ବିରଳ । କିଏ ବି ସାହିତ୍ୟ କେଉଁ ସ ନ ଜାଣି ସର୍ପରି ଫରଫରାଏନ୍ତେ ପରି କବି ଲେଖକଙ୍କୁ ପଚାରୁଛି ପ୍ରଶ୍ନ, ଆଉ ସେମାନଙ୍କ ଉତ୍ତର ପାଖରେ ସେ ଅଙ୍ଗନବାଡି ଛୁଆ ହେଲେ ବି ଧିକ୍କାର କରୁଛି । ଖାଲି ସେତିକି ନୁହଁ କିଏ ଯଦି ବଡ଼ ଅନୁଷ୍ଠାନରେ ବଡ଼ ପଦବୀଟେ ପାଇ ଯାଇଛି ସେ ଭାବୁଛି ମୁଁ ସ୍ୱୟଂ ବ୍ରହ୍ମା, ଆଉ କହୁଛି, ଆଜିର ଅନୁଚିନ୍ତା ଗୁଡାକ କିଏ ପଢେ, ଆଧୁନିକ କବିତା ସବୁ କଣ ସାହିତ୍ୟରେ ଯାଏ, କିଏ ବି ଉପରେ ବାହାସପୋଟ ସଚ୍ଚୋଟ ପ୍ରଚାର କରି ପଛରେ ପଇସା ମାଗିଲାଣି, କିଏ ସାଇବର ନିୟମ ନ ମାନି ଇଚ୍ଛା ଅନୁସାରେ ରିମୁଭ୍ କଲାଣି, କିଏ ତା ଭାଗ କମ୍ ମିଳିବାରୁ ଅନ୍ୟ ମାନଙ୍କ ବିରୁଦ୍ଧରେ ପତ୍ରିକାରେ ଫଟୋ ସହ ଖରାପ ଲେଖିଲାଣି । କିଏ ବି ଅଭିଜ୍ଞତାକୁ ଅପେକ୍ଷା ନ କରି ଆଡ଼ମିନି ହେବାକୁ, ଅନୁଷ୍ଠାନର ପ୍ରତିଷ୍ଠାତା କି ସମ୍ପାଦକ ହେବାକୁ, ନିଜ ବାହାବା ନେବାପାଇଁ, ଏନ୍ତୁଡ଼ିଶାଳାରୁ ଆନ୍ତର୍ଜାତିକ ଶ୍ରେଷ୍ଠ ସାହିତ୍ୟିକ ହେବାପାଇଁ ପ୍ରତିଦିନ ଗ୍ରୁପରେ ଶହ ଶହ ଭିଡିଓ ଓ ନବେ ଭୁଲ ଥିବା ନଅ ଶହ ଅନେଶ୍ୱତ ଫଟୋ ଛାଡ଼ିଲାଣି । କହିଲ ବାପା ମୋ ଏ ଉଦାହରଣ କଣ କମ୍ ହେଲା କି ? ଅବଶ୍ୟ ତୁମେ ଭୀରୁ, କାପୁରୁଷ ପରି ଯେଉଁମାନେ କଂସ କି ରାବଣ ସାହିତ୍ୟିକ ତାଙ୍କ ଆସ୍ଫାଳନକୁ ଡରି ଗ୍ରୁପ୍ ଛାଡୁଛ କି ଦୁର୍ବଳ ପରି... କ୍ଷମା କରିବେ, ଆପଣ ମହାନ୍, ମୁଁ ଏକ କ୍ଷୁଦ୍ର ମଣିଷ, ସାହିତ୍ୟ ସିନ୍ଧୁରେ ମୁଁ ବିନ୍ଦୁଟିଏ ନୁହଁ ଆଦି କହି ଦୁର୍ବଳତାର ପରିଚୟ ଦେଉଛ । ସତରେ କ'ଣ ତୁମେ ଦୁର୍ବଳ ସାହିତ୍ୟିକ ନୁହଁ ?

ନାରାୟଣ ବାବୁଙ୍କୁ ଯେତିକି ହସ ଲାଗୁଥାଏ ସେତିକି ଗର୍ବ ଲାଗୁଥାଏ ଝିଅର ମାର୍ମିକ ଅଭିବ୍ୟକ୍ତି ଓ ତାତ୍ତ୍ୱିକ ପୁଙ୍ଖାନୁପୁଙ୍ଖ ସାଂପ୍ରତିକ ସମ୍ପର୍କିତ ବିଶ୍ଲେଷଣକୁ ନେଇ । ହେଲେ ଏ ସବୁ କାହିଁକି ହେଉଛି ସେସବୁ ଶୁଣିବାକୁ କଣ ତାର ଧୈର୍ଯ୍ୟ ଅଛି ।

ସେ କହିଲେ ଆରେ ଝିଅ, ଅବଶ୍ୟ କିଛି ଅପ୍ରିୟ ସତ କଥା କହୁଛୁ, ହେଲେ ସାହିତ୍ୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମୁଦ୍ର ଭିତରେ ତୁ ପଶିନାହୁଁ । ତେଣୁ ସମୟ, ଅବସ୍ଥା, ପାରିପାର୍ଶ୍ୱିକ ସ୍ଥିତିକୁ ଆକଳନ କରି ପାରୁନାହୁଁ । ତୁ ମୋର ବାଲ୍ୟ ଶିକ୍ଷକ ମହାନ୍ ଗୁରୁ ସୁସାହିତ୍ୟିକ ଲମ୍ବୋଦର ସାରଙ୍କ ପାଖକୁ ଯାଆ । ସେ ତୋତେ ଏଇ ପ୍ରଶ୍ନ ଚାରିଟିର ସଠିକ ଉତ୍ତର ଦେଇ ବ୍ୟାଖ୍ୟା ସହ ବୁଝାଇ ଦେବେ ।

ଅନନ୍ୟା କହିଲା ହଁ ବାପା, ତୁମ ପରି ଦୁର୍ବଳ ସାହିତ୍ୟିକଙ୍କ ଠାରୁ ମୁଁ ବୁଝିବା ଅବୋଧ୍ୟ ହୋଇଯିବ । ମୁଁ ଚାଲିଲି ସାର୍ ଙ୍କ ପାଖକୁ । ଏହା କହି ଝିଅ ଚାଲିଲା ପାଇବାକୁ ପ୍ରଶ୍ନର ଉତ୍ତର, ବାପା ମୁରୁକି ମୁରୁକି ହସି ଚାହିଁ ରହିଲେ ଝିଅର ଫେରନ୍ତା ବାଟକୁ ।

ଇତି ମଧ୍ୟରେ ଅନନ୍ୟା ପହଂଚିଗଲା ଲମ୍ବୋଦର ସାର୍ ଙ୍କ ଘରେ । ପରିଚୟ ଜାଣି ଆଦରରେ ବସାଇ କେତେ କଣ ଗପିଗଲେ ନାରାୟଣ ବାବୁଙ୍କ ସମ୍ବନ୍ଧରେ । ହେଲେ ଏସବୁ ଶୁଣି ତାକୁ ଯେତିକି ଖୁସି ଲାଗୁଥାଏ ସେତିକି ବ୍ୟସ୍ତ ଓ ବ୍ୟଗ୍ର ହେଉଥାଏ ଉତ୍ତର ପାଇବାକୁ । ଆସିବାର ଅଭିପ୍ରାୟ ଜାଣିସାରି ସାର୍ କହିଲେ ଆରେ ମାଆ, ତୋ ଘରେ ତୋ ବାପା ପରା ଖୋଦ ଉତ୍ତର, ତୁ ଏତେ କଷ୍ଟ କରି ଆସିଲୁ କାହିଁକି ? ଅନନ୍ୟା କହିଲା ନାଁ ଆଜ୍ଞା, ବାପା ଆପଣଙ୍କ ପାଖକୁ ପଠାଇଲେ । ମୃଦୁ ହସି ସାର୍ ସବୁ ପ୍ରଶ୍ନ ଶୁଣିଲେ ଓ ସେ ତା ବାପାଙ୍କୁ ଦେଇଥିବା ଉତ୍ତର ସବୁ ଶୁଣି ଆହୁରି ହସିଲେ । ଅନନ୍ୟା କହିଲା, ଆଜ୍ଞା ମୋ ଉତ୍ତର ଗୁଡାକ ମୋ ବାପାଙ୍କ ପସନ୍ଦ ହେଲାନି । ମୁଁ କଣ ଭୁଲ କହିଥିଲି କି ? ସାର୍ ଆହୁରି ହସି କହିଲେ, ବାପ ସେ ଜାଦା ବେଟି । କିଏ କହିଲା ମା, ତୁ ଭୁଲ କହିଛୁ ବୋଲି, ମୋ ଆଗରେ ତୋ ବାପା ଯଦି ଏସବୁ ଭୁଲ କହିଥାନ୍ତା ତା କାନ ଦୁଇଟାକୁ ମୁଁ ମୋଡ଼ି ଦେଇଥାନ୍ତି । ଏତିକି କହିବା ମାତ୍ରେ ସାର୍ ଙ୍କ ଆଖିରୁ ଦୁଇ ଧାର ଲୁହ ବହିଗଲା । ନିଜ ରୁମାଲରେ ଅନନ୍ୟା ତା ବାପାଙ୍କର ଗୁରୁଙ୍କ ଆଖିରୁ ଲୁହ ପୋଛୁ ପୋଛୁ ସାର୍ ଙ୍କ ଆହୁରି ଲୁହ ଆହୁରି ଅଧିକ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବୋହିଗଲା । ଆଶ୍ଚର୍ଯ୍ୟ ହୋଇ ଅନନ୍ୟାର ଭାବନାକୁ ଦୂର କରିବାକୁ ଯାଇ ସାର୍ କହିଲେ, ବୁଝିଲୁ ଝିଅ ତୋ ବାପାଙ୍କୁ ମୁଁ କେବଳ ଛାତ୍ର ନୁହଁ ମୋ ନିଜ ପୁଅଠୁ ବି ଅଧିକ ଭଲପାଏ । କାରଣ କଣ ଜାଣୁ, ସେ ମୋ ପାଖରେ ପଢିବା ଅବଧି ଭିତରେ ତାର ସାମାନ୍ୟତମ ଭୂଲଟିଏ ମୁଁ ଖୋଜି ପାଇନାହିଁ । ଶୁଣ ଆଉ ଏକ ଘଟଣା । ମୋତେ ଘସିବାକୁ ଜିଦ୍ କରେ ଅନ୍ୟ ପିଲାଙ୍କ ସାଙ୍ଗରେ, ତୁ ବ୍ରାହ୍ମଣ ପିଲା ମୋ ପାଦ ଛୁଇଁବୁ, ମୋତେ ଘସିଦେବୁ, ନାଁ କହି ମୁଁ ମନାକଲେ ବି କେତେବେଳେ ଚୁପ୍ ଚୁପ୍ କୋଉ ପିଲାକୁ ପଠାଇ ଦେଇ ମୋତେ ଘସିଦିଏ, ଆଉ କହେ ସାର୍ ଆପଣଙ୍କ ସେବା ନ କଲେ ଆଶୀର୍ବାଦ ତ କମ୍ ପାଇବି, ଭବିଷ୍ୟତ କେମିତି ଉଜ୍ଜ୍ୱଳ ହେବ ଯେ ? ଆମର ଆଦେଶ ନ ପାଇଲେ ଦିନ ତମାମ ଏମିତିକି ରାତି ସାରାବି ସେଇ ଜାଗାରୁ ଇଞ୍ଚେ ଘୁଂଚିବ ନାହିଁ । ତା ବାପାମାଆ ବି ସେଇମିତି ସଂସ୍କାରି, ଶୃଙ୍ଖଳ ଓ ଭଦ୍ର । ତୋର ଏଇ ସାମାନ୍ୟ ଲୁହ ପୋଛାରୁ ମୁଁ ପାଇଗଲି ମୋ ଶିଷ୍ୟ, ମାନେ ତୋ ବାପାର ସ୍ପର୍ଶ । ସେଥିପାଇଁ ଆଉଥରେ କାନ୍ଦି ପକାଇଲି ପରା । ଜାଣିଛୁ ଏଇ ସାହିତ୍ୟ ବିଷୟରେ ଯାହା ପଚାରୁଛୁ, ସେମାନେ ତୋ ବାପା ଶିଶୁବେଳେ ତା ଠାରୁ ସାହିତ୍ୟର ଗନ୍ଧ ଆମେ ପାଖରୁ ପାଇଥିଲୁ । ତୃତୀୟ ବେଳୁ ଗୀତଗାଇବା, ଭାଷଣ ଦେବା, ଅଭିନୟ କରିବା, ନାଚ କରିବା ସବୁଥିରେ ସେ ପରା ଧୁରନ୍ଧର ଥିଲା । ଏସବୁ ଶୁଣି ଅନନ୍ୟାର ମନ ଉତ୍ଫୁଲ୍ଲତାରେ ପୁରି ଉଠୁଥାଏ । ବାସ୍ତବିକ ଏଇତ ଭଲପାଇବା । ଗୁରୁ ଶିଷ୍ୟ ପରମ୍ପରାର ବଳିଷ୍ଠ ପ୍ରତୀକ । ସତରେ ମୁଁ ବି ଆଜି ଉଭୟଙ୍କୁ ପାଇ ଧନ୍ୟ ।

ସାର୍ କହିଲେ, ଛାଡ଼ ସେ କଥା, "ଆରେ ଯେଉଁ ଶାସ୍ତ୍ର ସଭିଙ୍କ ହିତ ସାଧନ ପାଇଁ ଉଦ୍ଦିଷ୍ଟ ତାହା ପରା ସାହିତ୍ୟ ।"

"ଯାହାର ପ୍ରତିଟି ଭାବନା, ଚିନ୍ତା, ଚେତନା, ରଚନାର ପରିଭାଷା କୋମଳ, ବାସ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଚନ୍ଦନ, ମାର ମମତାପୂର୍ଣ୍ଣ ଆଉଁସା ସଦୃଶ ସେ ହିଁ ସାହିତ୍ୟିକ ।"

"ଯିଏ ତାର ଭାଷା, ଭାବବିନିମୟ, ନିବିଡ଼ତା ଦ୍ୱାରା ବନ୍ଧୁ ସୃଷ୍ଟି କରେ, ଶତ୍ରୁତାକୁ ପ୍ରତିହତ କରେ ସେ ହିଁ ସାହିତ୍ୟିକ ।"

"ଜଣେ ସାହିତ୍ୟିକ ଆସ୍ତିକ, ଗଠନମୂଳକ, ଦେଶପ୍ରେମୀ, ଜାତିପ୍ରେମୀ ଓ ସମାଜ ସଂସ୍କାରକ । ସେ ନିଃସ୍ୱାର୍ଥପର, ଉଚ୍ଚମନା, ଭଦ୍ର, ଶିଷ୍ଟ, ଧୈର୍ଯ୍ୟବାନ ଓ ସହନଶୀଳ ହେବା ଉଚିତ । ପରଶ୍ରୀକାତର, ପ୍ରତିହିଂସା ପରାୟଣ, ହିଂସୁକ, ଇର୍ଷାପରାୟଣ, କପଟୀ, ମାୟାବୀ, ମିଥ୍ୟାବାଦୀ, ଛଳନାପ୍ରେମୀ, ଗର୍ବୀ, ଅହଙ୍କାରୀ ବ୍ୟକ୍ତି ସାହିତ୍ୟିକ ହେବା ତ ଦୂରର କଥା ସାହିତ୍ୟ ସମାଜର ଏକ ଦୂଷିତ କୀଟ ସଦୃଶ ଅର୍ଥାତ ଏକ ମସ୍ତବଡ଼ ଅଣସାହିତ୍ୟିକ ।"

ଆରେ ମାଆ ସବଳ କି ଦୁର୍ବଳ ସାହିତ୍ୟିକ କିଛି ନାହିଁ । ଯାହାର ସାହିତ୍ୟିକ ଗୁଣ ଅଧିକ ଥାଏ ସେ ସୁସାହିତ୍ୟିକ । ଜଣେ ସୁସାହିତ୍ୟିକ ହେବାପାଇଁ ଶାନ୍ତ, ସରଳ, ନିର୍ମଳ, ନିଷ୍କପଟ ମନଟିଏ ଦରକାର । ପର-ଆପଣା, ଛୋଟ-ବଡ଼ ସବୁକିଛି ଭୁଲି ସଭିଙ୍କୁ ଭଲପାଇବା ଦରକାର । କାହାର ବିରୁଦ୍ଧ ଆଚରଣ କରି ମସ୍ତିଷ୍କକୁ ସଂକୀର୍ଣ୍ଣ କିମ୍ବା କାହା ଅଳଣା କଥାରେ ପ୍ରତିକ୍ରିୟାଶୀଳ ହୋଇ ହୃଦୟକୁ ଇତର ହୀନ ନିକୃଷ୍ଟ କରି ସାହିତ୍ୟର ମର୍ଯ୍ୟାଦା ନଷ୍ଟ କରିବା କେବଳ ଦୁର୍ବଳ ହୃଦୟୀଙ୍କ ପାଖରେ ସମ୍ଭବ ।

କଥାରେ ପରା ଅଛି ନମ୍ରନ୍ତି ଫଳୀନ ବୃକ୍ଷା । ଯିଏ ବିଦ୍ୱାନ, ଭଦ୍ର, ପ୍ରତିଭାଧାରୀ ସେ ନଇଁଯାଏ, ଅଭଦ୍ର, ଅସାମାଜିକ, ଅସଭ୍ୟଙ୍କ ବୃଥା ଚିତ୍କାର କି ଶ୍ୱାନ ଭୁକାକୁ ଖାତିର ବା କର୍ଣ୍ଣପାତ କରନ୍ତି ନାହିଁ । ନିଜ ସମୟକୁ ଅଯଥା ଅନାବଶ୍ୟକ ଚର୍ଚ୍ଚା କି ସମାଲୋଚନାରେ ନଷ୍ଟ କରନ୍ତି ନାହିଁ । ନିଜର ବିଶାଳ ମହାନ୍ ମସ୍ତିଷ୍କକୁ ଏଇ ଦଣ୍ଡକିରୀ ମାନଙ୍କ କନକନିଆ ସୁନ ଫଟକା କି ଲଙ୍କାବାଣ ପରି ଶବ୍ଦରେ ପ୍ରଭାବିତ ହୋଇ ବିଚଳିତ କରନ୍ତି ନାହିଁ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବର୍ଣ୍ଣବୋଧରେ ପରା ଅଛି, ଅରଣା ମଇଁଷି ରହିଛି ଅନାଇଁ, ମଇଁଷିର ପାଶ ନ ଯାଅ ଦନେଇ । ତେଣୁ କାହା ସହ ଯୁକ୍ତି ନ କରି ନିଜକୁ ବା ନିଜ ମୁଣ୍ଡକୁ ନୁଆଁଇ ଦେଲେ ମନ ଅସ୍ଥିର ହୁଏନା । କାହାର କୁମନ୍ତବ୍ୟ, କୁଭାଷା, ଅସଙ୍ଗତ ଟିପ୍ପଣୀରେ ପ୍ରଭାବିତ ହୋଇ ନିଜର ମାନ ସମ୍ମାନ ଇଜ୍ଜତ ହରାଇବାକୁ ପ୍ରକୃତ ସାହିତ୍ୟିକ ଚାହେଁନା ।

ଆରେ ଝିଅ ମଲ୍ଲୀ ଫୁଲ ଯେଉଁଠି ଥିଲେ ବି ବାସ ଚହଟିବ । ଅମରୀ ଫୁଲ ଧରି ତାର ଯେତେ ପ୍ରଚାର ପ୍ରସାର କଲେ ସେଇ ଘୋଷଣାକୁ ଲୋକ ଆଦରିବେ, ହେଲେ ଏ ଅମରୀ ଫୁଲର ପ୍ରଶଂସା କେହି କରିବେ ନାହିଁ । ଜଣେ ଅକାଳ କୁଷ୍ମାଣ୍ଡ, ନାମଜାଦା ଲୋକଙ୍କୁ ଆଣି ଉତ୍ସବ କଲେ ଲୋକ ଗହଳି ବହୁତ ହେବ । ଲୋକ ଆସିବେ ନାମଜାଦା ଲୋକଙ୍କୁ ଦେଖିବାକୁ, ଶୁଣିବାକୁ ମାତ୍ର ଏ ଅକର୍ମାର କଣ କିଛି ଉନ୍ନତି ହୁଏ କି ?

ଜ୍ଞାନୀ, ମହତ, ବିଚାରବନ୍ତ ମଣିଷ କାହାର ପ୍ରଚାର, ଅପପ୍ରଚାର, ଧମକ କି ତୋଷାମଦରେ ପ୍ରଭାବିତ ହୁଅନ୍ତି ନାହିଁ । ସେମାନେ ହେଲେ ସ୍ଥିତପ୍ରଜ୍ଞ । କେବଳ ଅଜ୍ଞାନ, ଦୁର୍ବଳ ମସ୍ତିଷ୍କ, ବିକାରଗ୍ରସ୍ତ ବ୍ୟକ୍ତିର ମନ ଚହଲିଯାଏ । ସେମାନଙ୍କୁ ଜ୍ଞାନୀ ଦେଖି ହସନ୍ତି, କିନ୍ତୁ ଅଜ୍ଞାନ ଭାବେ ଏ ହସ ଏକ ଉଚ୍ଚ ପ୍ରଶଂସା କିନ୍ତୁ ଏହା ପ୍ରକୃତରେ ତାହା ନୁହଁ, ତାହା ହିଁ ବିଦ୍ରୁପ ତାକୁ କଣ ଜଣା ଥାଏ ?

ଆରେ ମାଆ, ଏଥର ତୁ ତୋ ବାପାଙ୍କୁ କଣ କହିବୁ, ଦୁର୍ବଳ ସାହିତ୍ୟିକ ନାଁ... ଅତି ଦୁର୍ବଳ ତାହା ତୋ ଉପରେ ନିର୍ଭର କରେ । ଏହା କହି ସାର୍ ହସିଦେଲେ । ତୁ ଏଥର ତ ବୁଝିପାରିଥିବୁ ତୋ ପ୍ରଶ୍ନର ଉତ୍ତର । ମୁଁ ପୁରୁଣାକାଳିଆ ଲୋକ, ମୋ ଜ୍ଞାନ ଯେତିକି, ସେତିକିକୁ ପାଥେୟ କରି ଉତ୍ତର ରଖିଲି । ତୋତେ ପସନ୍ଦ ଲାଗିଲେ ଗ୍ରହଣ କରିବୁ ।

ଅନନ୍ୟାର ମୁହଁ ଉଜ୍ଜ୍ୱଳ ହୋଇ ଉଠିଲା । ସାରଙ୍କୁ ବିନୟ ଭାବେ କହିଲା ସାର୍ ଆପଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମହାନ୍ । ସାହିତ୍ୟ ଓ ସାହିତ୍ୟିକ ସମ୍ବନ୍ଧରେ ଯେଉଁ ଜ୍ଞାନ ଦେଲେ ତାହା ମୋ ପାଇଁ ଉପାଦେୟ ନିଶ୍ଚୟ ହେବ । ସତରେ ମୁଁ ଆଜି ଜାଣିପାରିଲି ଜଣେ ସାହିତ୍ୟିକ ହେବା ପାଇଁ କ'ଣ କ'ଣ ଆବଶ୍ୟକ । ସାରଙ୍କୁ ଭୂମିଷ୍ଠ ପ୍ରଣାମ କରି ଏକ ଲୟରେ ଫେରି ଆସିଲା ଅନନ୍ୟା କେମିତି ସେ ଦେଖା କରି ତୁରନ୍ତ ଜଣାଇବ ତା ବାପାଙ୍କୁ ।

ଡ୍ରଇଂ ରୁମ୍ ରେ କ'ଣ ଲେଖି ପକାଉଥାନ୍ତି ନାରାୟଣ ବାବୁ । ଅନନ୍ୟା ଆଖି ଛଳ ଛଳ କରି କିଛି କହିବାକୁ ଚାହୁଁଥାଏ, ହେଲେ ତା ପାଟିରୁ କିଛି ବାହାରୁ ନ ଥାଏ । ନାରାୟଣ ବାବୁ କହିଲେ ଆରେ ମା, ଏ ଦୁର୍ବଳ ସାହିତ୍ୟିକକୁ କିଛି କହିବୁ କି ? ଏହା କହି ଝିଅର ମୁଣ୍ଡକୁ ନୁଆଇଁ ଆଣିଲେ ଛାତି ପାଖକୁ ଓ ପିଠିଟି ଆଉଁସି ଦେଲେ । ଭୋ ଭୋ ହୋଇ କାନ୍ଦି କହିଲା, ବାପା, ତୁମ ସାର୍ ତୁମକୁଏତେ ଭଲ ପାଆନ୍ତି ! ତୁମ ଉପରେ ଏତେ ବିଶ୍ୱାସ !

ନାରାୟଣ ବାବୁ କହିଲେ ହଁରେ ଝିଅ, କାରଣ ମୁଁ ପରା ଏକ ଦୁର୍ବଳ ସାହିତ୍ୟିକ ।

ଏହାପରେ ବାପ ଝିଅ ଦୁହେଁ ଫିଁ କିନା ହସି ଦେଲେ, ଯେମିତି ଅନନ୍ୟା ବାପାଙ୍କ ପ୍ରଶ୍ନରେ ଆଗରୁ ହସି ଦେଇଥିଲା ।

ଜମ୍ବିରା,କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଅଭଡ଼ା ମା'



ମଧୁସ୍ମିତା ମିଶ୍ର

ଆଜି ଏହି ବ୍ୟସ୍ତ ବହୁଳ ଜୀବନଚର୍ଯ୍ୟା ଭିତରେ ଯେତେବେଳେ ଶରୀର କ୍ଳାନ୍ତ ଏବଂ ମନ ଶାନ୍ତ ହୋଇଯାଏ, ମନେ ପଡେ ବହୁତ କିଛି, ବିଶେଷ କରି ଅତୀତର ମୁହୂର୍ତ୍ତମାନ ।

ଆଖି ବନ୍ଦ କଲେ ପ୍ରଥମେ ମନେପଡେ ପିଲାବେଳ, ଆଖି ପରଦାରେ ନାଚି ଉଠେ ଫ୍ରକ ପିନ୍ଧା ଝିଅଟିଏ । ନିଃଷ୍ଟୁପ ନିସ୍ତବ୍ଧ ଖରାବେଳେ, ଏକୁଟିଆ ଘରେ ଝରକା ରେଲିଂ ଦେଇ ବାହାରକୁ ଅନେଇ ବସିଥିବା ଝିଅଟି, ସେ ହେଲି ମୁଁ... ।

ମଧ୍ୟବିତ୍ତ ପରିବାର, ନନାବୋଉ ସରକାରୀ ଚାକିରିଆ ଆଉ ମୁଁ ତାଙ୍କ ଏକୋଇର ବଳା କନ୍ୟାରତ୍ନ, ବିଶିକେଶନ । ମୋ ଜୀବନ ତାଙ୍କ ଚତୁର୍ପାର୍ଶ୍ୱରେ ଘୁରିବୁଲୁଥିଲା । ବୁଦ୍ଧିଜୀବୀ ପିତାମାତାଙ୍କ ଦାୟାଦ ହିସାବରେ ମୋ ଉପରେ ଥିଲା ଗୁରୁ ଦାୟିତ୍ୱ, ଭଲ ମଣିଷ ଏବଂ ଉଚ୍ଚକୋଟୀର ବିଦ୍ୟାର୍ଥୀ ହେବାର ପ୍ରମାଣ ଦେବା । କିନ୍ତୁ ସହରର ରୁଟିନ ବନ୍ଧା ଜୀବନ, ଘର - ସ୍କୁଲ -ଘରର ଚକ୍ରବ୍ୟୂହ, ପିତାମାତା, ପ୍ରତିବେଶୀଙ୍କ ଦୁନିଆ ଭିତରେ ବି ମୁଁ ଥିଲି ଯେମିତି ଏକୁଟିଆ ପକ୍ଷୀଟିଏ । ଏସବୁ ମଧ୍ୟରେ ମୋ ପାଇଁ ଆଶ୍ୱାସନା ଥିଲା ମୋ ଲମ୍ବା ସ୍କୁଲଛୁଟି କାରଣ ମୋତେ ସୁଯୋଗ ମିଳୁଥିଲା ଗାଁକୁ ଯିବାକୁ । ଦଶହରା, ଧାନକଟା, ଖରାଦିନ ଛୁଟି ହେବା ମାତ୍ରେ ମୋ ଭିତରେ ଉନ୍ମାଦନାର ଲହଡି ମାଡିଆସୁଥିଲା । ପୁରୁଣା ଏବଂ ନୂଆ ସାଙ୍ଗମାନଙ୍କ ସହ ଧୂଳି ମାଟିରେ ଖେଳିବା ପାଇଁ ମୁଁ ଅପେକ୍ଷା କରି ରହୁଥିଲି ।

ଗାଁ 'ବରାଦ'-ସାଲେପୁରରୁ କିଛି ଦୂର.. ମୋ ନନାଙ୍କ ଗାଁ । ଆଜିବି ମନେପଡିଲେ ଆଖି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଛଳ ଛଳ ହୋଇ ଉଠେ । ମୋର ମନେ ପଡ଼ିଯାଏ ଛୋଟ ନାଳ ଉପରେ ନଡ଼ିଆ ଗଣ୍ଡିର ପୋଲ, ବିସ୍ତାର ଧାନ କ୍ଷେତ, ମାଛ ଗାଡ଼ିଆ ଓ ବୁଢା ବରଗଛ । ଜେଜେବାପା, ମା, କକେଇ, ପିଉସୀଙ୍କ ଭରପୁର ଚାଳ ମାଟି ପ୍ରସସ୍ଥ ଘର ।

ଏମାନଙ୍କ ଛଡା ଆଉ ଜଣେ ଅନ୍ତରଙ୍ଗ ମଣିଷ ମନେ ପଡୁଥିଲା, ସେ ଥିଲା ମୋ 'ଅଭଡ଼ା ମା' । ସେ ଥିଲା ମୋ ଜେଜେମାଙ୍କ ସାନ ଯା, କିନ୍ତୁ ମୋ ଅନ୍ତରଙ୍ଗ ବୁଢ଼ୀ ସାଙ୍ଗ । 'ସଙ୍ଗାତ', 'ମୈତ୍ର' ଭଳି ଆମେ ଦୁହେଁ ଜଗନ୍ନାଥଙ୍କ ଅଭଡ଼ା ଖିଆଖୁଇ ହୋଇ ସାଙ୍ଗ ହୋଇଥିଲୁ ବୋଧେ.. ମୋର ଆଜି କେବଳ ଏତିକି ମନେଅଛି ସେ ହୋଇଥିଲା ମୋ ଅଭଡ଼ା ମା । ଗାଁରେ ଅଧିକରୁ ଅଧିକ ସମୟ କଟୁଥିଲା ତା ଘରେ, କ୍ଷୀର ଗଇଁଠା, ସରୁ ଚକୁଳି ସହ ସେ ଶୁଣାଉଥିଲା ମୋତେ ଅନେକ ସତ ମିଛ ଗପ । ଏହା ବ୍ୟତୀତ ମୁଁ ଥିଲି ନିରବ ଶ୍ରୋତା ତା ଦୁଖୀ ଜୀବନ କାହାଣୀର । ବିଧବା ନାରୀଟିଏର ତେଲ ଲୁଣ ସଂସାର, ପିଲାମାନଙ୍କର ଅର୍ଥାଭାବ ଜନିତ କନ୍ଦଳ, ଅନ୍ତରଦାହ ସବୁ କିଛି ଶୁଣୁଥିଲି ଏବଂ ବୟସ ଅନୁପାତରେ ବୁଝିବାକୁ ଚେଷ୍ଟା କରୁଥିଲି । ଜାଣିଥିଲି ମୋ ହାତ ପାହାନ୍ତାରେ ନଥିଲା ତା ଦୟନୀୟ ଜୀବନ ପାଇଁ କିଛି ଜଡିବୁଟି କିନ୍ତୁ ସେ ବୋଧେ କାନ୍ଦିଦେଇ କି କହିଦେଇ ହାଲକା କରିଦେଉଥିଲା ମନର ବୋଝ । ଆଉ ମଧ୍ୟ ସେ ବୁଝି ଯାଉଥିଲା ମୋ ପିଲା ମନର କଥାଗୁଡ଼ିକ ।

ସେଥରକ ରଜଛୁଟିରେ ଯାଇଥିଲି, ମୋ ସପ୍ତମ ଜନ୍ମଦିନ ପାଳିଥିଲି ଜେଜେମା, ବାପାଙ୍କ ସାଙ୍ଗରେ । ଅଭଡ଼ା ମା ଡାକି ମୋତେ ଖିରି ପିଠା ଖୁଏଇଥିଲା, ଆଉ ସେଦିନ ମୋ ମୁହଁକୁ ଦେଖି କହିଥିଲା - କଣ ଛୋଟ ସାଙ୍ଗଟେ ଜୀବନକୁ ଆଣିବୁନି ?

ମୁଁ ଅବାକ ହେଇ ଅନେଇଥିଲି ତାକୁ, ସେ କେମିତି ଜାଣିଗଲା ମୋ ମନ କଥା ! ହଠାତ କହିଲା କି ମୋ ରାଶିନକ୍ଷତ୍ର କୁଆଡେ ବହୁତ ଟାଣ, ସେଥି ପାଇଁ ମୋ ଭାଇଭଉଣୀ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ହେଇନାହାନ୍ତି ! ମୁଁ ସେ ଜ୍ୟୋତିଷ ବିଦ୍ୟା ବୁଝି ନପାରିଲେବି ପଚାରିଥିଲି.. କଣ କଲେ ମୋ ଛୋଟ ସାଙ୍ଗ ଆସିବ ?

ସେଦିନ ଅଭଡ଼ା ମା ଦେଇଥିଲା ମୋତେ ଜୀବନର ବଡ ମନ୍ତ୍ର -'ଆଧ୍ୟାତ୍ମବାଦ' । ସେ ଭରିଥିଲା ମନରେ ବିଶ୍ୱାସ କି ମୁଁ ହିଁ ଈଶ୍ୱରଙ୍କ ଠାରୁ ମାଗିପାରିବି ଭାଇ/ଭଉଣୀଟିଏ । ଛୁଟି ସାରି ଫେରିଯାଇଥିଲି ନନାବୋଉଙ୍କ ପାଖକୁ.. ମନରେ ଏକ ଅଦ୍ଭୁତ ଚିନ୍ତାଶକ୍ତି ନେଇ । ପ୍ରତିଦିନ ହାତରେ ଦୀପଟିଏ ନେଇ ଚାଲିଥିଲି ପାଖରେ ଥିବା ଶିବ ମନ୍ଦିରକୁ, ଗୁହାରି ଥିଲା ଗୋଟିଏ ଏବଂ ଅଖଣ୍ଡ ବିଶ୍ୱାସ କି ଠାକୁର ଶୁଣିବେ.. । ନନାବୋଉ ବି ମୋ ଅବଧାରଣ ପାଖରେ ଆଶ୍ଚର୍ଯ୍ୟ ଜନିତ ଥିଲେ ।

ଅବିଶ୍ୱସନୀୟ ଭାବେ ମୋ ଗୁହାରି ପୁରା ହେଇଥିଲା, କୁନି ଗୁଲଗୁଲିଆ ଭଉଣୀଟିଏ ହୋଇଥିଲା.. ମୋ ଠୁ ୯ ବର୍ଷର ବ୍ୟବଧାନରେ । ମୋ ନିସଙ୍ଗତାକୁ ଯେମିତି ସାନ ଭଉଣୀର କାକଳି ଏବଂ କ୍ରନ୍ଦନ ଚିରି ଫାଡ଼ି ଫୋପାଡ଼ି ଦେଇଥିଲା… । ମୁଁ ଅଭଡ଼ା ମା ସାଙ୍ଗେ ତା \'ପର ବର୍ଷ ଦେଖା ହେଲାବେଳେ ସେ ହସି ଉଠି କହିଥିଲା, ମୁଁ କୁଆଡେ ଭୋଳାନାଥଙ୍କୁ ହଲେଇ ଦେଇଥିଲି ମୋ ପ୍ରାର୍ଥନାରେ ନଚେତ ବଡ ବଡ ଡାକ୍ତର କରିପାରି ନଥିବା କଥା କିପରି ସମ୍ଭବ ହୋଇଗଲା ଏତେ ଜଲଦି ! ମୋର ଏତେ ସବୁ କଥା ପରତେ ପଡୁନଥିଲା.. ମୁଁ ଅପେକ୍ଷାରେ ଥିଲି କେବେ ସାନ ଭଉଣୀ ବଡ ହେବ ଆଉ ମୋ ଜୀବନ୍ତ କଣ୍ଢେଇ ସାଜିବ ।

ଆଜି ଉପନୀତ ବୟସରେ ସେସବୁ ଭାବିଲେ, ମନଟା ଆକତା ମାକତା ହୋଇଯାଏ । ମୁଁ ଖେଳିବାକୁ ଅନେଇଥିବା ଛୋଟ ଝିଅଟି ବଡ ହୋଇଯାଏ ଆଉ ମୁଁ ତା ବଡଭଉଣୀ କମ ବରଂ ମା ସାଜିଯାଏ । ଅଭଡ଼ା ମା'ର କଥା କହିଲେ ସାନ ଭଉଣୀ ହସରେ ଉଡେଇ ଦିଏ । କିନ୍ତୁ ମୁଁ ଆଜି ବି ଭାବେ ପିଲା ମନର ନିଷ୍କପଟ ଶ୍ରଦ୍ଧାରେ ନିଶ୍ଚୟ ଏକ ଲୁକାୟିତ ଶକ୍ତି ଥିଲା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଜି ଯେବେ 'ଶ୍ରଦ୍ଧା' ଏବଂ 'ସବୁରୀ'ର କଥା ପଡେ ମୋତେ ଲାଗେ ସତରେ ଗୋଟେ ଅପାଠୋଇ ଗ୍ରାମୀଣ ମହିଳା କେତେ ସରଳ ଭାବେ ଗୋଟେ ପିଲା ମନରେ ଅଙ୍କୁରିତ କରିଦେଇଥିଲା ଆଧ୍ୟାତ୍ମିକ ଚେତନା । ଆଜି ନିଜେ ବୈଜ୍ଞାନିକ ହେଲେ ବି ମନରେ ବାସ କରିଥିଲା ବିଶ୍ୱାସ ସେହି ଅଦେଖା ଶକ୍ତି ପ୍ରତି ।

ଅଭଡ଼ା ମା କେବେଠୁ ଇହଧାମରୁ ଚାଲି ଗଲାଣି, କିନ୍ତୁ ସେ ଲଗେଇ ଦେଇଥିବା ଦୀପ ଶିଖାଟି ଆଜି ବି ମୋ ଜୀବନଚକ୍ରରେ ଦିଗ ଦେଖଉଚି ।

ଡ଼ଃ ମଧୁସ୍ମିତା ମିଶ୍ର

ଇମେଲ୍ : madhusmitaa@gmail.com

ଭ୍ରାମ୍ୟଭାଷ : ୯୫୯୦୯୪୭୮୪୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଭାତୀ ତାରା



ସୁଷମା ପରିଜା

ସକାଳୁ ସକାଳୁ ଅନିରୁଦ୍ଧ ପଟ୍ଟନାୟକଙ୍କୁ ଜଗନ୍ନାଥ ମନ୍ଦିରର ଗୋଟିଏ କୋଣରେ ଆଖି ବନ୍ଦକରି ବସିଥିବାର ଦେଖି ଚମକି ପଡିଲା ସୁରଭି । ସବୁଦିନ ସକାଳୁ ସେ ଏଇ ମନ୍ଦିର ଆସେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଦର୍ଶନ କରିବା ଲାଗି । ପଟ୍ଟନାୟକ ବାବୁଙ୍କୁ ସେ କେବେ ଏତେ ସକାଳୁ ଆସିବାର ଦେଖି ନାହିଁ ସେ । ପଟ୍ଟନାୟକ ବାବୁ ଏଇ ସିଡିଏ ନଅ ନମ୍ବର ସେକ୍ଟର୍‌ର ଜଣେ ଗଣମାନ୍ୟ ବ୍ୟକ୍ତି । ସେକ୍ଟରର ସବୁ ଉନ୍ନୟନ ମୂଳକ କାର୍ଯ୍ୟ ଓ ସଭା ସମିତିରେ ତାଙ୍କ ଉପସ୍ଥିତି ଦେଖିଛି ସୁରଭି । ତାଙ୍କରି ଘର ବାଟଦେଇ ସବୁଦିନେ ଏଇ ମନ୍ଦିରକୁ ଆସିଥାଏ ସେ । କଲୋନୀରେ ଗୋଟିଏ ମୁଣ୍ଡରେ ତାଙ୍କର ସୁଦୃଶ୍ୟ ଦ୍ୱିତଳ ପ୍ରାସାଦ ଆଉ ତା' ଆଗରେ ଥିବା ସୁନ୍ଦର ଫୁଲ ବଗିଚା ଯିଏ ଥରେ ଦେଖିବ ସହଜରେ ଆଖି ଫେରାଇ ନେଇ ପାରିବନି । ଅନେକ ଥର ସେପଟ ଦେଇ ଗଲାବେଳେ ସେଇ ଘରକୁ ଦେଖି ନିଜେ ବିମୋହିତ ହୋଇଛି ସୁରଭି । ଯେତେବେଳେ ଦେଖିବ ସେଇ ବଗିଚାରେ କିଛି ନା କିଛି କାମ କରୁଥିବେ ପଟ୍ଟନାୟକ ବାବୁ । ଭଳିକି ଭଳି ସୁନ୍ଦର ଗୋଲାପ ଫୁଲ ସହିତ ଋତୁ ଫୁଲମାନଙ୍କରେ ଭର୍ତ୍ତି ହୋଇ ରହିଥାଏ ସେ ବଗିଚାଟି । କିନ୍ତୁ କେବେ ବି କାହାରିକୁ ସେଇ ବଗିଚାରୁ ଫୁଲଟିଏ ତୋଳିବାର ଦେଖି ନଥିଲା ସେ ।

ଥରେ କୌତୁହଳ ବଶତଃ ମନ୍ଦିରର ପୂଜାରୀ ନନାଙ୍କୁ ପଚାରିଥିଲା ସୁରଭି, " ଏଇ ଆମ ପଟ୍ଟନାୟକ ବାବୁଙ୍କ ଘରେ କ'ଣ କେହି ରହନ୍ତିନି କି ନନା ?" ମୁହଁ ଶୁଖାଇ ନନା ଉତ୍ତର ଦେଇଥିଲେ, " କିଏ ଅଛିଯେ ରହିବ ? ତାଙ୍କ ସ୍ତ୍ରୀ ଚାଲିଯିବାର ବୋଧହୁଏ ବାର କି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତେରବର୍ଷ ହେବ, ଗୋଟିଏ ବୋଲି ପୁଅ ସେ ବି ଆମେରିକାରେ ଚାକିରୀ ବାକିରୀ କରି ତିନିବର୍ଷ ହେବ ରହିଲାଣି ସେଠି । ତାଙ୍କର ସ୍ତ୍ରୀ ଖୁବ ଭଲମଣିଷ ଥିଲେ ମାଆ ! ଦୁଃଖୀରଙ୍କିଙ୍କର ପେଟ ଚିହ୍ନୁଥିଲେ । ତମେ ସିନା ଏଇ କେତେ ବର୍ଷ ହେବ ଆସି ଏଇଠି ରହୁଛ, ମୁଁ ପରା ଦୀର୍ଘବର୍ଷ ହେଲାଣି ଏଇ ମନ୍ଦିର ଗଢାହେଲା ଦିନଠାରୁ ଏଠି ଅଛି, ଘରଘର କରି ସମସ୍ତଙ୍କୁ ଚିହ୍ନିଛି, ଜାଣିଛି । ସେ ବାବୁ ଖୁବ ଭଲ ପାଉଥିଲେ ତାଙ୍କ ସ୍ତ୍ରୀଙ୍କୁ । ତାଙ୍କର ଫୁଲରେ ଶରଧା ଥିଲା ବୋଲି ଘର ଆଗରେ ମାଳୀଟିଏ ରଖି ସେଇ ସୁନ୍ଦର ଫୁଲବଗିଚାଟି କରାଇ ଥିଲେ । ସେ ମାଆ ଜଣକ ତମରି ଭଳି ସବୁଦିନ ସକାଳେ ଆସୁଥିଲେ ପ୍ରଭୁଙ୍କୁ ଦର୍ଶନ କରିବା ଲାଗି, ଡାଲାରେ ଡାଲାଏ ଲେଖାଏଁ ସେଇ ବଗିଚାରୁ ସଜ ଫୁଲ ଆଣୁଥିଲେ ଠାକୁରଙ୍କୁ ସଜାଇବା ପାଇଁ । ହଠାତ ଦିନେ ରାତିରେ ହୃଦ୍‌ଘାତ ହେଲା ତାଙ୍କର, ମେଡିକାଲ ନେବା ଭିତରେ କାଳ ହୋଇଗଲା ତାଙ୍କର । ପୁଅଟି ସ୍କୁଲ୍‌ରେ ପଢୁଥାଏ ସେତେବେଳେ, ଯେଉଁ କଷ୍ଟରେ ପଟ୍ଟନାୟକ ବାବୁ ପାଳିଛନ୍ତି ସେଇ ପିଲାକୁ ତମେ କଳ୍ପନା କରି ପାରିବନି ମାଆ । ଛାତିରେ ପଥର ରଖି ନିଜେ ଛୁଆର ସବୁ କାମ କରୁଥିଲେ । ଘରେ ପାର୍ଟଟାଇମ୍ କାମବାଲୀଟିଏ ଆସି ବାସନ ମଜା, ଲୁଗାସଫା, ରନ୍ଧାବଢା କରି ଦେଇ ଯାଉଥିଲା । ବାକି ସବୁକାମ ନିଜ ହାତରେ କରୁଥିଲେ ପଟ୍ଟନାୟକ ବାବୁ । କଲେକ୍ଟରଙ୍କ ଅଫିସରେ ଚାକିରୀ, ପୁଅର ଖାଇବା ପିଇବା, ପାଠପଢା ଇତ୍ୟାଦି ନିଜେ ବୁଝାବୁଝି କରି ସବୁ କରୁଥିଲେ । ସବୁ କାମ ଭିତରେ ବି ତାଙ୍କ ସ୍ତ୍ରୀଙ୍କର ପ୍ରିୟ ଫୁଲବଗିଚା କଥା ଭୁଲି ନଥିଲେ ସେ । ସବୁ ଗଛପତ୍ରର ନିଜେ ଯତ୍ନ ନେଉଥିଲେ, ସେମିତି ଭଳିକି ଭଳି ସୁନ୍ଦର ଗୋଲାପ ଫୁଲ ସହିତ ଅନ୍ୟାନ୍ୟ ଫୁଲ ଫୁଟୁଥିଲା ହେଲେ ସେ ସେଥିରୁ ଗୋଟିଏ ହେଲେ ବି ତୋଳି ନଥିଲେ । ସେଇ ଫୁଟିଥିବା ଫୁଲମାନଙ୍କୁ ନିର୍ନିମେଷ ନୟନରେ ଚାହିଁ ବସି ରହୁଥିଲେ ବଗିଚାରେ ତିଆରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହୋଇଥିବା ସେଇ ସିମେଣ୍ଟ ବେଞ୍ଚଟିରେ, ଯେଉଁଠି ତାଙ୍କର ସ୍ତ୍ରୀଙ୍କ ସହିତ ସେ ଆଗରୁ ବସି ରହୁଥିଲେ ଘଣ୍ଟାଘଣ୍ଟା ଧରି । ଯାହା ଯେମିତି ଚାଲିଥିଲା, ତାଙ୍କ ରିଟାୟାରମେଣ୍ଟ ପରେପରେ ପୁଅଟି ଚାଲିଗଲା ଇଞ୍ଜିନିୟରିଂ ପଢିବା ପାଇଁ ରାଉରକେଲା, ସେଇଠୁ ସଂପୂର୍ଣ୍ଣ ଭାବେ ଏକୁଟିଆ ହୋଇଗଲେ ସେ । ଧୀରେ ଧୀରେ କଲୋନୀର ସବୁ ଉନ୍ନୟନ ମୂଳକ କାର୍ଯ୍ୟରେ ସବୁବେଳେ ଲିପ୍ତ ରହିଲେ ପଟ୍ଟନାୟକ ବାବୁ । ଚାରିବର୍ଷର ଇଞ୍ଜିନିୟରିଂ ପଢା ପରେ କ୍ୟାମ୍ପସ୍ ସିଲେକ୍ସନ୍ ରେ ଚାକିରୀ ପାଇ ତାଙ୍କ ପୁଅ ସନତ ଚାଲିଗଲା ବେଙ୍ଗାଲୁରୁ ।

ଯେଉଁଦିନ ବେଙ୍ଗାଲୁରୁରେ ଚାକିରୀ ପାଇବା କଥା ଜଣାଇଥିଲା ସନତ୍, ସେଦିନ ଖୁସିରେ କାନ୍ଦି ପକେଇଥିଲେ ପଟ୍ଟନାୟକ ବାବୁ । ମୋ ପୁଅ ସନତ ଚାକିରୀ ପାଇ ଯାଇଛି କହି ଏଇ ମନ୍ଦିରରେ ପାଆଁଶ ଟଙ୍କାର ଲଡ୍ଡୁ ଭୋଗ କରି କଲୋନୀରେ ବାଣ୍ଟିଥିଲେ । ମତେ ଶହେ ଟଙ୍କା ଦକ୍ଷିଣା ଦେଇ କହିଥିଲେ, "ବୁଝିଲ ନନା ! ଚାରୁ ଗଲାପରେ ମୁଁ ଭାବି ନଥିଲି ଯେ ଏକୁଟିଆ ଏଇ ପୁଅଟିକୁ ପାଳିପୋଷି, ତା'ର ଯତ୍ନ ନେଇ, ତାକୁ ଏତୁଟିରୁ ଏତୁଟିଏ କରିପାରିବି, ସବୁଦିନେ ରାତିରେ ଶୋଇବା ବେଳେ ଚାରୁଙ୍କୁ କ୍ଷମା ମାଗେ, ଯଦି ତମ ପୁଅକୁ କିଛି ଅଣହେଳା କରିଥିବି ମତେ କ୍ଷମା କରିଦେବ । ଆଜି ସେ ମଣିଷ ହୋଇ ତା'ର ନିଜ ଗୋଡରେ ନିଜେ ଛିଡା ହୋଇଛି, ମୋର ଦାୟିତ୍ୱ ସରିଛି, ଖାଲି ତା'କୁ ହାତକୁ ଦି ହାତ କରିଦେଲେ ମୋ କାମ ଶେଷ । ତେଣିକି ତାଙ୍କ ସଂସାର ସିଏ ବୁଝିବେ, ମୋର ଜଗନ୍ନାଥ ଭରସା ।" ବୟସ ମଧ୍ୟ ବଢି ଚାଲିଥିଲା, ତାଙ୍କର ଏକୁଟିଆପଣ ତାଙ୍କୁ ଖାଇ ଗୋଡାଉଥିଲା କି କ'ଣ କେଜାଣି ? ସେ ବେଶୀ ସମୟ ମନ୍ଦିର କାମ, କଲୋନୀର ଉନ୍ନତି ପାଇଁ ସଭାସମିତିରେ କାଟିବାରେ ଲାଗିଥିଲେ । ଚାକିରୀ କରିବାର ବର୍ଷଟିଏ ପରେ ସନତକୁ ତା'ର କମ୍ପାନୀ ପକ୍ଷରୁ ବିଦେଶରେ କାମ କରିବା ଲାଗି ସୁଯୋଗ ମିଳିଥିଲା । ତା'ର ଭଲକାମ ଦେଖି

 Magazine Downloaded from www.aahwaan.com

କମ୍ପାନୀ ତା'କୁ ଆମେରିକା ପଠାଇ ଦେଇଥିଲେ । ଖବର ପାଇ ଖୁବ୍ ବ୍ୟତିବ୍ୟସ୍ତ ହୋଇ ପଡିଥିଲେ ପଟ୍ଟନାୟକ ବାବୁ । ଛୋଟ ପିଲାଟା ବିଦେଶରେ ଏକୁଟିଆ କେମିତି ରହିବ, କେମିତି ଚଳିବ, ଏଇ ଚିନ୍ତାରେ ସବୁବେଳେ ସେ ମନେ ମନେ ଘାରି ହେଉଥିଲେ । ପ୍ରଥମେ ପ୍ରଥମେ ସନତ୍ ବାପାଙ୍କ ପାଖକୁ ପ୍ରାୟ ସବୁଦିନେ ଫୋନକରି ସେ ଭଲଅଛି, ତା' ପାଇଁ କୌଣସି ଚିନ୍ତା କରିବାର ନାହିଁ, ବରଂ ସେ ନିଜର ଯତ୍ନ ନିଅନ୍ତୁ ବୋଲି କହୁଥିଲା, କିନ୍ତୁ ସମୟ ଗଡିବା ସହିତ ସେଇ ଫୋନ୍ ଆସିବାର ବ୍ୟବଧାନ ବଢି ଯାଇଥିଲା ।

ସବୁଦିନ ରାତି ଅନିଦ୍ରା ରହି ପୁଅର ଫୋନ୍‌କୁ ଅପେକ୍ଷା କରି ରହୁଥିଲେ ପଟ୍ଟନାୟକ ବାବୁ । ଧୀରେଧୀରେ ତାଙ୍କର ଶରୀର ଦୁର୍ବଳ ହେବାରେ ଲାଗିଥିଲା, ଏଇ ସମୟରେ ପୁଅ ଦିନେ ଫୋନକରି ଜଣାଇଦେଲା ଯେ ସିଏ ସେଠାରେ ତା'ର ଜଣେ ସହକର୍ମୀକୁ ରେଜିଷ୍ଟ୍ରି ମ୍ୟାରେଜ କରିଛି ଏବଂ ତାଙ୍କର ଆଶୀର୍ବାଦ ନେବାପାଇଁ ସେମାନେ ସୁବିଧା ସୁଯୋଗ ଦେଖି କେବେ ଇଣ୍ଡିଆ ଆସିବେ । ସେଦିନ ସ୍ତବ୍ଧ ହୋଇ ଯାଇଥିଲେ ପଟ୍ଟନାୟକ ବାବୁ । ଶରୀର ତ ଦୁର୍ବଳ ଥିଲା କିନ୍ତୁ ମନର ବଳରେ ସେ ମାଡି ଚାଲିଥିଲେ, ହେଲେ ସନତର ବାହାଘର କଥା ଶୁଣି ତାଙ୍କର ହୃଦୟ ଭାଙ୍ଗିଗଲା । ତାଙ୍କୁ ଚାରିଦିଗ ଶୂନ୍ୟ ଦିଶୁଥିଲା, ମନରେ ଆଶଙ୍କା ହେଉଥିଲା ଯଦି ପତ୍ନୀର ମୋହରେ ସନତ୍ ଆମେରିକାରେ ସବୁଦିନ ପାଇଁ ରହିଯାଏ, ତେବେ ତାଙ୍କର କ'ଣ ହେବ ? ତାଙ୍କ ମଲା ମୁହଁରେ ନିଆଁ ଟିକିଏ ଦେବାକୁ ଏ ସଂସାରରେ କେହି ନାହିଁ । ତିରିଶି ବର୍ଷ ତଳେ କଟକରେ ଜାଗା କିଣି ଘରକଲା ବେଳେ ସେ ଗାଁରେ ଥିବା ପୈତୃକ ସମ୍ପତ୍ତି ବିକ୍ରି କରିବା ସହିତ ଗାଁ ସହ ସବୁ ସଂପର୍କ ତୁଟେଇ ଦେଇଥିଲେ । ନିଜର ଚାକିରୀ, ନିଜର ସ୍ତ୍ରୀ, ନିଜର ପୁଅ, ନିଜର ଘରଦ୍ୱାର କଥା ଚିନ୍ତା କରିକରି ଚାକିରୀ ସରିଗଲା ପରେ ଏଇ ଘରେ ବାନ୍ଧିହୋଇ ରହି ଯାଇଛନ୍ତି, ଏବେ ସେ କ'ଣ କରିବେ ? କେମିତି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାଟିବେ ତାଙ୍କ ବଳକା ଜୀବନ ? କିଏ ତାଙ୍କର ସାହା ଭରସା ହେବ ? ଏମିତି ଅନେକ ଚିନ୍ତା କରିକରି ରୋଗାକ୍ରାନ୍ତ ହୋଇ ପଡିଥିଲେ ସେ । ଏବେ ସବୁବେଳେ ଚୁପ୍‌ଚାପ୍ ରୁହନ୍ତି ସେ, କେହି କିଛି ପଚାରିଲେ ମନ ହେଲେ ଉତ୍ତର ଦିଅନ୍ତି ନହେଲେ ନାହିଁ, ସେମିତି ଚୁପ୍ ହୋଇ ଘରେ ବସିଥାନ୍ତି ।”

ସେଦିନ ପୂଜାରୀନନାଙ୍କ କଥା ଶୁଣି ଖୁବ୍ ଦୁଃଖିତ ହୋଇଥିଲା ସୁରଭି । ପଟ୍ଟନାୟକ ବାବୁଙ୍କ ଲାଗି ତା’ର ମନରେ କେମିତି ଗୋଟେ ଦୟାର ଭାବ ଉଦ୍ରେକ ହୋଇଥିଲା । ତା’ର ନିଜର ବାପାମାଆଙ୍କୁ ଖୁବ୍ ଛୋଟ ବେଳୁ ହରାଇ ସେ ମାମୁଁ ଘରେ ମାଇଁଙ୍କ ପାଖରେ ବଢିଥିଲା । ବାହାଘର ପରେ ଶାଶୁଘରକୁ ଆସିଲା ବେଳକୁ ଶଶୁର ନ ଥିଲେ, ଦୁଇଟା ବର୍ଷରେ ଶାଶୁ ଚାଲିଗଲେ । ବାହାଘରର ସାତ ବର୍ଷ ପରେ ବି ତା’ର କୋଳ ଖାଲିଥିଲା । ସ୍ୱାମୀ ବୈଜୟନ୍ତଙ୍କର ଅମାପ ସ୍ନେହ ସତ୍ତ୍ୱେ ମଧ୍ୟ ତା’ର ମନ ସନ୍ତାନଟିଏ ପାଇଁ ବ୍ୟାକୁଳ ହେଉଥିଲା । ସେଇ ମନାସ କରି ସବୁଦିନ ସେ ଜଗନ୍ନାଥ ମନ୍ଦିରକୁ ଆସୁଥିଲା । ସେଠି ପ୍ରାୟତଃ ପଟ୍ଟନାୟକ ବାବୁଙ୍କ ସହିତ ଦେଖା ହେଉଥିଲା । ତାଙ୍କୁ ନମସ୍କାରଟିଏ କରି ଆଗେଇ ଯାଉଥିଲା ସୁରଭି । ପଟ୍ଟନାୟକ ବାବୁଙ୍କୁ ଦେଖିଲେ ତା’କୁ ଲାଗୁଥିଲା ସେ ତା’ର କେହି ଆପଣାର ଲୋକ ବୋଲି । ମନରେ ସ୍ୱତଃ ଭକ୍ତି ଆସୁଥିଲା, ତା’ର ଖୁବ୍ ଇଚ୍ଛା ହେଉଥିଲା ସେ ତାଙ୍କର ସେବା ଶୁଶ୍ରୁଷା କରନ୍ତା, ତାଙ୍କର ଦୁଃଖସୁଖ ବାଣ୍ଟନ୍ତା । କିନ୍ତୁ ମୁହଁଖୋଲି କିଛି କହିପାରୁ ନଥିଲା କାଳେ ସେ ଖରାପ ଭାବିବେ ବୋଲି । ଆଜି ତାଙ୍କୁ ମନରେ ଏମିତି ଭାବରେ ବସିଥିବାର ଦେଖି ମନଟା ସମ୍ଭାଳି ହେଲାନି ସୁରଭିର । ତାଙ୍କର ପାଖକୁ ଯାଇ ଡାକିଲା, “ମଉସା ! ଏତେ ସକାଳୁ ଏଠି ଏମିତି କାହିଁକି ବସି ରହିଛନ୍ତି ?” କୌଣସି ଉତ୍ତର ନପାଇ ତାଙ୍କ ବାହୁକୁ ଧରି ହଲାଇ ଦେବାରୁ ତଳକୁ ଗଡି ପଡିଲେ ସେ । ଛାନିଆଁ ହୋଇ

 Magazine Downloaded from www.aahwaan.com

ଡାକ ପକେଇଲା ସୁରଭି, "ନନା ! ନନା ! ଧାଇଁ ଆସ, ମଉସା ଏଠି ପଡିଗଲେ ।" ସୁରଭିର ଚିତ୍କାର ଶୁଣି ମନ୍ଦିର ବେଢା ଭିତରେ ଥିବା ନିଜର ବସାଘରୁ ଧାଇଁ ଆସିଲେ ନନା । ଦୁହେଁ ମିଶି ଟେକିନେଇ ମନ୍ଦିରର ନାଟମଣ୍ଡପ ଉପରେ ଶୁଆଇ ଦେଇ ମୁହଁରେ ପାଣି ଛାଟି ଚେତା ଫେରାଇବା ଲାଗି ଚେଷ୍ଟା କରୁକରୁ କଲୋନୀର ଅନେକ ଲୋକ ଜମା ହୋଇଗଲେ ସେଠାରେ ।

ପଟ୍ଟନାୟକ ବାବୁଙ୍କ ଦେହରେ ଭୀଷଣ ତାତି, ଥରଥର ହୋଇ ସାରା ଶରୀର କମ୍ପୁଥାଏ । ଦେଖଣାହାରୀଙ୍କ ଭିତରେ ଥିଲେ ଜଣେ ଡାକ୍ତର । ସେ ଆଗେଇ ଆସି ପରୀକ୍ଷା କଲେ ପଟ୍ଟନାୟକ ବାବୁଙ୍କୁ । କହିଲେ  କିଛି ଗୋଟିଏ ମାନସିକ ଆଘାତରେ ପଟ୍ଟନାୟକ ବାବୁଙ୍କର ହୃଦଘାତ ହୋଇଛି, ସାଙ୍ଗେ ସାଙ୍ଗେ ମେଡିକାଲ ନେବାକୁ ହେବ ।" ଆସନ୍ତୁ ମୋ ସାଥିରେ,  ଏଇ ପାଖରେ ଥିବା ନର୍ସିଂହୋମ୍‌କୁ ନେଇଯିବା । କିଛିଲୋକଙ୍କ ସହାୟତାରେ ତତ୍‌କ୍ଷଣାତ୍ ନିଆଗଲା ତାଙ୍କୁ ନର୍ସିଂହୋମ୍‌କୁ । ସେମାନଙ୍କ ସହିତ ସୁରଭି ମଧ୍ୟ ଗଲା । ଡାକ୍ତର ଜଣକ ସାଙ୍ଗରେ ଥିବାରୁ ନର୍ସିଂହୋମର ଷ୍ଟାଫମାନେ ତୁରନ୍ତ ଚିକିତ୍ସା ଆରମ୍ଭ କରିଦେଲେ ପଟ୍ଟନାୟକ ବାବୁଙ୍କର । କଲୋନୀର କିଛି ଯୁବକ ମଧ୍ୟ ପହଞ୍ଚି ଯାଇଥିଲେ ସେଠାରେ,  ସୁରଭି ସହିତ ସେମାନେ ବି ଜଗି ରହିଥାନ୍ତି ପଟ୍ଟନାୟକ ବାବୁଙ୍କୁ । କଲୋନୀର ବୟସ୍କ ଲୋକମାନେ ସାହସ ଦେଉଥାନ୍ତି, "କିଛି ଚିନ୍ତା ନକରି ପଟ୍ଟନାୟକ ବାବୁଙ୍କ ଚିକିତ୍ସା ଜାରି ରଖ, ଯାହା ଖର୍ଚ୍ଚ ହେବ ଆମେ ସମସ୍ତେ ମିଶି କରିବା, ତାଙ୍କର କେହି ନଥିଲେ କ'ଣ ହେଲା,  ସେ ଆମର ନିଜ ଲୋକ, ଆମରି ଭିତରୁ ଜଣେ,  ଆମେ ସମସ୍ତେ ମିଳିମିଶି ତାଙ୍କର ସେବା ଶୁଶ୍ରୁଷାରେ ଲାଗିବା, ତାଙ୍କର କିଛି ହେବନି,  ଆମେ ତାଙ୍କୁ ଏଠୁ ସୁସ୍ଥ କରିନେଇ ତାଙ୍କ ଘରେ ଛାଡିବା ।" ସମସ୍ତେ ମିଶି ପଟ୍ଟନାୟକ ବାବୁଙ୍କ ଆରୋଗ୍ୟ କାମନା କରି ପ୍ରାର୍ଥନା

Magazine Downloaded from www.aahwaan.com

କରୁଥାଆନ୍ତି । ସମସ୍ତଙ୍କ ପ୍ରାର୍ଥନା ବୋଧହୁଏ ଜଗନ୍ନାଥ ମହାପ୍ରଭୁ ଶୁଣିଲେ । ସନ୍ଧ୍ୟା ସୁଦ୍ଧା ପଟ୍ଟନାୟକ ବାବୁଙ୍କ ଚେତା ଫେରିଲା,  ଧୀରେଧୀରେ ଆଖି ଖୋଲି ଚାହିଁଲେ ସେ । ମୁଁ କୋଉଠି ବୋଲି ଧୀରସ୍ୱରରେ ପଚାରିଲେ ସେ । ତାଙ୍କ ପାଦତଳେ ବସି ରହିଥିଲା ସୁରଭି, ତାଙ୍କୁ ଆଖିଖୋଲିବାର ଦେଖି ଭାବବିହ୍ୱଳ ହୋଇ, “ମୋ ବାପା” ବୋଲି ଡାକି ବହେ ଆଉଁସି ଦେଇ ଛାତିରେ ଲୋଟି ପଡିଲା ତାଙ୍କର ।

ଅବୁଝା ଆଖିରେ ଚାହିଁ ରହିଥିଲେ ପଟ୍ଟନାୟକ ବାବୁ । ସୁରଭି ସହିତ ଥିବା ଯୁବକମାନେ ତାଙ୍କ ପାଖକୁ ଆସି ସବୁ ଘଟଣା କହିଥିଲେ, କେମିତି ସୁରଭିଅପା ମନ୍ଦିରରେ ତାଙ୍କୁ ବେହୋସ ଅବସ୍ଥାରେ ଦେଖି ନନା ଆଉ କଲୋନୀର ଅନ୍ୟ ଲୋକମାନଙ୍କ ସାହାଯ୍ୟ ନେଇ ଏଇ ନର୍ସିଂହୋମ୍‌କୁ ଆଣି ଚିକିତ୍ସା କରାଇ ଥିଲେ ଏବଂ ସୁରଭି ଅପା ନିଜର ଝିଅ ଭଳିଆ ତାଙ୍କର ପାଖେ ପାଖେ ରହିଛନ୍ତି ସେଇ ସମୟଠାରୁ । ଗଭୀର କୃତଜ୍ଞତାରେ ଭାରି ହୋଇ ଯାଉଥିଲା ପଟ୍ଟନାୟକ ବାବୁଙ୍କ କଣ୍ଠସ୍ୱର । ଧାର ଧାର ହୋଇ ଲୁହ ଗଡି ପଡୁଥିଲା ପଟ୍ଟନାୟକ ବାବୁଙ୍କ ଆଖିରୁ, ସେ ଥରଥର କଣ୍ଠରେ କହିଉଠିଲେ, “ମା !”  ପୁଣି ତାଙ୍କର ଆଖିପତା ମୁଦି ହୋଇଗଲା । ପାଖରେ ଥିବା ନର୍ସ ଡାକି ଆଣିଲେ ଡାକ୍ତରଙ୍କୁ । ସେ ତାଙ୍କୁ ଇଞ୍ଜେକସନ୍‌ଟିଏ ଦେବାପରେ ସୁରଭିକୁ ଡାକି କହିଗଲେ, ପେସେଣ୍ଟ୍‌କୁ ଯଥା ସମ୍ଭବ ଚିନ୍ତାମୁକ୍ତ କରି ରଖନ୍ତୁ,  କୌଣସି ପ୍ରକାର ଷ୍ଟ୍ରେସ୍ ତାଙ୍କ ପାଇଁ ପ୍ରାଣଘାତକ ହୋଇପାରେ । କ’ଣ କରିବ ବୋଲି ଚିନ୍ତାରେ ପଡିଲା ସୁରଭି । ପଟ୍ଟନାୟକ ବାବୁଙ୍କ ବର୍ତ୍ତମାନର ଚିନ୍ତାର କାରଣ ସିନା ସେ ଜାଣିଲେ ତା’ର ପ୍ରତିକାର କ’ଣ କରିବ, ହେଲେ ସେ କେମିତି ପଚାରିବ ତାଙ୍କୁ ? କ’ଣ ଭାବିବେ ସେ ? ଏମିତି ଚିନ୍ତା କରିକରି ସେ ବ୍ୟତିବ୍ୟସ୍ତ ହୋଇ ପଡୁଥିଲା, ସେଇ ସମୟରେ ସେଠାରେ ପହଞ୍ଚିଲେ ବୈଜୟନ୍ତ । ସକାଳେ ତାଙ୍କୁ ସବୁ ଘଟଣା ଫୋନ୍ କରି ଜଣାଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦେଇଥିଲା ସୁରଭି । ପଟ୍ଟନାୟକ ବାବୁଙ୍କ ପାଇଁ ସୁରଭିର ଆତ୍ମୀୟତା ବେଶ ଜଣାଥିଲା ତାଙ୍କୁ । ବୈଜୟନ୍ତଙ୍କର ମଧ୍ୟ ପଟ୍ଟନାୟକ ବାବୁଙ୍କ ଦୁଃଖର କଥା ଶୁଣି ତାଙ୍କ ପ୍ରତି ସମବେଦନା ବଢିଥିଲା । ଘଟଣାଟି ଘଟିବା ବେଳକୁ ତାଙ୍କର ଅଫିସ୍ ବେଳ ହୋଇ ଯାଇଥିବାରୁ ସୁରଭିକୁ ଯାହା କରିବାର ଦରକାର ଅଛି କର ବୋଲି ଅନୁମତି ଦେଇଥିଲେ ବୈଜୟନ୍ତ । ଏବେ ଅଫିସରୁ ଫେରି ସିଧା ନର୍ସିଂହୋମ୍‌କୁ ଆସିଛନ୍ତି ସେ । ସୁରଭି ସହିତ ସେ ଆଜିରାତିରେ ପଟ୍ଟନାୟକ ବାବୁଙ୍କୁ ନର୍ସିଂହୋମରେ ଜଗି ରହିବେ ବୋଲି କହି ସେଠାରେ ଥିବା କଲୋନୀର ଯୁବକ ମାନଙ୍କୁ ଘରକୁ ପଠାଇ ଦେଇଥିଲେ ସେ । ସାରା ରାତି ସେମିତି ତାଙ୍କର ବେଡ୍‌ପାଖରେ ଜଗି ବସିଥିଲେ ସ୍ୱାମୀସ୍ତ୍ରୀ ଦୁହେଁ । ସକାଳେ ନିଦ ଭାଙ୍ଗିଲା ପଟ୍ଟନାୟକ ବାବୁଙ୍କର । ସୁରଭି ସହିତ ତା'ର ସ୍ୱାମୀଙ୍କୁ ଦେଖି ସେ ବୁଝିଗଲେ ଯେ ରାତିସାରା ଅନିଦ୍ରା ରହି ଦୁଇଜଣଯାକ ତାଙ୍କୁ ଜଗି ବସିଛନ୍ତି । କୃତଜ୍ଞତାରେ ମୁଣ୍ଡ ନଇଁ ଯାଇଥିଲା ତାଙ୍କର । ସେ ଭୋଭୋ ହୋଇ ପିଲାଙ୍କ ଭଳି କାନ୍ଦି ଉଠିଲେ । ସୁରଭିକୁ ଚାହିଁ କହିଲେ, "ମାଆରେ ! ତୁ ଆର ଜନ୍ମରେ ମୋର ମାଆ ଥିଲୁ ନିଶ୍ଚୟ, ନ ହେଲେ ପରଲୋକଟିଏ ପାଇଁ ଏତେ କିଏ କରେ ? ଆଜିକାଲି ନିଜର ଜନ୍ମ କଲା ପୁଅ ତ ବାପକୁ ପଚାରୁନି, ଆଉ ପରପାଇଁ ? ତୁ ମତେ ଋଣୀ କରିଦେଲୁରେ ମାଆ ! କେମିତି ଏ ଜୀବନରେ ତୋର ଋଣ ଶୁଝିବି ?" ତାଙ୍କର ଦୁଇ ହାତକୁ ଧରି ପକାଇଲା ସୁରଭି, କହିଲା, "ଛି, ଛି, ଇଏ କି କଥା କହୁଛନ୍ତି ବାପା ! ମୁଁ କ'ଣ ଆପଣଙ୍କ ଝିଅ ନୁହେଁ ? ପିଲାଟି ଦିନରୁ ବାପକୁ ହରାଇଛି ମୁଁ, ଏଠିକି ଆସି ରହିବାପରେ ଆପଣଙ୍କୁ ଦେଖି ସବୁବେଳେ ଆପଣଙ୍କ ଭିତରେ ମୋ ବାପାଙ୍କୁ ଦେଖିଛି, ଆପଣଙ୍କୁ ନିଜର ବାପାବୋଲି ଭାବିଛି, ସେଇ ସ୍ନେହ, ସେଇ ଅଧିକାର ନେଇ ମୋର କର୍ତ୍ତବ୍ୟ ମୁଁ କରିଛି ।" ଆହୁରି ଜୋରରେ କାନ୍ଦି ଉଠିଲେ ପଟ୍ଟନାୟକ ବାବୁ । କହିଲେ,

Magazine Downloaded from www.aahwaan.com

"ମାଆରେ ! କହିଲା ବେଳକୁ ଲାଜ ଲାଗୁଛି, ମୋ ସ୍ତ୍ରୀ ଚାରୁଲତା ଅଧା ବୟସରେ ଚାଲିଗଲା, ମତେ ଆଉ ମୋର ସାନ ପୁଅଟିକୁ ସଂସାରରେ ଏକୁଟିଆ ଛାଡି ଦେଇ । ସେଇ ପୁଅଟିକୁ ମାଆ ବାପ ଦୁଇଜଣଙ୍କ ସ୍ନେହ ଦେଇ ନିଜ ଲୁହକୁ ନିଜେ ପିଇ ମଣିଷ ଭଳିଆ ମଣିଷଟିଏ କରିବାରେ ସାରା ଜୀବନ ବିତିଗଲା ମୋର । ପାଠପଢି ବଡ କମ୍ପାନୀରେ ଚାକିରୀ ପାଇ ବିଦେଶ ଚାଲିଗଲା ସିଏ । ଆଖିରେ ଦେଖିଥିବା ଏ ବୁଢା ବାପଟାର ସବୁ ଦୁଃଖ, ସବୁକଷ୍ଟ ପାଶୋରି ଦେଲା ବିଦେଶିନୀ ସ୍ତ୍ରୀଟିଏ ପାଇଗଲା ପରେ । ମୋର ତା' ଛଡା କିଏ ବା ଅଛି ଏଇ ସଂସାରରେ ? ସେ ଥରଟିଏ ବି ଭାବିଲାନି ମୋ କଥା, ତା ବିନା ଏଠି କେମିତି, କେତେ କଷ୍ଟରେ ଜୀବନ ବିତାଉଛି ମୁଁ ସେ କଥା ତ ଚିନ୍ତା କଲାନାହିଁ,  ଏବେ ମତେ କହୁଛି ଏଠାର ଘରଦ୍ୱାର ବିକ୍ରି କରି ଦେଇ ଆମେରିକା ଯାଇ ତା' ପାଖରେ ରହିବା ପାଇଁ । ମୁଁ ମନା କଲାରୁ କହୁଛି କ'ଣ ନା ତା'ର ଆଉ ଇଣ୍ଡିଆକୁ ଫେରିବାର ନାହିଁ,  ତେଣୁ ଏଠାରେ ଏଇ ପ୍ରପର୍ଟି ରଖି ଲାଭ କ'ଣ ?  ବରଂ ଯାକୁ ବିକ୍ରି କରି ଆମେରିକାରେ ନିଜର ପ୍ରପର୍ଟି କିଣି ସେଇଠି ସେଟେଲ୍ ହୋଇଯିବା ବୁଦ୍ଧିମାନର କାମ । ତାଛଡା ମୁଁ ଏଠି ରହିଲେ ମୋର ଦେହ ମୁଣ୍ଡ ଦେଖିବ କିଏ ? ସେ ଏଠିକାର କୋଉ ପ୍ରପର୍ଟି ଡିଲର୍ ସହିତ ଯୋଗାଯୋଗ କରି ସାରିଛି, ଆର ମାସରେ ଆସି ଏ ଘରଦ୍ୱାର ବିକ୍ରିକରି ମତେ ସାଥିରେ ନେଇଯିବ ଆମେରିକା । ତୁ କହିଲୁ ଝିଅ !  ମୁଁ ନିଜର ଝାଳବୁହା ଧନରେ କରିଥିବା ଏଇ ଘରଟା ଛାଡି ଯାଇ ପାରିବି ? ଏଠି ପରା ତା' ମାଆର ସ୍ମୃତି ସାଇତା ହୋଇ ରହିଛି,  ତା' ନିଜର ବାଲ୍ୟ, ଶୈଶବ, କୈଶୋରର ସମସ୍ତ ସ୍ମୃତି ଏଠି ଲେସି ହୋଇ ରହିଛି, ଯାହା ମତେ ବଞ୍ଚିରହିବା ପାଇଁ ସାହସ ଦେଉଛି, ମୋ ଜୀବନର ଉର୍ଜା ପରା ଏଇ ଘରଟି, ଯାକୁ ଛାଡି ମୁଁ ବଞ୍ଚିବି କେମିତି ? କଥା ଶେଷ କଲାବେଳକୁ କୋହ ଜମାଟ ବାନ୍ଧି ତାଙ୍କର କଣ୍ଠସ୍ୱର କାନ୍ଦିଲା ଭଳିଆ ଶୁଣା ଯାଉଥିଲା ସୁରଭିକୁ ।

 Magazine Downloaded from www.aahwaan.com

ବୈଜୟନ୍ତ ମୁଣ୍ଡତଳକୁ ପୋତି ବସି ରହିଥିଲେ ମଧ୍ୟ ସୁରଭି ଅନୁଭବ କରି ପାରୁଥିଲା ଯେ ସେ କାନ୍ଦୁଛନ୍ତି । ସେ ଦୁହିଁଙ୍କ ମନର କୋହ ଲୁହ ହୋଇ ବୋହି ଯାଉଥିଲା ସୁରଭିର ଆଖିରୁ । କିଛି ସମୟର ନୀରବତା ପରେ ଉଠି ଠିଆ ହେଲେ ବୈଜୟନ୍ତ । ପଟ୍ଟନାୟକ ବାବୁଙ୍କ ହାତକୁ ଚାପି ଧରି ତାଙ୍କୁ ଆଶ୍ୱାସନା ଦେଲେ, "ଆପଣ ବ୍ୟତିବ୍ୟସ୍ତ ହୁଅନ୍ତୁ ନାହିଁ ମଉସା ! ମୁଁ କଥା ଦେଉଛି ଆପଣଙ୍କୁ, ଆପଣଙ୍କ ଘର ଆପଣଙ୍କ ପାଖରୁ କେହି ଛଡାଇ ନେଇ ପାରିବେନି, ଆପଣ ଏଇଠି ରହିବେ ଆପଣଙ୍କ ଘରେ, ଆମେରିକାରେ ରହୁ ଆପଣଙ୍କ ପୁଅ, ଆମେ ସମସ୍ତେ ମିଶି ଆପଣଙ୍କ ସେବା କରିବୁ, ଆପଣଙ୍କ ଭଲମନ୍ଦ ବୁଝିବୁ । ମୁଁ ଏବେ ଯାଉଛି ମନ୍ଦିରରେ ଆମ କଲୋନୀର ଲୋକମାନଙ୍କୁ ଏକତ୍ରିତ କରି ଏଇକଥା ଜଣାଇବି, ଆମେ ଦେଖିବୁ କୋଉଆଇନ୍ ବଳରେ ସନତ୍ ଆପଣଙ୍କ ଠାରୁ ଆପଣଙ୍କ ଜୀବନର ସହାରା ଛଡାଇ ନେବ । ଦରକାର ହେଲେ ଆମେ ଥାନା ପୋଲିସର ସହାୟତା ନେବୁ, ଆପଣ ଖାଲି ମନ ଦୃଢକରି ସୁସ୍ଥ ହୋଇ ବସିରୁହନ୍ତୁ, ସନତ୍ ଏକା ଆପଣଙ୍କ ପୁଅ ନୁହେଁ, ଆମେ ସମସ୍ତେ ଆପଣଙ୍କ ପୁଅ, ଆପଣ ଆମ ସମସ୍ତଙ୍କର ଦାୟିତ୍ୱ ।"

ପଟ୍ଟନାୟକ ବାବୁଙ୍କ ମୁହଁରେ ହସ ଉକୁଟି ଉଠିଲା । ତାଙ୍କୁ ଲାଗୁଥିଲା ଘନଘୋର ବର୍ଷାରାତିର ତମିସ୍ରା ଅପସରି ଯାଇଛି । ପ୍ରଭାତୀ ତାରାଟି ତା'ର ଉଜ୍ୱଳ ଆଲୋକ ବିକିରଣ କରି ତାଙ୍କୁ ଜୀବନର ଏକ ନୂତନ ଦିଗନ୍ତ ଦେଖାଇ ଦେଉଛି । ଗଭୀର ନିଶ୍ୱାସଟିଏ ନେଇ ସେ ଆଖି ବନ୍ଦକରି ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ହାତ ଯୋଡିଲେ । ।

ଶାରଳା ଭବନ ପୋତାପୋଖରୀ ନୂଆବଜାରକଟକ

ଭ୍ରାମ୍ୟଭାଷ : ୯୩୩୭୭୭୭୨୪୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭାଗ୍ୟ ବଦଳିଲା ନୂଆବର୍ଷରେ



ମହେଶ୍ୱର ସାହୁ

ଖୁସି ସବୁବେଳେ ଉଆଡିଆରେ ଠିଆ ହେଇ ବହୁତ ଭାବିଥାଏ । ବହୁତ ଆଶା କରିଥାଏ କଣ ମୋ ଜୀବନରେ ଏମିତି ସୁଖ ମିଳିବ ନାହିଁ । ମୁଁ କଣ କେବେ ଏହିପରି ରହିବାର ସୁଯୋଗ ପାଇବିନି । ସବୁବେଳେ ଉଆଡ଼ିଆରେ ଠିଆ ହେଇ ବହୁତ ସମୟ ଭାବେ । ବହୁତ ପ୍ରତୀକ୍ଷା କରିଥାଏ ହେଲେ ତା ସମୟ ଆସିଲା ବେଳକୁ ସବୁ ସରି ଯାଇଥାଏ । କେତେ ସୁନ୍ଦର ବାସ୍ନା ସହିତ କେତେ ଲୋଭାଣିଆ ଓ ସ୍ୱାଦିଷ୍ଟ ବ୍ୟଞ୍ଜନ ଦୈନିକ ବାବୁଙ୍କୁ ପରସା ଯାଇଥାଏ । ହେଲେ ନିଜ ଖାଇବା ବେଳେକୁ ସେଇ ବଞ୍ଚା କଞ୍ଚା ଡାଲି ପାଣି । ଆଖିରୁ ଦୁଇ ଟୋପା ଲୁହ ଝରି ପଡିଥାଏ । ବାପା ମାଆ ଛେଉଣ୍ଡ ହେଇଗଲା ପରେ ଏହି ଦୁନିଆଟା ବହୁତ ଶୂନ୍ୟ ଶୂନ୍ୟ ଲାଗେ ପରା ।

ବାବୁ ଜଣଙ୍କ ମୋତେ ଅନାଥ ଆଶ୍ରମରୁ ନେଇ ଆସି ଅନାଥର ନାଥ ବୋଲି ନିଜକୁ ଗର୍ବ ଓ ଗୌରବାନ୍ୱିତ ହୋଇଥିଲେ, ହେଲେ ମୁଁ ଜାଣି ପାରୁଛି ଅନାଥର ଅର୍ଥ ଓ ଅନାଥର ଜୀବନ ଶୈଳୀ । ନିଜେ ଖାଇ ସାରିଲେ ଯାହା ବଳି ପଡିବ ଜଣେ ଅନାଥ ଝିଅ ପାଇଁ ସେଇଟା ଆହାର ହେବ ଯେ ହେଲେ ମୁଁ ଆଶ୍ରମରେ ବହୁତ ଆଡମ୍ବରରେ ଥିଲି । ସେଠାରେ ମାଗିଲେ ମିଳୁଥିଲା ହେଲେ ମୋ ବାବୁତ ବହୁତ ବଡ଼ ଲୋକ । ବହୁତ ସ୍ୱାଦିଷ୍ଟ ବ୍ୟଞ୍ଜନ ରୋଷେଇ ହୁଏ । ରୋଷେଇର ବାସ୍ନା ମୁଁ ଆଘ୍ରାଣ କରିଥାଏ । ମୋ ନାଁରେ କୁଆଡେ ମାସିକ ଦୁଇ ହଜାର ବ୍ୟାଙ୍କରେ ସଞ୍ଚୟ କରା ଯାଉଛି ବାବୁଙ୍କ ଦ୍ୱାରା । ମୁଁ ବାବୁଙ୍କ ଘରେ ବାସନ ମାଜିବି ଓ ଘର ଦ୍ୱାର ସଫା କରିବି ଏହି କାମ ମୋତେ ଦିଆ ଯାଇଛି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମୁଁ ଦେଖୁଛି ବାବୁଙ୍କ ଝିଅ ଲିଜା କେତେ ଯତ୍ନରେ ରହୁଛି । ପାଠ ପଢୁଛି ହେଲେ ମୋ ଭାଗ୍ୟ ଖେଳ ବଡ଼ ବିଚିତ୍ର । ମୋ ବୟସର ସେ ମଧ୍ୟ ଜଣେ ଝିଅ । ମୁଁ ତାର ବଳକା ଭୋଜନକୁ ଭକ୍ଷଣ କରିବି । ମୁଁ ତାର କପଡା ସଫା କରିବି । ମୁଁ ତାର ଚପଲ ପାଲିସ କରିବି ଆଉ...... ଅନାଥ କନ୍ୟା ହିସାବରେ ବଞ୍ଚିବି ।

ଏଇ କିଛିଦିନ ହେବ ଲିଜାର ମୋ ପ୍ରତି ଟିକେ ଦୟା ଆସିଛି । ଲିଜା କହିଛନ୍ତି ଖୁସି ତୁ ଏବେ ଠାରୁ ଭଲ ଖାଇବୁ ଆଉ ଯେତେବେଳେ ତୋର ଇଚ୍ଛା ହେବ ଟିକେ ଟିକେ ମୋ ପଢ଼ା ବହି ଆସିକି ଦେଖିବୁ । ମୁଁ ସ୍କୁଲ ଗଲାବେଳେ ଗୋଟେ ବହି ବାହାରେ ରଖି ଦେଇଯିବି ଆଉ ତୁ ଆସିକି ତୋର ଯେତେବେଳେ କାମ ନଥିବ ଟିକେ ଟିକେ ପଢିବୁ । ଏମିତି ଦୁଇଜଣ ସାଙ୍ଗ ହେଇଛନ୍ତି । କାରଣ ଦୁଇ ଜଣ ଏକା ବୟସି । ବୟସ ଦୁଇଜଣଙ୍କର ପାଖାପାଖି ବାର ହେବ । ଲିଜା ଷଷ୍ଠରେ ପଢେ । ଖୁସି ଆଶ୍ରମରେ ଯାହା ଟିକେ ପଢିଥିଲା ତାର କୌଣସି ପ୍ରମାଣ ନାହିଁ । ଯାହା ହେଲେ ବି ବହି ପଢିପାରେ ।

ଏବେଠାରୁ ଦୁଇଜଣଙ୍କ ଭିତରେ ଭିତିରିଆ ପାଠପଢା ଓ ଖିଆପିଆ ଚାଲିଲା । ପ୍ରଖର ସ୍ରୋତରେ କୁଟାଖଣ୍ଡେକୁ ସାହା ଭଳି ଲିଜା ଖୁସିପାଇଁ ଏକ ସାହା ଓ ରାହା ହୋଇ ଠିଆ ହୋଇଥିଲା । ଏବେ ଦୈନିକ ଖୁସି ଗଣିତ, ଭୂଗୋଳ, ଇଂରାଜୀ, ବିଜ୍ଞାନ ଭଳି ସମସ୍ତ ପୁସ୍ତକ ବହୁତ ମନ ଦେଇ ପଢି ଚାଲିଲା । ଲିଜାର ପ୍ରଚଣ୍ଡ ସ୍ମରଣ ଶକ୍ତି ଓ ବିଚିତ୍ର ଆଗ୍ରହର ଫଳ ସ୍ୱରୂପ ଲିଜା ପୁରା ବହିଗୁଡିକୁ ଅନର୍ଗଳ ପାଠ କରିଚାଲିଲା । ଏମିତିକି କେଉଁ ପୃଷ୍ଠାରେ କଣ ଲେଖା ଯାଇଛି ତା ମନରେ ଗୁଂଜାଇତ କରୁଥାଏ ।

ଲିଜା ପରୀକ୍ଷା ଦେଲା ଓ ପରୀକ୍ଷାରେ ଭଲ ନମ୍ବର ରଖି ଶ୍ରେଣୀରେ ପ୍ରଥମ ସ୍ଥାନ ପାଇଲା । ହେଲେ ଖୁସିର ପରୀକ୍ଷା କଣ ଯେ । ବଣ ମଲ୍ଲି ବଣରେ ଫୁଟି ଝଡ଼ି ପଡ଼ିଲା ଭଳି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତାର ଜୀବନ ।

ଆଜି ନୂଆ ବରଷ । ବାବୁଙ୍କର ସାଙ୍ଗ ସାଥି ଓ ବନ୍ଧୁବାନ୍ଧବ ସମସ୍ତଙ୍କୁ ନିମନ୍ତ୍ରଣ କରା ଯାଇଛି । ଏପରିକି ଲିଜା ବିଦ୍ୟାଳୟର ସମସ୍ତ ଶିକ୍ଷକ ମଧ୍ୟ ଆସିବେ । କାରଣ ଲିଜା ପ୍ରଥମ ସ୍ଥାନରେ ବିଦ୍ୟାଳୟରେ ଥିବାରୁ ବାପା ବହୁତ ଖୁସି ଥିଲେ । ନାନା ପ୍ରକାର ବ୍ୟଞ୍ଜନ, ଛେଳି ମାଂସ ସହିତ କ୍ଷୀରି ପାପଡ଼ ଏମିତି ନାନା ବ୍ୟଞ୍ଜନ ତିଆରି ହେବାର ଆୟୋଜନ ହୋଇଛି ।

ଖୁସି ସକାଳେ ଲିଜା ପଛରେ ପଡିଛି । ତା କପଡା ଧୋଇ ଦେଉଛି । ତା କେଶ ସଜାଡି ଦେଉଛି । ଜୋତା ଦୁଇଟିକୁ ଭଲିକି ପାଲିସ କରି ଦେଉଛି । ଯାହା ହେଲେ ବି ନୂଆ ବରଷ । ନୂଆ ବରଷରେ ଖୁସି ରହିଲେ ବର୍ଷସାରା ଖୁସି ଆସିଥାଏ ବୋଲି ବଡ଼ଲୋକଙ୍କ ଠାରୁ ଶୁଣିଛି । ହେଲେ ତାର ଖୁସି କେବଳ ଲିଜା ଦ୍ୱାରା ସମ୍ଭବ । କାରଣ ଲିଜା ଏବେ ତାର ଘରୁ କରି ଆଣିବା ପାଇଁ ଦିଆ ଯାଉଥିବା ପାଠକୁ ଖୁସି ଦ୍ୱାରା କାରାଉଛି । ଖୁସି ଯେତେ କଠିନ ଗଣିତ ହେଲେ ମଧ୍ୟ ବହୁତ ସହଜ ଉପାୟରେ ସମାଧାନ କରିପାରୁଛି ।

ଖୁସି କହିଲା ଲିଜା ଜାଣିଛୁ !

ଲିଜା, "କଣ କହ ?"

ଖୁସି, "ଲିଜା ଜାଣିଛୁ ତମ ଘରକୁ ଆସିବା ଠାରୁ ମାଂସ ତରକାରୀ ଟିକେ ଖାଇବା ସ୍ୱପ୍ନ ହେଇ ଯାଇଛି । ଜାଣିଛୁ ଆଶ୍ରମରେ ଆମକୁ ପ୍ରତ୍ୟକ ରବିବାର କୁକୁଡ଼ା ମାଂସ ଖାଇବାକୁ ମିଳେ । ହେଲେ ତମ ଘରେ ସବୁବେଳେ ମାଂସ ହେଉଛି ହେଲେ ଖାଇବା ପାଇଁ ଗୋଟେ ଖଣ୍ଡ ମିଳୁ ନାହିଁ । ଆଉ ତମ ଘରେ ଯେତେବେଳେ ମାଂସ ହେଉଛି କୁଆଡୁ କେଜାଣି ଲୋକ ପହଞ୍ଚି ଯାଉଛନ୍ତି ଯେ, ଶେଷରେ ମୁଁ ଖାଇବା ବେଳକୁ ଝୋଳ ବି ସ୍ୱପ୍ନ ପାଲଟି ଯାଉଛି ।"

ଲିଜା, "ହଉ ଲୋ ଖୁସି ମୁଁ ଜାଣିଛି, ମୋ ବାପାଙ୍କର ବହୁତ ସାଙ୍ଗ, ସବୁ ସାଙ୍ଗମାନେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସି ଯାଆନ୍ତି ଆମ ଘରେ ମାଂସ ଭୋଜି ହେଲେ । ମୁଁ ଆଜି ମୋ ପାଇଁ ଯାହା ଖାଇବାକୁ ଦେବେ ତାକୁ ସବୁ ତୋ ପାଇଁ ଲୁଚେଇ ନେଇ ଆସିବି ତୁ ଖାଇ ଦେବୁ । ବୁଝିଲୁ ଖୁସି, ମୋ ବାପା ବହୁତ ରାଗି ଲୋକ । ସେ ଯେମିତି ଦେଖି ନ ପାରିବେ ସେଥିପାଇଁ ମୁଁ ବ୍ୟବସ୍ଥା କରୁଛି ତୁ ମନ ଦୁଖ କରନା ।"

ଖୁସି, "ହଉ ଲିଜା ତମ ଦୟା, ମୋର ବହୁତ ଇଛା ହୁଏ ଟିକେ ଭଲ ତରକାରୀ ଖାଇବାକୁ, ହେଲେ ଦିନେ ରୋଷେଇ ମାଉସୀଙ୍କୁ କହିଲି , ମାଉସୀ ମୋତେ ଦୁଇ ଖଣ୍ଡ କସା ହୋଇ ଥିବା ମାଂସ ଦିଅ ବହୁତ ଲୋଭ ହେଉଛି । ହେଲେ ମାଉସୀ ମୋତେ ମୋ ଗାଲ ମୁଳିକୁ ଦୁଇ ଜବଡା ଦେଲେ । ଜାଣିଛୁ ବହୁତ କାନ୍ଦିଛି । ମୋର କିଏ ଅଛି ଯେ ମୋତେ ଖାଇବାକୁ ଦେବ ! କଣ ପାଇଁ ମୋତେ ଯେ ହୀନସ୍ତା ଜୀବନ ମିଳିଲା ମୁଁ ବି ଜାଣି ପାରୁନି ।"

ଲିଜା, "ବ୍ୟସ୍ତ ହଅନା ଖୁସି । ମୁଁ ଅଛି ପରା । ଆମେ ଦୁଇଜଣ ସାଙ୍ଗ ହୋଇଛନ୍ତି ନା । ଦେଖ ତୁ ମୋ କାଲି ଯେଉଁ ଡ୍ରଇଂ କରି ଦେଇଥିଲୁ ଜାଣିଛୁ ମୋତେ କୋଡିଏରୁ କୋଡିଏ ମିଳିଲା । ଆଉ କେତେ ପ୍ରସଂଶା ମିଳିଲା ସ୍କୁଲରେ । ତୁ ଏତେ ସୁନ୍ଦର ଡ୍ରଇଂ ଆଉ ପାଠ କେମିତି ଶିଖି ପାରୁଛୁ କହିଲୁ । ସତ କହ ଖୁସି ତୋ ଭିତରେ ଏତେ ସୁନ୍ଦର କଳା ଭଗବାନ କେମିତି ଦେଲେ ଯେ ? ହେଲେ ତାହା କାର୍ଯ୍ୟକାରୀ ହେଇପାରୁନି ତେଣୁ କାର୍ଯ୍ୟକାରୀ ହେବା ପାଇଁ ମୁଁ ନିଶ୍ଚୟ ସୁଯୋଗ ଦେବି ଖୁସି ! ତୁ ବ୍ୟସ୍ତ ହଅନା ।"

ଖୁସି, "ତୁ କେମିତି ଦେବୁ କହିଲୁ, ତୋ ବାପା ମୋତେ ମାରିଦେବେ ଯଦି ସେମିତି କିଛି କଲେ । ମୋର ଦରକାର ନାହିଁ ପ୍ରତିଭାର ବିକଶିତ ହେବା । ମୋର କିଏ ଅଛି ଯେ ? କେବଳ ଲୋକହସା ହେବି ମାତ୍ର ।"

ଲିଜା, "ଜାଣିଛୁ ଖୁସି ଆଜି ନୂଆ ବରଷରେ ମୋ ସାଙ୍ଗ ସାଥି ସବୁ ଆସିବେ । ତା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସହିତ ମୋ ବିଦ୍ୟାଳୟ ଶିକ୍ଷକମାନେ ଆସିବେ । ବାପାଙ୍କ ସାଙ୍ଗସାଥି ସବୁ ଆସିବେ । ଆଉ ଗୀତନାଚ ମଧ୍ୟ ହେବ । ତେଣୁ ତୁ ବହୁତ ଭଲ ଗୀତ ଗାଉ ନା ! ଆଜି ନିଶ୍ଚୟ ଗୀତ ଗୋଟେ ଗାଇବୁ ଆଉ ମୋ ସହିତ ନାଚିବୁ ମଧ୍ୟ ।"

ଖୁସି, "ହଁ ଯେ ହେଲେ ମୋତେ ମାଡ଼ ଖୋଇବୁ । ଆଉ ଜାଣିଛୁ ମୁଁ ଯେଉଁ ଗୀତ ଗୋଟେ ଗାଏ ?"

ଲିଜା, "ହଁ ଜାଣିଛି ସବୁବେଳେ ଗୁଣୁଗୁଣୁ ହେଇକି ଗାଉ ଆଉ କାନ୍ଦୁ ତ । ଜାଣିଲୁ ଆଉ କେବେ କାନ୍ଦିବୁନି । ତୁ କାନ୍ଦିଲେ ମୋ ଛାତି ଫାଟିଯାଏ । ମୁଁ ଗୋଟେ ବିଷୟ ପଢ଼ିଛି ଗୋପବନ୍ଧୁ ଦାସଙ୍କର । ବାପାମାଆଛେଉଣ୍ଡ ପିଲାଟେ କେମିତି ବିଶ୍ୱ ପ୍ରସିଦ୍ଧ ହୋଇ ପାରିଥିଲା । ଜାଣିଛୁ ସେ ବିଷୟ ?"

ଖୁସି, "ହଁ ସେଇ ବିଷୟ ପଢି ମୁଁ ମଧ୍ୟ ପ୍ରେରଣା ପାଇଛି । ଯିଏ କଠିନ ପରିଶ୍ରମ ସହିତ ଧୈର୍ଯ୍ୟ ଓ ନିଷ୍ଠାର ସହିତ ସାଧନା କରେ ସେ ସବୁଥିରେ ଉତ୍ତୀର୍ଣ୍ଣ ହୁଏ । ଆଉ ମୁଁ ମଧ୍ୟ ମୋ ନାଁ କୌଣସି ବିଦ୍ୟାଳୟରେ ନ ଥାଇ ମଧ୍ୟ ମୁଁ ସାଧନା କରୁଛି । ନିଜ ହୃଦୟର କୋହକୁ ନୟନର ଅଶ୍ରୁ ସହିତ ଗୁଣୁଗୁଣୁ ଗୀତରେ ମାର୍ଜିତ କରିଚାଲିଛି ।"

ଲିଜା, "ଗାଇଲୁ ସେଇ ଗୀତଟା ।"

ଖୁସି, "ବାପା ନାହିଁ ଯାହାର, କିଏ ହେବ ଯେ ନିଜର... !

ମାଆ ହିଁ ବୁଝିବ ମନର ବେଦନା,
କୋଳେଇ କାଖେଇ ଖୁଏଇ ଦେବ,
ପେଟ ଦେଖି ସିଏ ଦୁଃଖ ବୁଝିବ,
କିଏ ହେବ ଯେ ନିଜର....... ! !

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅତି ମଧୁର କଣ୍ଠରେ ଗୀତ ଗାଉଥିବା ସମୟରେ ନିଜ ଆଖିରୁ ଧାର ଧାର ଲୁହ ବୋହି ଯାଉଥିଲା । ଆଉ ଏଇ ସମୟରେ ବାବୁ ଆସିଯାଇଥିଲେ । କାମଧନ୍ଦା ଛାଡି ଯେ ଝିଅଟା ଗୀତ ଗାଇବାରେ ବସି ଯାଉଛି । ସକାଳ ଠାରୁ ସଞ୍ଜ ପେଟେ ଠୁସି ଦେଇ ଗୀତ ଗାଇବାକୁ ମୋ ଘର ମିଳିଛି ବୋଧେ । ମାସିକ ଦୁଇ ହଜାର ସହିତ ଖାଇବା ପିଇବା ଦେଇ କଣ ମିଳୁଛି ଯେ କୌଣସି କାମକୁ ନୁହେଁ ଯେ ଝିଅ । ଆଶ୍ରମବାଲା ମୋତେ ଠକେଇ ଦେଲେ । କହିଲେ ଜଣେ ବାର ବରଷର ଝିଅ ଅଛି ନେଇ ଯାଅ ଭଲ କାମ କରିବ । ହେଲେ ଏଇ ଅନାଥ ଓ ଜାରଜ ପିଲା ଗୁଡାକ କଣ କାମ କରିବେ ଯେ । କାଲି ନେଇ ତାକୁ ତା ଜାଗାରେ ଛାଡି ଦେଇ ଆସିବି । ବର୍ଷେ ପୁରି ଦୁଇ ବର୍ଷ ହେଲା ହେଲେ କାହିଁ ୟାର କାମ ଧନ୍ଦାରେ କିଛି ପରିବର୍ତ୍ତନ ହେଉନି । ରୋଷେଇ କରି ପାରୁନି କି ଭଲ କରି କପଡା ଧୋଇ ପାରୁନି । ବାବୁ ଏମିତି ଗୁଡ଼ାଏ ଆଜି ନୂଆ ବରଷରେ ଗର୍ଜନ କରି ଚାଲିଲେ । କାଲି ତାର ଏଇ ଘରୁ ଦାନା ପାଣି ସରିଯିବ ।

ଥରି ଥରି ଦଉଡି ପଳେଇଗଲା କପଡା ଆଉ ବାସନ ସଫା କରିବାକୁ । ବାବୁଙ୍କର ଗୋଟେ ଜିଦ ଖୁସିକୁ ଆଉ ରଖିବେନି ସକାଳ ଠାରୁ ଖୁସି ଉପରେ ବିଳି ବିଳି ହେଉଛନ୍ତି । ସନ୍ଧ୍ୟା ହେଲା ରୋଷେଇ କାମ ଆରମ୍ଭ ହେବ । ଚାରିଆଡ଼ ସଜ୍ଜିତ କରା ଯାଇଛି । ମାଇକି ଉଚ୍ଚ ସ୍ୱରରେ ବାଜୁଛି । ଚାରି ଆଡ଼ ଆନନ୍ଦ ବିଭୋର । ସବୁ କହୁଛନ୍ତି ନୂତନ ବରଷର ଅଭିନନ୍ଦନ । କୁଣ୍ଢା କୁଣ୍ଢି କୋଳା କୋଳି ହେଉଛନ୍ତି ।

ବାବୁଙ୍କର ସମସ୍ତ ଅତିଥି ଧୀରେ ଧୀରେ ଆସିବା ଆରମ୍ଭ କଲେ । ଲିଜାର ବହୁତ ସାଙ୍ଗ ଆସିଥାନ୍ତି । ସବୁ କେତେ ସୁନ୍ଦର ପୋଷାକ ପିନ୍ଧିଛନ୍ତି । କେତେ ରଙ୍ଗ ବେରଙ୍ଗର ପୋଷାକ ସହିତ ସୁନ୍ଦର ସୁନ୍ଦର ଜୋତା । କିଏ ମେହେନ୍ଦିରେ ନିଜ ଶରୀର ସୁଶୋଭିତ କରିଛିତ ତ କିଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅତର ଏମିତି କେତେ କଣ । ଖୁସି ଉହାଡ଼ିଆରେ ଠିଆ ହୋଇ ଅନେଇ ଦେଉଛି ଆଉ ଏଇଟା ତାର ନୂଆ ବରଷର ଖୁସି କହିଲେ ଚଳେ । ସେ ଛୋଟପିଲା ହେଲେ ମଧ୍ୟ ନିଜ ମଣିଷ ପଣିଆକୁ ବୁଝି ପାରିଛି । ନିଜର ପରିଚୟ ବିଷୟରେ ସେ ଅବଗତ ନୁହେଁ । ବାବୁ ତାକୁ ଜାରଜ କହୁଛନ୍ତି । ଅର୍ଥାତ ସେ ଜାଣିଛି ବହିରୁ ପଢି ଯାହାର ବାପା ମାଆର ପରିଚୟ ନ ଥାଏ ସେ ଜାରଜ ଅଟେ । ତେଣୁ ତାକୁ ତା ବାପା କିଏ ଓ ମାଆ କିଏ ସେ ଜାଣେନା । ତା ପାଇଁ ନୂଆ ବରଷରେ ନିଆଁ ଲାଗି ଯାଇଛି । ଯାହାର ବାପାମାଆ ଥା'ନ୍ତି ସେଇ ପିଲାମାନେ ଖୁସିରେ ରୁହନ୍ତି ବୋଲି ତାର ଧାରଣା । ଯେତେବେଳେ ସମୟ ପାଏ ଖାଲି ଆଢୁଆଳରେ ଠିଆ ହୋଇ ଦେଖେ ସେଇ ତା ବୟସର ଝିଅମାନଙ୍କୁ ଆଉ ତାକୁ ତା ନିଜ ପ୍ରତି ବହୁତ ଘୃଣା ଆସେ । ହେଲେ ମଣିଷ ଜୀବନ ଦୁର୍ଲଭ ବୋଲି ବଡ ଲୋକିଆ କୁହନ୍ତି । ହେଲେ ମୋ ଜୀବନ ବି ଦୁର୍ଲଭ ହୋଇ ଥାଇପାରେ । ବଞ୍ଚିଥିବା ଯାଏ ଚେଷ୍ଟା କରିବା । ତାକୁ କେବଳ ଲିଜା ସହାୟ ଏତିକି ଜାଣିଛି । ଲିଜା ତା ପ୍ରତି ଭଗବାନ । ଆଜି ସକାଳେ ଲିଜା ତାକୁ କେତେ ବୁଝେଇଛି ଆଉ ନୂଆ ବରଷର ଅଭିନନ୍ଦନ ମଧ୍ୟ କହିଛି । ହେଲେ ଏଇତ ଦୁନିଆ ଟିକେ ଖୁସି ମିଳିଲା ବେଳକୁ ବାବୁ କହିଲେଣି କାଲି ମୋତେ ଏଠୁ ବିଦା କରିବେ । ହେ ଭଗବାନ ! ! ! !

ହେ ଭଗବାନ ! ! ! !

ଏଇ ନୂଆ ବରଷର ନିଆଁରେ ମୋ ଦୁର୍ଭାଗ୍ୟ ପୋଡି ସୌଭାଗ୍ୟର ପାଉଁଶ ପ୍ରାପ୍ତି କରାଓ ପ୍ରଭୁ ଏତିକି କରୁଣା ଭିକ୍ଷା କରୁଛି ପ୍ରଭୁ ।

ମାଇକି ବାଜୁଛି ସବୁ ବନ୍ଧୁ ବାନ୍ଧବ, ସାଙ୍ଗ ସାଥି ଓ ଅତିଥି ବାବୁଙ୍କର ଆସି ସାରିଲେଣି । କାର୍ଯ୍ୟକ୍ରମ ଆରମ୍ଭ ହେବ । ଖୁସି ଟିକେ ଖୁସି ଜଣା ପଡୁଛି । ଅଦିନିଆ ଖୁସି ତା ମୁହଁ ଉପରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଉଙ୍କି ମାରୁଛି । ହେଲେ ସେ କେଉଁଥି ପାଇଁ ଖୁସି ହେଉଥିଲା ଜାଣି ପାରୁନି ।

ଖୁସି ଦେଖିବାକୁ ସୁନ୍ଦର ହେଲେ ଦେହରେ ତାର ମଇଳା ଛିଣ୍ଡା ସୁଇଟର । ଆଉ ଫୁରୁ ଫୁରୁ କେଶ ଗୁଛ । ହେଲେ ବି ସେ ସୁନ୍ଦର ଲାଗୁଛି ଦେଖିବାକୁ । ଲିଜା ଲୁଚିଲୁଚି ଆସି ଖୁସିକୁ ତା ସାଙ୍ଗ ମାନଙ୍କ ଭିତରକୁ ଟାଣି ନେଇଥିଲା । ଆଉ ସୁବାସିତ ତୈଳ ସହିତ କିଛି ଶୀତୁଆ ପୋଷାକ ଦେଇଥିଲା ଖୁସିକୁ ପିନ୍ଧିବାକୁ । ଖୁସି ପିନ୍ଧିବା ପୂର୍ବରୁ କାନ୍ଦି ପକେଇଲା । ତାର ଦୁଇ ନେତ୍ରରୁ ଝରି ପଡୁଥିଲା ଆନନ୍ଦର ଅଶ୍ରୁ । ହେଲେ ନୂଆ ପୋଷାକ ସହିତ ସୁବାସିତ ତୈଳ ପିନ୍ଧିବାର ଆଗ୍ରହ କାହାର ନାହିଁ କହିଲେ । ସେ ମଧ୍ୟ ଗୋଟେ ଝିଅ । ତାର ମଧ୍ୟ ଆଗ୍ରହ ଓ ଇଚ୍ଛା ଅଛି । ପିନ୍ଧି ପକେଇଥିଲା ପୋଷାକ ଗୁଡାକ ଓ ନିଜକୁ ପ୍ରଥମ ଥର ସଜେଇ ଥିଲା ଗୋଟିଏ ପରି ରାଇଜର ରାଜକୁମାରୀ ଭଳି ।

କାର୍ଯ୍ୟକ୍ରମ ଆରମ୍ଭ ହେବ । ଗୀତ ନାଚ ହେବ । ଲିଜା ତାର ସାଙ୍ଗମାନେ ବହୁତ ନାଚିବେ । ରାତି ବାରଟା ଯାଏ ହେବ କାର୍ଯ୍ୟକ୍ରମ । ଘୋଷଣା କରାଗଲା ଯେଉଁମାନେ ନାଚିବେ ଓ ଗୀତ ଗାଇବେ ନିଜର ନାମ ଦିଅନ୍ତୁ । ଆଖ ପାଖର ଲୋକ ମଧ୍ୟ ଆସନ୍ତି ଦେଖିବାକୁ । ହଜାର ହଜାର ଲୋକଙ୍କର ସମାଗମ ହୁଏ । କାର୍ଯ୍ୟକ୍ରମ ସରିଲା ପରେ ସମସ୍ତେ ନିଜ ଘରକୁ ପଳେଇ ଯାଆନ୍ତି ଆଉ ବାବୁଙ୍କର ଭୋଜନ ସଭାରେ ଅତିଥି ଓ ଅଭ୍ୟାଗତ ମାନଙ୍କର ଭୋଜନକ୍ରିୟା ହୋଇଥାଏ । ଏଇ କାର୍ଯ୍ୟକ୍ରମ ବାବୁ ପ୍ରତ୍ୟେକ ବର୍ଷ କରନ୍ତି । ହଜାର ହଜାର ଲୋକ ବହୁତ ପୁରସ୍କାର ଦିଅନ୍ତି । ବାବୁ ମଧ୍ୟ ବହୁତ ପଇସା କାର୍ଯ୍ୟକ୍ରମ ପାଇଁ ଖର୍ଚ୍ଚ କରନ୍ତି । କାରଣ ବାବୁ ଜଣେ ଜମିଦାର ଲୋକଙ୍କର ପୁଅ ସହିତ ଓକିଲ ମଧ୍ୟ ।

ଲିଜା ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଖୁସିର ନାଁ ମଧ୍ୟ ଦେଇ ଦେଇଛି । ଖୁସି ଜାଣିନାହିଁ ଯେ ବିଷୟରେ କି ସେ ମଧ୍ୟ ଏତେ ବଡ଼ କାର୍ଯ୍ୟରେ ଅଂଶଗ୍ରହଣ କରିବ । ନାଁ ଡାକରା ହେଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଥମ ନାଁ ଖୁସିର ଥିଲା.....

ବାବୁ ବହୁତ ରାଗି ଯାଇଥିଲେ । ଖୁସି ଗୀତ ଗାଇବ । ଚାକର ପିଲାଟା କଣ ଗୀତ ଗାଇବ ଯେ । ବହୁତ ରାଗରେ ଗର ଗର ହୋଇ ମୁହଁ ତଳକୁ କରି ଅତିଥିମାନଙ୍କ ଗହଣରେ ବାବୁ ବସିଥାନ୍ତି । ହେଲେ ଖୁସି ବହୁତ ବାବୁଙ୍କୁ ଭୟକରେ । ଖୁସି ଯେତେ ମନା କରୁଥାଏ ଲିଜା ଛାଡିବାର ନାହିଁ । ତୋ ନାଁ ଡାକରା ହେଲାଣି ଯାଆ ଖୁସି ତୋ ପ୍ରତିଭାର ବିକାଶ କରିବାର ସୁଯୋଗ ଦେ । ଖୁସି ଆଜି ଯଦି ଗୀତ ନ ଗାଇବୁ ତେବେ କାଲି ତୋତେ ପୁଣି ଆଶ୍ରମ ଯିବାକୁ ପଡ଼ିବ । ଆଶ୍ରମବାଲା ନ ନେବେ ଯଦି ତୋତେ ପୁଣି କାହାକୁ ବିକି ଦେବେ । ଖୁସି ତୋତେ ଛାଡ଼ି ମୁଁ ବଞ୍ଚି ପାରିବି ନାହିଁ । ତୁ ଯାଇ ଗୀତ ଗାଇବୁ ନିଶ୍ଚୟ ତୋତେ ତୋ ଲିଜାର ରାଣ । ଖୁସି ଏବେ ଦମ୍ଭ ଧରି ମଞ୍ଚ ଉପରକୁ ଯାଇଥିଲା । ବାବୁଙ୍କୁ ଆଣ୍ଠୁ ମାଡି ଜୁହାର ହୋଇଥିଲା । ଆଉ କହିଥିଲା ମୁଁ ହେଉଛି ଖୁସି । ମୋ ଭଗବାନ ହେଉଛନ୍ତି ମୋ ବାବୁ ଯିଏ କି ଏଇ ସୁନ୍ଦର କାର୍ଯ୍ୟକ୍ରମର ଅନୁଷ୍ଠିତ ଓ ଆୟୋଜିତ କରିଛନ୍ତି । ଆଉ ମୋତେ ମୋ ସାଙ୍ଗ ଓ ଭଉଣୀ ଲିଜା ସୁଯୋଗ ଦେଇଥିବାରୁ ମୁଁ ତାକୁ ଅଶେଷ ଅଶେଷ ଧନ୍ୟବାଦ ଜ୍ଞାପନ କରୁଛି । ଆଉ ଶେଷରେ କହିବାକୁ ଚାଁହୁଚି ମୋର ଆଜି ଏଠି ଛିଡା ହେବାରେ କୌଣସି ଭୁଲ ନାହିଁ ବାବୁ । ଲିଜା ବହୁତ ବାଧ୍ୟ କରିଥିବାରୁ ଆପଣଙ୍କ ଚାକର ପିଲା ଏଇ ସୁନ୍ଦର ପୋଷାକ ସହିତ ସୁବାସିତ ତୈଳ ଓ କେତେ ସୁନ୍ଦର ଗହଣା ପିନ୍ଧି ମଞ୍ଚ ଉପରକୁ ଆସି ପାରିଲା । ଆଉ ସମସ୍ତ ଗରୁଜନମାନଙ୍କୁ ଏଇ ଚାକର ପିଲାଟିର ପ୍ରଣାମ । ମୋ ଗାଇବାରେ କୌଣସି ତ୍ରୁଟି ଥିଲେ କ୍ଷମା କରିବେ । ଆଉ ମୋ ଗୀତର, ସ୍ୱରର ଓ ତାଳର ଗୁରୁ ହେଉଛି ମୋ ପ୍ରାଣ ପ୍ରିୟା ଲିଜା । ଏବେ ଲିଜା ଗୀତ ଆରମ୍ଭ କରିଥିଲା, ଯେ କଣ ! ! କୌଣସି ବି ତାଳ ଓ ସ୍ୱରର ଟିକେ ବି ଅଭାବ ନାହିଁ । କୋଇଲି ସ୍ୱର । ଅତି ଚମତ୍କାର ! ଗୀତ ସରିଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମଞ୍ଚାସୀନ ସମସ୍ତ ଦର୍ଶକ ଖୁସିର ଗୀତରେ ମୁଗ୍ଧ ହୋଇ ହଜାର ହଜାର ଟଙ୍କାର ପୁରସ୍କାର ଦେଲେ । ପୁରସ୍କାରର ସୁଅ ଛୁଟିଲା । ନାଚରେ ବି ପ୍ରଥମ । ଖୁସି ଆଉ ଗୋଟେ ଗୀତ ଗାଉ ବୋଲି ସମସ୍ତଙ୍କ ଅନୁରୋଧ । ହେଲେ ସେ ଆଉ ଗୀତ ଶିଖିନାହିଁ ଯେ । ଶେଷରେ ସର୍ବ ବୃହତ ପୁରସ୍କାର ଖୁସିକୁ ମିଳିଲା । ଖୁସିକୁ ମଞ୍ଚକୁ ଡକାଇ ଲିଜା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପୁରସ୍କାର ଦେବେ କହିଲେ । ଖୁସି ତୋ ବିଷୟରେ କିଛି କହ ବୋଲି ପ୍ରଧାନଶିକ୍ଷକ କହିଲେ ।

ଖୁସି, "ଆଜିର ପୁରସ୍କାର କେବଳ ଲିଜାର ମୋର ନୁହେଁ । ଆଉ ମହାଶୟ ମୋର ପାଠ ପଢିବାକୁ ବହୁତ ଇଛା ହେଉଛି ।"

ଶିକ୍ଷକ, "ତୁ ଲେଖା ପଢ଼ା ଶିଖିଛୁ ।"

ଖୁସି, "ମହାଶୟ ମୁଁ ଲିଜାର ସମସ୍ତ ବହି ପଢି ସାରି ଦେଇଛି । ଲିଜା ମୋତେ କୁହେ ମୁଁ ଯେତେବେଳେ ବିଦ୍ୟାଳୟ ଯିବି ସେଇ ସମୟରେ ତୁ ମୋର ଗୋଟେ ବହି ରଖିଦେଇ ଯିବି ଆଉ ତାକୁ ତୁ ପଢିବୁ ।"

ଶିକ୍ଷକ, "ପଢ଼ିଦେଲେ ହେଇ ଯିବନିରେ ମା' ଅଧ୍ୟବସାୟ ଦରକାର । ସାଧନା ଦରକାର । ତା ସହିତ ପାଠର ମର୍ମ ହିଁ ବୁଝିବା ଦରକାର ।"

ଖୁସି, "ବୁଝିଛି ମହାଶୟ ତେଣୁ ମୁଁ ଚେଷ୍ଟିତ ଏଇ ବର୍ଷର ପରୀକ୍ଷା ଲିଜା ସହିତ ଲେଖିବି । ଏହା ସମ୍ଭବ କି ମହାଶୟ? ମୋର ଆଉ କୌଣସି ଦରକାର ନାହିଁ । ମୋର ପୁରସ୍କାର ଦରକାର ନାହିଁ । ମୋର ଭଲ ପୋଷାକ ଦରକାର ନାହିଁ । ମୋତେ ଦୁଇଦିନ ଖାଇବାକୁ ନ ଦେଲେ ଚାଲିଯିବି ହେଲେ ମହାଶୟ ମୋତେ ଟିକେ ଆପଣଙ୍କ ବିଦ୍ୟାଳୟରେ ପଢିବାକୁ ସୁଯୋଗ ଦେବେନି ???"

ଶିକ୍ଷକ, "ନିଶ୍ଚୟ ପଢିବୁ ହେଲେ ଏଇ ଦର୍ଶକମାନଙ୍କ ସମ୍ମୁଖରେ ତୋତେ ସେଇ ପଢ଼ା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବହିରୁ ପାଞ୍ଚଟି ପ୍ରଶ୍ନ ପଚାରିବି ଆଉ ତାର ଉତ୍ତର ଦେଇ ପାରିଲେ ତୋତେ ନିଶ୍ଚୟ ପଢ଼ିବାର ସୁଯୋଗ ମିଳିବ ।"

ଖୁସି, "ନିଶ୍ଚୟ ଦେବି ମହାଶୟ ।"

ଖୁସି ସମସ୍ତ ପ୍ରଶ୍ନ ଭୂଗୋଳ, ଇଂରାଜୀ, ବିଜ୍ଞାନ ଓ ଗଣିତ ଆଦିର ପ୍ରାଞ୍ଜଳ ଭାବରେ ଉତ୍ତର ଦେଇଥିଲା । ଗୁରୁଜୀ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ । ବିସ୍ମୟ ହୋଇ କହି ପକେଇଲେ ପିଲା ବର୍ଷ ବର୍ଷ ଧରି ପଢ଼ି ଯାହା କରିପାରୁ ନାହାନ୍ତି ତୁମେ କଣ ବିନା ପଢ଼ା ଓ ବିନା ପ୍ରଶିକ୍ଷଣରେ ସମସ୍ତ ପ୍ରଶ୍ନର ଉତ୍ତର ସହଜରେ ଦେଇ ପାରୁଛ । ଆଶ୍ଚର୍ଯ୍ୟ ଆଶ୍ଚର୍ଯ୍ୟ ...."

ଉପସ୍ଥିତ ସମସ୍ତ ଦର୍ଶକମଣ୍ଡଳୀ ଓ ମଞ୍ଚାସୀନ ଅତିଥିବୃନ୍ଦଙ୍କର ବିସ୍ମୟର ସୀମା ରହିଲା ନାହିଁ । ବାବୁଙ୍କ ଆଖିରୁ ଝରି ପଡୁଥାଏ ଅନୁତାପର ଅଶ୍ରୁ । ଲିଜା ଖୁସିରେ ନାଚୁଥାଏ । ଲିଜାର ସମସ୍ତ ସାଙ୍ଗ ଖୁସିକୁ କୁଣ୍ଢେଇ ପକାଉଥାନ୍ତି । ଭାଗ୍ୟର ବିଡମ୍ବନା । ପ୍ରଧାନ ଶିକ୍ଷକ ଜଣଙ୍କ ବାବୁଙ୍କ ହାତଧରି ପକେଇ କହିଲେ ମହାଶୟ ମୋର ଝିଅ ନାହିଁ ଆଉ ମୁଁ ଖୁସିକୁ ନେଇ ଯାଉଛି । ସେ ଆଜିଠାରୁ ମୋ ଝିଅ ହେବ । ତାକୁ ପାଠ ପଢେଇବି ଆଉ ତାକୁ ସବୁ ଖୁସି ମୁଁ ଦେବି । ସେ ଭବିଷ୍ୟତରେ ଜଣେ ଉଜ୍ଜ୍ୱଳ ପ୍ରତିଭା ହୋଇ ପ୍ରସ୍ଫୁଟିତ ହେବ ।

ହେଲେ ବାବୁ କାନ୍ଦି କାନ୍ଦି କୁଣ୍ଢେଇ ପକେଇଥିଲେ ଖୁସିକୁ । ନା ନା ନା.....

ଖୁସି ପାଠ ପଢ଼ିବ ହେଲେ ମୁଁ ପଢେଇବି ତାକୁ । ମୋର ବୁଝିବାରେ ଭୁଲ ହୋଇ ଯାଇଛି । ମୋ ଲିଜା ଆଉ ମୋ ଖୁସି ଏବେ ଠାରୁ ଦୁଇ ଭଉଣୀ । ଯେ ନୂଆ ବରଷ ନିଆଁ ଲାଗୁ ମୋର ଏବେ ଠାରୁ ଦୁଇ ଝିଅ । ସେ ପଢ଼ିବ ଜାରଜ ହୋଇ ନୁହେଁ ମୋ ଝିଅ ହୋଇ । ଲିଜା ଆଉ ଖୁସି କୁଣ୍ଢା କୁଣ୍ଢି ହୋଇ କାନ୍ଦୁଥିଲେ କେବଳ କାନ୍ଦୁଥିଲେ......

ଗୋପୀବିନ୍ଧା, ବ୍ରାହ୍ମଣ ଗାଁ, ବାଲେଶ୍ୱର(ଭଦ୍ରକ)

 Magazine Downloaded from www.aahwaan.com

# ମା କ୍ଷୀର



ସୀତାରାମ ଦାଶ

ତିନି ବର୍ଷ ତଳର କଥା । ଭୁବନେଶ୍ୱର କ୍ୟାପିଟାଲ ହସ୍ପିଟାଲ ଯାଇଥାଏ ତାପସ ସାରଙ୍କ ପାଖକୁ ପୁଅର ଆଖି ପରୀକ୍ଷା ପାଇଁ । ଜନ୍ମ ପରେ ଦୁଇ ପୁଅଙ୍କ ସାମାନ୍ୟ ଆଖି ସମସ୍ୟା ଥିଲା । ଆଖିରେ ଡ୍ରପ ପକାଇ ୩୦ ମିନିଟ ଅପେକ୍ଷା କରିବାକୁ ପଡେ । ତେଣୁ ବାହାର ବାଲୋକୋନିରେ ମୁଁ ଅପେକ୍ଷା କରିଥାଏ । ଭିତରେ ନବଜନ୍ମିତ ଶିଶୁଙ୍କ ପାଇଁ ଆଇସିୟୁ ଏବଂ ପ୍ରସୂତୀମାନଙ୍କ ପାଇଁ ଶଯ୍ୟା ଏବଂ ଡାକ୍ତରମାନଙ୍କର ଅନେକ କୋଠରୀ । ବାହାର ବାଲୋକୋନିରେ ରୋଗୀ ମାନଙ୍କର ଆତ୍ମୀୟମାନେ ସପ ଖଣ୍ଡେ ଆଉ ଖଣ୍ଡେ ଦୁଇ ଖଣ୍ଡ ବ୍ୟାଗ ସହ ଉଦାସ ମନରେ ବସିଥାନ୍ତି । ଭିତରେ ଖାଇବା ମନା, ତେଣୁ ପ୍ରସୂତି ମା଼ ମାନେ ସେହି ବାଲକୋନିରେ ଖାଇବା ପିଇବା କାମ ସାରିଦେଇ ଭିତରକୁ ଯାଆନ୍ତି ।

ମୋ ପାଖରେ ଜଣେ ୫୫ କି ୫୬ ବର୍ଷର ସ୍ତ୍ରୀ ଲୋକ ଏବଂ ତାଙ୍କର ବୋହୂ ବସିଥାନ୍ତି । ବୋହୂଟିର ଶରୀର ଦୁର୍ବଳ ଏବଂ ଉଦାସ । ବୋଧେ ପିଲାଟି ଆଇସିୟୁରେ ଜୀବନ ମରଣ ସହିତ ସଂଗ୍ରାମ କରୁଛି । ବୋହୂଟିର ମୁଣ୍ଡରେ ଅନେକ ଦିନ ହେବ ତେଲ ଟିକେ ବାଜିନି । ମୁଣ୍ଡ କୁଣ୍ଡିଆ ନ ହୋଇ ଅଲରା ଅସରା ବାଳଗୁଡିକ ପଙ୍ଖା ପବନରେ ଇତସ୍ତତଃ ଉଡୁଥାଏ । ଶାଶୁଜଣଙ୍କ ସେଓଟିଏ ଦେଲେ ଖାଇବାକୁ ବୋହୂକୁ । ବୋହୁଟି ସେଥିରୁ ଅଧେ ଖାଇ ରଖିଦେଲା, ଆଉ ଖାଇବି ନାହିଁ କହି ।

ଶାଶୁ ଟିକେ ଚଢା ଗଳାରେ କହିଲେ, ଭଲରେ ଭଲରେ ସବୁ ଖା, ନ ହେଲେ ଗାବଳ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମାରି ଭର୍ତ୍ତି କରିବି ତୋ ପେଟରେ । ପେଟରେ ପଶିଲେ ସିନା କ୍ଷୀର ହେବ (ବୋଧେ ମା'ଟିର କ୍ଷୀର ହେଉ ନ ଥାଏ ପିଲାଟିକୁ ଖୁଏଇବା ପାଇଁ) । ଖାଲି ଔଷଧ ମୋଷଦ ଖାଇଲେ କଣ ହେବ । ତାପରେ ପାଖରେ ବସିଥିବା ଜଣେ ମହିଳାଙ୍କୁ ଉଦ୍ଦେଶ୍ୟ କରି କହିଲେ, ପିଲାଦିନରୁ ଜଣେ ଜଣେ ଏମିତି ଜୁ'ମରା ଥାଆନ୍ତି । ଖାଇଲେ ଯାହା ନ ଖାଇଲେ ବି ତାହା । ମୁଁ କଣ ଖାଲି ଘିଅ ଦୁଧ ଖାଉଛି, ଦେଖୁନ ମୋ ଦେହ । ମୁଁ ତ ପୁଣି ହୃଷ୍ଟପୃଷ୍ଟ ଅଛି । ଏତିକିରେ ବନ୍ଦ ହେଲାନି ତାଙ୍କ ମୁହଁ । ବୋହୂ ବିରୁଦ୍ଧରେ ଅନେକ ଅଭିଯୋଗ କରି ଚାଲିଲେ । ସବୁ ଶୁଣି ବୋହୂଟି ଦୁଃଖରେ ମୁହଁ ଫେରେଇ ଆଣିଲା । ଆଖିର ଲୁହକୁ ଲୁଚାଇବା ପାଇଁ ବୋଧେ ପଣତକୁ ମୁହଁରେ ଢାଙ୍କିଦେଲା ଏବଂ ସମସ୍ତଙ୍କ ଅଲକ୍ଷ୍ୟରେ ଆଖିର ଲୁହକୁ ପୋଛୁଥିଲା ପଣତକାନିରେ । ମୁଁ ସେ ନାରୀଟି ବିଷୟରେ କେତେ କଣ ଭାବି ଚାଲିଲି । ବେଳେବେଳେ ମଣିଷ କେତେ ଅସହାୟ ! ତାର ଆଖି ଲୁହରେ ସେ ଛୋଟ ପଣତଟି କେତେଥର ଭିଜି ନ ଥିବ ? କେତେ ଆଶା କେତେ ଆକାଂକ୍ଷା ନେଇ ସେ ଶାଶୁଘରକୁ ଆସି ନ ଥିବ ? ଗୋଟେ ବାପର କେତେ ଅଲିଅଳି ଝିଅ ହୋଇ ନ ଥିବ ? ସେ କଣ ଗୋଟେ ଭାଇର ସ୍ନେହମୟୀ ଭଉଣୀ ହୋଇ ନ ଥିବ ? ଏକ ଅବ୍ୟକ୍ତ ଯନ୍ତ୍ରଣାରେ ମୋ ଛାତି ଭିତରଟା ରୁନ୍ଧି ହୋଇଗଲା । ମୁଁ ଭାବିଲି...

ଯାହାର ପୁଅ ଜୀବନ ମରଣ ସହ ସଙ୍ଘର୍ଷ କରୁଛି ତା ମା'ର ମନଦଶା କଣ ଥିବ ? ଏ ସମୟରେ ଯେଉଁ ଶାଶୁ ଏପରି ବ୍ୟବହାର କରୁଛି ପୁଣି ବାହାର ଜାଗାରେ ଅନେକ ଲୋକଙ୍କ ଆଗରେ, ସେ ଘରେ କିପରି ବ୍ୟବହାର ନ କରୁଥିବ । ନିଜ ଝିଅ ହୋଇଥିଲେ ସେ କଣ ଏପରି କହି ପାରିଥାନ୍ତା ?

ଯେଉଁ ବୋହୂକୁ ତୁମେ ଘରେ ବାହାରେ ସାହି ଭାଇରେ ଏବଂ ବନ୍ଧୁ ବାନ୍ଧବଙ୍କ ଆଗରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପର ଝିଅ ଭାବି କଥା କଥାରେ ଭୁଲ ଥାଉ କି ନ ଥାଉ ଅପମାନିତ କରି ଚାଲିବ ବର୍ଷ ବର୍ଷ, ସେଇ ବୋହୂ ତୁମକୁ ନିଜର କରିବ ବା କାହିଁକି ? ଡରରେ ହୁଏତ ଚୁପ ରହିପାରେ ହେଲେ ସ୍ନେହ ମମତା ଏବଂ ଭଲ ପାଇବା ଆସିବ କେଉଁଠୁ ? ଆପଣାପଣ ଆସିବ କେଉଁଠୁ ? ଜଣେ ନିଜର ସହିଷ୍ଣୁତାକୁ ନେଇ ବର୍ଷେ, ଦୁଇ ବର୍ଷ ବା ପାଞ୍ଚ ବର୍ଷ ଚୁପ ରହିପାରେ । ତାପରେ ଅସହ୍ୟ ହେଲେ ମୁହଁ ଖୋଲିବ ହିଁ ଖୋଲିବ । ନିଜ ଝିଅ ହୋଇଥିଲେ କଣ ସେ ଏସବୁ ସହିଥାନ୍ତା । ତେଣୁ ସେଇ ଘରେ ସମୟକ୍ରମେ କଳହ ସୃଷ୍ଟି ହୁଏ, ଏବଂ କଳହ ସୃଷ୍ଟି ହେବା ସ୍ୱାଭାବିକ ମଧ୍ୟ ।

.....ସୀତାରାମ ଦାଶ.....

Magazine Downloaded from www.aahwaan.com

# ଗ୍ରୀଟିଙ୍ଗ୍ କାର୍ଡ୍



ବିଦ୍ୟୁତଲତା ମିଶ୍ର

ଆଉ ହାତ ଗଣତି କିଛିଦିନ ଥିଲା ପୁରୁଣା ବର୍ଷର । ପାର୍ଟି, ପିକନିକରେ ସବୁ ମସଗୁଲ୍ । ସୁବ୍ରତକୁ ବି ସାଙ୍ଗମାନେ କହିଥିଲେ, ୨୦୦୨ ସର୍ଭିସବ୍ୟାଚର ଗେଟ୍‌ଟୁଗେଦେରକୁ ଯେମିତି ବି ହେଉ ଯିବାପାଇଁ, କିନ୍ତୁ ସୁବ୍ରତ ଯାଇ ପାରିନଥିଲା କାରଣ ସେମାନେ ଯେଉଁ ଦିନ ଫିକ୍ସ କରିଥିଲେ ସେଦିନ ଥିଲା ରିୟାର ଫନ୍‌କ୍ସନ ।

ନୁଆଁ ବର୍ଷ ଆସିବା ପୂର୍ବରୁ ସୁବ୍ରତ ତାର ବହି ଆଲମାରୀକୁ ସଫା କରିଦିଏ । ଯେମିତି ବି ହେଉ ଡିସେମ୍ବର ମାସରେ ତାର ବହିଥାକ ସବୁ ସଫା ହେବ । ପୁରୁଣା ବହିର ପୃଷ୍ଠା ସବୁରେ ଖୋଜିବ ସେ, ଜୀବନକୁ !! ନାନାଦି ବହିରେ ସଜ୍ଜିତ ତା ଆଲମାରୀ ପକେଟ ବୁକରୁ ଆରମ୍ଭ କରି ଉପନ୍ୟାସ, ଫକୀର ମୋହନଙ୍କ ଠାରୁ ଆରମ୍ଭ କରି ମନୋଜ ଦାସ, ଦେବଦାସ ଛୋଟରାୟ୍ର । ଅନେକ ପୁରୁଣା, ଆଧୁନିକ ଲେଖକଙ୍କ ବହିରେ ସୁସଜ୍ଜିତ ଥାକ ଗୁଡ଼ିକ । ବହି ଗୁଡ଼ିକୁ ବିଭିନ୍ନ ରୂପେ ସଜାଇ ଥାଏ ସେ, ଆଲମାରୀ ଟି ସଫା ହୁଏ କମ୍, ଆଉ ବହି ପଢା ହୁଏ ଅଧିକ । ଆଜି ରିୟା ନାଚ ଶିଖିବାକୁ ଯାଇଥାଏ, ସୁବ୍ରତ ତା କାମରେ ଲାଗି ପଡିଲା ।

କିଛି ବହି ପଢିବା ଭିତରେ ହଠାତ୍ ହାତରେ ଲାଗିଲା ଗୋଟେ ବହି, 'ଗଳ୍ପ ଓ ଏକାଙ୍କିକା' ନବମ ଓ ଦଶମ ଶ୍ରେଣୀ । ଅତି ପୁରୁଣା ବହିଟିରେ ୧୯୯୪ ଡିସେମ୍ବର ମାସର ସମାଜଟିଏ ମଲାଟ ପଡିଥାଏ ।

ବହିଟିରୁ ପୃଷ୍ଠା ପରେ ପୃଷ୍ଠା ପଢୁପଢୁ ହଠାତ୍ ମଲାଟ ଭିତରେ କିଛି ଥିବାପରି ଲାଗିଲା,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଖୋଲି ଦେଖେ ତ ଅତି ଯତ୍ନରେ ସାଇତି ରଖିଥିବା 'ଗ୍ରୀଟିଙ୍ଗ୍ କାର୍ଡ଼'ଟିଏ । ମୁକ୍ତା ପରି ଅକ୍ଷରରେ ଲେଖାଥାଏ

'ପ୍ରଭୁ ଜଗନ୍ନାଥ ତୁମ ଜୀବନରେ ସବୁ ଖୁସି ଆଗାମୀ ୧୯୯୫ ରେ ଭରିଦିଅନ୍ତୁ ।'

ସନ୍ଧ୍ୟା.....

୨୫ ବର୍ଷ ତଳର ଲେଖା ଭିତରୁ ସୁବ୍ରତ ସ୍ପଷ୍ଟ ଦେଖିପାରୁଥିଲା ସନ୍ଧ୍ୟାର ମୁଁହ । କେତେ ସଜ୍ଜଳ ଆଉ ନିରୀମାଖୀ ଥିଲା ସେ, ଏକା ଗାଁ, ଏକା ସାହି ହୋଇଥିଲେ ବି ଦିନୁଟିଏ କଥା ହୁଏନି ସୁବ୍ରତ ତା ସହ, କାରଣ ସନ୍ଧ୍ୟା ତା ମାମୁଁ ଘରେ ରହି ପଢୁଥିଲା । ନିଜେ ସନ୍ଧ୍ୟା ବହୁତ ସତର୍କ ଥିଲା ସେ ପ୍ରତି । ଅଷ୍ଟମ ଶ୍ରେଣୀରେ ଯେବେ ସେ ପ୍ରଥମ କରି ବେଗୁନିଆ ହାଇସ୍କୁଲ ଆସିଲା ସବୁ ପୁଅ ହୁଏତ ତାରି ଆଡକୁ ଲୁଚି ଲୁଚି ଦେଖୁଥିଲେ । ସନ୍ଧ୍ୟା କେବେ କେଉଁ ପୁଅକୁ ଆଖି ଉଠେଇ ନଦେଖିଲେ ବି ହୁଏତ ଜାଣି ଦେଉଥିଲା ଯେ ଅନେକ ଦୃଷ୍ଟି ତା ଉପରେ ନିବଦ୍ଧ ।

ସେଦିନ ଥିଲା ଦଶମ ଶ୍ରେଣୀର ପିଲାଙ୍କୁ ଆମ ନବମ ଶ୍ରେଣୀ ପିଲାଙ୍କ ବିଦାୟ ବେଳା । ସନ୍ଧ୍ୟା ଗୀତ ଗାଇ ଫେରୁ ଫେରୁ ହଠାତ ଝୁଣ୍ଟି ପଡେ ଆଉ ତା ହାତର ଚୁଡି ବାଜି ମୋ ପାଦରୁ ରକ୍ତ ବହୁଥାଏ । ତାର ଧଳା ଓଢଣୀରେ ମୋ ପାଦରୁ ରକ୍ତକୁ ଚିପି ଧରିଥିଲା ସେ, କିଛି ସମୟ ପାଇଁ ହୁଏତ କଷ୍ଟ ହେଲା କିନ୍ତୁ ପରେ ଯେତେଥର ସେଇ କ୍ଷତକୁ ଦେଖୁଥିଲି ଏକ ଅଜଣା ଶିହରଣ ସୃଷ୍ଟି ହେଉଥିଲା ମନରେ ।

ସେହି ବର୍ଷ ଡିସେମ୍ବର ଶେଷରେ ସନ୍ଧ୍ୟା ଦେଇଥିଲା ଏହି 'ଗ୍ରୀଟିଙ୍ଗ୍ କାର୍ଡ଼' । ତା ପାଇଁ ହୁଏତ ସେଇଟା କେବଳ ଗ୍ରୀଟିଙ୍ଗ୍ କାର୍ଡ଼ ଥିଲା କିନ୍ତୁ ମୋ ପାଇଁ ! ! ! ସତରେ ମୋ ଜୀବନର ପ୍ରଥମ ପ୍ରେମ ପତ୍ର । କେବେ ହଜି ନଯାଉ ସେଥିପାଇଁ ସାଇତିଥିଲି ବହିର ମଲାଟ ଭିତରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଖରେ କେହି ନଥିଲା ବେଳେ ଚୁପଚାପ ଗ୍ରୀଟିଙ୍ଗ୍ ଟି ଦେଖି ରଖି ଦେଉଥିଲି ପୁଣି ଯଥାସ୍ଥାନରେ । ଗ୍ରୀଟିଙ୍ଗର ଉପରେ ଥିବା ଦୁଇଟି ପାରା ଓ ଦିଲ୍ ଚିତ୍ର ଦେଖି ଭାବୁଥିଲି ହୁଏତ ସନ୍ଧ୍ୟା ବି ମୋ ପାଇଁ ଏମିତି ଛଟପଟ ହେଉଥିବ, କିନ୍ତୁ ଜାଣିବାର ଉପାୟ ନଥିଲା । ନବମ ଯାଇ ଦଶମ ହେଲା । ବାପାଙ୍କ ଡରରେ ପୁସ୍ତକ ମନସ୍ଥ ହୋଉଥିଲି ମୁଁ । ଦଶମରେ ସର୍ବାଧିକ ୮୭ ପ୍ରତିଶତ ରଖି ପାସ କରିବାରେ ମୁଁ ଥିଲି ପ୍ରଥମ । ଏହାପରେ ବାବାଙ୍କ ଇଚ୍ଛାରେ ସହର ଆସିଥିଲି ମୁଁ ଉଚ୍ଚ ଶିକ୍ଷା ପାଇଁ । ସହରରେ କଲେଜ ପଢିବା ବେଳେ ମୋର ସାଙ୍ଗସାଥିଙ୍କ ଠାରୁ ଭିନ୍ନଥିଲି ମୁଁ ।

ମୋ ନିଃସଙ୍ଗ ଜୀବନରେ ପ୍ରେମିକା ଏଇ ଗ୍ରୀଟିଙ୍ଗ୍ କାର୍ଡ, ଏହି ଗ୍ରୀଟିଙ୍ଗ୍ କାର୍ଡ଼ ଭିତରେ ଥାଇ ହିଁ ସଂଧ୍ୟା ସତେ କି ମୋତେ ପ୍ରେରଣା ଦେଉଥିଲା ଅଧିକରୁ ଅଧିକ ପଢ଼ିବା ପାଇଁ । ସନ୍ଧ୍ୟା ବ୍ୟତିରେକ ଆଉ କେହି ଯେମିତି ମୋ ହୃଦୟରେ ସ୍ଥାନ ପାଇବାର ଯୋଗ୍ୟ ନଥିଲେ ।

ଜୁନିଅର ଇଂଜିନିୟର ଭାବେ ୨୦୦୨ରେ ଯୋଗଦେବା ପରେ ଭାବିଲି ଏବେ ସଂଧ୍ୟାକୁ ମୋ ମନ କଥା କହିବା ଠିକ୍ ହେବ କିନ୍ତୁ ସନ୍ଧ୍ୟାର ପାଠ ପଢ଼ା ସରିବା ପରେ ସେ ତା ଗାଁକୁ ଚାଲିଯାଇଥିଲା । ଆଉ ତାର ବିଷୟରେ କାହାକୁ ପଚାରି ପାରିନଥିଲି.... ମୋର ଲଜ୍ଜା ସ୍ୱଭାବ ଯୋଗୁଁ ମୁ ହରେଇ ବସିଥିଲି ମୋ ପ୍ରଥମ ପ୍ରେମକୁ । ବାବାଙ୍କ ଇଛାରେ ବିବାହ ଓ ବିବାହର ୭ ବର୍ଷରେ ସ୍ତ୍ରୀର ଦେହାନ୍ତ ପରେ ଏବେ ସମ୍ପୂର୍ଣ୍ଣ ଏକା । ୧୫ ବର୍ଷର ଝିଅ ରିୟା, ବୁଢୀ ମାଆକୁ ନେଇ ମୋର ପରିବାର । ହୁଏତ ବହୁତ ସମୟ ମୁଁ ସେମିତି ଗ୍ରୀଟିଙ୍ଗ୍‌ଟିକୁ ଧରି ବସିଯାଇଥିଲି ।

ଏହା ପରେ ବିତି ଯାଇଥିଲେ କିଛି ଦିନ ......

ବାହାରେ ବେଲ୍ ବାଜୁଥିଲା, ଝିଅ ରିୟା ଆସିଥିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାରି ଖୁସି ଜଣା ପଡୁଥିଲା, ମୋ ଝିଅଟି ଠିକ୍ ମୋ ଭଳି, ତା ମନରେ କଣ ଚାଲୁଥାଏ ମୁଁ ବି ଅନେକ ସମୟରେ ଜାଣି ପାରେ ନାହିଁ ।

: ପାପା ତୁମର ସାଙ୍ଗ ହିଁ ଆମକୁ ଡ୍ୟାନ୍ସ ଶିଖାନ୍ତି ଆଉ ସେ ଜଣେ ଭଲ ଲେଖିକା ମଧ୍ୟ ତୁମ ପାଇଁ ନୂଆ ବର୍ଷର ଗିଫ୍ଟ ପଠାଇଛନ୍ତି ।

: କିଏ ମୋର ସାଙ୍ଗ ପୁଣି ଡ୍ୟାନ୍ସ ଟିଚର୍, ଲେଖିକା ? ? ଗିଫ୍ଟଟି ଖୋଲୁ ଖୋଲୁ ଖସିପଡ଼ିଲା ଗ୍ରୀଟିଙ୍ଗ୍ କାର୍ଡ଼ଟିଏ ଆଉ ଗୋଟିଏ ବହି ।

ବହିଟିର ନାଁ, "ସୁବ୍ରତର ସନ୍ଧ୍ୟା" ଲେଖିକା "ସୁଶ୍ରୀ ସନ୍ଧ୍ୟାରାଣୀ ପଟ୍ଟନାୟକ" । ବହିଟି ଖୋଲିବା ପୂର୍ବରୁ ଗ୍ରୀଟିଙ୍ଗ୍‌ଟି ଖୋଲି ଦେଖେ ତ ଲେଖା ଥିଲା,

"ପ୍ରଭୁ ଜଗନ୍ନାଥଙ୍କ କୃପାରୁ ତୁମକୁ ସବୁ ଖୁସିମିଳୁ, ୨୦୨୦ ଇଂରାଜୀ ନବବର୍ଷର ଅନେକ ଶୁଭେଚ୍ଛା ।"

ସନ୍ଧ୍ୟା...

ଗଞ୍ଜାମ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ରଘୁଆ ସାନ୍ତାକ୍ଲଜ୍



ବିଜୟ କୁମାର ପଣ୍ଡା

ସପିଙ୍ଗ ମଲରେ କେଉଁଦିନ ବାଘ, କେଉଁଦିନ ଭାଲୁ ଆଉ ବଡ଼ ଦିନ ପାଇଁ ସାନ୍ତାକ୍ଲଜ ଏମିତି ଭେଳିକି ଭେଳି ବେଶଭୂଷା ହେଇ ମିଳୁଥିବା ମଜୁରୀରେ ଘର ଚଳୁଥିଲା ରଘୁଆର । ସ୍ତ୍ରୀ, ପୁଅଝିଅକୁ ନେଇ ଚାରି ପ୍ରାଣୀର ସଂସାର । ଆମ ଗାଁପାଖ ଗାଁରେ ତା'ର ଘର ବୋଲି ଜାଣିଥିଲି ଏଇ ସହରକୁ ଆସିଲା ପରେ ।

କେବେଥରେ ଦେଖାହେଇ ପରିଚୟ ଦେଇଥିଲା ଆଉ ଫୋନନମ୍ବରଟା ଦେଇ କହିଥିଲା, "ସାର୍ ମୋ ଫୋନରେ ବାଲାନ୍ସ ନଥାଏ । କେବେ ଦରକାର ପଡ଼ିଲେ ମୁଁ ମିସ୍ କଲ ଦେବି ଆପଣ ଫୋନ କରିବେ ।"

- ହଁ କିଛି ବି ଦରକାର ହେଲେ, ନିଶ୍ଚିତ ଫୋନ କରିବ କହିଥିଲି ।

ମୁଁ ନିୟମିତ ସପିଙ୍ଗ ମଲ ଯିବା ଲୋକ ନୁହଁ, ତଥାପି କେବେ କେମିତି ସପିଙ୍ଗ ମଲରେ ଦେଖାହୁଏ ବାଘ ଅବା ଭାଲୁ ବେଶରେ ଥିବା ବେଳେ କିନ୍ତୁ କଥା ହେବା କି ସମ୍ଭବ ! ମାଲିକର ହୁକୁମ ଟିକେ ବି ବସି ହବନି, ସପିଙ୍ଗ ପାଇଁ ଆସୁଥିବା ସମସ୍ତଙ୍କୁ ଖାସ୍ କରିକି ପିଲାମାନଙ୍କୁ ଭଳିକି ଭଳି ଅଙ୍ଗଭଙ୍ଗି ଦେଖେଇ ମନୋରଞ୍ଜନ କରିବାକୁ ପଡ଼ିବ ।

କ୍ରିଷ୍ଟମାସ୍ ପୂର୍ବଦିନ ପିଲାଦୁହେଁ ସାନ୍ତାକ୍ଲଜ ଡ୍ରେସ୍ ଆଣିବାକୁ ଅଳି କରିଥିଲେ । ଦେହରେ ଜ୍ୱର ଜ୍ୱର ଭଳି ଲାଗୁଥିଲା, ହେଲେ ବି ଟିକେ ଡେରିରେ ମଧ୍ୟାହ୍ନ ପରେ ଯାଇଥିଲା, ମଜୁରୀ ମିଳିଲେ ପିଲାଙ୍କ ପାଇଁ ସାନ୍ତାକ୍ଲଜ ଡ୍ରେସ୍ ଆଣିବ । ହେଲେ ମାଲିକଙ୍କ ଠାରୁ ଗାଳି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଶୁଣିବାକୁ ମିଳିଥିଲା ।

- ରାତି ପାହିଲେ ଖ୍ରୀଷ୍ଟମାସ୍, କେତେ ଲୋକ ମାର୍କେଟିଂ କରିବାକୁ ଆସୁଛନ୍ତି । ତୁ ଏଇ ସମୟରେ ବାହାନା କରି ଡେରିରେ ଆସୁଛୁ ? ଚାକିରୀ କରିବାକୁ ଇଛାନାହିଁ କିରେ ତୋର ? ଆଜି ଦରମା ତୋର ଅଧା କାଟିଦେବି । ଇରେସ୍ପନସିବଲ.. ଇଡ଼ିଅଟ.. । ମାଲିକ ଗାଳି କରି କହିଦେଇଥିଲେ ଆଉ ମିଳିଥିଲା ଅଧା ଦରମା ।

ପିଲା ଦୁହେଁ ଡେରି ରାତିଯାଏଁ ଜଗିଥିଲେ ସାନ୍ତାକ୍ଲଜ ଡ୍ରେସ୍ ପାଇଁ କିନ୍ତୁ ଅଧା ମଜୁରୀରେ ଡ୍ରେସ୍ ତ ଦୂରର ସେଦିନ ପେଟପୁରା ଖାଦ୍ୟ ବି ମିଳିଲାନି ପରିବାରକୁ । କାଲି ନିଶ୍ଚିତ ସାନ୍ତା କ୍ଲଜ ଡ୍ରେସ୍ ଆଣିଦେବ ବୋଲି କଥାଦେଲା ପିଲାଙ୍କୁ ରଘୁଆ ଆଉ ସପିଙ୍ଗମଲ୍‌ରୁ ଖାଇକି ଆସିଛି କହି ଖାଲି ପେଟରେ ଶୋଇ ପଡିଲା ।

ପରଦିନ ଥିଲା କ୍ରିଷ୍ଟମାସ୍ ବଡ଼ଦିନ । ରଘୁଆର ଦେହଟା ବିଲକୁଲ ଭଲ ଲାଗୁନଥିଲା, ଦେହହାତ ପ୍ରବଳ ବିନ୍ଧୁଥାଏ ।

ଡାକ୍ତର ପାଖକୁ ଯାଇ ଔଷଧ ଆଣିଦିଅ, ଦେହ ଟିକେ ଭଲ ହେଲେ ଯିବ ଉପର ଓଳିକୁ । ରଘୁଆର ସ୍ତ୍ରୀ କହିଲା ।

ଆଜି ବଡ଼ଦିନ ବହୁତ ଲୋକ ମାର୍କେଟିଂ କରିବାକୁ ଆସିବେ ପିଲାପିଲି ଆଉ ପରିବାରକୁ ଧରି, ମୁଁ ଡେରିକଲେ ଚାକିରୀ ଯିବ ଜାଣ । ଆଜି ପିଲାଙ୍କ ପାଇଁ ସାନ୍ତାକ୍ଲଜ ଡ୍ରେସ୍ ବି ଆଣିବାକୁ ହେବ, ଡେରି ନକରି ଚା'ଟିକେ ଦେ ମୁଁ ବାହାରି ଯିବି ।

ରଘୁଆ ପହଞ୍ଚି ଯାଇଥିଲା ସପିଙ୍ଗ ମଲ୍‌ରେ । ଦିନରେ କଣ ଖାଇଛି କି ନାହିଁ କାହାକୁ ଜଣାନାହିଁ । ମୁଁ ପୁଅକୁ ଧରି ପ୍ରାୟ ସନ୍ଧ୍ୟା ସାତଟା ହେବ ଯାଇଥାଏ । ସପିଙ୍ଗ ମଲ୍‌ରେ ପଶିଲା ବେଳେ ଦେଖିଲି ସେ ସାନ୍ତାକ୍ଲଜ ବେଶ ହେଇ ଠିଆ ହୋଇଥିଲା । କେତେ ଝିଅ, ପୁଅ କୁନି

 Magazine Downloaded from www.aahwaan.com

ପିଲାମାନେ ସେଲ୍ଫି ନେଉଥିଲେ ତା'ସହ । ମୋ ପୁଅ ବି ଜିଦ୍ କରୁଥିଲା ଚାଲ ବାପା ଗୋଟେ ଫଟୋ ନେବା । ଏତେ ଭିଡ଼ ଦେଖି ମୁଁ ପୁଅକୁ ବୁଝେଇ କହିଲି ଏବେ କେବଳ ତା ସହ ହେଣ୍ଡ ସେକ୍ କରି ପଳେଇବା । ସେ ତ ଏଇଠି ଅଛି, ସପିଙ୍ଗ କରି ଫେରିଲା ବେଳେ ସେଲ୍ଫି ନେବା । ପୁଅ ପାଇଁ ସାନ୍ତାକ୍ଲଜ ଟୋପି କିଣିଲା ବେଳେ ରଘୁଆର ଛୁଆଙ୍କ ପାଇଁ ବି ଦୁଇଟି ଟୋପି ଆଉ ଦୁଇଟା ଗିଫ୍ଟ ମୁଁ କିଣିଥିଲି, ପୁଅ କହୁଥିଲା ଏ ସବୁ ମୁଁ ସେ ସାନ୍ତାକ୍ଲଜ ଅଙ୍କଲ୍‌କୁ ଦେବି ।

ପ୍ରାୟ ରାତି ନ'ଟା ବାଜିବାକୁ କିଛି ସମୟ ବାକି ଥାଏ, ମୁଁ କିଣାକିଣି ସାରି ସାନ୍ତାକ୍ଲଜ (ରଘୁଆ) ଆଡ଼କୁ ଫେରୁଥାଏ ।ସାନ୍ତା କ୍ଲଜ ଯେମିତି ନିର୍ଜୀବ ପାଷାଣ ଭଳି ଠିଆ ହେଇଥିବା ଭଳି ଲାଗୁଥିଲା । ଜ୍ୱରରେ ପୀଡ଼ିତ କ୍ଲାନ୍ତ ଦେହଟା ଦିନସାରା ଭଳିକି ଭଳି ଲୋକଙ୍କର ମନୋରଞ୍ଜନ କରାଇ ନିସ୍ତେଜ ହେଇଯାଇଥାଏ । ଜୁଳୁ ଜୁଳୁ ଆଖି ଦୁଇଟା ଛଡ଼ା ଆଉ କଣ ଦେଖାଯାଉଛି ଯେ କିଏ ଜାଣିବ ତା ଭିତରର ଦୁଃଖ !

ମୁଁ ତାକୁ ହାତ ମିଶାଇ ଆଲିଙ୍ଗନ କରିବାକୁ ଗଲାବେଳେ ସେ ଲଥ କିନା ବସି ପଡ଼ିଲା ତଳେ । ପାଖରେ ଥିବା ଲୋକମାନେ କିଛି ଧ୍ୟାନ ଦେଇ ନଥିଲେ ।

ଏ ମଲର୍ ମ୍ୟାନେଜର୍ କିଏ ? ମୁଁ ପାଟି କରି ଡାକିଲି ।

ତା ଭିତରେ ମୋ ହାତରେ ଥିବା ପାଣି ବୋତଲଟା ଖୋଲି ପାଣି ପିଇବାକୁ ଦେଲି । ସେତେବେଳେ ଦେହରେ ପ୍ରବଳ ତାତି, ଦେହ ଥରୁଥାଏ । ତାର ଜଣେ ସହକର୍ମୀଙ୍କ ସହାୟତାରେ ପାଖ କ୍ଲିନିକ୍ କୁ ନେଇଗଲୁ ।

ଭାଇରାଲ ଫିବର ଭଳି ଜଣାଯାଉଛି । ମୁଁ ରକ୍ତ ପରୀକ୍ଷା ପାଇଁ ଦେଇଦେଉଛି, ସେ ପର୍ଯ୍ୟନ୍ତ ଏଇ ଔଷଧ ଖାଇବାକୁ ଦିଅ । ଡାକ୍ତର କହିଲେ ।

ପ୍ରାୟ ରାତି ଦଶଟା ତିରିଶ ହେବ ଘରେ ପହଞ୍ଚିଲା ସାନ୍ତାକ୍ଲଜ ସାଥିରେ ମୁଁ ବି ଥିଲି

 Magazine Downloaded from www.aahwaan.com

ଅସୁସ୍ଥ ସାନ୍ତାକ୍ଲଜକୁ ଘରେ ପହଞ୍ଚାଇ ତା'ର ପିଲାମାନଙ୍କୁ ଗିଫ୍ଟ ଆଉ ଖାଦ୍ୟ ପୁଡ଼ିଆ ଦେବାକୁ ।

ରଘୁଆର ଦେହ ଅସୁସ୍ଥ ତଥା ଡାକ୍ତରଖାନା କଥା ସବୁ ଜଣେଇ, ଠିକ ସମୟରେ ଔଷଧ ଖାଇବାକୁ ଡାକ୍ତର କହିଥିବା କଥାଟା ଜୋର ଦେଇ କହିଲି ।

ବାବୁ ଆପଣ ହିଁ ଆମ ପାଇଁ ପ୍ରକୃତ ସାନ୍ତାକ୍ଲଜ । ରଘୁଆର ସ୍ତ୍ରୀ ଲୁହ ଛଳ ଛଳ ଆଖିରେ କହିଲେ ।

ସାରା ଦୁନିଆ କେବଳ ସାନ୍ତାକ୍ଲଜର ଲାଲ ରଙ୍ଗର ବାହ୍ୟ ପୋଷାକରେ ଆବୃତ ବଳିଷ୍ଠ ଶରୀର, ଧଳା ରଙ୍ଗର ମୋଟା ମୋଟା ନିଶ ଦେଖି ଖୁସି ମନାଏ । ଦୁନିଆକୁ ରଘୁଆ ଭଳି ଅନେକ ସାନ୍ତାକ୍ଲଜର ପୋଷାକରେ ଆଭ୍ୟନ୍ତରୀଣ ମଣିଷଟିର ଦୁଃଖ କେବେ ଦିଶେନି ବାବୁ । ଏକଥା କହି ରଘୁଆର ସ୍ତ୍ରୀ କାନ୍ଦି ପକେଇଲା ବେଳେ ମୁଁ ସାନ୍ତ୍ୱନା ଦେଇ ଘରକୁ ଫେରିଲି ।

ସମ୍ପାଦକ "କନକପ୍ରଭା",
ସବଙ୍ଗ, ସିମୁଳିଆ, ବାଲେଶ୍ୱର,
ଭ୍ରାମ୍ୟଭାଷ :୯୭୩୯୫୯୧୮୧୬

Magazine Downloaded from www.aahwaan.com

# ମାତୃ ଆଶ୍ରିତ



ସୁନେତ୍ରା ନାୟକ

କାନ୍ଥ ଘଣ୍ଟାର ଠନ୍ ଠନ୍ ଶବ୍ଦ ମଧ୍ୟରାତ୍ର ହେବାର ସୂଚନା ଦେଲା । ଇଚ୍ଛା ନଥିଲେ ବି ନିଦ ଆସୁ ନଥିବାରୁ ଏହି ଶବ୍ଦକୁ କାନ ଠିଆକରି ଶୁଣିବାକୁ ବାଧ୍ୟ ହେଲି । ଏଣେ ସ୍ୱାମୀଙ୍କର ଘୁଙ୍ଗୁଡି ଶବ୍ଦ ମଧ୍ୟ ଶ୍ରୁତିକଟୁ ହୋଇ ବ୍ୟସ୍ତ ବିବ୍ରତ କରି ପକାଉଥାଏ । ବେଳେ ବେଳେ ଭାରି ଇର୍ଷାହୁଏ ତାଙ୍କର ଏହି ସୁଖ ନିଦ୍ରାକୁ ଦେଖି । କେତେ ଶାନ୍ତିରେ ସେ ଶୋଇଯାଆନ୍ତି ଠିକ୍ ଯେମିତି ଛୋଟ ଶିଶୁଟିଏ ପରି । ସତେ ଯେମିତି ଦୁନିଆଁର କୌଣସି ଦୁଃଖର ଶକ୍ତିହିଁ ନାହିଁ ତାଙ୍କୁ ସ୍ପର୍ଶ କରିବାର । ତାଙ୍କ ହାତଧରି ସଂସାର କରିବା ଦିନରୁ ତାଙ୍କୁ ଦେଖି ଆସିଛି ସେଇ ଏକା ଭାବମୂର୍ତ୍ତିରେ । ସବୁବେଳେ ସ୍ଥିର ପ୍ରତିଜ୍ଞ ରୂପ ।

ହଠାତ୍ ମୋବାଇଲର ରିଙ୍ଗଟୋନ୍ ଶବ୍ଦରେ ମୁଁ ମୋର ବାସ୍ତବତାକୁ ଅନୁଭବ କଲି । ଲାଇଟ୍ ଅନ୍ କରି କାନ୍ଥ ଘଣ୍ଟାକୁ ପୁଣିଥରେ ଚାହିଁଲି । ୧୨ଟା ବାଜି ୫ ମିନିଟ୍ ହେବାକୁ ଯାଉଛି । ଏତେ ରାତିରେ କିଏ ଫୋନ୍ କରିଥିବ ଭାବିଲା ବେଳକୁ ବୋଧହୁଏ ଫୋନ୍ କଟିଗଲା । ପୁଣିଥରେ ରିଙ୍ଗ୍ ହେଲା । ଏଥର ଚଷମାଟିକୁ ଆଖିରେ ଲଗାଇ ଦେଖିଲି ଆମର ଏକମାତ୍ର ସୁଯୋଗ୍ୟ ସନ୍ତାନ ପ୍ରୀତମ୍ । ଫୋନ୍ ଟି ରିସିଭ୍ କରୁକରୁ ଏକା ସାଙ୍ଗରେ ତିନୋଟି ସ୍ୱର ମୋତେ ଶୁଣାଗଲା । "ହ୍ୟାପି ବାର୍ଥ ଡେ ମାଆ" । ପ୍ରୀତମ, ସୋନାଲୀ ଏବଂ ନାତୁଣି ସୁଇଟ୍ ର ସ୍ୱର । ସୁଇଟ୍ କୁ ଆଜି ଯାଏଁ ଚର୍ମଚକ୍ଷୁରେ ଦେଖିବା ସମ୍ଭବ ହୋଇନି । ହେଲେ କେତେବେଳେ କେମିତି ଫୋନ୍ ରେ ତା ସହ କଥା ହେବାର ସୁଯୋଗ ପାଇଛି । ତାକୁ ଏବେ

ଆହ୍ୱାନ-ଇ-ପତ୍ରିକା

 Magazine Downloaded from www.aahwaan.com

ଚାରିବର୍ଷ ପୁରି ପାଞ୍ଚ ବର୍ଷ ଚାଲିଛି । ତା କଥା ପଦକ ମୋତେ ଏତେ ମିଠା ମିଠା ଲାଗେଯେ ଦିନସାରା ତା କଥା ଶୁଣିବାକୁ ଇଚ୍ଛା ହୁଏ । ସେଇଥିପାଇଁ ମୁଁ ତାକୁ ସୁଇଟ୍ ବୋଲି ଡାକେ । ଆଉ ସେ ମୋତେ ମା' ମା' ଡାକେ । ତା ବାବା ମାମା ମୋତେ ମା' ଡାକନ୍ତି । ସେଥିପାଇଁ ସେ ବି ଡାକୁଛି । ତା ଜେଜେଙ୍କୁ ବି ବାପା ବୋଲି ଡାକେ । ହଠାତ୍ ସେପାଖରୁ ଶୁଭିଲା - ମା' କଣ ଶୋଇଗଲଣି କି ? ? ସୁଇଟ୍ କହି ଚାଲିଥାଏ । ବାପାଙ୍କର କଣ ମନେ ନାହିଁ ତୁମ ବାର୍ଥଡ଼େ କଥା । ବାପା କେମିତି ଭୁଲିଗଲେ ଯେ ତୁମ ବାର୍ଥ ଡେ ଆଜି ଅଛି ବୋଲି । କାହିଁ ମୋ ବାବା ତ କେବେ ଭୁଲନ୍ତିନି ମୋ ମାମାଙ୍କ ବାର୍ଥଡ଼େ କଥା ... । ସେପଟୁ ସୋନାଲୀ ବୋଧହୁଏ ଫୋନ୍ ଟି ଛଡାଇନେଲା ସୁଇଟ୍ ପାଖରୁ । ମୋ ଦେହପା' କଥା ଟିକେ ପଚାରିଦେଇ ତରବରରେ ଫୋନ୍ କାଟିଦେଲା ।

ଓଃ ! ! ! ଆଜି ତାହେଲେ ମୋର ଜନ୍ମଦିନ । ଜନ୍ମ ତାରିଖ ମନେ ପକାଇ ହିସାବ କଲି । ଆସନ୍ତା କାଲି ମୋତେ ୬୦ ବର୍ଷ ପୁରିଯିବ । ହେଲେ ଏମାନେ ମୋତେ ଆଜି କାହିଁକି ଫୋନ୍ କଲେ ? ହଁ ହଁ ମୁଁ ଶୁଣିଛି ଆମ ପଡୋଶୀ ଘର ମିଶ୍ରବାବୁଙ୍କ ପିଲାମାନେ ମଧ୍ୟ ରାତି ୧୨ଟାରେ ଜନ୍ମଦିନ ପାଳନ କରନ୍ତି । ହଉ ଆଜିକାଲିକା ପିଲା । ତାଙ୍କର ଯାହା ଇଚ୍ଛା ହେଲା ସେଇଟାକୁ ସଂସ୍କୃତି ବୋଲି ମାନି ନେଉଛନ୍ତି । କଥାରେ ଅଛି ଦେଖାଶିଖା ଓଡିଆ । ଯାହା ଦେଖୁଛନ୍ତି ତାହା ଶିଖୁଛନ୍ତି ଓ କରୁଛନ୍ତି ବି । ବାପାମା' ପାଠଶାଠ ପଢେଇ ପିଲାମାନଙ୍କୁ ଶିକ୍ଷିତ କରାନ୍ତି । କିନ୍ତୁ ଏସବୁ ଅଶିକ୍ଷିତ ଆଚରଣ ଅପସଂସ୍କୃତି ପ୍ରେମ ପିଲାମାନଙ୍କୁ ଆଉ ଶିଖାଇବାକୁ ପଡୁନି । ନିଜେ ନିଜେ ଶିଖିଯାଉଛନ୍ତି । ହେ ଭଗବାନ୍ ଏମାନଙ୍କୁ ଟିକେ ସଦବୁଦ୍ଧି ଦିଅ...

କଲିଂ ବେଲ୍ ଟି ଅନବରତ ବାଜି ଚାଲିଛି ସକାଳୁ ସକାଳୁ । ନିଦ ଭାଙ୍ଗିଗଲା । ଝର୍କା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଡେ ଟିକେ ଚାହିଁଲି । ସକାଳ ହୋଇ ସାରିଲାଣି । ମୋର ବୋଧହୁଏ ଉଠିବା ଆଜି ଟିକେ ଡେରି ହୋଇଗଲା । ରାତି ନ ପାହୁଣୁ ଉଠିଯାଏ ସବୁଦିନ । କାଲି ରାତିରେ ଟିକେ ନିଦ ଭଲରେ ହେଲା ନାହିଁ ବୋଲି ସକାଳୁ ସକାଳୁ ଭଲକିନା ଆଖି ଲାଗିଯାଇଛି । ପୁଣି ଥରେ କଲିଂବେଲ୍ ଟି ବାଜି ଉଠିଲା । ଏତେ ସକାଳୁ କିଏ ଆସିଲା ଆମ ଘରକୁ ? ପେପର୍ ବାଲା କି କ୍ଷୀରବାଲା ତ ହୋଇ ନଥିବେ ନିଶ୍ଚୟ । ଆଉ କିଏ ହୋଇପାରେ ? ସ୍ୱାମୀଙ୍କୁ ନିଦରୁ ଉଠେଇଲି । ସେ ବି ଆଶ୍ଚର୍ଯ୍ୟ ହୋଇ କବାଟ ଖୋଲି ଦେଖିବାକୁ ଗଲେ । ମୋ ପାଦ ଦୁଇଟି ବି ଉତ୍ସୁକତାରେ ଆଗେଇଯାଇଥିଲା କବାଟ ଆଡକୁ । କବାଟ ଖୋଲିଲା ପରେ ଯାହା ଦେଖିଲି ଖୁସିରେ ଆତ୍ମହରା ହୋଇପଡିଲି । ନିଜ ଆଖିକୁ ନିଜେବି ବିଶ୍ୱାସ କରିପାରୁ ନଥିଲି । ଅନ୍ତର ଭିତରର ମାତୃତ୍ୱପଣିଆ ଟିକକ ଫୁଲିଫୁଲି ଦ୍ୱିଗୁଣିତ ହୋଇଯାଉଥାଏ ।

ପାଦ ତଳେ ମୁଣ୍ଡିଆ ମାରିଲେ ସୋନୁ ଆଉ ତା ସ୍ତ୍ରୀ ଲୀନା । ତାଙ୍କର ଟିକି ଝିଅ ରାନୀ ଦଉଡିଆସି କୁଣ୍ଢେଇ ପକାଇଲା । ସମସ୍ତେ ମିଶି ଜନ୍ମଦିନ ଶୁଭେଚ୍ଛା ଜଣାଇଲେ । ରାନୀ ତା ମାମା ସହ ମିଶି ସୁନ୍ଦର ଫୁଲତୋଡାଟିଏ ତିଆରି କରି ଆଣିଥିଲା ମୋ ପାଇଁ । ତା ଟିକି ହାତରେ ତିଆରି ହୋଇଥିବା ଫୁଲତୋଡାଟି ମୋ ଟିକି ହୃଦୟକୁ ଖୁବ୍ ପସନ୍ଦ ହୋଇଥିଲା । ବାଡ଼ିରେ ଫୁଟିଥିବା ମଲ୍ଲୀଫୁଲର ଟିକି ଗଜରାଟିଏ ବି ତିଆରି କରି ଆଣିଥିଲା ରାନୀ ମୋ ପାଇଁ । ତା ମାମା ବୋଧହୁଏ ତାକୁ କହିଛି ମୁଁ ମଲ୍ଲୀଫୁଲର ଗଜରା ଖୋସାରେ ଲଗାଇବାକୁ ଭଲପାଏ ବୋଲି ।

ଲୀନା କେତେ ପ୍ରକାରର ପିଠାପଣା, କ୍ଷୀରିପୁରି, ମିଠା ସବୁ ନିଜ ହାତରେ ତିଆରି କରି ଆଣିଛି । କେତେବେଳେ କରିଥିବ ଏ ସବୁ ? ? ବୋଧହୁଏ ରାତିସାରା ନ ଶୋଇ ଲାଗି ପଡିଥିବ କାମରେ ।


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭାରି ଭଲ ଝିଅଟିଏ ଲୀନା । ଆଧୁନିକ ନ ହେଲେବି ଅଶିକ୍ଷିତ ନୁହେଁ । ଶାନ୍ତ ସରଳ ପ୍ରକୃତିର ଝିଅ । ଅତି ସୁନ୍ଦରୀ ନହେଲେ ବି ଅସୁନ୍ଦରୀ ନୁହେଁ । ତା'ର ଗୁଣଗାରିମା ଦେଖିଲେ ଯେ କେହି ତାକୁ ଭଲପାଇ ବସିବ । ମୁଁ ନିଜେ ତାକୁ ବାଛିଥିଲି ମୋ ସୋନୁ ପାଇଁ । ଗରିବ ପରିବାରର ଝିଅଟିଏ । ଅନାଥାଶ୍ରମର ପିଲାମାନଙ୍କୁ ପାଠ ପଢାଏ । ମୁଁ ପ୍ରତିବର୍ଷ ମୋ ପୁଅ ପ୍ରୀତମର ଜନ୍ମଦିନରେ ଅନାଥାଶ୍ରମର ପିଲାମାନଙ୍କ ପାଇଁ କିଛି ଖାଇବା ଜିନିଷ ଓ ଲୁଗାପଟା ନେଇ ଯାଏ । ସେଇଠି ମୋର ଲୀନା ସହିତ ଦେଖା ହୋଇଥିଲା । ତା' ବ୍ୟବହାର ମୋତେ ବହୁତ ଭଲ ଲାଗିଲା । ତା ପରିବାର ସହ କଥାବାର୍ତ୍ତା କରି ସୋନୁ ସାଙ୍ଗରେ ବାହାଘର କରିଦେଇଥିଲି । ଆଜି ତାଙ୍କର ସୁଖସଂସାରକୁ ଦେଖି ମୋ ମନ ଖୁସିରେ ପୁରି ଉଠୁଛି ।

ଆମେ ସମସ୍ତେ ସାଙ୍ଗହୋଇ ପାଖରେ ଥିବା ଶିବ ମନ୍ଦିରକୁ ଗଲୁ । ସେଠାରେ ପୂଜାପୂଜି ସାରି ଘରକୁ ଫେରିଲୁ । ସୋନୁ ଓ ଲୀନା ବହୁତ ଖୁସି ଜଣାପଡୁଥିଲେ । ସତେ ଯେପରି ତାଙ୍କର କୌଣସି ଅଭିଳାଷିତ ସ୍ୱପ୍ନ ସତ ହେବାକୁ ଯାଉଛି । ଗାଡିଟିଏ ଯୋଗାଡ କରି ରଖିଥିଲେ ଆମକୁ ସାଙ୍ଗରେ ନେଇ କୁଆଡେ ଯିବାପାଇଁ । କିନ୍ତୁ ଗନ୍ତବ୍ୟସ୍ଥଳ ବିଷୟରେ ଯେତେ ପଚାରିଲେବି କେହିକିଛି କହିଲେନି । କଥା ଆଡେଇ ଯାଉଥାନ୍ତି କାଇଦା କରି । ରାନୀକୁ ଚୁପ୍ ଚୁପ୍ ପଚାରିଲି ଆମ ଗନ୍ତବ୍ୟସ୍ଥାନ ବିଷୟରେ । ସେ ବି କହିଲାନି । ଖାଲି ଏତିକି କହିଲା - "ମା' ଏଇଟା ପରା ତୁମ ପାଇଁ ସରପ୍ରାଇଜ୍ ! !"

ଯାତ୍ରାଜନିତ ସଫଳ କାମନା କରି ମା ମଙ୍ଗଳାଙ୍କ ଉଦ୍ଦେଶ୍ୟରେ ପ୍ରଣାମ ଜଣାଇ ଗାଡିରେ ଯାଇ ସମସ୍ତେ ବସିଗଲୁ ।

ଗାଡିଟି ଗଡିଚାଲିଥାଏ ଆଗକୁ ଆଗକୁ ତା'ର ଗନ୍ତବ୍ୟସ୍ଥାନ ଆଭିମୁଖ୍ୟରେ । ମୋ ମନ ଭିତରର ଆଗ୍ରହ ଉତ୍କଣ୍ଠା କୌଣସି ପ୍ରକାର ଆନୁମାନିକ ନିର୍ଦ୍ଧାରିତ ଗନ୍ତବ୍ୟସ୍ଥଳର କୂଳକିନାରା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନପାଇ ବାଧ୍ୟଶିଶୁଟିଏ ପରି ବସିରହିବାକୁ ପଡିଲା । ସୋନୁ ଆଉ ଲୀନାଙ୍କର ଅଯାଚିତ ଭଲପାଇବା ମୋତେ ବାରମ୍ବାର ମନେ ପକାଇ ଦେଉଥାଏ ପ୍ରୀତମ ଆଉ ସୋନାଲୀ କଥା । ଅନିଚ୍ଛା ସତ୍ତ୍ୱେ ମନ ଭିତରଟା ଯେମିତି ଗୋଳେଇ ଘାଣ୍ଟି ହୋଇ ଯାଉଥାଏ । ଏମାନେ ନିଜ ରକ୍ତର ସଂପର୍କୀୟ ନ ହୋଇବି କେତେ ଆପଣାର ଭାବୁଛନ୍ତି । ହେଲେ ପ୍ରୀତମ୍ କୁ ମୁଁ ଜନ୍ମ ଦେଇଛି । ଛୋଟ ଥିଲାବେଳେ ତା ଜନ୍ମଦିନରେ ତା ମୁହଁରେ ଟିକେ ଖୁସି ଦେଖିବା ପାଇଁ କେତେ କଣ ଆୟୋଜନ କରିଯାଉଥିଲି । ଯେତେ କଷ୍ଟ ହେଲେବି ଘରର ଅଭାବ ଅସୁବିଧାକୁ କେବେ ତାକୁ ଅନୁଭବ କରିବାକୁ ଦେଇନି । ହେଲେ ମୋର ଏଇ ପରିଣତ ବୟସରେ ସେ କଣ ଚାହିଁଥିଲେ ମୋ ମୁହଁରେ ଟିକେ ହସ ଫୁଟାଇପାରି ନଥାନ୍ତା ? ? ମୋ ଜନ୍ମଦିନ ପାଳନ କରିବାକୁ ମୋ ପାଖକୁ ଟିକିଏ ଆସିପାରି ନଥାନ୍ତା ? ? ଖାଲି ଫୋନରେ ଟିକେ ୱିଶ୍ କରିଦେଇ ବସିଗଲା ।

ଗାଡିର ଦ୍ରୁତଗତି ସହିତ ତାଳଦେଇ ମନେ ପଡିଯାଉଥାଏ ବିଗତ ଦିନର ସ୍ମୃତି ସବୁ । ଆଜକୁ ପ୍ରାୟ ଚାଳିଶି ବର୍ଷ ତଳର ପୁରୁଣା ଦିନଗୁଡିକ ସୂତାଖିଅ ପରି ମନ ଭିତରେ ଗୁଡେଇ ହୋଇ ଯାଉଛି ..... ।

ମୁଁ ସେତେବେଳେ ସରକାରୀ ବିଦ୍ୟାଳୟରେ ଶିକ୍ଷୟିତ୍ରୀ ଭାବରେ କାର୍ଯ୍ୟରତା ସୁଦୂର ବାଲେଶ୍ୱର ଜିଲ୍ଲାରେ । ପ୍ରତିଦିନ ମୁଁ ଓ ମୋର ଜଣେ ସହକର୍ମୀ ଭଉଣୀ ସାଙ୍ଗହୋଇ ବସ୍ ରେ ଯାଉ ବାରିପଦାରୁ ବାଲେଶ୍ୱର । ବାରିପଦାରେ ସ୍ୱାମୀଙ୍କୁ ମିଳିଥିବା ସରକାରୀ କ୍ୱାଟରରେ ମୋ ଶାଶୁଘର ପରିବାର ସହ ରହୁଥିଲି । ମୋ ସହକର୍ମୀ ଭଉଣୀଙ୍କ ଘର ବି ଆମ ଘର ଠାରୁ ମାତ୍ର ଗୋଟେ କି.ମି. ଦୂର । ତେଣୁ ଆମେ ଦୁଇଜଣ ସାଙ୍ଗହୋଇ ବସ୍ ରେ ଯିବା ଆସିବା କରୁ । ସମବୟସୀ ହୋଇଥିବାରୁ ହସଖୁସି ଥଟ୍ଟାମଜା ଭିତରେ ବସ୍ ଯାତ୍ରା ଆମକୁ ବେଶୀ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କଷ୍ଟ ଲାଗେନାହିଁ । ସେଦିନ କିନ୍ତୁ ବସ୍ ରେ ବହୁତ ଭିଡ ହୋଇଥିଲା । ଅଣନିଶ୍ୱାସୀ ପ୍ରାୟ ଲାଗୁଥାଏ । ବାଲେଶ୍ୱର ବସ୍ ଷ୍ଟାଣ୍ଡରେ ଓହ୍ଲାଇପଡି ଦେଖିଲୁ ପାଖରେ ଜଣେ ଆଇସ୍କ୍ରିମ୍ ବାଲା ତା ଠେଲାଗାଡିରେ ଆଇସ୍କ୍ରିମ୍ ବିକିବା ପାଇଁ ଠିଆହୋଇଛି । ଗରମ ଗୁଳୁଗୁଳି ପାଗକୁ ବସ୍ ଭିଡ ଭିତରୁ ବାହାରିଥିବାରୁ ଭାରି ଇଚ୍ଛା ହେଲା ଆଇସ୍କ୍ରିମ୍ ଗୋଟେ ଖାଇବାକୁ । ଏଣେ ସ୍କୁଲ୍ ସମୟ ଲେଟ୍ ହୋଇଯିବ ଭାବି ସହକର୍ମୀ ଭଉଣୀ ଜଣକ ବାରମ୍ବାର ତାଗିଦ କରୁଥାନ୍ତି । ଯାହାବି ହେଉ ଇଚ୍ଛା ହୋଇଛି ଯେତେବେଳେ ଖାଇବି ବୋଲି ଭାବି ତରବରରେ ଆଇସ୍କ୍ରିମ୍‌ଟିଏ କିଣି ପର୍ସରୁ ଟଙ୍କା ବାହାର କରିବାକୁ ଯାଉଛି ହଠାତ୍ ଧରିଥିବା ଆଇସ୍କ୍ରିମ୍ ଟି ହାତରୁ ଖସି ତଳେ ପଡିଗଲା । ମନଦୁଃଖରେ ପୁଣି ଆଉଗୋଟେ ଆଇସ୍କ୍ରିମ୍ କିଣି ତରବରରେ ଅଗକୁ ପାଦ ବଢଉଥିବା ବେଳେ ମୁଁ ଲକ୍ଷ୍ୟ କଲି ତଳେ ପଡିଯାଇଥିବା ଆଇସ୍କ୍ରିମ୍ ଟିକୁ ଛୋଟପିଲାଟିଏ ଉଠାଇନେଇ ଖାଇବାକୁ ଯାଉଛି । ମୁଁ ସଙ୍ଗେସଙ୍ଗେ ବୁଲିପଡି ତା'ହାତକୁ ଧରି ପକେଇଲି । ତଳୁ ଉଠାଇ ଖାଇବାକୁ ମନାକଲି । ସେ କିନ୍ତୁ ବଡ ବିକଳ ହୋଇ ଚାହିଁ ରହିଥିଲା ଆଇସ୍କ୍ରିମ୍ ଆଡକୁ । ମୁଁ ପଛରେ କିଣିଥିବା ଆଇସ୍କ୍ରିମ୍‌ଟିକୁ ତା'ହାତରେ ଧରେଇଦେଇ ସ୍କୁଲ୍ ଆଡେ ମୁହାଁଇଲି ।

ତା ପରଦିନ ଟିକେ ବେଳାବେଳି ଘରୁ ବାହାରି ଆସିଲୁ ବସ୍ ଭିଡରୁ ଟିକେ ରକ୍ଷାପାଇବା ପାଇଁ । ବସ୍ ଷ୍ଟାଣ୍ଡରେ ଓହ୍ଲାଇ ଦେଖିଲୁ ଆହୁରି ୪୫ ମିନିଟ୍ ସମୟ ଅଛି ହାତରେ । ସ୍କୁଲରେ ପହଞ୍ଚିବାପାଇଁ ମାତ୍ର ଦଶ କି ପନ୍ଦର ମିନିଟ୍ ଲାଗିବ । ତେଣୁ ପୁଣିଥରେ ଗଲୁ ସେହି ଆଇସ୍କ୍ରିମ୍ ବାଲା ପାଖକୁ । ସେଠି ଯାଇ ଦେଖିଲି ସେହି ପିଲାଟି କିଛି ଦୂରରେ ଗୋଟେ ଗଛମୂଳରେ ବସି ଆମ ଆଡେ ଚାହିଁଛି । ତାକୁ ହାତଠାରି ଡାକିଲି ପାଖକୁ ଆସିବାକୁ । ସେ ଖୁସି ହୋଇ ଦଉଡି ଆସିଲା । ତାକୁ ବି ଗୋଟେ ଆଇସ୍କ୍ରିମ୍ କିଣି

 Magazine Downloaded from www.aahwaan.com

ଧରେଇଦେଇ ପଚାରିଲି ତୋ ନାଁ କଣ ??

କହିଲା - "ସୋନୁ" ।

ବାଃ ! ଭାରି ଭଲ ନାଁଟିଏ ତ ....

ତୁମ ଘର କଣ ଏଇ ପାଖରେ ??

ଘରେ ଆଉ କିଏ ସବୁ ଅଛନ୍ତି ??

ତୁମେ ଭାଇଭଉଣୀ କେତେ ଜଣ ??

ଏକାବେଳକେ ଏତେଗୁଡ଼ିଏ ପ୍ରଶ୍ନ ପଚାରି ସାରିବା ପରେ ଦେଖିଲି ସେ କିଛି ଉତ୍ତର ନଦେଇ ମୋ ମୁହଁକୁ କରୁଣ ଦୃଷ୍ଟିରେ ଚାହିଁ ରହିଛି । ଟିକେ ନିରିଖେଇ ଦେଖିଲି ତା' ଟିକି ଟିକି ଆଖିରେ କୁନି କୁନି ଲୁହବୁନ୍ଦା ସବୁ ଜମାଟ ବାନ୍ଧି ସାରିଛି.....

ପୁଣିଥରେ ପଚାରିଲି ଅରେ କିଛି କହୁନୁ କାହିଁକି ? କଣ ହୋଇଛି ତୋର ?

ଏଥର ସେ ପୁରା କାନ୍ଦି ପକେଇଲା । କାନ୍ଦି କାନ୍ଦି କହିବା ଆରମ୍ଭ କଲା ।

ମା'....ମା'.....ବା..ପା...କୁ...ନି...କୁ...ନି...

ଆଉ କିଛି କହିପାରିଲାନି । ତା ଆଖିରୁ ଅବିରତ ଲୁହର ବନ୍ୟା ଛୁଟିଚାଲିଥାଏ । ମୁଁ ତାକୁ ଧରି ପାଖରେ ଥିବା ଏକ ଲୁହା ବେଞ୍ଚ ଉପରେ ବସାଇଦେଲି । ଆମେ ଦୁଇଜଣ ବି ତା ପାଖରେ ବସିଲୁ । ତା ଆଖିରୁ ଲୁହତକ ପୋଛିଦେଲି । ତା ହାତରେ ଧରିଥିବା ଆଇସ୍କ୍ରିମ୍ ଟି ଅଧାଅଧି ପାଣିହୋଇ ବହିଯାଇଥିଲା । ତାକୁ କହିଲି ଆଗେ ଆଇସ୍କ୍ରିମ୍ ଖାଇ ସାର, ଆମେ ତା ପରେ କଥା ହେବା । ସୋନୁ ଆଇସ୍କ୍ରିମ୍ ଟି ଖାଇସାରି ତା କଥା ଆରମ୍ଭ କଲା ।

ମୋର ବାପା ମା' ଭଉଣୀ କେହି ନାହାନ୍ତି ଆଜ୍ଞା । ଆମେ ଆଗରୁ ଏହି ପାଖ ବସ୍ତିରେ ରହୁଥିଲୁ । ବାପା ମା ଆଉ ଟିକି ଭଉଣୀଟିଏ ବି ମୋର ଥିଲେ । ମୋ ବାପା ସବୁଦିନ ମୂଲ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲାଗିବାକୁ ଯାଆନ୍ତି । ମା ବି କୁନିକୁ ସାଙ୍ଗରେ ନେଇ ପରଘରକୁ ପାଇଟି କରିବାକୁ ଯାଏ । ମୁଁ ବି ସ୍କୁଲ୍ ଯାଏ ମୋ ସାଙ୍ଗ ମାନଙ୍କ ସହିତ । ଭଲ ପାଠ ବି ପଢୁଥିଲି । ମୋ ମା କହୁଥିଲା ମୁଁ ଭଲ ପାଠ ପଢିଲେ କୁନିକୁ ବି ପଢେଇ ପାରିବି । ଭଲ ଚାକିରୀଟିଏ କରିବି । କୁନିର ବାହାଘର କରିବି । ହେଲେ.....

ମୁଁ ଆଶ୍ଚର୍ଯ୍ୟ ହୋଇ ପଚାରିଲି ତାପରେ କଣ ହେଲା ? ସେମାନେ ସବୁ କୁଆଡେ ଗଲେ ? ସେ କାନ୍ଦି କାନ୍ଦି ପୁଣି ଆରମ୍ଭ କଲା ... ଦିନେ ରାତିରେ ଆମେ ସବୁ ଶୋଇ ଯାଇଥାଉ । ହଠାତ୍ ବସ୍ତିରେ ନିଆଁ ଲାଗିଗଲା । ଆମେ କିଛି ଜାଣିବା ଆଗରୁ ସବୁକିଛି ସରିଯାଇଥିଲା । ମୋର ତ ଚେତା ନଥିଲା । ତା ପରଦିନ ଡାକ୍ତର ଖାନାରେ ମୋର ଚେତା ଫେରିଲା । ବାପା ମା ଆଉ କୁନିକୁ ବହୁତ ଖୋଜିଲି । ବୁଲି ବୁଲି ଡାକ୍ତରଖାନା ସାରା ଖୋଜିଚାଲିଲି । କାଳେ କଉଠି ପାଇଯିବି କାହାକୁ ହେଲେ । କିନ୍ତୁ କାହାକୁ ବି ପାଇଲିନି । ଘର ପାଖିଆ କେତେଜଣ ମଧ୍ୟ ସେହି ଡାକ୍ତରଖାନାରେ ଦରପୋଡ଼ା ଅବସ୍ଥାରେ ପଡି ରହିଥାନ୍ତି । ପଚାରି ବୁଝିଲି ଆମ ପରିବାରରେ ଆଉ କେହି ଜୀବିତ ନାହାନ୍ତି । କେତେ କାନ୍ଦିଲି ସେଦିନ । ଠାକୁରଙ୍କୁ କେତେ ନେହୁରା ହୋଇ କହିଲି ମୋ ବାପା ମା ଆଉ କୁନିକୁ ମୋତେ ଫେରେଇଦିଅ । ନହେଲେ ମୋତେ ବି ସେମାନଙ୍କ ପାଖକୁ ନେଇଯାଅ । ହେଲେ ସିଏ ବି ମୋ ଡାକ ଶୁଣିଲେନି..... ସେହିଦିନ ଠାରୁ ମୁଁ ପୁରା ଏକା । ଏଇ ମନ୍ଦିର ପାଖରେ କେହି ଜଣେ ବେଳେ ବେଳେ ଖାଇବାକୁ ଦିଅନ୍ତି । ନ ମିଳିଲେ ସେମିତି ଶୋଇପଡେ ପାଣି ପେଟେ ପି ଦେଇ ....

ତା କଥା ଶୁଣି ମୋ ଆଖିରୁ ବି ଅଜାଣତରେ ଲୁହ ବୋହି ଯାଉଥାଏ । ମୋର ତା ପାଇଁ କଣ କରିବା ଉଚିତ ଭାବିଚାଲିଲି । ସହକର୍ମୀଙ୍କ ଡାକରେ ମୁଁ ମୋ ବାସ୍ତବତା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଫେରିପାଇଲି । ସ୍କୁଲ୍ ଟାଇମ୍ ହୋଇ ଯାଉଥାଏ ।ପାଖ ଦୋକାନରୁ କିଛି ଖାଇବା କିଣି ତା ହାତରେ ଦେଲି ଓ ପୁଣି ରାତିରେ ଖାଇବା ପାଇଁ ବ୍ରେଡ୍ ଓ ବିସ୍କୁଟ୍ ପ୍ୟାକେଟ୍ ଦୁଇଟି କିଣିଦେଲି । ତା ପରେ ସ୍କୁଲ୍ ଆଡ଼କୁ ପାଦ ବଢେଇଲି । ପୁଣି ପଛକୁ ଫେରି ଚାହିଁଲି । ସୋନୁ ମୋତେ ଚାହିଁ ଠିଆ ହୋଇଥାଏ ସେମିତି । ମୁଁ ବୁଲି ଚାହିଁବାରୁ ଟିକେ ହସିଦେଲା । ବୋଧହୁଏ ଭୋକିଲା ଥିବାରୁ ଖାଇବା ଜିନିଷ କିଛି ପାଇ ଖୁସି ହୋଇଯାଇଛି । ମୁଁ କିନ୍ତୁ ସେତେବେଳେ ମନେପକାଉ ଥିଲି ଆସନ୍ତା କାଲିର ତା ଭୋକିଲା ବିକଳିଆ ମୁହଁଟିକୁ ।

ସେଦିନ ଆଉ କୌଣସି କାମରେ ମୋର ମନ ଲାଗିଲାନି । ଛୋଟପିଲାଟା । ମୁଁ ସିନା ତାକୁ କିଛି ଖାଇବାକୁ ଦେଇଆସିଲି । ତା'ପାଖରୁ ଯଦି ସେସବୁ ଜିନିଷ କିଏ ଛଡେଇ ନେଇଯାଏ ସେ ତ କିଛି କରି ପାରିବନି ? ଯଦିବା କେହି ନ ନିଅନ୍ତି ଆଜି ସିନା ଖାଇଦେବ କାଲିକୁ ପୁଣି କଣ କରିବ ? ରାତିରେ ବାହାର ଯାଗାଟାରେ କେମିତି ଶୋଉଥିବ ପିଲାଟା ? କାଲିର ସକାଳ କେମିତି ଥିବ ତା ପାଇଁ ? କଣ ହେବ ତାର ଭବିଷ୍ୟତ ? ? କେଜାଣି କେମିତି ଗୋଟେ ମୋହରେ ମୁଁ ଯେମିତି ବାନ୍ଧି ହୋଇପଡିଥିଲି । ରାତିରେ ସ୍ୱାମୀଙ୍କ ସହ ତା ବିଷୟରେ କଥା ହେଲି । ଶେଷରେ ଆମେ ନିଷ୍ପତ୍ତି ନେଲୁ ସୋନୁକୁ ଆମ ଘରକୁ ନେଇ ଆସିବା ପାଇଁ । କାରଣ ଆମ ବାହାଘରର ସାତ ବର୍ଷ ପରେ ବି ମୋର କୋଳ ଶୂନ୍ୟ ଥିଲା ।

ପରଦିନ ସକାଳେ ଶାଶୁ ଶ୍ୱଶୁରଙ୍କୁ ବୁଝାସୁଝା କରି ରାଜି କରାଇଦେଲି । ସେହିଦିନ ଯାଇ ତାକୁ ଆମ ଘରକୁ ନେଇ ଆସିଲି । ଏବେ ସୋନୁ ଆମଘରର ନୂତନ ସଦସ୍ୟ । ତାକୁ ପ୍ରଥମେ ପ୍ରଥମେ ସବୁକିଛି ନୂଆ ନୂଆ ଲାଗୁଥିଲେ ବି ମୋ ପରିବାର ଲୋକଙ୍କ ସ୍ନେହଆଦର ପାଇ ସେ ନିଜ ପରିବାର ହରେଇଥିବାର ଦୁଃଖକୁ ସହଜରେ ଭୁଲିଗଲା ।

ସୋନୁ ଏବେ ଭୁଲି ସାରିଥିଲା ତା ନିଜ ପରିବାରକୁ ହରେଇବାର ଦୁଃଖ । ତା'ର

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବ୍ୟବହାରରେ ସେ ମଧ୍ୟ ଖୁବ୍ ସହଜରେ ସମସ୍ତଙ୍କର ମନ କିଣି ନେଇଥିଲା । ଖୁବ୍ ସୁନ୍ଦର କଣ୍ଠ ମଧ୍ୟ ଭଗବାନଙ୍କ କୃପାରୁ ପାଇଥିଲା । ସନ୍ଧ୍ୟା ସମୟରେ ତା ମୁହଁରୁ ଭଜନ ଦିପଦ ଶୁଣିବାପାଇଁ ମୋ ଶାଶୁ ଶ୍ୱଶୁର ଆଉ ଆମ ପାଖ କ୍ୱାଟରରେ ଥିବା ପ୍ରଧାନଘର ମଉସା ମାଉସୀ ସମସ୍ତେ ଚାଲି ଆସୁଥିଲେ । ଜଗନ୍ନାଥ....ହୋ.. କିଛି ମାଗୁ ନାହିଁ ତୋତେ.... ଏହି ଭଜନଟି ଗାଇବା ସମୟରେ ତା ଆଖିରୁ ବେଳେବେଳେ ଲୁହ ଧାର ବହିଯାଏ । ଅନ୍ୟ ମାନଙ୍କର ବି ସେହି ପ୍ରକାର ଅବସ୍ଥା ହୋଇଯାଏ ।

ସୋନୁ ଭଲ ପାଠ ବି ପଢୁଥିଲା । ତାକୁ ନେଇ ପାଖ ସ୍କୁଲ୍ ରେ ନାମ ଲେଖାଇଦେଲି ।

ସୋନୁ ଆସିବାର ଗୋଟିଏ ବର୍ଷ ପରେ ପ୍ରୀତମ୍ ର ଜନ୍ମ । କିନ୍ତୁ ସୋନୁ ମୋ କୋଳରେ ବଡପୁଅର ଆସନ ନେଇସାରିଥିଲା । ତାକୁ ମୁଁ କେବେ ବି ଅନାଥ ପିଲା ବୋଲି ଅନୁଭବ କରିବାକୁ ଦେଇନି । ସେ ସବୁକିଛି ସୁବିଧା ପାଉଥିଲା ଯାହା ପ୍ରୀତମ୍ କୁ ଦିଆଯାଉଥିଲା ... ।

ପ୍ରୀତମ୍ କୁ ସୋନୁ ଖୁବ୍ ଭଲପାଉଥିଲା । ପ୍ରୀତମ୍ କୁ ପାଠପଢାରେ ସାହାଯ୍ୟ କରିବା ତାକୁ ସ୍କୁଲକୁ ସାଙ୍ଗରେ ନେବା ଆଣିବା କରିବା, ତାର ଖୁବ୍ ଯତ୍ନ ନେଉଥିଲା । ପ୍ରୀତମ୍ ବି ସୋନୁକୁ ଦଣ୍ଡେ ଛାଡି ରହିପାରୁ ନଥିଲା । ଦୁହେଁ ହୋଇଯାଇଥିଲେ ମୋ ଆଖିରେ 'ଜଗାବଳିଆ'...

ପାଠପଢା ନ ସରୁଣୁ ପ୍ରୀତମ୍ କ୍ୟାମ୍ପୋସ୍ ସିଲେକ୍ସନରେ ଚାକିରୀ ପାଇଗଲା । ବାଙ୍ଗାଲୋରରେ ଏକ ନାମୀଦାମୀ କମ୍ପାନୀରେ ହୋଇଗଲା ସଫ୍ଟୱେୟାର ଇଞ୍ଜିନିୟର୍ ।

ସୋନୁ କିନ୍ତୁ ପାଠପଢା ସାରିଲା ପରେ ବି ଚାକିରୀରେ ମନଦେଲା ନାହିଁ । ସବୁଦିନ ସକାଳେ ଓ ସନ୍ଧ୍ୟାବେଳେ ପାଖ ବସ୍ତିପିଲାଙ୍କୁ ଡାକିଆଣି ପାଠପଢାଏ । ଆଖପାଖ ଅଞ୍ଚଳରେ ବହୁତ ଆଦିବାସୀ ସମ୍ପ୍ରଦାୟର ଲୋକମାନେ ବସବାସ କରୁଥିଲେ । ସେମାନଙ୍କ ମଧ୍ୟରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଶିକ୍ଷାର ପ୍ରସାର ଖୁବ୍ କମ୍ ଥିଲା । ସୋନୁର ମନ ଭିତରେ ଗୋଟେ ଇଚ୍ଛା ଥିଲା କି ସେ ପଢିବାର ସୁଯୋଗ ପାଉନଥିବା ପିଲା ଏବଂ ଅନାଥପିଲା ମାନଙ୍କପାଇଁ ଗୋଟେ ସ୍କୁଲ୍ କରି ନିଜେ ସେଠି ପଢେଇବ । ହେଲେ ଦୁନିଆଁରେ ଭଲରେ ବଞ୍ଚିବା ପାଇଁ ତ କିଛିଗୋଟେ ରୋଜଗାରର ମାଧ୍ୟମ ଦରକାର ।

ଯାହା ହେଉ ଭଗବାନଙ୍କ କୃପାରୁ କିଛିଦିନ ପରେ ତା' ମନ ମୁତାବକ ନହେଲେ ବି ସେମିତିକା ଚାକିରୀ ଖଣ୍ଡେ ତାକୁ ମିଳିଗଲା । ସରକାରୀ ଆଦିବାସୀ ଆବାସିକ ବିଦ୍ୟାଳୟରେ ଶିକ୍ଷକତା ଆରମ୍ଭ କଲା ।

ଦୁଇପୁଅ ଆମର ରୋଜଗାରକ୍ଷମ ହୋଇଯିବାରୁ ଆମେ ସେମାନଙ୍କୁ ସଂସାର ବନ୍ଧନରେ ବାନ୍ଧିଦେବାକୁ ସ୍ଥିରକଲୁ । ସେମାନଙ୍କ ଅଜାଣତରେ ଆମେ ସେମାନଙ୍କ ପାଇଁ ଝିଅ ଖୋଜିବା ଆରମ୍ଭ କରିଦେଲୁ । ବହୁତ ଭଲ ପ୍ରସ୍ତାବ ମଧ୍ୟ ଆସିବାକୁ ଲାଗିଲା । ପୁଅ ବାହାଘର ନିଶାରେ ଆମେ ସ୍ୱାମୀସ୍ତ୍ରୀ ଦିଜଣଯାକ ଖାଲି ଭାବନା ରାଜ୍ୟରେ ଉଡି ବୁଲୁଥାଉ । ଦିନେ ହଠାତ୍ ପ୍ରୀତମ୍ ର ଗୋଟିଏ ଫୋନ୍ କଲରେ ଆମେ ଦିଜଣ ଯାକ କଚାଡିହୋଇ ତଳେ ପଡିଯିବାର ଅନୁଭବ କଲୁ ।

ପ୍ରୀତମ୍ ତା ଅଫିସର ଜଣେ ସହକର୍ମୀ ସୋନାଲୀକୁ କୋର୍ଟରେ ବିବାହ କରିସାରିଛି । ସେ ଦୁଇଜଣ ବାହାଘର ପରେ ଆମକୁ ଦେଖା କରିବାକୁ ଅସିଲେ । ଆମର ବି ଆଉ କୌଣସି ଉପାୟରେ କିଛି କରିବାର ଚାରା ନଥିଲା । ତା' ବାପା ମନ ଭିତରେ ବହୁତ ଭାଙ୍ଗି ପଡିଥିଲେ । ତଥାପି ସେ ଥିଲେ ଏକଦମ୍ ସ୍ଥିରପ୍ରତିଜ୍ଞ । ବାହାରକୁ କୌଣସି ଦୁଃଖକୁ ପ୍ରକାଶ କରିବାକୁ ଦେଉନଥିଲେ । ମୁଁ ବି ଆଉ କଣ କରିପାରିଥାନ୍ତି ? ?ବାଧ୍ୟ ହୋଇ ପୁଅ ବୋହୂଙ୍କୁ ସ୍ୱାଗତ କରିବାର ଆୟୋଜନ କଲି ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାହିପଡିଶାରେ ମୁହଁ ଦେଖାଇବାର ସାହସ ଆମର ନଥିଲା । ବାହାଘରର ଗନ୍ଧବାସ୍ନା ନଥାଇ ପୁଅ ବୋହୂ ଘରକୁ ଆସୁଛନ୍ତି । ଅନ୍ତର ତଳର କୋହକୁ ସେଇ ଅନ୍ତର ଭିତରେ ଚାପିରଖି ମୁହଁରେ ଶୁଖିଲାହସ ଫୁଟାଇ ସାହି ପଡିଶାରେ ମିଶିବାକୁ ପଡୁଥାଏ । ବାହାଘର ପରର ସମସ୍ତ ରୀତିନୀତି ଆଠଦିନ ପର୍ଯ୍ୟନ୍ତ କରିବାପାଇଁ ସ୍ଥିର କରିସାରିଲା ବେଳକୁ ଠିକ୍ ଚାରିଦିନପରେ ପୁଅବୋହୂ ବାହାରିଲେ ଚାକିରୀଯାଗାକୁ ଫେରିଯିବା ପାଇଁ । ତାଙ୍କର କୁଆଡେ ଆଉ ଛୁଟି ନଥିଲା । ସବୁ ରୀତିନୀତିକୁ ପାଦରେ ଆଡେଇଦେଇ ଆମକୁ ଆହୁରି ଲୋକହସା ହେବାପାଇଁ ଛାଡିଦେଇ ସେମାନେ ଚାଲିଗଲେ ନିଜ ବାଟରେ ...

ଏହି ସମୟରେ କେବଳ ସୋନୁ ହିଁ ଆମ ଦୁଃଖକୁ ବୁଝିପାରି ସବୁକିଛି ସହିଯିବାପାଇଁ ଆମକୁ ସାନ୍ତ୍ୱନା ଦେଉଥାଏ । ସିଏ ଆଉ ଅଧିକା କଣ ବା କରିପାରିଥାନ୍ତା, ଯେଉଁଠି ଆମେ ବାପା ମା ହୋଇ କିଛି କରିବାର ଉପାୟ ନଥିଲା ।

ସମୟକ୍ରମେ ଆମେ ନିଜକୁ ସମ୍ଭାଳିନେଲୁ ଓ ସୋନୁର ବାହାଘର ପାଇଁ ପ୍ରସ୍ତୁତ ହେଲୁ । ଭଗବାନ ଆମ ଦୁଃଖକୁ ଲାଘବ କରିବା ପାଇଁ ଲୀନା ସହିତ ପରିଚିତ କରାଇଦେଲେ । ସୋନୁ ସହିତ ଲୀନାର ବାହାଘର ହୋଇଗଲା । ଲୀନା ବୋହୂ ହୋଇ ଆସିବା ପରେ ଆମର ସବୁ ଦୁଃଖ ଭୁଲାଇ ଦେବାକୁ ଅହରହ ଚେଷ୍ଟା କଲା । କିଛିଦିନ ଖୁବ୍ ଖୁସିମଜାରେ ଦିନ କଟିଗଲା । ହେଲେ ଦୁଃଖ ପରେ ସୁଖ ଆଉ ସୁଖ ପରେ ଦୁଃଖ ତ ବିଧି ବିଧାନ... ତାକୁ ବା କିଏ ଏଡେଇଯାଇ ପାରିବ...

ଏହା ମଧ୍ୟରେ ମୋ ସ୍ୱାମୀଙ୍କର ଆଉ ମୋର ଚାକିରୀ ଜୀବନରୁ ଅବସର ନେବାର ସମୟ ଆସିଯାଇଥିଲା । ସରକାରୀ ବାସଭବନକୁ ଛାଡି ଆମ ନିଜଘର କଟକସ୍ଥିତ ବାସଗୃହକୁ ଆସିବାକୁ ପଡିଲା । ସୋନୁର ଚାକିରୀ ପାଇଁ ସୋନୁ ଓ ଲୀନା ରହିବାକୁ

 Magazine Downloaded from www.aahwaan.com

ବାଧ୍ୟହେଲେ ବାରିପଦାରେ । ସେମାନଙ୍କଠାରୁ ବିଦାୟକାଳୀନ ସମୟଟି ଆମ ସମସ୍ତଙ୍କପାଇଁ ଥିଲା ଖୁବ୍ ହୃଦୟବିଦାରକ........

ହଠାତ୍ ଗାଡି ବ୍ରେକ୍ ମାରିବାରୁ ମୁଁ ପ୍ରକୃତିସ୍ଥ ହୋଇଗଲି । ସୋନୁ ଗାଡିରୁ ଓହ୍ଲାଇ ମୋ ହାତଧରି ଆଗକୁ ଆଗକୁ ଚାଲିଥାଏ । ବନ ଅରଣ୍ୟଭରା ପରିବେଶ ମଧ୍ୟରେ ତିଆରି ହୋଇଛି ଏକ ସୁନ୍ଦର ଅନାଥାଶ୍ରମଟିଏ । ଉପରେ ନାମକରଣ ବୋର୍ଡରେ ବଡ ବଡ ଅକ୍ଷରରେ ଲେଖାହୋଇଛି 'ମାତୃ ଆଶ୍ରିତ' । ଛୋଟ ଛୋଟ ପିଲାମାନେ ଦଉଡି ଆସିଲେ । ମୋତେ ମୁଣ୍ଡିଆ ମାରି ଆଶୀର୍ବାଦ ନେବାପାଇଁ ଲୀନା ସେମାନଙ୍କୁ ଇସାରା ଦେଲା । ପିଲାମାନେ କିଛି ସମୟ ମଧ୍ୟରେ ମୋତେ ମା' ମା' ଡାକିବା ଆରମ୍ଭ କରିଦେଇଥିଲେ ।

ମୋ ମାନସପଟ୍ଟରୁ ଧିରେ ଧିରେ ଲିଭିଯାଉଥିଲା ମୋ ଠାରୁ ଜନ୍ମିତ ଏକମାତ୍ର ଦାୟଦର ଦୁଃଖଦ ଉପହାରର ଅନୁଭୁତି ସବୁ । ମୁଁ ବିଭୋର ହୋଇ ଉଠୁଥିଲି ଶହଶହ ପିଲାଙ୍କର ମା' ମା' ଡାକ ଭିତରେ । ମୋ ଅନ୍ତର ଭିତରେ ପୁଣିଥରେ ଫୁଲିଫୁଲି ଦ୍ୱିଗୁଣିତ ହୋଇ ଉଠୁଥିଲା ମାତୃତ୍ୱପଣିଆ ଟିକକ......

— ସୁନେତ୍ରା ନାୟକ



ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ରୂପାନ୍ତର



ତ୍ରିଲୋଚନ ଦାସ

ଜୟନ୍ତ ବାବୁ ସକାଳେ ନିଦରୁ ଉଠିଲା ବେଳକୁ ଅନୁଭବକଲେ ଯେ ତାଙ୍କଅଣ୍ଟା ତଳକୁ ଆଉ କିଛିନାହିଁ । ସେ ବାଁହାତ ଭରାଦେଇ ଉଠିବାକୁ ଚେଷ୍ଟା କଲେ, କିନ୍ତୁ ନା, ବାଁ ହାତ ବି ନାହିଁ । ବିନା ହାତର ସାହାରାରେ ନା ସେ ଉଠି ପାରିବେ ନା ବିନା ଗୋଡ଼ରେ ଛିଡ଼ା ହୋଇ ପାରିବେ । ମୁଣ୍ଡ ଉପରକୁ ଉଠେଇ ଦେଖିଲେ ଯେ ଗୋଡ଼ ଦୁଇଟା ଜାଗାରେ ସଁବାଳୁଆ ଲୋମ ଭଳି ଶହଶହ ଗୋଡ଼ ସାଲୁବାଲୁ ହେଉଛନ୍ତି, ଆଉ ବାଆଁ ହାତଟା ଜମାରୁ ନାହିଁ । ଡାକ୍ତର ଜୟନ୍ତ ମିଶ୍ରଙ୍କ ମନେ ପଡ଼ିଲା, ସେ କେଉଁଠି ଗୋଟେ ଗପ ପଢ଼ିଛନ୍ତି, ଯେଉଁଥିରେ ନାୟକ ଜଣକ ସକାଳେ ଉଠିଲା ବେଳକୁ ଠିକ ଏହି ଭଳି ଅନୁଭବ କରିଥିଲା । ହଁ, ମନେ ପଡ଼ିଲା, ଫ୍ରାଞ୍ଜ କାଫକାଙ୍କ ପ୍ରଖ୍ୟାତ ଗଳ୍ପ "ମେଟାମୋରଫୋସିସ୍"ରେ ନାୟକ ଗ୍ରେଗର୍ ସାମସାଙ୍କର ଦଶା ଦିନେ ଠିକ୍ ଏହି ଭଳି ହୋଇଥିଲା । କିନ୍ତୁ ସେ ଥିଲା ଭିନ୍ନ ପ୍ରସଙ୍ଗ । କିନ୍ତୁ ତାଙ୍କ ସହିତ ଏଭଳି ହେଲା କାହିଁକି ? ତାଙ୍କର ସେଭଳି କିଛି ସ୍ୱାସ୍ଥ୍ୟଗତ ସମସ୍ୟା ନାହିଁ ଯେ ସେ ହଠାତ୍ ପକ୍ଷାଘାତଗ୍ରସ୍ତ ହୋଇଯିବେ । ତେବେ ସେ କଣ ସମ୍ପୂର୍ଣ୍ଣ ପଙ୍ଗୁ ହୋଇଗଲେ । ସେ ଚିତ୍କାର କଲେ, "ହେ ପ୍ରଭୁ ! ମୋରଏ ଅବସ୍ଥା କାହିଁକି ?"

ଚିତ୍କାର ଶୁଣି ଶ୍ରୀମତୀ ମିଶ୍ରଙ୍କ ନିଦ ଭାଙ୍ଗିଗଲା । ଉଠିପଡ଼ି ଦେଖନ୍ତି ତ ଡାକ୍ତର ମହାପାତ୍ର ବସିଛନ୍ତି, ଶୀତ ଦିନ ହୋଇଥିଲେ ବି ଦେହସାରା ଗମଗମ୍ ହୋଇ ଝାଳ ବହି ଯାଉଛି, ଆଉ ଆଖି ତରାଟି ଏଆଡେ ସେଆଡ଼େ ଅନେଇବା ସହିତ ନିଜ ଦେହସାରା ହାତ ବୁଲାଉଛନ୍ତି । ଶ୍ରୀମତୀ ମିଶ୍ର ପଚାରିଲେ, "କଣ ହେଲା ? କାହିଁକି ପାଟି କଲ ? କିଛି ଦୁଃସ୍ୱପ୍ନ

 Magazine Downloaded from www.aahwaan.com

ଦେଖିଲ କି ?" ଟେବୁଲରୁ ପାଣି ଗ୍ଲାସଟେ ଆଣି ସ୍ୱାମୀଙ୍କ ଉଦ୍ଦେଶ୍ୟରେ ବଢେଇ ଦେଇ ଛାତି ଆଉ ପିଠିରେ ହାତ ବୁଲେଇ ଦେଇ କହିଲେ, "ବୁଝିଲ, ଆମର ଭେଲୋର୍ ଛାଡ଼ିବାଟା ବୋଧହୁଏ ଉଚିତ ନ ଥିଲା । ଟଙ୍କାକମ୍ ମିଳୁଥିଲା, କିନ୍ତୁ ଶାନ୍ତି ଥିଲା । ସକାଳୁ ହସ୍ପିଟାଲ ଯାଇ ସନ୍ଧ୍ୟା ସୁଦ୍ଧା ଫେରି ଆସୁଥିଲ । ବିଶ୍ରାମ ମିଳୁଥିଲା, ଆଉ ତୁମର ପ୍ରିୟବହି ସବୁ ପଢୁଥିଲ । କେତେ ସାବଲୀଳ ଥିଲା ସେ ଜୀବନ । କିନ୍ତୁ ନିଜ ମାଟିକୁ ଫେରି ବି, ନିଜ ଲୋକଙ୍କ ସେବା କରିବି ବୋଲି ଗୋଟେ ଝୁଙ୍କରେ ସେଠି ଚାକିରୀ ଛାଡ଼ି ଚାଲି ଆସିଲ । ତୁମର ବେଳେ ବେଳେ ମନେ ହୁଏନି କି ଭେଲୋର ଛାଡ଼ିବା ନିଷ୍ପତ୍ତି ତୁମର ଭୁଲ୍ ଥିଲା ବୋଲି । ତୁମେ ସେଦିନ କହୁଥିଲ ଯେ ଏଠି ସବୁଥିରେ ରାଜନୀତି, ସବୁଠାରେ ଖଚ-ମିଛ, ଆଉ ଠକାମୀ, ଏପରିକି ହସ୍ପିଟାଲ ବି ସେଥିରୁ ବାଦ ପଡୁନି । ଏହି କିଛିଦିନ ତଳେ ଖବରକାଗଜରେ ବାହାରିଥିଲା ଯେ ଗୋଟେ ବଡ଼ ପ୍ରାଇଭେଟ୍ ହସ୍ପିଟାଲର ଅପରେସନ୍ ଥିଏଟର ଭିତରେ କୌଣସି ଗୋଟେ ବିବାଦକୁ ନେଇ ଜଣେ ଡାକ୍ତର ଅନ୍ୟ ଜଣେ ଡାକ୍ତରଙ୍କ ପେଟରେ ଅପରେସନ୍ ଛୁରୀ ଭୁଷି ଦେଇଥିଲେ । ଆଉ ଗୋଟେ ହସ୍ପିଟାଲରେ ରୋଗୀ ମରିଯାଇଥିବା ସତ୍ତ୍ୱେ ତାକୁ ଭେଣ୍ଟିଲେଟରରେ ରଖି ବିଲ୍ ତିଆରି ଚାଲିଥିବା ଗୁପ୍ତ ଖବର ପାଇ ରୋଗୀଙ୍କ ଆତ୍ମୀୟମାନେ ଝମେଲା କରିବାରୁ ମୃତ ବ୍ୟକ୍ତିଙ୍କୁ ଡିସଚାର୍ଯ କରାଗଲା । ଏଠି ପୁଣି ମାଳମାଳ ଦଲାଲ୍, ରୋଗୀଙ୍କୁ ଭୁଲେଇ ଗୋଟେ ହସ୍ପିଟାଲରୁ ଅନ୍ୟ ଗୋଟେ ହସ୍ପିଟାଲକୁ ନେଇ କମିଶନ ରୋଜଗାର କରୁଥିବା ଅଭିଯୋଗରେ ଗିରଫ ହେଉଛନ୍ତି । ଏହି ସବୁକଥା ଶ୍ରୀମତୀ ମିଶ୍ର ଏକା ନିଶ୍ୱାସରେ ଗପି ଚାଲିଥିଲା ବେଳେ ଡ଼ାକ୍ତର ମିଶ୍ର କିନ୍ତୁ ଅନ୍ୟମନସ୍କ ଥିଲେ । ନୀରବରେ ନିଜ ଭିତରେ ସେଏକ ଅପରାଧବୋଧର ଯନ୍ତ୍ରଣା ଅନୁଭବ କରୁଥିଲେ । ସ୍ୱାମୀଙ୍କର ଅନ୍ୟମନସ୍କତା ଦେଖି ଶ୍ରୀମତୀ କହିଲେ, "ତୁମେ ଶୋଇପଡ଼, ମୁଁ ଲାଇଟ୍ ଜଳେଇ ରଖୁଛି, ଦରକାର ପଡିଲେ ଡାକିବ ।" ଡାକ୍ତର ମିଶ୍ର ଆଖି ବନ୍ଦକରି

 Magazine Downloaded from www.aahwaan.com

ଶୋଇବାକୁ ଚେଷ୍ଟା କଲେ । କିନ୍ତୁ ଗତକାଲିର ଘଟଣା ପାଇଁ ସେ ଏତେ ବିବ୍ରତ ଥିଲେ ଯେ ତାଙ୍କୁ ନିଦ ଆସିଲା ନାହିଁ । କେବଳ ସେହି ରୋଗୀଟିର ସରଳ ମୁହଁ ଆଉ ତା'ର କଥା ତାଙ୍କ ମାନସପଟରେ ବାରମ୍ବାର ଭାସି ଉଠୁଥିଲା । ରୋଗୀ ଜଣକର ବାମ ହାତ ଆଉ କାନ୍ଧରେ ଭୀଷଣ ଯନ୍ତ୍ରଣା ହେଉଥିଲା, କିନ୍ତୁ ହୃଦରୋଗ ହୋଇଥିବାର ଆଶଙ୍କା କରି ଆବଶ୍ୟକୀୟ ପରୀକ୍ଷା କଲା ପରେ ରିପୋର୍ଟ ସବୁ ସ୍ୱାଭାବିକ ବାହାରିଲା । ତଥାପି ରୋଗୀକୁ ଜଣେ ଡାକ୍ତର ଆଞ୍ଜିଓଗ୍ରାମ୍ ପାଇଁ ପରାମର୍ଶ ଦେଲେ । ସେଥିପାଇଁ ରୋଗୀକୁ ହସ୍ପିଟାଲରେ ଭର୍ତ୍ତି କରାଗଲା, ଆଉ ରୋଗୀ ଜଣକ କେବଳ ଡାକ୍ତର ମିଶ୍ରଙ୍କୁ ଛାଡ଼ି ଆଉ କାହା ଦ୍ୱାରା ଆଞ୍ଜିଓଗ୍ରାମ୍ କରେଇବାକୁ ମନାକଲା । ଡାକ୍ତର ମିଶ୍ର ପ୍ରଥମେ ରୋଗୀକୁ ଦେଖି ତାଙ୍କ ସହକାରୀଙ୍କୁ କହିଲେ ଯେ ଏ ରୋଗୀର ଆଞ୍ଜିଓଗ୍ରାମ୍ କରିବାର ଆବଶ୍ୟକତା ନାହିଁ । ସହକାରୀ ଜଣକ ବିକଳ ହୋଇ ତାଙ୍କୁ ଅନେଇ କହିଲେ, "ସାର୍, ରୋଗୀକୁ ଆଞ୍ଜିଓଗ୍ରାମ୍ କରିବା ପାଇଁ ଏଠି ଭର୍ତ୍ତି କରାଯାଇଛି, ଆଉ ତାଙ୍କୁ ଦେଖିଥିବା ଡାକ୍ତର ମଧ୍ୟ ସେହିଭଳି ପରାମର୍ଶ ଦେଇଛନ୍ତି । ଏବେ ସେଥିପାଇଁ ପ୍ରସ୍ତୁତ ହେଲା ବେଳକୁ ଯଦି ଆପଣ ଆଞ୍ଜିଓଗ୍ରାମ୍ ନ କରିବେ, ତେବେ ରୋଗୀ ଜଣକ ଫେରିଯିବା ସହିତ ହସ୍ପିଟାଲ ବଦନାମ୍ ହେବ । ଏଣୁ ଦୟାକରି ଏଥିରେ ଅରାଜି ହୁଅନ୍ତୁ ନାହିଁ । ବାକି ସବୁକାମ ମୁଁ ସମ୍ଭାଳି ନେବି ।" ବାଧ୍ୟହୋଇ ଡାକ୍ତର ମିଶ୍ର ସହକାରୀଙ୍କ ପ୍ରସ୍ତାବରେ ରାଜି ହେଲେ । ରୋଗୀ ଜଣକର ଆଞ୍ଜିଓଗ୍ରାମ ହେଲା ବେଳେ ତାଙ୍କ ସହକର୍ମୀ ରୋଗୀକୁ କହିଲେ ଯେ ତାଙ୍କର ଗୋଟିଏ ଧମନୀର ପ୍ରାୟ ୮୦% ବ୍ଲକ୍ ହୋଇ ଯାଇଥିବାରୁ ସେ ହାତରେ ଯନ୍ତ୍ରଣା ଅନୁଭବ କରୁଛନ୍ତି । ଯଦି ସେହି ବ୍ଲକେଜ୍ ସଫା କରି ଗୋଟେ ଷ୍ଟେଣ୍ଟ ଲଗେଇ ଦିଆଯାଏ, ତେବେ ସେ ସମ୍ପୂର୍ଣ୍ଣ ଯନ୍ତ୍ରଣା ମୁକ୍ତ ହୋଇଯିବେ । ଏଇ ସବୁକଥା ସହକର୍ମୀ ଜଣକ କହୁଥିଲା ବେଳେ ରୋଗୀଜଣକ ଡ଼ାକ୍ତରମିଶ୍ରଙ୍କ ମୁହଁକୁ ବାରମ୍ବାର ଅନାଉ ଥିଲେ । ଡାକ୍ତରମିଶ୍ର କିଛି କହିବାକୁ ଉଦ୍ୟତ ହେଲା ବେଳକୁ ସହକର୍ମୀ ଜଣକ କିଛି


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନ କହିବାକୁ ଆଖିରେ ଇସାରା ଦେଲେ । ଡାକ୍ତର ମିଶ୍ରଙ୍କ ମନେ ପଡିଲା ଯେ ସହକାରୀ ଜଣକ ଗତକାଲି  ତାଙ୍କୁ ଏ ବିଷୟରେ କିଛି କହୁଥିଲେ । ସହକାରୀ ଜଣକ କହୁଥିଲେ ଯେ ହସ୍ପିଟାଲ ଚେୟାରମ୍ୟାନଙ୍କ ବକ୍ତବ୍ୟ ହେଲା ଯେ, ସେ ଭାବୁଥିଲେ ଡାକ୍ତର ମିଶ୍ରଙ୍କ ଭଳି ଜଣେ ବିଚକ୍ଷଣ ହୃଦରୋଗ ବିଶେଷଜ୍ଞଙ୍କୁ ପାଇ ଆମ ହସ୍ପିଟାଲର ସୁନାମ ବଢ଼ିବା ସହିତ ଆୟ ମଧ୍ୟ ବଢ଼ିବ । ମାତ୍ର ଡ଼ାକ୍ତର ମିଶ୍ରଙ୍କ ପାଇଁ ଆମ ହସ୍ପିଟାଲର ସୁନାମ ଆଉ ରୋଗୀସଂଖ୍ୟା ବଢ଼ିଲା ସତ କିନ୍ତୁ ଆୟ ବଢିବା ବଦଳରେ କମିଲା । ଲୋକେ କହୁଛନ୍ତି ଯେ ଡାକ୍ତର ମିଶ୍ର ସ୍ୱୟଂ ଧନ୍ୱନ୍ତରୀ । ତାଙ୍କର ଷ୍ଟେଥୋସ୍କୋପ୍ କଥା କହେ, ଆଉ ଯେଉଁ ରୋଗୀ ଦେହରେ ତାଙ୍କ ହାତ ବାଜେ, ସେ ଆପେ ଆପେ ଭଲ ହୋଇଯାଏ । ଏପରିକି ରୋଗୀ ଅନ୍ୟ ହସ୍ପିଟାଲର ଅପରେସନ୍ ପାଇଁ ପରାମର୍ଶ ଚିଠା ଧରି ଆସିଥିଲେ ବି ଡାକ୍ତର ମିଶ୍ର ତା'ର କୌଣସି ଆବଶ୍ୟକତା ନାହିଁ କହି ଔଷଧ ଲେଖିଦିଅନ୍ତି । ଏହିଭଳି ଘଟଣା ଯଦି ଦୀର୍ଘଦିନ ଧରି ଲାଗି ରହେ, ତେବେ ହସ୍ପିଟାଲର ଆୟ ଆହୁରି କମିବା ସହିତ କର୍ମଚାରୀମାନଙ୍କ ଦରମା ମଧ୍ୟ ବନ୍ଦ ହୋଇଯିବାର ଆଶଙ୍କାକୁ ଏଡାଇ ଦିଆଯାଇ ପାରିବ ନାହିଁ । ଚେୟାରମ୍ୟାନ୍ ତାଙ୍କୁ ଏ ବିଷୟରେ କଥା ହେବାକୁ କହି ଆବଶ୍ୟକୀୟ ପରାମର୍ଶ ମାଗିଛନ୍ତି । ଡାକ୍ତର ମିଶ୍ର ଭାବିଲେ ଯେ ଏତ ଗୋଟେ ରୀତିମତ ଠକାମୀ । ମିଛକହି ରୋଗୀଙ୍କ ଜୀବନ ବଦଳରେ ଟଙ୍କା ରୋଜଗାର କରିବା ମେଡିକାଲ୍ ଏଥିକସ୍ ବିରୋଧୀ । କିନ୍ତୁ ଡ଼ାକ୍ତର ମିଶ୍ର ସେହି ମୁହୂର୍ତ୍ତରେ କିଛି ଉତ୍ତର ଦେଇ ନ ଥିଲେ, ବରଂ କହିଥିଲେ ଯେ ସେ ପରେ ଏ ବିଷୟରେ ଚିନ୍ତା କରି କହିବେ ।

ଡାକ୍ତର ମିଶ୍ର ଭାବିଲେ ଯେ ସେ ଏବେ ଯଦି କ୍ୟାଥଲାବ୍ ଭିତରେ ସତ କଥାଟି ରୋଗୀକୁ କହନ୍ତି, ତେବେ ଏ କଥା କେବେ ହେଲେ ଚାରିକାନ୍ଥ ଭିତରେ ରହିବ ନାହିଁ । ଆଉ ସେଥିପାଇଁ ତାଙ୍କୁ ହଟହଟା ହେବାକୁ ମଧ୍ୟ ପଡିପାରେ । ସେ ରୋଗୀର ଫାଇଲରେ

 Magazine Downloaded from www.aahwaan.com

ଦେଖିଛନ୍ତି ଯେ ତା ପାଖରେ କ୍ୟାସଲେସ୍ ଇନ୍‌ସ୍ୟୁରାନ୍‌ସ କାର୍ଡ ଅଛି, ସେଥିପାଇଁ ସେ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହେବ ନାହିଁ । ମାତ୍ର ସେ ଯେଉଁ ଚିକିତ୍ସା କରିବାକୁ ଯାଉଛନ୍ତି, ସେଥିରେ ରୋଗୀ ଯନ୍ତ୍ରଣାମୁକ୍ତ ହେବନାହିଁ । ଆଉ ତା'ପରେ ସେ ନିଜକୁ କେବଳ ଜଣେ ହୃଦରୋଗୀ ବୋଲି ଭାବିବ ଏବଂ ସେ ଭୋଗୁଥିବା ରୋଗର ସଠିକ ଚିକିତ୍ସା ପାଇଁ ଉପଯୁକ୍ତ ଡାକ୍ତରଙ୍କ ପାଖରେ ପହଞ୍ଚି ନ ପାରି କେବଳ ଏହିଭଳି ହସ୍ପିଟାଲ ଚାରିପଟେ ଘୁରି ବୁଲିବ ଆଉ ନାନାଦି ଠକଙ୍କ ହାବୁଡ଼ରେ ପଡ଼ି ହନ୍ତସନ୍ତ ହେବ । କିନ୍ତୁ ସେ କରିବେ କ'ଣ ? ସେ ଏବେ ଯେଉଁ ଧର୍ମ ସଙ୍କଟରେ ପଡିଛନ୍ତି, ସେଥିରେ ନା ନିଜ ବିବେକାନୁମୋଦିତ କାମ କରିପାରୁଛନ୍ତି ନା ବିବେକ ସହିତ ସାଲିସ୍ କରିପାରୁଛନ୍ତି । ଏବେ ମଧ୍ୟ ତାଙ୍କର ମନେ ଅଛି ଯେତେବେଳେ ସହକାରୀ ଜଣକ ରୋଗୀକୁ କହୁଥିଲେ ଯେ ଯଦି ଏବେ ସେ ଷ୍ଟେଣ୍ଟ ନ ଲଗାଇବେ, ତେବେ ଆଉ ଥରେ ଏଭଳି ପ୍ରସିଡ୍ୟୁର ଭିତରେ ହିଁ ତାଙ୍କ ଚିକିତ୍ସା ହେବ ଆଉ ଅଯଥା ଖର୍ଚ୍ଚାନ୍ତ ହେବା ସହିତ ସେ ମଧ୍ୟ କଷ୍ଟ ପାଇବେ । ଏଣୁ ଏବେ ତାଙ୍କର ଇଚ୍ଛା କ'ଣ ? ରୋଗୀ ଜଣକ ଥରେ ଡାକ୍ତର ମିଶ୍ରଙ୍କ ଆଡକୁ ଚାହିଁ ସହକାରୀ ଡାକ୍ତରଙ୍କୁ କହିଲେ ଯେ ଡାକ୍ତର ହେଉଛନ୍ତି ଦ୍ୱିତୀୟ ଈଶ୍ୱର । ଆଉ ଈଶ୍ୱର ଯାହା ଚାହାଁନ୍ତି, ତାହା ହିଁ ହୁଏ । ସେହି ମୁହୂର୍ତ୍ତରେ ତାଙ୍କୁ ଲାଗିଥିଲା, ଯେମିତି  ରୋଗୀଟି ତାଙ୍କ ପ୍ରତି ତାର ଆସ୍ଥା ନୁହେଁ ବରଂ ତାଚ୍ଛଲ୍ୟ କରୁଛି । ଏହା ପରେ ରୋଗୀକୁ କୁହାଗଲା ଯେ ସରକାର ଏବେ ଷ୍ଟେଣ୍ଟର ଏକ ନିର୍ଦ୍ଦିଷ୍ଟ ମୂଲ୍ୟ ଧାର୍ଯ୍ୟ କରିଥିବା ହେତୁ କୌଣସି ବିଦେଶୀ କମ୍ପାନୀ ଉନ୍ନତ ମାନର ଷ୍ଟେଣ୍ଟକୁ ସେହି ଦରରେ ବିକିବାକୁ ରାଜି ହେଉନାହାନ୍ତି । ଫଳରେ ଆମ ଦେଶରେ ତିଆରି ହେଉଥିବା ଷ୍ଟେଣ୍ଟ ଲଗାଇବାକୁ ସରକାର ଲୋକଙ୍କୁ ବାଧ୍ୟ କରୁଛନ୍ତି । ଏଠି କିନ୍ତୁ ସରକାରଙ୍କ ଧାର୍ଯ୍ୟ ଦରରେ ମିଳୁଥିବା ଷ୍ଟେଣ୍ଟ ସହିତ ବିଦେଶରୁ ଆମଦାନୀ ହୋଇଥିବା ଉନ୍ନତମାନର ଷ୍ଟେଣ୍ଟ ରହିଛି । ସେ ଯେଉଁଟା ଚାହିଁବେ ସେଇଟା ଲଗାଯିବ । ସହକାରୀଙ୍କ କଥା ସବୁ ଡାକ୍ତର ମିଶ୍ରଙ୍କ ଦେହରେ ଛୁଞ୍ଚି ଭଳି ଫୋଡି

 Magazine Downloaded from www.aahwaan.com

ହୋଇ ଯାଉଥିଲା । କିନ୍ତୁ ସେ କିଂକର୍ତ୍ତବ୍ୟବିମୂଢ଼ ହୋଇ ସହକାରୀଙ୍କର ଚଞ୍ଚକତାପୂର୍ଣ୍ଣ କଥା ସବୁ ନୀରବରେ ଶୁଣି ଯାଉଥିଲେ । ରୋଗୀଟିର ଷ୍ଟେଣ୍ଟ ଲଗେଇ ସାରିଲା ପରେ ତା ଆଖିରେ ଡାକ୍ତର ମିଶ୍ରଙ୍କ ପ୍ରତି କୃତଜ୍ଞତା ଦେଖି ସେ ଖୁସି ହେବା ପରିବର୍ତ୍ତେ ନିଜକୁ ଦୋଷୀ ମଣୁଥିଲେ । ତାଙ୍କୁ ଲାଗିଲା, ସେ ଯେମିତି ରୋଗୀଟିକୁ ଗୋଟେ ସ୍ଲୋ ପଏଜନ୍ ଇଞ୍ଜେକସନ୍ ଦେଇ ତାକୁ ଅନିଶ୍ଚିତ ଭବିଷ୍ୟତ ହାତରେ ଛାଡ଼ି ଦେଇଛନ୍ତି । ଘରକୁ ଫେରିବା ପରେ ଡାକ୍ତର ମିଶ୍ର ଅନୁଭବ କଲେ ଯେ ସେ ଜୀବନରେ ପ୍ରଥମ ଥର ପାଇଁ ନିଜ ବିବେକ ବିରୁଦ୍ଧରେ କାମ କରିଛନ୍ତି । ତେବେ ସେ କ'ଣ ଏ ଚାକିରୀ ଛାଡ଼ି ଦେବେ ? ଏହିସବୁ କଥା ଚିନ୍ତା କରୁ କରୁ ତାଙ୍କୁ କେତେବେଳେ ଯେ ନିଦ ଆସିଯାଇଛି ସେ ଜାଣି ପାରିନାହାନ୍ତି । ଆଉ ଆଜି ଏମିତି ଗୋଟେ ଦୁଃସ୍ୱପ୍ନ ଦେଖିବା ନିଶ୍ଚୟ ତାଙ୍କ ଅବଚେତନରେ ଥିବା ଅପରାଧ ବୋଧର ପ୍ରତିଫଳନ ।

ଏହି ଘଟଣା ପରେ ଡାକ୍ତର ମିଶ୍ର ଆଉ ସେହି ହସ୍ପିଟାଲକୁ ଫେରି ନାହାନ୍ତି । ଶୁଣାଯାଏ, ସେ ଏବେ ବିଦେଶରେ ଗୋଟେ ବିଖ୍ୟାତ ମିଶନାରୀ ହସ୍ପିଟାଲର ମୁଖ୍ୟ ହୃଦରୋଗ ବିଶେଷଜ୍ଞ ଭାବେ କାମ କରୁଛନ୍ତି ।

୨୯-ଏ, କଳ୍ପନାଏରିଆ,

ବି.ଜେ.ବି.ନଗର, ଭୁବନେଶ୍ୱର-୭୫୧୦୧୪

ଦୂରଭାଷ-୭୦୦୮୭୩୫୧୭୯

Magazine Downloaded from www.aahwaan.com

# ରବିବାର ଦିନ ଜେଜେଙ୍କ ଗପ



ରାଜେଶ କୁମାର ବାରିକ

ସମସ୍ତେ ଭାବନ୍ତି ରବିବାର ମାନେ ଛୁଟି, କିନ୍ତୁ କେଉଁଥିରେ ଛୁଟି କିଛି ଜଣାପଡେନି । ବାପା ଅଫିସ୍ ଯିବେନି, ଚନ୍ଦନ ଆଉ ମୁଁ ସ୍କୁଲ୍, ଟ୍ୟୁସନ୍ ଯିବାନି ଏଇଆ ନା ଆଉ କିଛି । ସବୁଦିନ ପରି ସକାଳଠାରୁ ଉଠି ଦିନ ୧୧ ଯାଏଁ ପାଠପଢା, ଏଇ କାମ ସୋମବାରରୁ ଶନିବାର ଯାଏଁ ସ୍କୁଲରେ ହୁଏ ରବିବାର ତାହା ଏଠି ହେଉଛି । ତା ଉପରେ ବାପାଙ୍କ ତାଗିଦ୍, ମାଁ'ଙ୍କ ଆକଟ ଖେଳିବାକୁ ବାହାରକୁ ଯାଇପାରିବ ନାହିଁ । ବଦମାସ ପିଲାଙ୍କ ସହ ମିଶି ଆମେ କୁଆଡେ ଖରାପ ହୋଇ ଯାଉଛୁ । କିନ୍ତୁ ମୁଁ ବୁଝିପାରେନି ସବୁ ବାପା ମାଁ ଏଇ କଥା କହନ୍ତି ବାସ୍ତବରେ ବଦମାସ କିଏ ? ?

ଦିନ ସାରାର ପାଠପଢା ଭିତରେ ଇଚ୍ଛା ହେଉଥିଲା ଯେମିତି ଭଗବାନଙ୍କୁ ଦେଖାହେଲେ କହିବି ସପ୍ତାହକ ୬ଦିନ ହେଲେ ଚଳିବ କିନ୍ତୁ ରବିବାରଟାକୁ ଉଠାଇ ଦେବେ ତେବେ ଯାଇ ମଣିଷ ଶାନ୍ତି ପାଇବ । ରବିବାର ନାମକୁ ଖାଲି ଛୁଟି, ବାକି କେତେ କାମ କରିବାକୁ ପଡେ କାହାକୁ ଦେଖାଯାଏନି । ରବିବାର ଦିନ ୧୧ ଟାରେ ନିଦରୁ ଉଠି ବିନା ପାଠ ପଢାରେ ପୁରାଦିନ ବସି ଟିଭି ଦେଖିବା.... ଖାଲି ଏମିତି ହୁଅନ୍ତାନି । ଏମିତି ହେଲେ ଖୁବ୍ ଭଲ ହୁଅନ୍ତା । ଏମିତି ଏମିତିରେ ସନ୍ଧ୍ୟା ହୋଇଯାଇଥାଏ ହଠାତ୍ ବିଜୁଳି କଟିଗଲା, ସୁଉ... ସୁ... ଉ... ପବନ ସାଙ୍ଗକୁ ବର୍ଷାର ମାତ୍ରା ଆରମ୍ଭ ହେବାରେ ଲାଗିଲା । ଭାଗ୍ୟକୁ ଇନ୍‌ଭର୍ଟର ଖରାପ ହୋଇ ଯାଇଥିବାରୁ ବାଧ୍ୟ ହୋଇ ମାଁ ମୋବାଇଲ୍ ଲାଇଟରେ ରୋଷେଇ ଆରମ୍ଭ କରିଦେଲେ, ବାପା ତାଙ୍କ ଲ୍ୟାପଟପ୍ ପାଖରେ ବସିପଡିଲେ । ଏ ସବୁ ଦେଖି ଚନ୍ଦନ ଆଉ ମୁଁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଖୁସି ନସରେ । କାହିଁକି ନା ପାଠପଢ଼ା ବନ୍ଦ ହୋଇଗଲା । ଏମିତିରେ ବି ଗାଁରେ ବର୍ଷା କଣ ପବନ ଦେଲେ ବିଜୁଳି କଟିଯାଏ ଯେ ୧ଦିନ ଆସିବା ଅସମ୍ଭବ । ଜେଜେ ଆମ ଦୁଇ ଭାଇଙ୍କୁ ସୋଫା ଉପରେ ବସିଥିବା ଦେଖି ପାଖକୁ ଡାକିଲେ । କହିଲେ ଆସ ତୁମକୁ ଗୋଟେ କାହାଣୀ କହିବି । ଚନ୍ଦନ କହିଲା ଜେଜେ ଗଳ୍ପ ତ ଆମେ ୟୁଟୁବ୍ ଆଉ ଷ୍ଟୋରି ବୁକରୁ ପାଇଯାଉଛେ ତୁମେ ଆମକୁ କିଛି ଅଲଗା କୁହ । ଜେଜେ ଠିକ୍ ଅଛି ଆସ କହୁଛି ବୋଲି କହି ଗଳ୍ପ କହିବାରେ ଲାଗିଲେ ।

ଆମ ଦେଶ ସ୍ୱାଧୀନତା ପାଇବା ବେଳକୁ ମୁଁ ୫ବର୍ଷ ବୟସର ହୋଇଥାଏ । ଗାଁ ଚାଟଶାଳୀର ଗଛ ମୂଳରେ ବସି  ସେତେବେଳକୁ 'ଅ ଆ..' ଲେଖିବା ଆରମ୍ଭ କରିଥାଏ । ସେତେବେଳେ ଆଜିର ଭଳି ରାସ୍ତା, ଘାଟ, ସ୍କୁଲ, ବଜାର କିଛି ନଥାଏ । ସେଇଥିରେ କାଦୁଅ ପାଣି ବିଲ ରାସ୍ତା ଦେଇ ଚାଟଶାଳୀ ଯାଇ ପଢ଼ିବା ହିଁ ସାର ଥାଏ । ସେତେବେଳକୁ  ବେମାର ପଡି ବାପା ମରିଗଲେ । ବେଶି ପଢି ପାରିଲିନି, ଭାଇ ଭଉଣୀ ୭ଜଣକୁ ନେଇ ଘର ଆଉ ସେ ସମୟର ୮ମ ଶ୍ରେଣୀ ପାଠ ପଢ଼ିବା କମ କଷ୍ଟକର ପାଠ ନୁହେଁ । ଏମିତିରେ ଅଷ୍ଟମ ସାରିଲା ବେଳକୁ ପାଖ ଗାଁର ଲୋକମାନେ ଆସି ଆମ ଦୁଆରେ ହାଜିର, ବାରମ୍ବାର ମୋ ମାଁଙ୍କୁ କହୁଥାନ୍ତି ମୋତେ ଛାଡ଼ିବା ପାଇଁ କାହିଁକି ନା ତାଙ୍କ ଗାଁରେ ଯେଉଁ ନୂଆଁ ସ୍କୁଲ ଅଛି ସେଠି ପାଠ ପଢାଇବା ପାଇଁ..... ମୁଁ ରାଜି ହେଲି ଆଉ ସେଇଠି ମାଇନର ସ୍କୁଲରେ ଚାକିରୀ କଲି । କିନ୍ତୁ ମାଁ'ଙ୍କର ଏକାନ୍ତ ଜିଦ୍ ଥାଏ ମୁଁ ବିଲବାଡି କାମ କରେ ଆଉ ଘର ସମ୍ଭାଳେ ହେଲେ କିନ୍ତୁ ବିଧିର ବିଧାନ ଥାଏ ଅଲଗା ପ୍ରଥମ ଥର ମାସ ଶେଷ ବେଳକୁ ଯେତେବେଳେ ଦରମା ନେଇ ଘରେ ପହଞ୍ଚିଲି ମା ପଇସା ଦେଖି ଆବାକ୍ ହୋଇ ଯାଇଥାଏ । କାହିଁକି ନା ଗାଁଲୋକ ମାନେ ସମସ୍ତେ ମିଶି ଚାନ୍ଦା ଆଦାୟ କରି ୫ପଇସି ୧୦ପଇସି ୨୦ପଇସି ମିଶିଇ ଗୋଟିଏ

 Magazine Downloaded from www.aahwaan.com

ଗାମୁଛାରେ ବାନ୍ଧି ୨୦ଟଙ୍କା ଦେଇଥିଲେ । ମା ଜୀବନରେ ଏତେ ପଇସା ଏକା ସଂଗେ କେବେ ଦେଖିନଥିଲା । ବାରମ୍ବାର ମୋ ମୁହଁକୁ ଚାହୁଁଥାଏ । ଆଉ ଖାଲି ପଚାରୁଥାଏ ତୁ ଚୋରି କରିନୁତ ? ଏ ପଇସା ସବୁ କାହାର ବହୁ ବୁଝାଇବାକୁ ଚେଷ୍ଟାକରି ସଫଳ । ଶେଷରେ ମା'ର ଖୁସି ଦେଖିଲେ ନ ସରେ । ମା ଶେଷରେ କାନ୍ଦି ପକାଇଲା, ଖାଲି ଏତିକି କହୁଥିଲା ତୋ ବାପାଥିଲେ ବହୁତ ଖୁସି ହୋଇଥାନ୍ତେ ।

ଠିକ୍ ଏତିକି ବେଳକୁ ବିଜୁଳି ଆସିଗଲା । ମା'ଙ୍କର ଡାକ ଶୁଭିଲା ରାଜେଶ, ଚନ୍ଦନ ଖାଇବ ଆସ । ଆମେ ଦୁହେଁ ଖାଇବାକୁ ଆସିଲୁ, ମୋର ମନରେ ଜେଜେଙ୍କର କଥା ଛାପ ହୋଇ ରହିଗଲା । ମନେ ମନେ ମୁଁ ଶପଥ ନେଲି, ଯେମିତି କଷ୍ଟକରି ପରିଶ୍ରମ କରି ଜେଜେ ପାଠ ପଢି ଯେଉଁ ଆନନ୍ଦ ତାଙ୍କ ମା'ଙ୍କୁ ଦେଲେ ମୁଁ ମଧ୍ୟ ମୋ ମା'ଙ୍କୁ ଦେବି ।

ଦେବେନ୍ଦ୍ର ପୁର, ଅଭଣା ,ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ସୁନା ଭଉଣୀ



ମାଧୁରୀ ସାହୁ

କଲେଜ୍ କ୍ୟାମ୍ପସରେ ହଠାତ୍ ଜାଗୃତି ଓ ନିଲିମାର ଦେଖା ହୋଇଛି । ଦୁହେଁ ଏହି ଅନୁଷ୍ଠାନରେ ପଢିଥିଲେ ଦିନେ । ଦୁହେଁ ପରସ୍ପରକୁ ଅସୀମ ଭଲପାଉଥିଲେ । ରକ୍ତର ସମ୍ପର୍କ ନ ଥିଲେ ବି ଦୁଇ ଜଣଙ୍କ ଭିତରେ ଭଉଣୀର ସଂପର୍କ ଥିଲା । ଲିଲିମା ବଡ଼ ଭଉଣୀର ସବୁ କର୍ତ୍ତବ୍ୟ କରୁଥିଲା । ହେଲେ ଜାଗୃତି ମୁହଁକୁ ଏଡାଇ ଦେଇ ଚାଲିଯାଇଛି । ନିଲିମାର ଆଖି ପତା ଉଠିଲାବେଳକୁ ଜାଗୃତି ସେଠାରେ ନ ଥିଲା । ଲିଲିମା ପାଗଳ ପରି କମନରୁମ୍, କ୍ଲାସ୍ ରୁମକୁ ଖୋଜିଲା, ହେଲେ  ପାଇଲା ନାହିଁ ।

ପାଖାପାଖି ଦୁଇ ଘଣ୍ଟା ପରେ ଲିଲିମା ଦେଖିଲା ଜାଗୃତିକୁ ଦୁହେଁ ପରସ୍ପରକୁ ଚାହିଁ ରହିଲେ । ଆଖିରୁ ଧାର ଧାର ହୋଇ ଅଶ୍ରୁ ବାହାରୁଥାଏ । ନିଲିମା ଭାବୁଥାଏ ତାକୁ କୁଣ୍ଡାଇ ଧରି ପକାଇଥାନ୍ତେ କି ?  କିନ୍ତୁ ସେଠାରୁ ଜାଗୃତି ଚାଲିଯାଏ ।

ନିଲିମାକୁ ରାତିରେ ଆଉ ନିଦ ହେଲାନାହିଁ । ସେ କେବଳ ଭାବୁଥାଏ ଯେ, ମୋର କ'ଣ ଭୁଲ ହୋଇଗଲା କି ? ମତେ ଦେଖି କାହିଁକି କଥା ହେଲା ନାହିଁ ? ଏପରି ଅନେକ ପ୍ରଶ୍ନ ତା ମନରେ ଉଙ୍କି ମାରୁଥାଏ । ଜାଗୃତି ରହୁଥିବା ହଷ୍ଟେଲରେ ତା'ର ଆଉ ଜଣେ ଭଉଣୀ ଥିଲା ରୂପାଲୀ । ରୂପାଲୀର ଦୂରଭାଷ(ଫୋନ୍) ସାହାଯ୍ୟରେ ଜାଗୃତି ସହ କଥା ହେଲା ନିଲିମା ।

ଜାଗୃତି କହିଲା, 'ହେଲ୍ଲୋ' ! ନିଲିମା ତା'ର ଓଠର ଶବ୍ଦ ଶୁଣିଲା କ୍ଷଣି କଇଁ କଇଁ କାନ୍ଦିବାକୁ ଲାଗିଲେ ଦି'ଜଣ ବେଶି କଥା ହେଲେ ନାଇଁ । ନିଲିମା ବୁଝେଇ କହିଲା, "ତୁ ଆଉ କାନ୍ଦ ନା ତୁ ଯଦି କାନ୍ଦିବୁ ମୁଁ କେମିତି ନିଜକୁ ସମ୍ଭାଳିବି ।"

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦୁହେଁ ମିଶି ନିର୍ଣ୍ଣୟ କଲେ ଯେ ରବିବାର ଦିନ ତିନିଟାରେ ଭେଟ ହେବା ।

ଜାଗୃତିର ଆଖିରେ ନିଦ ନାହିଁ । ରାତିଟା ତା'ପାଇଁ ବଡ଼ ହୋଇ ଯାଇଥିଲା । ନିଜଠୁ ବେଶି ଭଲ ପାଉଥିବା ବଡ଼ଭଉଣୀ ସାଙ୍ଗରେ ବିତେଇଥିବା କଥାକୁ ମନେପକାଇ କାନ୍ଦି ପକାଉଥାଏ । କେତେବେଳେ ସୂର୍ଯ୍ୟ ଉଦୟ ହେବ ଯେ, ନିଲିମା ନାନୀ ସାଙ୍ଗେ ଭେଟ ହେବ ବୋଲି ଭାବୁଥାଏ ।

ନିଳିମାକୁ ବି ରାତିରେ ନିଦ ହେଉନଥାଏ । ସେ ଭାବୁଥାଏ ଯେ, ଦି ଜଣ ବଜାରକୁ ଦିନେ ଯାଉଥିଲେ ରାସ୍ତା ପାର ହେବା ବେଳକୁ ଜାଗୃତିର ଏକ୍ସିଡେ଼ଣ୍ଟ ହୋଇଗଲା । ଯେତିକି ଜାଗୃତିର ଆଖିରୁ ଲୁହ ଝରି ନଥିଲା ତା'ଠୁ ବେଶି ତା'ର ଆଖିରୁ ଲୁହ ଝରଣା ପରି ବହି ଯାଉଥାଏ । ପରସ୍ପରକୁ କୁଣ୍ଢେଇ ଧରି ନେଇ ଭୋ ଭୋ କାନ୍ଦିଲେ ।

ଦୁହେଁ ଦୁହି ଜଣଙ୍କୁ ଏତେ ଭଲ ପାଉଥିଲେ ଯେ, ଜଣଙ୍କୁ କଷ୍ଟ ହେଲେ ଅନ୍ୟ ଜଣଙ୍କୁ ମଧ୍ୟ କଷ୍ଟ ହେଉଥିଲା ।

ଜାଗୃତିର ଥରେ ଯଦି କହିଦିଏ, "ମୋର ଗୋଡ଼ ଦରଜ ହଉଛି ।" ନିଲିମାର ଗୋଡ ଆପେ ଆପେ ଦରଜ ହୁଏ ।

ଲିଳିମା କେବଳ ଗୋଟିଏ କଥା ଭାବୁଥାଏ ଯେ, ମୁଁ ଯେମିତି ସୁଖ-ଦୁଃଖରେ ତାକୁ ମନେ ପକାଇ କାନ୍ଦୁଥିଲି ସେ କ'ଣ ମୋ ପାଇଁ ଲୁହ ଝରେଇଥିବ ? ରାତିରେ ତାରି କଥା ଭାବି ଭାବି ନିଦ ହୋଇ ଯାଇଥିଲା ଜଣା ପଡୁନଥିଲା ଯେ, ସକାଳର ସୁନେଲି ଖରା ମୁହଁରେ ପଡ଼ୁଥିଲା । ସେ ମଧ୍ୟ କ'ଣ ମୋତେ ଭାବୁଥିଲା ?

ହୃଦୟ ଭିତରେ ଅସୀମ ସ୍ନେହ, ଶ୍ରଦ୍ଧା, ପ୍ରୀତି, ଆଖିରେ ଲୁଚି ରହିଥିବା ଲୁହ । କେତେବେଳ ପର୍ଯ୍ୟନ୍ତ ଠଉରାଇ ପାରିବେ ଜଣାନାହିଁ । ପୂର୍ବ ଦିନରେ ବିତି ଯାଇଥିବା ଘଟଣାଗୁଡିକୁ ଏକାଠି ବସି ଆଲୋଚନା କରିଲେ । ତୋର ମନେ ଅଛି କି ନାହିଁ ଜାଗୃତି ? ମୁଁ

 Magazine Downloaded from www.aahwaan.com

ତୋ କୌଣସି ବି କଥା ଭୁଲି ନାହିଁ ।

କେଉଁ କଥା ନାନୀ ? ....

ନୃସିଂହନାଥକୁ ଯାଇଥିଲେ ସେଇ କଥା । ହଁ, ମନେ ଅଛିସବୁ କଥା । କେଇଦିନ ପୂର୍ବରୁ ଯାଇଥିଲେ ଲିପିକା ନାନୀ ସହ । ମାର୍ଗଶୀର ମାସର ଶୀତ ଦେହକୁ ଦୋହଲାଇ ଦେଉଥିଲା । କେମିତି ଲୋମଗୁଡିକ ଉଠି ଯାଇଥିଲା କି ? ଅଧା ବାଟରେ ଆମେ ସିମିଯ୍ଯା ଖାଇଲା ବେଳକୁ ତମେ ବସରୁ ଓହ୍ଲାଇ ଯାଇ ପୁରୀ ଖାଉଥିଲ । ବସ୍ ଛାଡୁ ଛାଡୁ ଠିକ୍ ସମୟରେ ପହଞ୍ଚି ଯାଇଥିଲ ।

ହଁ, ତୁ ଆଉ ଲିପିକା କେତେ ଡରି ଯାଇଥିଲ କି କାଳେ ମୁଁ ବସ୍ ଧରି ପାରିବିନାହିଁ ।

ତିନି ଜଣ ମିଶି କେମିତି ଚାଲଧାରରେ ଗାଧୋଇଥିଲେ । ବହୁତ ସାରା ଫଟୋ ହୋଇଥିଲେ । ନୃସିଂହ ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଲମ୍ବା ଲାଇନରେ ଠିଆ ହୋଇଥିଲେ । ହନୁମାନ ତୋର ହାତରୁ ନଡିଆ ଛଡାଇ ନେଇ ଯାଇଥିଲା । ତୁ ଡରି ଯାଇଥିଲୁ । ମନ୍ଦିରର ପଛ ପଟରେ ଥିବା ବୈଜଲଦେବଙ୍କ ଶିଳାଲେଖ ପାଖରେ ବସି ଫଟୋ ହୋଇଥିଲୁ । ସେ ଫଟୋଗୁଡିକୁ ମୁଁ ଆଜି ପର୍ଯ୍ୟନ୍ତ ସାଇତି କରି ରଖିଛି ।

ନାନୀ ତୁମର  ମନେ ଅଛି କି ନାହିଁ । କେଉଁ କଥା ? “ଧନୁଯାତ୍ରା କଥା ।”

ହଁ, ନିଶ୍ଚୟ ମନେଅଛି । ତୁ ଘରକୁ ଯାଇଥିଲୁ । ମୁଁ ବହୁତ କହିଲା ପରେ ତୁ ଦିନ ୧ଟାରେ ପହଞ୍ଚିଥିଲୁ । ବସ୍ ଷ୍ଟପକୁ ଆଣିବାକୁ ଯାଇଥିଲି । ସାଇକଲର କ୍ୟାରିୟରରେ ବସାଇ ହଷ୍ଟେଲକୁ ଆଣିଥିଲି । ତିନିଜଣ ମିଶି ଦେଖିବାକୁ ଯାଇଥିଲୁ । ମଥୁରା କେକ୍, ଚାଓମିନ୍, ମନଚୁରେନ୍, ଗୁପ୍ ଚୁପ୍ ଖାଇଥିଲୁ । ପର୍ସ ଗୋଟେ ତୋ ପାଇଁ କିଣା ହେଇଥିଲା । ହଷ୍ଟେଲକୁ ସନ୍ଧ୍ୟା ଛଟା ପୂର୍ବରୁ ଫେରିବାର ଥିଲା କିନ୍ତୁ ଆମକୁ ଡେରି ହୋଇ ଯାଇଥିଲା ।

ଦୁହି ଜଣଙ୍କ ପାଇଁ ଆଇସ କ୍ରିମ୍ ନେଲି ଖାଉ ଖାଉ ବସି ଗପିଲୁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲିଲିମା କହିଲା, "ତୋର ଆଉ ଗୋଟିଏ କଥା ମନେ ହେଉଛି ?" ପୁସ୍ତକ ମେଳାର କଥା ।

ହଁ, ନାନୀ ମନେ ଅଛି । ତମେ ଆମକୁ ଓଡ଼ିଆ ଉପନ୍ୟାସ, ଗଳ୍ପ ବହି ପଢ଼ି ତା' ଭିତରେ ଥିବା କାହାଣୀ ବିଷୟରେ କହୁଥିଲା ବେଳେ ଆମେ ବୋର୍ ହୋଇଯାଇ ସେଠାରୁ ପଳାଇ ଆସୁଥିଲୁ । ଦୀର୍ଘ ଦଶଦିନ ଧରି ଚାଲୁଥିବା ମେଳାରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ହେଲେ ସମୟର ଚକ୍ରରେ ପଡି ଆମେ ଦେଖି ପାରୁନଥିଲୁ ।

ଜାଗୃତି କହିଲା, "ନାନୀ ! ମୁଁ ତୁମକୁ ବହୁତ ମନେପକାଉଥିଲି । ଦିନ ତ ଏମିତି ସେମିତି କରି ବିତି ଯାଉଥିଲା, କିନ୍ତୁ ରାତି ତୁମ ବିନା ପାହୁନଥିଲା । ଇଚ୍ଛା ହେଉଥିଲା ତୁମ ପାଖକୁ ଦୌଡି ଦୌଡି ଚାଲିଯିବାକୁ । ଦୌଡି ଯାଇ ଆଲିଙ୍ଗନ କରିବାକୁ । ତୁମଠାରେ ପ୍ରତିଜ୍ଞା କରିବାକୁ ଯେ, ତୁମର ଆଉ ହାତ ଛାଡିବିନି । ତୁମ ଛାଇ ହୋଇ ରହିବାକୁ ଅଛି ।"

ନିଲିମା କହିଲା, "ତୁ ପରା ମୋର ସୁନା ଭଉଣୀ । ତୁ ଆଉ ଲୁହ ଝରାନା ..... ।" ହଉ ଛାଡ, ଅତୀତ ବିଷୟରେ ଆଉ କିଛି କହନା । ବର୍ତ୍ତମାନ ତୁ କେମିତି ଅଛୁ ? ତୋର ଲିପି ନାନୀ ସହ ଯୋଗାଯୋଗ କରିଛୁ କି ନାହିଁ ? ତୁ ଏଠାରେ କ'ଣ କରୁଛୁ .... ?

ଜାଗୃତି କହିଲା, "ଆଜି ଯଦି ସବୁ କଥା ହେଇଯିବା କାଲି କେଉଁ କଥା ହେବା ... ।"

ଦୁହେଁ ଉଠି ଯାଇ ନିଜ ନିଜ ହଷ୍ଟେଲ ଅଭିମୁଖେ ଯିବାକୁ ଲାଗିଲେ, ଇଚ୍ଛା ନଥିଲା ଅଲଗା ହେବାପାଇଁ..... ।

ପଞ୍ଚାୟତ ମହାବିଦ୍ୟାଳୟ, ବରଗଡ
ବଲାଙ୍ଗିର, ଝାରବନ୍ଧ, ବରଗଡ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭିନ୍ନ ଏକ ଗ୍ୟାଙ୍ଗଷ୍ଟାର୍



ଦୀପକ୍ ଷଡ଼ଙ୍ଗୀ

ଭିକିର ଆଖିରେ ଗୁଡା ହେଇଥିଲା ଗୋଟେ କଳା ପଟି । ଦୀର୍ଘ ୧୨ଘଣ୍ଟା ହେଲାଣି ମାରୁତି ଭ୍ୟାନ୍ ଭିତରେ ତା'ର ଦୁଇହାତ ବନ୍ଧା ହେଇଛି ଓ ଆଖିରେ ଗୁଡା ହେଇଛି କଳାପଟି । କିଛି ଲୋକ ତା'ର ଚାରି ପାଖରେ ବସି ହିନ୍ଦୀରେ କେତେ କଣ ସବୁ କଥା ହେଉଥିଲେ ଆଉ ହସୁଥିଲେ । ଭିକି ଯେଉଁ ନେତା ପାଖରେ କାମ କରୁଥିଲା ତାଙ୍କର କଡା ତାଗିଦ ଯେ ଭିକିକୁ କିଛିଦିନ ପାଇଁ ଅଣ୍ଡରଗ୍ରାଉଣ୍ଡ କରି ଦିଆଯାଉ; କାରଣ କି ଏବେ ସହରର ମାହୋଲ ଏକଦମ ଗରମ ଅଛି । ଗାଡି ଯାଇଁ ଅଟକିଲା ଗୋଟେ ପାହାଡ ପର୍ବତ ଘେରା ନିକାଞ୍ଚନ ଗାଁ ଭିତରେ । ତା'ର ଆଖିରୁ କଳାପଟି ଖୋଲି ଦିଆଗଲା । ଭିକି ଆଖି ମଳିମଳି ଚାହିଁଲା । ଦେଖିଲା ସେ ଛିଡା ହୋଇଛି ଗୋଟେ ପାହାଡ ପର୍ବତ ଘେରା କେଉଁ ଏକ ଅଜଣା ରାଇଜରେ । ପାହାଡ ଗୁଡା ଦୂରରୁ ବେଶ ସୁନ୍ଦର ଓ ରହସ୍ୟମୟ ଲାଗୁଥିଲେ ତାକୁ । ତା ସାଙ୍ଗରେ ଆସିଥିବା ଲୋକମାନେ ତାକୁ ସେଇଠି ଛାଡିଦେଇ କୁଆଡେ ପଳେଇ ଗଲେ ଭିକି କିଛି ଜାଣି ପାରିଲା ନାହିଁ । ଭିକି ସେମିତି ପାହାଡ ଗୁଡାକୁ ଅନେଇଥାଏ । କିଛିସମୟ ପରେ ଜଣେ ବୃଦ୍ଧ ତା ପାଖକୁ ଆସି ଆଦିବାସୀଙ୍କ ଭଳି ହିନ୍ଦୀରେ କିଛି କହିଲା ଭିକି ତା'ର କଥାକୁ ସମ୍ପୂର୍ଣ ବୁଝିପାରି ନଥିଲେ ବି ତା ପଛେପଛେ ସେ ଚାଲିଲା । ବୃଦ୍ଧ ଆଦିବାସୀ ତାକୁ ନେଇ ଗୋଟେ ଛୋଟ କୁଡିଆ ଘରେ ପୁରେଇ ଦେଲା । ଭିକିକୁ ଲାଗିଲା ଯେ ସେ ପ୍ରଥମ ନୁହଁ; ଏ ଜାଗାକୁ ତା ଆଗରୁ ଅନେକ ଲୋକ ଆସିଛନ୍ତି ଏଠାରେ ଆତ୍ମଗୋପନ ଲାଗି । ସେ ଯାହା ହେଉ କୁଡିଆ ଭିତରେ ନିତ୍ୟ ବ୍ୟବହାର ପାଇଁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସବୁ ଛୋଟ ବଡ ଜିନିଷର ଅବଶ୍ୟକତାକୁ ପୂରଣ କରିବା ପାଇଁ ସବୁ ସରଞ୍ଜାମ ସଜା ହୋଇ ରଖା ହୋଇଥିଲା । କିଛି ସମୟ ପରେ କୁଡିଆର ଦୁଆର କବାଟ ଠକଠକ ହେଲା । ଭିକି କବାଟ ଖୋଲିବାରୁ ଦେଖିଲା ସେଇ ବୃଦ୍ଧଜଣକ ହାତରେ କିଛି ଖାଇବା ଜିନିଷଧରି ଛିଡା ହେଇଛି । ବୁଢା ଆଦିବାସୀ ଭାଷାରେ ତା'କୁ କଣ ସେ କହିଲା ସେ କିଛି ବୁଝିପାରିଲା ନାହିଁ; କିନ୍ତୁ ଏତିକି ବୁଝିପାରିଲା ଯେ ଖାଇବା ଖାଇ ଦେଇ ଶୋଇପଡ ବୋଲି ସେ କହିବାକୁ ଚାହୁଁଛି ବୋଲି । ଭିକି ତା'ହାତରୁ ଖାଇବା ନେଇଯାଇ ଖାଇସାରି ଶୋଇ ପଡଲା । ସ୍ୱପ୍ନରେ ତା'ର ଅତୀତ ତା ଆଖିରେ ଭାସି ଉଠିଲା ।

ୟୁନିଭର୍ସିଟିରେ ଭର୍ତ୍ତି ହେବା ପରେ ବିକ୍ରମ ମହାନ୍ତି ଚାଲି ଆସିଥିଲା ସହରକୁ । ମାମୁଁ ତା'ର ରହୁଥିଲେ ସହରର ଶେଷ ମୁଣ୍ଡରେ ଥିବା ବସ୍ତିରେ । ତେଣୁ ସେ ମନସ୍ଥ କରିଥିଲା କି ହଷ୍ଟେଲରେ ନରହି ମାମୁଁଙ୍କ ଘରେ ରହି ପଢିବାକୁ କାରଣ ହୋଷ୍ଟେଲର ଫୀ ଭରିବାକୁ ତା'ର ପାଖରେ ଏତେ ସମ୍ବଳ ନଥିଲା । ସେଥିପାଇଁ ସେ ବାଛି ନେଇଥିଲା ଏଇ ବସ୍ତିକୁ । ବସ୍ତି ଭିତରେ ଥିଲା କିଛି ଅସ୍ଥାୟୀ ଘର । ଯାଯାବର ଶ୍ରେଣୀର କିଛି ଶ୍ରମିକଙ୍କ ଘର ସବୁ ସରକାରୀ ଜାଗା ଉପରେ ତିଆରି କରା ହେଇଥିଲା । ଶ୍ରମିକ ଶ୍ରେଣୀର ଲୋକମାନଙ୍କର ଆବଶ୍ୟକତା ଥିଲା ସହରକୁ ଆହୁରି ସରସ ଓ ସୁନ୍ଦର କରି ଗଢି ତୋଳିବାକୁ । ସେଥିପାଇଁ ଶ୍ରମିକ ହାଟ ବସୁଥିଲା ପ୍ରତିଦିନ ସକାଳେ ବସ୍ତିର ଆରମ୍ଭରେ ଥିବା ଛକ ଉପରେ । ସବୁ ଲୋକକୁ ଯେ ସବୁଦିନ କିଛି କାମ ମିଳିବ ତାହାର କୌଣସି ଭରସା ନ ଥିଲା; ଯାହାକୁ କାମ ମିଳୁଥିଲା ସେ ଯାଉଥିଲା ଆଉ ଯାହାକୁ  ମିଳୁ ନଥିଲା ସେ ମୁହଁ ଶୁଖେଇ କି ଆସି ଘରେ ବସି ରହୁଥିଲା । ସନ୍ଧ୍ୟା ହେଲା ମାନେ ବସ୍ତିର ରଙ୍ଗ ବଦଳି ଯାଉଥିଲା । ରୋଜଗାର କରିଥିବା ଟଙ୍କାର ପ୍ରାୟ ଅର୍ଦ୍ଧାଧିକ ଭାଗ ପାଖରେ ଥିବା ସରକାରୀ ମଦଦୋକାନରେ ହିଁ ଖର୍ଚ୍ଚ ହେଇ ଯାଉଥିଲା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସେମାନଙ୍କର । ରାତି ହେଲା ମାତ୍ରକେ ମଦ ପିଇକି ଆସିଥିବା ଶ୍ରମିକମାନେ ଅକଥନୀୟ ଅତ୍ୟାଚାର କରୁଥିଲେ ତାଙ୍କ ପରିବାର ଓ ପିଲା ଛୁଆଙ୍କ ଉପରେ । ଏମିତିକି ବିକ୍ରମର ମାମୁଁ ମଧ୍ୟ ସେଥିରୁ ବାଦ ପଡୁ ନଥିଲା । ସହରର ଗୋଟେ ଜଣାଶୁଣା ରାଜମିସ୍ତ୍ରୀ ଭାବରେ ତା ମାମୁଁର ବହୁତ ଭଲ ନାଁ ଥିଲା ସେ ବସ୍ତିରେ । ବିକ୍ରମ ସବୁ ଦେଖେ, ଯେ ମାମୁଁ ଆସି ତା ମାଇଁ ଓ ଭାଣିଜୀ ମିତାକୁ ପିଟୁଛନ୍ତି; କିନ୍ତୁ ସେ ଯଦି ସେଥିରେ ବାଧାଦିଏ ମାମୁଁ କଡା ଶବ୍ଦରେ ଶୁଣେଇ ଦିଅନ୍ତି, "ତୁ ଆମ ଘର କଥାରେ ମୁଣ୍ଡ ପୁରାନା ।" କିଛି କରି ପାରେନି ବିକ୍ରମ । ଭାଣିଜୀ ମିତା ଆସି ମାଟ୍ରିକ ପରୀକ୍ଷା ଦେବ କିନ୍ତୁ ବାପର ଅତ୍ୟାଚାର ଆଗରେ ସେ ବି ମୁଣ୍ଡ ପାତି ଦେଇଛି । ସହରରେ ଯେ କୌଣସି ଅପରାଧିକ କାର୍ଯ୍ୟ ହେଲେ ପୋଲିସର ପ୍ରଥମ ଚଢଉ ଏଇ ବସ୍ତିରୁ ହିଁ ଆରମ୍ଭ ହେଉଥିଲା । ରାତିରେ ଆସି ଜଣେ ଦୁଇଜଣ ଲୋକଙ୍କୁ ବାନ୍ଧି ନେଇ ଯାଉଥିଲା ପୁଲିସ । ଜୋର ଜବରଦସ୍ତି କରି କରିନଥିବା ଅପରାଧକୁ ବି ମାଡ ମାରି ସ୍ୱୀକାରୋକ୍ତି କରେଇ ନେଉଥିଲା ଓ ପରେ ପୁଣି ଆଣି ଛାଡି ଦେଉଥିଲା । ଏମିତିକି ବସ୍ତିରେ ଥିବା ବଢିଲା ଝିଅମାନଙ୍କର ଦେହ ବେପାର ବି ଚାଲିଥିଲା ବସ୍ତିରେ । ଏମିତିକି କିଛି ଝିଅ ଲୋକଲଜ୍ଜା ସହି ନପାରି ଆତ୍ମହତ୍ୟା ବି କରି ସାରିଥିଲେ । ଏସବୁ ବିକ୍ରମ ସବୁଦିନେ ତା ଆଖି ଆଗରେ ହେଉଥିବାର ଦେଖି ଖୁବ ଆଶ୍ୱସ୍ତି ଅନୁଭବ କରୁଥିଲା । ବିକ୍ରମକୁ ଲାଗିଲା ସହରର ସବୁ ସମସ୍ୟା ଲାଗି ସମସ୍ତେ ଏଇ ବସ୍ତିକୁ ହିଁ ଦୋଷ ଦେଉଛନ୍ତି ତେଣୁ ଏମାନଙ୍କୁ ନିଜର ହକ୍ ବିଷୟରେ ଜଣେଇବାକୁ ହେବ, ଅନ୍ୟାୟ ଆଗରେ ମୁଣ୍ଡ ପାତିବା ଅପେକ୍ଷା ତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବାକୁ ହେବ, ନିର୍ଦ୍ଦୋଷରେ ଦଣ୍ଡ ଭୋଗୁଥିବା ବସ୍ତି ବାସିନ୍ଦାଙ୍କୁ ଜେଲରୁ ମୁକୁଳେଇବାକୁ ହେବ, କିନ୍ତୁ ଏ ସବୁ ସମ୍ଭବ କିପରି ହେବ । ସେଥିପାଇଁ ସେ ବସ୍ତିର କିଛି ଯୁବକଙ୍କୁ ଏକତ୍ରିତ କଲା, ୟୁନିଭର୍ସିଟିର କିଛି ବନ୍ଧୁମାନଙ୍କୁ ବି ଏ ବିଷୟରେ ଜଣେଇଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିନେ ବସ୍ତିର ଲୋକମାନଙ୍କୁ ଏକାଠି କରି ବିକ୍ରମ ଏ ସବୁ ଅତ୍ୟାଚାରର କଥା ବିଭାଗୀୟ ମନ୍ତ୍ରୀଙ୍କୁ ଜଣେଇବା ପାଇଁ ରାସ୍ତାରେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିଲା । ସେମାନଙ୍କୁ ଧାରଣାରେ ବସିଥିବାର ଦେଖି କିଛି ସାମ୍ବାଦିକ ଓ ଟିଭି ଚ୍ୟାନେଲ୍ ର ଲୋକମାନେ ବି ଜମିଗଲେ । ବିଭାଗୀୟ ମନ୍ତ୍ରୀ ମହୋଦୟ ଏସବୁ ଦେଖି ଡରିଗଲେ । ମୁଖ୍ୟମନ୍ତ୍ରୀଙ୍କର କଡା ତାଗିଦ ଆସିଲା ଆଗରେ ନିର୍ବାଚନ ଅଛି ଯେତେ ଦୂର ସମ୍ଭବ ଏସବୁ ସମସ୍ୟାକୁ ସମାଧାନ କରି ବସ୍ତି ଲୋକଙ୍କୁ ଶାନ୍ତ କରାଅ; କାରଣ ବସ୍ତି ବାସିନ୍ଦାମାନେ ହିଁ ଗୋଟେ ବଡ ଭୋଟବ୍ୟାଙ୍କ । ମୁଖ୍ୟମନ୍ତ୍ରୀଙ୍କ ଆଦେଶକୁ ପାଳିବାକୁ ଯାଇ ବିଭାଗୀୟ ମନ୍ତ୍ରୀ ବିକ୍ରମ ପାଖକୁ ଆସି ତାକୁ ଆଶ୍ୱାସନା ଦେଲେ ଯେ ସେମାନଙ୍କ ଦାବୀ ଖୁବ ଶୀଘ୍ର ପୂରଣ ହେବ ଏବଂ ସେଇଆ ହେଲା ମଧ୍ୟ ସେମାନେ ଧାରଣାରୁ ଓହରିବାର କିଛି ଦିନ ପରେ ହିଁ ବସ୍ତିର କିଛି ଲୋକମାନଙ୍କୁ ଜେଲରୁ ଜାମିନରେ ଛାଡି ଦିଆଗଲା । ଯେଉଁଦିନ ସେମାନେ ଜେଲରୁ ଫେରିଲେ ସେଦିନ ବସ୍ତିବାଲା ସମସ୍ତେ ମିଶି ବିକ୍ରମକୁ କାନ୍ଧରେ ବସେଇ ବୁଲେଇଲେ, ହୋ-ହାଲ୍ଲା କଲେ, ଉତ୍ସବ କଲେ ରାତାରାତି ବିକ୍ରମ ପାଲଟିଗଲା ବସ୍ତିର ହୀରୋ । ବିକ୍ରମ ସ୍ୱପ୍ନରେ ବି ଭାବି ନଥିଲା ଯେ ତା ଜୀବନକୁ ଏ ଘଟଣାଟି ଏତେ ପ୍ରଭାବିତ କରିବ ବୋଲି । ସେ ବସ୍ତିର ସବୁ ଲୋକଙ୍କ ଭଲମନ୍ଦ ବୁଝିଲା କାହାର ରେସନ କାର୍ଡ ଦରକାର, କାହାର ଭୋଟର ପରିଚୟ ପତ୍ର ଦରକାର କାହାକୁ ଅସହାୟ ଭତ୍ତା ଦରକାର ଇତ୍ୟାଦି ସବୁ ଛୋଟବଡ କାମପାଇଁ ବସ୍ତିବାଲା ବିକ୍ରମ ଉପରେ ନିର୍ଭର କରିବାକୁ ଲାଗିଲେ । ଏ କଥା ସହରର କର୍ପୋରେଟରଙ୍କ କାନକୁ ଆସିଲା । ବିକ୍ରମକୁ ବିଭିନ୍ନ ଦଳ ପକ୍ଷରୁ ନିମନ୍ତ୍ରଣ ମଧ୍ୟ ମିଳିଲା । ଏଇ କିଛିଦିନ ଭିତରେ ବିକ୍ରମ ଜାଣି ପାରିଥିଲା ଯେ ଶାସକ ଦଳ ସହ ନ ମିଶିଲେ କୌଣସି କାମକୁ ଆଗକୁ ନେଇ ହେବନି । ସେଥିପାଇଁ ସେ ଶାସକଦଳରେ କର୍ମୀ ହିସାବରେ ଯୋଗଦେଲା କିନ୍ତୁ ଏଇ ଭିତରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ବସ୍ତିରେ ଅନ୍ୟ ଏକ ଗୋଷ୍ଠୀ ତାର କାର୍ଯ୍ୟକଳାପକୁ ଜମା ପସନ୍ଦ କରୁ ନଥିଲେ । ବିକ୍ରମକୁ ଅପଦସ୍ତ କରାଇବା ପାଇଁ ସେମାନେ ତା ମଦ୍ୟପ ମାମୁଁର ସହାୟତା ଲୋଡିଲେ ଓ ବିକ୍ରମ ନାଁରେ ମିଛକଥା କହି ଉସୁକାଇଲେ । ବିକ୍ରମର ଭାଣିଜୀ ମିତା ଉପରେ ଖରାପ ନଜର ପକେଇଲେ । ଦିନେ ଏକ ରାତିରେ ସେଇ ଗୋଷ୍ଠୀର ରାଜୁଆ ଓ ତା'ର ଦୁଇଜଣ ମଦ୍ୟପ ସାଙ୍ଗ ମିତା ଟିଉସନରୁ ଫେରୁଥିବାର ସୁଯୋଗ ନେଇ ତାକୁ ଟେକି ନେଇ ଦୁଷ୍କର୍ମ କରି ତଣ୍ଟିଚିପି ହତ୍ୟା କଲେ ଓ ତା'ର ମାମୁଁକୁ ଆସି କହିଲେ ଯେ ସେମାନେ ଦେଖିଛନ୍ତି ଯେ ବିକ୍ରମ ତାର ଭାଣିଜୀକୁ ଧର୍ଷଣ କରି ହତ୍ୟା କରିଛି ବୋଲି । ବିକ୍ରମ ଘରକୁ ଆସି ଦେଖେ ତ ମିତାର ରକ୍ତ ଜୁଡୁବୁଡୁ ଅର୍ଧନଗ୍ନ ଶରୀର ତା ସାମ୍ନାରେ ପଡିଛି । ମାମୁଁ ବିକ୍ରମ ଉପରେ ଝପଟି ପଡି ତା'ର ବେକକୁ ଧରି କୁହନ୍ତି ଯେ ସେ ହିଁ ମିତାର ହତ୍ୟାକାରୀ ବୋଲି ଏକଥା ଶୁଣି ବିକ୍ରମର ଗୋଡ ତଳୁ ମାଟି ଖସିଯାଏ । କ୍ରୋଧରେ ଅନ୍ଧ ହୋଇ ସେ ଜାଣିବାକୁ ଚାହେଁ ଯେ କିଏ ତା ନାଁରେ ଏ ଅପପ୍ରଚାର କରିଛି ବୋଲି । ଠିକ ଏହି ସମୟରେ ପୋଲିସ ଆସି ବିକ୍ରମକୁ ବାନ୍ଧି ନେଇ ଥାନାକୁ ନେଇଯାଏ ସେଠି ରାତିସାରା ବିକ୍ରମ ଉପରେ ଅତ୍ୟାଚାର କରେ ପୁଲିସ ବିକ୍ରମର କୌଣସି କଥାକୁ ପୋଲିସ ବିଶ୍ୱାସ କରେ ନାହିଁ । ପରଦିନ ଶାସକ ଦଳର କିଛି ଲୋକ ଆସି ତାକୁ ଜାମିନରେ ପୋଲିସ ଥାନାରୁ ଉଦ୍ଧାର କରନ୍ତି ଏବଂ ତାଙ୍କଠାରୁ ସେ ଜାଣିବାକୁ ପାଏ ଯେ ମିତାର ଅସଲ ହତ୍ୟାକାରୀ କିଏ । ବିକ୍ରମ କ୍ରୋଧରେ ଅନ୍ଧ ହୋଇପଡେ ସେ ଯାଏ ସହରର ମାଫିଆ ଡନ ରାଙ୍ଗା ଭାଇ ପାଖକୁ ଯିଏ କି ଶାସକ ଦଳର ଡାହାଣ ହାତ କହିଲେ ଚଳେ ନିର୍ବାଚନ ପୂର୍ବ ଓ ପରର ପ୍ରାୟ ସମସ୍ତ ଖର୍ଚ୍ଚ ରାଙ୍ଗା ଭାଇ ହିଁ କରିଥାଏ । ରାଙ୍ଗାଭାଇ ବିକ୍ରମ ଠାରୁ ସବୁ କଥା ଶୁଣେ ଏବଂ ସେ ବିକ୍ରମକୁ ଉସୁକାଏ ଯେ ହତ୍ୟାର ବଦଳା କେବଳ ହତ୍ୟାରେ ହିଁ ନିଆ ଯାଇପାରିବ । ପ୍ରଥମଥର ପାଇଁ ରାଙ୍ଗା ଭାଇ ବିକ୍ରମ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହାତରେ ଧରେଇ ଦିଏ ଗୋଟେ ଛଅ ରାଉଣ୍ଡର ଦେଶୀ ପିସ୍ତଲ । ବିକ୍ରମ ପିସ୍ତଲ ଓ ରାଙ୍ଗା ଭାଇର କିଛି ଲୋକଙ୍କୁ ଧରି ଯାଇ ପହଞ୍ଚିଯାଏ ବସ୍ତି ଭିତରେ ଓ ରାଜୁଆକୁ ଘର ଭିତରୁ ଟାଣି ଆଣେ । ରାଙ୍ଗା ଭାଇର ଲୋକମାନେ ତା'ର ଅନ୍ୟ ଦୁଇଜଣ ସାଥିଙ୍କୁ ମଧ୍ୟ ଘରୁ ଟାଣି ଆଣି ଥାଆନ୍ତି । ବିକ୍ରମ ସେ ତିନିଜଣଙ୍କୁ ଘୋଷାଡ଼ି ଘୋଷାଡ଼ି ନେଇ ତା ମାମୁଁଙ୍କ ଘର ଆଗରେ ପକେଇ ଦିଏ ଏବଂ ରାଜୁଆକୁ କହେ ଯେ ତାର ଭୁଲ ସ୍ୱୀକାର କରିବାକୁ ରାଜୁଆ ପୁରା ବସ୍ତି ସାମ୍ନାରେ ତା'ର ଦୋଷ ସ୍ୱୀକାର କରେ ଏବଂ ମିତାକୁ ସେଇ ଧର୍ଷଣ କରିଛି ବୋଲି ମାନିଯାଏ । ସମସ୍ତଙ୍କ ସାମ୍ନାରେ ବିକ୍ରମ ସେ ତିନି ଜଣଙ୍କ ମୁଣ୍ଡକୁ ଲକ୍ଷ୍ୟ କରି ତିନି ରାଉଣ୍ଡ ଗୁଳି ମାରେ । ସେ ତିନିଜଣ ସେଇଠି ହିଁ ଟଳି ପଡନ୍ତି ବିକ୍ରମ ଆଉ ତିନି ରାଉଣ୍ଡ ଗୁଳି ଶୂନ୍ୟରେ ମାରି ସେଠାରୁ ଫେରାର ହୋଇଯାଏ । ରାଙ୍ଗା ଭାଇ ଓ ଶାସକଦଳର ମନ୍ତ୍ରୀମାନେ ମିଶି କେସକୁ ରଫାଦଫା କରି ଦିଅନ୍ତି । ଯାହା ଫଳରେ କି ବିକ୍ରମକୁ ମାତ୍ର ଗୋଟିଏ ବର୍ଷରେ ହିଁ ଜେଲରୁ ମୁକ୍ତି ମିଳିଯାଏ । ଜେଲରୁ ମୁକ୍ତି ପାଇବା ପରେ ବିକ୍ରମର ନା ବଦଳି ଭିକିଭାଇ ହୋଇଯାଏ କାରଣ ସେତେବେଳକୁ ସେ ହୋଇ ସାରିଥାଏ ରାଙ୍ଗା ଭାଇର ଖାସ୍ ଲୋକ । ଭିକି ବସ୍ତିର ଉନ୍ନତି ପାଇଁ ବହୁତ କାମ କରେ । ସମସ୍ତଙ୍କୁ ପକ୍କା ଘର, ପାଣି, ବିଜୁଳି, ପିଲା ମାନଙ୍କ ପଢିବା ପାଇଁ ସ୍କୁଲ ଆଦିର ସବୁ ସୁବ୍ୟବସ୍ଥା କରିଦିଏ । ସେ ପାଲଟିଯାଏ ବସ୍ତି ଲୋକମାନଙ୍କ ପାଇଁ ଚଳନ୍ତି ଦେବତା । ବସ୍ତିରେ ଯାହାର ଯାହା ଅସୁବିଧା ହେଲେ ସମସ୍ତେ ଦଉଡନ୍ତି ଭିକିଭାଇ ପାଖକୁ । ଭିକି ତା ମାମୁଁ ଓ ମାଇଁଙ୍କୁ ନେଇ ନିଜ ପାଖରେ ରଖିଥାଏ । ସହରର ମଝିରେ ତା'ର ଦ୍ୱିତଳ ପ୍ରାସାଦ । ଏଇମିତି ଭାବେ ୪ବର୍ଷ କଟିଯାଏ । ହଠାତ୍ ରାଙ୍ଗାଭାଇର ସଡକ ଦୁର୍ଘଟଣାରେ ମୃତ୍ୟୁ ହୁଏ ଏବଂ ରାଙ୍ଗା ଭାଇ ପରେ ଭିକି ହୋଇଯାଏ ଦଳର ମୁଖ୍ୟ । ସେ ଦଳର ମୁଖିଆ ହେବା ପରେ ମନ ବଳାଏ ଏକ ସ୍ୱତନ୍ତ୍ର ସ୍ୱାଧୀନ ଦଳ

 Magazine Downloaded from www.aahwaan.com

ଗଢ଼ି ନିର୍ବାଚନ ଲଢ଼ିବା ପାଇଁ । ଏହି କଥା ଶାସକଦଳର ମନ୍ତ୍ରୀ ସହ୍ୟ କରିପାରନ୍ତି ନାହିଁ । ସେ ଲୋକ ପଠାନ୍ତି ଭିକିକୁ ଧରି ଏକ ଅଜଣା ଜାଗାକୁ ନେଇ ହତ୍ୟା କରିବା ପାଇଁ ଆଉ ଦିନେ ରାତିରେ ସେ ଘରେ ଶୋଇଥିବା ବେଳେ କିଛି ଲୋକ ତାକୁ ନିଶା ଦେଇ ଅପହରଣ କରି ନେଇ ଯାଆନ୍ତି ।

ସକାଳର ସୂର୍ଯ୍ୟ ଭିକିର ମୁହଁ ଉପରେ ବିଛାଡି ହୋଇ ପଡିଲା । ଚାଉଁ କିନା ତା'ର ନିଦ ଭାଙ୍ଗିଗଲା । ସକାଳୁ ଉଠି ଦେଖିଲା ବେଳକୁ ପୁଣି ସେଇ ବୁଢା ହାତରେ କିଛି ଜଳଖିଆ ଧରିକି ଛିଡା ହେଇଛି ଆଉ ବୁଢାର ପଛରେ ଗୋଟେ ଝିଅଟି ଛିଡା ହୋଇଛି । ଝିଅଟି ହିନ୍ଦୀ କହି ପାରୁଥିଲା ଏବଂ ବୁଝି ବି ପାରୁଥିଲା । ସେ ଭିକିକୁ କହିଲା ଯେ ଯୋଉ ଲୋକମାନେ ତାକୁ ଏଠିକି ଛାଡିକି ଯାଇଛନ୍ତି ସେମାନେ କିଛି ସମୟ ପରେ ଆସିଯିବେ ଓ ତାଙ୍କର ମାଲିକର ଆଦେଶ ଅନୁସାରେ ତୁମକୁ ହତ୍ୟା କରିବେ । ଆମର ଏଇ ଆଦିବାସୀ ବସ୍ତିରେ ସେମାନେ ୫ବର୍ଷ ହେଲାଣି ବହୁତ ଖରାପ କାମ କରୁଛନ୍ତି; ଯେହେତୁ ଆମ ବସ୍ତି ସହରଠାରୁ ବହୁତ ଦୂର ସେମାନେ ଏହି ଠାରୁ ନିଶା କାରବାର ମଧ୍ୟ କରୁଛନ୍ତି ଯାହା ଫଳରେ ନିଶା ଆମ ବସ୍ତିର ଯୁବକ ମାନଙ୍କୁ ନଷ୍ଟ କରିବା ସହ ସହରର ଚାରିଆଡେ ଏହି ବ୍ୟବସାୟ ଖେଳି ଯାଇଛି । ତୁମେ ଯେତେ ଶୀଘ୍ର ପାରୁଛ ଏଠୁ ଖସି କି ପଳାଅ । ନହେଲେ ସେମାନେ ତୁମକୁ ଆଜି ମାରିବାର ବନ୍ଦୋବସ୍ତ କରିଛନ୍ତି । ଭିକି ସେ ଝିଅଠାରୁ ସବୁ କଥା ଶୁଣିବା ପରେ ନିଶ୍ଚିନ୍ତ ହୋଇ କହିଲା ମୁଁ କୁଆଡେ ବି ଯିବିନି । ଯେଉଁ ପର୍ଯ୍ୟନ୍ତ ତୁମମାନଙ୍କୁ ମୁଁ ଏ ରାକ୍ଷସମାନଙ୍କ କବଳରୁ ମୁକ୍ତି ନ ଦେଇଛି ମୁଁ ଏଇଠି ହିଁ ରହିବି । ଏତିକି କହି ଭିକି କୁଡିଆରୁ ବାହାରି ଯାଇ ଗୋଟେ ଗଛ ଉପରେ ଲୁଚି କି ବସି ପଡିଲା ଏବଂ କୁଡିଆ ଆଡକୁ ଲକ୍ଷ୍ୟ କରି ଅପେକ୍ଷା କରି ରହିଲା ସେମାନଙ୍କର ଆସିବାକୁ । କିଛି ସମୟପରେ ୩ଜଣ ଲୋକ ହାତରେ ଏକେ୪୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବନ୍ଧୁକ ଧରି କୁଡିଆ ଭିତରକୁ ଧସେଇ ପଶି ଅନ୍ଧାଧୁନ୍ଦ ଗୁଳି ଚଳେଇଲେ । ଗୁଳି ଚଳେଇ ସାରି ଦେଖିଲା ବେଳକୁ ସେଠି କେହି କୁଆଡେ ନାହାନ୍ତି । ଗୋଟେ ଲୋକ ଆଉ ଜଣଙ୍କୁ କହିଲା ଯେ ଯାଇ କି ସେ ବୁଢାକୁ ପଚାର ଯେ  ଯାହାକୁ ଗତକାଲି ଆଣି ଛାଡି ଦେଇ ଯାଇଥିଲେ ସେ ଲୋକ କୁଆଡେ ଗଲା ବୋଲି । ଲୋକଟି ବୁଢା ଘରକୁ ଆସୁଥିବା ସମୟରେ ଆଗରୁ ଲୁଚି କି ଥିବା ବୁଢାର ଝିଅ ଗୋଟେ ବାଉଁଶରେ ତା ମୁଣ୍ଡକୁ ଏକ ଶକ୍ତ ପ୍ରହାର ଦେଲା ଯାହା ଫଳରେ ସେ ଲୋକଟି ସେଇଠି ଟଳି ପଡିଲା । ସେ ଲୋକ ହାତରୁ ବନ୍ଧୁକ ନେଇ ବୁଢାର ଝିଅ ଭିକିକୁ ଗଛ ଉପରୁ ତଳକୁ ଆସିବା ପାଇଁ କହିଲା । ଭିକି ତା ହାତରୁ ବନ୍ଧୁକ ନେଇ କୁଡିଆ ଭିତରକୁ ଅତର୍କିତ ଭାବେ ପଶି ଗୁଳି କରି ସେ ଦୁଇ ଜଣଙ୍କୁ ମଧ୍ୟ ମାରିଦେଲା । ପଛରେ ଭିକି ଜାଣିବାକୁ ପାଇଲା ଯେ ସେ ଯାହାକୁ ଗୁଳି କରିଥିଲା ସେ ହେଉଛି ଅନ୍ତର୍ଜାତିକ ନିଶା ବେପାରୀ ଓ କୁଖ୍ୟାତ ଆତଙ୍କବାଦୀ ଅବଦୁଲ ଜାକର ବୋଲି ଯାହାକୁ ଭାରତୀୟ ସେନା ବହୁତ ଦିନ ହେଲାଣି ଖୋଜୁଥିଲେ । ଏହି ଖବର ପ୍ରସାରିତ ହେବା କ୍ଷଣି ଚାରିଆଡୁ ଭିକି ପାଇଁ ପ୍ରଶଂସାର ସୁଅ ଛୁଟିବାକୁ ଲାଗିଲା । ଆତଙ୍କବାଦୀକୁ ମାରିଥିବା ହେତୁ ତାକୁ ସବୁ ଦୋଷରୁ ମୁକ୍ତି ମିଳିଗଲା ଏବଂ ଜାତୀୟସ୍ତରରେ ପୁରସ୍କୃତ ହେବା ପାଇଁ ମଧ୍ୟ ଡାକରା ଆସିଲା । ଆଉ ଭିକି ସେ ଆଦିବାସୀ ବସ୍ତିରେ ସବୁଦିନ ପାଇଁ ରହି ଭିକି ଭାଇରୁ ପୁଣି ବନି ଯାଇଥିଲା ବିକ୍ରମ ଭାଉ ।

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ, ବ୍ରହ୍ମପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶ୍ୱ ନିୟନ୍ତାଙ୍କୁ ପତ୍ର



ନିବେଦିତା ମହାପାତ୍ର

ହେ ବିଶ୍ୱ ନିୟନ୍ତା,

ମୋ ହୃଦୟର ଗଭୀରତମ ପ୍ରଦେଶରୁ ଆପଣଙ୍କୁ ପ୍ରଣିପାତ ଜଣାଉଛି । ଏ ସୁନ୍ଦର ସୃଷ୍ଟିର ରଚନା କରି, ମାନବଙ୍କୁ ଶ୍ରେଷ୍ଠ ସ୍ଥାନ ଦେଇ ଆପଣ ନିଜର ଶ୍ରେଷ୍ଠତା ପ୍ରଦର୍ଶନ କରିଛନ୍ତି । ଆପଣ ସଂସାରରେ ମାନବକୁ ଦିବ୍ୟଜ୍ଞାନର ଅଧିକାରୀ କରାଇଛନ୍ତି ଏବଂ ତା' ମାଧ୍ୟମରେ ଅନେକ ସୃଜନାତ୍ମକ କାର୍ଯ୍ୟକୁ ସଫଳ ରୂପାୟନ କରିବାକୁ ଚେଷ୍ଟା କରିଛନ୍ତି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଆଜି ମନୁଷ୍ୟ ନିଜ ଇଚ୍ଛାରେ ସମସ୍ତ କାର୍ଯ୍ୟ କରୁଛି । କଳିଯୁଗର କରାଳତାରେ ଆଜି ସେ ନିଜର ମାନବିକତା ଓ ବିବେକ ପଣିଆକୁ ହରାଇ ଦେଇଛି । ସତ୍ୟ, ତ୍ରେତୟା, ଦ୍ୱାପର ଆଦି ଯୁଗରେ ମନୁଷ୍ୟ ମଧ୍ୟରେ ଦେବତ୍ୱର ପରିପ୍ରକାଶ ହେଉଥିଲା । ନୀତି, ନିୟମ, ଯଜ୍ଞ, ଧର୍ମକର୍ମ, ଆସନ, ପ୍ରାଣାୟାମ, ପୂଜା ଆଦି ଦ୍ୱାରା ସେ ନିଜର ଷଡରିପୁକୁ ଦମନ କରି ଏକ ନୀତିମୟ ଜୀବନ ଯାପନ କରୁଥିଲା ।

ନାରୀ, ଯିଏ ସୃଷ୍ଟିକୁ ନିଜ ଗର୍ଭରେ ଧାରଣ କରି ଦଶ ମାସର ଗର୍ଭ ଯନ୍ତ୍ରଣା ସହି ନୂଆ ଜୀବନର ଆଲୋକ ଦେଖାଇଥାଏ ତାକୁ ସଂସାରରେ ସର୍ବୋତ୍ତମ ସ୍ଥାନ ଦିଆଯାଇଥିଲା । ତା'ର ସମ୍ମାନ ସମଗ୍ର ଜାତି ପାଇଁ ସବୁଠାରୁ ମୂଲ୍ୟବାନ ଥିଲା । କିନ୍ତୁ ଆଜିର ଉଗ୍ର ଆଧୁନିକତାର ବଶୀଭୂତ ଏହି ମାନବ ନାରୀକୁ ଏକ ଉପଭୋଗ୍ୟ ବସ୍ତୁ ବୋଲି ଭାବି ନେଇଛି । ସଂସାରର ସୌନ୍ଦର୍ଯ୍ୟକୁ ଦେଖାଇଥିବା ନାରୀର ସୌନ୍ଦର୍ଯ୍ୟରେ ବିମୋହିତ ହୋଇ ସେ ତା'କୁ ନିଜ କାମନା ବାସନାର ନିଆଁରେ ଦଗ୍ଧ କରୁଛି । ନିଜ ଶରୀରର କାମାଗ୍ନିକୁ ଶାନ୍ତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିବା ପାଇଁ ସେ ବିବେକଶୂନ୍ୟ ଭାବେ ଛୋଟ ଶିଶୁ କଳିକା ଠାରୁ ବୟସାଧିକ ନାରୀକୁ ମଧ୍ୟ ରମଣ କରିବାକୁ କୁଣ୍ଠାବୋଧ କରୁନାହିଁ । ସ୍ଥାନ, କାଳର ବିଚାର ନ କରି କ୍ରୁରତାର ସହ ସେ ନାରୀମାନଙ୍କୁ ନିଜ ବାସନାର ଶିକାର କରି ପରିଶେଷରେ ସେମାନଙ୍କୁ ଜଘନ୍ୟ ଭାବେ ହତ୍ୟା କରୁଛି ।

ବଡ ଆଶ୍ଚର୍ଯ୍ୟର ବିଷୟ ଆଶ୍ୱିନ ମାସରେ ନାରୀକୁ ଦୁର୍ଗା ମା'କହି ପୂଜା କରୁଥିବା ପୁରୁଷ ତା' ଆଖପାଖରେ ରହୁଥିବା ନାରୀକୁ ମା', ଭଉଣୀ, କି ଝିଅ ବୋଲି ବିଚାର କରେ ନାହିଁ । କାମ ଲାଳସାରେ ଅନ୍ଧ ହୋଇଥିବା ମଣିଷ ତା'ସମ୍ମୁଖରେ ଦେଖୁଥିବା ସ୍ତ୍ରୀକୁ କେବଳ ଉପଭୋଗ କରିବାକୁ ଚାହେଁ ।

ହେ ବିଶ୍ୱପିତା, ତୁମର ଏ ସୁନ୍ଦର ସୃଷ୍ଟି ଯାହା ପାଇଁ ଗତିଶୀଳ ହେଉଛି ସେହି ନାରୀ ଜାତି ଆଜି ଖୁବ୍ ଅସହାୟ ହେଇ ପଡିଛି । ଖୁବ୍ ଯତ୍ନରେ ନାରୀକୁ ତୁମେ କୋମଳାଙ୍ଗୀ କରି ଗଢିଛି; ହେଲେ ତା'ମନରେ ଦେଇଥିବା ଅଦମ୍ୟ ଧୈର୍ଯ୍ୟ ଓ ସାହାସ ପାଇଁ ସେ ସହଜରେ ଅନ୍ୟର ମନ ଜିଣି ଅସମ୍ଭବକୁ ସମ୍ଭବ କରିପାରେ । କିନ୍ତୁ ବର୍ତ୍ତମାନର ପରିସ୍ଥିତିରେ କୌଣସି ବି ପରିବାର ଏମିତି କି ନାରୀଟିଏ ମଧ୍ୟ ନିଜ ଗର୍ଭରେ କନ୍ୟା ଭ୍ରୁଣଟିଏ ସ୍ଥାନ ଦେବାକୁ ଇଚ୍ଛା ପ୍ରକାଶ କରୁନାହିଁ । ପୁତ୍ରମୋହର କୁଝଟିକାରେ ଭ୍ରମୁଥିବା ସମଗ୍ର ମନୁଷ୍ୟ ଜାତି ନିଜ ବଂଶ ରକ୍ଷା ପାଇଁ କେବଳ ମାତ୍ର ପୁତ୍ର ସନ୍ତାନର କାମନା କରୁଛି । କିନ୍ତୁ ସେ ଭୁଲି ଯାଉଛି ଯେ ସେହି ପୁତ୍ର ସନ୍ତାନକୁ ଭୂମିଷ୍ଠ କରିବା ପାଇଁ ଆବଶ୍ୟକ ଗର୍ଭଟି ଗୋଟିଏ ନାରୀର ହିଁ ହୋଇଥାଏ ।

ଏ ଧରାଧାମରେ ପୁରୁଷ ଦ୍ୱାରା ସଂପାଦିତ ସମସ୍ତ କାର୍ଯ୍ୟରେ ନାରୀର ସମ ସହଭାଗିତା ଥାଏ । ପୁରାଣ ବର୍ଣ୍ଣିତ ଅଧ୍ୟାୟକୁ ଉନ୍ମୋଚନ କଲେ ଦୃଷ୍ଟାନ୍ତ ସ୍ୱରୂପ ଦେଖିବାକୁ ମିଳେ ତ୍ରେତୟାରେ ସ୍ୱୟଂ ପ୍ରଭୁ ରାମଚନ୍ଦ୍ର ଅଶ୍ୱମେଧ ଯଜ୍ଞର ପୂର୍ତ୍ତି ପାଇଁ ସୀତାଙ୍କର ଆବଶ୍ୟକତାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଅନୁଭବ କରି ସ୍ୱର୍ଣ୍ଣମୟୀ ସୀତା ପ୍ରତିମା ନିର୍ମାଣ କରି ଯଜ୍ଞ କାର୍ଯ୍ୟ କରିଥିଲେ । ନାରୀ ବିନା ପୁରୁଷର ଅସ୍ତିତ୍ୱକୁ କଳନା କରାଯାଇ ନ ପାରେ । ତଥାପି ପୁରୁଷ ପ୍ରଧାନ ଏ ସମାଜରେ ନାରୀକୁ ଅବଳା ଦୁର୍ବଳା କହି ତା'କୁ ହୀନ ବୋଲି ଗଣନା କରାଯାଉଛି । ନାରୀ ପୁରୁଷ ସହ ସବୁ କାର୍ଯ୍ୟରେ ସମକକ୍ଷ ହେଇ ପାରିଥିଲେ ମଧ୍ୟ ବେଳେବେଳେ ପୁରୁଷର କାମାଗ୍ନିରେ ସେ ନିଜକୁ ଦଗ୍ଧ କରି ସମାଜରେ ଉପହାସିତ ହେଉଛି ।

ହେ ପରମପିତା, ନାରୀ ସୁରକ୍ଷା ଆଜି ସବୁଠାରୁ ବଡ ପ୍ରଶ୍ନବାଚୀ ହେଇଯାଇଛି । ସୃଷ୍ଟି କାରିଣୀ ଆଜି ନିଜେ ଧ୍ୱଂସ ପଥର ପଥିକ ସାଜିଛି । ଯୁଗେ ଯୁଗେ ତୁମେ ଅଧର୍ମର ବିନାଶ କରିବା ପାଇଁ ଅବତାର ଗ୍ରହଣ କରିଥାଅ ବୋଲି ଗାଥା ରହିଛି । ନାରୀର ଲଜ୍ଜା ନିବାରଣ ପାଇଁ ସେଦିନ କୁରୁସଭାରେ ରାଜଜେମା ଦୌପଦୀଙ୍କୁ କୋଟି ବସ୍ତ୍ର ଦାନ ଦେବାର ମଧ୍ୟ ଲୋକମୁଖରେ ଆଜି ବି ପ୍ରଚାରିତ ହେଉଛି । ତେବେ କୁହନ୍ତୁ ବର୍ତ୍ତମାନ ସମାଜରେ ପ୍ରତିଦିନ କେତେ ଦୌପଦୀ କ୍ରୁର ଦୁଃଶାସନର ଚକ୍ରାନ୍ତ ଜାଲରେ ଛନ୍ଦି ହେଇ ନିଜ ଜୀବନର ବଳିଦାନ ଦେଇ ଚାଲିଛନ୍ତି । ତାଙ୍କ ପାଇଁ ଆପଣ କଣ ବିଚାର କରିବେ । ପୁଣି ଥରେ ଆଉ ଏକ ମହାଭାରତର ସର୍ଜନା କରି ପାପୀଙ୍କୁ ଦଣ୍ଡବିଧାନ କରିବେ ନା ଯାଦବ ବଂଶର ଧ୍ୱଂସ ସାଧକ ସାଜିବା ପରି ଏ ସୃଷ୍ଟିରୁ ନାରୀ ଜାତିର ବିଲୟ ଘଟାଇବେ ? ଉତ୍ତର ଅପେକ୍ଷାରେ ମହାବାହୁ । ଆପଣ ଯାହା ବି ବିଚାର କରିବେ ତାହା ନିଶ୍ଚୟ ଏ ବିଶ୍ୱ ପାଇଁ ମଙ୍ଗଳକାରୀ ହେଇଥିବ ॥

ଇତି

ଆପଣଙ୍କର ଶରଣାର୍ଥୀ ଏକ ହୀନ ଭକ୍ତ

ମୁକୁନ୍ଦ ମିଶ୍ର ନଗର,ପୁରୀ ॥

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କ୍ରୋଧି ସିଂହ



ଅଙ୍କିତା ପାଢ଼ୀ

ଜଙ୍ଗଲଟି ବହୁତ ବଡ଼ ଥିଲା । ଜଙ୍ଗଲରେ ରହୁଥିଲେ ସବୁ ଜାତିର ପଶୁ ଓ ପକ୍ଷୀ । ଜଙ୍ଗଲରେ ଦୁଇଟି ସିଂହ ରହୁଥିଲେ । ସିଂହ ଦୁଇଟି ମଧ୍ୟରେ ସବୁବେଳେ ଝଗଡ଼ା ଚାଲିଥାଏ । ଜଣେ ସିଂହ ବହୁତ ରାଗି ଥିଲା ବେଳେ ଅନ୍ୟ ଜଣଙ୍କ ବହୁତ ଶାନ୍ତ, ଶିଷ୍ଟ ଓ ଭଦ୍ର ଥିଲା । ଅନ୍ୟ ନିରୀହ ପ୍ରାଣୀମାନେ ଏମାନଙ୍କ ଝଗଡ଼ାରେ ବଳି ପଡୁଥିଲେ । ପଶୁମାନଙ୍କର କୌଣସି ସ୍ୱାଧୀନତା ନ ଥିଲା । ସମସ୍ତେ ବାହାରକୁ ବାହାରିବାକୁ ଭୟ କରୁଥିଲେ । କୋକୁଆ ଭୟ ମାଡିଆସିଲା ଭଳି ଜଙ୍ଗଲଟି ବହୁତ ଶୁନଶାନ ଲାଗୁଥିଲା । ଶାନ୍ତ ସରଳ ସିଂହଟି ବିଚାର କଲା କଣ ଏମିତି ପ୍ରାଣୀମାନେ ହନ୍ତସନ୍ତ ହୋଇ ଜୀବନ କଟେଇବେ । ଏହି ଜଙ୍ଗଲର କ'ଣ କୌଣସି ନ୍ୟାୟ ବିଚାର ରହିବ ନାହିଁ । ଏମିତି ସବୁବେଳେ ଭାବି ଚାଲେ । ସେହି ଜଙ୍ଗଲ ମଧ୍ୟରେ ଗୋଟିଏ ମହାବଳ ବାଘ ଥାଏ । ବାଘଟି ବହୁତ ସାହସୀ ଥିଲା । ସେ ନିରୀହ ସିଂହଟିର ବନ୍ଧୁ ଥିଲା । ଦିନେ ନିରୀହ ସିଂହ ଓ ବାଘ ଦୁଇଜଣ ଗୋଟିଏ ସଭା କଲେ ।

ଦୁଇ ଜଣ ସଭା କରୁଥିଲା ବେଳେ ରାଗୁଆ ସିଂହଟି ଆସି ପହଞ୍ଚି ଗଲା ଓ କହିଲା ତମ ଦୁଇଜଣଙ୍କ ସାହସ କେମିତି ହେଲା ଏମିତି ବସି କଥାବାର୍ତ୍ତା ହେବାକୁ । ୟେ ଜଙ୍ଗଲ ମୋର । ଏହି ଜଙ୍ଗଲର ରାଜା ମୁଁ ଅଟେ । ମୋ ବିନା ଏଇ ଜଙ୍ଗଲରେ କୌଣସି ପତ୍ରଟିଏ ମଧ୍ୟ ଛିଡା ଯିବ ନାହିଁ । ବାଘ ସିଂହ କଥାରେ ରାଗିଗଲା ଓ କହିଲା ମୁଁ ହେଉଛି ମହାବଳ ବାଘ । ମୁଁ ଚାହିଁଲେ ତୁମକୁ ୟେ ଜଙ୍ଗଲରୁ ବାହାର କରିପାରିବି । ୟେ ଜଙ୍ଗଲ ମୋ ବାପା ଓ

ଆହ୍ୱାନ-ପତ୍ରିକା

 Magazine Downloaded from www.aahwaan.com

ଗୋସିବାପା ମାନେ ତିଆରି କରିଛନ୍ତି । ଆଉ ତମେ ଆମ ଉପରେ ଦାଦାଗିରି କରି ପାରିବ ନାହିଁ । ଏମିତି କହି ବାଘ ଗର୍ଜନ କରିବାକୁ ଲାଗିଲା । ହେଲେ ସିଂହକୁ ବାଘ କଥାରେ ଆହୁରି ଅଧିକ ରାଗ ଆସିଲା । ସେ ଏତେ ରାଗି ଯାଇଥିଲା ଯେ ପୁରା ନିଆଁ ଭଳି ଜଳିଗଲା । ବାଘ ଉପରକୁ ଲମ୍ଫପ୍ରଦାନ କଲା । ବାଘ ଓ ସିଂହର ଲାଗିଲା ଘୋର ଲଢେଇ । କେହି କାହାରିକୁ ଛାଡିବାର ନଥିଲେ । ଦୁଇ ଜଣଙ୍କ ଲଢେଇରେ ଜଙ୍ଗଲ କମ୍ପି ଉଠୁଥିଲା । ହେଲେ ନିରୀହ ସିଂହଟି ବିଚରା କାହାକୁ ବୁଝେଇବ । ଗର୍ଜନ କରି ମଝିରେ ମଝିରେ କହି ଦେଉଥାଏ ଶାନ୍ତ ହେଇଯାଅ । ଶାନ୍ତ ହେଇଯାଅ । ହେଲେ କେହି ନଶୁଣି କାମୁଡ଼ା ରାମ୍ପୁଡ଼ା ହେଉଥାନ୍ତି । ଗଡି ଯାଉଥାନ୍ତି ଏପଟରୁ ସେପଟ ।

ବାଘ ଓ ସିଂହର ଲଢେଇରେ ଅନ୍ୟ ପଶୁମାନେ ବହୁତ ଖୁସି ହେଉଥାନ୍ତି । କେହି କାହାରିକୁ ଛାଡିବାର ନାହିଁ । ସେଇ ବାଟ ଦେଇ ଶିଆଳଟିଏ ଯାଉଥିଲା । ଦେଖିଲା ବାଘ ଓ ସିଂହଙ୍କର ଲଢେଇ । ଆଉ ଚିନ୍ତାକଲା ଏଇ ଦୁଇଜଣ ଜଙ୍ଗଲରେ ଯିବ ଜନ୍ତୁଙ୍କର ବଞ୍ଚିବା କଷ୍ଟ କରି ଦେଲେଣି । ଏମାନଙ୍କୁ ଶାସ୍ତି ମିଳିବା ଦରକାର । ତେଣୁ ବିଲୁଆ ବଡ଼ ଚତୁର ଯେ । ନିଜର ବୁଦ୍ଧି ଖର୍ଚ୍ଚ କଲା । ଭାବିଲା ଏମାନେ ଦୀର୍ଘ ସମୟ ଧରି ଲଢ଼ିଲେଣି ତେଣୁ ଏମାନେ ଯଦି ଆଉ କିଛି ସମୟ ଲଢ଼ିବେ ତେବେ ନିଶ୍ଚୟ ମୃତ୍ୟୁ ମୁଖକୁ ଯିବେ । ଏମିତି ଭାବି ହୁକେ ହୁ ଆରମ୍ଭ କଲା ଆଉ କହିଲା ମହାବଳ ବାଘ କେବେ ହାରି ପାରେନା । ପ୍ରାଣ ଯାଉ ହେଲେ ପଣ ରହୁ । ମହାବଳ କେବେ ପଛ ଘୁଞ୍ଚା ଦିଏନି କି ଦେବେନି । ମହାବଳ ହାରିବା ଅବସ୍ଥା ଦେଖି ଉଷକେଇବା ଲକ୍ଷ୍ୟରେ ଲାଗି ପଡିଲା ଶିଆଳ । ହାରିବାକୁ ଯାଉଥିବା ମହାବଳ ଦେହରେ ଏକ ନୂତନ ଶକ୍ତିର ସଞ୍ଚାର ହେଲା । ଶିଆଳ କଥା ଶୁଣି ଭାବିଲା ଯଦି ମୁଁ ହାରିଯିଏ ତେବେ ଆଉ ଜଙ୍ଗଲରେ ମୁହଁ ଦେଖେଇ ହେବ ନାହିଁ । ତେଣୁ ପ୍ରଖର ବେଗରେ ସମ୍ପୂର୍ଣ୍ଣ ଶକ୍ତି

 Magazine Downloaded from www.aahwaan.com

ଲଗେଇ ଝାମ୍ପି ମାରିଲା ମହାବଳ । ଆହୁରି ରକ୍ତାକ୍ତ ହେଇଗଲା ସିଂହ । ହେଲେ ସିଂହ ବଞ୍ଚିଥିବା ଯାଏ ପଛଘୁଞ୍ଚା ଦିଏ ନାହିଁ । ସିଂହ ମଧ୍ୟ ଆକ୍ରମଣ କରିଥିଲା ରାଜା ଭଳି । ସେ ଯଦି ହାରିଯାଏ ତେବେ ଜଙ୍ଗଲରେ ରହିବା କଷ୍ଟ । ତେଣୁ ହାରିବାଠାରୁ ଲଢ଼ି ଲଢ଼ି ମରିବା ଭଲ । ଏମିତି ଭାବି ମହାବଳ ଉପରେ ଆକ୍ରମଣ କରିଚାଲିଥାଏ । ଏମିତି ଆକ୍ରମଣ ଓ ପ୍ରତ୍ୟାକ୍ରମଣ ମଧ୍ୟରେ ଉଭୟ ଶୋଷ ଓ ଭୋକରେ ଜର୍ଜରିତ ହୋଇଗଲେ । ଏବେ ସାହା କହିଲେ ଶିଆଳ । ହେଲେ କେହି ଶିଆଳକୁ ପାଣି ମାଗିପାରୁ ନାହାନ୍ତି କାରଣ ଜଣେ ବିଶ୍ରାମ ନେବାକୁ ଚାହିଁଲେ ଅନ୍ୟ ଜଣଙ୍କର ଆକ୍ରମଣର ଶିକାର ହେବାକୁ ପଡିବ । ବାଘ ଭାବୁଥାଏ ଯଦି ମୁଁ ଏଇ ଛାର ଶିଆଳକୁ ସାହାଯ୍ୟ ମାଗିବି ନାଁ ନାଁ ଏଇଟା ସମ୍ଭବ ନୁହେଁ । ସିଂହ ମଧ୍ୟ ଏମିତି ଭାବୁଥାଏ । ଦୁହିଁଙ୍କ ମଧ୍ୟରେ ଲଢ଼େଇ ଦୁଇଦିନ ଚାଲିଗଲା । ହେଲେ କେହି କାହାକୁ ଛାଡିବାର ନୁହେଁ । ଦୁହେଁ ବହୁତ ଜିଦିଖୋର ଆଉ ଶିଆଳ ଏପଟ ସେପଟ ହେଇ ଯିଏ ଟିକେ ବସିବାକୁ ଯାଉଛି କି ଥକି ପଡୁଛି ତାକୁ ଉସୁକେଇବାରେ ବ୍ୟସ୍ତ ଥାଏ । ମହାବଳ ଟିକେ କ୍ଳାନ୍ତ ହୋଇ ବସିପଡିଲେ ଶିଆଳ କହୁଥାଏ ଶେଷରେ ହାରି ଗଲତ । ହଉ ହରିଗଲ ହାରିଗଲ ଏବେ ଏଠୁ ପଳେଇ ଯାଅ । ନ ହେଲେ ସିଂହ ତମକୁ ମାରିଦେବ । ସିଂହ ଟିକେ ଥକି ବସିଗଲେ ସେମିତି ସିଂହକୁ କହୁଥାଏ । ସିଂହ କହୁଥାଏ ନାହିଁ ନାହିଁ ମୁଁ ହାରିବା ଲୋକ ନୁହେଁ । ମାରିବା ଯାଏ ଲଢ଼ିବି । ଏମିତି କହି ମାଡି ବସୁଥାଏ ସିଂହ ମହାବଳ ବାଘକୁ । ଶେଷରେ ଦୁଇଜଣଙ୍କ ଅବସ୍ଥା ବହୁତ ଗୁରୁତର ହୋଇ ଯାଇଥାଏ । ଶେଷରେ ଦୁଇଜଣଙ୍କ ପାଦ ଆଉ ଚଳିଲା ନାହିଁ ।  ଶୋଷରେ ପାଟି ଶୁଖି ଯାଉଥାଏ । ଦୁହେଁ ପାଣି ଖୋଜିବା ଲକ୍ଷ୍ୟରେ ଦେଖିଲେ ଆଖ ପାଖରେ କୌଣସି ପୋଖରୀ କି ଝରଣା ନାହିଁ । କୁଆଡେ ଯିବେ । ଶିଆଳକୁ ନେହୁରା ହେଲେ ଆମେ ଆଉ ଲଢ଼ି ପାରିବୁନି ପାଣି ମୁନ୍ଦାଏ ଦେ । ଶିଆଳ କହିଲା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପାଣି ପିଇବାକୁ ହେଲେ ତୁମକୁ ଏଠାରୁ ଦୁଇ ମାଇଲ ବାଟ ଯିବାକୁ ପଡ଼ିବ । ଯାଇପାରିବ ତ ଆସ । ହେଲେ ଦୁଇଜଣଙ୍କ ପାଦ ଆଉ ଉଠୁ ନଥାଏ । ଶେଷରେ ଚତୁର ଶିଆଳ କହିଲା ତମେ ପାଣି ନୁହେଁ ରକ୍ତ ପିଇବ କି କୁହ ?

ଦୁହେଁ ଏକ ସାଙ୍ଗରେ କହିଲେ, "ଏଁ ରକ୍ତ ! କଉଠି ଅଛି କୁହ ? ଜଲ୍‌ଦି କୁହ ।"

ଶିଆଳ କହିଲା ଗୋଟେ କାମ କର ଦୁଇଜଣ ଜଣେ ଅନ୍ୟର ତଣ୍ଟିକୁ ଫୁଟେଇ ଦିଅ ଆଉ ପ୍ରବଳ ରକ୍ତ ବାହାରିବ । ଆଉ ଯିଏ ପ୍ରଥମେ ଅନ୍ୟର ଫୁଟେଇବ ସିଏ ପ୍ରଥମେ ତାର ଶୋଷ ମେଣ୍ଟେଇବ । ବାଘ ଓ ସିଂହ ଦୁଇ ଜଣ ଶିଆଳ କଥାରେ ବହୁତ ଉତ୍ସାହିତ ହୋଇ ଗଲେ । ହଁ ବିପଦ ସମୟରେ ଏକ ଭଲବୁଦ୍ଧି ଦେଇଛ ଶିଆଳଭାଇ କହି ଦୁହେଁ ଦୁହିଁଙ୍କ ତଣ୍ଟିକୁ ଫୁଟେଇ ଦେଇ ରକ୍ତ ପିଇବାରେ ଲାଗିଲେ । ହେଲେ ରକ୍ତ ପିଇଲେ ଶୋଷ ମେଣ୍ଟିଯାଏ ସିନା । ନିଜ ରକ୍ତରେ କାହାର ଶୋଷ ମେଣ୍ଟିଛି ଯେ । ଦୁହେଁ ପ୍ରାଣତ୍ୟାଗ କରିଥିଲେ ଓ ଶିଆଳର ଚାଲାକି ପାଇଁ ପୁରା ଜଙ୍ଗଲ ସୁରକ୍ଷିତ ହୋଇ ଯାଇଥିଲା । ନିରୀହ ସିଂହ ବିଲୁଆକୁ ମନ୍ତ୍ରୀ କରି ନିଜ ଜଙ୍ଗଲର ଦାୟିତ୍ୱ ନେଇ ରାଜା ଭାବରେ ସୁଖରେ ରାଜ୍ୟର ଭାର ନେଇ ସୁଖ ସ୍ୱଚ୍ଛନ୍ଦରେ ରାଜ୍ୟ ଶାସନ କରିଥିଲେ । ସେଇ ଦିନ ଠାରୁ ଜଙ୍ଗଲରେ କୌଣସି ଦୁଃଖ ଆସି ନ ଥିଲା ।

ବାପା: ରଞ୍ଜନ ପାଢ଼ୀ

ଜେନିଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ,

ଗଗନବାବୁ ଛକ, ଏଡ଼ତାଳ, ଭଦ୍ରକ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନିଷିଦ୍ଧ ଧର୍ମ



ଅପରାଜିତା ବେସନ

ଗୋଟେ ଭାରାକ୍ରାନ୍ତ ମନ ନେଇ ନୂତନ ବିଦ୍ୟାଳୟର ପାହାଚ ଚଢୁଥିଲେ ସହକାରୀ ଶିକ୍ଷକ ବିଜୟ କୁମାର । ଆଜି ନୂତନ ବିଦ୍ୟାଳୟରେ ତାଙ୍କର ପ୍ରଥମ ଦିନ । ବିଦ୍ୟାଳୟର ପରିବେଶ, ପିଲା ମାନଙ୍କ କୋଳାହଳ, ଅନ୍ୟ ସହକର୍ମୀମାନଙ୍କ ଉତ୍ସୁକ ଆଖିର ପ୍ରଶ୍ନିଳ ଚାହାଣି କୋଉଥିରେ ବି ଧ୍ୟାନ ନାହିଁ ତାଙ୍କର । ମନେ ପଡୁଛି ଆସିଲା ବେଳେ ପତ୍ନୀ ମାଧୁରୀ ଦେଇଥିବା ଉପଦେଶ- ଦେଖ ଆଜିଠାରୁ ତୁମକୁ ଧର୍ମ, କର୍ତ୍ତବ୍ୟ, ଆଦର୍ଶ ସବୁ ଭୁଲିବାକୁ ପଡିବ । କେବଳ ଠିକ ସମୟରେ ବିଦ୍ୟାଳୟରେ ପହଞ୍ଚିବା, ଠିକ ସମୟରେ ବାହାରିବା ତଥା ନିଜର ପିରିୟଡ଼ରେ ପାଠ ପଢ଼େଇ କୋର୍ସ ତକ ଠିକ ସମୟରେ ସାରିବା । ବୁଝିବା ଦରକାର ନାହିଁ କୋଉ ପିଲା ପଢିଲା ନ ପଢିଲା, ଖାଇକି ଆସିଛି କି ନାହିଁ, ପାଠପଢ଼ାରେ ଅସୁବିଧା ହେଉଛି କି । ଘରର ଆର୍ଥିକ ପରିସ୍ଥିତି ବୁଝି ସାହାଯ୍ୟ କରିବା ଏମିତିକି ଆଖିଆଗରେ ବି ଦୁଷ୍ଟାମୀ କରୁଥିଲେ କିଛି ଆକଟ କରିବା ଦରକାର ନାହିଁ । ଗୋଟେ ମାନସିକ ଦ୍ୱନ୍ଦ ଆଉ ଜୀବନର ତିକ୍ତ ଅନୁଭୂତିକୁ ନେଇ ସେ ଅନ୍ୟମନସ୍କ ହୋଇ ପଡୁଥିବା ବେଳେ ପ୍ରାର୍ଥନା ଘଣ୍ଟାର ଶବ୍ଦରେ ପ୍ରକୃତିସ୍ଥ ହେଲେ ବିଜୟ। କିଛି ସହକର୍ମୀ ଡାକିଲେ ଆସନ୍ତୁ ସାର ପଡିଆକୁ, ପ୍ରାର୍ଥନା ଆରମ୍ଭ ହେବ । ଅଗତ୍ୟା ଯନ୍ତ୍ରଚାଳିତ ପରି ଯିବାକୁ ପଡିଲା । ହଠାତ ତାଙ୍କର ନଜର ପଡିଲା ଅଳ୍ପଦୂରରେ ଥିବା ଗୋଟେ କ୍ଲାସରୁମରେ ଦୁଇଜଣ ପୁଅ ଝିଅ ପ୍ରାର୍ଥନା ସମୟରେ ସମସ୍ତଙ୍କ ନଜର ଆଢୁଆଳରେ ଗପସପରେ ମାତିଛନ୍ତି । ଇଛା ହେଉଥିଲା ତାଙ୍କୁ ଯାଇ ତାଗିଦ କରିବାକୁ କିନ୍ତୁ ସେ ଏମିତି ଏକ ଅଦେଖା ଅସହାୟତାର ଶୃଙ୍ଖଳରେ ବନ୍ଦୀ ଯାହାକୁ ଛିଣ୍ଡେଇବା ତାଙ୍କ ସାଧ୍ୟ ବାହାରେ । ବର୍ଷକ ତଳର ଏମିତି ଏକ ଘଟଣା ତାଙ୍କ ଜୀବନକୁ ଅସ୍ତବ୍ୟସ୍ତ କରିଦେଇଥିଲା ଯାହା ମନେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଡିଲେ ଏବେବି ଆଖି କୋଣରେ ଲୁହ ଜକେଇ ଆସେ ।

ମଧୁପଡ଼ା ଉଚ୍ଚ ବିଦ୍ୟାଳୟରେ ଶିକ୍ଷକ ଜୀବନର ପ୍ରଥମ ଶୁଭାରମ୍ଭ କରିଥିଲେ ବିଜୟ କୁମାର । ସୁନ୍ଦର ଗ୍ରାମ୍ୟ ପରିବେଶ ମଧ୍ୟରେ ବିଦ୍ୟାଳୟଟି ଛିଡା ହୋଇଛି । କେତେ ବଡ ବଡ ଡାକ୍ତର, ଇଂଜିନିୟର, ଉଚ୍ଚ ପଦସ୍ଥ ଅଫିସର, କବି ଲେଖକ, ବୁଦ୍ଧିଜୀବୀମାନଙ୍କୁ ଜନ୍ମ ଦେଇଛି ଏହି ବିଦ୍ୟାଳୟ । ଏମିତି ଏକ ବିଦ୍ୟାଳୟରେ ଶିକ୍ଷକ ଜୀବନ ଆରମ୍ଭ କରିବା ସୌଭାଗ୍ୟର କଥା ବୋଲି ଭାବୁଥିଲେ ବିଜୟ । ଆଗେ ସରକାରୀ ବିଦ୍ୟାଳୟରେ ଧନୀ ଗରିବ ଶିକ୍ଷିତ ଅର୍ଦ୍ଧଶିକ୍ଷିତ ସବୁ ଘରର ପିଲା ପାଠ ପଢୁଥିଲେ । ଏବେ ଧନୀ ଓ ଶିକ୍ଷିତ ଘରର ପିଲା ଇଂଲିଶ ମିଡିୟମ କିମ୍ବା ଘରୋଇ ଓଡ଼ିଆ ସ୍କୁଲରେ ପଢିଲେଣି । ଏବେ ସରକାରୀ ବିଦ୍ୟାଳୟରେ ପଢୁଥିବା ଅଧିକାଂଶ ପିଲା ଗରିବ ପରିବାରରୁ ଆସିଥାନ୍ତି ଯେଉଁମାନଙ୍କ ପିତାମାତା ଦୁଇବେଳା ଖାଇବା ଯୋଗାଡ କରିବା ପାଇଁ ସଂଘର୍ଷରେ ବ୍ୟସ୍ତ । ପାଠକଥା ବୁଝିବାପାଇଁ ସେମାନଙ୍କ ସମୟ ଆଉ ଯୋଗ୍ୟତା ନଥାଏ । ମଧ୍ୟାହ୍ନ ଭୋଜନର ଆକର୍ଷଣରେ ବିଦ୍ୟାଳୟରେ କିଛି ଉପସ୍ଥାନ ବଢିଯାଏ ଯାହା । ପିଲାମାନଙ୍କୁ ପଢେଇବା ବ୍ୟତୀତ ସବୁ ପିଲାଙ୍କ ସୁବିଧା ଅସୁବିଧା ବି ସେ ବୁଝୁଥିଲେ । ଆର୍ଥିକ ପରିସ୍ଥିତି ଭଲ ନଥିବା ପିଲାଙ୍କୁ ଖାତା ପତ୍ର ଯୋଗେଇଦେବା, ପରୀକ୍ଷା ପ୍ରସ୍ତୁତି ପାଇଁ ଟେଷ୍ଟ ପେପର କିଣିଦେବା, ଟ୍ୟୁସନର ବ୍ୟବସ୍ଥା କରିଦେବା, ଖାଇକି ଆସି ନଥିଲେ ନିଜ ହାତରୁ ପଇସା ଖର୍ଚ୍ଚ କରି ଜଳଖିଆ ଖୁଏଇବାରେ ସେ ଆନନ୍ଦ ଅନୁଭବ କରନ୍ତି । ଶିକ୍ଷକର ଏତେ ସବୁ ସ୍ନେହ ଶ୍ରଦ୍ଧା ତ୍ୟାଗର ମୂଲ୍ୟ ଆଜିକାଲି କିଏ ବୁଝେ ସାର ? ସହକର୍ମୀ ଅନୁପମ ସାରଙ୍କ ପ୍ରଶ୍ନ ଉତ୍ତରରେ ବିଜୟ ହସି ହସି କୁହନ୍ତି ବିଦ୍ୟାଳୟ ପରିସରରେ ଥିବା ପର୍ଯ୍ୟନ୍ତ ମୁଁ କେବଳ ଜଣେ ଶିକ୍ଷକ ନୁହେଁ, ଜଣେ ଅଭିଭାବକ ମଧ୍ୟ । ବିଦ୍ୟାଳୟର ପ୍ରତ୍ୟେକଟି ପିଲା କେବଳ ମୋର ଛାତ୍ରଛାତ୍ରୀ ନୁହନ୍ତି ସେମାନେ ମୋର ସନ୍ତାନତୁଲ୍ୟ । ତେଣୁ ପ୍ରଥମେ ମୁଁ ତାଙ୍କ ପେଟ ବୁଝେ ତାପରେ ତାଙ୍କ ପାଠ । ଶିକ୍ଷକତା କେବଳ ଜଣେ ଶିକ୍ଷକର ବୃତ୍ତି ବା ପେସା ନୁହେଁ ଏହା ଏକ ସାଧନା । ଜଣେ ଶିକ୍ଷକଙ୍କୁ ସୂର୍ଯ୍ୟ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସମ ଜଳିବାକୁ ପଡେ ଉଭୟ ଉତ୍ତାପ ଆଉ ଆଲୋକ ଦେବାପାଇଁ । ଉତ୍ତାପ ଅର୍ଥାତ ଅନୁଶାସନ ଯାହା ପିଲାମାନଙ୍କୁ ଶୃଙ୍ଖଳିତ, ସଂସ୍କାରଯୁକ୍ତ କରେ । ଆଉ ଆଲୋକ ଯାହା ଅଜ୍ଞାନର ଅନ୍ଧକାରରୁ ମୁକ୍ତି ଦିଏ । ସହକର୍ମୀ ଅନୁପମ କିନ୍ତୁ ସହମତ ହୋଇପାରନ୍ତି ନାହିଁ ବିଜୟଙ୍କ କଥାରେ । ସେ କୁହନ୍ତି ସେ ଯୁଗ ଆଉ ନାହିଁ ସାର । ସରକାରୀ ନୀତିନିୟମ ଭିତରେ ରହି ଶିକ୍ଷକର ଧର୍ମ ଆଜି ନିଷିଦ୍ଧ ଧର୍ମ ହୋଇଯାଇଛି । ଦଣ୍ଡମୁକ୍ତ ପରିସର ସାଙ୍ଗକୁ ପରୀକ୍ଷା ବ୍ୟବସ୍ଥା ନାହିଁ, ଫେଲ ହେବାର ଭୟ ନାହିଁ, ତାଗିଦ କଲେ ପିଲା ଟୋଲ ଫ୍ରି ନମ୍ବରରେ କମ୍ପ୍ଲେନ କରିଦେଉଛନ୍ତି । ଆଉ ତା'ପରେ ସରକାରଙ୍କ ଛାଟ ନିରୀହ ଶିକ୍ଷକ ଉପରେ ପଡୁଛି, ଗାଁ ରାଜନୀତିର ପଶାପାଲିରେ ବଳି ପଡୁଛି ଶିକ୍ଷକର ଆଦର୍ଶ ।

ସେଦିନ ଏମିତି ଏକ ପ୍ରାର୍ଥନା ସମୟ ଥାଏ । ବିଜୟଙ୍କ ଆଖିରେ ପଡେ ଦୁଇଜଣ ପୁଅ ଝିଅ ପ୍ରାର୍ଥନା କ୍ଲାସରେ ଯୋଗ ନ ଦେଇ ସମସ୍ତଙ୍କ ଅଗୋଚରରେ ଗପ କରୁଥାନ୍ତି । ପ୍ରାର୍ଥନା ମଝିରୁ ଯାଇ ଦୁହିଁଙ୍କୁ ତାଗିଦ କରିଥିଲେ ଏମିତି ଆଉ ଦିନେ ନ କରିବା ପାଇଁ । କିନ୍ତୁ ସେ ପିଲା ଦୁଇଜଣ ଯେମିତି କାହା କଥା ଶୁଣିବାକୁ ପ୍ରସ୍ତୁତ ନଥିଲେ । ଲଗାତାର ତିନିଦିନ ତାଗିଦ କଲାପରେ ମଧ୍ୟ ଘଟଣାର ପୁନରାବୃତ୍ତି ଚାଲିଥାଏ ପ୍ରଧାନଶିକ୍ଷକଙ୍କ ନଜରକୁ କଥାଟି ଆଣିବା ଉଚିତ ମନେକଲେ ସେ କିନ୍ତୁ ପ୍ରଧାନଶିକ୍ଷକଙ୍କ ବେପରୁଆ ମନୋଭାବ ତାଙ୍କୁ କଷ୍ଟ ଦେଲା ଯେତେବେଳେ ସେ କହିଲେ ଛାଡ଼ନ୍ତୁ ସାର ଏମାନଙ୍କୁ କହି କଣ ଲାଭ ଅଛି ! ଏମାନେ ସୁଧୁରିବେ ନାହିଁ । ଓଲଟା ଯିଏ ତାଗିଦ କରିବ ତାଙ୍କୁ ଗାଁ ପିଲାଙ୍କୁ ଲଗେଇ ରାସ୍ତାଘାଟରେ ହଇରାଣ କରିବେ, ଖରାପ ଭାଷାରେ ଗାଳି କରିବେ । ଆଉଥରେ ଏମିତି ଦେଖିଲେ ତାଙ୍କ ବାପାମାଙ୍କୁ ଜଣେଇଦେଲେ ଆମ କର୍ତ୍ତବ୍ୟ ସରିଲା । ତା' ପରଦିନ ସମାନ ଘଟଣା ପାଇଁ ସେ ନିଜକୁ କଣ୍ଟ୍ରୋଲ କରି ପାରିଲେ ନାହିଁ । ରାଗରେ, ପୁଅଝିଅ ଦୁଇଜଣଙ୍କୁ ଗୋଟିଏ ଗୋଟିଏ ଚାପୁଡ଼ା କଷିଦେଇଥିଲେ । ପ୍ରଧାନଶିକ୍ଷକଙ୍କ ପରାମର୍ଶ ଅନୁସାରେ ସେ ପୁଅଝିଅ ଦୁଇଜଣଙ୍କ ଅଭିଭାବକମାନଙ୍କୁ ବିଦ୍ୟାଳୟକୁ ଡକେଇ ଘଟଣା ସମ୍ପର୍କରେ ଅବଗତ କରାଇଥିଲେ । ବାସ

 Magazine Downloaded from www.aahwaan.com

ସେଠାରୁ ଆରମ୍ଭ ହୋଇଥିଲା ଏମିତି ଏକ ପରିସ୍ଥିତି ଯାହାର କଳ୍ପନା ସେ ସ୍ୱପ୍ନରେ ସୁଦ୍ଧା କରି ନଥିଲେ । କିଛି ସହକର୍ମୀ ବିଜୟଙ୍କ ଛାତ୍ରମହଲରେ ଥିବା ଲୋକପ୍ରିୟତା ପାଇଁ ଈର୍ଷାନ୍ୱିତ ଥିଲେ । ସେମାନେ କେବଳ ବିଜୟଙ୍କୁ ଦୋଷାରୋପ କରି ନଥିଲେ ବରଂ ତାଙ୍କ ଅଜାଣତରେ ଗାଆଁର କିଛି କୁଜିନେତା ଓ ଝିଅର ବାପା ଯିଏ କି ଜଣେ ପୂର୍ବତନ ସରପଂଚଙ୍କ ସମ୍ପର୍କୀୟ ଥିଲେ ତାଙ୍କୁ ମତେଇ ବିଜୟ ସାରଙ୍କ ନାଁରେ ଉପରିସ୍ଥ ଅଫିସରଙ୍କ ପାଖରେ ଲିଖିତ ଅଭିଯୋଗ କରିଥିଲେ । ଶିକ୍ଷକମାନଙ୍କ ବିରୁଦ୍ଧରେ ଛୋଟରୁ ଛୋଟ ଅଭିଯୋଗ ଡ଼ି ଇ ଓ, ବି ଇ ଓ ଅଫିସର ତଳିଆ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଉପରିସ୍ଥ ଅଫିସରଙ୍କ ଯାଏ ଗୋଟେ ଗୋଟେ ସୁବର୍ଣ୍ଣ ସୁଯୋଗ ପ୍ରଥମେ ସସ୍ପେଣ୍ଡ କରିଦିଅ ଓ ପରେ ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ, ଚାକିରୀରେ ପୁନଃ ସ୍ଥାପିତ ପାଇଁ ଏମିତି ଭାବରେ ଆର୍ଥିକ ଶୋଷଣ କରନ୍ତି ଯେ ବେଚାରା ଶିକ୍ଷକଟି ବୁଝି ପାରେନି କଣ ଭୁଲ କରିଦେଇଛି ବୋଲି !

ସସ୍ପେଣ୍ଡ ଲେଟର ପାଇବା ପରେ ବହୁତ ଭାଙ୍ଗି ପଡ଼ିଥିଲେ ବିଜୟ । ତାଙ୍କର ସ୍ନେହ ଶ୍ରଦ୍ଧା, ଆଦର୍ଶ କର୍ତ୍ତବ୍ୟ ସବୁକୁ ଗୋଟିଏ ମୁହୂର୍ତ୍ତରେ ତୁଚ୍ଛ କରି ଦିଆଯାଇଥିଲା । ମଧୁପଡ଼ା ବିଦ୍ୟାଳୟ ଠାରୁ ଆହୁରି ଅଧିକ ସାତ କିଲୋମିଟର ଦୂର ସ୍କୁଲରେ ରିପୋର୍ଟିଂ କରିବାକୁ ସରକାରୀ ଆଦେଶପ୍ରାପ୍ତ ହୋଇଥିଲେ ସେ । ଦୀର୍ଘ ନଅମାସ ନିଜ ପ୍ରିୟ ବିଦ୍ୟାଳୟଠାରୁ ଦୂର ଅନ୍ୟ ଏକ ସ୍ଥାନରେ ଦଣ୍ଡବିଧାନ ସ୍ୱରୂପ କେବଳ ରିପୋର୍ଟିଂ କରିବା, ଶିକ୍ଷାଦାନ ଠାରୁ ଦୂରେଇ ରହିବା ତଥା ଅଧା ଦରମାରେ ପରିବାର ଚଳେଇବା ପରି ମାନସିକ କଷ୍ଟ ତାଙ୍କୁ ମଝିରେ ମଝିରେ ଦୁର୍ବଳ କରି ଦେଉଥିଲା । ବୋଝ ଉପରେ କୋରଡାମାଡ ପରି ଡ଼ି ଇ ଓ ଅଫିସର ଅଧିକାରୀମାନଙ୍କ ଧମକ ତଥା ଆର୍ଥିକ ଶୋଷଣରେ ସେ ଭାଙ୍ଗିପଡୁଥିଲେ ଭିତରେ ଭିତରେ । ଭଙ୍ଗାକାଚ ଆଇନା ପରି ଟୁକୁଡା ଟୁକୁଡା ହୋଇ ଯାଉଥିଲା ତାଙ୍କ ହୃଦୟ କ୍ଷୋଭରେ । ଏତେ ଦୁଃଖ ଭିତରେ କିଛି ସାନ୍ତ୍ୱନା ବି ଥିଲା ତାଙ୍କ ପାଇଁ । ତାଙ୍କୁ ଶ୍ରଦ୍ଧା ଓ ସମ୍ମାନ କରୁଥିବା କିଛି ସହକର୍ମୀ ତାଙ୍କୁ ରୀତିମତ ଫୋନକରି ମାନସିକ ସାହସ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଯୋଗାଉଥିଲେ । ଅନେକ ଛାତ୍ରଛାତ୍ରୀ ଓ ତାଙ୍କ ଅଭିଭାବକ ମଧ୍ୟ ତାଙ୍କ ସପକ୍ଷରେ ଧାରଣା ପ୍ରଦର୍ଶନ କରିବା ପାଇଁ ବିଜୟଙ୍କ ଅନୁମତି ଲୋଡ଼ିଥିଲେ । କିନ୍ତୁ ଏହାଦ୍ୱାରା ସେ ଉପରିସ୍ଥ ଅଫିସରଙ୍କ ଅଧିକ ରୋଷର ଶିକାର ହେବାର ଆଶଙ୍କା ଥିବାରୁ ଅନୁମତି ଦେଇ ନଥିଲେ । ନଅ ମାସ ପରେ ଲକ୍ଷେ ଟଙ୍କା ପାଖାପାଖି ଖର୍ଚ୍ଚ କରିସାରିବା ପରେ ସେ ଚାକିରୀରେ ପୁନଃ ସ୍ଥାପିତ ହୋଇଥିଲେ ଏକ ନୂତନ ବିଦ୍ୟାଳୟରେ । ମଝିରେ ଆଉ ଏକ ଘଟଣା ତାଙ୍କୁ ବହୁତ ଦୁଃଖ ଦେଇଥିଲା ଯେତେବେଳେ ସେ ଜାଣିବାକୁ ପାଇଥିଲେ ଯେ ଯେଉଁ ଦୁଇଜଣ ପୁଅ ଝିଅଙ୍କୁ ସେ ତାଗିଦ କରିବାର ଦଣ୍ଡ ଭୋଗୁଥିଲେ ସେ ଦୁଇଜଣ ଘର ଛାଡି ଫେରାର ହୋଇ ଯାଇଥିଲେ । କିଛିଦିନ ପରେ ପୁଅଟି ଝିଅକୁ ଛାଡି ଦେଇ ଗାଁକୁ ଏକା ଚାଲି ଆସିଲା ପରେ ଦୁଇ ପରିବାର ମଧ୍ୟରେ ତିକ୍ତତାରୁ ଝିଅର ବାପା ପୁଅ ଉପରେ ଅପହରଣ ଆରୋପ ଲଗେଇଥିଲେ । ପରିଣତି ସ୍ୱରୂପ ପୁଅଟି ଏବେ ବାଳ କାରାଗାରରେ ଏବଂ ଝିଅଟି ଏକ ସର୍ଟ ଷ୍ଟେ ହୋମରେ ରହୁଛି କୁଆଁରୀ ମାତୃତ୍ୱର ବୋଝ ମୁଣ୍ଡେଇ ।

ଆଜି ନୂତନ ବିଦ୍ୟାଳୟରେ ସମାନ ଘଟଣାର ପୁନରାବୃତ୍ତି ହେଉଥିଲେ ମଧ୍ୟ ଅତୀତର ତିକ୍ତ ଅନୁଭୂତି ତାଙ୍କୁ ଆଖି ବୁଜି ଚୁପ ରହିବାପାଇଁ ବାଧ୍ୟ କରୁଥିଲା । ଶିକ୍ଷକର ଧର୍ମ ଆଜି ଏକ ନିଷିଦ୍ଧ ଧର୍ମ, ତା ଆଦର୍ଶ ଆଜି ଶୃଙ୍ଖଳାବଦ୍ଧ ଆଉ ତା ସାଧନା ଏକ ମୂଲ୍ୟହୀନ ପରିତ୍ୟକ୍ତ ବସ୍ତୁ । ସରକାରୀ ଆଇନକାନୁନ ଭିତରେ ଜଣେ ଆଦର୍ଶ, କର୍ତ୍ତବ୍ୟପରାୟଣ ଗୁରୁ କ୍ରମଶଃ ପାଲଟିଯାଉଥିଲା ଗୋଟେ ବେତନଭୋଗୀ ଅସହାୟ ଶିକ୍ଷକ ।

ଟ୍ରେଜେରୀ ନିର୍ଦ୍ଦେଶାଳୟ ,ଭୁବନେଶ୍ୱର
ମୋବାଇଲ ନମ୍ବର: ୮୦୧୮୫୬୪୯୭୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫରକ



ଶାନ୍ତନୁ କୁମାର ରାଉତ

(ଜୀବନର ଲମ୍ବାରାସ୍ତାର ଦୋଛକିରେ ଦୁଇବନ୍ଧୁ ଦିଲୀପ ବାବୁ ଏବଂ ଶ୍ରୀକାନ୍ତ ବାବୁଙ୍କ ଆଲୋଚନା ସମାଲୋଚନା)

ଦିଲ୍ଲୀପ ବାବୁ, ଯାହାଙ୍କର ସହରୀ ଜୀବନ । ଶଙ୍ଖମଲମଲ ପରି ଚିକ୍ ଚିକ୍ କରୁଥିବା ପଥରର ତିନିମହଲା ଘର ଏବଂ ଅନ୍ୟ ଜଣେ ହେଲେ ଶ୍ରୀକାନ୍ତ ବାବୁ, ସେଇ ମଫସଲି ଗାଁରେ ଝାଟିମାଟିର ଚକଟା କାଦୁଅରେ ଗଢ଼ା ଚାଳଛପର ମାଟିର ଘର । କିନ୍ତୁ ଦୁଇଜଣଙ୍କ ଶିକ୍ଷାଗତ ଯୋଗ୍ୟତା ଉଚ୍ଚକୋଟିର ।

ବହୁତ ଦିନପରେ ଦିଲ୍ଲୀପ ବାବୁ ନିଜର ଜନ୍ମମାଟି ତଥା ନିଜ ଗାଁକୁ ବୁଲିବା ଲାଗି ଆସିଥାନ୍ତି । ସେଇ ଗାଁରେ ରହନ୍ତି ତାଙ୍କର ବାଲ୍ୟବନ୍ଧୁ ଶ୍ରୀକାନ୍ତ ବାବୁ ।

ଦିଲ୍ଲୀପ ବାବୁ : ଆରେ ଭାଇ, କାହିଁକି ଏ ଗାଁରେ ପଡ଼ି ରହିଛୁ ? ଏ ଗାଁରେ ଅଛି କଣ ? ତୁ ଏତେ ଶିକ୍ଷିତ ହୋଇ ବି ମୂର୍ଖଙ୍କ ପରି ରହୁଛୁ ? ସହରକୁ ଚାଲ ଜୀବନର ଅସଲି ମଜା ଚାଖିବୁ ।

ଶ୍ରୀକାନ୍ତ ବାବୁ : ଭାଇ ମୂର୍ଖ ଆଉ ଶିକ୍ଷିତ । ହା ହା ହା... ମୂର୍ଖ ତ ସିଏ, ଯିଏ ଜୀବନକୁ ଚିହ୍ନି ପାରେନି । ଜୀବନର ମର୍ମକୁ ପଢ଼ି ପାରେନି । ହେଲେ ଭାଇ ମୁଁ ଜୀବନର ପ୍ରତିଟି ଅକ୍ଷରକୁ ତନ୍ନ ତନ୍ନ କରି ପଢ଼ିଛି ଆଉ ବୁଝିଛି, ସହରୀ ଆଉ ଗାଉଁଲିର ଫରକ ଜାଣିଛି ।

ତୁମ ସହରୀ ଜୀବନରେ ଅଛି କଣ ? ଖାଲି ଟଙ୍କା, ଆଉ ଟଙ୍କା ପଛରେ ଦିନ ସାରା ଗୋଡ଼େଇ ଗୋଡ଼େଇ ଆସି ସନ୍ଧ୍ୟାରେ ନିର୍ଜୀବ ଶବପରି ବିଛଣାରେ ପଡ଼ିଯିବା ! ଶୁଣ ଭାଇ, ଟଙ୍କା ତ ଜୀବନରେ ପ୍ରଧାନ । ଟଙ୍କା ସମସ୍ତଙ୍କର ଆବଶ୍ୟକ, ହେଲେ ଟଙ୍କାକୁ ଛାଡ଼ି ଜୀବନରେ ବହୁତ କିଛି ପ୍ରକୃତିର ସୌନ୍ଦର୍ଯ୍ୟ ଭରି ରହିଛି । ହେଲେ ଟଙ୍କା ପଛରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଗୋଡ଼ାଉଥିବା ମଣିଷ ତାକୁ ଉପଭୋଗ କରି ପାରେନି କାରଣ ତା ପ୍ରାଧାନ୍ୟ କେବଳ ଟଙ୍କା ।

... ହଁ, କଣ କହୁଥିଲୁ ? ଜୀବନର ଅସଲି ମଜା ? ଶଙ୍ଖମଲମଲ ମୁଗୁନି ପଥର ତିଆରି ଘରେ ରହିଗଲେ ଜୀବନର ଅସଲି ମଜା ନଥାଏ । ଜୀବନର ଅସଲି ମଜା ତ ପ୍ରକୃତି ମାତାର ସୌନ୍ଦର୍ଯ୍ୟରେ ଥାଏ । ତୁ କେବେ ଦେଖିଛୁ ନବବିବାହିତା ବଧୁର କପାଳରେ ଗୋଲ ସିନ୍ଦୁର ଟୋପା ପରି ସକାଳ ସୂର୍ଯ୍ୟର ଉଦୟକୁ ? କେବେ ଦେଖିଛୁ ଚଷା ଭାଇଟିର କ୍ଷେତ୍ରରେ ସୁନା ଫଳିଥିବାର ଦୃଶ୍ୟ ନା ଶୁଣିଛୁ କେବେ ବୃକ୍ଷ ଶାଖାରେ ବସିଥିବା ରଙ୍ଗବେରଙ୍ଗ ପକ୍ଷୀମାନଙ୍କର କାକଳୀ, ମିଠା ରାଗିଣୀର ସ୍ୱର, ଯେଉଁଥିରେ ରହିଥାଏ ମନୋହର ମୂର୍ଚ୍ଛନା ।

ଏହିଭଳି ବାର୍ତ୍ତାଳାପ କରି କରି ଦୁଇବନ୍ଧୁ ଶ୍ରୀକାନ୍ତ ବାବୁଙ୍କ ଘର ବାଡ଼ିପଛପଟ ପୋଖରୀ ପାଖ କ୍ଷେତକୁ ଚାଲିଗଲେ ଏବଂ ଦିଲ୍ଲୀପ ବାବୁ ଆକାଶର ସପ୍ତରଙ୍ଗରେ ରଙ୍ଗାୟିତ ହୋଇଥିବା ଇନ୍ଦ୍ରଧନୁକୁ ଦେଖିବାର ଖୁସିରେ ଓ ପୋଖରୀ ଚତୁଃପାର୍ଶ୍ୱରେ ସବୁଜ କ୍ଷେତ୍ରରେ ପୁରିରହିଥିବା ଫସଲର ସୌନ୍ଦର୍ଯ୍ୟକୁ ଦେଖି ଖୁସିରେ ବିଭୋର ହୋଇ କହୁଛନ୍ତି, ଆରେ ଭାଇ ଗାଁର ସୌନ୍ଦର୍ଯ୍ୟ ବହୁତ ବଢ଼ିଯାଇଛି ।

ଶ୍ରୀକାନ୍ତ ବାବୁ : ଭାଇ ଗାଁ, ସବୁବେଳେ ଗାଁ । ଗାଁ ସବୁବେଳେ ସୁନ୍ଦର ଥିଲା ଆଉ ରହିବ ମଧ୍ୟ । ଏଇ ଗାଁରେ ଜନ୍ମ ହୋଇ ଏଇ ଗାଁରେ ପଢ଼ିବା ଓ ବଢ଼ିବା । ଭାଇ ବଜାରରେ ମାଛ କିଣି ଆଣି ଖାଇବା ଆଉ ନିଜ ପୋଖରୀରୁ ମାଛ ଧରି ଖାଇବାର ମଜା ନିଆରା । ପୁରା ଅଲଗାପ୍ରକାର ଫରକ । କଣ ନାହିଁ ଗାଁରେ ? ପାଣିରୁ ଆରମ୍ଭ କରି ଖଣି ପର୍ଯ୍ୟନ୍ତ ସବୁ ଏଇ ଗାଁରେ ଅଛି । ଗାଁକୁ ନେଇ ସହର, କିନ୍ତୁ ଆମେମାନେ ବର୍ତ୍ତମାନ ସମୟରେ ସହରରେ ରହିବା ପାଇଁ ବେଶୀ ପ୍ରଲୋଭିତ । ଗାଁରେ ରହି ସକାଳୁ ଉଠି ବାପାମା'ଙ୍କ ମୁହଁକୁ ଦେଖିଦେଲେ ଜ୍ୱଳନ୍ତ ଭଗବାନ ଦର୍ଶନ ମିଳିଯାଏ । ତେଣୁ ସହର ଛାଡ଼ି ଗାଁକୁ ସମସ୍ତେ ଆପଣେଇବା ଦରକାର ।

ନୂଆ ସାହି, ପାଟରଙ୍ଗା, ଯାଜପୁର, ଭ୍ରାମ୍ୟଭାଷ : ୯୮୬୧୭୫୬୧୯୮

Magazine Downloaded from www.aahwaan.com

# ନ'ଅଙ୍କରେ ବାରବର୍ଷର ସନାତନ



ରାହୁଲ ପ୍ରଧାନ

କାଳ ମହରଗ ନ' ଅଙ୍କ ଦୁର୍ଭିକ୍ଷରେ କିଏ ବା କାହାକୁ ଭିକ ଦଉଛି ! ସମସ୍ତେ କାଙ୍ଗାଳ । ମାଣେ ପୋଷେ ଯାହାଥିଲା ସବୁ ସରିଲାଣି । ଫିରିଙ୍ଗି ଅମଳ କଥା । ବିଦେଶୀ କାହିଁକି ବୁଝି ପାରିବ କାଳ ମହରଗ କଥା ।।

ଜଙ୍ଗଲ ଶିକାର, ଖାସି, କୁକୁଡ଼ା ଓ ସୁରାପାନରେ ଭାସୁଥିଲେ । ଦୁର୍ଭିକ୍ଷ ପୀଡିତ ଓଡ଼ିଆମାନେ କଙ୍କାଳସାର ଦିଶୁଥିଲେ । ହା' ଅନ୍ନ ହା' ଅନ୍ନ ଆର୍ତ୍ତଚିତ୍କାରରେ କମ୍ପୁଥିଲା ଓଡ଼ିଶା; ଗାଁ, ସହର, ବଣଜଙ୍ଗଲ । ଏହା ଉତ୍କଳର ସବୁଠାରୁ ଦୁର୍ଦାନ୍ତ ଦୁର୍ଭିକ୍ଷ । ଦୁଇ/ତିନିଦିନ ଖାଇବାକୁ ନପାଇ ଝଡି ପୋକ ଭଳି କେତେ ଯେ ଝଡି ପଡୁଥିଲେ ତା'ର ହିସାବ ନାହିଁ । ସବୁଠି କେବଳ ଶୁଭୁଥିଲା 'ଦିଅ ଦିଅ ଦିଅ'ର ଆର୍ତ୍ତକ୍ରନ୍ଦନ । ବିଲାତରୁ ସହାୟତା ଆସିବ ଆମେ ଖାଇ ବଞ୍ଚିବା -ଏ ସବୁ ମରୁ ମରୀଚିକା ପରି ବୋଧ ହେଉଥିଲା । ବହୁ ବିଳମ୍ବରେ ଗୋରା ସରକାରଙ୍କ ସହାୟତା ଅଧିକ ସଂଖ୍ୟକ ମୃତ୍ୟୁପାଇଁ ଦାୟୀ ହେଲା । ଅନେକ ଦିନ ଖାଲି ପେଟରେ ଥିବା ମଣିଷ ଗୁଡାକ ଗହମ, ବଲଗର ଖାଇ ଝାଡାବାନ୍ତିରେ ପୋକମାଛି ହୋଇ କେତେ ଯେ ମଲେ କିଏ ବା ତାର ହିସାବ ରଖିଛି ? କେବଳ ଅନୁଭବୀ ହିଁ ଅନୁଭବ କରିପାରିବ ।

ଉତ୍କଳ ଗଜପତିଙ୍କ ନ'ଅଙ୍କ ଚାଲିଥାଏ କଟକର କେଉଁ ଅଜଣା ଅଖ୍ୟାତ ପଲ୍ଲୀର ବାରବର୍ଷର ସନାତନ ପାଠରେ ଡୋରି ବାନ୍ଧି ସେହି ପଥର ପଥିକ ସାଜିଛି । ସେହି କାଙ୍ଗାଳ ଯୁଦ୍ଧର ସେ ରଥୀ ଓ ମହାରଥୀ । ସେ କେବଳ ମରଣକୁ ଜୟ କରିଛି ବୋଲି ପରା ଜଗତେ ହୁରି ପଡୁଥିଲା । ସନାତନ... ବାରବର୍ଷର ବାଳକ ସନାତନ । ଘରେ ରୋଗୀଣା ବିଧବା ବୋଉ ଓ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାନଭାଇ । ଘରେ ତିନିଦିନ ହେଲା ଚୁଲି ଜଳିନି । ସେ ଭିକ୍ଷାଥାଳଟି ଧରି ବାହାରି ପଡ଼ିଲା ଦୁଇଦିନ ହେଲାଣି । ଭିକମାଗି ଆଣି ମା' ଓ ସାନଭାଇ ମୁହଁରେ ଆହାର ଦବ; ବଡପୁଅର କର୍ତ୍ତବ୍ୟ କରିବ ଓ ବାପାଙ୍କ ଅଧୁରା ସ୍ୱପ୍ନ ପୁରା କରିବ ।

ସେହି ସନାତନ ଦୂର ଗ୍ରାମକୁ ଯାଇଛି ଭିକ ମାଗିବାକୁ । ସେତେବେଳେ ସମସ୍ତଙ୍କ ଅବସ୍ଥା ସମାନ । କିଏ ବା କାହାକୁ ଭିକ ଦେଉଛି ?ଏମିତି ଦୁଇ ତିନିଦିନ ଗଲାପରେ ବି ସନାତନ ଖୁଦ କୁଣ୍ଡଟିଏ ବି ପାଇଲାନି । ତା' ଆଖି ଆଗରେ ନାଚୁଥାଏ ବୋଉର ଶୁଖିଲା ମୁଁହ ଓ ସାନଭାଇର ଭୋକିଲା ପେଟ ଓ କାନ୍ଦୁରା ମୁହଁଟା । ହେଲେ ତା ଭାଗ୍ୟକୁ କିଛି ମିଳିନି ଓ କିଛି ବି ଥାଳରେ ପଡିନି । ମଥା ଘୁରିକାନ 'ଘିଇଁଘିଇଁ' ହୋଇ ଗଲାଣି ।

ଯୋଗକୁ ସାତ ଆଠଘର ବୁଲିବାପରେ ସାଆନ୍ତରା ଘରୁ ଅନୁକୂଳ ପଡିଲା ଦୁଇଟି ଖୁଦ । ସେ ଖୁଦକୁ ସନାତନ ମୁଣ୍ଡରେ ଛୁଆଁଇ ଏ ବାଳକର ଦୁଃଖ ଶୁଣିବାକୁ ନିବେଦନ କଲା । ତା'ପରେ ଯାଇ ପଧାନ ଘରେ ପହଞ୍ଚି ଭିକ ଗଣ୍ଡେ ମିଳୁ ବାବୁ କହନ୍ତେ ପଧାନ ବୁଢ଼ା ଆସି କଅଁଳେଇ କି ତାକୁ ବୁଝାଇ ଦେଲେ-"ଠାକୁର ଆଗରୁ ବହୁତ ଦେଇଥିଲେ ପୁଅ । ଆମେ ବହୁତ ଦାନଦକ୍ଷିଣା ଦେଉଥିଲୁ । ପୁଅ ବୋହୁ, ନାତିନାତୁଣୀ, ହଳିଆ ମୂଲିଆ ସମସ୍ତେ ଶୁଖାରେ ଥିଲୁ । ହେଲେ ଏ ଦୁର୍ଭିକ୍ଷ ସବୁ ନେଇଗଲା । ଆମେ ବି ଆଜି ତମ ମାନଙ୍କ ପରି ଭିକାରି ଓ କାଙ୍ଗାଳ ।" ସେ ଜମିଦାରଙ୍କ ଧୋବ କୋଠାଆଡ଼କୁ ହାତ ଦେଖାଇ ସେଠାକୁ ଗଲେ କିଛି ମିଳିଯିବ ବୋଲି କହି ପଠାଇ ଦେଲେ ।

ସେଠାରୁ ସନାତନ ଜମିଦାରଙ୍କ ଫାଟକ ପାଖକୁ ଯାଇ ଡକାନ୍ତେ, କିଛି କ୍ଷଣପରେ ଦାସୀଟିଏ ଆସି ଝାଁଂଘାସି କହିଲା, "ଏ ଟୋକା.. ଭିକ ତ ମାଗୁଛୁ ଏତିକି ପାଟି ଟେ କାହିଁକି କରୁଛୁ ? ସାଆନ୍ତେ ଭାରି ରାଗି, ଉଠିଲେ ତୋ ପିଠିରୁ ଗଲୁ ଛଡ଼ାଇ ଦେବେ । ଆରେ ଏଇଟା କଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଧର୍ମଶାଳା । ଦିନରାତି ଯାହା ପାଟିରୁ ଶୁଣିଲୁ ଖାଲି ଭିକ.. ଭିକ.. ଭିକ.. ଦିଅ.. ଦିଅ.. ଦିଅ । ଆରେ କଣ ତମ ବାପାମନେ ଏଠି ଅରଜି ରଖି ଦେଇଛନ୍ତି ?" ସନାତନ ମୁଣ୍ଡପାତି ସବୁ ସହି ଯାଉଥିଲା ସିନା, ତା ବୁକୁରେ ବିଦ୍ରୋହର ନିଆଁ ହୁତୁହୁତୁ ଜଳୁଥିଲା । ତଥାପି ସଂଯତ ହୋଇ କହିଲା, "ଦାତା ତ ଅର୍ଜିଛି । ମାଉସୀ ସେଥିରୁ ଗଣ୍ଡେ ଦେଲେ ଧର୍ମ ହେବ ।" ଦାସୀ ତା ମୁକୁଳା କାନିରେ ଚାଉଳ ମୁଠେ ଛିଞ୍ଚାଡି ଦେଇ ତରତରରେ ଚାଲିଗଲା । ସନାତନ ମଧ୍ୟ ତା' ବାଟରେ ଚାଲିଗଲା ଭାଗ୍ୟକୁ ଆଦରି । ଗୁଡିଆ ଦୋକାନକୁ ଦେଖି ମୁଢ଼ି ମୁଠିଏ ମିଳୁ ବୋଲି କାତରରେ ଡକାନ୍ତେ, ଦୋକାନୀ ସାହୁ କହିଲା, "ମୁଁ ଦୋକାନୀ । ଏଠି କିଣାବିକା କରି ଯାହାପାଏ କୁଟୁମ୍ବ ପୋଷେ । ମୁଁ କିଛି ମାଗଣା ଦେଇ ପାରିବିନି ।" ପୁଣି ସନାତନ ନେହୁରା ହୋଇ କୁହେ, "ଗୁଡିଆ ସାହୁ ତିନିଦିନ ହେଲା ଭୋକରେ ମରୁଛି । କିଛି ନଭାବି ମୁଠିଏ ଦିଏ ।" ଚିହିଁକି ଉଠି ସାହୁଦୋକାନୀ କହିଲା, "ଯା.. ଯା.. ଯା.. ଆମେ ଦେଇ ଦେଇ ମାରି ସାରିଲୁଣି ଭଲା । ତୁ ମଲେ କାର କେତେ ଗଲା !"

ଫଁ କରି ନିରାଶରେ ଦୀର୍ଘଶ୍ୱାସ ମାରି ମଝି ଦାଣ୍ଡେ ଦାଣ୍ଡେ ଚାଲିଲା ସନାତନ । କୌଣସି ଆଡୁ ଆଉ କିଛି ମିଳିଲା ନାହିଁ କି କେହି ଦୃଷ୍ଟି ଫେରାଇଲେ ନାହିଁ । କେବଳ ଏହା ତା' ହତାଶ ଆଉ ନିରାଶାର ଅଭିଯାନ ।

ଗାଁ ମୁଣ୍ଡରେ ଚାଳି ଘରଟିଏ । ତା ସାମ୍ନାରେ ବଉଳ ଗଛଟି ପତ୍ର ଡାଳ ଗହଳରେ ବଢିଛି । ତାରି ମୂଳରେ ସନାତନ ବସି ପଡ଼ିଲା । ଚାରିଆଡକୁ ଚାହିଁ ମର୍ମର ସହ ବହୁତ ଭାବିଲା । ଘଡିକ ପରେ ବୃଦ୍ଧାଟିଏ ଘରୁ ବାହାରି ତାକୁ ଦେଖି ଛିଡା ହେଲା । ସନାତନ ତାକୁ ଦେଖି ତା ଚାହାଣିରେ ସନାତନ ଦିହରେ ସତେ ଯେମିତି ସ୍ନେହର ପରଶ ଖେଳିଗଲା । ସ୍ନେହ କାଙ୍ଗାଳି ସନାତନର ହୃଦୟ ସେୟା ବୁଝିଲା । କାରଣ ଆଗରୁ ତାକୁ କେହି ଆଡ଼ ଆଖିରେ ଚାହିଁ ନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଥିଲେ । ବୁଢ଼ୀର ସ୍ନେହ ଚାହାଣି ସତେ ଯେମିତି ତା'ର ଛାୟାହୀନ ମରୁ ପଥର ତନୁରେ ସ୍ୱଚ୍ଛ ଝରଣା ବୋହାଇଛି ।

ସନାତନ ଖୁବ ବିନୟରେ ବୁଢ଼ୀକୁ କହିଲା, "ମାଉସୀ ! ପିଇବାକୁ ପାଣି ଟୋପାଏ ଦବ । ଯଦି ଦବ ବେଗି ଦିଅ । ତିନିଦିନ ହେଲା ତୋରାଣି ଦେଖିନି । ଭୋକ ଶୋଷରେ ଦେହ ଜଳୁଛି ।" କରୁଣାମୟୀ ବୃଦ୍ଧା ତା'ମନକଥା ଜାଣି ବେଲାଏ ପଖାଳ ଆଣି ଖାଇବାକୁ ଦେଇକହିଲା, "ଆରେ ବାପା ପିଇଦେ । ତୋ ହଳିଆ ଦେହକୁ ଟିକେ ବଳ ଆସିବ ।" ତା'ପରେ ସନାତନ ଉପର ତୋରାଣି ଢ଼କ-ଢକ ପିଇ ଟିକେ ଧକ ମାରିଲା । ଭାତ ଖାଉ ନଥାଏ । ଖାଲି କରୁଣାମୟୀକୁ ବିକଳରେ ଚାହିଁ ରହିଥାଏ । ପୁଣି ବୃଦ୍ଧ କହିଲେ, "ବାପା ତିନିଦିନ ହେଲାପର କିଛି ଖାଇନୁ, କଣ ଭାବୁଛୁ କହିଦେ ସବୁ ଗୋଳିଆ ଯିବ ।" ଉତ୍ତରରେ ସନାତନ କହିଲା, "ଲୁଚେଇବି କାହିଁକି ? ମୁଁ ଆସିଲା ବେଳକୁ ଖାଇବାକୁ ଘରେ କିଛି ନଥିଲା । ବୋଉର ଦେହ ଖରାପ । ସାନ ଭାଇଟା ଭୋକରେ ଆଉଟୁପାଉଟୁ ହେଉଥିବ । ମାଉସୀ ମୁଁ ଏକା ଗିଳିଦେଲେ କଣ ହବ ?ଭାତପୁଟୁଳିରେ ବାନ୍ଧି ଘରକୁ ଯିବି । ତିନିହେ ଏକାଠି ମିଶିକି ଖାଇବୁ ।" ବୁଢ଼ୀ ତାକୁ ଗୋଡ଼ରୁ ମୁଣ୍ଡ ଯାଏଁ ଚାହିଁଲେ । ପୁଣି ଭାବୁଥିଲେ - ବକଟ ପିଲା ହୋଇକି ଗୁଣ ଧରିଛି ? ବୁଢ଼ୀର ବି ତା'ପରି ଗୁଣର ପୁଅଟିଏ ଥିଲା । ଏତେ କଥା ଭାବିଲା ବେଳକୁ ବୁଢ଼ୀର ଆଖି ଓଦାଓଦା ହୋଇ ଯାଉଥିଲା । ପୁଣି ବୁଢ଼ୀ କହିଲେ, "ବାପା ! ଆଉ ମଠ କରନା ତୋ ବୋଉ ଓ ସାନଭାଇ ତୋ ଫେରିବା ବାଟକୁ ଚାହିଁ ବସିଥିବେ । ତୁ ଶୀଘ୍ର ଯା.. 'ମା' ଓ ସାନଭାଇର ଉପାସିଆ କାନ୍ଦୁରା ମୁହଁ ତା ଆଗରେ ନାଚୁଥିଲା ।

ଭାତପୁଟୁଳି ବାନ୍ଧି ସନାତନ ଘରମୁହାଁ ହୋଇ ଆଗକୁ ଆଗକୁ ଚାଲିଲା । ଉପାସିଆ ଦେହ ମୁଣ୍ଡ ଝାଇଁ ଝାଇଁ ମାରି ନେଉଥାଏ । ପାଦ ଟଳ-ଟଳ ଛାତି ଥର-ଥର । ସେ ଆଗକୁ ମାଡି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଚାଲୁଛି । ଉପର ଖରା ସତେ ଯେମିତି ଦିହ ଭିତରେ ନିଆଁ ପରି ଗଳି ଯାଉଛି । କିଛି ବାଟଗଲା ପରେ ଏକ ଅଜଣା ନଈ କୁଳ ବରଗଛ ମୂଳେ ଥକା ମାରି ବସିଲା । ଟୁପଟୁପ କରି କେତେଟି ନାଳିଆ ଫଳ ପଡିଲା । ଭୋକରେ ଖାଇଗଲା ସନାତନ । ହେଲେ ଭୋକ କମିଲାନି ବରଂ ବଢ଼ିଲା । ପୁଣି ଭୋକ ସହି ନପାରି ଭାତପୁଟୁଳି ଖୋଲିଲା ଓ କ'ଣ କ'ଣ ଭାବି ଯତ୍ନରେ ବାନ୍ଧି ରଖିଲା । ସେଠାରୁ ଘର ଅଢ଼େଇ କୋଷ । କେମିତି ସେ ତା' ଭୋକ ଶୋଷ ମେଣ୍ଟାଇବ ?ଶେଷରେ ନଈ ଧାରରୁ ଗିଲାସେ ପାଣି ପିଇ ଶୋଷ ମେଣ୍ଟାଇଲା ଓ ଗଛମୂଳେ ଛାତି ଉପରେ ଭାତପୁଟୁଳି ଓ ଖୁଦପୁଡ଼ିଆ ରଖି ଭୂଇଁ ଶେଯରେ ଶୋଇଗଲା । କଅଁଳ ପବନରେ ନିଦ ଗାଢ଼ ହୋଇଗଲା । ବେଳ ଖସିଗଲା । ଖରା ମୌଳିଗଲା । ସୂର୍ଯ୍ୟ ପଶ୍ଚିମକୁ ଯିବାକୁ ତରତର ହେଲେ... ସନାତନ ଆଉ ଉଠିଲା ନାହିଁ । ଖୁଦ ଓ ଭାତପୁଟୁଳିକୁ କାଉ ଆଡେ ସାଡେ ଛିଣ୍ଡାଉଥିଲେ । ସତେ ଯେମିତି ସେମାନଙ୍କ କୋଳାହଳର ଶବ୍ଦ ଶୁଭୁଥିଲା । ସେୟାଡ଼କୁ ଲକ୍ଷ୍ୟ କରି କେହି ଜଣେ କହିଲା, “କିଏ ସେଠି ମରିପଡିଛି । ଭାତ ଗଣ୍ଡିକ ବି ଆହାର କରିପାରିଲା ନାହିଁ । ବୋଉ ଓ ସାନଭାଇ ତା' ଫେରିବା ବାଟକୁ ଚାହିଁ ବସିଥିବେ । ତେବେ ସେ କିଏ ? କିଏ ସେଠି ମରିପଡିଛି । ସେ କେହି ନୁହଁ ମରଣକୁ ଜିଣିଥିବା “ନ'ଅଙ୍କରେ ବାରବର୍ଷର ସନାତନ” ।

(କବି ରାଧାମୋହନ ଗଡ଼ନାୟକଙ୍କ ଉତ୍କଳିକା (କାବ୍ୟ)ରୁ ସଂଗୃହିତ)

Magazine Downloaded from www.aahwaan.com

# ପିଞ୍ଜରା



ସୁଧାଂଶୁ ଦ୍ୱିବେଦୀ

ମୂଳ କଲମ୍ବିଆ : ଗାବ୍ରିଏଲ୍ ଗାର୍ଶିଆ ମାର୍କ୍ୱେଜ୍

ଅନୁବାଦ : ସୁଧାଂଶୁ ଶେଖର ଦ୍ୱିବେଦୀ

ପିଞ୍ଜରା ତିଆରି ହୋଇଗଲା । ବାଲ୍ଟା ସାର ସ୍ୱାଭାବିକ ନିଜ ଇଚ୍ଛା ବିରୁଦ୍ଧରେ ପିଞ୍ଜରାକୁ ଖୁଣ୍ଟରେ ଟାଙ୍ଗିଦେଲା ।

ସେ ଖାଇ ସାରିବା ବେଳକୁ ସବୁଠି ପ୍ରସାରିତ ହୋଇ ସାରିଥାଏ ସଂସାରର ସବୁଠୁ ସୁନ୍ଦର ପିଞ୍ଜରା ତିଆରି ହୋଇ ସାରିଛି । ଲୋକମାନେ ପିଞ୍ଜରା ଦେଖିବାକୁ ଭିଡ଼ ଲଗାଇଲେ । କୋଳାହଳ ହେଲା, ବାଲ୍ଟାସାର ତାକୁ ଖୁଣ୍ଟରୁ ବାହାର କରି ଟେବୁଲ୍ ଉପରେ ରଖିଲା ।

“ତୁମେ ଖିଅର ହୋଇପଡ଼ । ଭିକ୍ଷାରୀ ପରି ଦେଖାହେଉଛ ।” ତା ପତ୍ନୀ ଉର୍ସୁଲା କହିଲା ।

“ଖାଇବାପରେ ଖିଅର ହେବା ଠିକ୍ ନୁହେଁ ।” ବାଲ୍ଟାସାର କହିଲା, ତା ମୁହଁରେ ଦୁଇ ସପ୍ତାହର ଦାଢ଼ି ବଢ଼ିଯାଇଥାଏ । ପିଲାମାନେ ତାକୁ ଦେଖି ଡରିଯାଆନ୍ତି । ଫେବୃଆରୀକୁ ପୁରା ୩୦ ବର୍ଷ ବିତେଇ ସାରିଲାଣି ସେ । ୨୫ ବର୍ଷ ବୟସରୁ ଉର୍ସୁଲା ସହିତ ରହୁଛି । ବିବାହ କରିନାହିଁ କି ତାର କୌଣସି ପିଲା ନାହାନ୍ତି । ଜୀବନରେ ଏମିତି ବି କିଛି କାରଣ ହୋଇପାରେ, ଯାହା ତାକୁ ବାସ୍ତବରେ ପରିଣତ କରିଛି । ତାକୁ ଏହା ବି ଜଣାନାହିଁ ସଂସାରର ସବୁଠୁ ସୁନ୍ଦର ପିଞ୍ଜରା ସେ ତିଆରି କରିଛି । ସଂଭବତଃ ପିଲାଦିନରୁ ସେ ପିଞ୍ଜରା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ତିଆରି କରୁଛି । ତା ପାଇଁ ଏହି କାମ ଅନ୍ୟକାମ ଅପେକ୍ଷା ଅସମ୍ଭବ ନୁହେଁ ।

"ଟିକେ ଆରାମ କରିନିଅ । ମୁହଁରେ ଏତେ ବଡ଼ ବଡ଼ ଦାଢ଼ି ରଖି କୁଆଡ଼େ ଯିବ ?" ଉର୍ସୁଲା କହିଲା । ଏଇ ଦୁଇ ସପ୍ତାହ ହେବ ବାଲ୍ଟାସାର ବହୁତ କମ ଶୋଇଛି । ତା କାୟା ଓଲଟପାଲଟ ହୋଇଯାଇଛି । ସେଥିପାଇଁ ସେ ତର୍କହୀନ କଥାବାର୍ତ୍ତା କରୁଛି । ଦାଢ଼ି ଖିଅର ହେବାପାଇଁ ଖିଆଲ ନାହିଁ । କିନ୍ତୁ ପିଞ୍ଜରା ତିଆରି ହେବାପରେ ତାର ସବୁ ବିରକ୍ତି ଶେଷ ହୋଇଯାଇଛି ।

ବାଲ୍ଟାସାର ଉଠିବାପରେ ଉର୍ସୁଲା ପତଲୁନ୍ ଓ କୁର୍ତ୍ତା ସହିତ ଟେବୁଲ ଉପରେ ଥିବା ପିଞ୍ଜରା ଆଣି ତାକୁ ନେଇ ପଚାରିଲା, "ଏ ପାଇଁ ତୁମକୁ କେତେ ମିଳିବ ?"

"ଜଣାନାହିଁ, ତେବେ ତିରିଶି ପିସୋ (କଲମ୍ବିଆରେ ଟଙ୍କାକୁ ପିସୋ କହନ୍ତି) ତ ହେବ ନିଶ୍ଚୟ ।"

"ପଚାଶ ପିସୋ ମାଗିବ, ତୁମେ ଏଇ ୧୫ ଦିନ ହେବ କେତେ ରାତି ଉଜାଗର ହୋଇଛି । ବହୁତ ସୁନ୍ଦର ହୋଇଛି । ଏଭଳି ଅଦ୍ଭୁତ ସୁନ୍ଦର ପିଞ୍ଜରା ଜୀବନରେ ମୁଁ କେବେ ଦେଖିନାହିଁ ।" ଉର୍ସୁଲା କହିଲା ।

ବାଲ୍ଟାସାର ଦାଢ଼ି ଖିଅର ହେବା ସମୟରେ ପଚାରିଲା, "ସତରେ କଣ ସେଇଟା ବିକିଲେ, ପଚାଶ ପିସୋ ହେବ ?"

"ପଚାଶ କଣ ? ମୋତିଏକ ଲୋକମାନେ ସତୁରୀ ବି ଦେଇଦେବେ ।" ଉର୍ସୁଲା କହିଲା ।

ସେତେବେଳକୁ ଖବରଟା ଦୂରଦୂରାନ୍ତକୁ ପ୍ରସାରିତ ହୋଇ ସାରିଥାଏ । ବୁଢ଼ା ଡାକ୍ତର ଅକ୍ଟୋଭିଓ ଗିରାଲ୍ଡୋ ଜୀବନରେ ବହୁତ କିଛି ରୋଜଗାର କରିଛନ୍ତି । ଡାଇନିଂ ଟେବୁଲରେ

 Magazine Downloaded from www.aahwaan.com

ବସି ପତ୍ନୀ ସହ ଖାଉଥିବା ବେଳେ ବାଲ୍ଟାସାରର ପିଞ୍ଜରା ବିଷୟରେ ଭାବୁଥାନ୍ତି । ତା ପତ୍ନୀଙ୍କୁ ଚଢ଼େଇ ବହୁତ ଭଲ ଲାଗେ ବୋଲି ଘର ଭିତର ଚବୁତରାରେ ଯେଉଁଠି ଗରମ ଦିନରେ ଆରାମ ଚେୟାର ପଡ଼େ, ସେଇଠି ଫୁଲରେ ଲଦି ପଡ଼ିଥିବା ବହୁତ ଗୁଡ଼ିଏ ଫୁଲର ଗମଲା ଓ ତା ସାଇଡ଼ରେ ଚଢ଼େଇଙ୍କର ଦୁଇଟି ପିଞ୍ଜରା ରଖାହୁଏ ।

ଡାକ୍ତର ଖିରାଲ୍ଡୋ ସଂଧ୍ୟାରେ ଜଣେ ରୋଗୀକୁ ଦେଖିବାକୁ ଗଲେ, ଫେରିବା ରାସ୍ତାରେ ପିଞ୍ଜରା ଦେଖିବାପାଇଁ ବଲ୍ଟାସାର ଘରକୁ ଯାଇ ଅନୁଭବ କଲେ କୋଠରୀରେ ଲୋକମାନଙ୍କର ଭିଡ଼ ଜମିଛି । ଦେଖିବା ଜିନିଷ ଟେବୁଲ ଉପରେ ଥୁଆ ହୋଇଥାଏ । ତାରରେ ନିର୍ମିତ ସୁନ୍ଦର ପିଞ୍ଜରା । ତା'ଭିତରେ ତିନୋଟି ସ୍ତର ଥାଏ, ଯେଉଁଥିରେ ଗଳିରାସ୍ତା ବି ଥାଏ ଓ ଖାଇବା ଶୋଇବା ପାଇଁ ଖୋପ ବନା ହୋଇଥାଏ । ପକ୍ଷୀମାନଙ୍କର ଆମୋଦପ୍ରମୋଦ ପାଇଁ ପିଞ୍ଜରାଟି ଅଦ୍ଭୁତ ରଚନାର ନମୁନା ଭଳି ଲାଗୁଥାଏ ତାଙ୍କୁ ।

ଡାକ୍ତର ଖିରାଲ୍ଡୋ ଧ୍ୟାନର ସହ ପିଞ୍ଜରାକୁ ଦେଖି ଭାବୁଥାନ୍ତି, ମୋ ପ୍ରସିଦ୍ଧି ଠାରୁ ପିଞ୍ଜରାଟି ବହୁ ଗୁଣରେ ସୁନ୍ଦର ହୋଇଛି । ପତ୍ନୀଙ୍କୁ ଦେବାପାଇଁ ଯେଉଁ ପିଞ୍ଜରାର ସ୍ୱପ୍ନ ସଂଯୋଜନା କରିଥିଲି, ତାଠାରୁ ଅଧିକ ସୁନ୍ଦର ହୋଇଛି । ବାସ୍ତବିକ କଳ୍ପନାର ଅତିଶୟତା ଅଟେ । ପୁଣି ସେ ବାଲ୍ଟାସାର ପାଖରେ ପହଞ୍ଚି ସ୍ନେହଶୀଳ ଆଖିରେ ତାକୁ ଅପଲକ ଦେଖୁ ଦେଖୁ କହିଲେ, "ତୁମେ ଜଣେ ଅଦ୍ୱିତୀୟ କାରିଗର ।"

ବାଲ୍ଟାସାର ସଂକୁଚତାରେ ଧନ୍ୟବାଦ ଜଣାଇଲା ।

"ଏଥିରେ ପକ୍ଷୀ ମାନଙ୍କୁ ରଖିବା କୌଣସି ଜରୁରୀ ଆବଶ୍ୟକ ନାହିଁ । କେବଳ ଗଛରେ ଟାଙ୍ଗିଦେଲେ ଆପେ ଆପେ ପକ୍ଷୀର କାକଳି ଶୁଣିହେବ ।" ଡାକ୍ତର ଖିରାଲ୍ଡୋ ପିଞ୍ଜରାକୁ ଘୁରେଇ ଘୁରେଇ କହୁଥାନ୍ତି । କିଛି କ୍ଷଣପରେ ପୁଣି ସେ କହିଲେ, "ଆଚ୍ଛା, ମୁଁ ଏଇଟାକୁ ନେଇ

 Magazine Downloaded from www.aahwaan.com

ଯାଉଛି ।”

“ସେଇଟା ବିକ୍ରୀ ହୋଇସାରିଛି ଆଜ୍ଞା”, ଉର୍ସୁଲା କହିଲା ।

“ସେଇଟା ଚେପେ ମୋତିଏଲ୍ ପୁଅପାଇଁ ମୁଁ ତିଆରି କରିଛି । ବର୍ତ୍ତମାନ ମୁଁ ତାଙ୍କ ଘରକୁ ନେଇଯିବି ।” ବାଲ୍ଟାସାର କହିଲା ।

“ସେ କଣ ତୁମକୁ ଏହାର ନମୁନା ଦେଇଥିଲେ ?” ଡାକ୍ତର ପଚାରିଲେ ।

“ନା - କେବଳ କହିଥିଲେ ଗୋଟେ ଭଲ ପିଞ୍ଜରା ଦରକାର ।” ବାଲ୍ଟାସାର ଜଣେଇଲା ।

“ସେ ତ ତୁମକୁ ନମୁନା ଦେଇନାହାନ୍ତି, ତୁମେ ସେମିତି ତିଆରି କରିଦେଲ ?” ଡାତର ପୁଣି ପଚାରିଲେ ।

“ମୁଁ ତାଙ୍କ ପୁଅପାଇଁ ଏଇଟା ତିଆରି କରିଛି ।” ବାଲ୍ଟାସାର କହିଲା ।

“ଆଚ୍ଛା, ତୁମେ ଏଇଭଳି ଆଉ ଏକ ପିଞ୍ଜରା ତିଆରି କରିପାରିବ ? ମୋ ପତ୍ନୀଙ୍କୁ ଆଜି ସଂଧ୍ୟାରେ ଏଇଭଳି ପିଞ୍ଜରାଟେ ଭେଟି ଦେବି ବୋଲି ପ୍ରମିଜ୍ କରିଥିଲି,” ବ୍ୟଗ୍ରତା ମୁଦ୍ରାରେ ଡାକ୍ତର କହି ଉଠିଲେ ।

“ସରି... ଅନ୍ୟୁନ ପନ୍ଦର ଦିନ ସମୟ ଲାଗିବ ।” ବାଲ୍ଟାସାର କହିଲା ।

ବାଲ୍ଟାସାର ଠାରୁ ନିରାଶଜନକ କଥା ଶୁଣିବାପରେ ଡାକ୍ତରଙ୍କ କାନ୍ଧ ଆଗକୁ ଝୁଲିଆସିଲା । ପୁଣିଥରେ ସାହସ ସଂଗ୍ରହ କରି ଦ୍ୱାର ପାଖକୁ ଆଗେଇଲେ ।

ଚେପେ ମୋତିଏଲ ବହୁତ ବଡ଼ ଧନୀ, ବିଗତ ଦୁଇଘଣ୍ଟା ପର୍ଯ୍ୟନ୍ତ ନିଜ ବେଡ଼ରୁମରେ ଶୋଇଥାଏ । ପାଖରେ ତା ସ୍ତ୍ରୀ ବସି ଆରାମ କରୁଥାଏ । ବାହାରେ କାହାର ଶବ୍ଦ ଶୁଣି ଝରକା ଖୋଲି ଦେଖିଲା ବାଲ୍ଟାସାର ହାତରେ ପିଞ୍ଜରା ଧରି ଦୀନହୀନ ଭଳି ଦ୍ୱାର ପାଖରେ ଛିଡ଼ା ହୋଇଛି । ଚେପେ ମୋତିଏଲ୍ ପତ୍ନୀ ତାକୁ ଘର ଭିତରକୁ ଆସିବାକୁ କହିଲା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"ମୁଁ ମୋ ଜୀବନରେ ଏଭଳି ପିଞ୍ଜରା ଦେଖିନାହିଁ ।" ଚେପେର ପତ୍ନୀ ଗର୍ବରେ କହୁଥାଏ ।

ଚେପେ ମୋତିଏଲ୍ ଘରେ ବାଲ୍ଟାସାର୍ ଅଚିହ୍ନା ନୁହେଁ, କେବେ କେବେ ସେ ତାଙ୍କ ଘରର କୁଶଳତା ଏବଂ ସଦ୍‌ବ୍ୟବହାର ପାଇଁ ଫର୍ଣ୍ଣିଚର ଠିକ୍ କରିବାକୁ ଆସେ ।

"ପେପେ ଘରେ ଅଛି ?" ବାଲ୍ଟାସାର ପିଞ୍ଜରାକୁ ଟେବୁଲ୍ ଉପରେ ରଖୁ ରଖୁ ପଚାରିଲା ।

"ସ୍କୁଲ୍ ଯାଇଛି, ଆସୁଥିବ ।" ଚେପେର ପତ୍ନୀ କହିଲା ।

ଚେପେ ମୋତିଏଲ୍ ଏତେ ହୁସିଆର ଯେ ଫେନ୍ ନ ଚଳେଇ ଶୁଏ, ଘରେ କଣ ଘଟୁଛି ତାହା ସେ ଶୋଇବା ଅବସ୍ଥାରେ ବି ଜାଣିଯାଏ ।

"କଣ ହେଲା ଆଡେଲାଇଦା ?" ଚେପେ ତା ସ୍ତ୍ରୀ ଉପରେ ଚିତ୍କାର କରି ପଚାରୁଥାଏ ।

"ଏଠିକୁ ଆସି ଦେଖ, କେଡ଼େ ସୁନ୍ଦର ଜିନିଷ ।"

ଚେପେ ଶୋଇଥିବା ଅବସ୍ଥାରେ ପଚାରିଲା, "ସେଇଟା କଣ ?"

"ପେପେ ଲାଗି ପିଞ୍ଜରା, ସେ ମୋତେ ତିଆରି କରିବାକୁ କହିଥିଲା ।" ବାଲ୍ଟାସାର କହିଲା ।

"ପେପେ... !" ଚେପେ ଚିତ୍କାର କରି ତା ପୁଅକୁ ଡାକ ମାରୁଥାଏ ।

"ସେ ସ୍କୁଲରୁ ଫେରିନାହିଁ ।" ସ୍ତବ୍ଧ ଭାବରେ ଛିଡ଼ା ହୋଇଥିବା ଅଡେଲାଇଦା ଜଣେଇଲା ।

ସେଇବେଳେ ପେପେ ଦ୍ୱାରପାଖେ ଦେଖାଦେଲା, ଚେପେ ମୋତିଏଲ୍ ତାକୁ ପାଖକୁ ଡାକି ପଚାରିଲା, "ତୁ ବରାଦ ଦେଇ ଏ ପିଞ୍ଜରା ବନେଇଥିଲୁ ?"

ପେପେ ମୁଣ୍ଡ ଝୁକେଇଲା । ସହସା ଚେପେ ତା ମୁଣ୍ଡର ଚୁଳକୁ ଧରି ଗର୍ଜି ଉଠିଲା,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

"କହ... ତୁ କହିଥିଲୁ ?" ପୁଣି ବାଲ୍ଟାସାରକୁ ପଚାରିଲା, "ବାଲ୍ଟାସାର ତୁ ପିଞ୍ଜରା ତିଆରି କରିବା ଆଗରୁ ମୋତେ ଥରେ ପଚାରି ପାରିଥାନ୍ତୁ । ଜଣେ ଛୋଟପିଲା ସହ କଥା କରି କଲୁ କେମିତି ? ତାକୁ ନେଇଯା, ତୋ ଇଛା ଯାହାକୁ ବିକିବା କଥା ବିକିଦେ ।"

ବାପାର ହୁକୁମ୍ ଶୁଣି ପେପେ ଆଖିକୁ ବିସ୍ଫାରିତ ରଖି ଧକେଇ ହେଉଥାଏ ।

ବାଲ୍ଟାସାର ତାକୁ ଏଭଳି ଦେଖୁଥାଏ ଯେମିତି କୌଣସି ରୋଗଗ୍ରସ୍ତ ପଶୁ ଯନ୍ତ୍ରଣାରେ ଛଟପଟ ହେଉଛି ।

"ପେପେ..." ବାଲ୍ଟାସାର ଧିରେ ଡାକିଲା । ପୁଣି ତା ନିକଟକୁ ଯାଇ ତା ହାତରେ ପିଞ୍ଜରା ଧରେଇ ଦେଲା ।

"ବାଲ୍ଟାସାର ! ମୁଁ ତୋତେ କହି ସାରିଛି, ପିଞ୍ଜରାକୁ ଏଠାରୁ ନେଇଯା.... !" ଚେପେ ପୁଣିଥରେ ଗର୍ଜି ଉଠିଲା ।

"ସେଇଟା ପେପେ ପାଖରେ ଥାଉ । ତାହାରି ପାଇଁ ମୁଁ ତିଆରି କରିଛି ।" ତାପରେ ସେ ଦ୍ୱାର ମୁହଁକୁ ଆଗେଇଲା ।

"ପିଞ୍ଜରା ନେଇଯା ବାଲ୍ଟାସାର । ସେଥିପାଇଁ ମୁଁ ଗୋଟେ ପିସୋ ବି ତୋତେ ଦେବିନି ।" ଚେପେ ପଛରୁ କହୁଥାଏ ।

"ଆବଶ୍ୟକ ନାହିଁ, ତା ବଦଳରେ କିଛି ପାଇବାପାଇଁ ମୁଁ ଭାବିନାହିଁ ।"

"ମୂର୍ଖ !"

ସେତେବେଳକୁ ବାଲ୍ଟାସାର୍ ଚେପେ ମୋତିଏଲର ଦ୍ୱାର ପାରିହୋଇ ନିଜ ଘର ଅଭିମୁଖେ ରାସ୍ତା ଧରି ସାରିଥାଏ ।

ଇମେଲ୍ : s.dwibedy@rediffmail.com, ଭ୍ରାମ୍ୟଭାଷ : ୯୬୮୧୦୭୩୫୧୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କବିତା ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପ୍ରେମ ଚିତ୍ରକାର



ଦୁଷ୍ମନ୍ତ ଖଟୁଆ

ରାତିକୁ କରିଛି ସାଥିଟିଏ ସଖି ସପନ କିଣିବା ପାଇଁ,
ଚାନ୍ଦର ଚାନ୍ଦିନି ଓଢଣି ଆଡେଇ ଲୁଚି ଲୁଚି ଦିଏ ଚାହିଁ ।
ଫିକା ଅନ୍ଧାରରେ ସପନକୁ ଖୋଜେ ପ୍ରେମର ପ୍ରଦୀପ ଧରି,
ହେଲେ ମୋ ହାତରେ ଦିଏ ନାହିଁ ଧରା ଯାଉଅଛି ରାତି ସରି ।
ସପନ ବଣିକ ସଉଦା କରୁଚି ସପନ ପସରା ମେଲି,
ବିନିମୟ ତାର ମେଞ୍ଚା ମେଞ୍ଚା ସ୍ମୃତି କେମିତି ମୁଁ ଦେବି ଖୋଲି ।
ମନର ସିନ୍ଧୁକ ଭରିଛି ମୁଁ ସଖି ସ୍ମୃତିର ମୁକୁତା ଖୋଜି,
ଦେଇ ନପାରେ ମୁଁ ଚେନାଏ ସ୍ମୃତି କୁ ଜୀବନର ଏ ମୋ ପୁଞ୍ଜି ।
ଫଗୁଣ ର ରଙ୍ଗ ଭରିଚି ହୃଦୟେ ସପନ ରଙ୍ଗିବି ବୋଲି,
ସପନରେ ଆମ ବୋଳିଦେବି ରଙ୍ଗ ତୁମେ ଆସୁଥିବ ଚାଲି ।
ମନ ମାନସରେ ହୃଦୟ କାନ୍ଥରେ ଆଙ୍କୁଚି ମୁଁ ତୁମ ଛବି,
ଆଙ୍କି ଚାଲିଥିବି ନିରତେ ମୁଁ ଛବି ପ୍ରେମ ଚିତ୍ରକାର ସାଜି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତମ ବିନା ମୁଁ



ଡା ନୀଳମାଧବ କର

ତମେ ତ କେବେ ଦେଖିନ ମୋତେ
ତମ ବିନା ମୁଁ କେମିତି ଦିଶେ
ଏ ପୃଥିବୀରେ
ବିଜନ, ନିରନ୍ଧ୍ର ଅନ୍ଧାର
ମୋ ଚାରିଆଡ଼େ ।
ତମେ କେମିତି ବୁଝିବ
ନିଜର ସବୁ ଇଚ୍ଛା
ଖୁସି ଆଉ ସ୍ୱପ୍ନ ମାନଙ୍କୁ
ତମ ପାଶେ ବନ୍ଧାରଖି
ଦୂରରେ ଜୀଉଁଥିବା
ପଥର ପ୍ରାଣୀଟିର କଥା ।
ତମେ ତ ଦେଖିନ ମୋତେ
ତମ ବିନା ମୁଁ କେମିତି ଦିଶେ
ତମର ଏ ପୃଥିବୀରେ ।

ତମେ ଯିବାପରେ
ମୁଁ ବଞ୍ଚିଛି
ଶତକଡ଼ା ଶହେ ନୁହେଁ
ଅନେଶ୍ୱତ

ଖୋଜୁଛି ମୁଁ
ହଜିଲା ମାଣିକ
ଏକା ଏକା
ଉଦାସ ମନରେ
ଶବ୍ଦରେ ଖୋଜୁଚି ତାର
ରୂପ ଭେକ
ପାଉନି ଏ ଯାଏ ।

ଓଲ୍ଭର୍ହାମ୍ପଟନ୍, ୟୁକେ
nmadhab@yahoo.com

Magazine Downloaded from www.aahwaan.com

# ଶେଷ ଠିକଣା



ହାସ୍ୟମୟୀ ରାଜ

ମୋ ସ୍ୱପ୍ନ ଗୁଡାକ

ଆଜି ବନ୍ଦୀ

ତୁମ ଘୃଣ୍ୟ ଆବେଗର

ଇସ୍ତାହାର ଭିତରେ.....

ତୁମ ମାନସିକତାକୁ

ମୁଁ ଯେ ପଢୁଛି ବାରମ୍ବାର

ସବୁ ପଥ ଯେ ମୋର ଅଟକି ଯାଇଛି

ଠିକ୍ ତୁମ ପାଖରେ

ଏବେ ମୁଁ ଆଦୌ

ଖୋଜି ପାଉନି ନିଜକୁ

ମୋ ସ୍ୱପ୍ନକୁ

ମୋ ଅଟକି ଥିବା ରାସ୍ତାରେ

କାହିଁକି ଯିବି ଯେ

ବରଂ ଭଲ ହେବ

ଏଇଠି ଅଟକି ଯିବା

ତମ ଭିତରେ ତ

ମୋର ବଞ୍ଚିବା

ଆଉ ନିଜପାଇଁ

କ'ଣ ଆବଶ୍ୟକ ଠିକଣା

ସେଇ ତ ବାକିଅଛି

ଶେଷ ଠିକଣା ।

ଶିକ୍ଷୟିତ୍ରୀ

ଓରାଳି, ହାଟଡିହି, କେନ୍ଦୁଝର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଖୁସି



ପ୍ରବୀଣ କୁମାର ଖାଡ଼ଙ୍ଗା

ବହୁଦିନ ପରେ ଦୁଃଖ ଅପସରି
ଖୁସିର ପସରା ଆସିଛି
ମନ ଅଗଣାରେ ହସର ଜୁଆର
ଗହନ କଥା କହି ଯାଉଛି ।

ସୁଖ ଦୁନିଆରେ ପାଦ ଦଉ ଦଉ
ଆଖି ମୋ ଜକେଇ ଆସୁଛି
ଅତୀତର ଅନୁଭବ କ୍ଷତସ୍ଥାନ ସବୁ
ଆଖିରେ ସାଇତି ରହିଛି ।

ଦୁଃଖକୁ ସାଉଁଟି ଖୁସିର ଲୁହ ଟୋପେ
ଓଠକୁ ଓଦା କରୁଛି
ଧାର ଧାର ହୋଇ ଖୁସିର ଲହରୀ
ଆଖି ପଲକରେ ବୋହି ଯାଉଛି ।

ସ୍ୱପ୍ନ ସତ ହେଲା ସ୍ମୃତି ଚିହ୍ନ ଦେଖି
ଖୁସିରେ ମନ ନାଚି ଯାଉଛି
ହାରିଯାଇଥିବା ଜୀବନ ପଶାପାଲି ଖେଳେ
ଆଜି ବିଜୟୀ ହୋଇଛି ।

କିଛି ଲୁହ ଆଜି ଝଲସେ ହସରେ
ହାତ ପାହାନ୍ତରେ ଖୁସି ପାଇ
ନାଚି ଯାଏ ପାଦ ଝୁମି ଯାଏ ମନ
ବାସ୍ତବ ଖୁସି ପରିଚୟ ନେଇ ।

ଜନତା ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ
ବେଗୁନିଆପଡ଼ା (ଗଞ୍ଜାମ)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମନ ସାଗର



ସସ୍ମିତା ରାଉତ ଜେନା

ମନ ସାଗରରେ ଯେବେ
ପ୍ରେମର ଢେଉ ଆସିବ
ହୃଦୟର ବେଳାଭୂମିରେ
କଳ୍ପନାର ଲହରୀରେ
ପ୍ରୀତିର ସୌଧ ତୋଳିବ ।
ସ୍ମୃତିର ଶାମୁକାରେ
ସ୍ନେହ ପ୍ରେମ ଆବେଗର
ମୋତିକୁ ସାଇତି ରଖିବ ।

ମନ ଆକାଶରେ ଯଦି
ପୂର୍ଣ୍ଣଚାନ୍ଦ ଉଇଁବ
ହୃଦୟର ସରୋବରେ
ନୀଳକଇଁ ଫୁଟିବ ।
ଜହ୍ନର ଶୀତଳ ଜୋଛନା
ରୁପେଲୀ ଦେହରେ ପଡିବ
ଚାନ୍ଦର ଚାନ୍ଦିନୀ ହୋଇ
ଫୁଲର ରାଗିଣୀ ପରି
କାହା ବାଟ ଚାହିଁବ ।

ମନ ବଗିଚାରେ ଯେବେ
ପ୍ରୀତି ଫୁଲ ଫୁଟିବ
ପ୍ରେମର ଗୋଲାପୀ ରଂଗ
ତନୁ ମନେ ଲାଗିବ
ଡାଳିମ୍ବ ଓଷ୍ଠେ
ଗୋଲାପୀ ରଂଗ ଭରିବ ।
ବଧୁଲି ଫୁଲର
ବାସ ଛୁଟିବ
ପୁଷ୍ପାୟିତ ବାସ୍ନାୟିତ
ଲୁକ୍କାୟିତ ମନରେ
ପ୍ରୀତିର ତାଜମହଲ ତୋଳିବ........

କେନ୍ଦ୍ରାପଡ଼ା, ଓଡ଼ିଶା
ଭ୍ରାମ୍ୟଭାଷ : ୮୮୨୬୦୮୬୬୨୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବାପା



ବୈଦ୍ୟନାଥ ପଣ୍ଡା

ବାପା ବାପା... ମୋ ବାପା

ତୁମେ ଅଛ ମୋର ଜୀବନ ବହିର

ସୁନ୍ଦର ମୁଖ ପୃଷ୍ଠା ଟିଏ ହୋଇ

ତୁମରି ଆଦର୍ଶେ ସଂସାରେ ଚାଲୁଛି

ମୁଁ, ଆଦର୍ଶ ମଣିଷ ଟିଏ ହୋଇ

ବାପା, ବାପା... ମୋ ବାପା....

ସରଗ ଠୁ ବଳି ସେନେହ ତୁମର

ଆହା କେତେ ସତେ ମିଠା ସେ କଥା

କଥାରେ ଭୁଲାଇ ସ୍ନେହେ ବାନ୍ଧିଦେଇ

ଦେଖାଇଲ ଯେ ମତେ ନୂଆ ରାସ୍ତା

ମୋ ପାଇଁ କେତେ ଦୁଃଖ ସହି ଅଛ

ନିଜେ ନଖାଇ ମତେ ତ ଖୋଇଛ

ବାପା ବାପା ମୋ ବାପା....

ତୁମେଥିଲେ ମୋର ଡର ଜମା ନାହିଁ

ମୋ ପାଇଁ ଅଛ ବରଗଛ ହୋଇ

ତୁମରି କରୁଣା ଛାଇ ଅଟେ ମୋର

ତୁମରି ଆଶୀଷ ସ୍ପନ୍ଦନ ମୋର

ଆଜି ସିନା ନାହଁ ତୁମେ ମୋ ପାଖରେ

ତୁମ କଥା ସବୁ ଅଛି ମନରେ

ସେଇ କଥା ମତେ ରାସ୍ତା ଦେଖାଉଛି

ଆଗକୁ ମତେ ନେଇତ ଯାଉଛି.

ଅବଦଲ ପୁର, ଯାଜପୁର, ଓଡ଼ିଶା

ଦୂରଭାଷ : ୯୪୩୯୮୪୧୯୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶ୍ରାବଣର ଧାରା



ଶାନ୍ତନୁ କୁମାର ରାଉତ

ଅଶାନ୍ତ ଶହରେ ସାନ୍ତର ପ୍ରତୀକ
ଶାନ୍ତିରେ ଯାଉଛ ରହି
ଶ୍ରାବଣର  ଧାରା  ବରଷି ପାରୁନ
କାହିଁ କେତେଦୂରେ ଅଛ ରହି
କେତେ ଜୀବଜନ୍ତୁ କେତେ ତରୁମାଳ
ଅଛନ୍ତି ତୁମରି ବାଟକୁ ଚାହିଁ
ଚାଷି ଭାଇ ଟିର ଅନ୍ତରର ବ୍ୟଥା
ବୁଝି ବାକୁ କେହି ନାହିଁ
ଅଶାନ୍ତ ଶହରେ ଶାନ୍ତିର ପ୍ରତୀକ
ଶାନ୍ତିରେ ଯାଉଛ ରହି
ଫୁଲଟି ଦେହରେ ଶିରେ ଶିରେ ମହୁ
ଦେହରେ ଯାଉଛି ରହି

ପାଗଳ ଭ୍ରମର ଦଂଶନକୁ ଡର
ପାରେନା କାହାକୁ କହି
ପ୍ରଜାପତି ଟିର ଅସରନ୍ତି ଇଛା
ଫୁଲରେ ବସିବା ପାଇଁ
ଫୁଲ ପ୍ରଜାପତି ସର୍ବେ ଅସ୍ତ ବ୍ୟସ୍ତ
ହେଲେ ତୁମର ଦର୍ଶନ ନାହିଁ
ତୁମ ଆଗମନ ଚକ୍ଷୁ ର ସପନ
ସପନରେ ଯାଏ ରହି
ଅଶାନ୍ତ ଶହରେ ଶାନ୍ତିର ପ୍ରତୀକ
ଶାନ୍ତିରେ ଯାଉଛ ରହି
ଶ୍ରବଣର ଧାରା ବରଷି ପାରୁନ
କାହିଁ କେତେ ଦୂରେ ଅଛ ରହି..

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା ଗୋ ମହାଲକ୍ଷ୍ମୀ



ଜଗବନ୍ଧୁ ସାହୁ

କିଦେଇ ପୂଜିବି  ମାଗୋ ମହାଲକ୍ଷ୍ମୀ
ସବୁପରା ତୁମ ଦାନ
ଭକ୍ତିରେ ଡାକୁଛି ହେ ସାଗରସୁତା
ପୁଷ୍ପାଞ୍ଜଳି ମୋର ଘେନ
ବାଉନ ଭଣ୍ଡାରୁ  ମାଗୋ ମହାଲକ୍ଷ୍ମୀ
ମୁଠେ ଦିଅ ମୋତେ ଅନ୍ନ
ଦାରିଦ୍ର୍ୟତା ମୋର ଦୂର ମା' କରିବୁ
ଏହି ମୋର ନିବେଦନ

ଦୁଃଖ କଷ୍ଟ ମୋର ହରିନିଅ ମା'ଗୋ
ଦିଅ ମୋତେ ଦିବ୍ୟଜ୍ଞାନ
କଲମ ମୁନରେ ରଚୁଥିବି ସଦା
ତୁମରି ଯେ ଯଶମାନ
ବଞ୍ଚିଥିଲା ଯାକ ତୁମରି ଚରଣେ
ରହିଥାଉ ମୋର ଧ୍ୟାନ
ଉଭା ହୁଅ ମାଗୋ ମୋ ଭଙ୍ଗା କୁଟିରେ
ଦିଅ ବାରେ ଦରଶନ

ପ୍ରେମ୍ କବି ଜଗବନ୍ଧୁ ସାହୁ
ଛିଣ୍ଡାଣିଆପଲ୍ଲୀ, ଗଞ୍ଜାମ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁଚ୍ଛାରେ ପାଇବ କଷ୍ଟ



ଅକ୍ଷୟ କୁମାର ବେହେରା

ମନୁଷ୍ୟତ୍ୱ ଯେଉଁ ମାନବର ନାହିଁ
ସେ ମନୁଷ୍ୟେ ନୁହେଁ ଗଣା,
ମଦୁଆ ଭାଡୁଆ ଏ ଦୁଇ ମଣିଷ
ସମାଜରେ ଥାନ୍ତି ଜଣା ।

ମଦୁଆ ପ୍ରକୃତି ବଦଳିବ ନାହିଁ
ଛାଡିନି ଯେ ଯାଏଁ ମଦ,
ଭୁଲ ଠିକ୍ କିଛି ଜାଣି ନ ପାରଇ
କରୁଥାଏ କେତେ ଛନ୍ଦ ।

ପର କଥା ଶୁଣି ଛୋଟ କୁ ବଢାଏ
ଘରେ କରୁଥାଏ କଳି,
ଅଶାନ୍ତିରେ ରହି ଦିନ କାଟେ ସଦା
ଯନ୍ତ୍ରଣାରେ ଛାଡେ ରଡି ।

ଯେତେ ଯାହା ହେଲେ ଭାଡୁଆ ପ୍ରକୃତି
ପରନାରୀ ପାଶେ ଆଖି,
ଧନ ଓ ସମ୍ପତ୍ତି ସାରେ ତାରି ପାଇଁ
ମନ ଥାଏ ତାଠି ଲାଖି ।

ଆ କଥା ତା ପାଶେ କହି ବୁଲୁଥାଏ
ନିଜେ ମୁକୁଳିବା ପାଇଁ,
ଗୋଟିଏ ମିଥ୍ୟାକୁ ଘୋଡାଇବା ଲାଗି
ମିଥ୍ୟା ସର୍ବଦା କହଇ ।

ଏ ଦୁହିଁଙ୍କ ଠାରୁ ଦୂରେ ନ ରହିଲେ
ସମ୍ମାନ ହୋଇବ ନଷ୍ଟ,
ଲୋକଙ୍କ ଆଗରେ ଅପମାନ ହୋଇ
ତୁଚ୍ଛାରେ ପାଇବ କଷ୍ଟ ।୬ ।

କେନ୍ଦୁଡିହା ବଡସାହି ମୟୂରଭଞ୍ଜ
ଭ୍ରାମ୍ୟଭାଷ:-୯୩୪୮୮୯୯୯୧୭

Magazine Downloaded from www.aahwaan.com

# ନିର୍ବାସନ



ପୁଷ୍ପାଞ୍ଜଳୀ ପଣ୍ଡା

ହେ ରାଧା ବଲ୍ଲଭ......
ମୁଁ ସାମାନ୍ୟ ଗୋପ ଗୋପାଳୁଣୀ,
କେମିତି କହିବି କୁହ..... ?
ତୁମେ ମୋର ପ୍ରିୟତମ ପ୍ରିୟ  । ।
ମୁଁ କିନ୍ତୁ ତୁମ ପ୍ରେମ ନୁହଁ !
ତୁମେତ ରାଧାର ଆଉ
ରାଧା ବି ତୁମର
ତଥାପି....
ଏ ମନ କାହିଁ ମାନେ ନାହିଁ କୁହ  ?
କିମିଆଁ କରିଛ ସତ  ! !
ଗୋପ ପୁର ଜାଣେ  ।
ନହେଲେ କି,
ସମୟ ଓ ଅସମୟ
ନଦେଖି ନଜାଣି
ଦୌଡିଥାନ୍ତି ଜମୁନା ର ବନେ ,
ବଂଶୀ ସ୍ୱନ ବାଜିଗଲେ କାନେ  ।

କେବେ ତ ଫେରି ଚାହିନ.... !
ସରୁନାହିଁ ଅପେକ୍ଷା ର ନିର୍ବାସନ  ।
କେତେ ଆଉ ଭାଙ୍ଗିବ ଏ
ଗୋପାଳୁଣୀ ପ୍ରେମ ଅଭିମାନ ।
ପ୍ରେମର ଏ ପରୀକ୍ଷା ରେ
କଳଙ୍କ  ର ଟୀକା ପିନ୍ଧି
ସ୍ୱଇଚ୍ଛା ରେ ଢାଳୁଅଛି
ସବୁ ତକ ଆଖିଲୁହ ମୋର
ସବୁତକଛାତିକୋହ ମୋର
ତୁମ ପାଦତଳେ  !
କିନ୍ତୁ .....
ହେରାଧା ବଲ୍ଲଭ .....
କେବେ ତ ଫେରିବ କୁହ ?

ଆସିଷ୍ଟାଣ୍ଟ ଷ୍ଟାଟିଷ୍ଟିକାଲ୍ ଅଫିସର
ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହ୍ନୁ କେଳେଙ୍କାରୀ



ଚିନ୍ମୟୀ ସାହୁ

ଯମୁନା କୁଳରେ ଜଗିବସେ କାହ୍ନୁ
ରାଧାକୁ ଭେଟିବା ପାଇଁ ।
କାହ୍ନୁ ଦରଶନେ ରାଧା ପାଗଳିନୀ
ଯମୁନାକୁ ଭୁଲିଯାଇ ।

ରାଇ ଦାମୋଦର ପୀରତି ଅମର
କାହାକୁ ବା ଅଗୋଚର
ଦୁହେଁ ପରସ୍ପର ରାସରଙ୍ଗେ ଭୋଳ
ସବୁ ତ ହୁଏ ପାସର ।

ଚନ୍ଦ୍ରଚୂଡ ମନେ ଅସହ୍ୟ ଯନ୍ତ୍ରଣା
କାହ୍ନୁ କେଳେଙ୍କାରୀ ପାଇଁ
ଯେତେ ମନା କଲେ ଯମୁନା ଯିବାକୁ
ରାଧା କି ବୋଲ, ମାନଇ ।

ତୁମ ଲୀଳା ଖେଳା ନ ଜାଣନ୍ତି କେହି
ସଭିଙ୍କୁ ମାୟା ଗ୍ରାସଇ
ମହାଜ୍ଞାନୀ ଯୋଗୀ ଭ୍ରମିତ ହୋଇଲେ
ସଂସାରୀର ବଳ କାହିଁ ।

ଶିବ ବ୍ରହ୍ମା ଯହିଁ ଅସମର୍ଥ ହେଲେ
ମନୁଷ୍ୟ ସାମର୍ଥ୍ୟ କିବା
ହରି ନାମ ସାହା ମାତ୍ର ଏ କାଳକୁ
ଆନ କେ ତାରିବ ଅବା ।

ମୂଳିସିଂ, ସହର, ଜଗତସିଂହପୁର

 Magazine Downloaded from www.aahwaan.com

# ଜୀବନର ବିଳାପ



ମନୋଜ କୁମାର ପଣ୍ଡା

ଜୀବନେ ଯେତିକି ସପନ ଦେଖିଲି

ସବୁ ସତ ହେଲା ନାହିଁ

ଆଶା-ସାଗରର ଲହଡି ସକଳ

ନ ପାରିଲା କୂଳ ଛୁଇଁ । (୧)

ସୁଖର ମରାଳୀ ନୀଳ ଆକାଶରେ

କେଉଁଆଡ଼େ ଗଲା ଉଡି

ସୁନା ମିରିଗକୁ ଅଜଣା ବନରେ

କିଏ ନେଲା ଅବା ଭିଡି ।(୦୨)

ଫୁଲ ଭାବି ଯେବେ ହାତ ବଢାଇଲି

ବାଜିଲା ସହସା କଣ୍ଟା

ଚଳପଥେ ଚଳି ଶୋଷ ନ ମେଣ୍ଟିଲା

ସଳଖ ନ ହେଲା ଅଣ୍ଟା । (୦୩)

ଜୀବନ-ରାସ୍ତାରେ ଅଛି ବହୁ ବାଧା

ଭରା ଖାଲି ଢ଼ିପ,ଖାଲ

ଭଲ ପାଇବାର ମାଟି ଗୋଡି ଢାଳି

କରୁଥିଲି ସମତୁଲ. । (୦୪)

ସମୟ ଗଡ଼ିଲା ବାକି ରହିଗଲା

କାମତ ସରିଲା ନାହିଁ

ଏ ଜୀବନ-ଅର୍ଘ୍ୟ ଘେନ ଚକାଡୋଳା

ଆଉ ଏକ ଜନ୍ମପାଇଁ । (୦୫)

ଅଡା, ବାଲେଶ୍ବର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ତୁ ଏକା ମୋର ଭରସା



ସଂଯୁକ୍ତା ରାଉତ

ମିଛ ମାୟା ଏହି ଦୁନିଆଁ ଦାଣ୍ଡରେ
ଅପହଞ୍ଚ ମୋ' ଠିକଣା
ଆଶା ନିରାଶାର ଭଉଁରୀ ଭିତରେ
ଜୀବନ ମୋ' ବାଟବଣା ।।

ତୁ ପରା ଅଛୁ ମୋ' ଅନ୍ତର ବାହାରେ
ଅଛୁ ସର୍ବ ଚରାଚରେ
ତଥାପି ଏ ନେତ୍ର ଖୋଜେ ନିରନ୍ତର
ହୃଦୟ ମୋ' ନିତି ଝୁରେ ।।

ତୁ ଯଦି ବୁଝୁନୁ ମୋ' ମନ ବେଦନା
କହ ଆଉ କେ ବୁଝିବ
ମିଛରେ ଅନ୍ୟକୁ ଭରସା କରିଲେ
ଦୁଃଖ ସିନା ବଢ଼ିଯିବ ।।

ମାରିଲେ ମାରିବୁ ତାରିଲେ ତାରିବୁ
ତୁ ଏକା ମୋର ଭରସା
ତୋ' ପାଦେ ଶରଣ ପଶିଛି କାଳିଆ
ବିପଦେ ଦେଖାରେ ଦିଶା ।।

ଶିକ୍ଷୟିତ୍ରୀ
ଜୟପୁର , କୋରାପୁଟ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମୟର ରଙ୍ଗ



ଭାସ୍କର ଚନ୍ଦ୍ର ଖଣ୍ଡା

ବୋଳି ଦେଲୁ କେତେ ରଙ୍ଗ
ମୋ ଦେହରେ
ଦେଖିଲା ଆଖି ତାକୁ
ଚିହ୍ନିଲା କାହାକୁ
ପାରିଲାନି ଚିହ୍ନିବି କାହାକୁ ।୧ ।

ମନ ଆକାଶରେ
ବରଷି ଗଲା ବେହିସାବର ଧାରା
ଇନ୍ଦ୍ରଧନୁର ରଙ୍ଗ
କଳା ରଂଗାୟିତ
ବାଷ୍ପିଭୂତ ବୁନ୍ଦା ବୁନ୍ଦା କଣିକା
ଦୁଇ ଆଖି କୋରଡରେ
କେତେବେଳେ ଅଜାଣତେ
ବାନ୍ଧିନେଲା ବସା
ବରଷିଲା ଅଦିନିଆ
ଦେଇଗଲା ଭିଜାଇ
ଚଖାଇ ଦେଇ ତା'ର ଲୁଣିଆ ସ୍ୱାଦ ।୨ ।

ଦେଖିଲି ଯେବେ
ଜୀବନର ତମାସାକୁ
ଭଲ ଭାବେ ନିରୀକ୍ଷଣ କରି
ପ୍ରତି ମଣିଷ ପାଖରେ ମିଳିଲା
ଅନ୍ୟ ଏକ ଭିନ୍ନ ମଣିଷ
ହେ ସମୟ !
ତୋତେ ସିନା ପାରିଲିନି ଦେଖି
ପାଇଲି ଦେଖିବାକୁ ତୋର ସେଇ ରଙ୍ଗ ।୩ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାଶ୍ ହୁଅନ୍ତା ସମ୍ଭବ ଏପରି କିଛି

ତୋର ସେଇ ରଙ୍ଗ

ହୁଅନ୍ତା ଆଉ ଟିକେ ଗାଢ

ଲାଗିଗଲେ ଥରେ

ବଦଳି ନଥାନ୍ତା ସିଏ

ହେଉବା କଥାରେ ଅଥବା କାମରେ

ରାମାୟଣରେ ବର୍ଣ୍ଣିତ

ସେଇ ରଘୁବଂଶର ରୀତି ପରି

ଯାଇଥାନ୍ତା ପଛେ ପ୍ରାଣ

ରହିଥାନ୍ତା ସେ ବଚନ ।୪ ।

ଯିବାକୁ ଆଗରେ ଅଛି

ଅନେକ କିଛି

ସଭ୍ୟତାର ଏ ଖଞ୍ଜଣି

ବାଜୁଥିବ ଆଉ କେତେ ଦିନ ।୫ ।

ଆଲାହାବାଦ ବ୍ୟାଙ୍କ (ଆର. ଏମ୍. ପି. ସି.)

ନୟାପଲ୍ଲୀ, ଭୁବନେଶ୍ୱର (୭୫୧୦୧୫)

(ମୋ) ୯୪୫୫୭୧୭୫୦୭

Magazine Downloaded from www.aahwaan.com

# ମୋ ବାପା



ଆଶିଷ କୁମାର ସ୍ୱାଇଁ

ତଳେ ପଡିଗଲେ କୋଳେଇ ନେଇକି
ମୁଣ୍ଡକୁ ଆଉଁସି ଦିଅ,
ଦୁଷ୍ଟାମୀ କରିଲେ ମୋ କାନକୁ ଧରି
ସଠିକ ରାସ୍ତାଟି କୁହ ।
କେତେବେଳେ କଣ ଦରକାର ପଡେ
ମନ ଲାଖି ଖଞ୍ଜି ଦିଅ,
ଘାତ ପ୍ରତିଘାତ ଝଡ଼ ଝଞ୍ଜା ସହି
ଆମକୁ ନୀତି ହସାଅ ।
ସଠିକ୍ ମାର୍ଗରେ ଚାଲିବା ପାଇଁ ତ
ଦେଇଅଛ ଉପଦେଶ,
ଜୀବନ ଯୁଦ୍ଧରେ ଆମ ପାଇଁ ତୁମେ
କରିଛ କେତେ ସଂଘର୍ଷ ।
ସତ୍ୟ ଶାନ୍ତି ଦୟା କ୍ଷମାର ପ୍ରତୀକ
ତୁମେ ଚଳନ୍ତି ଠାକୁର,
ମୋ ପାଇଁ ଆଦର୍ଶ ମୋ ବାପା ତୁମ୍ଭଙ୍କୁ
କରୁଅଛି ନମସ୍କାର ।

ସିଆରା, ବ୍ରହ୍ମଗିରି, ପୁରୀ, ମୋ - ୮୧୧୪୩୩୪୪୯୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପାଖେଥିଲେ ମାଟି, ହଜିଗଲେ ମାଣିକ



ସଂଯୁକ୍ତା ମହାପାତ୍ର

ବଂଚି ଥାଉ ଥାଉ ଦେବନି ତୁଣ୍ଡରେ
ମରିଗଲା ପରେ ସମାଧୀ ଆଗରେ
ଖୀରି ପୁରି ଦେବେ ଥୋଇ,
ଥୋଇ ଦେଲା ପରେ
ଖାଏ କି ନ ଖାଏ ଦେଖିଅଛି ସତେ କେହି ?

ଏଇତ ଜୀବନ, ଏଇତ ସଂସାର
ଏଇତ ଦୁନିଆ ରୀତି,
ପାଖେ ପାଖେ ଥିଲେ
ମଣିଷ ଜୀବନ ଅଚଳ ଚାରେଣି
ମୂଲ୍ୟହୀନ ସତେ ଆଦର କରେନି
ଶରଧାରେ କେବେ କୋଳେଇ ନିଏନି
ମଲା ପରେ ଜାଳେ ବତୀ ।

ଦୂରେ ଗଲେଚାଲି ମଥାକୋଡି କାନ୍ଦେ
ଆଖିରୁ ଗଡାଏ ଲୁହ,
ପଛରେ ଭାବିଲେ କି ହେବରେ ମନ
ଗଲା ମଣିଷକି ବାହୁଡି ଆସିବ
ଝୁରିହେବ ସିନା କରିଥିଲା କେତେ
ଜତନ ତୋ ପାଇଁ
ଦେଇଥିଲା କେତେ ସ୍ନେହ ।

ସେନେହ ଆଦର ସବୁକୁ ପାସୋରି
ଯିବାକୁ ଯେ ହେବ ଦିନେ
ରହିନାହିଁ କେହି ଏ ଭବ ସଂସାରେ
ଏକା ଆସିଅଛୁ ଯିବୁ ଏକା ହୋଇ
ଦେଇଯିବୁ ଯଦି ସ୍ନେହ ପ୍ରେମ କିଛି
ଜଗତ ରଖିବ ମନେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବନ୍ଧୁ



ଛବିରାଣୀ ପତି

ବନ୍ଧୁ ବୋଲି ସିନା ବନ୍ଧୁ ମହାନ୍ତିର
ଶ୍ରୀ ଫଳ ହାତରୁ ନେଲୁ
ଏ'ପବିତ୍ର ମନକୁ ଆଢ଼ କରିଦେଇ
ପ୍ରତାରଣା ପୁଳେ ଦେଲୁ ।

ଅନାଥର ନାଥ ପତିତପାବନ
ଶ୍ରୀକ୍ଷେତ୍ରେ ବୋଲାଉ ବସି
ତଚ୍ଛ ସଂସାରକୁ ଛାଡ଼ିଦେଲୁ କାହିଁ
ଘାଣ୍ଟି ହୁଏ ଦିବା ନିସି ।

ଶାଶ୍ୱତ ପ୍ରେମରେ ଦ୍ରୌପଦୀ ହଜିଲା
ତୋ' ପରି ବନ୍ଧୁ ଟେ ପାଇ
ଲଜ୍ୟା ନିବାରଣେ କୋଟି ବସ୍ତ୍ର ଦେଲୁ
କୌରବ ସଭାକୁ ଯାଇ ।

ଖୁଦଭଜା ଖାଇ ସୁଦାମ ଅଣ୍ଟିରୁ
ରଖିଲୁ ବନ୍ଧୁର ଟେକ
ରାଜା ହୋଇ ରଙ୍କ ପଦ ସେବିଥିଲୁ
ଭୁଲିଯାଇ ନିଜ ଭେକ ।

ନିଷ୍ଠୁର ସତ୍ୟକୁ ସାମ୍ନା କରୁ କରୁ
ଉଙ୍କିମାରେ ମନେ ପ୍ରଶ୍ନ
ମୋ'ପ୍ରେମ ଭକ୍ତିରେ ରକ୍ତ ଥଣ୍ଡା ଲାଗେ
ଲୁହ ଲାଗେ ଭାରି ଉଷ୍ମ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଛପନ ଭୋଗରେ ନୀତି ପେଟ ପୁରେ

ଆଘ୍ରାଣେ ଭୋଜନ ନେଇ

ସେହି ଛଳନାରେ ପୁରିଯାଏ ପେଟ

ଭକ୍ତି ଅବକାଶେ ଥାଇ ।

କାଶୀ,ଗୟା,ଗଙ୍ଗା,ମଥୁରା କି ପୁରୀ

ଯାଇନି ମୁଁ ବୃନ୍ଦାବନ

ସବୁ ବିଗ୍ରହକୁ ଭକ୍ତି ଅର୍ଘ୍ୟ ଦେଇ

ସ୍ମରିବି ଦେଇ ଏ'ମନ ।

ତିକ୍ତ ହେଉ କି ବା ଆମ୍ବିଳ, ମିଷ୍ଟାନ୍ନ

ତୋ' ଉଚିଷ୍ଟ ମଣି ମୁଁ ଖାଏ

ଭକ୍ତବତ୍ସଳ ତୁ ଭାବଗ୍ରାହୀ ବନ୍ଧୁ

ଦିବା ନିସି ଭଜୁଥାଏ ।

ନିଷ୍ଠା ନାହିଁ ମୋର ଓଷା,ବ୍ରତେ, ତପେ

ମନେ ଧରି ଭକ୍ତି ଭାବ

ସେ'ଭାବରେ ବାନ୍ଧି ବନ୍ଧୁଟିଏ କର

ତରିବି ସଂସାର ନାବ

ମଧ୍ୟ ଶାସନ
ଜଗତସିଂହପୁର
ଫୋନ - ୯୩୩୭୯୬୦୦୭୦

Magazine Downloaded from www.aahwaan.com

# ସମୟର ଦାସ



ଗୌତମସେନ୍
ହାଁସଦା

ଏ ମଣିଷ, ଏ ଧରା, ଏ ଧାରା
ସମସ୍ତେ ସମୟର ଦାସ ।
ଇଚ୍ଛା ନ ଥାଇ ବି, ପ୍ରୟାସ ନ କଲେ ବି
ବଦଳିବାକୁ ବାଧ୍ୟ ସମୟ ସ୍ରୋତରେ...
ଭାସିବାକୁ ବାଧ୍ୟ, ଖସିବାକୁ ବାଧ୍ୟ,
ହସିବାକୁ ବି ବାଧ୍ୟ,
ସତେ; ଦାସତ୍ୱ ବନ୍ଧନ ଭିତରେ
ବଞ୍ଚିବାକୁ ହୁଏ ନିଇତି... ।
ଜୀବନ ଯଉବନ ସବୁ ତ ଅଢେଇ ଦିନ
ସମୟ ହାତରେ ବନ୍ଧା ।
ଆଜି ଅଙ୍କୁରିତ ବୀଜ
କାଲିକି ହୁଏ ବୁଢାବର ଗଛଟିଏ
ସମୟର ସୁଅରେ ବୟସ ଗଡେ
ବର୍ଷ, ମାସ, ଦିନ, ଦଣ୍ଡ
ସବୁ ବହିଯାଏ ପାଣିପରି
ସ୍ମୃତିଟିଏ ବଞ୍ଚିରହେ କେବଳ
ମାନସ ପଟରେ ।

ନିର୍ଦ୍ଦିଷ୍ଟ ରୂପରେଖ ନେଇ
ପୁଣି କେତେବେଳେ ଉଙ୍କିମାରେ
ତତଲା ଜୀବନ ନଈର କୂଳେ ଥିବା
କଣା ଭିତରର କଙ୍କଡା,
ଖୋଜେ ଆହାର ବିହାରର
ଉପଯୁକ୍ତ ସମୟ ।
କିନ୍ତୁ; ଜାଣି ପାରେନି
ସବୁ ତ ସମୟର ଦାସ
ଏ ଜୀବନ ଓ ଜୀଇଁବାର ଶୈଳୀ ମଧ୍ୟ... ।

ଉପେନ୍ଦ୍ରନାଥ ମହାବିଦ୍ୟାଳୟ,
ନଳଗଜା, ମୟୂରଭଞ୍ଜ, ଓଡିଶା
ମୋ:- ୮୯୮୪୫୭୭୮୩୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋକ୍ଷ



କେଶରୀ ପ୍ରସାଦ ମହାନ୍ତି

ବସନ୍ତର ମୃଦୁ ହୋଇ ମନ ଚୋରି କଲ ।
ନିଦରେ ଆସିକରି ସ୍ୱପ୍ନ ଦେଖାଇଲ ।।
ପୂର୍ଣ୍ଣମୀର ଚାନ୍ଦ ପ୍ରାୟ ହୋଇ ଆଲୋକିତ ।
ମନ ତଳେ ସ୍ନେହ ପ୍ରେମ କଲ ସଞ୍ଚାରିତ ।।
ଇନ୍ଦ୍ରଧନୁ ସାଜି ଜୀବନେ ରଙ୍ଗ ବୋଳି ।
ଆଙ୍କୁଥିଲ କେତେ ଚିତ୍ର ଧରି ନିଜେ ତୂଳୀ ।।
ଶରତର କାଶତଣ୍ଡି ପରି ମନମୋହି ।
ହେମନ୍ତ ଶିଶିରେ ଭିଜାଇଲ କାହିଁ ପାଇଁ ।।
ବନ୍ଧୁତାରେ ଲାଗିଲା କାହାର ନଜର ।
କେଉଁପଦ କଥାରେ ହେଇ ତୁମେ ପର ।।
ନିଦାଘରେ ଝାଞ୍ଜି ହୋଇ ଜାଳିଦେଇଗଲ ।
ବରଷା ର ବନ୍ୟା ହୋଇ ମନ ଧୋଇ ଦେଲ ।।
ଏସବୁ ପଛରେ ନିଶ୍ଚେ ଅଛି କେଉଁ ଶାପ୍ୟ ।
ଇଶ୍ୱର କରନ୍ତୁ ଜୀବନେ ମିଳିଯାଉ ମୋକ୍ଷ ।।

ଉଦ୍ଭିଦ ବିଜ୍ଞାନ ଛାତ୍ର
ନରସିଂହ ଚୌଧୁରୀ ମହାବିଦ୍ୟାଳୟ, ଯାଜପୁର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ରଷ୍ଟା ସର୍ଜନା



ରୋହିତ ସେଠୀ

ଧନ୍ୟ ହେ ବିଧାତା !
ସୃଷ୍ଟି କରତା
ଗଢ଼ିଲ ସୁନ୍ଦର ଧରା ,
କେଉଁ ରଙ୍ଗତୂଳୀ
ଧରିଥିଲ ହସ୍ତେ... ?
ସବୁତ ଲାଗେ ନିଆରା ।

ଆକାଶେ ଖଞ୍ଜିଲ
ସୂର୍ଯ୍ୟ-ଚନ୍ଦ୍ର-ତାରା
ଧରଣୀରେ ବୃକ୍ଷ ଲତା,
ପାହାଡି ଝରଣା
କୋଇଲିର କୁହୁ
ହରିନିଏ ହୃଦ ବ୍ୟଥା ।

ନୈସର୍ଗିକ ଶୋଭା
ସତେ ମନଲୋଭା
ସୃଷ୍ଟି କରେ ମାୟାଞ୍ଜନ,
ଯେତେ ଦେଖୁଥିଲେ
ଚିତ୍ତ ନ ବାହୁଡେ
ବାହୁଡେ ବେନି ନୟନ... ?

ଦର୍ଶକଙ୍କ ଚିତ୍ତେ
ଭରିଦିଅ ଖୁସି
ଅପୂର୍ବ ଆନନ୍ଦ ପାଏ,
ଯେଉଁଠି ଥିଲେବି
ତବ ସର୍ଜନାର
ଗୁଣଗାନ କରୁଥାଏ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କବି ପ୍ରାଣ ହୁଏ

ସଦା ଆକର୍ଷିତ

ତୋ ରୂପ-ଲାବଣ୍ୟ ଦେଖି,

ମନ କାଗଜରେ

କେତେ ଯେ କବିତା

ମନେ ମନେ ଯାଏ ଲେଖି ।

ଦୁତୀମେଣ୍ଡି(ମଲିକ ସାହି)

ଖଜୁରୀପଡା,କନ୍ଧମାଳ

ଦୂରଭାଷ-୯୩୪୮୦୭୩୯୩୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅପେକ୍ଷାରେ ହାରିଗଲି



ଉଦୟ କୁମାର ପଣ୍ଡା

ମୋ ପାଖେ ଆଉ ସମୟ ନାହିଁ...
ଅଯଥାରେ ତୁମପାଇଁ କାନ୍ଦିବାକୁ ।
ଜାଣିଛି ତୁମେ ବୁଝିବନି କେବେ...
ମୋ କୋହଭରା ହୃଦୟର ଭାଷାକୁ ।
ନାହିଁ ଆଉ ପାଖେ ମୋର ସେଦିନର..
ତୁମେ ଖାଇଥିବା ଚକଲେଟ୍ ର ଜରି ।
ମନେ ପଡୁନାହିଁ କେଉଁଦିନ ହୋଇଥିଲା..
ତୁମସାଥେ ମୋର ପ୍ରଥମ ଦେଖା ।
ମନେଅଛି ମୋର ଶେଷ ଦେଖା କିନ୍ତୁ..
ଯାହା ମୋ ଇତିହାସେ ହୋଇଛି ଲେଖା ।
ନାହିଁ ଆଜି ତୁମ କଲମରେ ମାର୍ଜିତ...
ସେଦିନର ମୋ ରଫ୍ ଖାତା ।
ହାତରୁ ଲିଭି ଯାଇଛି ମୋର..
ସେ ଉଜ୍ଜ୍ୱଳ ଭବିଷ୍ୟ ରେଖା ।
ଆଜି ବି ସାଇତି ରଖିଛି ଅଧା ଲେଖା..
ତୁମର ସେ ଅଝଟିଆ କଲମ ଗୁଡିକୁ ।
ବେଳେବେଳେ ମାଗନ୍ତି ଉତ୍ତର ମୋତେ..
ତୁମେ କ'ଣ କେବେ ଫେରିବ ନାହିଁ.. ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ହେଲେ ଉତ୍ତର ନ ଥାଏ ମୋ ପାଖେ...

ହୃଦୟର ଶୂନ୍ୟତାରେ ତୁମକୁ ମୁଁ ଖୋଜେ ।

ଲେଖିଥିଲି ପ୍ରେମର ପ୍ରଥମ ଚିଠି...

ପାରିଲିନି ଦେଇ ମୁଁ ତୁମକୁ ।

କେବେ ତୁମେ ଫେରିବ ସେ ଚିଠି ପଢିବ..

ଆଲମାରିରେ ସାଇତି ରଖିଛି ମୁଁ ସବୁ ।

ମୋ ବେଦରଦି କଲମ ମୁନରେ ଲିଖିତ..

ତୁମ କୋମଳ ସ୍ପର୍ଶରେ ଜୀବିତ ।

ସେ ଖାତା ଦୁଇଟି ଆଜିବି ଝୁରୁଛନ୍ତି...

ତୁମ ହାତର କୋମଳ ସ୍ପର୍ଶକୁ ।

କେତେ ଭଲ ପାଉଥିଲେ ତୁମକୁ....

ଅକାରଣେ ଶାସ୍ତି ଦେଇ ସେମାନଙ୍କୁ ।

ତୁମପାଇଁ ହୋଇପାରେ ଅତୀତ ସେ ଦିନ...

ଯାହା ଆଜିବି ମୋ ପାଇଁ ବର୍ତ୍ତମାନ ।

ହୃଦୟ ନ ମାନିଲେ ବି....

ବିବେକ୍ ଜିଦ୍ ଧରି ବସିଛି ।

ତୁମକୁ ଭୁଲିବାକୁ...

ମନକୁ ସେ ଆଜି ହାତ ଯୋଡୁଛି ।

ସୋର, ବାଲେଶ୍ୱର, ୭୫୬୦୪୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବରଷର ଇତି



ସୁଶାନ୍ତ କୁମାର ଧଳ

ଥିଲା ରାଗ ଅଭିମାନ
କିଛି ସ୍ନେହ ପ୍ରେମର ଗୁମାନ
ଗଲା ବରଷରେ ।

କେବେ ଭାବ ଅଭାବର ଚିତ୍ର
କିଏ ଶତ୍ରୁ କିଏ ମିତ୍ର
ଅନାବିଳ ବନ୍ଧୁତାର ଛିଟା
କାହା ପରସରେ ।

କାହାର ଆଞ୍ଜୁଳାଏ ସ୍ୱପ୍ନ
ହାତ ପାହାନ୍ତାରେ
କାହାର ଧୋଇଗଲା
ମେଘ ବରଷାରେ ।

କିଛି ଲୁହ ଝରିଥିଲା
ଆନନ୍ଦ ଉଲ୍ଲାସରେ
କିଛି ଲୁହ ଟାଣିଥିଲା
ଶେଷ ପୂର୍ଣ୍ଣଚ୍ଛେଦ
କାହା ଜୀବନରେ ।

କାହାକୁ ମିଳିଲା ପ୍ରେମର
ପହିଲି ପୁଲକ ଯାଚନାରେ
କାହାର ହୃଦୟ ଭାଙ୍ଗିଲା
ମିଛ ଛଳନାରେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଭାବାବେଗ ଅଭିଳାଷ

ହୋଇ କେବେ ଶେଷ

ଶେଷ ପାହାଚରେ

ତ୍ୟାଗି ଶେଷ ନିଶ୍ୱାସ ।

ବିଲୁପ୍ତ ବରଷ ହୋଇଗଲା ଇତି

ସମୟ ସୁଅରେ ବିତି

ଭୁଲି ସେ ଅତୀତ

ନବ ବରଷକୁ କର ସୁଶ୍ରୀତ ।

ବ୍ରାହ୍ମଣୀକୁଳ, ଦଶରଥପୁର,

ଯାଜପୁର - ୭୫୫୦୦୬

ଦୂରଭାଷ - ୮୩୩୮୯୩୪୫୨୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୃତ୍ୟୁ ମୋତେ ଡରେ



ବିନୟ ମହାପାତ୍ର

ମୁଁ ମୃତ୍ୟୁଞ୍ଜୟ ନୁହେଁ
ତଥାପି ମୃତ୍ୟୁ ମୋତେ ଡରେ
ମୁଁ ଯେବେ ଡାକେ,
ହେ ମୃତ୍ୟୁ, ହେ ମୋର ବନ୍ଧୁ
ଥରେ ମୋ ପାଖକୁ ଆସ,
ପ୍ରେମରେ ଥରେ ମୋତେ
ତୁମ ଆଲିଙ୍ଗନେ ନିଅ ।
କେତେ ଜାତି ବାହାନାକରି
ମୃତ୍ୟୁ ନିତି କନିକାଟି ଚାଲିଯାଏ
ମୃତ୍ୟୁ ଡରିଯାଏ,
ଉତପ୍ତ ମରୁର ବାଲୁକା ଶଯ୍ୟାରେ
ମୁଁ ଯେ ହୁତୁ ହୁତ୍ ଜଳେ
ମୋ ସାଥେ ଜଳିବାକୁ ମୃତ୍ୟୁ ଡରିଯାଏ ।
ମୃତ୍ୟୁ ଭକ୍ତ ପ୍ରହଲ୍ଲାଦ ନୁହେଁ
ମୁଁ କିନ୍ତୁ ହୋଲିକା ହୋଇଗଲି,
ନଜଳିବାର ବର ପାଇ ମଧ୍ୟ
ନିତି ଏଠି ଅଗ୍ନିରେ ଜଳି ଜଳି ଯାଏ ।
କେବେ ଜଳେ ଜଠରାଗ୍ନି
ପୁଣି କେବେ କାମନାର ଯଜ୍ଞକୁଣ୍ଡେ
ସ୍ୱାହା ହୋଇଯାଏ,
କେବେ ଈର୍ଷାରେ ଜଳିଯାଏ
କେବେ ଜଳିଯାଏ ଅନ୍ୟର ତୀବ୍ର କଟାକ୍ଷରେ
କେବେ ପ୍ରେମ ଅଗ୍ନି ଜାଳିଦିଏ
କେବେ ପୁଣି ବିରହାଗ୍ନି ଅଧାଜାଳି ଛାଡିଦିଏ ।
ଯନ୍ତ୍ରଣାରେ ଛଟପଟ ପ୍ରାଣ
ମୃତ୍ୟୁକୁ ନିତି ନିମନ୍ତ୍ରଣ ଦିଏ
ହେଲେ ସିଏ ଭାରି ଡରକୁଳା,
ମୋ ସାଥେ ଜଳିବାକୁ
ସବୁବେଳେ ମୃତ୍ୟୁ ଡରିଯାଏ ।

କିଟସ୍ ସ୍କୋୟାର, ପଟିଆ, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଜନ୍ମଦିନ ପାଇଁ



ଅଙ୍କିତା ପାଢ଼ୀ

ଜନ୍ମଦିନ ମୋର,     ଏହି ଡିସେମ୍ବର,
ଏକତିରିଷର ଦିନ ।
ଗୁରୁ ଗୁରୁଜନ,     ଦିଅନ୍ତି ଆଶିଷ,
ଖୁସିରେ ରହୁ ମୋ ମନ ।।
ଆଶିଷର କୃପା,     ଦିଅହେ ଦେବତା,
ନିରୋଗ ରହୁ ଶରୀର ।
ହୃଦୟରେ ମୋର,     ଥାଉ ଭକ୍ତି ଶ୍ରଦ୍ଧା,
ମିଳୁ ସଭିଙ୍କ ଆଦର ।।
ସୁନୀଳ ଗଗନ,     ପ୍ରସ୍ଫୁଟିତ ପୁଷ୍ପ,
ଧରିତ୍ରୀ ସୌନ୍ଦର୍ଯ୍ୟ ଭରା ।
ଏହି ଧରାଧାମେ,     ଅମୂଲ୍ୟ ଜୀବନ,
ମାନବ ସମ୍ବଳ ପରା ।।
ଜନ୍ମ ଦିନ ଆସେ,     ବୟସ ବଢ଼ାଇ,
ଆୟୁଷ କମାଇ ଦିଏ ।
ପୃଥ୍ୱୀ ସୌନ୍ଦର୍ଯ୍ୟକୁ,     ସୀମିତ ଆୟୁଷ,
କର୍ମ ଜୀବନରେ ଯାଏ ।।
କେମିତି ବଞ୍ଚିବି,     ଦଇବ ଜାଣଇ,
ସୃଷ୍ଟିର କରତା ସିଏ ।
ବିତି ଯାଉ ଦିନ,     ନୂଆ ସପନରେ,
ଜୟ ଜଗନ୍ନାଥ ହାଏ ।।
ପିତୃ ମାତୃ ଭକ୍ତି,     ତାଙ୍କରି ଆଶିଷ,
ହୃଦୟରେ ସଦା ଥାଉ ।
ଦିନ ଯାଉ ବିତି,     ତାଙ୍କରି କୋଳରେ,
ହସି ହସି ଦିନ ଯାଉ ।।
ଜଳ ସ୍ଥଳ ବନ,     ଗିରି ଓ ସାଗର,
ପଶୁ ପକ୍ଷୀ ଅଗ୍ନି ବାୟୁ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସଭିଙ୍କୁ ପ୍ରଣାମ,  ଜନ୍ମ ଦିନ ପାଇଁ,
ସତ୍ୟ ପଥେ ଦିନ ଯାଉ ।।
ମୋ ନାମ ଅଙ୍କିତା,  ପିତୃ ମାତୃ ଦାନ,
ଲେଖି ଦେଲି ଶୁଭ ଦିନେ ।
ଏହି ଦିନ ପାଇଁ,  ଆଶିଷ କାମନା,
ଶୁଭ କାମନା ସପନେ ।।

ବାପା:-ରଞ୍ଜନ କୁମାର ପାଢୀ
ଜେନିଥ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟ,
ଗଗନ ବାବୁ ଛକ , ଏଡ଼ତାଳ , ଭଦ୍ରକ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୁଆ ବରଷ ମୁଁ କହେ



ମହେଶ୍ୱର ସାହୁ

ନୂଆ ବରଷ ମୁଁ,    ମୁହିଁ ନିରୀମାଖୀ,
ଆଦରରେ ଆଜି କହେ ।
ହେ ଭାଇ ଭଉଣୀ,  ଭଦ୍ର ନର ନାରୀ,
ଅଭିନନ୍ଦନ ଜଣାଏ ।।
ଆସୁଅଛି ମୁହିଁ,    ଆଗକୁ ଆସିବି,
କେତେ ନୂଆ ସ୍ୱପ୍ନ ନେଇ ।
କାହାକୁ କନ୍ଦାଏ,    କାହାକୁ ହସାଏ,
ନିଜ କର୍ମ ସାଥେ ରହି ।।
ଉଣେଇଶ ଗଲା,  କୋଡିଏ ଆସିଲା,
ଏମିତି ମୁଁ ବଢୁ ଥିବି ।
ଜନ୍ମ ମୃତ୍ୟୁ ସାଥେ,  ରହି ମୁଁ ଜଡ଼ିତ,
ଚଲା ପଥେ ଚାଲି ଯିବି ।।

ବଞ୍ଚିବା ଆକାଂକ୍ଷା,  ସବୁରି ହୃଦୟେ,
ପ୍ରାଣୀଠୁଁ ଉଦ୍ଭିଦ ଯାଏ ।
ନିଜେ ବଞ୍ଚି ଯଦି,    ବଞ୍ଚାଏ ଅନ୍ୟକୁ,
ଜ୍ଞାନୀ ଗୁଣି ସେ ବୋଲାଏ ।।
ଜୀବ ହତ୍ୟା କରି,  ସୁଖର ଆଶାରେ,
ମଦ୍ୟପାନ ନାଚ ଗୀତ ।
କ୍ଷଣିକ ସୁଖକୁ,    ଆଦରିଣ ବନ୍ଧୁ,
ଅଧର୍ମକୁ କର ମିତ ।।
ଉଚ୍ଚ ଶବ୍ଦ ଧ୍ୱନି,    ବାୟୁ ପ୍ରଦୁ୍ୟଷଣ,
ମଦ୍ୟପାନ ପାଇଁ ରୋଗ ।
ନୂଆ ବରଷକୁ,    ଧର୍ମ କାର୍ଯ୍ୟ ପାଇଁ,
କରହେ ସର୍ବେ ଉତ୍ସର୍ଗ ।।

ଗୋପୀବିନ୍ଧା, ବ୍ରାହ୍ମଣଗାଁ
ବାଲେଶ୍ୱର(ଭଦ୍ରକ)

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଏ ସେ ଅଜଣା ?



ମିତ୍ରଭାନୁ ବିଶ୍ୱାଳ

କାହିଁକି କେଜାଣି  ଅଜଣା ମୁହଁଟି
ଭାରି ଚିହ୍ନା ଚିହ୍ନା
ଲାଗେ
ହୃଦୟ ଫାଙ୍କରେ ଜଗାଟିଏ ଚୋରି
କୁଆଡେ ସେ ଚାଲି
ଯାଏ
ପାଏନି ଠିକଣା ଉଡି ଯାଏ କାହିଁ
ଉଡ଼ନ୍ତା ଚଢେଇ
ପରି
ଅମାନିଆ ମନ ବୁଝେନାହିଁ କିଛି
ବାଟଚାହୁଁ ଥାଏ
ତା,ରି
ଅଚିହ୍ନା ହୃଦୟ ଠିକଣା ବିହୀନ
କିଏସେ ମନର
ପରୀ
ବିକ୍ଷୀପ୍ତ ନୟନେ ଚାହିଁ ରହିଅଛି
ଆସିବ ବୋଲିସେ
ଫେରି

ମାୟା ମୃଗ ସମ ପଲକରେ ଆସି
ମାୟାଜାଲେ ଦେଲା
ଛନ୍ଦି
ଅକାରଣେ କାହିଁ ଅଜଣାର ହାତେ
ହୃଦୟ ହୋଇଲା
ବନ୍ଦୀ
ଭାବନା ରଥରେ ବସେଇ ଦେଇଛି
ଭାବନରେ ତାକୁ
ଦେଖି
ଜାଣି ହୁଏନାହିଁ ମରୁପଥେ ଆଜି
ପାରିବିକି ତାକୁ
ଦେଖି ? ?

ବ୍ରାହ୍ମଣଡ଼ିହି, (ପାଇକମାଲ), ବରଗଡ଼
୯୪୩୭୩୧୪୯୦୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁହିତା



ହରେରାମ ପଣ୍ଡା

ଦୁଇଟି କୁଳର ହିତ କରେ ବୋଲି
ନାମଟି ତାର 'ଦୁହିତା',
ନିଜେ ଦୁଃଖ ପିଇ ଆନେ ସୁଖ ଦେଇ
ହୁଏ ସେ ବିଶ୍ୱ ବନ୍ଦିତା ॥
ପିଲାଦିନ ଖେଳ, ସାଙ୍ଗସାଥି ମେଳ -
କେତେ ମାନ ଅଭିମାନ ,
ବାପାଙ୍କର ଗେହ୍ଲି, ମାଆ ପ୍ରାଣଧନ -
ଭାଇର ଜୀବଜୀବନ ॥
ବାପଘର ଛାଡ଼ିଯାଏ ସେହି ଝିଅ -
ସମସ୍ତଙ୍କୁ ପରକରି ,
ପର ମଣିଷଙ୍କୁ ନିଜର କରିବ
ଯାଏ ସ୍ୱାମୀ ହାତଧରି ॥
ସବୁ ଦୁଃଖ ନିଜ ହଦରେ ସାଇତି
ପରଶେ ମମତା ମଧୁ ,
ସଭିଙ୍କ ମୁହଁରେ ହରଷ ଖେଳାଇ
ହୁଏ ସିଏ କୁଳବଧୂ ॥
ସେଇ କନ୍ୟା ଅଟେ ଜାୟା ଓ ଭଗିନୀ
ଜନନୀ ପୁଣି କାହାର ,
ଦୁଇ କୁଳ ପାଇଁ 'ମଣି'ଟିଏ ସିଏ
ତୁଳନା ନାହିଁ ତାହାର ॥
ନାରୀ ନିର୍ଯ୍ୟାତନା, ନାରୀର କଷଣ -
ଯେ ପର୍ଯ୍ୟନ୍ତ ଲିଭିନାହିଁ ,
ଅବଳା ହେଲେବି ଦୁର୍ବଳା ନୁହେଁ ସେ
ତା କୋପରୁ ତ୍ରାହି ନାହିଁ ॥

କୁଆଁସ, ମେର୍ଦ୍ଧା କାଟିଆଛକ, ଯାଜପୁର ।
ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ,
ମଧୁପୁର ସରକାରୀ ନୋଡାଲ ଉଚ୍ଚ ବିଦ୍ୟାଳୟ
ଭ୍ରାମ୍ୟଭାଷ - ୯୪୩୮୦୬୪୧୯୫ .

Magazine Downloaded from www.aahwaan.com

# ହେ ନବବର୍ଷ ତୁମେ ଆମ ସମ୍ଭାବନା



ନାରାୟଣ ଚନ୍ଦ୍ର
ସେନାପତି

ହେ ନବବର୍ଷ

ନବ ବଧୂ ସାଜି ଆସ ଯେବେ ମୋ ପ୍ରିୟ ଧରାକୁ
ମାଘ ମାସ ବାଘ ଶୀତଟା ଥକି ଯାଏ
ଫୁଲକ,ମହକ ଆଉ ଆଲୋକ ମାନେ
ମୃଦୁ୍ୟ ମୃଦୁ ହସି ଡାକନ୍ତି ବସନ୍ତ ମଳୟକୁ
ସଭିଙ୍କ ହୃଦୟେ ପଲ୍ଲବିତ ହୁଏ ନବୀନ ସମ୍ଭାବନା
ଆଶାରେ ଭରିଯାଏ ଆଶୁ ଉନ୍ମାଦନା
ଆକାଂକ୍ଷାର ପାରିଜାତଗୁଡାକ ପ୍ରସ୍ଫୁଟିତ ହେବାକୁ
ଚାହିଁଥାନ୍ତି ତୁମ ସରାଗର ଆଖିମିଟିକା ।

ହେ ନବବର୍ଷ

କଳ୍ପନାର ଇନ୍ଦ୍ରଧନୁ ସାଜି
ଆସ ଯେବେ ହାତେ ଧରି ଯୋଜନାର ଜଟିଳ ନକ୍ସା
ନୀତି ନିୟମର କୁରୁକ୍ଷେତ୍ର ଚମକିଉଠେ
ସଂସ୍କାରର ପଞ୍ଚଜନ୍ୟ ଶଙ୍ଖଟା ହୁଙ୍କାର ଛାଡେ
ଶୃଙ୍ଖଳାର ନ୍ୟାୟାଳୟ ଖୋଜେ ବିଚାରବନ୍ତ ମାନବ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଉ ଉତ୍ସବମାନେ କରନ୍ତି ସଂସ୍କୃତିର ଅଭିନବ ନୃତ୍ୟ ।

ହେ ନବବର୍ଷ

ଆନନ୍ଦର ପାରାବାରେ ଆସଯେବେ

କମ୍ପାଇ ଉତ୍‌ଫୁଲ୍ଲତାର ତରଙ୍ଗ

ଶୁଭେ ସତର୍କତାର କଳରବ

ଜୀବନ ପରା ସୁଖ ଦୁଃଖର ମିଶ୍ରଣ

ପ୍ରେମ ପ୍ରୀତିର ନନ୍ଦନକାନନ

କର୍ମ ହିଁ ଫଳପ୍ରାପ୍ତିର ନିଦାନ

ଆଉ ଧର୍ମ ହିଁ ମାନବିକତାର ମାପକାଠି

ହେ ଆର୍ଯ୍ୟ...

ଗାଅ ବସୁଧୈବ କୁଟୁମ୍ବକମ୍ ର ସୁଗମ ସଂଗୀତ

ବଜାଅ ବିଶ୍ୱଭ୍ରାତୃତ୍ୱର ଭେରୀ ତୂରୀ

ହସିଉଠୁ ସଭିଙ୍କର ଜୀବନ ସ୍ପନ୍ଦନ

ଏଇ ମଧୁମୟ ଅଧିବର୍ଷରେ ।

ଜମ୍ବିରା, କେନ୍ଦୁଝର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଭ୍ରୁଣର ପ୍ରାର୍ଥନା



ପ୍ରୀତିରଞ୍ଜନ ନାୟକ

କେଉଁ ଗୁଣସୂତ୍ର ନିଷେଚନ ହେବ
ମାତା କି ପିତା ଜାଣେନା,
ପୁତ୍ର ଗୁଣସୂତ୍ର କି କନ୍ୟା ଗୁଣସୂତ୍ର
ଏକଥା କେହି ଜାଣେନା ।

ବିଜ୍ଞାନ ଯୁଗରେ ଯନ୍ତ୍ରପାତି ବୃଦ୍ଧି
ଜ୍ଞାନ କୌଶଳ ର ପରିପୃଷ୍ଟ,
ଭେଷଜ ବିଜ୍ଞାନେ ଭ୍ରୁଣ ପରୀକ୍ଷାକୁ
ଅବୈଧ ଥାଇ ବି ହୁଏ ନଷ୍ଟ ।

କନ୍ୟା ଭ୍ରୁଣ ବୁକୁ ଫଟେଇ କାନ୍ଦୁଛି
ରକ୍ଷାକର ମତେ ରକ୍ଷାକର,
କୁମ୍ଭୀର କାନ୍ଦଣା ସମାଜ କାନ୍ଦଇ
ଶୁଣେନା କେବେ ବି ତା ଚିତ୍କାର ।

କନ୍ୟା ଭ୍ରୁଣ କହେ ପିତା ମୁଖ ଚାହିଁ
କାହିଁ କର ଏଡ଼େ ଅବିଚାର,
ତୁମେ ପରା କେଉଁ ମା ଠୁ ଜନମ
ଏତେ ପ୍ରେମ ତାକୁ ତୁମେ କର !

ଆକୁଳବିନତି କରେ ପିତା ପଦ୍ମେ
ଶୁଣ ହେ ଗୁହାରୀ ମୋର ଥରେ,
ଭଗ୍ନୀ ହାତ ରାକ୍ଷୀ ଖୋଜ ପରା ତୁମେ
ନାରୀ ପରା ସିଏ ଭାବ ଥରେ ।
କାହିଁକି ପିତା ହେ ଏଡ଼େ ଅବିବେକି
ହେଉଅଛ ପୁଣି ମୋ ପାଇଁ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଜନମ ପୂର୍ବରୁ ତଣ୍ଟି ଚିପି ହତ୍ୟା
ଏତେ କଷ୍ଟ ଦିଅ କେଉଁ ପାଇଁ ?

ପୁତ୍ର ପୁତ୍ରି ପରା ସମାନ ବାପା ହେ
କାହିଁ ଏ ସମାଜ ଏକି କରେ ?
ପିତା ମୁଖେ ଅଗ୍ନି ଦେବା ପାଇଁ କାଳେ
ପିତା ପୁତ୍ର ଜନ୍ମ ଖୋଜ କରେ ।

ଏତେ ଭଲ ପାଓ ପତ୍ନୀ କୁ ତୁମର
କୁହ ପରା ତାଙ୍କେ ଅର୍ଦ୍ଧାଙ୍ଗିନୀ,
ସିଏ ବି ତା ନାରୀ ସୃଷ୍ଟି ସର୍ଜାକାରୀ
ମୋତେ କାଇଁ କର ଅଭାଗିନୀ ?

ହେ ପିତା ମୋହର ଘେନ ନମସ୍କାର
ବୁଝ ମୋର ଟିକେ ମନ କଥା,
ମଲା ପରେ ସୁଖ ନିଆଁରେ କି ଥାଏ
ଜିଇଁ ଥିଲାବେଳେ ଲଘେ ବ୍ୟଥା ।

ତୁମ ପାଶେ ମୋର ଏତିକି ବିନତୀ
ବୁଝିବ ରଖିବ ମୋର କଥା,
ଜନମ ଦେଇଣ ଜୀବନ ଦେବ ହେ
ନାରୀ ଜନ୍ମ ନୁହେଁ କେବେ ବ୍ୟଥା ।

କନ୍ୟାଭ୍ରୁଣ ପୁଣି ମୁହଁ ବୁଲେଇଲା
ଚାହିଁଲା ମାଆ ର ମୁଖ,
କାନ୍ଦ କାନ୍ଦ ଆଖି ଲୋତକ ଭରିଛି
ହଜି ଯାଇଅଛି ତାର ସୁଖ ।
ଜନନୀ ଗୋ ତୁମେ ରକ୍ଷାକର ମୋତେ
ତୁମରି ଔରସୁ ହେବି ଜାତ,

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାରୀଟିଏ ହୋଇ କାହିଁକି ରୋକୁନ

କାହିଁକି କରୁଛ ମଥାନତ ?

ଭାବ ଥରେ ତୁମ ପିତା କଥା ମାତେ

ଭାବ ଥରେ ତୁମ ମାତା କଥା,

ସେମାନେ ଯଦି ହତ୍ୟା କରିଥାନ୍ତେ

ଶୁଣି ନ ଥାଆନ୍ତ ମୋର ଗାଥା ।

ଶୁଣ ଗୋ ମା,ହେଜ ମୋ ଗୁହାରୀ

ରକ୍ଷାକର ତୁମେ ରକ୍ଷାକର,

ତୁମ କୋଳେ ମତେ ବଢ଼ିବାକୁ ଦିଅ

ତିମିର ରୁ ଟିକେ ପାରିକର ।

ଆଲୋକ ଦେଖିବି ସଂସାରେ ବଞ୍ଚିବି

ବଢିବି ହୋଇଣ ତୁମ କଢ଼ି,

ସଂସାର ଜୀବନ ଟିକେ ମୁଁ ବୁଝିବି

ବଞ୍ଚାଅ ମୁଁ ଦିନେ ଯିବି ଲଢି ।

ଜୟନଗର,ରାଜକନିକା,କେନ୍ଦ୍ରାପଡ଼ା

ମୋ - ୯୦୯୦୦୪୦୯୪୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜେଜେ ବାପା



ପୂର୍ଣ୍ଣିମା ଲେଙ୍କା

ଯିବା ସମୟରେ ଜ୍ଞାନବାଣୀ ସୁରେ
ପାକୁଆ ପାଟିରେ
ଥାଙ୍ଗଇ ଥାଙ୍ଗଇ ମୁହଁକୁ ବଙ୍କେଇ
କହି ଯାଇଥିଲୋ କିଛି କଥା

ସିଧା ଗଛ ସବୁ ଆଗୋ ସଫା ହୁଏ
ଭଲଲୋକ ସବୁ ଆଗୋ ବିଦାହୁଏ
ବିଶ୍ୱାସ ନାଁରେ ବିଷ ମିଳିଥାଏ
ଭଗାରୀ ରୂପରେ ଭାଇ ସାଥେ ଥାଏ

ଛଳ କପଟିଆଙ୍କ ଏଠି ବିଜୟ ହୁଏ
ସରଳ ନିଷ୍ପାପ ବଳି ପଡ଼ିଯାଏ
ସାଧା ସିଧା ଜୀବନ ଏଠି ଜଟିଳ ହୁଏ
ନିଜ ଲୋକ ଯେବେ ପ୍ରତାରଣା ଦିଏ ।

ଦାରୋ ଛିଣ୍ଡା କଥା ତମ ସ୍ପଷ୍ଟ ଶୁଭିଯାଏ
ବାସ୍ତବ ଜୀବନେ ଯେବେ ତମ କଥା
ଗୋଟି ଗୋଟି କରି ପ୍ରତି ଫଳିତ ହୁଏ
ଜୀବନର ମାନେ ସବୁ ବୁଝା ପଡ଼ିଯାଏ ।

କନିଷ୍ଠ ଗବେଷକ
ହ୍ୟୁମାନିଟି ଏବଂ ସାମାଜିକ ବିଜ୍ଞାନ ବିଭାଗ
ଆଇଆଇଟି ( ଆଇଏସ୍‌ଏମ୍), ଧାନବାଦ
ଝାଡ଼ଖଣ୍ଡ, ୮୨୬୦୦୪
ଭ୍ରାମ୍ୟଭାଷ : ୭୦୦୮୭୦୭୮୪୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପରାଜିତା



ଗୌରୀ ପଣ୍ଡା

ବଞ୍ଚିବା ପାଇଁକି ତୁମେ ବଞ୍ଚିବା ଶିଖ
ଜୀବନରେ ଅଛି ଆହୁରି ଅନେକ ଦୁଃଖ
ଅଜିତ, ଅମର ଆମ ଜୀବନ ଅଧିପ
ଅନାଦର କରି ନାହିଁ ବାଛ ଅଭିରୂପ ।
ପୋଡିଦିଅ ନାହିଁଆମଜୀବନ ଅନଳେ
ପାଇଅଛୁକରି ପୂଣ୍ୟ ବିଞ୍ଚିଯାଅ ସରଳେ
ଜୀବନଟା ଖାଲି ନୁହେଁ ଭରିଛି ଅତର
ମହମହ ମହକିବ ଆମରି ଅଜର ।
ଅନାବିଳ ଅବିରର ବାସନାରେ ଆଜି
ମନ ମୋର ଅବସନ୍ନ ଅଭିସାରୀକା ସାଜି
ପୂରିଅଛି ଅଭିଳାଷ ଆହୁରି ଅନେକ
ପାଇବି ମୁଁ ଅବିକଳ ପ୍ରଶାନ୍ତ ଅନୀକ ।

ଅଙ୍କୁରିତ ଅଙ୍କୁର ମୋ ମନ ଉପବନ
ଅବିରତ ଅବିରାମ ଅବାରିତ ଅନୁଦାନ
କିଏ ଯେସେହି ଅମିତ ଆରାଧ୍ୟ ଅମର ?
ତାଙ୍କରି ଚରଣ ତଳେ ମୋ ମନ ଅଚର
ଅଭିରାମ ଅଭିରୁଚି ଅର୍ପିତ ଅମାପ ଆଗମନେ
ଆବେଗ ସୁବାସିତ ଗୋଲାପ ଆମନ୍ତ୍ରଣେ
ତୁମରି ମୁଁ ହୋଇଯାଏ ଆତୁର
ରହେ ନାହିଁ ଆୟତ୍ତରେ ମୋ ମନ ଚତୁର
ଛୁଇଁଯାଅ ତନମନ ତୁଟିଯାଉ ଅନୀଶା
ତୁମରି ପରଶ ପାଇ ମେଣ୍ଟି ଯାଉ ପିପାସା
ଆଜୀବନ କରିଦେଲି ତୁମକୁ ଅର୍ପଣ
ଅଧର ଆରତି ତୁମେ କର ମୋ ଗ୍ରହଣ

ଜୟପୁର, କୋରାପୁଟ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଋଣଗ୍ରସ୍ତ ଜୀବନ



ପବିତ୍ର ଦାସ

ଜୀବନ ସବୁବେଳେ ଏମିତି
କେତେବେଳେ କେଉଁଠି ସେ
ଆଶ୍ରା ଖୋଜେ;କେବଳ ତାକୁ ହିଁ ଜଣା ।।
ସାରା ଦିନ ଭାବନାରେ ନାହିଁ
କେବେ ବି ବିରାମ !

ତଥାପି ମନଟା ବଡ ଅଲାଜୁକ
ଖୋଜିବୁଲେ ପ୍ରଜାପତି ପରି
ଏ ଫୁଲରୁ ସେ ଫୁଲକୁ
ମହୁ ଅନ୍ୱେଷଣରେ ।।

ବୁଝିବାକୁ ଯାଇ ବିଫଳ ହୁଏ
ଖୋଜିବାକୁ ଯାଇ ନିଖୋଜ ହୁଏ
ଶୋଷ ବଢି ବଢି ଯାଏ ମୋର
ତୁମ ସନ୍ଧାନରେ ରୀତିମତ ।।

ତମେ କିନ୍ତୁ ସ୍ଥିର ଏକଦମ୍
ଗଛଟି ପରି,ନିଜ ସ୍ଥାନରେ ଅବିଚଳ ।

ନା କେବେ ଖେଦ ଅଛି,
ନା କାହାର ଚିନ୍ତା !
ନିଜ ହିସାବରେ ଜୀଇଁ ଚାଲିଛ
ନିଜର ସବୁତକ ଜୀବନ;
ଆଉ ମୁଁ ଯାହା ଭୋଗିଚାଲିଛି
ଋଣଗ୍ରସ୍ତ ଅଭିଶପ୍ତ ସମଗ୍ର ଜୀବନ ।।

ଗବେଷକ, ରେଭେନ୍ସା ବିଶ୍ୱବିଦ୍ୟାଳୟ,କଟକ,
ମୋ-୭୦୦୮୪୮୯୭୫୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ ପରୀକ୍ଷା



ଦେବବ୍ରତ ବାରିକ

ଜୀବନ ସହିତ ସଂଘର୍ଷ କରୁଛି
ପ୍ରଭୁ ଏବେ ସୁଦ୍ଧା ନିଅ ପରୀକ୍ଷା
ଜାଣିନି ଜୀବନ ଆଉ କେତେ ଦିନ
ମତେ ମରଣ କରିଛି ଅପେକ୍ଷା... ।।

ଅଧା ବାଟେ ମୋ ସଂସାରର କୁ ଛାଡି
ଯଦି ନେଇଯାଅ ମତେ
ଦୁଃଖ କରିବିନି ଜୀବନରେ କେବେ
ଅବଶୋଶ ରହିବ ଅଧେ... ।।

ନୁହ ମୁଁ ଅଭିନ୍ନ, ଅଙ୍ଗ ଅଚଳ
ଚିହ୍ନ ସ୍ୱରୂପ ଅଖା ଜୀବନ
ରକ୍ଷା କର ବୋଲି କହିବିନି କେବେ
ଆସି ନେଇ ଯାଉ ଜମ ମୋ ପ୍ରାଣ.. ।।

ହାତ ନାହିଁ ତୋର ହେ କଳା ଠାକୁର
ହେଲେ ଚଳାଉଛୁ ସାରା ସଂସାର
ମୋ ପାଇଁ କାଇଁ ଏତେ ନିଷ୍ଠୁର
କରୁ ମତେ ବଡ଼ ହତାଦାର.. ।।

ଷାଠିଏ ପଉଟି ଖାଉଚୁ ବସି ତୁ
ତୋ ସେ ଶ୍ରୀ ମନ୍ଦିରେ
ମୁଁ ଖାଇଲେ ପଖାଳ ରେ ଲୁଣ
ସେତକ ଛଡ଼େଇ ନେଉରେ.. ।।

ମନର ଦୁଃଖକୁ ପ୍ରକାଶ କରେନା
ଦେଖେନା ପଛ କୁ ଚାହିଁ
ପ୍ରାର୍ଥନା କରୁଛି ତୁମକୁ ମାଧବ
କଷ୍ଟ ଆଉ ଦିଅ ନାହିଁ.... ।।

ଆନନ୍ଦପୁର, କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମାଆ



ପ୍ରେମଲତା ଦେବୀ

ମାଆ ଇଶ୍ୱରଙ୍କଠୁ ବଡ଼
କାରଣ ଇଶ୍ୱର ମାଆଙ୍କୁ ସୃଜନ୍ତିନି
ମାଆ ସୃଜେ ଇଶ୍ୱର.
ମାଆ ଇଶ୍ୱରଙ୍କଠୁ ମହାନ
କାରଣ ମାଆ ଇଶ୍ୱରଙ୍କୁ ଚିହ୍ନାଏ,
ଶିଖାଏ ଇଶ୍ୱରୀୟ ଗୁଣ !
ମାଆ ଇଶ୍ୱରଙ୍କଠୁ ଗୁଣବାନ
ଅଯୋନିଜ ଭଗବାନ,
ମାଆର ମମତା ଶୂନ୍ୟ
ଅବତାର ନେଇ ଆସନ୍ତି ସେ
ମାଆ ସ୍ନେହ ପାଇଁ
ଏ ମର୍ତ୍ତ୍ୟ ଭୁବନ !
ଦୁଃଖ ସମୟର ଡାକ
ଦୁଇଟି ନାଆ
ଦ୍ୱିତୀୟଟି ଇଶ୍ୱର
ପ୍ରଥମଟି ମାଆ !

ଗାନ୍ଧୀପେଟା, ବାରୁବା, ଶ୍ରୀକାକୁଲମ ଜିଲ୍ଲା, ଆନ୍ଧ୍ର ପ୍ରଦେଶ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶବ୍ଦଟିଏ



ଦଣ୍ଡାସୀ ପ୍ରଧାନ

ଓଠରେ ମଧୁଝରା ଶବ୍ଦ ଟିଏ

କେତେ ସୁଖ ଯେ ବୁଣିଦିଏ-

ଭରିଦିଏ ସ୍ୱତଃସ୍ଫୁର୍ତ୍ତ ଖୁସି

ଲଙ୍ଘିବାକୁ ଉତ୍ତୁଙ୍ଗ ଲହଡ଼ି-

ଛୁଇଁବାକୁ ଦିଗବଳୟ

କୋମଳ ଶବ୍ଦଟିଏ ଆନନ୍ଦ ଆଳୟ-

ସରଜି ରଚିଚାଲେ ସୁନ୍ଦର ବଳୟ ।୧ ।

ଫୁଲବାସ ଭରା ଶବ୍ଦଟିଏ

ମହକାଏ ଶୂନ୍ୟ ଆକାଶକୁ

ମୁକୁଳା ମେଘକୁ

ବତାବର୍ତ୍ତରୁ ବୋହି ଆଣେ ବତାସ-

ସୁଗନ୍ଧିତ ବାସନ୍ତି ହାଲକା ମଳୟ

ଚପଳାରୁ ଚମକ-

ଅସ୍ତରଙ୍ଗ ବାରୁଣି ହସେ

ଝଲସି ଉଠେ ନବୀନ ଆଶା ଘେନି

ସାଥୀ ଆଉ ପ୍ରୀତିର ।୨ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସେନହ ପ୍ରେମାପ୍ଲୁତ ଶବ୍ଦଟିଏ

ଖୋଲିଦିଏ ବନ୍ଧୁତାର ରୁଦ୍ଧଦ୍ୱାର

ଘୂରିଯାଏ ସଚରାଚର ବିଶ୍ୱ

ଚାନ୍ଦ ନଇଁ ନଇଁ ଆସେ ଶିଳ୍ପୀର ତୁଳିକୁ

କଣ୍ଢେଇ କଥା କହିବାକୁ

ଅଝଟିଆ ଶୈଶବ, ଉଚ୍ଛୃଙ୍ଖଳ ଯୌବନ

ବାର୍ଦ୍ଧକ୍ୟର ବିରକ୍ତତା

କବିତାରେ ଭରେ ଭାବ ତନ୍ମୟତା..... !

ସବୁ ଯେ ଶବ୍ଦରେ ତଲ୍ଲିନ ବୈଭବ ବିଚିତ୍ରା ।୩ ।

ପ୍ରାଣ ପୂର୍ଣ୍ଣମୟ ଶବ୍ଦଟିଏ

ସମୁଦ୍ର ସମୁଦ୍ରକୁ ଯୋଡ଼ିଦିଏ

ନାଚି ଉଠେ ସୁନୀଳ ବିଚିମାଳା

ମେଘ ଗୀତ ଗାଏ ତ

ଜନାକୀର୍ଣ୍ଣ ସାହାରା ମରୁବାଲି

ହସିଫୁଲି ଖେଳେ ମାଟି ଗନ୍ଧ ବୋଳି

ବଦଳାଇ ଦିଏ ରଙ୍ଗ ସବୁଜ ସୁନେଲି

ପିରାମିଡ ଭାଙ୍ଗିଯାଏ

ଚେଇଁଉଠେ ମୁଦିତ ମୂର୍ଚ୍ଛାର

ଘୁଞ୍ଚିଯାଏ ବହଳ ଅନ୍ଧାର ।୪ ।

Magazine Downloaded from www.aahwaan.com

ଆଶା ଓ ବିଶ୍ୱାସର ଶବ୍ଦଟିଏ;

ଆଣିଦିଏ ନବ ଜାଗରଣ

ଦୋହଲାଇଦିଏ ରତ୍ନାକର

ମାଟି ଛୁଏଁ ସୁନୀଳ ଅମ୍ବର

ଫାଟି ପଡେ ସିନ୍ଦୁରା ପ୍ରାଚୀ ଦେହ-

ମୀର୍ଜାର ଶଙ୍ଖ-ଶୁଭ୍ର ତାଜ

ଆପେ ଗଢ଼ି ତୋଳି ହୁଏ-

ଜୀବନ ମରି ବି ଜୀଇଁ ବଞ୍ଚିଯାଏ

କଳ୍ପନାତୀତ ଅତୁଳତୁଳ ସାଙ୍କେତିକ ନିଶାଣ ଏ;

ଖାଲି ଶବ୍ଦ ନୁହେଁ ତ ସବୁଜ ଶବ୍ଦଭେଦ ଉତ୍ସ 'ଶବ୍ଦଟିଏ ' ।୫ ।

ସଂପାଦକ ସାହିତ୍ୟ

ଉପାନ୍ତ ସାହିତ୍ୟ ସାଂସ୍କୃତିକ ସେବା ସଂସଦ, ପାତ୍ରପୁର, ଗଞ୍ଜାମ, ଓଡ଼ିଶା

ବେଙ୍ଗାଲୁରୁ, ଭ୍ରାମ୍ୟଭାଷ : ୮୭୬୦୧୯୪୯୬୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଉପହାର



ସନାତନ ସରକାର

ମୋତେ ଛାଡ଼ି ଯଦି ଆଉ କାହା ସାଥେ
ଯିବା ପାଇଁ ଇଚ୍ଛା ଥିଲା
କରୁଥିଲୁ କାହିଁ ମିଛ ଅଭିନୟ
ଦାଣ୍ଡରେ ଖୁଲମ ଖୁଲା
କହିଥାନ୍ତୁ ଯଦି ମୋତେ ଏକାନ୍ତରେ
କାହାକୁ ପାଉଛୁ ଭଲ
ତୋ ବାଟରୁ ହଟି ତୋ ପାଇଁ ଶେଯରେ
ବିଛେଇ ଥାଆନ୍ତି ଫୁଲ
ହଜାରେ ପ୍ରେମିକ ଭୁଲି ଭୋକ ଶୋଷ
ଦେଇଥାନ୍ତେ ଯେତେ ଖୁସି
ତାହାଠୁ ଅଧିକ ମୁଁ ଦେଇ ଥାଆନ୍ତି
ହାତ ପାହାନ୍ତାରେ ହସି
ମାଗି ମୁଁ ନଥିଲି ତୋତେ ଗୋଟେ ରାତି
ପାଖରେ ପାଇବା ପାଇଁ
ଆଜି ପଚାରିଲେ କି ଉତ୍ତର ଦେବି
କିଏ ସେଥିପାଇଁ ଦାୟୀ

ଆଉ କା କଥାରେ ଛଳନା କରି ତୁ
ହୋଇଗଲୁ ସ୍ୱାର୍ଥପର
ସମ୍ପର୍କ ସାଜିଲା ଶସ୍ତାର ସହରେ
ରାସ୍ତା କଡ଼ ଭଙ୍ଗା ଘର
ଯେଉଁ ବଦନାମ ଦେଇଗଲୁ ମୋତେ
ଭଗାରୀ ମାନଙ୍କୁ ଡାକି
କେମିତି ଚାଲିବି ଛାତିକୁ ଫୁଲେଇ
ଗାଆଁରେ ମୁଣ୍ଡକୁ ଟେକି
ଉପହାର ତୋର ମନେ ରହିବ ଲୋ
ଏ ଜୀବନ ଥିବା ଯାଏ
ପଚାରିଲେ କେହି ପରିଚୟ ଦବୁ
ବନ୍ଧୁ ବୋଲି ମୋର ସିଏ

ବେତଡ଼ା, ଭଦ୍ରକ
୯୭୭୭୪୧୯୭୨୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହତାଶିଆ ପ୍ରେମିକ



ବିନୟ ମିଶ୍ର

ବିବାହର ନିମନ୍ତ୍ରଣ ଦେଇଗଲା
ତୁମରି ପଡ଼ିଶା ବାବୁ,
ଆଖି ସେଇଦିନୁ ଲାଲ ପଡ଼ିଅଛି
ତୁମେ ଭୁଲିଗଲ ସବୁ ।
ଲାଲ ଦିଶୁଥିଲା ମୟୁରକଂଠିଆ
ଶାଢ଼ୀଟା ଓଢଣୀ ସାଥେ,
ମଥାର ସିନ୍ଦୁର,ପାଦର ଅଳତା
ଶଙ୍ଖା, ଓଠ ସବୁ ଯେତେ,
ନାଲି ବୋତଲରୁ ସରିଗଲା ସବୁ
ତୁମେ ଦିଶୁ ଥିଲ ନାଲି,

ନାଳରେ ନ ପଡି ତୁମ ବେଦୀ ପାଖୁ
ଯାଇଥିଲି କହ ଚାଲି,
ତୁମକୁ ନ ପାରି ଭୁଲି,
ମୁହଁରେ ରୁମାଲ ଦେଲି,
ତୁମ ବର ଯଦି ଦେଖି ଦେଇଥାନ୍ତା
ଗାଲ ଯାଇଥାନ୍ତା ଫୁଲି,
ରାତିଟାରେ ସେଥିପାଇଁ
କଳା ଚଷମା ବି ପିନ୍ଧି ଥିଲି ।

ନିଆଳ, ଖୋର୍ଦ୍ଧା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରଭୁ ଲକ୍ଷ୍ମୀପତି



ରାମପ୍ରସାଦ ସିଂହ

ପ୍ରଭୁ ହେ ତୁମରି । ଦୟାରେ ରହଣି
ଏଇ ଜୀବନ ଆମରି,
ଶେଷ ନିଃଶ୍ୱାସରେ । ଲୋଭ ଥାଏ ଟିକେ
ଶୁଣନ୍ତି ସତେ ଶ୍ରୀହରି ।।

କ୍ଷୀର ସାଗରେ ହେ । ଲକ୍ଷ୍ମୀ ନାରାୟଣ
କମଳା ନାଥ ମୁରାରୀ,
ଆତ୍ମାର ମାଲିକ । ସାଜିଛ ଠାକୁରେ
ତୁମେ ଦୟା ଅବତାରୀ ।।

ଗୋବିନ୍ଦ ଗୋପାଳ ତୁମେ ସର୍ବେଶ୍ୱର
ରୁହନ୍ତି ସଭିଙ୍କ ବାସେ,
ମାନବ କଲ୍ୟାଣ । କରାଏ ଆତୁର
ସର୍ବତ୍ର ଅମୃତ ରସେ ।।

ସୁକରପଡ଼ା, କଟକ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଚାଷୀଭାଇ



ଶୁଭବ୍ରତ ମହାପାତ୍ର

ଦିନରାତି ପରିଶ୍ରମ କରି ସିଏ କ୍ଷେତେ
ଆମ ପାଇଁ ଯୋଗାଡ଼ଇ ଅନ୍ନଦାନା ମୁଠେ
ଖରା ବର୍ଷା ଶୀତକୁ ନ କରି ଖାତିରି
ବିଲବାଡ଼ି କାମେ ଲାଗେ ଚାଷୀଭାଇ ଆମରି
ମୁଣ୍ଡଝାଳ ତୁଣ୍ଡେ ମାରି ଶ୍ରମ ଦେଇ ସିଏ
କ୍ଷେତସାରା ଫୁଲଫଳ ମଧ୍ୟେ ଭରିଦିଏ
ଦେଶ ଓ ଜାତିର ସିଏ ଅଟେ ମେରୁଦଣ୍ଡ
ତା ମଧ୍ୟେ ନିହିତ ଅଛି ଶକତି ପ୍ରଚଣ୍ଡ
ସଂସାର ଭିତରେ ରହିଅଛି ଯେତେ କାମ
ଚାଷକାର୍ଯ୍ୟ ତା ମଧ୍ୟରେ ଅଟେ ସର୍ବୋତ୍ତମ
ଏହି କଥା କହିବାର ଅଛି ଯେ ତାତ୍ପର୍ଯ୍ୟ
ଅଙ୍ଗ ରକ୍ତ ପାଣି କରି ହୁଏ ଏହି କାର୍ଯ୍ୟ
ଚାଷୀଭାଇ ସହିଯାଏ କେତେ ଯେ ଯାତନା
ପୂର୍ଣ୍ଣହେଉ କୃଷକଙ୍କ ପ୍ରତି ମନୋସ୍କାମନା
ଏ ସମାଜ ତିଷ୍ଠିରହେ ଚଷାପୁଅ ପାଇଁ
ତା'ର ତ୍ୟାଗ ବଳିଦାନ ଭୁଲିଯିବା ନାହିଁ

ଭୁବନେଶ୍ୱର
୯୦୯୦୩୫୨୦୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆଉ ମୁଁ ଚାହେଁନା



ଚିତ୍ତରଞ୍ଜନ ପଧାନ

ସାଥି ମିଳିଗଲେ ସୁଖ ପାଇଗଲେ
ଆଉ କି ପଡ଼ିବି ମନେ,
ବାଟ ବାଛିନେଲୁ ପର କରିଦେଲୁ
ଆସିବିନି ତୋ ଜୀବନେ ।

ଆଖିର ଲୁହରେ ଭାଗ୍ୟ ମୋ ଲେଖାରେ
ସୁଖ ଟିକେ ଆଶାକଲି,
ସୁଖର ଖବର ଏଠି ସାତପର
ବୃଥାରେ ପ୍ରୟାସ କଲି ।

ତୋର ସେଇ ସ୍ମୃତି ହେବ ଚିର ସାଥି
ଦେଖାହେବ ନାହିଁ କେବେ,
ମୁହଁ ମୋଡିଦେବୁ ଅଚିହ୍ନା କହିବୁ
ମତେ ତୁ ଦେଖିଲେ ଯେବେ ।

ସପନ ଭାବିବୁ ଲୁଚେଇ ରଖିବୁ
ଚିହ୍ନିଥିଲୁ ବୋଲି ମତେ,
ଆଉ ମୁଁ ଚାହେଁନା ଭାବିବୁ ଖେଳଣା
ଗୁହାରୀ କରୁଛି ଏତେ ।

ଡୁଙ୍ଗୁରିପାଲି ,ଜମଲା, ପଦ୍ମପୁର, ବରଗଡ଼
ମୋ:୮୦୧୮୨୦୪୫୭୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଦାୟ ଉଣେଇଶି



କସ୍ତୁରୀ ଚରଣ ରାଉତ

ଯାତନାର ବୀଜ ବୁଣିଦେଇ
ଉଣେଇଶି ଚାଲିଗଲ
ମାଗିଥିଲି କିଛି ହସ
ଦୁଃଖଭାର ମୁଣ୍ଡେ ଲଦି ଦେଲ
ବଞ୍ଚିବାର ଆଶାତକ
କହ କିଆଁ ଛଡାଇଣ ନେଲ... ?

ଦେଖିଥିଲି କେତେ ସ୍ୱପ୍ନ
ମନବନେ ଯନ୍ତ୍ରଣାର ସୁର ଖଞ୍ଜିଦେଇ
ବିଚ୍ଛେଦର ପାଚେରୀ ଗଢିଲ
ବସନ୍ତ ନଦେଲ ନାହିଁ
ବିରହର ପୁରୁଣାର ନିଆଁରେ
କହ କିଆଁ ବଇଶାଖୀ ଝଡ ବୁହାଇଲ.. ?

ଶିକ୍ଷକ, ସତ୍ୟବାଦୀ ହାଇସ୍କୁଲ୍, ଧଣ୍ଡାମାଳ
ଦେଓଗାଁ, ବଲାଙ୍ଗିର । ମୋ: ୮୯୧୭୩୯୭୩୪୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୁର୍ବଳା ନୁହେଁ ମୁଁ



ଅଜୟ କୁମାର
ବେହେରା

ନୁହେଁ ମୁଁ କଣ୍ଢେଇ
ତୁମ ଇଶାରାରେ ନାଚିବି
ନୁହେଁ ମୁଁ ଆଇନା
ତୁମ କଥା ମାନି ଚଳିବି ।୧ ।

ନୁହେଁ ମୁଁ ଇତିଶ୍ରୀ
ଫୁଟିବା ଆଗରୁ ଝଡିବି
ନୁହେଁ ମୁଁ ବେବିନା
ମରିବା ପୂର୍ବରୁ ମରିବି ।୨ ।

ନୁହେଁ ମୁଁ ଶ୍ରାବଣ
ଆଖି ଲୁହ ହୋଇ ଝରିବି
ନୁହେଁ ମୁଁ ରେବତୀ
ସବୁ ଦୁଃଖ ସହି ବଞ୍ଚିବି ।୩ ।

ପାଇଛି ସଂସ୍କାର
ଗଢିବି ଜୀବନ ମୋହର
ଦୁର୍ବଳା ନୁହେଁ ମୁଁ
କନ୍ୟା ରତ୍ନ ଏ ସଂସାରର ।୪ ।

ନିଜ ଗୋଡେ ନିଜେ
ଉଠି ପଡ଼ି ଚାଲି ଶିଖିଛି
ପ୍ରତି କୂଳେ ପୁଣି
ବଞ୍ଚିବାର ମାନେ ଜାଣିଛି ।୫ ।

ଅନ୍ଧାରକୁ ଭୟ
ତିଳେ ହେଲେ ନାହିଁ ମୋହର
ସ୍ୱ ସୁରକ୍ଷା ବଳେ
ଅସାଧ୍ୟ ବି ହେବ ନିଜର ।୬ ।

ମୋରଡ଼ା,ମୟୂରଭଞ୍ଜ ।
ମୋ : ୯୭୭୬୦୨୫୪୫୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସବୁକିଛି ସ୍ୱପ୍ନପରି



ନରେନ୍ଦ୍ର ପ୍ରସାଦ ବେହେରା

ଦେବର୍ଷି ନାରଦ   ପଚାରିଲେ ଦିନେ
ପ୍ରଭୁଙ୍କ ମୁଖକୁ ଚାହିଁ
ଆପଣଙ୍କ ମାୟା   କାଠିକର ପାଠ
ବୁଝି ମୁଁ ପାରିଲି ନାହିଁ   ।

ନାରଦଙ୍କ ପ୍ରଶ୍ନ   ଶୁଣିଣ ଶ୍ରୀକୃଷ୍ଣ
ହସି ହସି ଯେ କହିଲେ
ଆଜନ୍ମରୁ ତୁମେ   ହେଲ ବ୍ରହ୍ମଚାରୀ
ତୁମକୁ କେହି ଜାଣିଲେ   ।

ଏ ମାୟା ଭିତରେ   ପ୍ରବେଶ ପାଇଁକି
ଆଗ୍ରହ କାହିଁକି ହେଲା
ଧୈର୍ଯ୍ୟ ଧର ଦିନେ   ଆପେ ଜାଣିଯିବ
ବୀଣା ବଜାଇବା  ବାଲା ।  ।

ନାରଦଙ୍କୁ ସଙ୍ଗେ   ଘେନିଣ ଶ୍ରୀକୃଷ୍ଣ
ବାହାରେ ବୁଲିଣ ଗଲେ
ବୁଲୁବୁଲୁ ଯାଇ   ନିଛାଟିଆ ସ୍ଥାନେ
ଖରାବେଳେ ପହଞ୍ଚିଲେ   ।

ମୁଣ୍ଡଫଟା ଖରା      ସହି ନ ପାରିଣ
ପ୍ରଭୁ  ! ଗଛତଳେ ଗଲେ ବସି
ନାରଦଙ୍କୁ ଚାହିଁ   ଶ୍ରୀକୃଷ୍ଣ କହିଲେ
ମୋର, ଶୋଷ ବଢିଗଲା ଆସି   ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଖୋଜି ଆଣ ଯାଇ   ପିଇବା ପାଣି ମୁଁ
ବସିଛି ଏଠି କହିଲେ
ଦେବର୍ଷି ନାରଦ   କମଣ୍ଡଳୁ ଧରି
ପିଇବା ପାଣି ଖୋଜିଲେ ।

କିଛି ଦୂର ଚାହିଁ   ନିରେଖି ଦେଖିଲେ
ଘରଟିଏ ଦିଶୁଅଛି
ସେ ସ୍ଥାନକୁ ଯାଇ   ପହଞ୍ଚି ଦେଖିଲେ
କବାଟ ସବୁ ପଡିଛି ।

ପାଣି ମୁନ୍ଦେ ପାଇଁ   କବାଟ ବାଡେଇ
ଉଚ୍ଚ ସ୍ୱରେ ଡାକ ଦେଲେ
ସୁନ୍ଦରୀ ଯୁବତୀ   ବେଗେ ବେଗେ ଆସି
କବାଟ ଧିରେ ଖୋଲିଲେ ।

ଏକମାତ୍ର କନ୍ୟା   ପିତାମାତାଙ୍କର
ସୁନ୍ଦରୀ ଯୁବତୀ ଥିଲା
ଦେଖି ଦେଲା କ୍ଷଣି   ନାରଦଙ୍କ ମନ
ସେଇଟି ଅଟକି ଗଲା ।

କନ୍ୟା ପାଇଁ ବର   ମିଳିଗଲା ଆଜି
ମନରେ ଭାବିଲେ ପିତା
ଘର ଭିତରକୁ   କୋଳକରି ନେଇ
କହିଲେ ହେବେ ଜାମାତା ।

ବିଭାଘର ହେଲା   କନ୍ୟା ସଙ୍ଗେ ତା'ର
ରହିଲା ଘର ଜୋଇଁଆ
ଧନ ସମ୍ପଦକୁ   ଭୋଗ କରିବାକୁ
ତୁ ହେବୁ ଘର କୁଣିଆ ।

ଭୋଗ ବିଳାସରେ   ରହିଲା ସେଠାରେ
କିଛି ନ ପାରିଲା ଜାଣି
ପାଣି ପିଇବାକୁ   ପ୍ରଭୁ ବସିଛନ୍ତି
ସେକଥା ଭୁଲି ଗଲାଣି ।

ତିନୋଟି ପୁତ୍ରର   ଜନକ ହୋଇ ସେ
ଆନନ୍ଦରେ କାଟେ ଦିନ
ସୁଖ ସଂଭୋଗର   କାଳାତିପାତରେ
ନାଚୁଥାଏ ରାତିଦିନ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସୁଖ ପରେ ଦୁଃଖ  ଦୁଃଖ ପରେ ସୁଖ
ଅନିବାର୍ଯ୍ୟ ଏ ସମାଜେ
ମଣିଷ ଜୀବନେ   ସବୁଦିନ ପାଇଁ
ରହିନାହିଁ  କେବେ ତେଜେ  ।

ବର୍ଷା ଋତୁ ହେଲା  ମେଘ ବରଷିଲା
ପ୍ରବଳ ବନ୍ୟା ଆସିଲା
ଗୋରୁଗାଈ ପୁଣି   ଘରଦ୍ୱାର ସବୁ
ଭାସିବା ଆରମ୍ଭ କଲା   ।

ନାରଦଙ୍କ ଘରେ   ପାଣି ଯେ ପଶିଲା
ମନରେ ଘାରିଲା ଚିନ୍ତା
ପିଲା ଛୁଆ ଘର   ରକ୍ଷା କରିବାକୁ
ବଢିଲା ତା'ଙ୍କ ଦୁଶ୍ଚିନ୍ତା   ।

ଏକାଳେ ଭାବିଲେ  ପିଲା ଛୁଆ ଧରି
ନିରାପଦ ସ୍ଥାନେ ଯିବି
ସଂସାର ମୋହର  ରକ୍ଷା ପାଇଯିବ
ଆନନ୍ଦରେ ନାଚୁ ଥିବି   ।

ଚାହୁଁ ଚାହୁଁ ପୁତ୍ର  ଭାସିଗଲେ ଜଳେ
ପାରିଲେନି ରକ୍ଷା କରି
ପତ୍ନୀଙ୍କୁ ଜାବୁଡି   ଧରିଣ କହିଲେ
ଚାଲଯିବା ହୋଇ ପାରି   ।

ପତ୍ନୀଙ୍କ ସହିତ   ପିଲା ଛୁଆ ଭାସି
ହୋଇଣ ଗଲେ ଅଦୃଶ୍ୟ
କର୍ମକୁ ନିନ୍ଦନ୍ତି  ଦୁଃଖରେ ବସିକି
ଦେଖିଲି ଆଜିକି ଦୃଶ୍ୟ  ! !

ମନର ଯନ୍ତ୍ରଣା   ବଢିଯାଇ ଥାଏ
ଲୋତକ ଧାର ବୁହାଇ
ମୁମୂର୍ଷୁ ଭାବରେ   ପଡି ରହିଥାଏ
ପରିବାରକୁ ହରାଇ   ।

ଏ ସମୟେ କାନେ   ବାଜିଲା ପ୍ରଭୁଙ୍କ
ସୁମଧୁର କଣ୍ଠସ୍ୱର
ପାଣି ପିଇବାକୁ      ହୁଏ ମୁଁ ଅସ୍ଥିର
ନାରଦ ! କାହିଁକି କରିଲୁ ପର   ।

 Magazine Downloaded from www.aahwaan.com

ଶ୍ରୀକୃଷ୍ଣଙ୍କ ସ୍ୱର  ଶୁଣିଣ ନାରଦ
ଚମକି ଉଠିବସିଲେ
ବନ୍ୟା ଦୃଶ୍ୟ ଆଉ   ନଥିଲା ଆଗରେ
କୁଆଡେ ଗଲା ଭାବିଲେ   ।

ଚିତ୍କାର କରିଣ   ଉଠିଲେ  ନାରଦ
ଆଜି ମୁଁ କଅଣ କଲି
ଏତେଦିନ ଯାଏ   ସ୍ୱପ୍ନ ଦେଖୁଥିଲି
ସତ୍ୟକୁ ଯାଇଣ ଭୁଲି   ।

ଅପୂର୍ବ ଏ ମାୟା   ପ୍ରଭୁ  ଆପଣଙ୍କ
ଜାଣିବାକୁ ବାକି ଥିଲା
ମାୟାର ଦେବତା   ମାୟାଧର ତୁମେ
ମୋର  ! ହୃଦୟେ ଚେତା ପଶିଲା   ।

ନାରଦଙ୍କ କଥା   ଶୁଣିଣ ଶ୍ରୀକୃଷ୍ଣ
ମୁରୁକି ହସି କହିଲେ
ମାୟାର ସ୍ୱରୂପ   ଜାଣିଲ ତ ଏବେ
ଆଖି ଆଗେ ଭାସି ଗଲେ   ।

ମାୟାବଦ୍ଧ ଜୀବ   ପାଉଥାଏ କଷ୍ଟ
ବୁଝାଇ କହିଲେ ହରି
ଜଗତରେ ଯାହା   ଦେଖୁ ଅଛ ତୁମେ
ସବୁକିଛି ସ୍ୱପ୍ନପରି   ।

ହାତଯୋଡି  କହି   ଉଠିଲେ ନାରଦ
ପ୍ରଭୁ  ! ଆପଣଙ୍କୁ ନମସ୍କାର
ଆପଣଙ୍କ ମାୟା   ଅତି କଷ୍ଟକର
ଜାଣିଲି ପ୍ରଭୁ ଏଥର   ।

ଆଳଦା, ଖଇରା, ବାଲେଶ୍ୱର,
ମୋ–୯୮୫୩୧୪୨୫୧୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଭିମାନ



ପ୍ରଶାନ୍ତ କୁମାର ମିଶ୍ର (କୁନୁ)

ଜୀବନେ ଯନ୍ତ୍ରଣା ଦେଉଥାନ୍ତୁ ପ୍ରଭୁ
ଦୁଃଖେ କଟୁଥାଉ ଦିନ,
କରିବିନି କେବେ ତୁମକୁ ଗୁହାରି
ଦେବିନି ତୁମକୁ ମନ । ।
ଯିବିନି ତୁମ ଚରଣ,
ଭୋଗିବାକୁ ଏଠି ଜନମ ଦେଇଛ
ନେବିନି କାହା ଶରଣ । ।

କେତେ ଦିନ ଆଉ ସହିବି ଠାକୁରେ
ବନ୍ଧୁଙ୍କ ଟାହି ଟାପରା ,
ଶୁଣି ଶୁଣି କାନ ହେଲାଣି ବଧିର
ମନ ହେଲାଣି ଖପରା । ।

ଭାଙ୍ଗିଯାଏ ଆତ୍ମବଳ ,
ସମୟ ଯାଉଛି କାଳ ବି ପୁରୁଛି
ଦେହ ହେଉଛି ଦୁର୍ବଳ । ।

କେତେ କେତେ ପାପି ଉଦ୍ଧାର କରୁଛ
ତୁମ ଦୁଇ ଭୁଜ ଟେକି ,
ମୋ ପାପ କଳସ ପୁରିନି କି ଆଉ
କେତେ ଯେ ରହିଛି ବାକି । ।

କୁହ ପ୍ରଭୁ ଚକାଆଖି ,
ତୁମ ଚରଣରେ ସ୍ଥାନ ପାଇବାକୁ
ଯୋଗ୍ୟ ନୁହେଁ କି ଏ ପାପୀ ? ? । ।

ଲୋଡ଼ା ନାହିଁ ମୋର ଧନ, ଯଶ ମାନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଲୋଡୁଛି ପଦେ ଶରଣ ,

ପଦ ପଙ୍କଜକୁ ଆସରା କରିଛି

ସମର୍ପି ଦେଇଛି ମନ  । ।

ଦୟା କର ଜନାର୍ଦ୍ଦନ ,

ଚାରି ରଥ ଚାଲୁ ସମୟ ଟା ଢଳୁ

ବେଳେ ଯାଉ ଏ ଜୀବନ  । ।

ଜଗତ ପାଳକ ବୋଲାଇ ଉଡାଅ

ପତିତପାବନ  ବାନା,

ତୁମ ଦୃଷ୍ଟିକୋଣେ ନୁହେଁ କି ମୁଁ ଜଣେ

ପତିତ ମଧ୍ୟରେ ଗଣା  । ।

କରୁଣାରୁ ହେବ କି ଊଣା  ?

ଫେରି ଯାଉଛି ମୁଁ ତୁମ ବଡ଼ ଦାଣ୍ଡୁ

ବହୁ ପଛେ ଲୁହ ଝରଣା  । ।

କଟକ, ବାଙ୍କୀ, ତାଳବସ୍ତ

ମୋ : ୭୦୦୮୨୧୪୩୧୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆମେ ତ ଜୀବଟେ ଛାର



ଶିଶିର କୁମାର ପଣ୍ଡା

ଛେଳି ଚାହିଁଅଛି ଜୁଳୁଜୁଳୁ କରି
କୁକୁଡ଼ା ଖେଳୁଛି ଖେଳ
ନୂଆବର୍ଷ ନୁହେଁ ଆସିଲାଣି ଜାଣ
ଦୁହିଁଙ୍କର ଶେଷ ବେଳ ।
ସବୁ ଜାଣି ଛେଳି ପଚାରିଲା ଆସି
ହଇରେ କୁକୁଡ଼ା ଭାଇ
କଟା ହେବୁ ତୁହି ଜାଣିଛୁ ତଥାପି
ଡର ତତେ ଲାଗୁ ନାହିଁ ?
କଂସେଇ ଆସିକି ଦେଖିବା ପରଠୁ
ନିଦ ମୋ ଯାଇଛି ହଜି
ମନେମନେ କେତେ ଗୁହାରି କରୁଛି
ଠାକୁରଙ୍କ ନାମ ଭଜି ।

କାହିଁକି କରିଛ ହୀନିମାନୀ ଜୀବ
ତୁମକୁ ପ୍ରଭୁ ହେ ଜଣା
ମଣିଷ ହୋଇଲେ ବେଶୀ ଖୁସିବାସି
ଆମେ ହେଉଥିବୁ ହଣା ।
କୁକୁଡ଼ା କହିଲା , ଦୁଃଖ କିଆଁ କରୁ
ଆମେ ତ ଜୀବଟେ ଛାର
ମଣିଷ ପାଇଁକି ଜନମ ନେଇକି
ମରୁଥିବା ବାର ବାର ।

କୁଆଁସ , ମେରଦା କାଟିଆ , ଯାଜପୁର
ଆଳାପ:-୮୯୮୧୬୩୭୨୨୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମ୍ପର୍କ



ସରସ୍ୱତୀ ପଣ୍ଡା

ସମ୍ପର୍କକୁ ଭଲଭାବେ ବୁଝିଲାପରେ
ମାପିଲାପରେ,ଜାଣିଲି ସମ୍ପର୍କ
ଆଜି ବାଟବଣା,
ସେ ହଜାଇଛି ତା'ର ଠିକଣା ।
ଅର୍ଥ ଓ ପ୍ରାଚୁର୍ଯ୍ୟର ଅହମିକା
ପାଖରେ ସମ୍ପର୍କ ବନ୍ଧା ପଡିଛି
ଅସତ୍ୟର ଚକ୍ରବ୍ୟୂହରୁ ସେ
ଅଭିମନ୍ୟୁ ପରି ଫେରିବାର ବାଟ
ଭୁଲିଛି ।

ସେ ପାଣି ନୁହେଁ, ମରୀଚିକା ପଛରେ
ଧାଇଁଛି । ମିଛ ପ୍ରଶଂସାର କୁହୁଡି
ତାକୁ ଦିଗ ହରା କରିଛି ।
ସନ୍ଦେହର କଲମେଘ ତା ଦେହରେ
କଳଙ୍କର କଳା ବୋଳିଛି ।
ସେ କଳା ଛାଡିବ ନିଶ୍ଚିୟ,କିନ୍ତୁ
ସେ, କଳା ଛାଡିବା ବେଳକୁ
ସମ୍ପର୍କକୁ ସାଥିକରି ବଞ୍ଚିଥିବା
ବାଟୋଇଟା--ବାଟରେ ଅପେକ୍ଷା
କରିଥିବ ତ ?

ସରସ୍ୱତୀ ପଣ୍ଡା, ମଙ୍ଗଳପୁର, ଯାଜପୁର, କନିକପଡା
-୭୫୫୦୧୯
ମୋ-୭୬୦୮୯୪୦୮୭୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଣିଷତ୍ୱ



ମନସ୍ମିତା ବିଶ୍ୱାଳ

ମଣିଷ ଭୁଲିଛି ଆଜି
ମଣିଷପଣିଆ
ମଣିଷ ମଣିଷକୁ ଭାବେ
ଘରର ଅଳିଆ ।।
ଏ ସମାଜ ଏତେ ଆଜି
ହେଲାଣି କଳୁଷିତ
ମଣିଷ ପାଖରେ ନାହିଁ
ଟିକେ ମଣିଷତ୍ୱ ।।
ସାହାଯ୍ୟ ବୋଲି ଶବ୍ଦଟେ
ଭୁଲି ସେ ଯାଇଛି
ନିଜ ସ୍ୱାର୍ଥ ପାଇଁ ସଦା
ଚିନ୍ତା ସେ କରୁଛି ।।
ବାପା,ମାଆ,ଭାଇ,ବନ୍ଧୁ
ଆତ୍ମୀୟସ୍ୱଜନ
ଟଙ୍କା ଆଗେ ସଂପର୍କର ମୂଲ୍ୟ
ପଡ଼ିଛି ମଳିନ ।।
ଦୁର୍ବଳ ଉପରେ ଚାଲେ
ଏଠି ଅତ୍ୟାଚାର
ବଢିଛି ହିଂସା, ଦୁର୍ନୀତି,
ଅନ୍ୟାୟ, ବ୍ୟଭିଚାର ।।
ସଂପର୍କଠାରୁ ଅଧିକ
ଗୁରୁତ୍ୱ ଯେ ଟଙ୍କା
ଟଙ୍କା ପାଇଁ ନିଜ ଲୋକଙ୍କୁ
ଦେଇଯାଏ ଧୋକା ।।

ଗଡମାଟିଆପଡା, କଣାସ, ପୁରୀ

Magazine Downloaded from www.aahwaan.com

# ସମସ୍ୟା



ବର୍ଷା ଦାସମହାପାତ୍ର

ସାଗର ପରିକା ଜୀବନେ ସମଷ୍ୟା
କେବେ ଆସେ ଜୁଆର ତ'କେବେ ଭଟ୍ଟା..... ।

ଧାରା ଶ୍ରାବଣ ର ଶ୍ରାବଣୀ ସାଜିଛି
ନୟନୁ ଲୋତକ ଧାର ବୁହାଉଛି... ।

ସମୟ ର ସ୍ରୋତେ ସ୍ରୋତସିନୀ ପରି
ବୁହାଇ ଚାଲିଛି ଜୀବନ ମୁଁ ଧରି.... ।

ଜୀବନେ ସମଷ୍ୟା କେତେ ବାକିଅଛି
ସମ୍ପର୍କରେ ଦାଗ ପଡ଼ି ଚାଲିଅଛି... ।

ସଭିଙ୍କ ମନରେ ଖୁସି ଦେବାପାଇଁ
ସଳୀତା ସାଜିଅଛି ଆଜି ମୋପାଇଁ.... ।

ସ୍ନେହ ପ୍ରେମ ପର ଆପଣା କାହାର
ସବୁତ ଭୁଲନ୍ତି ସମଷ୍ୟା ଆଗର... ।

ତଥାପି ସମଷ୍ୟା କମିବାର ନାହିଁ
ବିପଦରୁ ମୋତେ ତ୍ରାହି ଦେବା ପାଇଁ..... ।

ପଥର ପଥିକ ସାଜିଛି ମୁଁ ଏକା
ସାଥି ହେବାପାଇଁ କେହିନାହିଁ ଦେଖା... ।

ବାଃ'ରେ ଦୁନିଆଁ ଭାରି ଅମାନିଆ
ସ୍ୱାର୍ଥ ଟିକେ ପାଇଁ କରୁଛୁ କିମିଆଁ... ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ସଭିଙ୍କ ଜୀବନେ ସମଷ୍ୟା ର ମାନେ
ବହୁ ଶଙ୍କାକୁଳ ପରିସ୍ଥିତି ଜାଣେ... ।

ଧୈର୍ଯ୍ୟ ହିଁ ଜୀବନେ ଏକ ମୂଳ କଥା
ସମୟ ଆଗେ ଆମେ ସଭିଏଁ ବନ୍ଧା... ।

ଜୀବନେ ମୋହର ଅପେକ୍ଷା ରହିଛି
ସମଷ୍ୟା ସୁଧାରି ମୁଁ କେବେ ପାରୁଛି... ।

ବର୍ଷା ଦାସମହାପାତ୍ର
ବସ୍ତା,ବାଲେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ମୃତି



ସଂଯୁକ୍ତା ସାହୁ

ଚେନାଏ ହସ,

ମୁଠାଏ ପାଉଁଶ,

ଦଲକାଏ ପବନ,

ଜୀବନର ବିରହ ମିଳନ

ସବୁର ଫେଣ୍ଟାଫେଣ୍ଟିରେ

ଶେଷ ହୁଏ ଲୁହରେ

ଜନ୍ମ ତ ଖାଲି ହାତରେ

ମରଣ ବି ଖାଲି ହାତରେ

ଆସିବା ବି ଏକା

ଯିବା ବି ଏକା

ସ୍ମୃତି ତୁମେ ଦୁଃଖ ସୁଖର

ଚିର ଅପାସୋରା

ତୁମେ ଦୂର ଆକାଶର

ଅଭୁଲା ପସରା

ତୁମେ ମନଗହନର ସାଇତା

ଜୀବନର ସମ୍ଭାର

କେବଳ ଛାଡିଦେଇଯିବା

କିଛି ସ୍ମୃତିର ସ୍ୱାକ୍ଷରରେ ।

ମାଟିଘର (ଉପସଭାପତି )

ରାହାମା

ଜଗତସିଂହପୁର

Magazine Downloaded from www.aahwaan.com

# ହୃଦୟ ଭାଙ୍ଗିଲାପରେ



ଜ୍ୟୋତିର୍ମୟୀ ବେହେରା

ହାତେ ଗଢା ଆମ ପ୍ରେମର ନଅର
କେମିତି ଭାଙ୍ଗିଲୁ କହ ॥

ଛଳନା ନିଆଁରେ ଜାଳି ଦେଇ ମତେ
କି ଲାଭ ପାଇଲୁ କହ ॥

ଦୁନିଆ ହାଟରେ ଅନେକ ଖେଳନା
ରହିଥିଲା ପରା ଭରି ॥

ହେଲେ ମୋ ହୃଦୟକୁ ବାଛି ନେଇ କିଆଁ
ଭାଙ୍ଗି ଦେଲୁ ଖେଳି ସାରି ॥

ଓଠ ଧାରେ ଯେଉଁ ହସଟିକେ ଥିଲା
ସେ ଥିଲା ତୋର ମୋର ପ୍ରେମ ॥

ଧକ୍ ଧକ୍ ହୋଇ ତୋ ହୃଦୟ ସ୍ପନ୍ଦନ
ଗାଉଥିଲା ପରା ମୋ ନାମ ॥

ନିଳ କଣ୍ଠ ପରି ପାନ କରି ଦେବି
ତୋ ପ୍ରତାରଣାର ଜହର ॥

ଯାହା ପାଇଁ ତୁ ଠକି ଦେଲୁ ମତେ
ସିନ୍ଦୂର ପିନ୍ଧି ହୋଇ ଯା ତୁ ତାହାର ॥

ତୋତେ ପାଇ ମୁଁ ହସୁଥିଲି ହରାଇ ବି ହସୁଛି
କାହିଁକିନା ତୁ ଅଛୁ ବୋଲି ଖୁସିରେ ॥

ମୋ ଭାଗ୍ୟରେ ଅଛି ଯେତେ ଖୁସି ସବୁ
ଲେଖିଦେଲି ଆଜି ତୋ ନାଁ ରେ ॥

ବାହାବଳପୁର, ବିଦୁ, ବାଲେଶ୍ୱର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ



ନନ୍ଦିନୀ ରାଉତ

ଜୀବନ ଏମିତି ଅମାନିଆ ନଈ
ବହିଯାଏ ବହିଯାଏ,
ଜୀବନ ଏମିତି ଅକୁହା ଯନ୍ତ୍ରଣା
ସୁଖ ଦୁଃଖ ସହିଯାଏ ।।୧।।

ଏନ୍ତୁଡ଼ିଶାଳରୁ ଆରମ୍ଭ ଜୀବନ
ମଶାଣିରେ ହୁଏ ଶେଷ,
ଯନ୍ତ୍ରଣାରେ ସଢ଼େ କେବେଏ ଜୀବନ
ନକରିବି କିଛି ଦୋଷ ।।୨।।

ଜୀବନ ନୁହଁଇ ଆମୋଦର ବନ
ସୁଖ ଓ ସମ୍ଭୋଗ ପାଇଁ,
ଜୀବନ ଅଟଇ ସଭିଙ୍କର ପାଇଁ
ଏକ ଏକ ଯୁଦ୍ଧ ଭୁଇଁ ।।୩।।

ଜୀବନ ଯୁଦ୍ଧରେ ଜିତିବା ପାଇଁରେ
କର୍ମ ଅସ୍ତ୍ର ଅଟେ ବଡ଼,
ପିପିଲିକା ସମ କର୍ମ କରିଯାଅ
ତେବେ ତୁ ଜିତିବୁ ଗଡ଼ ।।୪।।

ଶ୍ରମେ ଜିଏଁ ନର ଶ୍ରମ ଏକାତାର
ଜୀବନର ମାପକାଠି,
ପରିଶ୍ରମ ବିନା ହା'ଅନ୍ନ ଚିନ୍ତାରେ
ଜୀବନ କାମୁଡ଼େ ମାଟି ।।୫।।

ବାଲିପଟଣା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଯଦି କେବେ ଆସ ତୁମେ



କବିତା ତିଆଡ଼ି

ଯଦି କେବେ ଆସ ତୁମେ
ଅଫେରା ପାଲିଙ୍କିରେ
କିମ୍ବା ଯଦି ଆସ ତୁମେ
ମୋ ଅପେକ୍ଷାର ଶେଷରେ
ଯଦି କେବେ ତୁମେ ଆସ
ପକ୍ଷୀରାଜ ଘୋଡାରେ
ମୁଁ ଭୁଲିଯିବି ମୋର ଅତୀତ ତଥା ଭବିଷ୍ୟତ କୁ
ସମର୍ପି ଦେବୀ ମୋ ବର୍ତ୍ତମାନ
ତୁମ ଆଞ୍ଜୁଳାରେ ।।

ଯଦି କେବେ ତୁମେ ଆସ
ଅଶୋକ ର ଗୋଟିଏ ଉପାଖୁଡା ନେଇ
ଯଦି କେବେ ଆସ
ଜହ୍ନ ଠାରୁ ଜ୍ୟୋସ୍ନା ଟିକିଏ ନେଇ
ଯଦିକେବେ ଆସ ଶିଶିର ଟୋପାଏ ନେଇ
ତଥାପି ସମର୍ପି ଦେବୀ ନିଜକୁ
ତୁମ ସାରା ଜୀବନ ରେ ।

ଓଡ଼ିଆ ସ୍ନାତକୋତ୍ତର ବିଭାଗ, ଦ୍ୱିତୀୟ ବର୍ଷ,
ବିଶ୍ୱଭାରତୀ ଶାନ୍ତି ନିକେତନ, କୋଲକାତା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସମ୍ଭୋଗ କରିବାକୁ ଲାଗେ ଭାରି...



ଆନନ୍ଦ ସାଗରିଆ

ଦେଖି ପ୍ରକୃତିର ମନୋହର
ଲାଗେ ହଜି ଯିବା ପାଇଁ
ଅଦିନର ବଉଳ ପରି
ଆକାଶରେ ଡେଣା ମେଲାଇ
ଉଡିବାକୁ କରେ ଭାରି ଇଛା ।

ତା ଜ୍ୟୋଛନାର ମାଦକତରେ
ହଜେଇ ଦିଏ ମୋ ଦୁର୍ଗନ୍ଧକୁ
କାଳେ ତା ଚାତକ ପାଇ
ତୃପ୍ତି ହୋଇ ପାରେ
ଏ ମୋ ଜଳ ଜଂଜାଳ ଜୀବନ ଭିତରେ ।

ତା'ରି କୂଳ ବକ୍ଷରେ
ସଦା ବୁଡି ରହେ ଦିବା ରାତି
ଥରୁଟିଏ ମୋ ଅପବିତ୍ର ସ୍ପନ୍ଦନକୁ
ସ୍ପର୍ଶ କରି ଯାଆ ବୋଲି
କରେ ତା' କେ କେତେ ବରଣ ।

ସତରେ ତା ଥପ ଥପ ବାଷ୍ପ
ଛୁଇଁ ଯାଏ ମୋ ମାନବିକତାକୁ
କିଛି କ୍ଷଣ ପାଇଁ କରେ
ମୋ ଜୀବ ହୀନ ଶରୀରକୁ ଆନନ୍ଦ ଦାୟକ..

ତୋ ନବଯୌବନେ ମିଶି
କରିବାକୁ ଚାହେଁ ମଧୁ ଛନ୍ଦା ରାତି
ହେଲେ ତୁ ତ ବୁଝୁନ
ମୋ ପ୍ରେମର ଗାଢତା କେତେ ...

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫୁଲେଇ ମୋ ପ୍ରିୟା...



କୁମାର ଲୋକେଶ୍

ସଜେଇ ହେଇଛି ମୋ ପ୍ରିୟା ସୁନ୍ଦରୀ
ହସୁଛି ଓଠକୁ ଚାପି
ଦେଖିଲେ ଲାଗୁଛି ଚନ୍ଦ୍ରମା ହସୁଛି
ଦେହରେ ପଶୁଛି ତାତି,
କାହିଁକି ମୋ ଧନ ଫୁଲେଇ ହେଉଛି
ଶୀତ ଭରା ଏଇ ଦିନେ
ସହି ପାରୁନାହିଁ ରହି ପାରୁନାହିଁ
ଖୁସି ହୁଏ ମନେ ମନେ,
ସତେକି ଫଗୁଣ ଫେରି ଆସିଅଛି
ପ୍ରିୟାର ମଧୁର ଓଠେ
ଖୁସି ଖୁସି ଲାଗେ  ଦୁନିଆଁଟା ଆଜି
ଶାନ୍ତିରେ ମୋ ଦିନ କଟେ,

ମୟୂର ଯେମିତି ବାଦଲ ଦେଖିଲେ
ନାଚୁଥାଏ ଥେଇ ଥେଇ
ମୋତେ ବି ଲାଗୁଛି ନାଚିବି ମୁଁ ଆଜି
ପାଦରେ ପାଦକୁ ଥୋଇ,
ବରଷା ରାଣୀ କୁ ମିଳିଲା ଫଗୁଣ
ମୋତେ ମିଳିଗଲା ସାଥୀ
ଖୁସିରେ ରହିବି ସବୁ ଦିନ ପାଇଁ
ଭୁଲି ଯିବି ଦିନ ରାତି,
ଫୁଲେଇ ଜହ୍ନକୁ ନିଜର କରିବି
ଫଗୁଣ ଖେଳିବ ନିତି
ସାଥୀରେ ଦେବି ମୁଁ ଖୁସିର ଲହରୀ
ରହିଯିବ ହୋଇ ସ୍ମୃତି  ।

ଗୋରଡାପାଳ, ଢେଙ୍କାନାଳ
ମୋ : ୭୯୮୧୩୧୦୭୨୧୯

ଆହ୍ୱାନ-ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରିୟତମ ମିଛ କଥା



ରାଜେନ୍ଦ୍ର ଗିରି

ତୁ ଆସିବୁ ବୋଲି ତ,
ଅପେକ୍ଷାରେ ମୁଁ....
ଯ୍ୱା' ଭିତରେ ଝାଳେଇ ଗଲାଣି
ପାଞ୍ଚଟି ଜୁନ
ହେଲେ ଉତ୍ତର ଘର ଏବେବି ଶୂନ ।

ଫି ସନ ଯାଏ, ତୁ ଦେଇ ଥିବା ଠିକଣାକୁ
ପଚାରି ବୁଝେ, ତ ଗାଁ ଉତ୍ତରା ପବନକୁ
ଆଉଁସି ଆସେ, ତ ଗାଁ ନଇ ତୁଠ ପଥରକୁ ।

ନିତି ଯାଇ ଦେଖେ
ମନ୍ଦିର ପାଚେରୀ ଦିହରେ
ତୋ ନା ସହ ମୋ ନା ଲେଖାକୁ
ଯାହାକୁ ତୁ ଚାରି ଇଂଚିଆ କଣ୍ଟାରେ ଲେଖିଥିଲୁ,
ଆମ ଗାଁ ଶବରା ବୁଢ଼ା ପାଲିଙ୍କି ଆଣିବାକୁ ରାଣ ଦେଇଥିଲୁ,
ଆମର ଝିଅ ହେଲେ ଦୀପ ଜାଳିବୁ କହିଥିଲୁ ।

ହୁଏତ ତୁ ଭୁଲି ସାରିଥିବୁ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ପଛ ଦିନର ପଛ କଥା

ଦେଖା ହେଲେ ଏତକ କହିବୁ

ପ୍ରିୟତମ...ଏସବୁ ମିଛ କଥା ।।

ଫେରିଲେ ତୁ ଖାଇବୁ ବୋଲି

ବଇଁଚ ଗଛର କୋଳି

ସେଦିନ ପାଖରୁ ଜମାରୁ ଆଣିନି ତୋଳି

ଆଉ କିଏ ଯଦି ଟେକାଟେ ଫିଙ୍ଗୁଛି

ମୋ ମାଆ ଯାଇ କରୁଛି କଳି ।

ତୋ କଥା ଜାଣି

ପ୍ରତି ପୂର୍ଣ୍ଣମୀରେ ବାପା ଆଉ ନାହାକ ଡାକୁ ନାହାନ୍ତି

ଜାତକ ଦେଖୁ ନାହାନ୍ତି ,

କେମିତି ଦେଖନ୍ତେ ଯେ

ପୁଅ ପରା କାହା ରାଣ ନେଇ ବସିଛି

କାହା ସପନ ଦେଖିଛି ।

ହୁଏତ ,ତତେ ଆଉ ଭଲ ଲାଗିବନି

ପଛ ଦିନର ପଛ କଥା

ଦେଖା ହେଲେ ଏତକ କହିବୁ

ପାଗଳ.... ଏସବୁ ବାଜେ କଥା ।।

ଭୋଗରାଇ,ବାଲେଶ୍ୱର
୭୮୭୩୫୭୦୯୩୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୃଶଂସ ମଣିଷ



ସୌମେନ୍ଦ୍ର ମହାନ୍ତି

ଗୋଟେ ଦୁର୍ବଳାକୁ
ବଳପୂର୍ବକ ଆୟତ୍ତ କରିବା
ଜୋର ଜବରଦସ୍ତ କରି
ନିଜ ଶରୀରର
ତୃଷ୍ଣା ନିବାରଣ କରିବା
ଆଉ, କ୍ଷୁଧା ମେଣ୍ଟାଇବା
କ'ଣ ମଣିଷତ୍ୱ ?

ବାସ, ସେତିକିରେ
ପୁରୁଷ ବାଚ୍ୟ ବୋଲାଇବା ?
ଆଉ, ଜନମାନସ ରେ
ପୁରୁଷ ବୋଲି ପରିଗଣିତ ହେବା
କ'ଣ ମଣିଷତ୍ୱ ?

କାହିଁକି ଏତେ ପାରିବା ପଣିଆ ?
କାହିଁକି ଏତେ ନୃଶଂସତା
ସେହି ଦୁର୍ବଳ ଶରୀରଟି ଉପରେ ?
କ'ଣ ଏତିକି ହୋଇଗଲେ
ପୁରୁଷତ୍ୱ ସିଦ୍ଧ ହୋଇଯିବ ?

କାହିଁକି ଏତେ ଅମାନୁଷିକତା ?
କାହିଁକି ଏତେ ବାଃସ୍ୱଟ ?
କ'ଣ ପାଇଁ ଏମାନେ ଏତେ ବୁଭୁକ୍ଷିତ ?

ଏମାନେ ବୋଧେ
କେତେ ଯୁଗରୁ
ଏମିତି କ୍ଷୁଧାର୍ତ୍ତ ପରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଘୁରି ବୁଲୁଛନ୍ତି ?

ଆଉ, ନିଜକୁ ଶିକାରୀ

ମନେ କରି ପୁରୁଷତ୍ୱ ର

ପ୍ରମାଣ ଦେଉଛନ୍ତି ?

କ'ଣ ସେ ମୁହୂର୍ତ୍ତରେ

ସେମାନେ ଲାଭ କରୁଛନ୍ତି କେଜାଣି ?

ଭୁଲି ଯାଉଛନ୍ତି ନିଜର କର୍ତ୍ତବ୍ୟ ?

ହରାଇ ବସୁଛନ୍ତି ଅସ୍ତିତ୍ୱ ?

ମନରେ ଖାଲି ଖେଳୁଛି

ରକ୍ତ ସାଥେ

ରକ୍ତାକ୍ତ ହେବାର ନିଶା ?

ଗୋଟିଏ ନିରୀହ, ନିହତା, କୋମଳ

ଶରୀରକୁ କରି ପକେଉଛନ୍ତି ଖିନ ଭିନ

ମେଣ୍ଟାଉଛନ୍ତି ବୋଧେ

କେତେ ଜନ୍ମର ପିପାସାକୁ ?

ଧିକ, ତୁମ ମଣିଷତ୍ୱ.........

ଶିକ୍ଷକ,

ରାଣୀଓଳା, କସର୍ଦା, କଟକ

ମୋ : ୯୫୮୩୨୦୫୮୦୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ ହାତଲେଖା ଚିଠି



ପ୍ରଶାନ୍ତ କୁମାର ପ୍ରଧାନ

ତୁମ ହାତଲେଖା ଚିଠି ପଢ଼ି ମୁଁ ଯେ
ରଖେ ଗୋ ତାକୁ ସାଇତି
ସମୟ ସ୍ରୋତରେ ସେଇ ଚିଠି ସାଜେ
ଅଭୁଲା ପ୍ରେମର ସ୍ମୃତି ।।
ଲିଭିଯାଏ ସିନା ଚିଠିର ଅକ୍ଷର
ଭାଷା ଲାଗୁଥାଏ ନୂଆଁ
ଉଜ୍ଜୀବିତ କରେ ଯୌବନକୁ ମୋର
ଚିଠିରେ ଓଠର ଛୁଆଁ ।।
ଗୋଲାପି ଲଫାପା ତା ଭିତରେ ଚିଠି
ମହକେ ବାସ୍ନା ଅତର
ଭଲଲାଗେ ବେଶି ଲେଖିଥାଅ ଯେବେ
ଦେବାକୁ ଚିଠି ଉତ୍ତର ।।

ଚିଠିକୁ ମୁଁ ସାଥି ନିରୋଳାରେ ବସି
ପଢେ ଯେ ଅନେକ ଥର
ଲୁହ ଦେଇଯାଏ ଲେଖା ହୋଇଥିବା
ଶେଷରେ "ଇତି ତୁମର" ।।
ଚିଠିର ଇତିରେ ସରିଯାଏ ସିନା
ତୁମ ସେ ପ୍ରେମର ଲେଖା
ଆଉ ଏକ ଚିଠି ପାଇବାକୁ ସଖି
କରେ ମୁଁ କେତେ ଅପେକ୍ଷା ।।

ଗ୍ରାମ-ବୁରୋମୁଣ୍ଡା
ଜିଲ୍ଲା-ବରଗଡ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଧନୁରେ ଧନ୍ୟ ଉତ୍କଳଧାମ



ସନ୍ତୋଷ ପଟ୍ଟନାୟକ

ଶୀତ ସକାଳର କାକର ଟୋପାରେ
ଭିଜି ଯାଇଥିଲା ଧରଣୀ କାନୀ
ସୁରୁଜ ଦେବତା ଦୟା ପରଶିଲେ
ହୃଦ କନ୍ଦରରୁ କିରଣ ବୁଣି....
ଧର୍ମ ଦେବତାଙ୍କ ଧରମ କାମରେ
ଝଲିସି ଉଠିଲେ ଧରଣୀ ରାଣୀ
ନାରୀଙ୍କ ସୁନ୍ଦର ନାରୀଙ୍କ ସମ୍ମାନ
ବଢଇ ପାଇଲେ ପୁରୁଷ ମଣି....
ଉତ୍କଳୀ ପରଖି ସ୍ୱର୍ଣ୍ଣିମ ଶୋଭାକୁ
ବିମୋହିତ ମନେ ଭକ୍ତିକୁ ଧରି
ବିଧି ବିଧାନକୁ ସମ୍ମାନଟେ ଦେଇ
ମିଷ୍ଟାନ୍ନ ତିଆରେ ସରାଗ ଭରି...
ଧବଳ ବର୍ଣ୍ଣଟା ସୁରୁଯଙ୍କ ରୂପ
ଧଳା ଭୋଗ ତାଙ୍କ ଶାସ୍ତ୍ର ସମ୍ମତ
ଲିଆ,ଗୁଡ ନେଇ ଗଢିଲା ଯତନେ
ଅପୂର୍ବ ମହକେ ହଜିଲା ଚିତ୍ତ...

ଆନମନା ଆଜି ଧରମ ଦେବତା
ଉତ୍କଳୀ ହାତରୁ ଭୋଗକୁ ପାଇ
କେତେ ପବିତ୍ର ସେ ସତରେ ଉତ୍କଳୀ
ସ୍ୱୟଂ ଭଗବାନ ନିବାସ ତହିଁ....
ଧନ୍ୟ ସେ ଉତ୍କଳ ଧନ୍ୟ ବି ଉତ୍କଳୀ
ଧାର୍ମିକ ଭାବକୁ ହୃଦରେ ନେଇ
ଧରାପରେ କେହି ଧର୍ମୀଟେ ନାଇଁ
ଧୌର୍ଯ୍ୟଶୀଳ ତା' ଭାଙ୍ଗିବା ପାଇଁ...
ଧନୁ ସଂକ୍ରାନ୍ତିରେ ଧରମ ଦେବତା
ପୂଜ୍ୟ ପୂଜାଟିକ ତାଙ୍କରି ପାଇଁ
ମିଷ୍ଟାନ୍ନ ଭୋଗଟି ଧନୁମୁଆଁ ନାମ
ଜନମସ୍ଥାନ ତା ଗଞ୍ଜାମ ଭୂଇଁ....

ଗଞ୍ଜାମ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଋଷୁବୋଉ ଶୁଣୁଛ



ଆଲୋକ କୁମାର ରାୟ

ଋଷୁବୋଉ ଶୁଣୁଛ
ଆଉ ଜମା ବ୍ୟସ୍ତ ହୁଅନି
କାଲି ରାବଣ ପୋଡା ଯାଇଛି
ଆଉ ବଧୂ ଅପହରଣ ହେବନି
ତମ ଝୁଅ ଏକୁଟିଆ ଯା'ଆସ କରିପାରେ
ସଞ୍ଜ ହେଲେ ମୋତେ ବ୍ୟସ୍ତ କରିବନି
ଘରର ଏମୁଣ୍ଡରୁ ସେମୁଣ୍ଡ ଟହଲ ମାରିବନି
କି ବାପ ହେଇଛ କହି ଶପିବନି
ଏବେ ତୁମପରି ମା ଓ ମୋପରି ବାପମାନେ
ନିଶ୍ଚିନ୍ତରେ ଝୁଅ ବା'ଘର ସପନ ଦେଖିବା
ଘୁଙ୍ଗୁଡ଼ିର ଦ୍ୱାହିଦେଇ ନିଦ ଭାଙ୍ଗିବନି
ଝୁଅ ଆମ ମୁଣ୍ଡରେ ତାରା ଫୁଲ ଖୋସିବ
ଶ୍ରାବଣର ମନନେଇ ନିଜ ଇଚ୍ଛାରେ ବର୍ଷିବ
କିଆନାଳୀ ଛକରେ ଟୋକାଙ୍କ ଖଟି ଜମିବନି
କାଳୀପୂଜାରେ ଟୋକାଙ୍କ ଭିଡ ହେବନି
ସନ୍ଧ୍ୟାରେ କୁସୁମା ପୋଖରୀ ଖାଲି ହସିବ
ସେଠି ଆମ ଝୁଅପରି ଫୁଲମାନେ କଥା ହେବେ
ପକ୍ଷୀରାଜ ଘୋଡାରେ ବର ଆସିବାର ଗାଥା

ଋଷୁବୋଉ ଶୁଣୁଛ
ଆଉ ଜମା ବ୍ୟସ୍ତ ହୁଅନି
ନବଦିନ ବ୍ୟାପି ପୂଜା ସଗୌରବେ ସରିଛି
ଆସୁରିକ ଶକ୍ତି ଏବେ ସୁଦୂର ପରାହତ
ଶାନ୍ତି, ମୈତ୍ରୀ, ପ୍ରୀତିର ଉଚ୍ଚା ପତାକା ଉଡୁଛି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲୋଭ, ମଦ, ମୋହର ଜୁଇ ହୁତୁହୁତୁ ଜଳୁଛି

ମୋ ନଥିବା ବେଳେ ନିଖେ ବି ଡ଼ରିବନି

ବାହାରେ କୁକୁର ଭୁକିଲେ ଭୁକୁ, ଭୁକୁଥାଉ

ବାରମ୍ବାର ନିଦ ଭାଙ୍ଗି ଦେହ ଖରାପ କରିବନି

ଆମ ବା'ଘର ଦିନ କଥା ସବୁ ଭାବିବ

କେମିତି ସେବେ ଦିନରେ ବି ଆମେ ଜହ୍ନ ଦେଖୁଥିଲେ

ରାତିରେ ମନପବନ ଘୋଡାରେ ବସି ବୁଲୁଥିଲେ

ସୋମବାରେ ସିଦ୍ଧେଶ୍ୱର ମନ୍ଦିରକୁ ଯିବ ନିର୍ଦ୍ୱନ୍ଦରେ

ସେଠି ଟୋକାମାନେ ନଥିବେ ଆଖିରେ ଗିଳିବାକୁ

ମନକୁ ନକିଳି ଛାଡ଼ିଦେବ ପବନରେ ଉଡିବାକୁ

ନୀଳ ନୀଳ ନିଶା ଏବେ ପରାଜିତ, ଭୂଲୁଣ୍ଠିତ

ସନ୍ଧ୍ୟାରେ ବାରିପଟ କବାଟ ଖୋଲି ଆକାଶର ତାରା ଗଣିବ

ଆଜିପାଇଁ ଏତିକି, ଅଧିକ ହେଲେ ତୁମେହିଁ ତ ଖୁଣିବ  !

ଡ଼. ଆଲୋକ କୁମାର ରାୟ

ଯାଜପୁର  । ମୋ: ୯୪୩୭୦୬୮୦୦୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହମବତୀ କିଣିଲେଣି ?



ଲୋକନାଥ ସାମଲ

ସ୍ୱର୍ଗରେ କ୍ରୋଧ ଜର୍ଜରିତ
ସେହି ଅଶରୀରି ଆତ୍ମାଗୁଡିକ
ଏବେ ଖୁବ୍ ଜୋରରେ ଚିତ୍କାର କରିବାକୁ ଲାଗିଲେଣି,
ଏଇ ଯେମିତି ଓଡିଶାର ଇତିଶ୍ରୀ,ବେବିନା ଓ ଛବିରାଣୀ ପରି ଅନେକ ଧର୍ଷିତା
ଏକସ୍ୱରରେ ପ୍ରଶ୍ନ କରୁଛନ୍ତି ଏ ସହନଶୀଳ ସମାଜକୁ
"ଆଜ୍ଞା, ମହମବତୀ କିଣିଲେଣି ?"

ସମାଜର ଡିମାଡିମା ଆଖି ସାମ୍ନାରେ
ବଳାତ୍କାରୀର ଶକ୍ତ ପଞ୍ଝାରେ,
ଆମେତ ବାରମ୍ବାର ପୋଷ୍ଟବର୍ଟମ ହେଇସାରିଛୁ,
ଦିଲ୍ଲୀର ନିର୍ଭୟା,ହାଇଦ୍ରାବାଦର ପ୍ରିୟଙ୍କା ପାଇଁ
ହ୍ୱାଟ୍ସପ ଡିପି ବ୍ଲାକ କରି,ମହମବତୀ ଜ୍ୟୋତି ଜାଳି
ପ୍ରତିବାଦ କରିବାର ଦୃଶ୍ୟକୁ
ଆମେବି ଅନେକ ବାର ଦେଖିଛୁ ।

ଆଚ୍ଛା କୁହ ତ,କ'ଣ ଦେଶରୁ ଧର୍ଷଣ କମିଲାଣି ?
ତୁମ ସମ୍ବିଧାନର ଫର୍ଦ୍ଦ କ'ଣ ପୋଛିପାରିବ
ନୀରବ ନୟନର ବେଦନାର ଲୁହ ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗାନ୍ଧିଙ୍କର ସେ ଉକ୍ତି ଯଦି ସ୍ୱାଧିନତାର  ମାନଦଣ୍ଡ ହୁଏ,
ତେବେ ଏ ଦେଶକୁ ତାହା କେବେ ମିଳିବ  ଟିକିଏ କୁହ
ଅବଶ୍ୟ ଏହା ଏକ ଅସମାହିତ ପ୍ରଶ୍ନ ନିଶ୍ଚୟ ।

ପ୍ରଶାସନ ,ପୁଲିସ୍ କଥା କ'ଣ ବା କହିବୁ ଯେ
ସମସ୍ତେ ତ ଦୁର୍ନୀତିର ସାଗରେ ନିର୍ଲିପ୍ତ
ଶିକାରି ଓ ଶିକାର ଭିତରେ
ଲାଭ ଖୋଜୁଥିବା ଲୋଭି ତୃତୀୟ ଚରିତ୍ର,
ରୋପି ଚାଲନ୍ତି ଯେ ଦୁର୍ନୀତିର ଭୃଣ,
ପ୍ରମାଣ ସବୁକୁ ନଷ୍ଟ କରିଚାଲନ୍ତି ତାଙ୍କ ତୀକ୍ଷ୍ଣ କଟାକ୍ଷରେ
ହୋଇଯିବ କାଳେ ପ୍ରସାରଣ  ।

ବିଧି  ବ୍ୟବସ୍ଥା,ଆଇନର ଧାରାସବୁ
ଆମପାଇଁ ଆତ୍ମହତ୍ୟାର ସିଲାବସ୍ ପାଲଟି ସାରିଲାଣି
ଆଇନ୍ କାନୁନର ଛକିଶୂନ ଖେଳରେ
ଆମେ ସବୁ ମଲାଜହ୍ନ ପାଲଟି ଗଲୁଣି,
ଏହିଭଳି ତୁମରି ଆଖି ସାମ୍ନାରେ ଅନେକ ନାରୀ ଅସ୍ତିତ୍ୱ ତ ହରେଇବେ
କ'ଣ ଆପଣ ଶୋଭାଯାତ୍ରା ପାଇଁ
ମହମବତୀ କିଣିଲେଣି ?

ପଣସଗଣ୍ଡ,କେନ୍ଦ୍ରାପଡା
ଯୋଗାଯୋଗ-୭୮୯୪୩୨୪୬୮୭

Magazine Downloaded from www.aahwaan.com

# ଜୀବନ ସଖା



ଆଶୁତୋଷ
ମେହେର

ବରଷାରେ ସିନା ଭିଜିଗଲା ଦେହ
ମନ ଯେ ରହିଲା ଶୁଖା
କହିବି କହିବି କଥା ରହିଗଲା
ହୋଇ ପାରିଲାନି ଦେଖା । ।୦ । ।

ବରଷା ସରିଲା ସୂରୁଯ କିରିଣଏ
ରଂଗ ର ରୋଷଣୀ ବୋଳି
ଇନ୍ଦ୍ରଧନୁ ଗାଏ ପ୍ରେମର ରାଗିଣୀ
ହୃଦୟ ପସରା ମେଲି
ସେ ଗୀତ ଭିତରେ ଅଲିଭା ମନର
କାହାଣୀ ହୁଏ ଯେ ଲେଖା । ।୧ । ।

କଥା ବଢିଗଲେ କାହାଣୀ ହୁଏ ସେ
ଅଛୁପା ରହେନା ମିତ
ଦୁରେ ରହିଲେ ବି ସମ୍ପର୍କ ନିବିଡ
ନିତିଦିନ ଏଇ ସତ
ତାକୁ ନେଇ ଲେଖା ପରାଣ ର ଗୀତ
ପର ଜୀବନ ର ସଖା । ।୨ । ।

୫୪ ଆର୍ଯ୍ୟପଲ୍ଲୀ,କିଟଛକ,ପଟିଆ
ଭୂବନେଶ୍ୱର ୭୫୧୦୨୪
ଦୂରଭାଷ : ୯୪୩୭୦୮୫୩୯୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମଦୁଆର ଆତ୍ମଚରିତ



ଧର୍ମେନ୍ଦ୍ର ବାରିକ

'ମ' ରେ ମରଣ 'ଦ' ରେ ଦରିଦ୍ର ମଦଯେ ଅଟଇ ଇଶ୍ୱର ।
ମଦୁଆ ଭାବଇ ସଂସାର ରେ କେହି ନ ଥିବେ ସମାନ ତାହାର ।।
ମଦ ଥିଲେ ପେଟେ ଭାବୁଥାଏ ରାଜା ସଭିଏ ସାଜନ୍ତି ମନ୍ତିରି ।
ନିଶା ଉଡିଗଲେ ସରିଯାଏ ନାଟ ହେଇଯାଏ ପୁରା ଦୁଆରି ।।
ପିଇ ମଦ ନ ଦେଖେ ମାଇପ ନ ଦେଖେ ତା ବୁଢୀ ମାଁ କୁ ।
ଯେ ଦିଏ ମୁହେ ତା ଯବାବ ମାରିମାରି ଓତାରି ଦିଏ ତା ଛାଳ କୁ ।।
ମାଇପ ପିନ୍ଧୁଚି ଚିରା ବ୍ଲାଉଜ କୁ ପୁଅ ତା ପାଉ ନି ବହିପତର ।
ନଜର ଅଛି ତା ଦେଶୀ ବିଦେଶୀ ରେ କୁଆଡୁ ଦେଖିବ ତା ଘର ସସାଂର ।।
ହାତେ ଥିଲେ ମଦ ବାହାରେ କବିତା ସତେ କବି ମାରିଯାଏ ଫେଲୁଅର୍ ।
ସକାଳ ପାହୁଣୁ ବଇନି କରଇ ପାଇପ ହାତ ରୁ ମାଡଖିଆ କ୍ୟାରିଅର୍ ।।
ଘରବାଡି ଜମି ବନ୍ଧା ତୁ ପକାଇ ପିଉ କିଆଁ ସେଇ ବିଷ ।
ସମୟ ଆଗରୁ ନେଇ ଯା ତୁହି ହେ ମଦୁଆ ପଦ ରୁ ସନ୍ୟାସ ।।
ଶୁଣ ହେ ମଦୁଆ ଏଇ ମୋ ବାରତା,କଉ ପଶୁ ତୋର ବନ୍ଧୁ ।
ବୁଝିବା ଶକତି ନାହିଁ ବୋଧେ କିଛି ସେଥିଲାଗି ମଣିଷ ହେଇ ପଶୁ ର ଖୋଳପା ପିନ୍ଧୁ ।।

ଭରୁଆ ମୁଣ୍ଡା, ଜଟଗଡ, ନୂଆପଡା
ମୋ-୯୧୭୮୮୧୮୬୧୧,୭୮୯୪୮୬୩୩୪୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫଗୁଣ ଜଳୁଛି...



ପ୍ରକାଶ କୁମାର ଚାନ୍ଦ

ମେଘ ପଣତରେ ଆକାଶଟା ଆଜି
ଯାଇଛି ଘୋଡ଼େଇ ହୋଇ
ସୂରୁଯ ଲୁଚିଛି ବଉଦ ଗାଆଁରେ
ସକାଳକୁ ଠକି ଦେଇ ।

କାହା ଅପେକ୍ଷାରେ ଗଙ୍ଗଶିଉଳିଟି
ପଡିଛି କାମୁଡି ମାଟି
କ୍ଲାନ୍ତ ଶରୀର ଦେଇଛି ଲୋଟେଇ
ପାରୁନି ଜମାରୁ ଉଠି
ଫଗୁଣ ଜଳୁଛି ଫୁଲବି ଜଳୁଛି
ଜଳୁଛି ଜହ୍ନର ଜୁଇ ।

କାଲି ତୋଳୁଥିଲା ଯେ ଲକ୍ଷେ ଝଂକାର
ଆଜି ସିଏ ଗଲା ଭାଙ୍ଗି
କିଏ ଅପରୂପା ସ୍ନିଗ୍ଧ ଚିନିଚଂପା
ଏତେ ସରି ଯାହା ଲାଗି
ନିଦ ନଇକୂଳେ ସପନ ବସିଛି
ରାତିର ତ ଦେଖିନାହିଁ ।

ଜୟପୁର ଶାସନ, ପିପିଲି, ପୁରୀ
ମୋ-୯୮୫୩୩୫୪୯୩୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୋ ସ୍ମୃତି



ସିଦ୍ଧେଶ୍ୱର ତ୍ରିପାଠୀ

ଶ୍ରାବଣର ଶେଷ ଆଉ
ଭୋଦୁଅର ପହିଲି ବେଳାରେ
ତୋ ସନ୍ଧାନ ପାଇଥିଲି
ଅଚାନକ ଏଇ ଭୁବନରେ ।

ବନ୍ଧୁତାରୁ ଗଢ଼ା ହେଲା ଆମରି ସମ୍ପର୍କ,
ଅଦିନିଆ ମଳୟ ଛୁଆଁରେ
ତୋ ଦେହରେ ବଢିଥିଲା
କାମନାର ଭୋକ ।

ଅଶୀଣର ମଧ୍ୟାନ ବେଳାରେ
ପାଖା ପାଖି ହେଉଥିଲେ
ଆମେ ଧୀରେ ଧୀରେ ।

ଯାହାଥିଲା ବିଧିର ବିଧାନ
କାର୍ତ୍ତିକ ର ଗହନ ରାତିରେ
ଦିଆ ନିଆ ହେଇଗଲା
ଆମ ଏଇ ମନ ।

ମିଠା ମିଠା ମଗୁସୁର
ପ୍ରୀତିବୋଲା କଥା ତୋର
ସୁଲଳିତ ପ୍ରେମର ସଙ୍ଗୀତ
ପଉଷର ପାଗଳ ପଣରେ
ମାଗିଥିଲି ସଜନୀ ଲୋ
ତୋର ସେଇ ହାତ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ମାଘେ ମୋତେ କଥା ଦେଲୁ

ମୋ ଜୀବନେ ଭରିଦେବୁ ରଙ୍ଗ

ହଉପଛେ ବିଳମ୍ବରେ

ନିଶିକାନ୍ତ ଜୋଛନାରେ

ଏ ନୟନେ ଦେଖିଲି ମୁଁ

ତୋର ଗୋରା ଅଙ୍ଗ ।

ଦେଖି ଦେଖି ରହିଗଲି

ଛୁଇଁନି ମୁଁ ଫୁଲ ପାଖୁଡା କୁ

ତୁ ଦେଖୁଥିଲୁ ମୋ ପାଗଳ ପଣ

ମୁଁ ଦେଖୁଥିଲି ତୋ ଆଖି ଲୁହକୁ ।

ଫଗୁଣରେ ଫାଟିଲା ମୋ ଛାତି

ଯେଉଁଦିନ କହିଦେଲୁ

ମୁଁ ଗୋଟେ ଅଜଣା ଲୋକ

ସବୁ ସୁଖ ହେଲା ମୋର ଇତି ।

ଚଇତିର ଚକ୍ଷ୍ୟୁଲଜ୍ଜା ଚିଟାଉ ତୋହର

ଦେଖି ଆଖି ଲୁହେଗଲା ଭରି

ସେଇ ଚିଠି ଜଉଘର ଜାଣି

ଆଜିଯାଏ ପାରିନି ମୁଁ ଚିରି ।

ବଇଶାଖ ଦେଇଗଲା ବିଷ

ଜୀବନର ବଡ ଅବଶୋଷ

ଜ୍ୟେଷ୍ଠ ଆଉ ଆଷାଢ଼ ସାଥିରେ

ଏ ଓଠରୁ ଲିଭିଗଲା ହସ ।

କୁଣ୍ଡିଲୋ, କେରଙ୍ଗ, ଖୋର୍ଦ୍ଧା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତଟିନୀ ପଥେ



ଅମ୍ରିତେଶ ଖଟୁଆ

ଆମ ନଈର ସେଇ ଗୁହାରି
କଳକଳ ନାଦର ଫେନିଳ ବକ୍ଷରେ,
ଅସ୍ଫୁଟ ସବୁ କେଳିର ଅନାୟାସେ
ମୋତେ କେତେ ବିଚଳିତ ନ କରିଛି
ତା ଫଲଗୁର ଇଷତ୍ ଆଢୁଆଳେ
ମୋତେ ଡେରିଛି ଅଫେରା ପ୍ରଦୋଷ ।

ଡ଼ଙ୍ଗାରେ ବସି ପାରି ହେଉଥାଏ
ଗଣ୍ଡୁଷେ ଜଳ ହାତେ ନ ଆସେ,
ଭାନୁମତୀର କଥା ମନେ ପଡେନି
ମନେ ପଡେନି ଅସ୍ତରାଗ,
ବରଗଛ ତଳ କାବୁଲି ବାଲାର
ସେ କୁହୁକମରା ଆବାଜ୍
ଆଉ ଶୁଭେନି ନିଃସର୍ଗ ପରବତ ତଳେ
ତୁମର ସ୍ପନ୍ଦନ ପ୍ରିୟେ
ଏକାକିନୀର ତୁମ ପରାୟେ,
ଆଉ ନାହିଁ ସେ ସନ୍ଧ୍ୟାର ଜ୍ୟୋସ୍ନା !

ନଈ ପାରି ହେଇଗଲି
ସବୁ ଅତୀତର ଅକିଞ୍ଚିତ ଫଲଗୁ ଛାଡି
ମୁଁ ଓହ୍ଲାଏ କୂଳର ଭିଆଣେ,
ମୁଁ ତ ସେଇ ଆବାଜ୍ ତଳ ଚିଆଁ
ମୁଁ ଆଉ ଦେଖୁନଥିଲି
ଅଗନାଅଗନି ବନସ୍ତେ ସେହି
ଏକାକିନୀର ରୋଦନ
ଆଉ ସମ୍ଭାଳି ହେଉନି ସେହି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅସ୍ତାଚଳର ବ୍ୟଞ୍ଜନା !

ଜୀବନ ଅସରାଏ ହସର
ଦରାଏ ଦୋରୁଅ,
ପ୍ରଣବ ବନ୍ଧୁରେ ଏକା
ଅସ୍ତାଚଳର ଅସ୍ନାତ ଭୋଦୁଅ !

ନାମ : ଅମ୍ରିତେଶ ଖଟୁଆ
ଠିକଣା : ୨୩୭, ଫେଜ୍ - ୨,
କାନନ ବିହାର,
ପଟିଆ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର - ୭୫୧୦୨୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କନିଆଁ ରତନ



ଅନାମ ଚରଣ ସାହୁ

ଧନ୍ୟ ତୁମେ ସଖୀ କୋଳେ
କନିଆଁ ରତନ
ଦୁଇ କୁଳ ହିତା ସେହି
କରିବ ଯତନ ।

ଘରଦ୍ୱାର ହସିଉଠେ
ପାଇତା ମହକ
ସଜଫୁଟା କଳି ସିଏ
ହରି ନିଏ ଦୁଃଖ
ସେହି ଅପାସୋରା ସ୍ମୃତି
ନୟନ ଅଞ୍ଜନ ।

ହସୁଛନ୍ତି ଗ୍ରହ ତାରା
ସଶାଗରା ଧରା
ସେହି ପରମା ପ୍ରକୃତି
ମନ୍ଦାକିନୀ ଧାରା
ଦୁଃଖ ବିନାଶିନୀ ସେହି
ଅବଳା ନମଣ ।

ଶିକ୍ଷା ଦୀକ୍ଷା ଦେଇ ତାକୁ
କରିଲେ ମଣିଷ
ପିତାମାତା ଲାଗି ଦିନେ
ଆଣିବ ସେ ଯଶ
ଦେଶ ଜାତି ଗଉରବ
ଅମୂଲ୍ୟ ରତନ ।

ବିଭୂତିପୁର,କାକଟପୁର,ପୁରୀ
ମୋ-୯୯୩୭୭୧୦୨୬୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦେହ କାନ୍ଦୁଛି



ରମାମଣୀ ସାହୁ

ଦେହ କାନ୍ଦଇ ପ୍ରାଣ ଆଶେ
ତୁ ଗଲେ ମୁଁ ରହିବି କାହା ପାଶେ !
ତୋ ବିଇନା ମୋତେ ନ ରଖିବେ
ମଡ଼ା ବୋଲିକି ଫିଙ୍ଗିଦେବେ ।
ହସିବି, ବସିବି ମୁଁ କାହିଁ
ଲାଜ କରିବି କିସ ନେଇ ?
ସ୍ନେହ ନ କରିବେ ସକଳ
ଖାଇ ପାରିବିନି ଅନ୍ନଜଳ ।
ମୋ ଦେହ ହୋଇଯିବ ମାଟି
ଫିଟାଇ ପାରିବିନି ପାଟି ।
ପିନ୍ଧି ପାରିବିନି ଦିବ୍ୟ ବସନ
ଘେନି ପାରିବିନି ଫୁଲ ଚନ୍ଦନ ।
ସୁନା, ରୂପା, ଅଳଙ୍କାରମାନ
ହୋଇପାରିବିନି ଆଉ ମଣ୍ଡନ ।
କାହା ସାଙ୍ଗେ ଆଉ ରହିଥିବି
ଦିବ୍ୟ ପଲଙ୍କେ କି ପହଡ଼ିବି ।
କେ ମୋତେ ବୁଦ୍ଧି ବତାଇବ
ଦାନ ପୂଣ୍ୟ କଥା କେ କହିବ ?
କାହାର ବୋଲେ ରାଗିଯିବି
କାହାର ନାମ ଜପୁଥିବି ।
କାହାପାଇଁ ଧନ ଅରଜିବି
କୁଟୁମ୍ବ କିମ୍ପାଇ ପାଳିବି ।
ସରିଯିବ ମୋର ଟାଣପଣ
ତୋ ମୋତେ ଛାଡ଼ିଗଲେ ପ୍ରାଣ ।
ପ୍ରାଣ ତୋ ବିନା କେ ନୁହେଁ ମୋର
ପ୍ରାଣ ବିନା କେ କରିବ ନିଜର ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁ ଚାଲିଗଲେ ସବୁ ଅଚଂଚଳ
ତଳେ ପଡ଼ିଥିବି ହୋଇ ନିଶ୍ଚଳ ।
ଅଧରେ ରହିବ ନାହିଁ ଶବଦ
ଜିଭରେ ରହିବନି କିଛି ସ୍ୱାଦ ।
ଡାକିଲେ କାନ ତ ଶୁଣିବ ନାହିଁ
ଆଖି ଆଉ ମୋତେ ଖୋଲିବନି ।
ସରିଯିବ ମୋର ଲୀଳାଖେଳା
କେଶ ବାସ ହୋଇଥିବ ମୁକୁଳା ।
ଯେତେ ସବୁ ଶ୍ରଦ୍ଧା କରୁଥିବେ
ତୁ ପଳାଇଲେ କେହି ନ ଛୁଇଁବେ ।
ଏ ଦେହ ମୋର ହୋଇବ କୁତ୍ସିତ
ମୁଁ ରହିବା ଘର ହେବ ଅପବିତ୍ର ।

ତୋ ବିନା ଜମାମୁଁ ରହି ନ ପାରିବି
ମଶାଣୀ ନିଆଁରେ ଝାସ ଦେବି ।
ସଂସାରରେ ସବୁ ରହିଥିବ
ଦେହଗଲେ ଆଉ ନ ଆସିବ ।
ପ୍ରାଣ ଗଲେ ଅନ୍ୟ ଦେହରେ ପଶେ
ଦେହ ଗଲେ ଆଉ ଜମା ନ ଆଶେ ।
ପ୍ରାଣ ନଥିଲେ ଦେହ ନାହିଁ
ଦେହ ନଥିଲେ ପ୍ରାଣ ରହିବ ନାହିଁ ।

ନାଲକୋ, ଅନୁଗୁଳ, ଓଡ଼ିଶା
ଭ୍ରାମ୍ୟଭାଷ : ୯୪୩୭୮୨୨୦୩୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଦାୟୀ ୨୦୧୯



କାହ୍ନୁଚରଣ ସାହୁ

ଆସିଥିଲ ଦିନେ ନୂଆ ବେଶେ ତମେ
ହସଖୁସି ସାଥେ ଧରି
ବିଦାୟ ଦୁଇ ହଜାର ଊଣେଇସି
ଖୁସିରେ ଯିବ ଗୋ ଫେରି ।

ତମରି ପରଶ ହୃଦୟରେ ଥିବ
ସ୍ମୃତି ହୋଇ ଚିରଦିନ
ଅଭୁଲା ଅତୀତ ବିତିବା ମୁହୂର୍ତ୍ତ
ଝୁରୁଥିବ ମନ ପ୍ରାଣ ।

କେତେ ଯେ ଉନ୍ନତି ବୃଦ୍ଧି ଅଭିବୃଦ୍ଧି
ହୋଇଲା ପ୍ରଗତି ପଥେ
ଅନେକ ବିକାଶ ହୋଇଲା ଦେଶର
ନୂଆ ନୂଆ ଲାଗେ ସତେ ।

ସେ ବୀର ସନ୍ତାନ ଭାରତ ମାତାର
ଦେଶ ଲାଗି ଦିଏ ପ୍ରାଣ
ହୃଦୟରେ ତାର ନିଃସ୍ୱାର୍ଥ ଭାବନା
ଶତ୍ରୁ ସାଥେ କରେ ରଣ ।

ପ୍ରହରୀ ସାଜି ସେ ପହରା ଯେ ଦିଏ
ମାଆର ସୁରକ୍ଷା ଲାଗି
ପୁଲୱାମା ସହରେ ହାମଲା କଲା
କ୍ରୁର ସେ ଆତଙ୍କବାଦୀ ।

ସହିଦ ହୋଇଲେ ଚାଳିଶି ଯବାନ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଖେଳିଲା ଶୋକ ଭାରତେ
କେମିତି ସହିବ ପୁଅକୁ ହରେଇ
ମାଆ ଛାତିପିଟି କାନ୍ଦେ ।

ଭାଇ ପାଇଁ ଭାଇ ଶପଥ କରିଲା
ଚରିବ ଶତ୍ରୁର ଛାତି
ବାଲାକୋଟଠାରେ ପ୍ରତିଶୋଧ ନେଲା
ଉଜାଗର ରହି ରାତି ।

ରହିଯାଇଥିବା ଅଯୋଧ୍ୟା ବିବାଦ
ହୋଇଲା ଯେ ସମାଧାନ
ଭାରତୀୟ ସ୍ପେସ୍ ରୋସର୍ଚ୍ଚ ସେଣ୍ଟର
ପଠାଇଲା ଚନ୍ଦ୍ରଯାନ ।

ଅନେକ ପଦକ ଜିତିଲା ଭାରତ
ପ୍ରିୟ ଖେଳାଳୀଙ୍କ ପାଇଁ
ଅରଜିଲା ଦେଶ କେତେ ଯେ ଗୌରବ
ଇତିହାସେ ଥିବ ରହି ।

ଉଚ୍ଛେଦ ହୋଇଲା ଜାମ୍ମୁ ଓ କାଶ୍ମୀର
ତିନି ଶ' ସତରୀ ଧାରା
ତ୍ରିରଙ୍ଗାର ତଳେ ସ୍ନେହ ପ୍ରେମଭରି
ଗଢ଼ିବ ଯେ ଭାଇଚାରା ।

ନାରୀ ନାରାୟଣୀ ଭଗିନୀ ଜନନୀ
କେବେ ସିଏ ପ୍ରାଣପ୍ରିୟା
ମନକୁ ଚୋରାଏ ପ୍ରେମରେ ଭିଜାଏ
ନିଆରା ତା'ମିଠା ଛୁଆଁ ।

ନାରୀର ସମ୍ମାନ ସମାଜ କଲ୍ୟାଣ
ଉଚ୍ଚସ୍ଥାନେ ତାର ସ୍ଥାନ
ଅବିବେକି ନର କରେ ଅତ୍ୟାଚାର
କାମନାରେ ହୋଇ ଲୀନ ।

କେତେ ନାରୀଙ୍କର ଦୁଷ୍କର୍ମ ଆଘାତେ
ଜଳିଲା ଜୀବନ ଚିତା
ହାଇଦ୍ରାବାଦେ ପ୍ରିୟଙ୍କା, ଓଡ଼ିଶାରେ
କେତେ ସ୍ମୃତିରାଣୀ, ପ୍ରିୟା ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଗାଆଁରୁ ସହର ବିକାଶ ହେବାକୁ
ହୋଇଲା ଯେ ନିର୍ବାଚନ
ଭାରତମାତାର ସାହାସୀ ସୁପୁତ୍ର
ଫେରିଲା ଅଭିନନ୍ଦନ ।

ପ୍ରକୃତିର କୋପେ ଥରିଲା ଭାରତ
ଓଡ଼ିଶାରେ ହେଲା ଫୋନି
ଅସ୍ତବ୍ୟସ୍ତ କଲା ନିରୀହ ଜୀବନ
ଜାଳିଲା ଗରୀବ ବହ୍ନି ।

ଅରୁଣ, ସୁଷମା ଓ ପାରିକରଙ୍କୁ
ହରେଇଲା ଏହି ମାଟି
ଅନେକ ଦିନର ତିନି ତଲାକର
ହୋଇଲା ପରିସମାପ୍ତି ।

ସଡକ ସୁରକ୍ଷା ଜୀବନର ରକ୍ଷା
ହେଲା ଟ୍ରାଫିକ୍ ନିୟମ
କାଳିଆ ବଳିଆ ଏ ଦୁଇ ଯୋଜନା
କିଣି ନେଲା ଲୋକ ମନ ।

ବରଷ ଶେଷରେ ପିଆଜ ସିଏଏ
ରଚିଲା ହେ। ଇତିହାସ
କେତେଯେ ଯୋଜନା କାର୍ଯ୍ୟକାରୀ ହୋଇ
ହଟିଲା ଲୋକଙ୍କ କ୍ଳେଶ ।

ବିଦାୟର ବେଳ ହାଜର ହୋଇଲା
ଚାଲିଯିବ ଉଣେଇସି
ସଭିଙ୍କର ଦୁଃଖ ଦୂର କରି ମନୁ
ଭରିଦେଉ ହସ ଖୁସି ।।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନ୍ୱେଷଣ



ପ୍ରଜ୍ଞା ପାରମିତା
ମହାନ୍ତି

କେଉଁ ଏକ ଗୁପ୍ତଧନର ସନ୍ଧାନରେ
ମାତିଚାଲିଛି ସେ
ଲଙ୍ଘିଛି ସେ ସୁଖ ବର୍ତ୍ତମାନ ।
ଭୁଲିଛି ସେ ପ୍ରିୟ-ପରିଜନ ।
ବନ୍ଧୁବାନ୍ଧବ ଓ ଆତ୍ମୀୟସ୍ୱଜନ ।

ସ୍ୱପ୍ନ ସବୁ ତାର ସୀମାହୀନ ।
ଯୋଜନା-କାର୍ଯ୍ୟକାରିତା ଅକାରଣ ।
ନାହିଁ ସେଠି ବୃଥା ଆସ୍ଫାଳନ ।
ସମସ୍ୟା ବା ତଦଜଡିତ ସମାଧାନ ।

କିନ୍ତୁ, ଅଛି ଏକ
ସର୍ତ୍ତହୀନ ଇସ୍ତାହାର ପ୍ରଦର୍ଶନ ।
ସେଥିପାଇଁ ସରୁପନ୍ଥେ ଏଇ
ତମାମ ଜୀବନ ।
ଭୋଗୁ ସ୍ୱର୍ଗସୁଖ ଅବା ନିର୍ବାସନ ।
ଅଥଚ, ସରିବନି ତାର ଏଇ ଅନ୍ୱେଷଣ ।

ପ୍ରଜ୍ଞା ପାରମିତା ମହାନ୍ତି,
ମାର୍ଫତ- ଶରତ ଚନ୍ଦ୍ର ମହାନ୍ତି
ପୁରୀ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବ୍ୟଥା



ଗୌରୀଦତ୍ତ ମାଝୀ

ଛାତି ତଳର ବ୍ୟଥା ହୋଇ ଦହୁଥାଏ ନିତି ମୋତେ
ଗୋଟିଏ କଥା, ସେ ନାରୀର ବିକାଶ
ନାରୀ ସ୍ୱାଧୀନତା, ମହିଳା ସଶକ୍ତିକରଣ,
ବେଟି ପଢ଼ାଓ ବେଟି ବଚାଓ
ମାତ୍ର ! କେତେ ସତ ଏ ସବୁ ଅସଲ ଜୀବନରେ ? ? ?

ଗରିବ ବାପର ଶିକ୍ଷିତା ଝିଅଟି ଝରିଯାଏ ଧର୍ଷିତା ହୋଇ
ଉଚ୍ଚଶିକ୍ଷିତା ନିର୍ଭୟାର ସ୍ୱପ୍ନ ମଉଳିଯାଏ
ଜହ୍ନିଫୁଲର ଆୟୁଷ ନେଇ କେତେ କେତେ
ଇତିଶ୍ରୀ, ବେବିନା, କୁନ୍ଦିଲୀ ପିଡ଼ିତାର ଆତ୍ମା
ଅତୃପ୍ତିରେ ଅଭିଶପ୍ତ ହୋଇ ଘୁରୁଥାଏ
ନ୍ୟାୟ ଆଶରେ, ଅଥଚ ! ଛାତି ଫୁଲେଇ
ବୁଲୁଥାଏ ଦୋଷୀ...

କେତେ ସୁରକ୍ଷିତ ଏଠି ଝିଅଟିଏ ? ? ?
ତା'ର ଆଶା, ସ୍ୱପ୍ନ କିଏ ଦେବ ତାକୁ ସୁରକ୍ଷା ? ? ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଖାଲି କଥାରେ କ'ଣ ପେଟ ପୁରେ, ନା ଗଢ଼ିଉଠେ
ଝିଅର ଭବିଷ୍ୟତ, ସ୍ୱପ୍ନ...
ଏବେ, ହୁଏତ ସେ ସମୟ ଉପଗତ
ଦୋଷୀର ଦର୍ପିତ ଚାହାଣୀ କରିବାକୁ ନୁଆଁଣିଆ
ଗଣତନ୍ତ୍ରର ଚାବୁକ ମାଡ଼ରେ,
ଶାସନ କଳର ଦଣ୍ଡ ଓ ନ୍ୟାୟ ବିଧାନରେ
ଥରେଇ ଦେବାକୁ ଦୋଷୀର ଅବଶିଷ୍ଟ ଜୀବନ
ସ୍ୱପ୍ନିଳ କରିବାକୁ ଗାନ୍ଧିଜୀଙ୍କ ରାମରାଜ୍ୟ
ମହିଳା ଓ ଶିଶୁ କନ୍ୟାର ବିକାଶରେ...

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୋତା



ଜ୍ଞାନେଶ୍ୱର ମିଶ୍ର

ପାଦୁକା, ଚପଲ, କଠଉ, ଚଟି
ପୁରା ଜୋତା, ହାପ୍ ଜୋତା
ଅଟୁ ତୁହି ବହୁ ନାମଧାରୀ
ଆଦିମ ଯୁଗରୁ ଆଜିଯାଏଁ ଜୀବନ ବିତାଉ
ମଣିଷର ପଦସେବା କରି
କାଠ, ଚମଡ଼ା ଅବା ରବରରେ ତୋ ଶରୀର ତିଆରି ।

ଦିନେ ରାମଙ୍କ କଠଉ ହୋଇ
ଅଯୋଧ୍ୟାର ସିଂହାସନ କଲୁ ଆରୋହଣ
ଭରତଙ୍କ ଭାତୃଭକ୍ତି ଶ୍ରେଷ୍ଠ ନିଦର୍ଶନ
ମନ୍ଦିର, ମସଜିଦ୍, ଗୁରୁଦ୍ୱାରେ
ତୋର ପ୍ରବେଶ ବାରଣ
କିନ୍ତୁ ସେ ଫାଟକ ଯାଏଁ ତୁହି ତ ବାହନ ।

ପୃଥିବୀର ଯେଉଁ କୋଣେ ହେଉ ଜନ୍ମସ୍ଥଳୀ
ଶହଶହ ମଣିଷର ତୁ ତ ଭାତଥାଳି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୋ ବିନା ଆଧୁନିକ ମଣିଷ ନିମିଷେ ନ ପାରଇ ଚଳି
ଗ୍ରାମରୁ ସହର, ସ୍କୁଲ କଲେଜ, ଥାନା କୋର୍ଟ୍ ପରିସର
ସମସ୍ତଙ୍କ ପାଦରେ ମିଳେ ଦର୍ଶନ ତୋହର
ସେବାର ଗୁଣରେ କିଏ ଯିବ ତତେ ବଳି ।

ମଣିଷ ହାତଟା ହେଉ ଯେତେ ବେଇମାନ
ତୋତେ କରୁପଛେ ଯେତେ ହୀନିମାନ
ତୁ କେବେ କାହାକୁ କରିନାହୁଁ ଅସମ୍ମାନ
ମଣିଷ ସେବା ହିଁ ଈଶ୍ୱରଙ୍କ ସେବା
ଏକଥା ବୁଝିଛି ତୋର ହୃଦୟ ଓ ମନ
ତେଣୁ ଧନ୍ୟ ସାର୍ଥକ ତୋହର ଜୀବନ ।

ଭ୍ରାମ୍ୟଭାଷ : ୮୪୨୦୨୪୨୭୫୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେମିତି କହିବି



ବିଦ୍ୟାଧର ମିଶ୍ର

ଭୋକିଲା ପେଟରେ ଓଦାକନା ଦେଇ
ବଞ୍ଚି ରହିଅଛି ଯିଏ
ତା' ଜୀବନ କ'ଣ ଏଡ଼େ ହୀନିମାନ
ଏମିତି କରିଛି କିଏ ?
କହି ବି ହେଉନି, ସହି ବି ହେଉନି
ସଂସାର ଯାତନା ଯେତେ
କେମିତି କହିବି କାହିଁକି କହିବି
ଜୀବନର ଦୁଃଖ ଯେତେ ।
କହିତ ଆସୁଛି ଜୀବନଟା ସାରା
କେତେ ତୁ ଶୁଣୁଛୁ କହ
କେମିତି କହିଲେ ସବୁ ତୁ ଶୁଣିବୁ
ନଥିବ ଜମା ମୋ ଭୟ ।

ଯାଜପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିବାହ



ବେବିସ୍ମିତା କର

ବନ୍ଧନ ଦୁଇ ମନର
ବନ୍ଧନ ଦୁଇ ଆଖିର
ବନ୍ଧନ ଦୁଇ ଶରୀରର ।

ମନର ମିଳନ ଇଏ
ଦେହର ଜ୍ୱଳନ,
ଆତ୍ମାର ବନ୍ଧନ ଇଏ
ନାହିଁ ମାନ ଅଭିମାନ ।

ବନ୍ଧନ ବିଶ୍ୱାସର
ବନ୍ଧନ ନିଶ୍ୱାସର
ବନ୍ଧନ ଦୁଇ ପରିବାରର ।

ବିଶ୍ୱାସରେ ରହିଥାଏ
ଦୁହିଁଙ୍କ ନିଶ୍ୱାସ
ସବୁକୂଳ ଲଙ୍ଘିଯାଏ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅପରିଚିତା



ରିଭୁ ଆଭୂଷଣ
ପଣ୍ଡା

ମୁହଁରୁ ନାଲି ସ୍କାର୍ଫ୍ ଖୋଲିଲା କ୍ଷଣି
ଭାସି ଆସିଲା ଚେହେରା ତମର
ଗୋରା, ସଲ୍ଲଜ, ଛନ ଛନ
ତା' ସହ ଅଝଟିଆ ପିଲାପରି
ଖସି ଯାଉଥିବା ହସଟା ସୁନ୍ଦର ।

ନିଜ ଗନ୍ତବ୍ୟକୁ ଯିବା ମୋ ବସ୍‌ରେ
ବସି ରହିବାକୁ ବାଧ୍ୟ ହେବା ଇଚ୍ଛା
ତମ ପାଖକୁ ଯାଇ, ପରିଚିତ ହେବାପାଇଁ
ଡେଇଁଗଲା, ଶୁଖିଲା ନଡ଼ାରେ ନିଆଁ ଲାଗିଗଲା ପରି
ତେବେ ଯିବାପାଇଁ ବସ୍ କାହିଁ ?

ଅପରିଚିତ ମୁଁ କଣ ବା ପଚାରିବି
ଲୋକହସା କରିପାର କହି
ସୁନ୍ଦର ଝିଅଟିକୁ ହଇରାଣ କରୁଛି
କିଏ ଜାଣେ, ତମ ଆଗରେ ପଛରେ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୋ ଭଳି ସ୍ତାବକଙ୍କ ଭିଡ଼ଥିବ କିଛି
କିମ୍ବା ଏଇ ପହଞ୍ଚିପାରନ୍ତି ତମର ମାଉସୀ ।

ଜାଣ, ପରିଚୟ ଏକ ବେପାର - ଉପାଦାନ
ନିଜ ପାଇଁ ସହଜରେ ଖୁସି କିଣିବାର ଧନ ।
ବରଂ ତମେ ଯାଅ ତମ ପଥେ, ମୁଁ ଯାଏ ମୋର
ନେଇଯାଏ ମନ ପକାଇବା ପାଇଁ ଚେହେରା ତମର ।

ମୋ ଭାବନାକୁ ଅସମାପ୍ତ କରି
ଉଠିଯାଅ ମୋ ବସ୍‌ରେ ତମେ କ'ଣ ?

ପାରଳାଖେମୁଣ୍ଡି, ଗଜପତି, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# କାହାପାଇଁ



ଜୟନ୍ତ କୁମାର ସାହୁ

ତୁ ତ ସତ୍ୟର ସମୁଦ୍ର
ଏ ଅହଂକାର ଢେଉ କାହାପାଇଁ
ତୁ ତ ଅବଶୋଷର ବର୍ଷା
ଏ ଆଲୋକ ଓ ଗର୍ଜନର ଶବ୍ଦ କାହାପାଇଁ ?

ତୁ ତ ଶାନ୍ତିର ସଙ୍ଗୀତ
ଏ ଅଶାନ୍ତର ସ୍ୱର କାହାପାଇଁ
ତୁ ତ ପ୍ରେମର ମାଟି
ଏ ଗର୍ବର ପଥର କାହାପାଇଁ ?

ତୁ ତ ସ୍ୱପ୍ନର ରାତି
ଏ ଅନ୍ଧକାର କାହାପାଇଁ
ତୁ ତ ଅବକାଶର ସକାଳ
ଏ ଜ୍ୱାଳା କାହାପାଇଁ ?

ତୁ ତ ଇନ୍ଦ୍ରଧନୁର ରଙ୍ଗ
ଏ ବିଷାଦ କାହାପାଇଁ
ତୁ ତ ଆଖିର ପ୍ରୀତି
ଝରାଉ କାହାପାଇଁ ?

ତୁ ତ ବାଟୋଇର ରାସ୍ତା
ଏତେ କଣ୍ଟକ ପୁଣି କାହାପାଇଁ
ତୁ ତ ଆବଶ୍ୟକ ସମୟ
ଏତେ ଚଞ୍ଚଳ କାହାପାଇଁ ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ତୁ ତ ପୁନେଇ ଜହ୍ନ
ଏତେ ସୁନ୍ଦର କାହାପାଇଁ
ତୁ ତ ନିର୍ଲଜ ମୁହଁର ବାକ୍ୟ
ଏତେ କଷ୍ଟଦେଉ କାହାପାଇଁ ?

ତୁ ତ କଲମର ଶବ୍ଦ
ଏତେ ବିଦ୍ରୋହ କାହାପାଇଁ
ତୁ ତ ବୟସର କବି
ଏତେ ବିରହ କାହାପାଇଁ ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତଥାପି ଈଶ୍ୱର



ଶିବଶଙ୍କର ସାହୁ

ମୋ ଭିତରେ ଈଶ୍ୱର
ମୋ ଭିତରେ ସୈତାନ ବି !
ମୁଁ କେବେ ସାଥ ଦିଏ ଈଶ୍ୱରଙ୍କର
ତ କେବେ ସୈତାନର,
ଦୁହିଁଙ୍କୁ ଲଢ଼େଇବାରେ ମୁଁ ବେଶ୍ ପାରଙ୍ଗମ
ଅଥଚ ଲହୁଲୁହାଣ ନିଜେ ।

କେବେ କେବେ ନିଷିଦ୍ଧ ଇଲାକାରେ ଆଗେଇଯାଏ ପାଦ
ଦୁଷ୍ପ୍ରାପ୍ୟ ଓ ଅପହଞ୍ଚ ଇଲାକା
ଖୋଜିବୁଲେ ସୈତାନ, ତ'
ତିଆରି ଦିଅନ୍ତି ଈଶ୍ୱର ।
ତାଙ୍କୁ ଖୋଜିବା, ଲୋଡ଼ିବା ପଡ଼େ ନାହିଁ
ସବୁଠି ସେ -
ଝରାଫୁଲର ତଥାପି ବଳିଥିବା ବାସ୍ନାଭଳି
ଆଉଁସି ଆଉଁସି ଶୁଆଇ ଦିଅନ୍ତି ।
ମୋ ଅହଂକାରକୁ ! ଗର୍ବ, ଦମ୍ଭ, ଅବିଶ୍ୱାସ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଲୁଅ ଅନ୍ଧାରର ଖେଳ,

କ୍ଷମତାର ଗାରିମାରେ ମେଞ୍ଚା ମେଞ୍ଚା ପାପ,

ଭୁଲୁଣ୍ଠିତ ନାରୀର ଇଜ୍ଜତ ମଦ ପିଆଲାରେ ।

ଶିଢ଼ିର ଶେଷ ପାହାଚରେ

ମଣିଷରୁ ପିଶାଚ, ମଣିଷରୁ ସୈତାନ ! !

ମୁଁ ହାରେନି କେବେ -

ଯନ୍ତ୍ରଣାରେ, ପରାଜୟରେ

ଏଠି ସେଠି ଖେଳିବୁଲେ ଭୋକର ଭାଗବତ

ଅନ୍ଧକାର ଓ ଅହଂକାର ।

ତଥାପି ଜିତିବାକୁ ହେବ୍

ଏବେ ବି ଯେହେତୁ

ସଜାଗ ଅଛନ୍ତି ଈଶ୍ୱର

ମୋ’ ଭିତରେ ! !

ସହାୟକ ଯନ୍ତ୍ରୀ, (ରେଳପଥ)

ରେଳସଦନ, ପୂର୍ବତଟ ରେଳବାଇ

ଭୁବନେଶ୍ୱର, ୭୫୧୦୧୭

ଭ୍ରାମ୍ୟଭାଷ : ୯୪୩୭୫୮୪୫୮୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୈବେଦ୍ୟ



ମଞ୍ଜୁରାଣୀ ମିଶ୍ର

ତୋର ଚକା ଆଖିକୁ ଦେଖିବାପାଇଁ
କେତେ ଭିଡ଼ କେତେ ବିକାଳି ଦକ୍ଷିଣା କିଣାବିକା
ବାଇଶି ପାହାଚରେ ବାଟ ମିଳେନାହିଁ
କାଳିଆରେ -
ମୋ ସାମ୍ନାରେ ଅରମା ରାସ୍ତାଟା ଭାରି ନିଛାଟିଆ ଏକା ଏକା
ମୋର ମହଣ ମହଣ ଦୁଃଖ କେଉଁ ତରାଜୁରେ ମାପିବି ଯେ
ଗଣ୍ଠିଲି କରି ତତେ ଦେବାପାଇଁ
ତୋର ଷାଠିଏ ପଉଟି ଭୋଗଖିଆ ସୁଆଦିଆ ପାଟି ପାଇଁ
କଣ ବା ବାଢ଼ିଦେବି ନୈବେଦ୍ୟ ?
ଏମିତି କାହିଁକି କରୁ
ବେଢ଼ି ଉପରେ କୋରଡ଼ା ମାଡ଼
ପାଲିଙ୍କି ଉପରେ ପାଟଛତା
ସବୁଦେଖି ନ ଦେଖିଲା ପରି ରହୁ
ଜୀବନଟା ଲାଗେ ବାଆକୁ ବତା
ଯେତେ ଦୋହରାଇଲେ ବି ତୁ ମନେ ରଖି ପାରୁନୁ ମୋ
ଜୀବନ ଗୀତ
ହାତ ବଢ଼େଇଲେ ଘୁଞ୍ଚି ଯାଉଛି ପଦ୍ମ
ମୋର ରତ୍ନ ସିଂହାସନ ଅବଢ଼ା ଭୋଗ ସୁନାବେଶ
ବଡ଼ଦାଣ୍ଡ ଗହଳିରେ ସବୁ ମିଛ ହୋଇଯାଏ ସତ ।

ହାଇଦ୍ରାବାଦ, ଭ୍ରାମ୍ୟଭାଷ : ୭୩୮୦୨୬୫୬୭୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁ ଟିକେ ଧୈର୍ଯ୍ୟ ଧର



ଶେଖର କୁମାର ସାହୁ

ତୁ ଟିକେ ଧର୍ଯ୍ୟ ଧର !
ମଣିଷର ପ୍ରକୃତ ରୂପ
ଦେଖିବା ପାଇଁ
ସେ ତ ଏବେ ପାଉଡ଼ର ବୋଳି
ଆସିଛି ! !

ତତେ ତ ଏବେ ସେ
ଚକମକ ପରି ଲାଗୁଛି
ଯେମିତି
୨୪ କ୍ୟାରେଟ୍ ସୁନାପରି ! !

ତୁ ତୋ ହୃଦୟରେ ବାନ୍ଧି ଦେ
କିଛି ମୁହୂର୍ତ୍ତ ପାଇଁ !
ସେ ତ ବଦଳିଯିବ...
ବାରମାସୀ ଚଢ଼େଇ ପରି ! !

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସ୍ୱାଗତଂ ନୂଆବର୍ଷ



ସମ୍ବେଦନା ମିଶ୍ର

ଉଣେଇଶି ଯାଏ ସରି ସରି
ଆସିଲାଣି ଏବେ କୋଡ଼ିଏ ପାଳି
ନୂଆ ଆଶା ନୂଆ ସମ୍ଭାର ଧରି
ଖୁସିରେ ସଂସାର ଉଠିବ ଭରି ।

ଭୁଲେଇ ଦେବ ସେ ଦୁଃଖ ଯାତନା
ଦେଖାଇ ଆମକୁ ନୂଆ ଭାବନା
ଜୀବନରେ ଭରି ସଦ୍‌ଭାବନା
କରିବା ଆମେ ତା ଶୁଭକାମନା ।

ନୂଆ ଆକାଂକ୍ଷାର ନୂଆ ବରଷ
ସବୁରି ମୁହଁରେ ଫୁଟିବ ହସ
ନୂଆ ବର୍ଷର ନୂଆ ବିଶ୍ୱାସ
ପୂରଣ ହୋଇବ ସବୁରି ଆଶ ।

ନୂଆ ସଂକଳ୍ପରେ ହେବା ପ୍ରସ୍ତୁତ
ନୂଆ ବରଷରେ ହେବା ଜାଗ୍ରତ
ପୁଲକିତ ହେବ ସବୁରି ମନ
ନୂଆ ବରଷକୁ କରି ସ୍ୱାଗତ ।

ସମ୍ବିତ ଭିଲ୍ଲା, ଘାଟିକିଆ, ଭୁବନେଶ୍ୱର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସ ନୂଆବର୍ଷ



ସତ୍ୟବ୍ରତ ସାହୁ

କରୁଛି ସ୍ୱାଗତ ଆସ ନୂଆବର୍ଷ ଓଠରେ ଫୁଟାଇ ହସ,
ଭୁଲିଯିବ ନାହିଁ ପ୍ରିୟାଠାରୁ ମୋର ଆଣିବା ପାଇଁ ସନ୍ଦେଶ ।
ଗତ ଚିଠିରେ ତା' ଲେଖିଥିଲା ପ୍ରିୟା ତୁମହାତେ ଦେବ ବାର୍ତ୍ତା
କେମିତି ବିତିଛି ସାରା ବରଷଟି ଲେଖିବ ସେ ସବୁ କଥା ।
ବର୍ଷା, ବସନ୍ତ, ଶରତ ଓ ଶୀତ କେ ଦେଇଛି
ଦୁଃଖ କିଏ ବା ଦେଇଛି ହସ ।
ନୂଆବର୍ଷ ପାଇଁ ଜଣାଇଥିବ ସେ ଅନେକ ଅଭିନନ୍ଦନ
ପ୍ରିୟାର ବାରତା ପାଇବା ପାଇଁକି ବ୍ୟାକୁଳିତ ମୋର ମନ ।
ଶୀତ ସିନା ଏବେ ଯାତନା ଦେଉଛି ଭୁଲିବି ମୁଁ
ସବୁ ପ୍ରିତା ମୋ ଥିଲେ ହରଷ ।
କରୁଛି ସ୍ୱାଗତ ଆସ ନୂଆବର୍ଷ ଓଠରେ ଫୁଟାଇ ହସ
ଭୁଲିଯିବ ନାହିଁ ପ୍ରିୟାଠାରୁ ମୋର ଆଣିବାପାଇଁ ସନ୍ଦେଶ ।

ପଲ୍ଲାସାହି, କମାଳପୁର, ଅହିୟାସ,
ଯାଜପୁର, ୭୫୫୦୩୬, ଓଡ଼ିଶା
ଭ୍ରାମ୍ୟଭାଷ : ୯୩୩୮୧୬୫୬୧୯

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କେତେ ଦିନ



ପ୍ରକାଶ ଚନ୍ଦ୍ର ପଣ୍ଡା

କେତେ ଦିନ ଆଉ  ଏ ଦେଶର ନାରୀ
ହେଉଥିବ ନିର୍ଯ୍ୟାତିତ
କେତେ ଦିନ ଆଉ ଏହି ନାରୀ ଜାତି
ହେବ ଲାଞ୍ଛିତ, ବାଞ୍ଛିତ ।

କେତେ ଦିନ ଆଉ କାମାତୁର ମାନେ
କାମାନ୍ଧେ ହୋଇବେ ଅନ୍ଧ
ନିଜର କାମନା ଜ୍ୱାଳାକୁ ମେଣ୍ଟାଇ
ଭୁଲିଯିବେ ଭଲମନ୍ଦ ।

ସଭ୍ୟର ସମାଜେ  ଅସଭ୍ୟ ମାନଙ୍କ
ନିର୍ଲଜତା କେତେ ଦିନ
କେବେ ଆଉ ସିଏ ବୁଝିବ ନାରୀର
ମାନ ଆଉ ଅପମାନ ।

ଉନ୍ନତି ନାଆଁରେ  ଯେତେକ ଅନୀତି
ଏବେ ବି ରହିଛି ଭରି
ଶିକ୍ଷିତ ସମାଜେ   ଅଶିକ୍ଷିତ ଆଜି
ଖେଳୁଛି ରକ୍ତର ହୋରି ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମୋ ଭାବନା



ଦୀପାଞ୍ଜଳି ଭଞ୍ଜ

ନବବର୍ଷ ମୋ ପାଇଁ ପୁରୁଣା
ସତେ ଅବା ମୁଁ ସେହି ବାଟବଣା ।
୪୭' ଅଗଷ୍ଟ ପନ୍ଦର, ଯାହାଥିଲା
ଏ ଦେଶ ପାଇଁ ସ୍ୱାଧୀନତା ଆଣିଥିଲା ।
ସେଇ ଆଶା, ସେହି କାମନା
ପୁରୁଣା ହୋଇଛି ସବୁକିଛି ଭାବନା ।
କେତେ ନୁଆ ନୀତି, କେତେ ଯୋଜନା
ପ୍ରଗତିର ସ୍ୱପ୍ନ ସବୁ ତ ଛଳନା ।
ଦୁର୍ନୀତି, ଭ୍ରଷ୍ଟାଚାର ଆଉ କୂଟନୀତି
ଏ ଜନତାଙ୍କ ପାଇଁ ଅଦଳ ବଦଳ ରାଜନୀତି ।

ପଦ ପଦବୀର ଲୋଭ, ସ୍ୱାର୍ଥ ଲାଳସା
ସେମାନେ ହେଲେ ଚଳନ୍ତି ବିଷ୍ଣୁ ମଉସା ।
ଯେଉଁମାନେ କଳେବଳେ ଗାଦିରେ ବସିଲେ
କ୍ଷମତାର ଡୋରୀ ଧରି ଆମକୁ ନଚାଇଲେ ।
ଦରବୃଦ୍ଧି, ଅଭାବ ଅନାଟନ, ଜୀବନ ଯନ୍ତ୍ରଣା
ପ୍ରଦୂଷିତ ହୋଇଗଲା ସମାଜର ଅଗଣା ।
ତଥାପି ମନୁଷ୍ୟ ତା' ଅର୍ଥ ବୁଝେନା
ଆଜିର ଦୁନିଆରେ ଏ ମୋର ଭାବନା ।

ଅଧ୍ୟାପିକା, ସଂସ୍କୃତ ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିନ୍ତୁ



ବିକାଶଚନ୍ଦ୍ର ବେହେରା

ଶୁଣନ୍ତୁ ଧୀମନ୍ତେ କିନ୍ତୁ ର କଥା,
କିନ୍ତୁ ଯହିଁ ରୁହେ ହୁଏ ଅନ୍ୟଥା ।
କିନ୍ତୁରୁ ନହୁଏ କଥାର ଶେଷ,
ଆରମ୍ଭଇ ସେଠୁ କଥା ଅଶେଷ ।
ମନ ମଧ୍ୟେ ଯେବେ କିନ୍ତୁଟି ରହେ,
ଦ୍ୱନ୍ଦ ଓ ସନ୍ଦେହ ସେ ଉପୁଜାଏ ।
ଚିକିତ୍ସକ କଲେ କିନ୍ତୁର ସୃଷ୍ଟି,
ଆରୋଗ୍ୟ ନତୁବା ହୁଏ ଅନ୍ତ୍ୟେଷ୍ଟି ।
ବାରିଷ୍ଟର ଯେବେ କିନ୍ତୁ ରଖିଲା,
ଉଷ୍ମ କର ମୁଣା ନହେଲେ ଗଲା ।
ପୁଲିସର କିନ୍ତୁ ଅଟେ କୁଳିଶ,
ହସ୍ତ ଗୁଞ୍ଜା ଦିଅ ନଦେଲେ ଫସ ।
କିନ୍ତୁ ର ପ୍ରତୀକ ନେତା ମନ୍ତ୍ରିରୀ,
ପ୍ରଜା ବୁଲଇ ପଛେ ଘିରିଘିରି ।
ମଦୁଆ ମନର କିନ୍ତୁ ର କଥା,
ବ୍ରହ୍ମାଣ୍ଡ ବୁଲିବୁ କ୍ଷଣେ ଜାଣିଥା ।

ବନ୍ଧୁତା ପ୍ରେମରେ କିନ୍ତୁ ରହିଲେ,
ଭାଙ୍ଗେ ସେ ସମ୍ପର୍କ କ୍ଷଣକେ ଭଲେ ।
ପ୍ରେମିକାର କିନ୍ତୁ ଭାରି ବିପଦ,
ମିଳେ ମକରନ୍ଦ ନୋହିଲେ ମଦ ।
ଯଦିବା ପ୍ରକୃତି କିନ୍ତୁ ସୃଜଇ,
ବନ୍ୟା ବିପ୍ଳାତ ନିତି କରଇ ।
ବିଦ୍ୟାର୍ଥୀ ମନେ କିନ୍ତୁ କଲେ ବାସ,
ଗୁରୁ ତତକ୍ଷଣେ ବୁଝେଇ ଆସ ।
ଋଷି ମୁନି ମନେ କିନ୍ତୁ ର ଛାପ,
ଆଶୀର୍ବାଦ କିମ୍ବା ମିଳଇ ଶାପ ।
ପ୍ରଭୁଙ୍କ ମନରେ ରହିଲେ କିନ୍ତୁ,
ଯଥାରୀତି ପାଦେ ଶରଣଯାନ୍ତୁ ।

ଛାତ୍ର, ଶିକ୍ଷା ବିଭାଗ
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ-୭୫୩୦୦୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆସରେ ପିଲାଏ ଆସ



ନୀଳାମ୍ବର ମହାନ୍ତି

ଗଛଟିଏ ହେବା ଆସରେ ପିଲାଏ, ଗଛଟିଏ ହେବା ଆସ
ଫୁଲଫଳ ଛାଇ ସମସ୍ତଙ୍କୁ ଦେଇ
ଲଭିବା ଆତ୍ମସନ୍ତୋଷ,
ଗଛଟିଏ ହେବା ଆସ ।

ନଈଟିଏ ହେବା ଆସରେ ପିଲାଏ, ନଈଟିଏ ହେବା ଆସ
ସର୍ବପ୍ରାଣୀ ହିତେ ଜଳଦାନ କରି
ବହୁଥିବା ଅହର୍ନିଶ,
ନଈଟିଏ ହେବା ଆସ ।

ବହିଟିଏ ହେବା ଆସରେ ପିଲାଏ, ବହିଟିଏ ହେବା ଆସ
ନୀତିଶ୍ଳୋକ ହୋଇ ହୃଦୟକୁ ଛୁଇଁ
ଦେବା କେତେ ଉପଦେଶ,
ବହିଟିଏ ହେବା ଆସ ।

ଦୀପଟିଏ ହେବା ଆସରେ ପିଲାଏ, ଦୀପଟିଏ ହେବା ଆସ
ନିଜେ ଜଳିଜଳି ଆଲୋକକୁ ବୁଣି
ଅନ୍ଧାର କରିବା ନାଶ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଦୀପଟିଏ ହେବା ଆସ ।

ଗପଟିଏ ହେବା ଆସରେ ପିଲାଏ, ଗପଟିଏ ହେବା ଆସ
ନାତିନାତୁଣୀକୁ ବୁଢ଼ୀ ଆଉ ମା'
ଶୁଣାଇବ ଦିବାନିଶ,
ଗପଟିଏ ହେବା ଆସ ।

ଫୁଲଟିଏ ହେବା ଆସରେ ପିଲାଏ, ଫୁଲଟିଏ ହେବା ଆସ
ନାନା ରଙ୍ଗଧରି ଫୁଟି ବଗିଚାରେ
ବିତରିଯିବା ସୁବାସ,
ଫୁଲଟିଏ ହେବା ଆସ ।

ବୀରଟିଏ ହେବା ଆସରେ ପିଲାଏ, ବୀରଟିଏ ହେବା ଆସ
ଦେଶ ସେବାକରି ଜୀବନ ଲିଭିଲେ
ରହିଯିବ ଆମ ଯଶ,
ବୀରଟିଏ ହେବା ଆସ ।

ବିଜ୍ଞାନ ଶିକ୍ଷକ, ମହତାବ ଉଚ୍ଚବିଦ୍ୟାଳୟ, ଚମ୍ପୁଆ, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶବ୍ଦ ଯନ୍ତ୍ରଣା



ପଙ୍କଜ କୁମାର
ମାହାନା

ଆଜି ମନେପଡେ  ସେହି ପୁରୁଣା କଥା,

କଥାରେ ଥିଲା କେତେ ମଧୁରତା  ।

ଆଜି ସେଇକଥା କାହିଁ ଲାଗେ ଏତେ ତିକ୍ତତା  !

ସତେ ଯପେରି ଝରୁଅଛି,ଗରଳର ଧାରା

ଥିଲା ସମୟ ବର୍ଷଣ ହେଉଥିଲା

ମୃଦୁ ମଧୁରତାର ମୂର୍ଚ୍ଛନା  ।ା

କେତେ ଯେ ରୋମାଞ୍ଚକର କଥା

ଶୁଣୁ  ଥିଲା ଯେ ଏହି କର୍ଣ୍ଣେ  ।

ହେଲେ ଆଜି ଶୁଭୁନାହିଁ

ତୁମ ଶବ୍ଦ ସ୍ୱରର ସାଙ୍ଗୀକତା  ।  ।

ଆଜି କର୍ଣ୍ଣକୁ ଶୁଭୁଛି

କେବଳ ଶବ୍ଦ ଯନ୍ତ୍ରଣା  !

ହୃଦୟକୁ ଦେଉଛି କେତେଯେ ଯନ୍ତ୍ରଣା  ।  ।

ସଂସ୍କୃତ ଅଧ୍ୟାପକ
ଶୁଳିଆପଦା, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୀଡ଼



ରାଜେନ୍ଦ୍ର ସାମଲ

ହେତୁ ହେଲା ପରେ
ମୋ' ଘର ବୋଲି ଯାହା ଦେଖିଲି,
ତାହା ଥିଲା,
ସୁନ୍ଦର ଏକ ବାଇଆ ପକ୍ଷୀର ନୀଡ ॥
ସେଠି ମୁଁ
ମୋ' ପିତାମାତା ପରିଜନ ସାଥେ
କେତେ ସୁଖର ଦୋଳି ଖେଳିଛି,
ଘରଚଟିଆ ଶାବକକୁ ଗେଲ କରିଛି,
ଶଙ୍ଖୀ ବିଲେଇକୁ କୋଳ କରିଛି,
କଉତୁକେ ବାରଣ ନ ମାନି
ବଉଳା ପହ୍ନାରୁ ଉଷୁମ କ୍ଷୀର ପିଇଛି,
ପୁଣି,
ସାଙ୍ଗସାଥି ମେଳରେ
ଧୂଳିଖେଳ ପରି କେତେ ଖେଳ ଖେଳିଛି ॥
ସେଇ ନୀଡରୁ
ଛିଣ୍ଡା ବସ୍ତାନିରେ
ଭଙ୍ଗା ସିଲଟ-ଖଡି
ଆଉ
କଦଳୀ ପାଟୁଆ ଆସନ ନେଇ
ପାଠ ପଢି ଯାଇଛି ପାଖ ଗାଁ ସ୍କୁଲକୁ,
ନିତି ସଞ୍ଜରେ
ଲଣ୍ଠନ,ଡିବି ଆଲୁଅରେ ପାଠ ପଢି
କେତେ ସୁନେଲି ସ୍ୱପ୍ନରେ ବିଭୋର ହେଲି ॥
କିନ୍ତୁ ହାୟ !
ସାବକ ଉଡିଶିଖିବା ଆଗରୁ
ମା'ବାପ ଚାଲିଗଲେ ହାତ ଧରାଧରି ହେଇ;
ଗୁରୁ-ପରିଜନଙ୍କ ସହଯୋଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଆଉ

ଆତ୍ମ ଉଦ୍ୟମ ଓ ତପସ୍ୟାରେ

ସ୍ୱପ୍ନ ତୋଳି ମଣିଷ ହେଲି ଏ ଦୁନିଆରେ

ପୁଣି ଯଥାକାଳେ

ସଂସାର କରି ଗୃହସ୍ଥ ବି ହେଲି ॥

--୨--

କାଳକ୍ରମେ

ସାମର୍ଥ୍ୟକୁ ଚାହିଁ

ନୀଡ ମୋ'ର ନବ କଳେବର ନେଇ

ମୋ' ଦୃଷ୍ଟିରେ ହୋଇଗଲା,

ଛୋଟମୋଟ ମହେନ୍ଦ୍ର ନିଳୟ ॥

କାଲିର ନୀଡ ହେଉ

ଅବା ଆଜିର ଏନିଳୟ,

ଘର ମୋର କିନ୍ତୁ ଶାନ୍ତିର ମନ୍ଦିର

ଆଉ ସୁଖ-ସ୍ୱପ୍ନର ଭୂସ୍ୱର୍ଗ,

ଯାହାର ମାୟାବନ୍ଧନ ମୋତେ

ପ୍ରସକ୍ତ କରିଛି ନିବିଡ ଭାବରେ,

ଯେଉଁଠି ଥିଲାବେଳେ

ଅସୁମାରି ସୁଖଶାନ୍ତି ସବୁ

ଲହଡି ଭାଙ୍ଗନ୍ତି ମନ-ବେଳା ଛୁଇଁ ଛୁଇଁ ॥


ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ଉତ୍ତର ବୟସରେ,

ସୂରୁଜ ମୁଣ୍ଡ ଉପରୁ ଖସିଗଲା ପରେ

ଭାବୁଛି ମୁଁ ନିୟତିର ନ ନିୟମକୁ ଚାହିଁ,

କାଲି ଯେବେ ମୋ' ଘଟ ଛୁଟିବ,

ଯେବେ

ଏ ନୀଡ ପାଇଁ ମୁଁ ହୋଇବି ଭୂତ,

ସେତେବେଳେ

ନୀଡହରା ମୋ' ଜୀବ-ବିହଙ୍ଗ

କେଉଁଠି ଖୋଜିବ ତାର ନୀଡ ଅନ୍ୟ ଏକ ??

ସେଇଠି କି ??

ଜେଜେମାଆ କାହାଣୀର ସେ

ଭୟଙ୍କର ଯମ-ଜନ୍ତୁ ଗୃହରେ,

ଅଥବା

ପୋଥିରେ ପଢା

ଚିର ପ୍ରଶାନ୍ତିର ସେ ବୈକୁଣ୍ଠ ଧାମରେ

ଯେଉଁଠୁ କେହି ଆଉ ଫେରେନି,

ଯାହା ସୂରଯ,ଚ ॥ଏକତାର ବାଓ୍ୱାର୍ ॥

ନୂଆ ଇତିହାସ  ରଚିନି ଭାରତ

ଆଜିର ଏହି ସକାଳେ,

ଧୂଳି ଲାଗିଥିବା  ଶାଶ୍ୱତ ମନ୍ତ୍ରକୁ

 Magazine Downloaded from www.aahwaan.com

ଧୋଇଲା ସତ୍ୟର ଜଳେ ॥

ଋଷି 'ସମ୍ବନନ' 'ସଂଜ୍ଞାନ'ସୂକ୍ତରେ

ଯେଉଁ କାଳଜୟୀ ବାର୍ତ୍ତାର୍

ଦେଇଥିଲେ ତାର ପୁନଃ ସଂସ୍କରଣ

କଲେ ଆଜି ନ୍ୟାୟକର୍ତ୍ତାର୍ ॥

ଏହି ସଂସ୍କରଣ ବିଶ୍ୱକୁ ଦେଇଛି

ସଦମ୍ଭ ଆମ୍ଭ ବାରତା-

ଅନେକ ଫୁଲର ମାଳା ଏ ଭାରତ

ଭିନ୍ନତା ମଧ୍ୟେ ଏକତା ॥

ସବୁ ସମ୍ପ୍ରଦାୟ ସକଳ ଧରମ

ଯେତେ ବର୍ଣ୍ଣ,ଭାଷା ଏଠି

ଭିନ୍ନ ଭିନ୍ନ ବୋଲି ଦୃଶ୍ୟ ହୋଇଲେ ବି

ମୂଳତଃ ସବୁ ଏକାଠି ॥

ଏକା ଜଳ ଯଥା ତୁଷାର,ଶିଶିର,

କୁହୁଡି ତଥା ବୁଦ୍ ବୁଦ

ତଥା ଭିନ୍ନ ଦୃଶ୍ୟ ସବୁ ଜନ ଏଠି

ଅଭିନ୍ନ ଗୋଟିଏ ହୃଦ ॥

କେଉଁ ଅବେଳାରେ ଉଠିଥିଲା ସିନା

ମିଛ ତମଃ ବିବାଦର

ଶୁଭ ସକାଳରେ ଶମିତ ସେ ତମଃ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅକ୍ଷୁର୍ଣ୍ଣ ବାୱାର୍ ଐକ୍ୟର ॥

ତିନିଶ'ସତୁରୀ ପରେ ଏ ବିଜୟ

ବଜ୍ର କରିଛି ଏ ମାଟି

ସଭିଙ୍କ ହୃଦୟେ ଆନନ୍ଦ ଜୁଆର

ଶତ୍ରୁ ଛାତି ଯାଏ ଫାଟି ॥

ଗୋଟିଏ ମାଆର ସନ୍ତାନ ସଭିଏଁ

ନାହିଁ ଆମ ଭେଦଭାବ

**"ଇଦ୍- ହୋଲି"** ପାଳୁ ଏକାଠି ଆମେ ଏ

ସାମ୍ପ୍ରଦାୟିକସଦ୍ଭାବ ॥

ଯିଏ ଏଠି ରାମ ସେଇ ତ ରହିମ

ସେହି ଯୀଶୁ-ଜୈନ-ବୁଦ୍ଧ,

ଏକ ହିଁ ଈଶ୍ୱର ଅନେକେ ବିମ୍ବିତ

ଆମ ଏକେଶ୍ୱରବାଦ ॥

ଏକ ଭ୍ରାତୃଭାବେ ବନ୍ଧା ହୋଇ ଶାନ୍ତି,

ମୈତ୍ରୀ,ପ୍ରୀତି ଲକ୍ଷ୍ୟ ଆମ,

ଏହି ମନ୍ତ୍ରେ ଦିନେ ଭାରତ ବାନ୍ଧିବ

ସମଗ୍ର ଏ ବିଶ୍ୱଧାମ ॥

[ଅଯୋଧ୍ୟା ରାୟ ଶୁଣାଣି ଖୁସିରେ]

ଅଧ୍ୟକ୍ଷ, ଆଞ୍ଚଳିକ ମହାବିଦ୍ୟାଳୟ, ଗଡିଆ, ମୟୂରଭଞ୍ଜ, ଓଡ଼ିଶା ॥

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜୀବନ ଯୁଦ୍ଧ



ବିକାଶ ଚନ୍ଦ୍ର ଧୁଙ୍ଗିଆ

ବଇକୁଣ୍ଠଧାମେ ସକାଳରୁସଞ୍ଜ ସଞ୍ଜରୁ ସକାଳ
ବର୍ଷ ମାସ ଦିନ କେତେ,
ପେଟ ପାଇଁ ଆଜି ଚାଲି ଅଛି ନାଟ
ଦୁନିଆ ଦାଣ୍ଡରେ ସତେ ।।
ମୁରବୀ ପଣକୁ ହୋଇଲେ ଉତ୍ତୀର୍ଣ୍ଣ
ସଂସାରଟା ଭାରୀ ଭାରୀ,
ସଂସାର ବୋଝକୁ କେମିତି ନେବ ହେ
ଜୀବନ ଯୁଦ୍ଧରେ ଆଜି ।।
ସଂସାର ବାରିଧି ଲଙ୍ଘିବା ପାଇଁ କି
ଲାଗଇ କେତେ କଠିନ,
ପରିଶ୍ରମର ଏଇ ନୌକା ଉପରେ
ଜୀବନଟା ଟଳମଳ ।।

ପେଟ ପାଇଁ କିଏ କରୁଅଛି ନାଟ
ଶ୍ରେଷ୍ଠ ପାଇଁ କିଏ କରେ,
ଜୀବନ ଯୁଦ୍ଧରେ ସଭିଏଁ ସମାନ
ଊଣା ନାହିଁ କେହି ଜଣେ ।।
ରଜନୀର ସେଇ ନିସ୍ତବ୍ଧ କୋଣରେ
କେତେ ଯେ କଷଣ ସତେ,
ପୁଙ୍ଗୁଳା ଦେହକୁ ଅଜାଡି ଦେଇଛି
ପର ପୁରୁଷଙ୍କୁ କେତେ ।।
ସେହି ନାରୀ ଦିନେ ପେଟକୁ ତା' ଚିରି
ଜନମ କରିଛି ଛୁଆ,
ଜୀବନ ଯୁଦ୍ଧରେ ହାରି ଗଲା ପରେ
ଡଷ୍ଟବିନ୍, ବିକ୍ରି, ରାସ୍ତା ।।
ଧନୀକର ପାଇଁ ତୁମୁଳ ସଂଗ୍ରାମ
ଲାଗିଅଛି ଅହରହ,

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କେମିତି ହେବ ହେ, ଶ୍ରେଷ୍ଠ ସ୍ଥାନ ଏଇ

ଜୀବନ ଯୁଦ୍ଧରେ ମୋର ।।

ଜୀବନ ଯୁଦ୍ଧରେ ଅର୍ଜିଥିଲ ଯେତେ

ସବୁ ତ ରହିବ ପଡି,

ନେଇଯିବ ସଙ୍ଗେ ନିଜର ସୁକୃତି

ଅର୍ଜିଥିଲ ଯେତେ ଆଜି ।।

ଧନୀ କି ଗରିବ, ମୂର୍ଖ କି ଶିକ୍ଷିତ

ସଭିଏଁ ସମାନ ଅଟ,

ପରମ ପୁରୁଷ

ଭେଦଭାବ ଶୂନ୍ୟାଞ୍ଚଳ ।।

ଶୁଳିଆପଦା, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ ସମୟ



ବଳବନ୍ତ ସିଂ

ମୁଁ ବୋହି ଚାଲିଥାଏ ଚାଲିଥାଏ
ଦେଖେ ନାହିଁ ପଛପଟେ । ।
ମତେ ବାନ୍ଧିବାର ନାହିଁ ଶିଙ୍କୁଣୀ
ନାହିଁ ମନ୍ଦିରର ଘଣ୍ଟି । ।
ହେ ସମୟ.......... । ୦ ।

ନେଇ ଆସିଥାଏ ପରିଶ୍ରମର ଫଳ
ଦେଇ ଯାଇଥାଏ ବିଧାନରର ଫଳ
କାଳ କାହାକୁ କରଇ ଫକୀର
କାହାକୁ କରଇ ଅମୀର । ।
ହେ ସମୟ........... । ୧ ।

ସମୟ ସ୍ରୋତରେ ଭସିବୁଲେ
ପ୍ରେମ ଯୌବନ କ୍ଳିଷ୍ଟତା । ।
ଆମ ହୃଦୟରେ ଭୋରି ହୋଇ
ଜ୍ଞାନ ଗୁଣ ଲକ୍ଷଣତା । ।
ହେ ସମୟ............ ।୨ ।

ମୂହୁର୍ତ୍ତ ଆସେ ଆନନ୍ଦ ଦୁଃଖର ଉପହାର
ରହି ଚିରକାଳ  ସରିଥାଏ ମୃତ୍ୟୁର ଦୁଆର
ହେ ସମୟ............ ।୩ ।

ସବୁ କିଛି ଲାଗେ ପର ଆପଣର ଘଟଣା
ରହିଯାଏ ଶେଷ ଜୀବନର ଆଶା ପାଉଣା ।
ହେ ସମୟ.............. ।୪ ।

ଗଡିଆ,ମୟୂରଭଞ୍ଜ,ଓଡିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଶୀତ ସକାଳ



ଜାନକୀ ନାୟକ

ଶୀତ ସକାଳର ଶୀତୁଆ ପରଶ
ମନେ ଭରିଦିଏ ଅନେକ ହରଷ ।
ଉଲ୍ଲସି ଉଠେ ସସାଗରା-ଧରା
ଉପବନେ ଅଧିର ମତ୍ତ ଭ୍ରମର ପରା ।
ଫୁଲରୁ ଫୁଲକୁ ଉଡି ଉଡି
ସତେ ଅବା ବାର୍ତ୍ତା ଦିଏ ଝାଡି ।

ସସାଗରା-ଧରା ସବୁଜିମା ଭରା
ନବ୍ୟ କାନନେ, ନବ୍ୟପୁଷ୍ପ ଭରା ।
ଶୀତ ସକାଳର ଦୂତ ମୁଁ ଷଟ୍ ପଦ
ଦୂର ଦୂରାନ୍ତରୁ ଆଣିଛି ନବ୍ୟଚେତନାର
ଭାବ ।
ମତୁଆଲା ମତ୍ତ ଭ୍ରମର ମୁହିଁ
ଫୁଲେ ଫୁଲେ ଦେବି ଯଉବନର ସ୍ପର୍ଶ ।

ଫୁଲରସିଆ ମୁଁ ଫୁଲରେ ଝୁଲେ
ମହାଆନନ୍ଦରେ ଫୁଲରେ ବୁଲେ ।
ଜାତିଜାତିକା ଫୁଲକୁ ଦେଖି
ହୁଏ ମୁଁ ଖୁସି
ଫୁଲ ମୋ ବାସ , ଫୁଲ ମୋ ହସ
ଫୁଲ ମୋ ସବୁକିଛି ।
ଫୁଲକୁ ଛାଡି ନପାରେ ବଞ୍ଚି
ଫୁଲ ମୋ ସବୁ କିଛି ।

ବାରିପଦା,ମୟୂରଭଞ୍ଜ,ଓଡିଶା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଗ୍ରୀଟିଙ୍ଗ୍ କାର୍ଡ୍



ହିରାବତୀ ପାତ୍ର

ନାହିଁ ସେ ଗ୍ରୀଟିଙ୍ଗ୍ କାର୍ଡ଼ ନାହିଁ ସେ ଶାୟରୀ
ନାହିଁ ପୁଣି ସେ ସମ୍ପର୍କ ଭାବ,
ହ୍ୱାଟ୍ସଆପ, ଫେସବୁକରେ ଜଣାଇଲେ
ଜିଣି ପାରିବା କି ହୃଦୟ ।।
କେଉଁଠି ହଜିଲା ମିଠା ସେ ସମ୍ପର୍କ
ଆଧୁନିକତା ନେଲା କି କିଣି,
ଫୋନ୍ ରେ ନବବର୍ଷ ଅଭିନନ୍ଦନ କଲେ
ଭାବନ୍ତି କାମଟି ଯିବ ସରି ।।
ସମ୍ପର୍କର ସେଇ ମଧୁର ଗୁଞ୍ଜନ
ଭାଙ୍ଗି ଗଲା କି ଆଜି,
କେଉଁଠି ହଜିଲା କୁଆଡେ ଗଲା
ସେଇ ଗ୍ରୀଟିଙ୍ଗ୍ ଲେଖା ଶାୟରୀ ।।
ରଙ୍ଗୀନ୍ ରଙ୍ଗୀନ୍ ଗ୍ରୀଟିଙ୍ଗ୍ ଦିଆନିଆ
ଡିସେମ୍ବର ମାସରୁ ଚାଲୁଥାଏ,
ନୂତନ ବରଷ ଶୁଭକାମନା
ସ୍ମୃତି ହୋଇ ରହିଯାଏ ।।

ଆଜି ଏଇ ମତର୍ଣ୍ଣ ନବବରଷଟି
କେବେ ଆସେ ଜଣାପଡ଼େ ନାହିଁ,
ମଦ ମାଂସ ଖାଇ ଘୁରିବୁଲନ୍ତି
ହ୍ୟାପି ନିଉ ୟିଅର୍ କହି ।।
ସମୟ ବଦଳେ ଯୁଗ ବଦଳେ
ବଦଳେ ପୁଣି ଦିନ,
ଆଧୁନିକତା ଯେତେ ବି ଉନ୍ନତି ହେଉ
ବଦଳାଅ ନାହିଁ ମନର ଭାବ ।।
ନୂଆ ଆଶା ଆଉ ନୂତନ ସଂକଳ୍ପ
ନବ ବରଷେ ଆସ ନେବା,
ପୁଣି ସେଇ ଗ୍ରୀଟିଙ୍ଗ୍ କାର୍ଡ଼କୁ
ଆମେ ଫେରାଇ ଆଣିବା ।।

ନଳଗଜା, ମୟୂରଭଞ୍ଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ସାଥିରେ



ଅଭିଜିତ ଦାଶ

ଜୀବନ ମୋର ହୋଇଥିଲା ଅମାବାସ୍ୟା ରାତି
ଶୁଣିବାକୁ ନ ଥିଲେ କେହି ମୋ ହୃଦୟ ଗୀତି
ହୋଇ ପୁନେଇଁ ଜହ୍ନ ଆସିଲୁ ଯେ ତୁହି
ଅମାବାସ୍ୟା ଅନ୍ଧକାର ଚାଲିଗଲା କାହିଁ ।

କୋଟିଏ ତାରାରେ ତୁହି ଗୋଟିଏ ଚାନ୍ଦ
ତୋ ରଶ୍ମିର ଅନ୍ତରେ ଲୁଚିଛି ମୋ ଆନନ୍ଦ
ଅତିଥି ସାଜିଯେ ମୋର ଜୀବନେ ଆସିଲ
ପ୍ରେମର ଦୀପଟିଏ ମୋ ମନେ ଜାଳିଦେଲ ।

ସେହି ଦୀପର କାରଣେ ଆଲୋକିତ ମୋ ଜୀବନ
ତୋ ପ୍ରେମରେ ପାଗଳ ଯେ ମୋ ମନ
ମୋ ପାଗଳ ହୃଦୟ ତୋ ପ୍ରେମରେ ଭରା
ତୋ ହାତ ଧରି ଚାଲିବି ମୁଁ ଜୀବନ ସାରା ।

ତୋ ଆଖିରୁ ଝରିଯାଏ ପ୍ରେମର ବରଷା
ଭାଙ୍ଗିବନି କେବେ ଆମ ଅତୁଟ ଭରଷା
ଏହି ଭରଷା ବଳେ ବଞ୍ଚିଅଛି ମୁହିଁ
ମୋ ପ୍ରେମ, ମୋ ଜୀବନ, ମୋର ସବୁକିଛି ତୁହି ।।

ଛାଡିଯିବୁ ନାହିଁ କେବେ
ଭାଙ୍ଗିବୁନି ମୋର ମନ
ତୋ ବିନା ବଞ୍ଚି ରହିବି ମୁଁ ସିନା
କିନ୍ତୁ ନ ଥିବ ଏ ଜୀବନ ।

ଶ୍ରେଣୀ- ଏକାଦଶ
ଏସ୍.ଭି.ଏସ୍. ସିନିୟର୍ ସ୍କୁଲ୍, ବାରିପଦା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅଫେରା ଅନ୍ୱେଷା



ଜିତେନ୍ଦ୍ର କୁମାର ସ୍ୱାଇଁ

ସେଦିନ ଚନ୍ଦ୍ରୋଦୟ ଯଥେଷ୍ଟ ପୂର୍ବରୁ
ତମେ ସିନା ଚାଲିଗଲ, ଆରପାରିକୁ
ମୋ ଉପରେ ଅଭିମାନ କରି
ଆକାଶରେ ତାରା ଗଣିବାକୁ
ମୋତେ ଠକି-ମିଛ ଗୋଟେ ପ୍ରତିଶୃତି ଦେଇ ।
ମୁଁ କିନ୍ତୁ ରହିଗଲି ଜଳିବାକୁ
ସହାରାର ଉତ୍ତପ୍ତ ବାଲିରେ
ପତ୍ରହୀନ ଥୁଣ୍ଟା ଖଜୁରୀ ଗଛଟେ ପରି
କେତେ ଝଡ଼ କେତେ ବାଧା
ଅନ୍ଧାରୁ ଆଲୋକ ପାଇଁ ।୦।
ଏବେକୁ ଅଳକା, ସାଳନ୍ଦୀ, ସୁଲଗ୍ନା କୂଳରେ ବସି
ଗଣୁଛି ମୁଁ ପ୍ରାଣହୀନ ତରଙ୍ଗକୁ ତା'ର
ଏକ, ଦୁଇ, ତିନି କରି ।
ତରଙ୍ଗର ଭିଜା ବାଲିପରେ ଝରୁଛି ମୋ ଲୁହ
ସେଇ ଲୁହେ ଦେଖାଯାଏ ଛୋଟ ଗୋଟେ ମୁହଁ
ତୁମ-ମୁହଁ............. ଠିକ୍ ତମ ପରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏକ ଲୟେ ଚାହିଁଥାଏ ମୁଁ

ନିରବରେ, ନିଷ୍ପନ୍ଦରେ ସିଗାରେଟ ଧରି ।୧ ।

ଅଫିସ କିମ୍ବା ପାର୍କ ଯାଉ ଯାଉ କେବେ ଯଦି ?

ୟୁନିଫର୍ମ ପିନ୍ଧା ଝିଅଟିଏ ଦେଖେ

ମନେ ପଡ଼େ ତୁମ ମୁହଁ - ତୁମ କୃଷ୍ଣ କବରୀ କଥା

ତୁମର ସେ ଘୁମନ୍ତ ନୟନ

ଯେଉଁଥିରେ ହଜିଯାଏ

ତମ-ମୋର, ସପନର ଅୟୁତ ଯୁଗର କଥା ।୨ ।

ତମ ନୀଳ ଶାଢ଼ୀ, ତମ ନୀଳ ଆଖି

ସର୍ବୋପରି ତମର ସେ ଘନନୀଳ ଅତରୀତ ବେଣୀ

ସାଗରର ଫେନାୟିତ ରଙ୍ଗଠୁ

ଢ଼େର ବେଶି ନୀଳ ଲାଗେ ମୋତେ ।

ଅଧା ଜହ୍ନ କାଳୀ ଅନ୍ଧାରରେ

ଝାଉଁବଣ ଗାଉଥାଏ, ସାଗର ସଂଗୀତ

ଅତିକ୍ରାନ୍ତ ସୂର୍ଯ୍ୟୋଦୟ ପରି ତୁମ ମୁହଁ

ଭାରି ମନେ ପଡ଼େ ।୩ ।

ତୁମେ ଆସି ଦେଖା ଦିଅ ଖୁବ ନିକଟରେ ସଂଗୁପ୍ତରେ

ମୋତେ ଲାଗେ ତୁମେ ଚାଲିଛ ମୋରି ପଛରେ

ପାଦ ଚିପି ଚିପି, ଖୁବ ସଂଗୁପ୍ତରେ ଗୋପନରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବେବି ଡିସେମ୍ବର ର ହାଡ଼ଭଙ୍ଗା ଶୀତ ରାତିଟାରେ

ମୁଁ ଶୋଉଛି ମୋର ବାତାୟନ ମେଲି

ବାହାରେ ଅନେକ ଶୀତ..........

ଷ୍ଟ୍ରିଟ ଲାଇଟ ଶୋଇଥାଏ ନିଘୋଡ଼ ନିଦରେ 

ମୁଁ କିନ୍ତୁ ଚାହିଁଥାଏ ସୀମାନ୍ତ ପ୍ରହରୀ ପରି

ଚାତକିତ ଚାହାଣିରେ ଖାସ ତମ ପାଇଁ

କାଳେ ତୁମେ ଆସିଯିବ

ଚୁପି ଚୁପି ରାତି ଅଧଟାରେ ???

ମୌଦା, ସଢ଼ା, ହାଟଡ଼ିହି, କେନ୍ଦୁଝର

ଭ୍ରାମ୍ୟଭାଷ: ୯୩୩୭୬୮୯୮୨୩/୯୬୬୮୫୪୨୯୦୨

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଟ୍ୱେଣ୍ଟି ଟ୍ୱେଣ୍ଟିର ପ୍ରତିଜ୍ଞା



ବିଦ୍ୟାଧର ପଣ୍ଡା

ବଣଭୋଜି ପାଇଁ ଗଛ ଛାଇନାହିଁ
ଟୋଂଟିଟୋଂଟି ଆସେ ଧାଇଁ
ନୂଆ ବରଷକୁ ପାଛୋଟି ନେବାକୁ
ଉଣିସି ବସିଛି ହିଁ
ଆଜିର ମାନବ ସାଜିଛି ଦାନବ
ନିଇତି କାଟୁଛି ଗଛ
ଜଳ ସ୍ଥଳ ବନ ଗିରି ପ୍ରଦୁଷିତ
ଆକାଶକୁ ମଣେ ତୁଚ୍ଛ
ପ୍ରକୃତି ମାଆର ବହଇ ରୁଧିର
ଚେତନା ହୋଇଛି ଶୁନ୍ୟ
ଗଛ ପୋତିବାକୁ ବଳୁନାହିଁ ମନ
କଟାଳୀ ହୋଇଛି ଧନ୍ୟ
ବଜ୍ରପାତ ଭୟ କଲାଣି ଅଥୟ
ଅଦିନ ବରଷା ଦାଉ
ଦୈବୀଦୁର୍ବିପାକ ଷୀର ମଡକ
ଦୁଃଖ ଏଠି ହାଉଯାଉ

ନିଶ୍ୱାସ ପ୍ରଶ୍ୱାସେ ଦେହେ ବିଷ ପଶେ
ଅସାଧ୍ୟ ରୋଗ କାରଣ
ନାକେ କନାଛଣା ଅମ୍ଳଜାନ କିଣା
କେମିତି ହେବ ବାରଣ ?
ବରଷକେ ଥରେ ଗଛ ମୁଁ ପୋତିବି
ପାଳିବି ପ୍ରକୃତି ଅଜ୍ଞା
ନୂଆ ଡାଇରୀର ଆରମ୍ଭରେ ଲେଖ
ଟୋଂଟିଟୋଂଟିର ପ୍ରତିଜ୍ଞା

ଏମ୍. ଟେକ୍. ସିଭିଲ, ଏଲ୍. ଏଲ୍. ବି.
(ଅଥରିଟି ଇଂଜିନିୟର, ଏସ୍. ଏଚ୍. ଡ଼ି. ପି. –
ଓଡ଼ିଶା ସରକାର)
ଖ-୧୭/୧୫, ପଞ୍ଚସଖା ନଗର, ଡୁମୁଡୁମା,
ଭୁବନେଶ୍ୱର-୧୯
ଜି; ଖୋର୍ଦ୍ଧା, ଓଡ଼ିଶା, ମୋ-୯୪୩୯୧୨୮୦୫୦

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଜଳାତଙ୍କ ରୋଗ



ରାହୁଲ ପ୍ରଧାନ

*ଜଳାନ୍ତକରୋଗପ୍ରତିଷେଧକ*

ରୋଗ ହିଁ ଶରୀର ଅରି

ଜଳାନ୍ତକ ରୋଗ ସଂକ୍ରମ କରି ସଂକ୍ରମ କରି

କଷ୍ଟ ଦେଉଥାଏ ଭାରି ଭାରି ।

ହାଇଡ୍ରୋଫୋବିଆ ତା' ନାମ

ଶୋଷ ମଧ୍ୟ ଜଳ ନକରେ ପାନ ନକରେ ପାନେ

ଭୟ ଲାଗୁଥାଏ ଘନ ଘନ ।

ପାଗଳା ପୁଷୀ

କୁକୁର, ଗଧିଆ, ମାଙ୍କଡ଼ କାମୁଡିବାରେ କାମୁଡିବାରେ

ରୋଗ ସଂକ୍ରମିତ ଏ ପ୍ରକାର ।

ପାଗଳ ପ୍ରାଣୀର ଲାଳ

କାମୁଡିବା ଦ୍ୱାରା କରେ ପାଗଳ କରେ ପାଗଳ

ସ୍ନାୟୁ ଶିରେ ବଢେ ରୋଗ ବଳ ।

ଅଳ୍ପ ଜ୍ୱର ମୁଣ୍ଡ ବ୍ୟଥା

ସ୍ନାୟୁ ହାତଗୋଡ ବିନ୍ଧା ଓ ଛିଟା ବିନ୍ଧା ଓ ଛିଟା

ରୋଗେ ମରଣଟି ସତ କଥା ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭୂତାଣୁ ଜନିତ ରୋଗ

କୁକୁର ବିରାଡ଼ି ଲାଳରୁ ରୋଗ ଲାଳରୁ ରୋଗ

ସ୍ନାୟୁ ଜୀବାଣୁ ପରା ସୁହାଗ ।

ରୋଗୀ ହୁଏ ଉତ୍ତେଜିତ

ଭୟରେ ପ୍ରଳାପ କରେ ବହୁତ କରେ ବହୁତ

ଶଙ୍କୁଚିତ ଖାଦ୍ୟ ନଳି ଓଠ ।

H.D.V.C ପ୍ରତିକାର

ତୁରନ୍ତ ଚିକତ୍ସା ନକଲେ ମଲ ନକଲେ ମଲ

ଟୀକା ଦେବା ଶୀଘ୍ର ଦରକାର ।

(ସମାପ୍ତ)

Magazine Downloaded from www.aahwaan.com

# ଧନୁଯାତ୍ରା



ରିନୁମା ବିଶ୍ୱାଳ

ଯମୁନା ସେ ପାରି ମଥୁରାପୁର
ରାଜା ସେଠାକାର କଂସାସୁର ...
କଂସାସୁର ମାମୁଁ କରିଛି ଫନ୍ଦି
ଭଣଜାକୁ ତାର ଦେବସେ ମାରି ...
ଧନୁଯାତ୍ରା ନାମେ ଭେଳିକି କରି
ଭଣ୍ଡିକି ପାରିବ ମୃତ୍ୟୁକୁ ସେହି ?
ଏଣେ ଦୂତ ପଣେ ଅକ୍ରୂର ଉଭା
ବୃନ୍ଦାବନେ ତେଣୁ ଶୋକର ଛାୟା ...
ଯଶୋଦା ମା'ର ଦୁଃଖ କେ ବୁଝେ
ଆଖି ଲୁହ ସବୁ ଓଠ ତା ପିଏ ...

ଷଷ୍ଠ ଶ୍ରେଣୀ
ବିଭାଗ - ( ଖ )
ନ'ଗାଁ
ଜିଲ୍ଲା - ବଲାଙ୍ଗୀର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଅନ୍ତର୍ଧ୍ୱନୀ



ସନାତନ କଟା

କେହି ତ ଜଣେ ଆପଣେଇ ନିଅ,
ବିନା ଦ୍ୱିଧା, ବିନା ସଙ୍କୋଚରେ,
ବିନା ସ୍ୱାର୍ଥ, ବିନା ଶୋଚନାରେ...
ଯଦି ପାରିବନି,
ଦରକାର ନାଇଁ
ଥିବା ଯାକେ ମୋ' ବାପା...

କେହି ତ ଜଣେ ଭରସା ଦିଅ
ଖୋଲିଦେବି ମୋ ମନର
ଯେତେକ ଅକୁହା କଥା
ଅନର୍ଗଳ
ଆଖିରେ ମୋ ପୁଟୁଳି ବାନ୍ଧି,
ପାରିବନି ଯଦି
ଦରକାର ନାଇଁ
ଥିବା ଯାକେ ମୋ ବାପା...

କେହି ତ ଜଣେ ମୋର ସହିଯାଅ,
ସବୁ ଭୁଲ, ସବୁ ଅପମାନ
ସବୁ ନିର୍ଯ୍ୟାତନା, ସକଳ ତାଡ଼ନା
ସବୁ ଭୁଲି ମୋ ଦୁଃଖରେ ହୋଇଯାଅ ଠିଆ
ପାରିବନି ଯଦି
ଦରକାର ନାଇଁ,
ଥିବା ଯାକେ ମୋ ବାପା...

କେହି ତ ଜଣେ ମୋତେ ଚିହ୍ନିବାକୁ
ଚେଷ୍ଟାକର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ମୁଁ କେତେ ଭୁଲ୍, କେତେ ଠିକ୍

କଣ ଚାହୁଁଛି, କଣ ନାଇଁ

ମୋର ସମସ୍ୟା କ'ଣ, ସମାଧାନ କଣ

ପାରିବନି ଯଦି

ଦରକାର ନାଇଁ

ଥିବା ଯାକେ ମୋ ବାପା...

କେହି ତ ଜଣେ ମୋ ପାଖେ ଥାଅ

ସବୁବେଳେ, ସବୁଠାରେ

ମୋ ପାଖରେ, ମୋ ଅନ୍ତରେ

ଅଦୃଶ୍ୟ ସତ୍ତାଟେ ପରି,

ଠାକୁର ପୂଜିବା

ଜରୁରୀ ହିଁ କ'ଣ

ଥିବା ଯାକେ ମୋ ବାପା...

ଭ୍ରାମ୍ୟଭାଷ : ୯୪୩୭୮୬୮୨୫୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କିଏ ତୁମେ...



ସେବକାନ୍ତ ନନ୍ଦ

କିଏ ତୁମେ ପ୍ରେମିକା...
ତୁମର ସ୍ପର୍ଶରେ ହୃଦୟ ଦହନଶୀଳ
ନିରୋଳାରେ ଏକୁଟିଆ ତୁମେ ବିରଳ
ଅଜଣା ଏ ସହରେ ଦେଖାହେଲା ଯେବେ
ମନ ମୋର ବିଚଳିତ ହୋଇଛି
ଚିହ୍ନିନାହିଁ ତୁମକୁ
ଠିକଣା ତୁମ ଜଣାନାହିଁ ।
ଭଲ ମୁଁ ପାଇବି ତୁମକୁ କେମିତି
ମୁଲ୍ କରି ହସିଦିଅ ତୁମେ
ଦେଖିଲେ ମତେ !
ହେଲେ କିଛି କହିପାର ନାହିଁ ! !
କିଏ ତୁମେ ପ୍ରେମିକା...

ସପନରେ ଆସ ଯେବେ
ପାଖେ ଥିଲାପରି ଲାଗ
ପ୍ରେମ ହେଲା ତୁମ ସାଥେ
ଦେଖାହେଲା ଯେବେ ରାଜରାସ୍ତାର
ବିଶାଦ ହୃଦୟେ ଆନନ୍ଦ ଦେଇଛ
ମନକୁ ବିଚଳିତ କରି ଉନ୍ମାଦ କରିଛି
ସମୁଦ୍ରର ତରଙ୍ଗପରି
ମାଡ଼ି ଆସୁଛ ମୋ ପାଖକୁ
ହେଲେ ମିଳନରେ ମୁଗ୍ଧ ହୋଇ
ରହିଅଛ ଏକା...
କିଏ ତୁମେ ପ୍ରେମିକା !

ବନ୍ଧପାଲି, ବଲାଙ୍ଗିର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁଚ୍ଛ ଏ ଜୀବନ



ସରୋଜ ସାହୁ

କାହିଁକି ବାନ୍ଧିଲ ସଂସାର ଜଞ୍ଜାଳେ
ଦେଇଦିଅ ମୋର ମୁକ୍ତି
କରିଦିଅ ମୋତେ ପଥଚାରୀଟିଏ
ସଦାଥାଉ ତୁମ ଭକ୍ତି ।

ଧନନାହିଁ ମୋର ନିର୍ଧନଟିଏ ମୁଁ
କାହିଁ ହେବି ଲୋକହସା
ସବୁ ଆଶା ମୋର ନିରାଶ ହେଲାଣି
ପାଖେ ନାହିଁ ପରିଭାଷା ।

ଦୁର୍ଲଭଭରା ଏଇ ମଣିଷ ଜନମ
ପାରିଲିନି ତାକୁ ବୁଝି
ଶାନ୍ତି ଖୋଜୁ ଖୋଜୁ ପାଇଲି ଯନ୍ତ୍ରଣା
ମାୟାଜାଲେ ଗଲି ହଜି ।

ବଞ୍ଚିବାକୁ ଆଉ ତୃଷ୍ଣା ନାହିଁ ମୋର
ମିଛ ଏଇ ଦୁନିଆରେ
ନିଜକୁ ସମ୍ଭାଳି ଚାଲିପାରେ ନାହିଁ
ନିୟତି ଚକ୍ରରେ ହାରେ ।

ପାପପୂଣ୍ୟ ମୋର ହିସାବ କରିକି
କି ଅବା ହବ ଲାଭ
ବଞ୍ଚିଥାଉ ଥାଉ ନିର୍ଜୀବ ହେଲିଣି
ପ୍ରାଣରେ ନାହିଁ ମୋ ଜୀବ ।

ଆଠଗଡ଼, କଟକ
ଭ୍ରାମ୍ୟଭାଷ : ୯୩୪୮୫୭୬୨୨୪

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାରୀ



ମହେନ୍ଦ୍ର କୁମାର ସ୍ୱାଇଁ

ଝିଅଟିଏ ବୋଲି ନାହିଁ ମୋର କଣ
ବଞ୍ଚିବାର ଅଧିକାର
ମାଆର ପେଟରୁ ମାରିଦେଉଅଛ
ଛଡେଇ ମୋ ଅଧିକାର
ମାଆ ପୁଣି ମୁଁହି ଭଉଣୀ ବି ହୁଏ
ହୁଏ ମୁଁ କାହାର ସ୍ତ୍ରୀ
ଦୁନିଆ ଦେଖିବା ପୂର୍ବରୁ କାହିଁକି
ମାରୁଛ ମୋତେରେ ନେଇ
ପିଲାଦିନୁ ରୁହେ ବାପାଙ୍କ ଅଧୀନେ
ବଡ ହେଲେ ସ୍ୱାମୀ ପାଖେ
ବୁଢ଼ୀ ହେଇଗଲେ ପୁଅ ପାଖେ ରହେ
ଥାଏ ମୁଁ ସବୁରି ଦୁଃଖେ
ମାଆ ହୋଇକରେ ପୁଅ ଝିଅ ସେବା
ସ୍ତ୍ରୀ ହୋଇ ସ୍ୱାମୀଙ୍କର
କେମିତି ମାରୁଛ ତଣ୍ଟି ଚିପିଦେଇ
ନେଉଛ ଜୀବନ ମୋର

ଅବଳା ଦୁର୍ବଳା ବୋଲି ଏ ସମାଜେ
ସବୁବେଳେ ଥାଏ ତଳେ
ସ୍ନେହଥାଏ ମୋର ନିଜଠାରୁ ଦୂରେ
ଦୁଃଖେ ମୋ ଜୀବନ ସରେ
ମୁଁ ଥିଲେ ସିନା ମାଆଟିଏ ହେବି
ହେବି ମୁଁ ତୁମର ସାଙ୍ଗ
ଦୁନିଆ ଆଲୋକ ଦେଖିବା ଆଗରୁ
ମାରୁଛରେ ମତେ ଆଗ
ପୁଅ ଝିଅ ଦୁହେଁ ସଭିଏଁ ସମାନ
ନାହିଁରେ ଅନ୍ତର କିଛି
ପୁଅ ଭଳି ଝିଅ ସମାଜରେ ଆଜି
ସବୁଠି ପୂଜା ପାଉଛି

ପଥରଚକଡା, ମାଧପୁର, ନୟାଗଡ, ଓଡିଶା
୭୫୨୦୭୮, ମୋ : ୮୨୪୯୬୭୬୫୦୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମା ଭଗବତୀ ମହାତ୍ମ୍ୟ



ସରୋଜିନୀ ମିଶ୍ର

ଜୟ ଜୟ ଭଗବତୀ ଜଗତଜନନୀ
ଜୟ ଜୟ ଭଗବତୀ ଦୁଃଖ ବିନାଶିନୀ ।
ଜୟ ଜୟ ଭଗବତୀ ମହିଷ ମର୍ଦ୍ଦିନୀ
ଜୟ ଜୟ ଭଗବତୀ ଅଭୟଦାୟିନୀ ।
ଜୟ ଭଗବତୀ ବାଣପୁର ଅଧିଷ୍ଠାତ୍ରୀ
ଭକ୍ତିରେ ଡାକିଲେ ନାଶ କରୁ ମା ଦୁର୍ଗତୀ ।
ନୟାଗଡ଼ ଶାଳବଣ୍ଡୁ ଶାଳିଆ ନଦୀରେ
ଭାସି ଆସିଲୁ ମା ତୁହି ବାଉଁଶ ରୂପରେ ।
ବାଉଁଶ ଭାବିମ୍ ଅନରେ କାଠ କାଠୁରିଆ
କାଟିବାପାଇଁ କି ସହ ହୋଇ ହେଲା ଠିଆ ।
ଚୋଟାଏ ଯେମିତି ସିଏ ପକାଇଣ ଦେଲା
ରକତର ନଈ ତହିଁ ବହିଣ ଯେ ଗଲା ।

ଏହା ଦେଖି ଆଶ୍ଚର୍ଯ୍ୟ ଚକିତ କାଠୁରିଆ
ସାହି ପଡ଼ିଶା ଦେଖିଣ ହୋଇଲେ ଛାନିଆ ।
ରାତିରେ ସପନେ ଆସି କହିଲୁ ମା ତୁହି
ସେହିଠାରେ ରଖି ତତେ ପୂଜିବାର ପାଇଁ ।
ସେହିଦିନଠାରୁ ମାଗୋ ବାଣପୁରେ ରହି
ପୂଜା ପାଉଅଛୁ ଭଗବତୀ ନାମ ବହି ।
ମହିଷ-ମର୍ଦ୍ଦିନୀ ମାଗୋ ଦେବୀ ଅଷ୍ଟଭୂଜା
ଦକ୍ଷ ପ୍ରଜାପତିଙ୍କର ଅଟୁ ମା ତନୁଜା ।
ବାରଗୋଟି ଶକ୍ତିପୀଠ ମଧ୍ୟେ ଅନ୍ୟତମ
ବାଣପୁର ରାଣୀ ମାଗୋ ଭଗବତୀ ନାମ ।
ଗଜପତି ମହାରାଜ ଦିନେ ଅରଣ୍ୟରେ
କ୍ରନ୍ଦନରତ ରମଣୀ ଦେଖିଲେ ନେତ୍ରରେ ।
ପଚାରିଲେ କିମ୍ପା ମାତ କରୁଛ କ୍ରନ୍ଦନ ?
କରୁଣ ଧ୍ୱନୀରେ ପୁରି ଯାଉଛି କାନନ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନାହିଁଟି ମୋର ମନ୍ଦିର ନାହାନ୍ତି ଭକତି
ଏଠି ରହି କିମ୍ୱା ମୁହିଁ ହୋଇବି ଦୁଃଖିତ ?
କହିଲୁ ମା ତୁହି ଛାଡ଼ିଯିବୁ ବାଣପୁର
ଚାଲିଗଲେ ଧ୍ୱଂସ ହୋଇଯିବଟି ସହର ।
ଏହାଶୁଣି ରାଜାଙ୍କର ମନ ବିଚଳିତ
କାକୁତି ମିନତି ହୋଇ କଲେ ପ୍ରଣିପାତ ।
ମନ୍ଦିରଟିଏ ଗଢ଼ିଲେ ତୋର ପୂଜାପାଇଁ
ଦୁଃଖ ବିନାଶିଲୁ ଅଧିଷ୍ଠାତ୍ରୀ ଦେବୀ ହୋଇ ।
ସାତ ଭଉଣୀଙ୍କ ମଧ୍ୟେ ରହି ବାଣପୁରେ
ବାଣପୁରକୁ ବିଖ୍ୟାତ କରିଲୁ ଅଚିରେ ।
ତୋର ପ୍ରତିନିଧି ମାଗୋ କାଠୀ ଭଗବତୀ
ଚତୁର୍ଦ୍ଦଶୀ ଦିନ ଗ୍ରାମ୍ୟ ଭ୍ରମଣ କରନ୍ତି ।
ତୋରାଣିପିଆ କରୁ ମା ଘରେ ଘରେ ପଶି
ପଦରେଣୁ ଦେଇ ଧନ୍ୟକରି ଗ୍ରାମବାସୀ ।
ଘୋଡ଼ାନାଚ ସହ ପାଇକଆଖଡ଼ା ଦେଖି
ମନ୍ତ୍ରମୁଗ୍ଧ ହୁଏ ଦେହମନ ଯାଏ ଲାଖି ।
ଆତସବାଜି ଧ୍ୱନୀରେ କମ୍ପଇ ସହର
ମନକିଣି ନେଇଯାଏ ପାଟପଟୁଆର ।
ଦଶହରାରେ ସ୍ୱତନ୍ତ୍ର ଉତ୍ସବ ତୋହର
ଭକ୍ତି ସାଗରେ ବୁଡ଼ଇ ମନ ଭକ୍ତଙ୍କର ।
ଚିଲିକା କୂଳରେ ମାଗୋ ବାଣପୁର ସ୍ଥାନ
ନୈସର୍ଗିକ ପରିବେଶେ କରିଲୁ ଆସ୍ଥାନ ।
କେଳେଇ ମହାପାତ୍ର ମା ତୋହରି ଭକତ
ତାହାଘରେ ପୂଜା ପାଉଥାଉ ପ୍ରତି ନିତ୍ୟ ।
ଏକଦିନ ଶଙ୍ଖାଧରି ଆସି ଶଙ୍ଖାବାଲା
ଡାକଦେଲା ମହାପାତ୍ରଙ୍କର ଘରେ ଭଲା ।
ଷୋଡ଼ଶୀ ରୂପରେ ମାଗୋ ଉଭା ତୁହି ଦେଲୁ
ଷୋଳପଟ କଳାଚୁଡ଼ି ମାଗି ତୁହି ନେଲୁ ।
କେଳେଇ ମହାପାତ୍ରଙ୍କୁ ଶଙ୍ଖାବାଲା ଯାଇ
ମାଗିଲା ଚୁଡ଼ି ପଇସା ଦିଅ ମୋର ଭାଇ ।
ମହାପାତ୍ରେ ପଚାରନ୍ତି ଶୁଣ ଶଙ୍ଖାବାଲା
ଘରେ କେହିନାହିଁ ଚୁଡ଼ି କିଏ ନେଲା ଭଲା ?

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାହାକୁ ଚୁଡ଼ି ଦେଇ କାହାକୁ ମାଗ ଟଙ୍କା
କାହାକୁ ଦେଇଛ ଭଲଭାବେ ମନେ ପକା ।
ଶଙ୍ଖାରି କହଇ ଶୁଣ ମହାପାତ୍ର ଭାଇ
ଝିଅଟିଏ ଆସି ଷୋଳପଟ ଚୁଡ଼ି ନେଇ ।
କଳାଚୁଡ଼ି ଷୋଳପଟ ନେଇଣ ସେ ଗଲା
ବାପାଦେବେ ପଇସା ବୋଲିଣ କହିଲା ।
ଭଲଭାବେ ଦେଖ ନିଶ୍ଚେ ଚୁଡ଼ି ଘରେ ଥିବ
ଚୁଡ଼ି ନ ମିଳିଲେ ପଇସା କିଛି ନ ଦେବ ।
ମହାପାତ୍ର ବାବୁ ଘର ଭିତରକୁ ଗଲେ
ପ୍ରତ୍ୟେକ ଘରେ ଚୁଡ଼ିର ସନ୍ଧାନ ସେ କଲେ ।
ପ୍ରତ୍ୟେକ ସ୍ଥାନ ଖୋଜିଲେ ତନ୍ନ ତନ୍ନ କରି
ଚୁଡ଼ି ନ ପାଇ ଶେଷରେ ଆସିଲେଟି ଫେରି ।
ଶେଷରେ ଠାକୁର ଘର ମହାପାତ୍ରେ ଗଲେ
ଷୋଳପଟ କଳାଚୁଡ଼ି ସେଠାରେ ଦେଖିଲେ ।
ଚୁଡ଼ି ଦେଖି ମହାପାତ୍ରେ ହୋଇଲେ ଚକିତ
ଧାଇଁ ଆସି ଶଙ୍ଖାରିକୁ କଲେ କୋଳାଗ୍ରତ ।
ଧନ୍ୟଭାଇ ଧନ୍ୟ ତୁମେ ମାଆଙ୍କ ଭକତ
କନ୍ୟାରୂପେ ଦରଶନ ଦେଇଗଲେ ମାତ ।
ମୁହିଁ ହତଭାଗା ନ ପାଇଲି ଦରଶନ
ଶଙ୍ଖାରି ହେଲେ କି ହେଲା ସ୍ୱଚ୍ଛ ତୁମ ମନ ।
ମାନବୀୟ ଲୀଳା ରଚିଗଲେ ମା ଜନନୀ
ଜୟ ଜୟ ଭଗବତୀ ଦୁର୍ଗତି ନାଶିନୀ ।
ଯେଉଁ ଭକ୍ତ ଭକ୍ତିଭାବେ ଡାକଇ ମା ତତେ
ଦୁର୍ଗତି ନାଶିନୀ ଦୁଃଖ ବିନାଶୁ ତୁରିତେ ।
ଅପରାଧ କ୍ଷମା ମୋର କରିବୁ ମା ତୁହି
ସରୋଜିନୀ ମିଶ୍ର ହୃଦେ ସଦା ଥିବୁ ରହି ।

ଆଲୋକନଗର, ଆମ୍ବପୁଆ, ବ୍ରହ୍ମପୁର
ଦ୍ରାମ୍ୟଭାଷ : ୯୯୩୮୪୭୫୨୦୭

Magazine Downloaded from www.aahwaan.com

# ଭୁଲି ମୁଁ ପାରିବି ନାହିଁ



ପ୍ରଶାନ୍ତ କୁମାର ନାଥ

ତୁ ଆଜି ଖୁସିରେ ଦିନ କାଟୁଛୁ ଲୋ
ଦୁଃଖରେ ବିତେ ମୋ ଦିନ
ଭଲ ପାଇବାର ଅଭିନୟ କରି
ଭାଙ୍ଗିଦେଲୁ କାହିଁ ମନ ।
ତୋ ଓଠରେ ସିନା ହସ ଖେଳୁଅଛି
ପଡୁନାହିଁ ମୁହିଁ ମନେ
ହେଲେ ତୋର କଥା ଭାବିନାହିଁ ମୁହିଁ
ଏମିତି ହୋଇନି ଦିନେ ।
ତୋ ଆଖିରେ ସିନା ନୂଆ ସପନ ଲୋ
ପଛକୁ ଚାହୁନୁ ବୁଲି
ହେଲେ ମନେ ପଡେ ସବୁ ସ୍ମୃତି ମୋର
ପାରୁନାହିଁ ଜମା ଭୁଲି ।
ହସି ହସି ସିନା କହି ଦେଇଗଲୁ
ତୋତେ ଭୁଲିଯିବା ପାଇଁ
ଭାବିଲୁନି ଥରେ ତୋତେ ଭୁଲିଯାଇ
କେମିତି ବଞ୍ଚିବି ମୁହିଁ ।
ତୋ ପ୍ରେମଟା ସିନା ଛଳନା ଥିଲା ଲୋ
ଛଳନା ଶିଖିନି ମୁହିଁ
ଯେତିକି ପ୍ରେମ ଲୋ ଦେଇଅଛୁ ମୋତେ
ତା ସାଥେ ପାରିବି ଜୀଇଁ ।

ସୁନ୍ଦରପୁର, ଉତ୍ତରକୂଳହାଟ, ପ୍ରୀତିପୁର,
ଯାଜପୁର, ଓଡ଼ିଶା
ମୋ : ୮୩୧୦୩୨୮୩୪୫

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନାରୀ ଜନ୍ମ



ପ୍ରଣତି ଆଚାର୍ଯ୍ୟ

କଣ ଭୁଲ ଥିଲା ନାରୀ ଜନ୍ମ କାରୁବାକୀର
ରାଜଗାଦିର ପରାଜୟ
କାହିଁକି ଚିତ୍ରିତ କଲା ତାକୁ
କ୍ରୀଡନକ ମଗଧ ହାତରେ ? ? ?

କଣ ଭୁଲ ଥିଲା ନାରୀ ଜନ୍ମ ପାଞ୍ଚାଳିର
ପଞ୍ଚପତି ମଧ୍ୟେ
କାହିଁକି ବାଣ୍ଟି ହେଲା
ତା'ର ସତୀତ୍ୱ ପଣ୍ଡୁବଂଶରେ ? ? ?

କଣ ଭୁଲ ଥିଲା ନାରୀ ଜନ୍ମ ଜାନକୀର
ସତୀତ୍ୱ ପରୀକ୍ଷା ଦେଇ
କାହିଁକି ସମାଧିସ୍ଥ ହେଲା
ବସୁଧା କୋଳରେ ? ? ?

କଣ ଭୁଲ ଥିଲା ସତୀ ନାରୀ ଜନ୍ମ ପାର୍ବତୀର
ପିତୃ ଆଳୟେ ସ୍ୱାମୀ ନିନ୍ଦା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କାହିଁକି ନ ସହି ପାରି
ଆତ୍ମହୂତି ବାଛିନେଲା କରେ ? ? ?

କଣ ଭୁଲ ଥିଲା ନାରୀ ଜନ୍ମ ଯଶୋଧାରାର
କେଉଁ ଅସହାୟପଣେ
କାହିଁକି ସ୍ୱାମୀ ପରିତ୍ୟକ୍ତା ହେଲା
ଶ୍ୱଶୁରାଳୟରେ ? ? ?

ଏକପକ୍ଷେ ପରମ ପୂଜ୍ୟ ପୂଜ୍ୟାର ମାନପତ୍ର
ଅପରପକ୍ଷେ ଶୋଷିତା, ଲାଞ୍ଛିତା ପୀଡିତା
କାହିଁକି ଯୁଗେ ଯୁଗେ ନାରୀ କ୍ରୀଡନକ ସାଜେ
କାମୁକ, ଲମ୍ପଟ ପୁରୁଷ ରାଷ୍ଟ୍ରରେ ? ? ?

ତଥାପି ତ୍ୟାଗ ତିତିକ୍ଷାର ମଞ୍ଜି ପୋତି
ହୃଦୟ ମଧ୍ୟରେ
କାହିଁକି ବେହିସାବୀ ବଳିଦାନ ଦିଏ
ତା 'ଅଶ୍ରୁଳ ଜୀବନରେ ? ? ?

କେତେବେଳେ ପରିବାର କେତେବେଳେ ସ୍ୱାମୀ
କେତେବେଳେ ସନ୍ତାନର ସୁଖରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେତେବେଳେ ଜନନୀ କେତେବେଳେ ଭଗିନୀ
କେତେବେଳେ ଜାୟା ରୂପରେ
କେତେବେଳେ ପୁଣି ମାଟି ମା ' ପାଇଁ
ବଳିଦାନ ଦେଇପାରେ.....

ଅଯୁତ ସୁଖକୁ ଅଣଦେଖା କରି
ଲହୁ ଲୁହର ଜୀବନରେ
ସ୍ୱ ସ୍ୱାର୍ଥର ଜଳାଞ୍ଜଳି ଦେଇ
ନିଜ ଲୁହ ନିଜେ ପିଇପାରେ....

ମୃତ୍ୟୁ କୋଳେ ଶୋଇ
ନୂତନ ସୃଷ୍ଟିର ଜୀବନ୍ୟାସ ଦିଏ,
ମୃତ୍ୟୁବତ୍ ଚରମ ଯନ୍ତ୍ରଣାରେ......
ଭୁଲ ଥିଲା କି ତା'ର ନାରୀ ଜନ୍ମ ନେବାରେ....

ପ୍ରଣତି ଆଚାର୍ଯ୍ୟ
ନୟାଗଡ, ଓଡିଶା ୯୪୩୭୬୪୨୯୪୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ହେ କବିତା ! ! !



ହୃଦୟାନନ୍ଦ ପଧାନ

ତୁମେ ହଉଛ ମୋ ବିରହ ଯନ୍ତ୍ରଣାର ଉପସମ
ଦରଦ ପ୍ରାଣର ନିରବଛିନ ଅଙ୍କାବଙ୍କା କବିତା,
ତୁମ ପାଇଁ ବଞ୍ଚିଛି ମୁ ମଲା ହୃଦୟଟେ ନେଇ
କେବଳ ଆଙ୍କୁଛି ଏ ପଟ୍ଟଚିତ୍ର ସଦା ନୀରବତା ।

ଆଜି ହସୁଛି ମୁଁ ତୁମ ପାଇଁ କେବଳ ତୁମପାଇଁ
ବେଳେବେଳେ କାନ୍ଦେ ଅନବରତ ମୁଁହି,
ପଛକଥା ମନେ ପକାଇ ପୁଣି ସାଦା ସର୍ବଦା
ନିରୋଳାରେ ଆଖିରୁ ଲୋତକ ଝରାଇ ।

ଯାହାପାଇଁ ଇଛାକଲି ଗଢିବି ମୁଁ ସୁନାର ଦେଉଳ
ସିଏ ଭାଙ୍ଗି ଚୁନାକଲା ବୁଝିଲାନି ମୋ ନୀରବତା
କଣ୍ଟକିତ ଜୀବନର ଜରଯରିତ ପ୍ରାଣରେ
ଜାଳିପୋଡି ପାଉଁଶକଲା ସତରେ ମୋ ବାସ୍ତବତା ।

ସେ କଣହେବ ମୋ ଜୀବନଯନ୍ତ୍ରଣାର ଉପସମ
ସିଏ ତ ମୋ ନିରୀହ ହୃଦୟର ଦରଦ ଧୂଳିକଣା
ସିଏ କଣ ହେବ ଉଷା ଆଗମନର  ଦେବଦୂତ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନା ହୋଇ ପାରିବ ମୋ ସଞ୍ଜବେଳର ସଳିତାକଣା ।

ପ୍ରେମ ପାଇଁ ଭାସୁଥିଲି ସମୁଦ୍ରର ଅତଲଗର୍ଭରେ
ପେଲିଦେଇ ଚାଲିଗଲା ଦେଇ ମୋତେ ଦୁଃଖ
କାନ୍ଦୁଚି ମୁଁ ତା ପାଇଁ ଆଖିରେ ମୋ ଲୁହ ନାହିଁ
ଦିନରାତି ବସି ସ୍ମଶାନରେ ସତେ ଏକା ଏକା ।

ହେ କବିତା ! ତୁମେ ହଉଛ ମୋ ତ୍ରାନକର୍ତ୍ତା
ତୁମ ପାଇଁ ବଂଚିଛି ଓ ବଞ୍ଚିବି ଏ ସଂସାରେ
ଦୁଃଖ, ଦରଦ, କରୁଣର ଅଭୁଲା ଅଧ୍ୟାୟ ନେଇ
ଏ ନୀରବଚ୍ଛିନ୍ନ ମହାନବ ଜଗତେ ନିରୋଳାରେ ।

ହୃଦୟାନନ୍ଦ ପଧାନ
ଆମରପାଲି, ବୀରମହାରାଜପୁର
ସୁବର୍ଣ୍ଣପୁର, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଦୀପାବଳି



ଶ୍ରୀକ୍ଷେତ୍ର ସୁନ୍ଦର

ଆଜି ଏ ଉଆଁସ ରାତିରେ

ଚିକି ମିକି ତାରାର ଭ୍ରମ ସୃଷ୍ଟିକାରୀ ଦୀପାଳି

ବେଢ଼ି ଯାଇଛି ସାରା ଇଲାକା

ଆକାଶ ଛାତିକୁ ଭାଗ ଭାଗ କରିଦେଲା ଭଳି ଆତସବାଜିରେ

ଝଲସି ଉଠୁଛି ଚଉଦିଗ

ଆଲୋକର ଦାବୀ କାଳିମାମୟ ଏ ଅନ୍ଧକାରର ବିଲୟ ନିଶ୍ଚିତ

ତେଣୁ ସେ ବିଜୟ ବୈଜୟନ୍ତୀ ଉଡ଼ାଇବା ପ୍ରସ୍ତୁତିରେ ବ୍ୟସ୍ତ

ତେବେ ,

ଏ ଆଲୋକର ଭିଡ ଭିତରେ ବି

ଆଖି ବୁଜିଦେଲେ ଚଉଦିଗ ଅନ୍ଧାର ଘୋଟି ଯାଏ

କାହିଁକି କେଜାଣି ଆଖି ପଲକର ଏ ପତଳା ଆବରଣ ଆଗରେ ହାରମାନେ ଆଲୋକ

ଏମିତି ଅନେକ ପ୍ରଶ୍ନ ଆଲୋକର ପାରିବା ପଣିଆକୁ ନେଇ ..................

ସଂଗୀତ ଶିକ୍ଷକ

ଓଡିଶା ଆଦର୍ଶ ବିଦ୍ୟାଳୟ ଗାଇସିଲଟ, ବରଗଡ

ମୋ - ୯୦୯୦୨୨୭୮୦୬

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଲମ ସ୍ୟାହି



ଶ୍ରୀରାଜଶେଖର ସି
'ଚିମା'

କଲମ ସ୍ୟାହି କରୁଛି ଭକ୍ତି ତରଙ୍ଗିଣୀର ପ୍ରବାହ,
ନିତ୍ୟେ ସଦୃଶ ହୋଉ ଦେବାଦେବୀଙ୍କର ସସ୍ନେହ,
କ୍ଷଣ ଭଙ୍ଗୁର ନଶ୍ୱର ଏହି କାଳ ପରାଧୀନ ଦେହ,
ଲେଖନୀ ଦ୍ୱାରା ସମ୍ଭବ ଆତ୍ମୀୟ ଅଧ୍ୟୟନ ପ୍ରତ୍ୟହ ।୧।

ଲେଖନୀ ହେଲା ଅନ୍ତଃକରଣ ଅଭିବ୍ୟକ୍ତିର ମାଧ୍ୟମ,
ମନର କଥା ଜଣେଇବାରେ ଅଛି କିଛି ନୀତି ନିୟମ,
ନୂତନ ସୃଜନରେ ପ୍ରଶଂସାଯୋଗ୍ୟ ଯାହାର ଉଦ୍ୟମ,
ଯତାର୍ଥ ଲେଖା ରଖେ ସବୁ କାର୍ଯ୍ୟଶୈଳୀରେ ସଂଯମ ।୨।

ଭାଷାରେ ବିଦ୍ୟମାନ ଅଛନ୍ତି ଅନେକ ଅକ୍ଷର,
ସର୍ବଜନଙ୍କୁ ହେବାକୁ ପଡ଼ିବ ବହୁଦର୍ଶୀ ସାକ୍ଷର,
ଏ ଜୀବନ ହୁଏ ନିରର୍ଥକ ଯଦି ହେଲୁ ନିରକ୍ଷର,
କଲମ ଦ୍ୱାରା ନିଶ୍ଚୟ କରା ଯାଉ ନିଜ ହସ୍ତାକ୍ଷର ।୩।

ନିଜ ମାନସ ମେଧାରେ ରହୁ ସୁମଙ୍ଗଳ ସଦ୍ଭାବ,
କଲମ ସ୍ୟାହିରେ ସଦା ରହୁ ସୁଚିନ୍ତାର ପ୍ରାଦୁର୍ଭାବ,
କଲମରୁ ହେଲା ମହାକାବ୍ୟ ପୁରାଣର ଆବିର୍ଭାବ,
ଲିପିକାର କାବ୍ୟକାର ବୁଝିପାରେ ଯାହାର ଅଭାବ ।୪।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସଂବଲପୁରୀ

# ବିଭାଗ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଫଲ କେ କେଁ ଆସ୍



ପୁସ୍ତମ ଯୁଆଡ଼ି

ସଁସାର୍ ତ ଉକିଆ ଆଏ
ଅଂଧାର୍ କାଏ ନୁର୍ବୁ
ଉଆଁଲୁ ଇଛା କେ ବୁଚକା କରି
ଟୁପେ ଦରଦ୍ ଖନ୍ଦେ ବୁହି
ବାଟୁଆ ହେବୁ  କେଁ ନ.... ।

ହୁଦା ହୁଦା ଦୁଖ୍
କଚା କଚା ଦରଦ୍
ଗରେଲ୍ କିତା ନରଧି ଆଏବେ
ତୋର୍ କୁଡି  ।
ଛାଏଁ ଖରା ଖେଲ୍ ଖେଲବେ
ଥାକ୍ ଥାକ୍ ଓଲମରା ବିପଦ୍

ଚଢ଼େନ୍ ଉତ୍ରେନ ତ ସଁସାର୍
ଛାତି କେ ପଖନ୍ କଲେ ତ
ଜିବନ୍ ଜିଇବୁ ।।

କେଭେଁ ସାପର୍ ଆହାର୍ ତ
କେଭେଁ ବାଘର୍
ଜଂଜାଲ୍ ଜାଲ୍ ନାପି ଜୁଝି
ଚଲଲେ କେଁନ
ଅମୃତ୍ ଟିକକ ପାଏବୁ  ।

ଉଆଁସ୍ ରାଏତ୍ ପୁନିଜନ୍
ଦୁଖ୍ ସୁଖ୍ କିନ୍ରା ମର୍ଲା
ଧାରେ ସମ୍ରି ପାର୍ଲେ
ପାର୍ ହେବୁ ପୁତା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଅଦୃଶ୍ ସପନ୍ ମେରୁହାଡ଼ ଭାଙ୍ଗବା
ତର୍କି ଥିବୁ ।।

କସୁଥିବୁ ହରଣ ଗୁଣନ
ଯୋଗ ବିଯୋଗ
ଫେଲ୍ ହେବୁ ବାରବାର୍
ଫେର୍ କସବୁ....
ଫେର୍ କସବୁ....
ଇଡା ତ ଜିବନ୍
ଫଲ୍ କେ କେଁ ଆସ
କରମ୍ କରୁଥା
କେଭେଁ ତ ପାଏବୁ ସତ୍ ଫଲ୍ ଟେ ।।

ଭୁତିବାହାଲ, ଗାଇସିଲାଟ, ବରଗଡ଼
ମୋ : ୯୫୫୭୩୨୬୮୪୩

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମାଏଟ୍ ମା'ର୍ କଥା



ହରିଶ୍ ତାଣ୍ଡି

କୂଇଲି ଗାଉଛେ ମାଏଟ୍ ମା ' ର୍ କଥା
ଆଁଖି ଝରିପଡେ ଲହୁ
କିନ୍‌ଦିରି ଯେଇଛେ ସମିଆର୍ ଚକା
ସକାଲ୍ ନେ ପାହୁ ପାହୁ ।
ଗାଁ ମୁଡ୍‌ସାର୍ ଢଡୋ ବର୍‌ଗଛ୍
ହେଇଗଲା ପଟ୍ ପୁହୁରି
ଢୋଲ୍ ନିଷାନ୍ କର୍‌ମା ମାନ୍ଦଲ୍
ନେଇ ସୁଭ୍‌ବାର୍ ମୁହୁରୀ ।

ନୂଆଁଖାଇ ଲାଗେ ଜୁନ୍‌ହା ଜୁନ୍‌ହା
ଗୁର୍‌ବାରି ମନ୍ ମାରେ
ରସର୍‌କେଲି ଡାଲ୍‌ଖାଇ ସାଂଗେ
ହେତା କାଏଁ ପାରେ ପାରେ ।
ବନ୍ଧୁ କୁନୁଆଁ ମୁଲ୍‌କି ହଁସି
କଲିଆ ଗନ୍‌ଜାର୍ ଝୋଲ୍
ଭାସିଗଲା ସବୁ ସମିଆଁର୍ ଧାରେ
ଉହୁଲେଇ ନେଲା ଜୋର୍ ।
କୂଇଲିର୍ ଗିତେ ଶୁନୁଥିଲା ବୁଢ଼ା
କାନ୍‌ଦି କାନ୍‌ଦି ଗାଁ ଖୁଲି
ଇ ମାଏଟ୍ ପାଏନ୍ ପବନ୍ କେ ତୁଇ
ନେଇଯା ଭାଇରେ ଭୁଲି ।

ସାଲେପାଲି , ଗଜବନ୍ଧ , ସୁବର୍ଣ୍ଣପୁର୍
ମୋ - ୮୦୧୮୪୦୫୨୮୭

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସୁନାର୍ ଭାରତ୍



ନବୀନ ପଧାନ

ଝି ବୁହେନ୍ ବାଟେ ଚାଲିନାଇଁ ପାରବାର୍
ନାଇଁ ମନେ ଟିକେ ଉଷତ୍
କୁକୁର୍ ମାତି ଅଛନ୍ ମଝା ରୁଡ଼େ ଆଏଜ୍
ପିଉଛନ୍ ନାରୀର୍ ରକତ୍ ।
କହତ ଗାନ୍ଧୀ ହୋ ସପନ୍ ଦେଖିଥିଲ
ଇଟା ସେ ସୁନାର୍ ଭାରତ୍ ।।

ଯଉତୁକ୍ ବେମାରେଁ କାନ୍ଦି କାନ୍ଦି କରି
ଭିଜେ ଭୁଆସିନୀର୍ ପନତ୍
ଜୀବନ୍ ଟେ ତ ତାର୍ ବେକାର୍ ହେଉଅଛେ
ନାଇଁନ କାଏଁ ତାର୍ ମହତ୍ ।
କହତ ଗାନ୍ଧୀ ହୋ ସପନ୍ ଦେଖିଥିଲ
ଇଟା ସେ ସୁନାର୍ ଭାରତ୍ ।।

ପେଟ୍ ପୁଷିବାର୍ କେ ଦେଶ୍ ଛାଡ଼ି ଦେଶ୍
ଯାଉଅଛେ ଘରର୍ ମରଦ୍
ଇନ ରହିକରି କମେଇ ଖାଏବାର୍ କେ
ନାଇଁନ କାଏଁ ତାର୍ ତାକତ୍ ।
କହତ ଗାନ୍ଧୀ ହୋ ସପନ୍ ଦେଖିଥିଲ
ଇଟା ସେ ସୁନାର୍ ଭାରତ୍ ।।

ଭଁଣ ବାବା ମାନେ ଆଶ୍ରମ୍ ଖୁଲିକରି
ରଖିଛନ୍ ମାହେଜୀ ଭକତ୍
ଧରମ୍ ନାଆଁରେ ଅଧରମ୍ କରୁଛନ୍
ଲୁଟୁଛନ୍ ଗରିବର୍ ସମ୍ପଦ୍ ।
କହତ ଗାନ୍ଧୀ ହୋ ସପନ୍ ଦେଖିଥିଲ
ଇଟା ସେ ସୁନାର୍ ଭାରତ୍ ।।

ସାନଫାସଡ, ଡୁଡୁକା, ଜିଲ୍ଲା.. ବଲାଙ୍ଗୀର
ଫୋନ.. ୯୧୭୮୩୭୭୮୪୧

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ପୁଷପୁନି



କ୍ଷମାନିଧି ସାହୁ

ଯେନ୍ ତିହାର୍ ଲାଗି ହଲିଆଗୁଡି
ଟାଖିଥିସନ୍ ଦିନ୍ ଗନି
ବରଷ୍ ମୁଡକେ ଠୁଡଗେଇ ହେଲା ଦେଖ
ଆଏଲା ଭେଇ ପୁଷପୁନି...

ଗାଁ ଗଅଁଳି ସବୁ ମଗ୍ ମଗେଇ ଯଉଛେ
ମେନ୍ ମେନସା ଦରବ୍ ଛାନି
କିସମ୍ କିସମ୍ ପିଠାପନା ଖାଇ
ମାନମା ସଭେ ପୁଷପୁନି...

ଅଏରସା ପିଠା,କାକରା ସାଙ୍ଗେ
ପୁରଦିଆ ମଡା ଯେତେ
ବରା,ଦୁଧରା,ପକଡି,ଖଜା
ପାପଡ,ନଳୀ କେତନିକେତେ...

ଛେର୍ ଛେର୍ ଛେରଛେରା ମଗା
ଇଥି ଅଛେ ଅଲଗା ମଜା
ଖେଲ୍ କୁଦ୍ ସାଙ୍ଗେ ନଚାଡେଗା ହେସି
ବାଜଲେ ଦୁଲଦୁଲି ବଜା...

ମଦ୍ ଶିକାର୍ ଖାଇ ମାନସନ୍ ଲୋକ୍ କେତେ
ଇଟା ନୁହେଁ ତିହାର୍ କଥା
ଅକାରନେ କେତେ ଜୀବନ୍ ଯାଏସି
ଜାନିକରି କଥାର୍ ଲଥା...

ସୁତରେ ପାତରେ ମାନମା ସଭେ
ଲାଡ ଗେଲ ଟିକେ ହେଇ
ଗୁଟେ ମାଆର୍ ଛୁଆ ଲେଖେ ମାନମା ତିହାର୍
ଆମେ ପରେ ଭେଇ ଭେଇ...

ଜାମପାଲି, ମେଲଛାମୁଣ୍ଡା, ବରଗଡ଼

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପୁତା



ଅରୁଣ କୁମାର ଭୋଇ

ଶୁନ ରେ ବାବୁ ଟୁପା ଡାବୁ
ମନ୍ ଧ୍ୟାନ୍ ଦେଇ ପାଠ ପଢ଼ବୁ
ପଢ଼ବୁ ଲେଖବୁ ବଡ଼ ହେବୁ
ଦୁନିଆଁ ର୍ କଥା ଜାନବୁ ସବୁ
ଇ କଥା କେ ସୋର୍ କରିଥା....
ତେଭେ ହେବୁ ଜଗତ ଜିତା...
ବାବୁରେ ପାଠ ପଢ଼ିଥା
ପଙ୍ଖା ତଳେ ବସବୁ ପୁତା....(୧)

ମା ବୁଆ କେ ମାନବୁ ଗୁନବୁ
ଆଜ୍ଞା ଦିଦି କେ ମୁଡ଼ିଆ
ଗୁରୁ ଜ୍ଞାନ୍ କରବୁ ଇ କଥା କେ
ଅଭାବ ନାଇ ହଏ ଅଢ଼ିଆ
ଲୁକର ସାଙ୍ଗେ ସାଙ୍ଗେବାଏ ହେଇ
ନାଇ ହ ଉଦୁରମତା
ବାବୁରେ ପାଠ ପଢ଼ିଥା.....
ପଙ୍ଖା ତଳେ ବସବୁ ପୁତା...(୨)

ମା ବୁଆ କହେବେ ବନେ କଥା
ଶୁନ୍ ଲେ ଲାଗବା ପିତା
ଖଟା ଆଏ କି ମିଠା ଆଏ ଯେ
ପଛେ ଜାନବୁ ହେଟା
ହେଟା ସିଠା ହେଟା ମିଠା
ଶୁନି କରି ତୁଇ ନାଇ ହ ବିତବିତା
ବାବୁରେ ପାଠ ପଢ଼ିଥା.....
ପଙ୍ଖା ତଳେ ବସବୁ ପୁତା.....(୩)

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କେଡେ ସୁନ୍ଦର ଧୋପ୍ ଫରଫର୍
ଦିଶବୁ ଦିନାଦୁ ଗଲେ
ଲୋକ କହେବେ ହେ ଦେଖ୍
ଅମକା ର୍ ପୁଓ ର୍ ତଳେ
ଜୁହାର ଆଜ୍ଞା ବଲବେ ଲୁକେ
ତଲକେ କରି ମଥା
ବାବୁରେ ପାଠ ପଢ଼ିଥା......
ପଙ୍ଖା ତଲେ ବସବୁ ପୁତା.....(୪)

ଦୁନିଆଁ କେ ଦେଖାବୁ ବାଟ୍
ଯଦି ୨ ଅଖର୍ ପଢିଥିବୁ ପାଠ୍ ସାଠ୍
ନିଜର ଗୁଡ଼େ ଠିଆ ହେବୁ
କରବୁ ସଁସାରେ ନାଟ୍
ଶୁନ ରେ ପୁତା ହେତକି
ଆମର ଚିନ୍ତା
ବାବୁରେ ପାଠ୍ ପଢ଼ିଥା....
ପଙ୍ଖା ତଲେ ବସବୁ ପୁତା....(୫)

ଧଅଁରାଦାଦର, ବଲାଙ୍ଗୀର

Magazine Downloaded from www.aahwaan.com

# ଚାଷୀ ଭାଇ



ଜିତେନ୍ଦ୍ର ପାଣ୍ଡେ

ଖାତିର୍ ନାଇଁକରେ ଖରା ବର୍ ଷା
କେଁ ଶୀତ୍ କାଁକର୍ ଜାଡ୍ ,
ଭୁଲିଯାଏସି ଭୋକ୍ ଶୋଷ୍ ସବୁ
କେଁ କରାପଥର୍ ମାଡ୍ । ।

ଦିନ୍ ଯାଏ କଟି ବିଲେବାଡି ଖଟି
ଘରେ ପରିବାର୍ ଜଞ୍ଜାଲ୍ ,
ଜଗତର୍ ହିତ୍ ଲାଗି ଚାଷ୍ କରୁଥିସି
ଟୁଙେଁ ମାରି ମୁଡର୍ ଝାଲ୍ । ।

ପଥର୍ କରିଛେ ଦିହିଁଟାକେ ତାର୍
ଦୁଃଖ୍ ଜଞ୍ଜାଲ୍ ସବୁ ସହି ,
ହାଡ୍ ଭାଙ୍ଗି କ୍ଷେତେ ଖଟୁଥିସି ନିତି
ଆଖିର୍ ଲୁହ ପିଇ ପିଇ । ।

ସକାଳ୍ ପାଏଲେ ଲାଲିଚାହା ଢୁକେ
ତାର୍ ସଙ୍ଗେ ସୁଖା ମୁରି ,
ଥିର୍ ସର୍ ସରା ବାସିମୁଠେ ହେଲେ
ମନ୍ ଯାଏସି ତାର୍ ଭରି । ।

କ୍ଷେତ୍ କେ ଧାଏଁସି ହଲ୍ ନଙ୍ଗଲ୍ ଧରି
ଡାକ୍ ଲେ ପହିଲ୍ କୁକୁରା ,
ଶିକାର୍ ଫୁଟେ ଦିହେଁ ନାଇଁ ନ ତାର୍
ବାରି ହେଲାନ ହାଡ୍ ପଞ୍ଜରା । ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଦିହିଁର୍ ରକତ୍ କେ  କରିଛେ ପାଏନ୍
କ୍ଷେତେ ଖଳେ କବାର୍ କରି ,
ହଲ୍ ନଙ୍ଗଲର୍ ସାଙ୍ଗ୍ ନି ଛାଡେ
ତାର୍ ଜୀବ୍ ନେ  ସୁଖ୍ ଯେଇଛେ ମରି   । ।

ଖାଏଦ ଯୁଗୋଉଛେ ଇ ଜଗତ୍ କେ
ନିଜେ ରହିକରି ଭୁକେ ,
ତପ୍ ଲା ଭାତ୍ ,ରୁଟି,ପୁରି ଲୋକ୍ ଖାଏଲେ
ନିଜେ ପିଇସି ବାସିଥିର୍ ଢୁକେ   । ।

ପରିବାର୍ ଜଞ୍ଜାଲ୍ ସଙ୍ଗେ ଋଣ୍ ଭାର୍
ସୁଖ୍ ନେଇଛେ ତାର୍ ଛଡେଇ ,
ମରୁଡି ହେଲେ ତାର୍ ଜୀବନ୍ କେ
ଆର୍ ଟିକେ ଦେସି କଢେଇ   । ।

ଚାଷୀ ଲୁହେଝାଲେ ଭିଜିକରି ଇ ମାଟି
ଫଲେଇଦେସି ସୁନାର୍ ଫସଲ୍ ,
ରକତ୍ କେ ପାଏନ୍ କରି ଚାଷୀଭାଇ
କର୍ ସି ଜଗତର୍ ହିତ୍ ମଙ୍ଗଲ୍   । ।

ଚାଷୀ କହେସି ଶୁନ୍ ବାବୁର୍ ମାଆ
ହେଲେ ଭଲ୍ ପାଏନ୍ ବର୍ ଷା ,
ଋଣ୍ ସୁଝିଦେମା ମହାଜନ୍ ବୁଢାର୍
ହେଲେ ହାତେ ଦୁଇ ପଏସା   । ।

-ଜିତେନ୍ଦ୍ର ପାଣ୍ଡେ ,ଗ୍ରାମ- ବାଗଉଡାର
ବ୍ଲକ୍- ବେଲପଡା, ଜିଲ୍ଲା- ବଲାଙ୍ଗିର
ମୋ-୬୩୭୦୯୭୯୬୪୧

Magazine Downloaded from www.aahwaan.com

# ନୂଆଁ ବରଷ ଆଏଲାରେ



ସୁଭାଷ ଚନ୍ଦ୍ର ଭୁଏ

------ମୁନୁଷ୍ -----

ନୂଆଁ ବରଷ ଆଏଲା ରେ ନୂଆଁ ବରଷ ଆସଲା
ରାଗ ରିସମି ଖୁରେଇ ଦେଇ ଭାବର୍ ବନ୍ଧନ ବାଁନ୍ଧଲା....
ଚାଷୀର୍ ଚାଷ ସଲା
ମଡ଼େଇ୍ ଧୁକି କରି ଘରକେ ନେଲା
ହେଇ କେତେ ଉସତ୍ ଆନନ୍.....
ଗାଁ ପିଲା ସବୁ ଠୋଲ୍ ହେଲେ
ମେଳି ବାନ୍ଧି କରି ଜୋଟ୍ ହେଲେ
ମିଶେଇ କରି ମନ ସାଙ୍ଗେ ମନ
ମିଶେଇ କରି ମନ ସାଙ୍ଗେ ମନ ......୧
ଦୁଇ ହେବାକି ଚେର ହେବା
ଦେଶୀ ହେବାକି ବିଦେଶୀ
ଗୋଲ ଭାବେ ସଭା ବସି ପିଲେ
ଦଉଛନ୍ ମୁଲକୀ ହସି..................୨
ରେଂଗଟୁ ବଏଲା କଏଁଟୁ ଦଦା
କୁକୁରା ଝୋଲ୍ ପଛେ ପିମା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କିନ୍ତୁ କିନ୍ତୁ କିନ୍ତୁ,

ଡ଼ାକା ସାଉଣ୍ଡ ଆନି ଗାଁର୍ ମଝା ଖୁଲି

ନାଗିନ୍ ଦୁଇ ତିନ ପାର ନାଚମା.........................୩

---------ପଶୁ-------

ରେ ନୂଆଁ ବରଷ୍

ତୁଇଂ କେଭେ ନେ ଆଏବୁ

କହୁଛନ୍ ଛେଲ୍ ବୁକା ଆର୍ କୁକୁରା

ସଖାଲ୍ ପାଏଲେ ଥୁଇବାର କେ ବେଂକ୍

ପଡବା ଆମକୁ ଉକରା......................୫

ନିର୍ଦୟି ଅନମୁନଷିଆ ମୁନୁଷ୍ ତୁଇଂରେ

ଛତି, ଗୁରସ୍, ଲଡୁ, ପିଠା ମାଏଁନ୍ ମଏଁନ୍ ସା

ଖାଏତେ କେତେ ମଜା

ମାଂସ, ପୁଟା, ରକତି ଭଜା ବଳି

ଆମକୁ ଦେସନ୍ ମରନ ସଜା.....................୬

ନିର୍ଦୟି ଅନମୁନଷିଆ ମୁନୁଷ୍ ତୁଇଂରେ

ଦେବତା ଠାନେ ଆମକୁ ବଧସୁ

କରି ରଖବୁ ନୁକୋ ବଲି

ନାଇଁ ଫିଟେ କାପୁ ଟା ଆମର ଯେ

ବେଂକ୍ କାଟି କରି ଚଢେଇ ନେସୁ ତୁଇଂ ବଳି..........୬

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ନିର୍ଦୟି ଅନମୁନଷିଆ ମୁନୁଷ୍ ତୁଇଂରେ
ଖେଲ୍ ଆଏ ବଳି ଲାଲ ଥିପାତେଲ
ମଲା ଦେହେ କେ ଆମର ଖାଏସୁ
ନିଶାଶ୍ ପଡସି ଆମର ବଳି ଗା
ଜୁଆନ୍ ଥାଉଁନ୍ ଥାଉଁନ୍
ଦୁଖ୍ ବେମାରେ ତୁଇଂ ରହେସୁ
ସାନି ଘଣ୍ଟି ହେଇ ମରସୁ..................୭
ନିର୍ଦୟି ଅନମୁନଷିଆ ମୁନୁଷ୍ ତୁଇଂରେ
ନୂଆଁ ବର୍ଷେ ନୂଆଁ ଦିନେ
ନୂଆଁ ଭାବନା ବିଚାର କର
ହୁରୁଦ୍ ସାଙ୍ଗେ ତୁମର ମନ ବିଚାର
ଦୁହିତା କେ ପଏର୍ଛା କର...... ........୮
ହିଁସା ଅଂହକାର ରାଗ ରିସମି
ଅନ୍ନିୟେ ବିଚାର ଗର୍ବ କେ ଜାଳି
ଜିଂ ଥଉଁନ୍ ଥଉଁନ୍ ଏଁନ୍ତା କର
ଜେନ୍ତା ତତେ ହଉଥିବେ ନ ଭାଲି..................୯
ନାଁ ଉଡୁଥିବା ଗାଁ ଖୁଲି
.............ସର୍ବେ ସୁଖିନୋ ଭାବନ୍ତୁ ..........

ଅଧ୍ୟାପକ, ଧାଙ୍ଗେର୍, ବରଗଡ

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଆର୍ କେଭେଁ ହେବୁରେ ମୁନୁଷ୍



ଗଣେଷ ଭୁଏ

ପାଉଁଶ ହେଇଯିବୁ, ନାରଖାର୍ ହେଇଯିବୁ
ନାଇ କରବୁ ଧନର୍ ଗରବ୍ ।
ମାଟିର୍ ଜୀବନ ତୋର୍ ମାଟି ମିଶିଯିବୁ
ନାଇ କରବୁ କାହାକେ ଛି ଛତର୍ ।

ମା ବୁଆ ରୂପେ ଭଗବାନ୍‌ଙ୍କୁ ପାଏବୁ
କରିଥିବୁ ତାଙ୍କୁ ଆଦର୍,
ମୁନୁଷ୍ ଜୀବନେ ଯଦି ମୁନୁଷ୍ ନାଇ ହେବୁ
ଭଗବାନ୍ କରବା ତତେ ହତାଦର ।

ପଶୁ ସାଜିଛେ ଆଜି ମୁନୁଷ୍ ଯାଏତ୍
ନାଇ କରବାର୍ ନାରୀର ଇଜ୍ଜତ ।

ଯେନ୍ ନାରୀ ଦିନେ ତାହାକେ ଦୁନିଆ
ଦେଖେଇଥିଲା
କରୁଛେ ଆଜି ତାହାକୁ ବେଇଜ୍ଜତ୍ ।

ଧନର୍ ଲୁଭେ ଯଦି ମୁନୁଷ୍ ନାଇ ଚିନବୁ
କାଏ କରବା ତୋର୍ ଇଜ୍ଜତ୍ ।
ପାୱାର୍ ପାଏବୁ ବଲି ଫାଏଦା ଉଠାବୁ
କରବୁ ଗାଁ କେ ବେଇଜ୍ଜତ ।

ଧର୍ମର ଚାଲି ଚାଲି ନାଇ ଜାନୁଛୁ
କରୁଛୁ ଅଧର୍ମୀ କାମ୍ ।
ଯେନ୍ ଗାଁ ଦିନେ ତତେ ପରିଚୟ ଦେଇଥିଲା
ସେ ଗାଁକେ କରୁଛୁ ଅପମାନ୍ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବେଲ୍ ଥାଉନ୍ ଥାଉନ୍ ସମ୍ଭଲି ଯା

କର ଟିକେ ବୁଦ୍ଧି ବିବେକ୍ ।

ମୁନୁଷ୍ କେ ଯଦି ମୁନୁଷ୍ ବଲି ନାଇ ଭାବବୁ

ଆଉ କେଭେଁ ହେବା ତୋର୍ ବିବେକ୍ ।

ଧରମ୍ ବି ଅଛେ, ସୁରୂଜ ବି ଅଛେ

କରମ୍ କରିଥା ଟିକେ ସତ୍ ।

ଇହାନି ଯଦି ମୁନୁଷ୍ ନାଇ ହେବୁ

ଆର୍ କେଭେଁ ହେବୁରେ ମୁନୁଷ୍ କହ

ଆର୍ କେଭେଁ ହେବୁରେ ମୁନୁଷ୍ କହ ।

ଅତ୍ତାବିରା, ବରଗଡ଼, କୁମେଲସିଂହ, ୭୬୮୧୧୧, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ନୁଆ ବଛର୍ ୨୦୨୦



ଚନ୍ଦ୍ରଶେଖର ଗୋ

କେନ୍ ବଲସି ନୁଆ ବଛର ଆଅଲା
ଇନ ତ ସଭ କାମକାଜ ଜୁନାବଛରିଆ
ହେଇ ଭୁକସୁସ ପେଟର କାଜେ ନାଟ
ଆଦିମ ଜୁଗୁଁ ଜାହା ଚାଲିଛେ
କିଏ ଜିଉଁଛେ ତ କିଏ ମରୁଛେ
ଗଣତନ୍ତ୍ର ସାସନ ଚାଲିଛେ ଯେ କାଅଁ ହେଲା ।
ପେଟର ଭୁକନୁଁ ଇବେ ଦିହିଁର ଭୁକ ତ ବଲି ଯାଇଛେ
କାଏଁ କଁଲି ଛୁଆ ବଢ଼ଲା ନି ବଢ଼ଲା ଝି
ବିଭାତି ଅବିଭାତି ବଏସେନ ରାଣିଛାଅଁରି
ବଏସ ଅବଏସ ଆରୁ ନେଇନ ତ ବାଛ ବିଚାର
ଭଲମନ୍ଦର ବୁଧି ବିବେକର ବିଚାର
ହେଇ ଭୁକ ଆଗେ ସଭୁ ସମାନ
ପୁରୁସ ଜାଏତ ସତେ କେଡ଼େ ନିଲଜ -
ସେରେରା ଅପେତ ଅଲାଜୁ, ମାଁହାଁ
ପାସରି ଯଉଛେ ତାଆର ହିତାହିତ ଗିଆନ ।
ଦିନୁଁଦିନ ବଢ଼ି ଚାଲିଛେ ଦୁସକରମ ଆର ହତିଆ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହତ କିଏ ମରବାକେ କାହାର ହାତେ ଜନମ ହେଇଛେ କାଏଁ

ଆରୁ କିଏ ମାରବାର ହକ ପାଇଛେ

କିଏ ଇନ ଅନିଏ କରୁଛେ ଆର

କିଏ ନିଏ ପାଉଛେ ସତେ

ଛନେକର ଦିହିଁର ସୁଖ ଲାଗି

ଉନଝିଆଁର୍ ଜିଭନ ସଂଗେ ଖେଲ ଖେଲୁଛନ

ନାଁ କାଜେ ସଭିଅ ସମାଜେ ବାସ କରୁଛନ ।

ରେ ନୁଆ ବଛର

ତତେ ଆଉ କାଣା ମାଗମି ଇ କଲାମୁହେଁ

ଗଲା କେତେ ବଛରୁ ମାଗି ଓଉଛେ

ସାଁତି ଟିକେ ମାଁକେ ସନମାନ ନାରି ଜାତିକେ ସନମାନ ଟିକେ

ହେଲେ ଦେଇ ପାରଲୁ କାଏଁ

ଆର କାଏଁ ଭରସା ଥି ତତେ ମନର କଥା ଗୁହାରମି ।

ନୁଆ ବଛର ଆଇଛୁ ବଲି ବିସୁଆସ୍ ଯିମି ସରଧା ହେମି

ହଁ ବଦଲୁଛେ ଯାହା କାଲେଣ୍ଡରର୍ ମସିହା

ନେହେତୋ ହେ ଦିନବାର ତାରିକ ମାସ... ।

କର୍ଲାଖମାର, ନୂଆପଡ଼ା, ଓଡ଼ିଶା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ସପନ୍ ବଦ୍‌ଲେ ଜୀବନ୍



ମିତ୍ରଭାନୁ ବିଶ୍ୱାଳ

ଗୁଟେ ଗାଁଥିନ୍ ଦୁଇ ମା ପୁଓ ରହୁ ଥିସନ୍ । ପିଲାର୍ ମା ଖୁରିଗିନା ମାଜିମାଜି କରି ପିଲାକେ ସକ୍ ଲୁ ଥିସି । ଜନମ୍ ଦେବାର୍ ବର୍ଷେ ପରେ ମୁନୁଷ୍ ମରିଜେଇଛେ, ସେ ଦିନନୁ ବହୁତ୍ କଷ୍ଟେ ପିଲାକେ ସକଳିବୁଟଲି କରି ମା ବଢେଇଛେ । ଯେତେ ବେଲେ ପିଲାର୍ ପାଠ୍ ପଢ଼ବାର୍ ବୟସ୍ ହେଇଗଲା, ସେ ଜେଇକରି ସ୍କୁଲ ଥିନ ତାର୍ ନା ଲେଖେଇଦେଲା । ନା ସେନେ ଲେଖେଇ ଦେଲା ହେଲେ ପିଲାର୍ ପଢ଼ବାରକେ ଟିକେ ବି ମନ୍ ନିନ । ଯେତେ କହେଲେ ଘଲେ ପଢି ନିଗଲା । ଇକଥାକେ ଦେଖି ବଡା ମନଦୁଃଖ କଲା ତାର୍ ମା । ଭାବଲା ମୋର କରମଏ ଜେ ମୁନୁଷ୍ କେବି ହରାଲି ଆଉ ଏଜ ପିଲାକେ ପାଠ ପଢେଇ କରି ଶିକ୍ଷିତ ନି କରି ପାରୁଛେ, ଇ କଥାକେ ସୋର୍ କରିବହୁତ୍ କାନ୍ଦଲା, ହେଲେ କେଁ କରବା ତାର୍ କପାଲ୍ ଏ । କେତେଦିନ ଗଲାପରେ ଗୁଟେଦିନେ ପିଲା ରାତିରେ ସପନ୍ ଦେଖଲା, ସ୍କୁଲରେ ସେ ଫାଷ୍ଟ ହେଇ ବହୁତ୍ ପୁରସ୍କାର୍ ପାଉଛେ ଆଉ ଚାକରି କରି ଗାଡିଘର ମୋବାଇଲ୍ ସବୁ ପେଇଜେଇଛେ । ହେଲେ ଅଧାରାତି ସପନ୍ ଭାଙ୍ଗିଗଲା ଦେଖଲା ଯେ ଛାନିର୍ କଣା ବାଟେ ଜନଦିଶୁଛେ, ଆଉ ମା ଥୁର୍ ଥୁରେଇ ସୁଉଛେ ଇ ଦୁରୁସ୍ କେ ଦେଖି ତାର୍ ମନେ ପଡିଗଲା ସପନ୍ କଥା । ଭାବଲା ପାଠପଢି କରି ସବୁ ପେଇହଉଛେ ବେଲେ କେଁହେଲା ଜେ ନି ପଢିଜିମି । ଆର ଦିନର୍ ସକାଲୁ ଉଠି ଗାଧି ପାଧି କରି ବେଗ୍ ମୁନାଧରି ସ୍କୁଲକେ ବାହାରି ପଡ୍‌ଲା । ମାଁ'ଇ ଦୁରୁସ୍ କେ ଦେଖି ଆବାକ୍ ହେଇଗଲେ ଆଉ ଭାବ୍ ଲେ ଇଟା ସପନ୍ ଏ କି ସତ୍,,,,, ?

ବ୍ରାହ୍ମଣ ଡିହି (ପାଇକମାଲ), ବରଗଡ଼
ଫୋନ-୯୪୩୭୩୧୪୯୦୮

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ପ୍ରବନ୍ଧ ବିଭାଗ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# 'ପଠାଣି' ନାମର ତାତ୍ପର୍ଯ୍ୟ



ସାବିତ୍ରୀ ସ୍ୱାଇଁ

*ଧରିତ୍ରୀବାସୀ ଜାଣନ୍ତି ଏ ସୁରୀ*
*କି କେ ନୁହେଁ ଜଗତେ ତା'ପରି*
*ନାମ ପଠାଣି ଯଥାର୍ଥ ଭାବ*
*ସ୍ୱଜୀବ ଜୀବରେ କଳନାତ୍ମକ ସ୍ୱଭାବ*
*ବିଚକ୍ଷଣତାରେ ପାରଙ୍ଗମିତ*
*ନ ହେବ ସରି ତାଙ୍କ ସହିତ*
*ଜ୍ୟୋତିଷ ଦର୍ଶନେ ଦେଖାଇ ବିଜ୍ଞତା*
*ପାଶ୍ଚାତ୍ୟରେ ନାହିଁ କେହି ତାଙ୍କ ପରିକା*
*ସିଦ୍ଧାନ୍ତ ଦରପଣ ତାଙ୍କର ଜୀବ ରୂପକାଠି*
*ବାଇ ଏ ଜଗତ, ପାଇ ଏ ଷଠି ।*

ବିଜ୍ଞାନର ଯୁଗେ ମହାକାଶ ଏବଂ ତାରା ନକ୍ଷତ୍ର ବିଷୟରେ ସମସ୍ତେ ଅଭିଜ୍ଞ ଏବଂ ସେ ଅଭିଜ୍ଞତା ଆଜକୁ ବହୁ ବର୍ଷ ପୂର୍ବେ ଅନ୍ଧବିଶ୍ୱାସର ନାମ ଯଥାର୍ଥ କରୁଥିଲା । ସେହି ଅଭିଜ୍ଞତା ଆଜି ଆର୍ଯ୍ୟଭଟ୍ଟ, ବରାହମିହିର, ବ୍ରହ୍ମଗୁପ୍ତ ଓ ଭାସ୍କରାଚାର୍ଯ୍ୟ ଭଳି ମହାନ ମହାନ ଜ୍ୟୋତିର୍ବିଦ ଓ ବୈଜ୍ଞାନିକ ମାନଙ୍କ ଦ୍ୱାରା ନିପୁଣତାରେ ପରିବର୍ତ୍ତନ ହୋଇଛି । ସେମାନଙ୍କର ମଧ୍ୟରେ ଅନ୍ୟ ଏକ ନାମ 'ପଠାଣି' । ଯାହା ବିଜ୍ଞାନ ଓ ବୈଜ୍ଞାନିକତ୍ୱକୁ ନିଜର କଳ୍ପନାତ୍ମକ ଓ ଦାର୍ଶନିକତାରେ ପ୍ରଭାବିତ କରିଛି । ସେହି 'ପଠାଣି' ସମଗ୍ର ଓଡ଼ିଶା, ଭାରତ

 Magazine Downloaded from www.aahwaan.com

ଓ ବିଶ୍ୱରେ ଆଜି ସ୍ୱପରାକାଷ୍ଠା ଦେଇ ଜ୍ୟୋତିର୍ବିଦ୍ୟାରେ ଦେବତ୍ୱ ସମାନ ସ୍ଥାନ ପାଇପାରିଛନ୍ତି । ସେ ଆଜି ମଧ୍ୟ ଓଡ଼ିଶାରେ 'ପଠାଣି ସାମନ୍ତ' ଭାବରେ ପରିଚିତ । ତାଙ୍କର ସମ୍ପୂର୍ଣ୍ଣ ନାମ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ହରିଚନ୍ଦନ ମହାପାତ୍ର ।

ଓଡ଼ିଶାର ଖଣ୍ଡପଡ଼ା ନିକଟସ୍ଥ ଖୁଣ୍ଟୁପଡ଼ା ଗ୍ରାମରେ ୧୮୩୫ ମସିହା ଡିସେମ୍ବର ୧୩ ତାରିଖ ପୌଷମାସ କୃଷ୍ଣ ଅଷ୍ଟମୀ ତିଥିରେ ପିତା ଶ୍ୟାମବନ୍ଧୁ ସିଂହ ଓ ମାତା ବିଷ୍ଣୁମାଳୀ ଦେବୀଙ୍କ ସୁପୁତ୍ର ରୂପେ ଏ ବିଜ୍ଞାନ ଜଗତକୁ ଆଶୀର୍ବାଦ ରୂପେ ପ୍ରାପ୍ତ ହୋଇଥିଲେ । ଶ୍ରୀ ଶ୍ରୀ ଚନ୍ଦ୍ରଶେଖରଙ୍କ ଆଶୀର୍ବାରରୁ ଏଇ ବାଳକ ଜନ୍ମ ଗ୍ରହଣ କରିଥିବାର ବିଶ୍ୱାସ କରି ପିତାମାତା ତାଙ୍କ ନାମ 'ଚନ୍ଦ୍ରଶେଖର' ବୋଲି ରଖିଥିଲେ । ଜନ୍ମ ଆଗରୁ ନଅଟି ଝିଅ ଓ ଦୁଇ ପୁଅ ମଧ୍ୟରେ ଦୁଇ ଝିଅ ଓ ଗୋଟିଏ ପୁଅ ମରି ଯାଇଥିବାରୁ ତାଙ୍କର ଅପର୍ତ୍ତ୍ୟାଣି ନାମ ପଠାଣି ରଖାଯାଇଥିଲା । ସେ ବାଲ୍ୟ ଶିକ୍ଷାଗୁରୁ କୃତିବାସ ରଥ ଓ ପ୍ରଗାଢ଼ ସଂସ୍କୃତ ଶିକ୍ଷାଗୁରୁ ପଣ୍ଡିତ ଆନନ୍ଦ ଖାଡ଼ଙ୍ଗାଙ୍କ ଠାରୁ ଲାଭ କରିଥିଲେ । ତୁଳସୀ ଦୁଇପତ୍ରରୁ ବାସିଲା ଭଳି ସେ ପିଲାଦିନୁ ନିଜର ବିଚକ୍ଷଣ ପ୍ରତିଭାର ପରାକାଷ୍ଠା ଦେଖାଇଥିଲେ । ଉଦାସୀନ, ମନୋଯୋଗୀ, ଏକାଗ୍ରଚିତ୍ତ, ଅଧ୍ୟବସାୟୀ ଓ ଉଦାରମନା ହୋଇ ନିଜ ଶିକ୍ଷା ଓ କୃତିକୁ ଉପସଂହାର କରିଥିଲେ । ନିଜ ଗଣିତ ଜ୍ଞାନ ବଳେ କିଛି ବାଉଁଶନଳୀ ଓ କାଷ୍ଠରେ ତିଆରି ସୂକ୍ଷ୍ମ ଜନ୍ତ୍ରଦ୍ୱାରା ନକ୍ଷତ୍ରମଣ୍ଡଳର ଗତିବିଧି ଅବଲୋକନ, ଦୂର ଆକଳନ ସହଜରେ କରି ପାରୁଥିଲେ । ଯାହା ଆଜିର ଉତ୍କୃଷ୍ଟ ନିୟମାବଳୀ ଓ ସିଦ୍ଧାନ୍ତ ଦ୍ୱାରା ପ୍ରମାଣ କରାଯାଇଛି । ପୂର୍ବସ୍ଥିତ ଜ୍ୟୋତିର୍ବିଦମାନଙ୍କ ଗଣନା ଅନୁସାରେ ଜ୍ୟୋତିଷ ଶାସ୍ତ୍ର ସିଦ୍ଧାନ୍ତକୁ ସେ ସମାଲୋଚନା କରି ନିଜର କଳ୍ପନାତ୍ମକ ବିଧିକୁ ନୂତନ ମୌଳିକ ରୂପ ଦେଇ 'ସିଦ୍ଧାନ୍ତ ଦର୍ପଣ' ପୋଥି ରଚନା କରିଥିଲେ । ପୂର୍ବେ ଗଣନା ଦିବସରୁ ନକ୍ଷତ୍ର ଜଗତରୁ ସ୍ଥିତିକୁ ଲକ୍ଷ୍ୟ କରାଯାଉଥିବା ବେଳେ

Magazine Downloaded from www.aahwaan.com

ପଠାଣି ମୌଳିକ ଗଣନା ଅନୁଯାୟୀ ଗ୍ରହ, ନକ୍ଷତ୍ରଙ୍କ ଦୂରତା ଓ ଚଳନିକୁ ମାପ କରି ପାରୁଥିଲେ ।

୧୮୬୯ ମସିହା ମେଷ ସଂକ୍ରାନ୍ତି ଦିନ ପଠାଣିଙ୍କ 'ସିଦ୍ଧାନ୍ତ ଦର୍ପଣ' ପୋଥି ତାଙ୍କ ୩୪ ବର୍ଷ ବୟସରେ ଆରମ୍ଭ କରି ମୁକୁନ୍ଦଦେବଙ୍କ ୧୪ଶ ଅଙ୍କ ମାର୍ଗଶୀର କୃଷ୍ଣ ନବମୀ ଶନିବାର ଅର୍ଥାତ ୧୮୯୨ ମସିହା ନଭେମ୍ବର ୧୨ ତାରିଖ ଦିନ ସମାପ୍ତ କରିଥିଲେ । ଓଡ଼ିଆ ଲିପି ଓ ସଂସ୍କୃତ ବାଚ୍ୟରେ ୨୪ଟି ବିଭାଗ, ୨୫୦୦ଟି ଶ୍ଳୋକ ସ୍ଥାନିତ ଥିବା ବୃହତ ଗ୍ରନ୍ଥ ଅତି ସୁନ୍ଦର ଭାବେ ତାଳପତ୍ରରେ ସେ ରଚନା କରିଥିଲେ । ମଧ୍ୟାଧିକାର, ସ୍ଫୁଟାଧିକାର, ତ୍ରିପଶ୍ନାଧିକାର, ଗୋଳାଥିକାର ଓ କାଳାଧିକାର ଭଳି ଯଥାର୍ଥ ପଞ୍ଚ ଅଧିକାରରେ ବିଭକ୍ତ କରି ପଠାଣି ଜ୍ୟୋତିଷ ଓ ଗଣନା ବିଧିକୁ ପରିପୃଷ୍ଟ କରିଥିଲେ । ଏହାକୁ ଘନଶ୍ୟାମ ମିଶ୍ର କାଗଜକୁ ଉତ୍ତାରିଥିଲେ । ତତ୍‌କାଳୀନ କରଜ ରାଜ୍ୟ ସମୁହର ତଦନାନ୍ତିନ ସହକାରୀ ସୁପରିଟେଣ୍ଡେଣ୍ଟ ସୁଦାମ ଚରଣ ନାୟକଙ୍କ ଉଦ୍ୟମରେ, ଆଠମଲ୍ଲିକ ରାଜା ମହେନ୍ଦ୍ର ଦେଓ ଏବଂ ମୟୁରଭଞ୍ଜ ମହାରାଜ ଶ୍ରୀ ରାମଚନ୍ଦ୍ର ଭଞ୍ଜଦେଓଙ୍କ ଆର୍ଥିକ ସହାୟତାରେ ଅଧ୍ୟାପକ ଯୋଗେଶଚନ୍ଦ୍ର ରାୟ କଲିକତାସ୍ଥିତ ଗିରୀଶ ବିଦ୍ୟାରତ୍ନ ମୁଦ୍ରଣାଳୟରେ ୧୮୯୪ ମସିହା 'ସିଦ୍ଧାନ୍ତ ଦର୍ପଣ' ପୋଥିକୁ ଏକ 'ନେଚର୍ କଲେଜ' ନାମକ ପତ୍ରିକାରେ ପ୍ରକାଶନ କରାଇଥିଲେ ।

ବ୍ରିଟେନ୍ ଭାରତର ସରକାର ୧୮୯୩ ମସିହାରେ ପଠାଣି ସାମନ୍ତଙ୍କୁ ମହାମହୋପାଧ୍ୟାୟ ଉପାଧିରେ ଭୂଷିତ କରିଥିଲେ । ପଦାର୍ଥ ବିଜ୍ଞାନୀ ଅଧ୍ୟାପକ ଲକ୍ଷ୍ମୀଧର ଶତପଥୀ ଓ ଡା ପ୍ରହଲ୍ଲାଦ ଚନ୍ଦ୍ର ନାୟକ ଦୁହେଁ ପଠାଣି ସାମନ୍ତ ସମ୍ବନ୍ଧରେ କତିପୟ ପ୍ରବନ୍ଧ ପ୍ରକାଶ କରିଥିଲେ । ଏହାଛଡ଼ା କିଛି ଭାରତୀୟ ଓ ଅଣଭାରତୀୟ ବୈଜ୍ଞାନିକଙ୍କ ଚେଷ୍ଟାରେ 'ବୌଦ୍ଧିକ ଅବଦାନ' ନାମକ ଜୀବନ ଚରିତ ଦିଲ୍ଲୀରେ ନିରୋସା ପବ୍ଲିଜିସ୍ ହାଉସରେ

Magazine Downloaded from www.aahwaan.com

ପ୍ରକାଶିତ ହୋଇଛି ।

ପଠାଣି ସାମନ୍ତଙ୍କ ଅଳ୍ପକାଳିକ ତତ୍ତ୍ୱକୁ ଗଣନା କରିବା, ତାହାକୁ ପର୍ଯ୍ୟାଲୋଚନା କରିବା ସହ ପାଣ୍ଡିତ୍ୟ ଦେଖାଇ ସବାଇ ଜୟସିଂହ ସତ୍ୟତା ପ୍ରମାଣ କରିଥିଲେ । ଗୋଲଯନ୍ତ୍ର, ସୂର୍ଯ୍ୟଘଡ଼ି, ଶଙ୍କୁଦଣ୍ଡ, ଉଲମ୍ବୀ ଚକ୍ର, ମାନଯନ୍ତ୍ର ଏବଂ ଖଗୋଳଯନ୍ତ୍ର ଭଳି ହସ୍ତକୃତ ନିର୍ମିତ ଯନ୍ତ୍ରମାନ ଫଳିତ ଜ୍ୟୋତିଷର ନିର୍ଭୂଲ ଗଣନା ଓ ନକ୍ଷତ୍ରି ଗତିବିଧିକୁ ଜାଣିବା ପାଇଁ ବିଜ୍ଞାନକୁ ଆବିଷ୍କାର ଦେଇଥିଲେ । ତାଙ୍କର 'ବିଜ୍ କରେକ୍ସନ୍' ଓ 'ହକ୍ କରେକ୍ସନ୍' ଦୁଇ ସିଦ୍ଧାନ୍ତ ବହୁତ ମାନ୍ୟ ଅଟେ । ଏସବୁ ସତ୍ତ୍ୱେ ଜେରେ ମିଆହ୍ ହରକ୍ସ ନିଜ ପତ୍ରିକା, 'ପେଇଗ୍ନାଲ୍ଟି ଅନାକ୍ରୋନିଷ୍ଟିକ୍'ରେ ଦର୍ଶାଇଛନ୍ତି ଯେ, ପଠାଣି ସାମନ୍ତଙ୍କର ଅଭିଜ୍ଞତା, ଟିପଣୀୟତା ଗୁଣ, ନିଜ ହସ୍ତ ତିଆରି ବାଉଁଶନଳୀ ଉଦ୍ଧୃତ କଳନା ବେଶ ଉଚ୍ଚକୋଟିର ଥିଲା । ତାଙ୍କର ବହୁ କଳନା ଶ୍ଳୋକ ମଧ୍ୟରେ ଗୋଟିଏ ଶ୍ଳୋକ ଅରୁଣ କୁମାର ଉପାଧ୍ୟାୟ ବର୍ଣ୍ଣନା କରି କହିଥିଲେ, ୧୮୭୪ ଶୁକ୍ର ଲାଗି ସୂର୍ଯ୍ୟଗ୍ରହଣ ଦ୍ୱାରା ଶୁକ୍ରଙ୍କ ୧/୩୨ ଗ୍ରହଣ ଛାଇର କଳନା ଅନୁସାରେ ଶୁକ୍ର ସୂର୍ଯ୍ୟଙ୍କ ଠାରୁ ବହୁତ ସାନ ଓ ତତ୍‌ସହ ୬୫୦ ଯୋଜନ ସହିତ ସମାନ ବୋଲି ଲିପିତ ଅଛି, ଯାହା ଆଜିର ବୈଜ୍ଞାନିକ ସଠିକ୍ ବୋଲି ପ୍ରମାଣପତ୍ର ଦେଇ ଆଜି ଓ ସେତେବେଳର ଅନୁପାତ ୧:୩୦.୯୩ ଯାହା କି ବହୁତ ଛୋଟ ପରିବର୍ତ୍ତନ ବୋଲି କୁହାଯାଉଛି । ୟୁରୋପର ଜ୍ୟୋତିର୍ବିଜ୍ଞ ଓଡ଼ିଶାର ପୁତ୍ର ପଠାଣି ସାମନ୍ତଙ୍କର ଗଣନାଶୈଳୀ ଓ କୌଳିକ ବୃତ୍ତିକୁ ନିଜର ଜ୍ୟୋତିଷ ଗଣନାରେ ବ୍ୟବହୃତ କରି ଆସୁଛନ୍ତି ।

ଜ୍ୟୋତିଷ ଗଣନାରେ ପଠାଣି ସାମନ୍ତ ନିଜ ମୃତ୍ୟୁ ସମୟ ମଧ୍ୟ ପୂର୍ବରୁ ଗଣନା କରି ପାରିଥିଲେ । ଏଣୁ ଅନ୍ତିମକାଳେ ପୁରୀ ଜଗନ୍ନାଥଙ୍କ କୃପା ଲାଭକରି ଏହି ବିଜ୍ଞାନ ଜଗତରୁ ଓ ଧରାପୃଷ୍ଠରୁ ୧୧ ଜୁନ ୧୯୦୪ ମସିହାରେ ଦେହତ୍ୟାଗ କରିଥିଲେ । ତାଙ୍କରି ସନ୍ଧ୍ୟକ ରୂପେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜି ଭୁବନେଶ୍ୱରରେ ପଠାଣି ସାମନ୍ତ ପ୍ଲାନେଟୋରିୟମ୍ ତିଆରି କରାଯାଇଛି । ତତ୍‌ସହ ପୁରୀରେ ୧୯୧୫ ମସିହା ଅଗଷ୍ଟ ମାସ ପହିଲାରେ ଚନ୍ଦ୍ରଶେଖର ହଲ୍ ନିର୍ମିତ କରାଯାଇଛି ।

"ଗାଁ ବଳଦ ଗାଁରେ ବିକାଯାଏ ନାହିଁ ।" ପ୍ରବଚନ ଭଳି ପଠାଣିଙ୍କ ମହାନ ପୁରୁଷୋତ୍ତର ସମ୍ମାନ ଆପଣା ଜୀବନ କାଳରେ ନିଜ ଦେଶ, ଗ୍ରାମରେ ସମ୍ମାନିତ ହୋଇ ପାରିନଥିଲା । ଯାହାଙ୍କର ମୃତ୍ୟୁପରେ ଆଜି ବି ବିଜ୍ଞାନ, ଜ୍ୟୋତିଷଜ୍ଞାନ, ଗଣିତବିଧି, ପୂର୍ବଗ୍ରନ୍ଥ ସମାଲୋଚନ ତଥା ନିଜର ପାଣ୍ଡିତ୍ୟର ପରାକାଷ୍ଠା ଦେଖାଇ ନିଜର ନାମ 'ପଠାଣି'କୁ ଯଥାର୍ଥ ଦର୍ଶାଇବା ସହ ଲୋକମାନଙ୍କ ମାନସ ପଟରେ ଅବିସ୍ମରଣୀୟ ହୋଇ ରହିପାରିଛନ୍ତି ।

*ଆମ ଗୌରବ ଆମ ପଠାଣି ସାମନ୍ତ*

*ଆମ ବିଜ୍ଞାନେ, ଜ୍ୟୋତିଷେ*

*ରୁହନ୍ତି ଚିର ଏମନ୍ତ ।*

ବାପା : କାଳୁଚରଣ ସ୍ୱାଇଁ
ଶ୍ରୀକୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟ
ସ୍ନାତକୋତ୍ତର, ଦ୍ୱିତୀୟବର୍ଷ (ଓଡ଼ିଆ ବିଭାଗ)
ପାରଳାଖେମୁଣ୍ଡି, ଗଜପତି ଜିଲ୍ଲା, ଓଡ଼ିଶା; ୭୬୧୨୦୦
ଭ୍ରାମ୍ୟଭାଷ : ୯୫୮୩୪୪୨୯୮୧

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ଓଡ଼ିଆ ଭାଷାର ଅବସ୍ଥା



ମନୋଜ କୁମାର ପଣ୍ଡା

## ଶିକ୍ଷାନୁଷ୍ଠାନରେ ଓଡ଼ିଆ ଭାଷାର ଅବସ୍ଥା ଓ ପ୍ରଭାବ

*ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ ।*

ବିଦ୍ୟା ହେଉଛି ଅମୂଲ୍ୟ, କୌଣସି ମୂଲ ଦେଇ ବି ବିଦ୍ୟାକୁ ମାପି ହେବନି, କାରଣ ବିଦ୍ୟା କାହାଠାରୁ କିଣି ହୁଏ ନାହିଁ ଏହା କେବଳ ସ୍ୱଶିକ୍ଷାରୁ ହିଁ ମିଳିଥାଏ । ବିଦ୍ୟା ହେଉଛି ଏକ ଏମିତି ଜିନିଷ ତାହା ଅନୁଭବରୁ ହିଁ ମଣିଷକୁ ଜ୍ଞାତ ହୋଇଥାଏ । ଚୋରଟିଏ ଚୋରିକରିବାକୁ ଆସିଲେ ସବୁକିଛି ଚୋରି କରିପାରିବ, ହେଲେ କେବେ କାହାର ବିଦ୍ୟାକୁ ଚୋରିକରି ନେଇପାରିବ ନାହିଁ । କୌଣସି ଜିନିଷକୁ ଖର୍ଚ୍ଚ କଲେ ତାହା ଦିନେ ନା ଦିନେ ସରିଯାଏ, ହେଲେ ବିଦ୍ୟାକୁ ଯେତେ ଅଧିକ ଖର୍ଚ୍ଚ କରିବ ସେ ସେତେ ଅଧିକ ଅଧିକ ହୋଇ ବଢ଼ିଚାଲିଥିବ ।

*"ବିଦ୍ୟା ଦଦାତି ବିନୟଂ",*

ଅର୍ଥାତ୍ ବିଦ୍ୟାରୁ ବିନମ୍ରତା ଭାବ ଜାତ ହୋଇଥାଏ, ଯେଉଁ ବିନମ୍ରତା ଭାବ ମନୁଷ୍ୟକୁ ଦୁନିଆରେ ଉଚ୍ଚ ସ୍ଥାନରେ ଅଧିଷ୍ଠିତ କରାଇବା ସହିତ ସଭିଙ୍କର ପ୍ରିୟପାତ୍ର କରାଇଥାଏ । କଥାରେ ଅଛି ରାଜା ନିଜ ରାଜ୍ୟରେ ପୂଜା ପାଏ, କିନ୍ତୁ ଜ୍ଞାନୀଲୋକଟିଏ ସର୍ବତ୍ର ପୂଜା ପାଏ । ବିଦ୍ୟା ଏପରି ଏକ ଧନ ଯାହାକୁ ଯେତେ ବାଣ୍ଟିଲେ ମଧ୍ୟ ସରେ ନାହିଁ, ବରଂ ବିଦ୍ୟାଦାନ ଦ୍ୱାରା ନିଜର ବିଦ୍ୟାର ପରିମାଣ ବଢ଼େ ଏବଂ ସେହି ବିଦ୍ୟା ଦୁନିଆକୁ ଆଗକୁ ଆଗକୁ ନେବାରେ ସାହାଯ୍ୟ କରେ । ବିଦ୍ୟା ଅର୍ଜନ କଲେ ଅନେକ ପୁଣ୍ୟଫଳ ପ୍ରାପ୍ତ ହୋଇଥାଏ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଏବଂ ଏହି ଅର୍ଜିତ ବିଦ୍ୟାକୁ ବଣ୍ଟନ କଲେ ସେହି ଅର୍ଜିତ ପୁଣ୍ୟ ଅପେକ୍ଷା ଅଧିକ ପୁଣ୍ୟଫଳ ପ୍ରାପ୍ତ ହୁଏ ।

ଅଧୁନା ଶିକ୍ଷାନୁଷ୍ଠାନମାନଙ୍କରେ ପ୍ରଚଳିତ ଶିକ୍ଷାପଦ୍ଧତି କିନ୍ତୁ ବିଦ୍ୟାପ୍ରାପ୍ତି ପାଇଁ ନୁହେଁ, ବରଂ କେବଳ ବିଦ୍ୟାକୁ ଧନ ଉପାର୍ଜନର ମାଧ୍ୟମ ଭାବରେ ଅଧ୍ୟୟନ କରାଯାଉଛି । ଆମର ଓଡ଼ିଶାର ବିଦ୍ୟାଳୟମାନଙ୍କ କଥା ଆଖିଆଗକୁ ନିଆଗଲେ, ଆମେ ଦେଖିବା କି ଆମର ଓଡ଼ିଆ ବିଦ୍ୟାଳୟକୁ ପିଲାମାନେ ବିଦ୍ୟା ଅଧ୍ୟୟନ କରିବାକୁ ପସନ୍ଦ କରୁନାହାନ୍ତି । ବହୁତ କମ୍ ପିଲା ଓଡ଼ିଆ ସରକାରୀ ବିଦ୍ୟାଳୟ ମାନଙ୍କରେ ପଢୁଛନ୍ତି, ଯେଉଁମାନେ ବେସରକାରୀ ବିଦ୍ୟାଳୟ ମାନଙ୍କରେ ସେମାନଙ୍କର ମାସିକ ଖର୍ଚ୍ଚ ଦେଇପାରିବେ ନାହିଁ, ସେମାନେ ହିଁ ସରକାରୀ ବିଦ୍ୟାଳୟକୁ ଆସୁଛନ୍ତି । ସରକାରୀ ବିଦ୍ୟାଳୟର କଥା ତ ସଭିଙ୍କୁ ଜଣା ଅଧିକେ ଜଣାଅଛି, ଏବେ ଟିକେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଉପରକୁ ଆସିବା । ଓଡ଼ିଶାରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ସଂଖ୍ୟା ଅନେକ, ପ୍ରାୟ ପ୍ରତ୍ୟେକ ସ୍ଥାନରେ ଏହି ବିଦ୍ୟାଳୟମାନ ଗଢ଼ିଉଠିଛି । ଅଭିଭାବକମାନଙ୍କ ଅନୁସାରେ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ପିଲାମାନେ ପଢ଼ିଲେ ସେମାନେ ଅଧିକ କିଛି ଶିଖିପାରିବେ ଓ ଭବିଷ୍ୟତରେ ବହୁତ ଉପରକୁ ଯିବେ । ହେଲେ ଏହି ବିଦ୍ୟାଳୟ ମାନଙ୍କରେ ପଢ଼ିବା ଦ୍ୱାରା ପିଲାମାନଙ୍କ ଉପରେ କେଉଁଭଳି ପ୍ରଭାବ ପଡୁଛି ସେ ଉପରେ ଟିକେ ନଜର ପକାଇବା ।

ପିଲାଟିଏ ଟିକେ ଟିକେ କଥା କହିବା ଆଗରୁ ତାକୁ ଛାଡ଼ିଲେ ଖେଳ ସ୍କୁଲ୍‌ରେ । ଯେଉଁ ସମୟରେ ସେ ନିଜର ପିତାମାତାଙ୍କ ପାଖରେ ଅଧିକ ସମୟ ରହିବା ଦରକାର ସେହି ସମୟରେ ସେ ଦିନରେ ସମୟ ବିତାଏ ଖେଳ ସ୍କୁଲ୍‌ରେ । ଧିରେ ଧିରେ ବଡ଼ ହେବା ବେଳକୁ ତାକୁ ପୁଣି ପଠାଇ ଦିଅନ୍ତି ଏକ ଇଂରାଜୀ ମାଧ୍ୟମ ବିଦ୍ୟାଳୟକୁ, ସେଠାରେ ଓଡ଼ିଆ କହିବା

 Magazine Downloaded from www.aahwaan.com

ମନା, କେବଳ ଇଂରାଜୀରେ କଥାବାର୍ତ୍ତା । ବିଦ୍ୟାଳୟ ପରିସରରେ ଓଡ଼ିଆ କହିଲେ ଦଣ୍ଡ ଭୋଗିବାକୁ ପଡ଼ିଥାଏ । ସେହି ପିଲାମାନଙ୍କର ଅଭିଭବକଙ୍କୁ ତାଗିଦ୍ କରାଯାଏ କି ପିଲା ଯେମିତି ଘରେ ଓଡ଼ିଆରେ ବି କଥାବାର୍ତ୍ତା ନ କରେ ସେଥିପ୍ରତି ଧ୍ୟାନ ଦେବାକୁ । ସେହିଠାରୁ ଆରମ୍ଭ ହୁଏ ନିଜର ମାତୃଭାଷା ପ୍ରତି ଭିନ୍ନ ଧାରଣା, ଯାହାକି ତାକୁ ଏକ ଭୁଲ୍ ଭଳି ପରିଲକ୍ଷିତ ହୋଇଥାଏ । ସେ ତା'ର ମନେ ମନେ ସ୍ଥିର କରିନେଇଥାଏ କି, ଯଦି ସେ ଏହି ଭାଷାର ବ୍ୟବହାର ଦ୍ୱାରା କିଛି ଅସୁବିଧା ଭୋଗ କରୁଛି, ତେବେ କାହିଁକି ସେ ସେହି ଭାଷାର ବ୍ୟବହାର କରିବ । କେତେ କେତେ ସ୍ଥାନରେ ଏପରି ହୋଇଥାଏ କି, ପିଲାମାନଙ୍କର ଅଭିଭାବକ ଶିକ୍ଷକ ସେମାନଙ୍କୁ ଏମିତି ଲୋକଙ୍କ ସହ ମିଶିବାକୁ ସୁଯୋଗ ଦିଅନ୍ତି, ଯେଉଁମାନେ କେବଳ ଇଂରାଜୀରେ କଥାବାର୍ତ୍ତା କରିବେ । ଏମିତିକି ସେମାନଙ୍କର ବୃଦ୍ଧ ଜେଜେବାପା କିମ୍ବା ଜେଜେମାଆଙ୍କ ସହ ମିଶିବାକୁ ସୁଯୋଗ ଦିଅନ୍ତିନି, କାହିଁକି ନା ସେମାନେ ଇଂରାଜୀ ଜାଣିନାହାନ୍ତି । ଗୋଟିଏ ଘରେ ରହୁଥିଲେ ବି ପିଲାମାନଙ୍କୁ ସେମାନଙ୍କ ସହ ମିଶିବାକୁ ଦିଆଯାଏନି ।

ଏବେ ସରକାରଙ୍କ ନିୟମକୁ ମାନିବାକୁ ଯାଇ କିଛି ଇଂରାଜୀ ମାଧ୍ୟମ ବିଦ୍ୟାଳୟ ନିଜର ବିଦ୍ୟାଳୟରେ ଓଡ଼ିଆ ପାଠ୍ୟକ୍ରମମାନ ଯୋଡ଼ିଲେ । ସେହି ପାଠ୍ୟ ଖସଡ଼ା ଅନୁସାରେ ପିଲାମାନେ ଓଡ଼ିଆ କେବଳ ସେହି ଶ୍ରେଣୀଗୃହ ମଧ୍ୟରେ ପଢ଼ିବେ ଓ କହିବେ । ଶ୍ରେଣୀଗୃହ ବାହାରେ ସେହି ବିଷୟରେ କିଛି ଆଲୋଚନା କରିବେ ନାହିଁ । ସେହି ପାଠ ପୁଣି ଆରମ୍ଭରୁ ଶିକ୍ଷାଦାନ କରାଯିବନି, ଷଷ୍ଠ ଶ୍ରେଣୀରେ ପିଲାମାନେ ଓଡ଼ିଆ ଶିଖିବେ, କେବଳ ଏକ ପାଠରେ ଉତ୍ତୀର୍ଣ୍ଣ ହେବା ପାଇଁ । ବିଦ୍ୟାଳୟ ପାଠ ସରିବା ପରେ ସେମାନେ କେବେ ଆଉ ଓଡ଼ିଆ ଭାଷାକୁ ଦେଖନ୍ତିନି କିମ୍ବା ପଢ଼ନ୍ତିନି । ଫଳ ସ୍ୱରୂପ ସେମାନେ ଓଡ଼ିଆ ଲିପି ଠିକ୍‌ରେ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପଢ଼ିପାରନ୍ତିନି ଓ ଓଡ଼ିଆ ଠିକ୍‌ରେ କହିପାରନ୍ତିନି ।

ଏହି ପାଠ ପଢ଼ା କେବଳ ନିଜର ଜୀବନରେ ଅର୍ଥ ଉପାର୍ଜନର ମାଧ୍ୟମ ଭାବରେ ବ୍ୟବହାର କରାଯାଉଛି । ବିଦ୍ୟାଳୟମାନଙ୍କରେ ବିଦ୍ୟାଦାନ ପରିବର୍ତ୍ତେ ବିକ୍ରି କରାଯାଉଛି କହିଲେ କିଛି ଅତ୍ୟୁକ୍ତି ହେବନାହିଁ ବୋଲି ମୋର ମନେ ହେଉଛି । ପିଲାମାନେ ଏମିତି ନିଜର ମାତୃଭାଷାଠାରୁ ଦୂରେଇ ରହିବା କାରଣରୁ ନିଜର ପିତାମାତାଙ୍କ ଠାରୁ ମଧ୍ୟ ଦୂରେଇ ଯାଅନ୍ତି । ଶେଷରେ ମାତାପିତା ଅନ୍ୟକାହାର ଦୋଷ ଦିଅନ୍ତି, ଦୁନିଆର ଦୋଷ ଦିଅନ୍ତି, ନିଜ କର୍ମର ଦୋଷ ଦିଅନ୍ତି । ହେଲେ ପ୍ରକୃତରେ ଭୁଲ୍ କୋଉଠି ସେକଥା ଜାଣିବାକୁ ଚେଷ୍ଟା କରନ୍ତିନି ।

ଏହି ସବୁ କଥା କହିବାର ତାତ୍ପର୍ଯ୍ୟ ହେଉଛି କି ନିଜର ପିଲାମାନଙ୍କୁ ନିଜର ମାତୃଭାଷାଠାରୁ ଦୂରେଇ ରଖନ୍ତୁନି, ଯଦି ସେମାନଙ୍କୁ ସେମାନଙ୍କ ମାତୃଭାଷାଠାରୁ ଦୂରେଇ ରଖିବେ, ସେମାନେ ବଡ଼ ହେଲା ପରେ ଆପଣମାନଙ୍କ ଠାରୁ ଦୂରେଇ ଯିବେ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ତୁମ ପାଇଁ... କିଛି ଧାଡ଼ି



ଶୁଚିସ୍ମିତା ବେହେରା

ଅଟଳ, ତୁମେ ଅଜୟ ମଧ୍ୟ । ସନ୍ଧ୍ୟାରେ ଖବର ମିଳିଲା । ହଠାତ ଲାଗିଲା, ସମୟ ଟି ଥପ ହୋଇଗଲା । ତା'ପରେ ପୁଣି କାମରେ ଲାଗିପଡ଼ିଲି, ବେଶୀ କିଛି ଭାବିଲିନି । ହେଲେ ମୁଁ ସିନା ଭାବିଲିନି, ମନ କଣ ମାନିଗଲା ନା' କଣ ? ସେ ବିଧିର ବିଧାନ ହେଉ ବା ନିୟତିର ନିୟମ, ବିଶ୍ୱାସ କରିବା କଷ୍ଟ ହେଉଥାଏ ମୋ ପାଇଁ, ଯେ, ତୁମେ ଆଉ ନାହଁ ।

ଘରକୁ ଫେରିଲି, ସ୍କୁଲ, କଲେଜ ଛୁଟିରେ ଖବର ପାଇଲି, ଟିଭିରେ ସମ୍ବାଦ ଦେଖିଲି, ତୁମକୁ ଦେଖିଲି, ତା'ପରେ ହୃଦୟର ବେଦନାକୁ କାଗଜ କଲମରେ ପ୍ରକାଶିତ କଲି ।

ତୁମେ ମୋତେ ଭାରି ଭଲ ଲାଗ । ଏତେ ଭଲ ଲାଗ ଯେ, ମୁଁ 'ଆପଣ' ନ କହି 'ତୁମେ' କହିବାର ଅଧିକାର ନେଇଯାଇଛି । ମୋର ଏବେ ବି ମନେ ଅଛି, ମୁଁ ଦ୍ୱିତୀୟ ଶ୍ରେଣୀରେ ପଢୁଥାଏ, ତୁମେ ପ୍ରଧାନମନ୍ତ୍ରୀ ଥିଲ । ସମସ୍ତେ ତୁମର ବହୁତ ପ୍ରସଂଶା କରନ୍ତି, ମୁଁ ଟିଭିରେ, ସମ୍ବାଦପତ୍ରରେ ତୁମକୁ ଦେଖୁଥାଏ, ଆଉ ଲାଗୁଥାଏ, କେହିଜଣେ ଆପଣା ପରି । ଭାରତର ପ୍ରଧାନମନ୍ତ୍ରୀ, ମୋ'ଠାରୁ କାହିଁ କେତେ ଦୂରରେ, ହେଲେ ବି ମୋର ଅତି ନିଜର । ସେତେବେଳେ ରାଜନୀତି ବୁଝୁନଥାଏ, ଆଉ ଆଜି ବୁଝିଲାପରେ ବି, ଭଲ ଲାଗେନି ମୋତେ ରାଜନୀତି । ଇଚ୍ଛା ନାହିଁ ମୋର ରାଜନୀତି ପ୍ରତି । ତଥାପି ଯେତିକି ବୁଝିଛି, ମୁଁ ଜାଣିପାରିଛି ଯେ, ତୁମେ ରାଜନିତୀ କରୁନଥିଲ, ତୁମେ ଖାଲି ରାଜନୀତିର ପଥ ଆପଣେଇଥିଲ ଦେଶରେ ମୈତ୍ରୀତ୍ୱ ଖେଳେଇବାକୁ । ତୁମେ ସତ୍ୟ ଓ ନିଷ୍ଠାର ପଥ ଆପଣେଇ ଥିଲ । ତୁମେ ଯାହାବି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କହୁଥିଲ, ତାହା ଭାଷଣ ନୁହଁ, ତାହା ଗୋଟେ ଗୋଟେ କଥା, ଆଉ କଥା ଅମର ରହେ, ଭାଷଣ ନୁହେଁ । ତୁମେ ଚାଲିଗଲ, ଚାଲିଗଲ ଏ ଦୁନିଆ ଛାଡି, ହେଲେ ମୋ ମନରୁ ନୁହେଁ । ୧୫ ଅଗଷ୍ଟରେ ତୁମର ଛବି ଦେଖିଥିଲି, ମନେ ପଡିଥିଲ ତମେ । ହେଲେ ଏତେ ମହାନ ଆତ୍ମା ତମେ ଯେ, କାଳେ ନୀଳ ଆକାଶରେ ସ୍ୱାଧୀନତାର ଆନନ୍ଦରେ ଉଡୁଥିବା ତୀରଙ୍ଗା ମନ ଦୁଃଖ କରି ନଇଁ ପଡିବ, ତୁମେ ଆଉ ମାତ୍ର ଗୋଟେ ଦିନ ଅପେକ୍ଷା କଲ । ସ୍ୱାଧୀନତାର ଆନନ୍ଦକୁ ପୁଣି ଥରେ ଅନୁଭବ କରୁଥିବା ଦେଶବାସୀଙ୍କୁ ସେଥିରୁ ବଞ୍ଚିତ ନ କରିବା ପାଇଁ, ତୁମେ ନେଲ କେବଳ ଆଉ ଗୋଟେ ଦିନ । ସେଥିପାଇଁ ଏତେ ଗଜଗଜ ବର୍ଷା । କିଏ କହୁଛି ଲଘୁଚାପ ତ' ପୁଣି କିଏ କହିଲାଣି ଘୁର୍ଣ୍ଣିଝଡ । କିନ୍ତୁ ପ୍ରକୃତି କିଛି ଅଲଗା ସନ୍ଦେଶ ପଠାଉଥିଲା । ୧୫ ଅଗଷ୍ଟ ଦିନ ଏତେ ବର୍ଷା ଯେ, ପତାକା ଉତ୍ତୋଳନ କରିବା କଷ୍ଟସାଧ୍ୟ ମନେ ହେଉଥାଏ । ଶ୍ରାବଣ ତାର ପ୍ରତିଭା ଦେଖାଉଥିବା ମଧ୍ୟରେ, ଆକାଶ ତାର ଅଶ୍ରୁ ଗଡ଼ାଉଥାଏ, ବୋଧହୁଏ; ସେ କିଛି ଜାଣିପାରିଥାଏ ଆଉ ଆମକୁ ବି ସନ୍ଦେଶ ଦେଉଥାଏ । ହେଲେ ୧୬ ଅଗଷ୍ଟରେ ନିତିଦିନିଆ ପାଗ, ଅଳ୍ପ ଖରା, ଚଳଚଞ୍ଚଳ ପରିବେଶ । କିନ୍ତୁ ଯେତେବେଳେ ଖବର ଖେଳିଗଲା, ସେତେବେଳେ ମୋତେ ବୁଝାପଡିଲା ଯେ, ପ୍ରକୃତି ବି କାନ୍ଦି କାନ୍ଦି ଥକିଗଲା ଆଉ ସେଥିପାଇଁ ଆଜି ହଠାତ ନିସ୍ତବ୍ଧ ହେଇଗଲା । ଏବେ ସେ ବି ଜାଣିଗଲା ଯେ, ନିୟମ ଆଗରେ ସେ କିଛି କରିପାରିବନି । ତେଣୁ ଛାତିରେ କୋହ ଚାପି ଛିଡାହୋଇଗଲା ଆଉ ଆମକୁ ବି ସ୍ତବ୍ଧ କରିଦେଲା ।

ଏବେ ବି ତମ ଚେହେରା ଝଲସି ଆସୁଛି । ଦେଖିବାକୁ ଗଲେ, ତୁମେ ମୋ ଜେଜେବାପାଙ୍କ ବୟସର, କେଜାଣି; ବହୁତ ଆପଣାର ଲାଗ, ସେଥିପାଇଁ ବହୁତ ଅଦ୍ଭୁତ ଲାଗୁଛି,................ ଜାଣେନା କାହିଁକି ?

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଧାନମନ୍ତ୍ରୀ କେବଳ ଗୋଟେ ପଦବୀ, ଇତିହାସର ପୃଷ୍ଠାରେ ଆଉ ଗୋଟିଏ ନାମ ଯୋଡିବାକୁ । ତୁମର ତା ପ୍ରତି ଲୋଡ଼ା ଥାଇପାରେ ହେଲେ କେବେ ଲୋଭ ନ ଥିଲା, ନହେଲେ, କେହି ୧୩ ଦିନ କି ୧୩ ମାସରେ ଓହରି ଯାଇ ନଥାନ୍ତା । ଆଉ ଏହା ଦେଶବାସୀଙ୍କର ତୁମ ପ୍ରତି ପ୍ରେମ, ସମ୍ମାନ ତଥା ବିଶ୍ୱାସ ଥିଲା, ଯାହା ସେମାନେ ଅନୁଭବ କରିପାରିଥିଲେ ଏହି କମ ସମୟ ମଧ୍ୟରେ, ଯାହାକି ତୁମକୁ ପରବର୍ତ୍ତୀ ସମୟରେ ୫ ବର୍ଷର ଅବଧି ନେବାକୁ ସମର୍ଥ କରିଥିଲା ।

ମୋର ମନେ ଅଛି, ସେ ସମୟର କାର୍ଗିଲ ଯୁଦ୍ଧ । ତୁମର ବାଣୀ, ତୁମର ଆଶ୍ୱାସନା ଭରା ଆହ୍ୱାନ ଆଉ ତା'ସହ ଦୃଢ ଆତ୍ମବିଶ୍ୱାସ ଥିଲା ଆମ ସୈନ୍ୟମାନଙ୍କର ମନୋବଳ ବଢାଇବାର ମୂଳ ଶସ୍ତ୍ର । ବିଜ୍ଞାନ ପ୍ରତି ତୁମର ବିଶ୍ୱାସ ଆଉ ସେହି ବାର୍ତ୍ତା....‘ଜୟ ଯବାନ, ଜୟ କିଷାନ, ଜୟ ବିଜ୍ଞାନ’,ଏହି ସ୍ଲୋଗାନ ଶୁଣିଲେ, ବିଜ୍ଞାନ ଛାତ୍ରୀ ହେବାର ଗର୍ବ ଅନୁଭବ କରେ । ତୁମେ ଚାଲିଗଲ, ତୁମର ସ୍ମୃତି ରହିଗଲା......। ସମ୍ବାଦପତ୍ରରେ ବଡ ବଡ ହେଡଲାଇନ୍‌ସ ଆଉ ସେ ଇମୋସନାଲ କଥା, ମୋତେ ସେ ସବୁ ଭଲ ଲାଗୁନି । ମୁଁ ତୁମକୁ ଏକାକୀ ଶାନ୍ତିରେ ବସି ମନେପକାଉଛି ଆଉ ମୁଁ ଜାଣିଛି; ତୁମେ ଶୁଣୁଛ, ନିଶ୍ଚିତ ଶୁଣୁଛ । ତୁମର ଇତିହାସ ମୁଁ ଜାଣିନି, ତୁମର ବାଇଓଗ୍ରାଫି ବି ମୁଁ ଜାଣିନି । ବାସ ତୁମେ ମୋତେ ଭାରି ଭଲ ଲାଗ । କାରଣ; ମୋର ବିଶ୍ୱାସ; ଭଲ ଲାଗିବା ପାଇଁ କୌଣସି କାରଣ ଦରକାର ନାହିଁ । ଯଦି ଦରକାର, ତାହାହେଲେ, ସବୁଠାରୁ ବଡ ଆଉ ଭଲ କାରଣ ହେଲା, ପ୍ରଧାନମନ୍ତ୍ରୀ ପଦବୀରେ ରୁହ ବା' ନ ରୁହ; ତୁମେ ସତରେ ଅଟଳ.... ତୁମେ ସବୁବେଳେ ଅଟଳ....। ମୋର ପୁଣି ଥରେ ମନେ ପଡୁଛି, ଦେଶର ୧୦୦ କୋଟି ପୂରଣ କରିଥିବା ଶିଶୁ କନ୍ୟାର ନାମ ତୁମେ ରଖିଥିଲ ‘ଆସ୍ଥା’ । ସେତେବେଳେ ଭାବୁଥିଲି କି ଭାଗ୍ୟ....କିନ୍ତୁ; ଆଜି ବି ତୁମ ପାଇଁ କିଛି ଧାଡି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଲେଖି, ମୁଁ ନିଜକୁ ଭାଗ୍ୟବତୀ ମନେ କରୁଛି । ଆହୁରି ମାନୁଛି ଏଥିପାଇଁ ଯେ, ଯେଉଁ ଅନୁଷ୍ଠାନ ଆପଣଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା, ଆଜି ମୁଁ ସେଠାକାର ଛାତ୍ରୀ । ମୁଁ ସେଇଠି ପଢୁଛି, ଯେଉଁଠିକୁ ତୁମେ ଆସିଥିଲା, ହେଲେ ଆମର ଦେଖା ହେଇପାରିଲାନି, ଫାଟକ ସାଜିଥିଲା ମୋର ବୟସ ସୀମା । ଏବେ ବି' ସେଇ ଫଳକରେ ଯେବେ ଦେଖେ ତୁମ ନାମ, ମନରେ ଅଦ୍ଭୁତ ପ୍ରକାରର ବିଚଳନ ସୃଷ୍ଟି ହୋଇଥାଏ । ଖୁସି ଲାଗେ; ସତରେ; ସେ ଅନୁଭବ ଅନନ୍ୟ ।

ଥରେ ଟିଭିରେ ହଠାତ ଦେଖିଲି ତମର ଗୋଟେ ଗୀତ ଦେଖଉଛି । ତା'ପରେ ଜାଣିଲି, ତାହା ଗୀତ ନୁହେଁ, କବିତା । ସେ ଦିନରୁ ତୁମକୁ ଭଲପାଇବାର ଆଉ ଗୋଟେ ବହନ ମିଳିଗଲା । ସତରେ; ତୁମେ ଯେଉଁଠି ଥାଅ, ମୁଁ ଜାଣିଛି, ମୋ କଥା ଶୁଭୁଛି ତୁମକୁ । ତୁମ ଚରଣରେ ନତମସ୍ତକ ମୁଁ । ମୋ ମୁଣ୍ଡରେ ତୁମର ଦୁଇ ହାତ ଥୋଇ ମୋତେ ଆଶୀର୍ବାଦ କର । ମନରେ କୌଣସୀ ପ୍ରଶ୍ନବାଚୀ ନାହିଁ ଯେ, ତୁମର ଶୂନ୍ୟସ୍ଥାନ କେବେ ପୂରଣ ହେଇପାରିବ ବୋଲି, ହେଲେ ତୁମ ଶବ୍ଦର ଶୀଥିଳତା, ବିଜୟର ବାର୍ତ୍ତା ଆଉ ସଚୋଟର ଆହ୍ୱାନ ଆମ ହୃଦୟ ଓ ବିବେକରେ ସଦା ଅମର ହୋଇ ରହୁ, ଏଥିରେ ସନ୍ଦେହ ନା' ରହିବ ଉଚିତ । ଚିର ନମସ୍ୟ, ମୋର ପ୍ରୀୟ ଶ୍ରୀ ଅଟଳ ବିହାରୀ ବାଜପେୟୀ ।

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ମହିଳା ଓ ଶିଶୁ ଅଧିକାର



ନାରାୟଣ ଚନ୍ଦ୍ର ସେନାପତି

ସମାଜ ଗଠନର ଦୁଇ ସର୍ବୋତ୍କୃଷ୍ଟ ଉପାଦାନ ହେଲେ ମହିଳା ଓ ଶିଶୁ । ମହିଳାଟିଏ ଶୈଶବରେ କୁନି ଝିଅ ହୋଇ କୁନି କୁନି କଥା ଓ ମନ ଛୁଆଁ ହସ ଦେଇ ବଗିଚାର ଫୁଲକଢ଼ି ପରି ପରିବାରକୁ ସୌରଭ ଦିଏ । କିଶୋରୀ ଅବସ୍ଥାରେ ବାପା ମାଆଙ୍କୁ ସହଯୋଗ କରି ଆତ୍ମୀୟତାର ସମ୍ଭାର ତୋଳେ ।ବଧୂ ହୋଇ ସ୍ୱାମୀର ମଙ୍ଗଳ କାମନା ସହ ଦୁଇ କୁଳର ସଂସ୍କାର ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖେ । ଯେବେ ମାଆ ହୁଏ ସନ୍ତାନକୁ ଆଚାର ବିଚାର ସଦାଚାର ଓ ଶିଷ୍ଟାଚାର ଶିଖାଇ ତା ଚରିତ୍ର ଗଠନ କରେ । ପରେ ଜେଜେ ମାଆ ହୋଇ ନାତି ନାତୁଣୀଙ୍କୁ ତା ହୃତ ସ୍ପନ୍ଦନ ମଣେ ।ଆଉ ସୁସଙ୍ଗଠିତ ପରିବାରର ସ୍ୱପ୍ନ ଦେଖାଏ ଓ ପ୍ରେରଣା ଭରେ ।

ଠିକ୍ ସେହିପରି ଶିଶୁ । ଶିଶୁ ହେଲେ ଆମ ଦେଶର ପ୍ରକୃତ ସମ୍ପଦ । ସେମାନେ ବଡ଼ ଓ ଭଲ ହେଲେ ଏ ସମାଜ ଜ୍ୟେଷ୍ଠ ଓ ଶ୍ରେଷ୍ଠ ହୋଇପାରିବ ।

ତେଣୁ ସମାଜରେ ଏମାନଙ୍କର ସୁରକ୍ଷା ନିତ୍ୟାନ୍ତ ପ୍ରୟୋଜନ ।

କେତେକ ଅଶିକ୍ଷିତ, ଅଜ୍ଞ-ମହିଳାଙ୍କୁ ପୁରୁଷ ତୁଳନାରେ ହୀନ ମନେ କରନ୍ତି । ସେମାନଙ୍କ ବିଚାରରେ ନାରୀଜନ୍ମ ଚୁଲିମୁଣ୍ଡକୁ କିମ୍ବା ଘର ଚାରିକାନ୍ଥ ମଧ୍ୟରେ ସୀମିତ । ତାଙ୍କୁ ଉପଯୁକ୍ତ ଜ୍ଞାନ ସମ୍ମାନ କି ସୁଯୋଗ ନ ଦେବାରୁ ସେମାନେ ଅବହେଳିତ ହୁଅନ୍ତି । ମାତ୍ର ଆଜି ଇନ୍ଦିରା ଗାନ୍ଧୀ, କଳ୍ପନା ଚାୱଲା, ରାଣୀ ଲକ୍ଷ୍ମୀବାଇ, ପି ଟି ଉଷା, ସାନିଆ ମିର୍ଜା ଏମାନଙ୍କୁ ଉଦାହରଣ ଦେଇ ବୁଝାଇଲେ ସମାଜ ଜାଣିପାରନ୍ତା ସେମାନେ କେଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିପାରିବେ ।

କେବଳ ଭାଷଣରେ ପୁରୁଷ ନାରୀ ସମାନ କହିଦେଲେ ହେବ ନାହିଁ, ପ୍ରତ୍ୟେକ କ୍ଷେତ୍ରରେ ସେମାନଙ୍କୁ ଅଧିକାର ଦେବା ଉଚିତ । କେତେକ ମୂର୍ଖ, 'ଝିଅ ପରିବାରର ବୋଝ' ଭାବି ଭ୍ରୁଣ ହତ୍ୟା କରନ୍ତି ।

ଅବଶ୍ୟ ଏବେ ସରକାର ଭ୍ରୁଣହତ୍ୟା ଅପରାଧ କରି ସତର୍କ ଓ କାର୍ଯ୍ୟାନୁଷ୍ଠାନ ନେଲେଣି । ବିଦ୍ୟାଳୟ ସ୍ତରରୁ ବିଶ୍ୱବିଦ୍ୟାଳୟ ସ୍ତର ପର୍ଯ୍ୟନ୍ତ ପୁଅଝିଅ ବାଛ ବିଚାର ନ ରଖି ଝିଅଙ୍କୁ ଗୁରୁତ୍ୱ ଦେଲେଣି । ପ୍ରତ୍ୟେକଙ୍କର ଶିକ୍ଷା ଗ୍ରହଣ ଅଧିକାର ବୋଲି ଘୋଷଣା ଓ କାର୍ଯ୍ୟକାରୀ କଲେଣି । ବାଲ୍ୟବିବାହ ଉପରେ ଦଣ୍ଡାଦେଶ, ଯୌତୁକ ନେବା ଉପରେ କଟକଣା, ନାରୀ ନିର୍ଯ୍ୟାତନା, ବଧୂହତ୍ୟା, ଗଣ ଧର୍ଷଣ ଉପରେ କଠୋର ଦଣ୍ଡ ବିଧାନ କରାଗଲାଣି । ବିଶେଷ କରି ମହିଳା କମିଶନ ନାରୀ ସୁରକ୍ଷା ପାଇଁ ଶତ ଚେଷ୍ଟା ଜାରି ରଖିଛି ।

ପୁନଶ୍ଚ ଏବେ ବି ଏ କ୍ଷେତ୍ରରେ ଉଦାସୀନତା ଦେଖା ଯାଉଛି । ଗଣଦୁଷ୍କର୍ମ, ବଧୁ ପୋଡି ସମାଜର ମେରୁଦଣ୍ଡକୁ ଦୁର୍ବଳ କରିଦେଇଛି । ଝିଅଠୁ ମାଆ ପର୍ଯ୍ୟନ୍ତ ଅସୁରକ୍ଷିତ ମନେ କରୁଛନ୍ତି । ତେଣୁ ନାରୀ ସଶକ୍ତିକରଣ ଜାଗ୍ରତ କରିବା ସଙ୍ଗେ ସଙ୍ଗେ ନାରୀମାନଙ୍କର ମନୋଭାବ ପରିବର୍ତ୍ତନ ଓ ସୁଦୃଢ଼, ସମାଜରେ ମାଆ, ଭଉଣୀ ମାନଙ୍କୁ ସମ୍ମାନ ଆମ ସଂସ୍କୃତିର ପ୍ରତୀକ ଶିକ୍ଷା ଦେବା ବିଧେୟ ।

ଅବଶ୍ୟ କେନ୍ଦ୍ର ସରକାର ୨୦୦୭ରେ ଓ ରାଜ୍ୟ ସରକାର ୨୦୦୯ରେ ଶିଶୁ ଅଧିକାର ପାଇଁ ଶିକ୍ଷାଅଧିକାର ଆଇନ ପ୍ରଣୟନ କରିଛନ୍ତି । ବଞ୍ଚିବାର ଅଧିକାର, ବିକାଶ ଅଧିକାର, ସୁରକ୍ଷା ଅଧିକାର, ସହଭାଗୀ ଅଧିକାର ଦେଇ ଶିଶୁଙ୍କ ସର୍ବାଙ୍ଗୀନ ଉନ୍ନତିର ପରିକଳ୍ପନା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କରିଛନ୍ତି । ପ୍ରତ୍ୟେକ ଶିଶୁ ବାଧ୍ୟତାମୂଳକ ଶିକ୍ଷା ସମ୍ପୂର୍ଣ୍ଣ କରିବ, ଶିଶୁ ଶ୍ରମିକ ହେବନି, ତା'ର ଶିକ୍ଷାର ଉନ୍ନତି ପାଇଁ ପ୍ରୋତ୍ସାହନର ବ୍ୟବସ୍ଥା ଅଛି । ପିତାମାତାଠୁ ଆରମ୍ଭ କରି ଶିକ୍ଷକ ଶିକ୍ଷୟିତ୍ରୀ ଯାଏଁ କେହି ଶିଶୁକୁ ଶାରିରୀକ ଓ ମାନସିକ ନିର୍ଯାତନା ନ ଦିଅନ୍ତୁ ସେଥିପାଇଁ ଧାରା ବି ଖଞ୍ଜା ଯାଇଛି । ଅବମାନନା କଲେ ଜୋରିମାନା ଓ ଜେଲ ଦଣ୍ଡ ଭୋଗିବାର ବ୍ୟବସ୍ଥା କରାଯାଇଛି । ଗରିବ ମେଧାବୀ ଶିଶୁଙ୍କୁ ମାଗଣା ଓ ଉଚ୍ଚଶିକ୍ଷା ପାଇଁ ଲକ୍ଷାଧିକ ଋଣ ଦେବାର ବ୍ୟବସ୍ଥା କରାଯାଇଛି ।

ଏତେ ଆଇନ, ନିୟମ ପରେ ବି ଅନୈତିକ ଓ ବ୍ୟଭିଚାର ସମାଜକୁ ଜରାଜୀର୍ଣ୍ଣ କରିଦେଇଛି । ଯେଉଁ ଦିନ ମଣିଷ ନିଜକୁ ବୁଝିବ, ତା ମନ ବିବେକ ଆତ୍ମାକୁ ନିୟୋଜନ କରି ମହିଳା ଓ ଶିଶୁଙ୍କୁ ଶ୍ରେଷ୍ଠ ସମ୍ପଦ ଭାବି ସମ୍ମାନ ଓ ସହଯୋଗ କରିବ ସେହିଦିନ ଦେଶ ପ୍ରକୃତ ସ୍ୱାଧୀନ ହୋଇଛି ଓ ଆମର ମଣିଷ ପଣିଆ ଅଛି ବୋଲି ଜଣାପଡିବ ।

ତେଣୁ ଆସନ୍ତୁ ସଭିଏଁ ନାରୀକୁ ମାତୃଶକ୍ତି ଭାବି ସମ୍ମାନ ଦେବା ଶିଶୁଙ୍କୁ ମନ୍ଦିରର ଦେବତା ଭାବି ପୂଜା କରିବା ତେବେ ଯାଇ ମହିଳା ଓ ଶିଶୁ ନ୍ୟାଯ୍ୟ ଅଧିକାର ପାଇ ସୁନ୍ଦର ସମୃଦ୍ଧ ରାଷ୍ଟ୍ର ଗଠନ କରିପାରିବେ ।

ନାରାୟଣ ଚନ୍ଦ୍ର ସେନାପତି, ଜମ୍ପରା,କେନ୍ଦୁଝର

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କଟୁବଚନ ଦୁଃଖଦାୟୀ



ନରେନ୍ଦ୍ର ପ୍ରସାଦ ବେହେରା

ଥରେ ଜଣେ କୃଷକ ପଡୋଶୀକୁ ଖରାପ ଭାଷାରେ ଗାଳି ଦେଲା । କିନ୍ତୁ ଖୁବ୍ ଶୀଘ୍ର ସେ ନିଜ ଭୁଲ୍ ବୁଝିପାରିଲା । ସେ ଜଣେ ସନ୍ଥଙ୍କ ନିକଟକୁ ଗଲା ଏବଂ ନିଜ ଶବ୍ଦ ଫେରାଇ ଆଣିବାର ଉପାୟ ପଚାରିଲା । ସନ୍ଥ ସେହି କୃଷକକୁ କହିଲେ ତୁମେ ଅନେକ ଗୁଡିଏ ପର ଏକତ୍ର କର ଏବଂ ସେଗୁଡିକୁ ନେଇ ଏକ ଖୋଲା ସ୍ଥାନରେ ରଖିଦିଅ । କୃଷକ ସେହିପରି କଲା ଏବଂ ପୁଣି ଥରେ ସନ୍ଥଙ୍କ ନିକଟରେ ପହଞ୍ଚିଗଲା । ସନ୍ଥ ଏଥର କହିଲେ, ଆଉ ଥରେ ଯାଇ ସେହି ପର ଗୁଡିକୁ ଏକାଠି କରି ନେଇଆସ । କୃଷକ ପୁଣିଥରେ ସେହି ସ୍ଥାନରେ ଯାଇ ପହଞ୍ଚିଲେ । କିନ୍ତୁ ସେତେବେଳକୁ ପର ସବୁ ଏଣେତେଣେ ଉଡିଯାଇଥିଲା । କୃଷକ ଖାଲି ହାତରେ ସନ୍ଥଙ୍କ ନିକଟରେ ପହଞ୍ଚିଲା । ସନ୍ଥ ତାକୁ କହିଲେ, ଠିକ୍ ଏହିପରି ତୁମ ଦ୍ୱାରା କୁହାଯାଇଥିବା ଶବ୍ଦ ସହ ହୋଇଛି । ତୁମେ ଖୁବ୍ ସହଜରେ କାହାକୁ କିଛି କହିଦେଇପାର । କିନ୍ତୁ ସେହି ଶବ୍ଦକୁ ଫେରାଇ ଆଣିବା ତୁମ ପକ୍ଷେ ଅସମ୍ଭବ । ଏଣୁ କାହାକୁ କିଛି ଅପଶବ୍ଦ କହିବା ପୂର୍ବରୁ ଭାବିବା ଉଚିତ୍ ଯେ ଆପଣଙ୍କ କଥାର କି ପ୍ରଭାବ ପଡିବ । ନିଜ ଦ୍ୱାରା କୌଣସି ଭୁଲ୍ ହୋଇଯାଇଥିଲେ ସେଥିପାଇଁ କ୍ଷମା ପ୍ରାର୍ଥନା କରାଯାଇପାରିବ । ଅନ୍ୟକୁ କଷ୍ଟ ଦେବା ଭଳି ବଚନ କହିଲେ, ସେହି ବଚନ ଅନ୍ୟକୁ ଯେତିକି କଷ୍ଟ ଦିଏ ତା'ଠାରୁ ଅଧିକ କଷ୍ଟ ନିଜ ମନ ହିଁ ପାଇଥାଏ । ଏଣୁ ନିଜକୁ କଷ୍ଟ ଦେବା ଅପେକ୍ଷା ନିରବ ରହିବା ଭଲ ।

ଆଳଦା, ଖଇରା,ବାଲେଶ୍ୱର, ମୋ–୯୮୫୩୧୪୨୫୨୦

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ମହାବାହୁଙ୍କ ଅତୃପ୍ତ ଆତ୍ମା



ସୋସିଆଲ୍ ଫୋରମ୍

ମହାବାହୁ (ଛଦ୍ମ ନାମ) ଙ୍କ ଅତୃପ୍ତ ଆତ୍ମା

ଛୋଟ ପିଲାମାନଙ୍କୁ ସାଧାରଣତଃ ଗପ ଶୁଣିବାରେ ଭାରି ଆଗ୍ରହ ଥାଏ ବୋଲି ସମସ୍ତେ ଜାଣିଛେ, କାରଣ ଆମେ ସେହି ସମୟଟି ଅତୀତରେ ଅତିକ୍ରମ କରି ଆସିଥିଲେ ଏବଂ ପିଲାଙ୍କ ଆନନ୍ଦ କୋଉଠି ଥାଏ ଆମର ସମ୍ପୂର୍ଣ ଅନୁଭୂତି ଅଛି । ହେଲେ ପ୍ରାପ୍ତ ବୟସ ହେବା ପରେ ସାଂସାରିକ କର୍ତ୍ତବ୍ୟ ଏବଂ ପାରିବାରିକ ତଥା ସାମାଜିକ ଦାୟିତ୍ୱ ବୋଝ ଏତେ ମାତ୍ରାରେ ଲଦି ହୋଇଯାଏ ଯେ ଗପ କ'ଣ, ବେଳେ ବେଳେ ଅନ୍ନ, ପାଣି ପିତା ହୋଇ ଯାଉଥିବା ଅନୁଭୂତି ବାଢ଼ନ୍ତି ଅନେକେ । ବେଳେ ବେଳେ କଥା ପ୍ରସଙ୍ଗରେ ବିଭିନ୍ନ କାରଣରୁ ଜୀବନ ହାରିଦେବା ପାଇଁ ମଧ୍ୟ ମନସ୍ଥ ହେଉଥିବା ଅନୁଭୂତି କେତେକଙ୍କ ହେଉଥିବା ପ୍ରକାଶ କରିଥାନ୍ତି । ହେଲେ ଜୀବନର ଶେଷ ଅବସ୍ଥା ତଥା ସାମାଜିକ ଏବଂ ପାରିବାରିକ ଦାୟିତ୍ୱ ଗୁଡିକ ପ୍ରାୟତଃ ସରି ଆସି ବୟସ ବୃଦ୍ଧି ତଥା ମାନସିକ ପରିପକ୍ୱତା ଆସିଲା ବେଳକୁ ମନ ପୁଣି ସେଇ ପିଲାବେଳର ଅନୁଭୂତି ଗୁଡିକୁ ଦୋହରାଇ ପୁନର୍ବାର ପିଲା ହୋଇଗଲେ ଭଲ ହୁଅନ୍ତା ବୋଲି ଭାବନ୍ତି ସମସ୍ତେ । କିନ୍ତୁ ପ୍ରକୃତିର ନିୟମ ଆଗରେ ହାର ମାନି କୌଣସି ପ୍ରକାର ଭୌତିକ ପରିବର୍ତ୍ତନ ସ୍ୱଇଚ୍ଛାରେ କରି ନପାରିଲେ ମଧ୍ୟ ନିଜ ଭାବନାକୁ ପଛକୁ ଟାଣି ନେଇଥାନ୍ତି ସେହି ପିଲାଦିନ ବେଳକୁ ଯାହା ଅନେକ ସମୟରେ ପ୍ରାକୃତିକ ମଧ୍ୟ ହେଉଥିବା ଲକ୍ଷ୍ୟ କରାଯାଇଥାଏ । ଅର୍ଥାତ ପୁନର୍ବାର ସେହି ପିଲାଦିନ ଭଳି ସବୁ ଆଚରଣ ଗୁଡିକ ଭଲ ଲାଗିବା ସହିତ ଗପ ମଧ୍ୟ ଶୁଣିବାକୁ ବହୁତ ମନ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ବଳୁଥାଏ । କିନ୍ତୁ ବୃଦ୍ଧ ବୃଦ୍ଧାଙ୍କ ଠାରୁ କେବଳ ସେମାନଙ୍କ ଅନୁଭୂତି ସହିତ ଗପ ଶୁଣିବା ପାଇଁ ସମସ୍ତେ ମନସ୍ଥ କରିବା ଛଡା ସେମାନଙ୍କୁ କେହି ଗପ କହିବା ପାଇଁ ଆଗ୍ରହୀ ହୁଅନ୍ତି ନାହିଁ । ତେଣୁ ସେମାନଙ୍କ ମନକୁ ଆସ୍ୱସ୍ତି ଦେବା ପାଇଁ କିଛି ସମୟ ବାହାର କରି ଗପ ଲେଖିବା ପାଇଁ ମନସ୍ଥ କରି ଗୋଟିଏ ଗପ ଲେଖିଲି । ଗପଟିର ଶେଷ ପର୍ଯ୍ୟନ୍ତ ପଢିଲେ ଜାଣିବେ ଏହା ଗପ ହେଲେବି ସତ ହେବା ପଛର  ବୈଜ୍ଞାନିକ କାରଣ ସହିତ କିଛି ଆନୁମାନିକ କଟାକ୍ଷ  ! !

ମହାବାହୁ (ଛଦ୍ମ ନାମ) ଜଣେ କ୍ଷିପ୍ର ଏବଂ ପ୍ରଭାବଶାଳୀ ପାରିବା ମଣିଷ । ପିଲା ଦିନରୁ ସାଙ୍ଗମାନଙ୍କ ମଧ୍ୟରେ ତାଙ୍କର ନେତୃତ୍ୱ କ୍ଷମତା ଦେଖିବାକୁ ମିଳୁଥାଏ । ପ୍ରାୟତଃ କହିବାକୁ ଗଲେ ବିଦ୍ୟା ଅଧ୍ୟୟନ ସମୟରୁ ପ୍ରାପ୍ତବୟସ ପର୍ଯ୍ୟନ୍ତ ସେ ସମସ୍ତଙ୍କ ଆଗରେ ନିଜର ନେତୃତ୍ୱପଣିଆ ଦେଖାଇ ଜୀବନରେ ବହୁତ କିଛି ହାସଲ କରିପାରିଥିଲେ । ନେତୃତ୍ୱ କରିବା କ୍ଷମତାର ମାପକାଠି ଏକକ ହୋଇନଥାଏ । ବିଭିନ୍ନ ଉପାୟରେ ଜଣେ କୌଶଳୀ ଲୋକ ସମୟର ସ୍ରୋତରେ ନିଜର ପାରଦର୍ଶିତା ଦେଖାଇ ନେତୃତ୍ୱ କରୁଥିବା ଦେଖିବାକୁ ମିଳେ ଯାହା ନିଜର ବଂଶଜ ପୂର୍ବ ପୁରୁଷଙ୍କ ଜିନଗତ କିମ୍ବା ପରିପାର୍ଶ୍ୱିକ ପରିସ୍ଥିତି ଏବଂ ଶୈଖିକତାରୁ ହୋଇଥାଏ । ଅତଏବ ମହାବାହୁଙ୍କ ସେମିତି କିଛି ଅଲୌକିକ କିମ୍ବା ସୂକ୍ଷ୍ମ ଜ୍ଞାନ ନଥିଲେ ମଧ୍ୟ ତାଙ୍କର ପୃଥୁଳ ବୁଦ୍ଧି କିମ୍ବା ଜିନଗତ ଚରିତ୍ରରୁ କୌଣସି ମତେ ବିଭିନ୍ନ କୌଶଳ ଅବଲମ୍ବନ କରି ନେଇଆଣି ଥୋଇବା ବ୍ୟବସ୍ଥା ସହିତ ସମସ୍ତଙ୍କୁ ଅକ୍ତିଆର କରିବାର ଉପାୟ ତାଙ୍କୁ ଜଣାଥାଏ । ବିଭିନ୍ନ ଉପାୟରେ ସମୟକୁ ଆଧାର କରି ଘୃଣ୍ୟ ଅକର୍ତ୍ତବ୍ୟ ସାଙ୍ଗକୁ ଅସାମାଜିକ ତଥା ଅନୈତିକ କାମ କରିବାକୁ ସେ କେବେ ପଛଘୁଞ୍ଚା ଦିଅନ୍ତି ନାହିଁ । ଫଳତଃ ଅମାପ ଧନ ସମ୍ପତ୍ତି ଉପାର୍ଜନ କରିବା ସହିତ ମିଥ୍ୟା ଯଶ କୀର୍ତ୍ତି ସାଙ୍ଗକୁ ନିଜ ସହକର୍ମୀ ମାନଙ୍କ ମଧ୍ୟରେ ଏକରକମ ଅବାଂଛିତ ନେତୃତ୍ୱ ନେଇଥାନ୍ତି ସବୁ ସମୟରେ । ଏହିସବୁ କରିବାରେ ସାଧାରଣ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ସାମାଜିକ ଲୋକେ ତାଙ୍କୁ ମୁହଁରେ ଭୟ କରୁଥିବା ସହିତ ବାହାବା ଦେଉଥିଲେ ମଧ୍ୟ ପଛରେ ଅନେକ ଗାଳିଗୁଲଜ ସାଙ୍ଗକୁ ଘୃଣା ମଧ୍ୟ କରୁଥାନ୍ତି, ଯାହା ହୁଏତ ସେ ଜାଣି ପାରନ୍ତି କି ନାହିଁ ତାଙ୍କୁହିଁ ଜଣା । କିନ୍ତୁ ତାଙ୍କ କ୍ଷମତାରେ ନିଜର ପରିସରଭୁକ୍ତ ଅନ୍ୟାନ୍ୟ ସହକର୍ମୀ ତଥା ସାମାଜିକ ବ୍ୟକ୍ତି ମାନଙ୍କୁ ଏକରକମ ଦମନରେ ଅକ୍ତିଆର କରି ରଖିପାରୁଥିବା ହେତୁ ମନରେ ତାଙ୍କର ଅନେକ ଆନନ୍ଦ ଅନୁଭବ ହେଉଥିବା ଲୋକେ ଦେଖୁଥାନ୍ତି । ନିଜ କୃତ୍ରିମ ଅର୍ଥାତ ଅବାସ୍ତବ କ୍ଷମତା କୁ ଅନ୍ୟମାନଙ୍କ ଆଗରେ ପ୍ରକାଶ କଲେ ତାଙ୍କର ତୃପ୍ତିର ଅସୀମ ଅନୁଭୂତି ପରିଲକ୍ଷିତ ହେଉଥାଏ । ଅନେକ ସମୟରେ ଅନେକ ବ୍ୟକ୍ତି ତଥା ସମାଜର ଅପାର କ୍ଷତି କରି ନିଜସ୍ୱ ସ୍ୱାର୍ଥ ହାସଲ କରି ଅନେକ ଧନ ସମ୍ପତ୍ତି ଠୁଳ କରିଥାନ୍ତି ଯାହାକୁ ନେଇ ସେ ଭାରି ଗର୍ବିତ ଏବଂ ଆନନ୍ଦିତ ହୋଇଥାନ୍ତି ।`ଏବଂ ସେସବୁ ସମ୍ପତ୍ତି ନିଜ କବଳରେ ରଖି ଏକ ଲମ୍ବା ଭବିଷ୍ୟତର ସ୍ୱପ୍ନ ଦେଖି ଚାଲିଥାନ୍ତି ।

ସମୟର କରାଳତା ଆଗରେ ଅକ୍ଷୁର୍ଣ୍ଣ କ୍ଷମତା ବୋଲି କିଛି ନଥିବା ହେତୁ ଦିନେ ସେ ଅବସର ଗ୍ରହଣ କେଲେ ତାଙ୍କ କାର୍ଯ୍ୟ କ୍ଷେତ୍ରରୁ ଯାହା ତାଙ୍କ ଦୁଃଖ ଓ ଦୁର୍ଦ୍ଦିନର ପ୍ରଥମ ପର୍ଯ୍ୟାୟର ଆରମ୍ଭ ମାତ୍ର । ନିଜ ସହକର୍ମୀ ଏବଂ ଅନ୍ୟାନ୍ୟ ସାମାଜିକ ବ୍ୟବସ୍ଥା ସହିତ ସମସ୍ତ କ୍ଷମତା ତାଙ୍କ ହାତରୁ ଅଦିନର ଝଡ ଭଳି ଚାଲିଗଲା । ତାହା ପରଦିନ ଠାରୁ ସେ ଆଉ ସେହି ସ୍ଥାନରେ ଦେଖିବାକୁ ମିଳିଲେ ନାହିଁ, ଏବଂ ଆବଶ୍ୟକ ସ୍ଥଳେ ସେହି ସ୍ଥାନକୁ ଯିବାପରେ ସେଠାରେ ଦାୟିତ୍ୱରେ ଥିବା ଲୋକେ ଯିଏ ଦିନେ ତାଙ୍କୁ ଭୟ କରୁଥିଲେ ଆଜି ଛି ଛାକର କରି ଘଉଡାଇଲେ ତ କିଏ ତାଙ୍କ ମୁହଁରେ ଅନେକ କଥା କହିଗଲେ । ସେସବୁ ଦେଖି ସେ ପ୍ରାୟତଃ ମ୍ରିୟମାଣ ହୋଇ ପଡିଲେ, ଯାହା ଏକ ସ୍ୱାଭାବିକ ସାମାଜିକ ପ୍ରଚଳିତ ପ୍ରଥା । ସେହିଦିନ ଠାରୁ ତାଙ୍କ ମନରେ ଏକ ରକମ ଭୟାବହ ଅସୁରକ୍ଷିତତା ଅନୁଭବ ହେଲା ଯାହା

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

ଧୀରେ ଧୀରେ ତାଙ୍କୁ ଦୁର୍ବଳ କରିବାରେ ଲାଗିଲା । ପୁଅ ଝିଅଙ୍କ ଠାରେ ବାପାଙ୍କ ଜିନଗତ ଚରିତ୍ରର ପ୍ରକାଣ୍ଡ ପ୍ରଭାବ ହେତୁ ନିଜ ନିଜ ଭବିଷ୍ୟତ ପାଇଁ ବାହାରେ ରହନ୍ତି ସେମାନେ । ଘରେ ନିଜ ସ୍ତ୍ରୀ ସହିତ ମହାବାହୁ ମୁହଁକୁ ମୁହଁ ଯୋଡି କେବଳ କିଛି ପୁରୁଣା ସ୍ମୃତି ମନେପକାଇ ବାର୍ତ୍ତାଳାପ କରନ୍ତି ଏବଂ ଅନ୍ୟ ସମୟରେ ନିଜେ କେବଳ ଜୀବନ ଚରିତ୍ର ଗୁଡିକର ସମୀକ୍ଷା କରୁଥାନ୍ତି ।

ଇତି ମଧ୍ୟରେ ହଠାତ ଦିନେ ମହାବାହୁଙ୍କ ଶରୀରରେ କିଛି ବ୍ୟତିକ୍ରମ ଦେଖାଗଲା ଯାହା ତାଙ୍କୁ ବିଚଳିତ କରିଦେଲା । ପାଖରେ କେହି ନାହାନ୍ତି । କିନ୍ତୁ କୌଣସି ମତେ ବୃଦ୍ଧା ପତ୍ନୀ ତାଙ୍କୁ ନେଇ ଡାକ୍ତରଖାନା ପହଞ୍ଚିଲେ । ଚିକିତ୍ସା କରି ଡାକ୍ତର ବାବୁ ଯାହାସବୁ ରିପୋର୍ଟ ଦେଲେ ସେସବୁ ଶୁଣି ମହାବାହୁଙ୍କ ହୃଦୟରେ ଏକ ଜୋର ଝଟକା ଲାଗିଲା । ଡାକ୍ତରଙ୍କ ମତ ଅନୁଯାଇ କିଛିଦିନ ମଧ୍ୟରେ ତାଙ୍କୁ ସାଙ୍ଘାତିକ ରୋଗ ଆକ୍ରମଣ କରିବ ଯାହାଦ୍ୱାରା ସେ ଆଉ ଶେଯରୁ ଉଠିପାରିବେ ନାହିଁ । ଡାକ୍ତର ଏହିକଥା ମହାବାହୁଙ୍କୁ ଲୁଚାଇ ତାଙ୍କ ପତ୍ନୀଙ୍କୁ କହୁଥିବା ବେଳେ କୌଣସିମତେ ତାଙ୍କ କାନରେ ପଡିଗଲା । ଏମିତି ଭିତିରି କଥାଟିକୁ ଶୁଣିଦେଇ ନିଜ ଚିତ୍ତର ଭୟାବହତା ଏବଂ ମାନସିକ ଅସ୍ଥିରତା ହୋଇ ତାଙ୍କୁ ଆଉ କିଛିଦିନ ମଧ୍ୟ ନଯାଇ ତୁରନ୍ତ ଗୋଟିଏ ଝଟକାରେ ସେହି ରୋଗ ଆକ୍ରାନ୍ତ ହେଲା ଯାହାଦ୍ୱାରା ସେ ସବୁଦିନ ପାଇଁ ଶଯ୍ୟାଶାୟୀ ହୋଇଗଲେ । ଚାରିଆଡେ ବେତାର ବାର୍ତ୍ତା ପଠାଗଲା । ପୁଅଝିଅ ସାଙ୍ଗକୁ ବନ୍ଧୁ, ବାନ୍ଧବ ଏବଂ ପଡୋଶୀଙ୍କ ସମେତ ସାଙ୍ଗସାଥି ତାଙ୍କୁ ଦେଖିବା ପାଇଁ ଘରକୁ ଆସିଲେ । ସମସ୍ତେ ଆଶ୍ୱାସନା ଦେଇ କହୁଥା'ନ୍ତି ନିଶ୍ଚିତ ଆପଣ ଭଲ ହୋଇଯିବେ, ବ୍ୟସ୍ତ ହୁଅନ୍ତୁ ନାହିଁ । ପୁଅଝିଅଙ୍କ ମନ ଭାରି ଦୁଃଖ । ଯୋଉ ବାପାମାଆ ତାଙ୍କୁ ଆଜି ଏତେବଡ଼ ସ୍ଥାନରେ ଛିଡା କରିଛନ୍ତି ସେମାନଙ୍କ ଏମିତି ଅବସ୍ଥା ଦେଖି ଦୁଃଖରେ ମ୍ରିୟମାଣ । କିନ୍ତୁ ନିଜ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଭବିଷ୍ୟତ ଏବଂ ପରିବାରକୁ ଛାଡି ବୁଢ଼ାବୁଢ଼ୀ ବାପାମାଆଙ୍କ ପାଖରେ କେତେଦିନ ରହିପାଇବେ ? ତେଣୁ ସେମାନେ ମଧ୍ୟ କିଛିଦିନ ପରେ ଡାକ୍ତରଙ୍କୁ ପରାମର୍ଶ କରି ସବୁ ଔଷଧ ଏବଂ ଚିକିତ୍ସାର ବନ୍ଦୋବସ୍ତ କରାଇ ନିଜ ନିଜ କର୍ମ କ୍ଷେତ୍ରକୁ ଚାଲିଗଲେ । ମଝିର ମଝିରେ ଦୁରବର୍ତ୍ତା ମାଧ୍ୟମରେ ଖବର ବୁଝୁଥାନ୍ତି । କିଛିଦିନ ପରେ ଖବର ସବୁଆଡେ ପହଂଚିଗଲା । ମହାବାହୁଙ୍କ ସହକର୍ମୀ ତଥା କର୍ମ କ୍ଷେତ୍ରର ସହଯୋଗୀମାନେ ତାଙ୍କ ପାଖରେ ନପହଞ୍ଚି ପାରୁଥିଲେ ମଧ୍ୟ ପୂର୍ବପରି ମୁହଁରେ (ବେତାର ଯୋଗେ) ସମବେଦନା ଜଣାଇ ପଛରେ ଚୁପ ଚୁପ କଥା ହେଉଥାନ୍ତି, ଯେମିତି କର୍ମକୁ ସେମିତି ଫଳ ମିଳିବା ତ ସତ୍ୟ, ଯାହା ଏବେ ଶେଷ ଜୀବନରେ ସେ ଭୋଗିବାକୁ ପଡିବ । ବିଧିର ବିଧାନ ଆଗରେ କେହି ବଡ ହୋଇ ପାରିବେ ନାହିଁ । ତେଣୁ ଯେତିକି କୁକର୍ମ କରିଥିଲେ ଆଉ ସମସ୍ତଙ୍କୁ କନ୍ଦାଇ କେତେ ଘର ଉଜାଡି ଥିଲେ ମହାଶୟ ତାହାର ପରିଣାମ ନଭୋଗିଲେ ଭୋଗିବ ଆଉ କିଏ ? ! !

ଦୀର୍ଘ ୩୩ ବର୍ଷ କର୍ମମୟ ଜୀବନରେ ନାହିଁନଥିବା କେଳେଙ୍କାରୀ ତଥା ଅମାପ ଅସାମାଜିକ, ଅତ୍ୟାଚାରୀ, ବିଭତ୍ସ ନାରକୀୟ କାଣ୍ଡ ଭିଆଇ କେତେଯେ ଲୋକଙ୍କ ହୃଦୟକୁ ବାଧା ଦେଇଛନ୍ତି ମହାବାହୁ ଏବଂ ସାମାଜିକ ବ୍ୟବସ୍ଥାକୁ କେତେଯେ ନିମ୍ନଗାମୀ କରିଛନ୍ତି ତାହାର ହିସାବ ନାହିଁ । ତାଙ୍କୁ ମିଳିଥିବା ସମ୍ମାନ ଗୁଡିକ ବର୍ତ୍ତମାନ ଉଇ ଅଳନ୍ଧୁ ମାଡିଗଲାଣି । ଅନୀତି, ଦୁର୍ନୀତି କରି ଆର୍ଜିଥିବା ସମ୍ପତ୍ତି ଗୁଡିକତ ଦୂରର କଥା ବର୍ତ୍ତମାନ ମିଳୁଥିବା ଅବସର ପରବର୍ତ୍ତୀ ଭତ୍ତା ଟିକକ ମଧ୍ୟ ଉପଭୋଗ କରି ହେଉନାହିଁ ! ସବୁ ପ୍ରକାର ବାରଣ ନିୟନ୍ତ୍ରଣ ଭିତରେ କେବଳ ଗୋଟିଏ ସେଜରେ ପଡ଼ିରହି ୩୩ ବର୍ଷରେ ଅନେକ ଲୋକଙ୍କୁ କନ୍ଦାଇ ସେମାନଙ୍କଠାରୁ ଅନୈତିକ ଅର୍ଥ ଆଦାୟ କରି ରଖିଥିବା ସମ୍ପତ୍ତିର ମୂଲ୍ୟହୀନତା ବର୍ତ୍ତମାନ ବୁଝି ହେଉଥାଏ ! ଏବଂ ସରକାର ଦେଉଥିବା ବେତନର କିଛିଅଂଶ ମଧ୍ୟ ସେଇଥିରେ

 Magazine Downloaded from www.aahwaan.com

ସଞ୍ଚୟ ରଖି କେବଳ ମନେ ମନେ ଉପଭୋଗ କରିଥିବା ଆନନ୍ଦର ସମୁଳ ଶୁଦ୍ଧ ତିନିଗୁଣ ଦୁଃଖ ଭୋଗିବା, ଯେତିକି ଘୃଣା ଚକ୍ଷୁରେ ଲୋକଙ୍କୁ ଦେଖୁଥିଲେ ତାହାଠାରୁ ଦ୍ୱିଗୁଣିତ ଘୃଣିତ ହେବା ଏବଂ ଅର୍ଜିଥିବା ସମ୍ପତ୍ତି ଉପରେ କର୍ତ୍ତୃତ୍ୱ ନଥାଇ ତାହାର ଅବାଟରେ ଉପଯୋଗୀତା କୁ ଭାବି ଭାବି ଦୁଃଖରେ ସଢ଼ି ସଢ଼ି ପ୍ରାୟ ୩ ବର୍ଷ ପର୍ଯ୍ୟନ୍ତ ପଡିରହିବା ପରେ ଜୀବନର ଶେଷ ମୁହୂର୍ତ୍ତରେ.......

ବୈଜ୍ଞାନିକଙ୍କ ମତରେ ଜୀବନ ଛାଡିବା କିଛିକ୍ଷଣ ପୂର୍ବରୁ ଜୀବନ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଘଟିଥିବା ସମସ୍ତ ଘଟଣାବଳୀ ଏବଂ ସବୁକଥା ଖୁବ କମ ସମୟ ମଧ୍ୟରେ ମନକୁ ଆସିବା ପରେହିଁ ପ୍ରାଣ ଛାଡେ । ହେଲେ ସେହି ସମୟ ମଧ୍ୟରେ କରିତ କର୍ମର ଅମାନବୀୟ ଘଟଣା ଗୁଡିକ ପାଇଁ ଅନୁତପ୍ତ ହୋଇ ପ୍ରାୟଶ୍ଚିତ କରିବା ପାଇଁ ମନସ୍ଥ ହେବାବେଳକୁ ପ୍ରାଣବାୟୁ ଚାଲିଯାଏ । ଠିକ ଅନୁରୂପ ଘଟଣା ଘଟିଲା ମହାବାହୁଙ୍କ ଜୀବନ ଶେଷ ହେବା ମୁହୂର୍ତ୍ତରେ । କିଂକର୍ତ୍ତବ୍ୟମୂଢ଼ ସେହି ସମୟରେ ଦୁଃଖ ଏବଂ ଭୟରେ ଅନୁତପ୍ତ ହୋଇ ପ୍ରାୟଶ୍ଚିତ କରିବା ପାଇଁ ମନସ୍ଥ କଲାବେଳେ ଆଉ ନାହାନ୍ତି ମହାବାହୁ ତାଙ୍କ ପାର୍ଥିବ ଶରୀର ମଧ୍ୟରେ ।

ପରବର୍ତ୍ତୀ ପର୍ଯାୟରେ ଯଥାରୀତି ସାମାଜିକ ଔପଚାରିକ ଅନୁଷ୍ଠାନ ସାରି ପରିବାର ବର୍ଗ ନିଜେ ନିଜ କ୍ଷେତ୍ରକୁ ଚାଲିଯିବା ପରେ ଘର ଚାରିପାଖ ସୁନସାନ । ମହାବାହୁଙ୍କ ଜୀବନ ଚାର୍ଯ୍ୟର କିନ୍ତୁ ଚର୍ଚ୍ଚା ହେଉଥାଏ ବେଳେ ବେଳେ ସବୁ ଜ୍ଞାତ ଲୋକଙ୍କ ମେଳାରେ । ହେଲେ ପାପର ପୁଟୁଳି ନେଇ ସଂସାର ତ୍ୟାଗ କରିଥିବା ତାଙ୍କ ଜୀବନ ଏକ ପ୍ରେତାତ୍ମାରେ ପରିଣତ ହୋଇଛି । ଲୋକେ ଡରନ୍ତି ତାଙ୍କ କଥା ପଡିଲେ । କିନ୍ତୁ ସେ ତାହାଠାରୁ ଅଧିକ ଡରୁଥାନ୍ତି ଲୋକଙ୍କୁ ଯାହାଙ୍କ କ୍ଷତି କରିଥିଲେ ବଞ୍ଚିଥିବା ବେଳେ । କାରଣ ବର୍ତ୍ତମାନ ସେ ଆଉ କିଛି

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

କରିପାରିବେ ନାହିଁ ! କାରଣ ତାଙ୍କ ପାଖରେ ଶରୀର ନାହିଁ କି ଆଉ କେହି ତାଙ୍କ କଥା ଶୁଣିବେ ନାହିଁ । ତେଣୁ ତାଙ୍କର ଆଉ ସେହି ପ୍ରକୋପ ଦେଖାଇବା ସମ୍ଭବ ନାହିଁ ବରଂ ତାଙ୍କ ଦ୍ୱାରା କ୍ଷତିଗ୍ରସ୍ଥ ଲୋକମାନେ ତାଙ୍କର କ୍ଷତି କରିଦେବା ଭୟ୍ରୁ ଜାଗ୍ରତ ହେଉଛି ସବୁବେଳେ । ଘୁରି ବୁଲୁଛନ୍ତି ଅତୃପ୍ତ ଆତ୍ମାଟିଏ ହୋଇ ଯାହାର ଆଉ କେବେହେଲେ ମୋକ୍ଷ ନାହିଁ !!

ସତ୍ୟର ଉପସ୍ଥାପନା ଗୁଡିକ କୌତୁକିଆ ଭଳି ମନେ ହେଉଥିବା ହେତୁ ଆଦୌ ହୃଦୟସ୍ପର୍ଶୀ ହୋଇ ପାରେନି ବୋଲି ଏହିଭଳି କଦର୍ଯ୍ୟ ମନାସିକାତାରୁ ନିବୃତ୍ତ ହୋଇପାରନ୍ତି ନାହିଁ ମଣିଷ, ଯେତେବେଳ ଯାଏ ବାହୁବଳୀ ଭଳି ଶକ୍ତ ଥାଏ ଶରୀର । କିନ୍ତୁ ଶେଷରେ ଏଥିରୁ ନିସ୍ତାର ନାହିଁ ଏହାଯେ ସୁନିଶ୍ଚିତ ।

ଧନ୍ୟବାଦ.

ସୋସିଆଲ ଫୋରମ୍ (ଇଣ୍ଡିଆ)
ଛତ୍ରପୁର, ଗଞ୍ଜାମ, ଓଡ଼ିଶା
ଭ୍ରାମ୍ୟଭାଷ : ୯୪୩୭୩୨୪୯୧୭

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ



ସନାତନ ମହାକୁଡ଼

ସ୍ୱାମିନୀ ସ୍ୱତ୍ମାବୋଧାନନ୍ଦ ସରସ୍ୱତୀ ଆଜି ଆମ ଗହଣରେ ନାହାନ୍ତି । ବିଶ୍ୱାସ କରି ହେଉନଥିଲେ ମଧ୍ୟ ଏହା ସତ । ବିଶ୍ୱ ନିୟନ୍ତାଙ୍କ ଇଚ୍ଛାକୁ ସମ୍ମାନ ଦେବାକୁ ହେବ । ପ୍ରକୃତିର ଲୀଳା ବୁଝିବାକୁ ହେବ । ସେଥିପାଇଁ ଏଠାରେ କବିବାର ରାଧାନାଥ ରାୟଙ୍କ କବିତାର ଏକ ଅଂଶ ଉଲ୍ଲେଖ କରାଯାଇପାରେ;

*କେହି ରହିନାହିଁ ରହିବ ନାହିଁ ଟି*

*ଭବରଙ୍ଗ ଭୂମି ତଳେ,*

*ସର୍ବେ ନିଜ ନିଜ ଅଭିନୟ ସାରି*

*ବାହୁଡ଼ିବେ କାଳବଳେ ।*

ପୂଜ୍ୟା ସ୍ୱାମିନୀ ସ୍ୱତ୍ମାବୋଧାନନ୍ଦ ସରସ୍ୱତୀଙ୍କ ପୂର୍ବାଶ୍ରମ ବା ଗ୍ରାହସ୍ଥ୍ୟ ଅବସ୍ଥାର ନାମ ଥିଲା ଶ୍ରୀମତି ଲକ୍ଷ୍ମୀ ମୁଥୁସ୍ୱାମୀ । ତାଙ୍କ ସହ ମୋର ସାକ୍ଷାତ ହୋଇଥିଲା ୨000 ମସିହାରେ







ପ୍ରଶାନ୍ତୀ କୁଟୀରମ୍‌ରେ । ଯାହା ବାଙ୍ଗାଲୋରସ୍ଥିତ ସ୍ୱାମୀ ବିବେକାନନ୍ଦ ଯୋଗ ଅନୁସନ୍ଧାନ ସଂସ୍ଥାନ ବିଶ୍ୱବିଦ୍ୟାଳୟର ମୁଖ୍ୟ କାର୍ଯ୍ୟାଳୟ ରୂପେ ପରିଚିତ । ମୁଁ ଥାଏ ଯୋଗ ଓ ପ୍ରାକୃତିକ ଚିକିତ୍ସା ବିଜ୍ଞାନର ଡିପ୍ଲୋମା ଶିକ୍ଷାର୍ଥୀ । ସେ ଥା'ନ୍ତି ଆମର ଉପର ବ୍ୟାଚର ଶିକ୍ଷାର୍ଥିନୀ । ମୋର ତାଲିମ୍ ପାଠ୍ୟକ୍ରମ ଅଧା ହେବାବେଳକୁ ତାଙ୍କର ତାଲିମ୍ ପ୍ରାୟ ଶେଷ ହୋଇ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆସିଥାଏ । ବୟସ ଅନୁସାରେ ସେ ଥିଲେ ମାତୃସ୍ଥାନୀୟା । ବରିଷ୍ଠ କନିଷ୍ଠ ଭେଦଭାବ ତାଙ୍କ ପାଖରେ କିଛି ନଥିଲା । ସେଥିପାଇଁ ସେ ଥିଲେ ସମସ୍ତଙ୍କର ପ୍ରିୟ ଲକ୍ଷ୍ମୀ ଆମ୍ମା । ସେ ନିଜର ମାତୃସୁଲଭ ଗୁଣରେ ସମସ୍ତ ଯୋଗ ଶିକ୍ଷାର୍ଥୀଙ୍କୁ ବାନ୍ଧିରଖି ପାରୁଥିଲେ । ତାଙ୍କର କେବଳ ଯୋଗ ଚିକିତ୍ସାରେ ନୁହେଁ ବେଦ, ଉପନିଷଦ ସଂପର୍କୀୟ ଜ୍ଞାନଥିଲା ପ୍ରଖର । ଯାହାକୁ ସେ ଅନ୍ୟମାନଙ୍କ ସହ ବିତରଣ କରୁଥିଲେ । ଠିକ୍ ସେହି ସମୟରେ ଗୁରୁଜନମଣ୍ଡଳୀ ଡଃ ଏଚ୍. ଆର୍. ନାଗେନ୍ଦ୍ର, ପ୍ରଫେସର୍ ଏନ୍.ଭି.ସି.ସ୍ୱାମୀ, ଶ୍ରୀ ଏନ୍.ଭି. ରଘୁରାମ, ଡଃ ଆର୍.ନାଗରତ୍ନା, ଶ୍ରୀ ଟି ମୋହନ, ଶ୍ରୀମତି ଶୁଭଦ୍ରା ଦେବୀ ଓ ଆଶା ଦିଦି ଆଦିଙ୍କ ଠାରୁ ଗୀତା ଉପନିଷଦ, ବେଦ ଓ ଯୋଗସୂତ୍ର ସଂପର୍କିତ ଜ୍ଞାନ ଆହରଣ ମଧ୍ୟ କରୁଥିଲେ । ତାଙ୍କର କହିବା ଅନୁସାରେ 'ମଣିଷ ଜୀବନରେ ଶିକ୍ଷାର ଅନ୍ତନାହିଁ ।' ଗୋଟିଏ ବେଟେରୀ ଯଦି ନିଜେ ଚାର୍ଜ୍ ନ ହେବ, ତେବେ ସେ କିଭଳିଭାବେ ଅନ୍ୟକୁ ଶକ୍ତି ପ୍ରଦାନ କରିବ ?

ମୋର ଯୋଗ ଓ ପ୍ରାକୃତିକ ଚିକିତ୍ସା ତାଲିମ୍‌ର ଶେଷ ପର୍ଯ୍ୟାୟରେ 'ସ୍ୱାମୀ ବିବେକାନନ୍ଦ ଯୋଗ ଅନୁସନ୍ଧାନ ସଂସ୍ଥାନ' ପକ୍ଷରୁ ଥରେ ତାଙ୍କ ସହିତ ଗୋଆସ୍ଥିତ 'ମୁର୍ମୁଗାଓଁ ପୋର୍ଟ୍ ଟ୍ରଷ୍ଟ' ଦ୍ୱାରା ଆୟୋଜିତ ଗୋଟିଏ ହୃଦୟରୋଗ ଓ ଯୋଗ ଶୀର୍ଷକ ଦଶଦିନିଆ ଯୋଗ ଶିବିର ପରିଚାଳନା କରିବାର ସୁଯୋଗ ପାଇଥିଲି । ଏହାଥିଲା ମୋ ପାଇଁ ଏକ ଶିକ୍ଷଣୀୟ ଅନୁଭୂତି । ସମସ୍ତ ଶିକ୍ଷାର୍ଥୀଙ୍କୁ ଯୋଗର ମହତ୍ତ୍ୱ ଓ ରୋଗର ନିରାକରଣରେ ଏହାର ଭୂମିକା ସଂପର୍କରେ ଅତି ସରଳ ଏବଂ ଶୁଦ୍ଧ ଭାବରେ ସେ ଉପସ୍ଥାପନ କରୁଥିଲେ । ଶିବିର ଶେଷରେ ଦିନେ ସମୁଦ୍ର କୂଳରେ ବୁଲୁବୁଲୁ ସେ ଦେଖିଲେ ଦୁଇଜଣ ସ୍କୁଲ ଛାତ୍ର ନିଜର ବସ୍ତାନିପତ୍ର ଧରି ସମୁଦ୍ର ବାଲିରେ ଖେଳୁଛନ୍ତି । ଆନୁମାନିକ ଅଷ୍ଟମ କିମ୍ବା ନବମ ଶ୍ରେଣୀର ଛାତ୍ର ହେବେ । ସେ ଦୁଇଜଣଙ୍କୁ ପାଖକୁ ଡାକିଲେ । ସେମାନଙ୍କର ନାମ, ସ୍କୁଲ, ଶ୍ରେଣୀ ଇତ୍ୟାଦି ପଚାରିବା ପରେ କହିଲେ ତୁମେମାନେ ସ୍କୁଲ ସମୟରେ ଶ୍ରେଣୀତ୍ୟାଗକରି ଏଠାରେ ବୁଲୁଛ ? ଜାଣିମୁଁ ପ୍ରଧାନ

 Magazine Downloaded from www.aahwaan.com

ଶିକ୍ଷକଙ୍କୁ ଏହା ଜଣାଇଲେ ତୁମମାନଙ୍କର ଅବସ୍ଥା କ'ଣ ହେବ ? ଉଭୟ ଛାତ୍ର ଭୟରେ ଏକମୁହାଁ ହୋଇ ସ୍କୁଲକୁ ଦଉଡ଼ିଥିଲେ । ଏହାଥିଲା ତାଙ୍କର ଏକ ଶିକ୍ଷାଦାନ ପ୍ରଣାଳୀ । ସ୍ୱଭାବରେ ସେ ଥିଲେ ଗୋଟିଏ ନଡ଼ିଆ ଭଳି । ବାହାରେ ଖୁବ୍ କଡ଼ା ସ୍ୱଭାବର ଜଣାପଡୁଥିଲେ ହେଁ ଅନ୍ତରରେ ଥିଲେ ଜଣେ ସରଳ ମାତୃରୂପା ନାରୀ ।

ବୟସର ଅପରାହ୍ନରେ ସେ କୋଏମ୍ବାଟୁରସ୍ଥିତ ଅର୍ଶ ବିଦ୍ୟା ଗୁରୁକୂଳର ପୂଜ୍ୟ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଶିଷ୍ୟତ୍ୱ ଲାଭ କରି ସ୍ୱାମିନୀ ସ୍ୱତ୍ମାବୋଧାନନ୍ଦ ସରସ୍ୱତୀ ରୂପେ ପରିଚିତା ହୋଇଥିଲେ । ସନ୍ନ୍ୟାସ ଜୀବନଯାପନ ସମୟରେ ମଧ୍ୟ ସେ ନିଜର ଆଧ୍ୟାତ୍ମିକତା ଅଭ୍ୟାସ, ଜ୍ଞାନ ଓ ମାତୃସ୍ୱରୂପା ଗୁଣଦ୍ୱାରା ବହୁ ଜନସାଧାରଣଙ୍କ ଜୀବନ ଉପରେ ସୁପ୍ରଭାବ ପକାଇ ପାରିଥିଲେ । ଏହି ସମୟ କାଳରେ ଯୋଗ, ଗୀତା, ବେଦ, ଉପନିଷଦ ଓ ଯୋଗସୂତ୍ର ଆଦିର ଚର୍ଚ୍ଚା ସହିତ ସେବା ଏବଂ ସାହିତ୍ୟରେ ମଧ୍ୟ ମନୋନିବେଶ କରି ଆଶ୍ରମର ବହୁ ପ୍ରକାଶନର ପାଣ୍ଡୁଲିପି ସଂଶୋଧନ କାର୍ଯ୍ୟରେ ସହଯୋଗ କରିଥିଲେ ।

ମାଲେଶ୍ୱରମ୍‌ରେ ଥିବା ନିଜ ପରିବାରଠାରୁ ସେ ଅନେକ ଦିନରୁ ଆସକ୍ତି ତ୍ୟାଗ କରିଥିଲେ ହେଁ ପୃଥିବୀର ବିଭିନ୍ନ ସ୍ଥାନରେ ଥିବା ତାଙ୍କର ଅଗଣିତ ଶିଷ୍ୟଶିଷ୍ୟା ଆଜି ତାଙ୍କର ଅନୁପସ୍ଥିତିକୁ ମନେ ମନେ ଯେ ଝୁରି ହେଉନଥିବେ ଏହା କହିବା କଷ୍ଟକର । ଏଭଳି ଜଣେ ପ୍ରତିଭାସମ୍ପନ୍ନା ସାଧିକା ୨୦୧୯ ମସିହା ନଭେମ୍ବର ୬ ତାରିଖରେ ନିଜର ଜଡ଼ଦେହକୁ ତ୍ୟାଗକରି ସମାଧି ଲାଭ କରିଛନ୍ତି ।

ସମାଜ ପ୍ରତିଥିବା ତାଙ୍କର ସେବା ଓ ତ୍ୟାଗ ପାଇଁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ ଜଣାଉଛି ।

ଗ୍ରା/ପୋ : ବେରୁଆଁବାରୀ, ୭୫୨୦୮୨, ନୟାଗଡ଼ ଜିଲ୍ଲା, ଓଡ଼ିଶା

ଭ୍ରାମ୍ୟଭାଷ : ୦୯୩୩୯୬୭୦୧୬୮

ଇମେଲ୍ : sanmahakud@gmail.com ୱେବ୍‌ସାଇଟ୍ : sanatanmahakud.in

 Magazine Downloaded from www.aahwaan.com

# ମାତୃବତ୍ ପରଦାରେଷୁ



ଶଶିକାନ୍ତ ମିଶ୍ର

ପରମାତ୍ମାଙ୍କ ଅମୃତମୟ ଏହି ସଂସାରରେ ନାରୀ ଓ ପୁରୁଷ ମାନବ ସମାଜରୁ ଦୁଇଟି ପରିପୁରକ ଅଙ୍ଗ । ଏଥିରୁ କୌଣସି ଗୋଟିକୁ ଆମେ ହେୟଜ୍ଞାନ କରିବା ଉଚିତ ନୁହେଁ । ଦେବଭୂମି ଭାରତବର୍ଷର ମହାନ ସଂସ୍କୃତି ଯୋଗୁଁ ଆଜି ଆମ ପୃଥିବୀରେ ବିଖ୍ୟାତ ଏବଂ ପ୍ରତିଷ୍ଠିତ । ଆଜି ସେହି ମହାନ ସଂସ୍କୃତିର ପରିଚୟ ଆମର ବ୍ୟବହାରରେ କାହିଁକି ପ୍ରତିଫଳିତ ହେଉନାହିଁ ?

ପୁରାଣ ଶାସ୍ତ୍ରରେ ଲେଖା ଅଛି, “ମାତୃବତ୍ ପରଦାରେଷୁ ଯଃ ପଶ୍ୟନ୍ତ, ତେ ପଣ୍ଡିତାଃ” । ଅର୍ଥାତ ଯେଉଁମାନେ ଅନ୍ୟର ସ୍ତ୍ରୀ (ନାରୀ)ଙ୍କୁ ମାଆ ରୂପରେ ସର୍ବଦା ବ୍ୟବହାର କରିଥାନ୍ତି ସେମାନଙ୍କୁ ଜ୍ଞାନୀ, ଗୁଣି, ପଣ୍ଡିତମାନଙ୍କ ଭିତରେ ଗଣାଯାଏ । ଆମେ ପ୍ରତ୍ୟେକ ନାରୀଙ୍କୁ ମାଆ ରୂପରେ ଦେଖିବା ଉଚିତ । କିନ୍ତୁ ବର୍ତ୍ତମାନ ସମାଜରେ କଣ ଆମେ ନାରୀକୁ ସେହି ଭାବରେ ଗ୍ରହଣ କରୁଛେ ? ନାରୀମାନେ କଣ ଉପଯୁକ୍ତ ସମ୍ମାନ, ମର୍ଯ୍ୟାଦା ଆମର ଏହି ସମାଜର ପୁରୁଷମାନଙ୍କ ଠାରୁ ପାଉଛନ୍ତି ? ସେସବୁ ତ ଦୂରର କଥା, ଆଜି ନାରୀ ଆମ ଦେଶର କୋଣ ଅନୁକୋଣରେ ଅତିମାତ୍ରାରେ ନିଷ୍ପେଷିତା, ନିର୍ଯ୍ୟାତିତା ଏବଂ ଅବହେଳିତା, କାହିଁକି ?

ଜ୍ଞାନୀ ଜନମାନେ ମାଟିକୁ ଅର୍ଥାତ ଆମର ଏହି ପୃଥିବୀକୁ ମାଆ ରୂପରେ ଅବତାରଣା କରିଛନ୍ତି । ମହାନ ସ୍ୱାଧିନତା ସଂଗ୍ରାମୀ ବାଳ ଗଙ୍ଗାଧର ତିଳକଙ୍କ ମତରେ ପୃଥିବୀ ମାଆ ଆମର ଜନ୍ମଦେବା ମାଆଠାରୁ ବହୁତ ବଡ଼ । କାରଣ ମାଆ ଆମକୁ ଦଶମାସ ଗର୍ଭରେ ଧାରଣ କରିଥାଏ କିନ୍ତୁ ଧରିତ୍ରୀମାତା (ଭାରତମାତା) ଅବଶିଷ୍ଟ ସମଗ୍ର ଜୀବନ ଧାରଣ କରି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ରଖେ । ତେଣୁ ତା'ର ଅନ୍ୟନାମ 'ଧରିତ୍ରୀ' । ନାରୀ ସମାଜରେ ମାଆ, ଝିଅ, ଭଉଣୀ, ସ୍ତ୍ରୀ ଆଦି ରୂପରେ କେତେ ଦୁଃଖ ଯନ୍ତ୍ରଣା ପୁରୁଷମାନଙ୍କ ଠାରୁ ପାଉଛି । ତଥାପି ସେ ଆମର ସର୍ବଦା ମଙ୍ଗଳକାମନା କରୁଛି । ପୁତ୍ରର ଅମଙ୍ଗଳ ଚିନ୍ତା କେବେ ବି ତା ମନରେ ଉଙ୍କି ମାରୁନାହିଁ । ଏହିଠାରେ ରହିଛି ତା'ର ମହାନତା, ଯାହାକୁ କି ଆମେମାନେ ପୂଜା କରିବା ଉଚିତ । ପୁରୁଷମାନେ ନାରୀମାନଙ୍କ ଠାରୁ ବିଭିନ୍ନ ଭାବରେ, ବିଭିନ୍ନ ସମୟରେ ଅଶେଷ ଉପକାର ପାଇ ଲାଭବାନ ହୋଇଥାନ୍ତି । ନାରୀ ହିଁ ପୁରୁଷର ପ୍ରେରଣାର ଉତ୍ସ । ପ୍ରତ୍ୟେକ ପୁରୁଷଙ୍କର ଜୀବନର ସଫଳତା ପଛରେ ଗୋଟିଏ ନାରୀର ପ୍ରଚ୍ଛନ୍ନ ହାତଥିବାର ବହୁତ ଉଦାହରଣ ରହିଛି । ସେ ବାସ୍ତବରେ ସ୍ନେହ, ପ୍ରେମ, ମମତା, ଦୟା ଓ ତ୍ୟାଗର ପ୍ରତୀକ । ଏ ସବୁ ବିନା ମାନବ ସମାଜ ତିଷ୍ଠିରହିବା ଅସମ୍ଭବ କହିଲେ କୌଣସି ଅତ୍ୟୁକ୍ତି ହେବ ନାହିଁ ।

ସଦ୍ୟ ଜନ୍ମିତ ଶିଶୁ ସନ୍ତାନ ମାଆର କରୁଣା, ସ୍ନେହ, ବାତ୍ସଲ୍ୟମମତା ବିନା ବଞ୍ଚିରହିବା ମାଆଙ୍କୁ ନମନ କରିବା ସଙ୍ଗେ ସଙ୍ଗେ ମାଟି ମାଆଙ୍କୁ (ପୃଥିବୀ) ମଧ୍ୟ ପ୍ରଣାମ କରିବା ଉଚିତ । ଜୀବ ଜଗତକୁ ଧାରଣ କରି ରଖିଛି ବୋଲି ପୃଥିବୀର ଅନ୍ୟନାମ ଧରିତ୍ରୀ କୁହାଯାଇଛି । ମାଆର ଆଶୀର୍ବାଦ ମିଳିଲେ ଆମ ଜୀବନରୁ ସବୁ ଦୁଃଖ, କଷ୍ଟ ଦୂର ହୋଇଯାଇଥାଏ ।

ମାତୃଶକ୍ତିର ପୂଜା ସମାଜରେ ସର୍ବଦା ହେବା ଉଚିତ । ଶାସ୍ତ୍ରପୁରାଣ ପାଠକରି ଆମେ ଏହି ଜ୍ଞାନ ପ୍ରାପ୍ତ କରୁଛେ ଯେ ଅତୀତରେ ଯେତେବେଳେ ଧରିତ୍ରୀ ଭାରାକ୍ରାନ୍ତ ହୋଇଛି ପାପର ଭାରରେ, ସେତେବେଳେ ମନୁଷ୍ୟ ଏବଂ ଦେବତାମାନେ ରାକ୍ଷସ ମାନଙ୍କ ଦ୍ୱାରା ଅକଥନୀୟ ଅତ୍ୟାଚାର ଦୁଃଖ, ପୀଡ଼ା ଲାଭ କରିଛନ୍ତି । ଉତ୍‌ପୀଡ଼ିତ, ଭୀତତ୍ରସ୍ତ ଦେବତାଗଣ ଦୁର୍ଗାମାତାଙ୍କୁ ଆରାଧନା କରିଛନ୍ତି । ମାତା ଦୁର୍ଗା ମାନବସମାଜର କଲ୍ୟାଣ ପାଇଁ ନିଜର ସମସ୍ତ ମାନ ଅପମାନଙ୍କୁ ପଛରେ ପକାଇ ମହିଷାସୁରକୁ ନିପାତ କରି ମନୁଷ୍ୟ ସମାଜର

 Magazine Downloaded from www.aahwaan.com

ଦୁର୍ଗତିକୁ ନାଶକରି ଦୁର୍ଗତିନାଶିନୀ ନାମ ଧାରଣ କରିଛନ୍ତି ।

ନାରୀ ଦୁର୍ବଳା ଅବା ଅବଳା ନୁହେଁ । ଯୁଗେ ଯୁଗେ ସେ କରୁଣାମୟୀ, ମମତାମୟୀ ଭାବରେ ଖ୍ୟାତିଲାଭ କରିଛି । ମାଆର ଦୟା, କରୁଣା, ମମତା, ଜୀବଜଗତକୁ ପୃଥିବୀରେ ଧାରଣ କରି ରଖିଛି । ତା'ର ତ୍ୟାଗ, ସେବା, ମମତା, ଦୟା କଳନା କରି ହେବନାହିଁ । ପ୍ରତ୍ୟେକ ପୁରୁଷର ଉନ୍ନତି, ଖ୍ୟାତି ପଛରେ କୌଣସି ଏକ ନାରୀର ପ୍ରଚ୍ଛନ୍ନ ତ୍ୟାଗ ଲୁଚ୍କାୟିତ ରହିଥାଏ । ତେଣୁ ମାନବ ସମାଜ ସର୍ବଦା ସେମାନଙ୍କ ପାଖରେ (ନାରୀମାନଙ୍କ) ପାଖରେ ଋଣୀ । ନାରୀ ଶକ୍ତିର ପୂଜା ସଦାସର୍ବଦା ସମାଜରେ ଅତୁଟ ରହିବା ଆବଶ୍ୟକ । ସେହିଥିରେ ସମାଜର କଲ୍ୟାଣ ନିହିତ ରହିଥାଏ । ଏହା ଜ୍ଞାନୀ, ଗୁଣି, ପଣ୍ଡିତ ମାନଙ୍କର ମତ, ମୁନୀ, ଋଷିମାନେ ମଧ୍ୟ ଏଥିସହ ସହମତ ହୋଇଛନ୍ତି ।

ଯେଉଁ ସମାଜରେ ବା ପରିବାରରେ ମାତୃଶକ୍ତିର ସମ୍ମାନ କରାଯାଏ, ପୂଜା ହୁଏ ସେଠାରେ ଦେବତାମାନେ ବାସ କରନ୍ତି । ଯଥାର୍ଥରେ ଶାସ୍ତ୍ର ପୁରାଣରେ ଲେଖାଅଛି, "ଯତ୍ର ନାରୀ ପୂଜ୍ୟନ୍ତେ, ତତ୍ର ତିଷ୍ଠନ୍ତି ସର୍ବ ଦେବତାଃ" । ମାନବ ସମାଜ ନଷ୍ଟଭ୍ରଷ୍ଟ ହେବାପୂର୍ବରୁ ଆମେ ଏହା ବୁଝିଯିବା ଦରକାର, ନଚେତ ଅକାଳରେ ମାନବ ସମାଜ ଛାରଖାର ହୋଇଯିବା ଅସମ୍ଭବ ନୁହେଁ । ନାରୀର କ୍ରୋଧ, କୋପଦୃଷ୍ଟିରେ ଆମର ଏହି ସୁନ୍ଦର ପୃଥିବୀ ଧୁଳିସାତ୍ ହୋଇଯିବ । ତା'ର ଚକ୍ଷୁରୁ ନିର୍ଗତ ଗୋଟିଏ ଲୁହବିନ୍ଦୁ ଯେଉଁ ଲେଲିହାନ ଅଗ୍ନିଶିଖା ଉତ୍ପତ୍ତି ଲାଭ କରିବ, ସେ ସମସ୍ତ ଜୀବଜଗତକୁ ବିନାଶ କରିଦେବ । ସେଥିରୁ ରକ୍ଷା ପାଇବାକୁ ହେଲେ ଆଜିର ପୁରୁଷ ସମାଜ ନାରୀପ୍ରତି ଦୃଷ୍ଟିଭଙ୍ଗୀକୁ ପରିବର୍ତ୍ତନ କରିବାକୁ ହେବ । ନାରୀପ୍ରତି ଯେଉଁ କୁଦୃଷ୍ଟି ବ୍ୟାପିଚାଲିଛି; ତାହାକୁ ସୁଦୃଷ୍ଟିରେ ପରିବର୍ତ୍ତନ କରିବାକୁ ଦରକାର । ତା ନହେଲେ ନାରୀ ପୁରୁଷ କେହି ବି ବର୍ତ୍ତମାନର ସମାଜରେ ଶାନ୍ତିରେ କିମ୍ବାରେ ସୁଖରେ ବଞ୍ଚିରହିବା ଅସମ୍ଭବ ହୋଇଯିବ । ଯଦି ଆମେ ଏହି ସମାଜର ଏବଂ ନିଜର ମଙ୍ଗଳ

 Magazine Downloaded from www.aahwaan.com

କଲ୍ୟାଣ ଚାହୁଁଛୁ ତେବେ ଆମକୁ ନାରୀପ୍ରତି ଯେଉଁ ନିର୍ଯ୍ୟାତନା, ଅପମାନ, ପାଶବିକ ଅତ୍ୟାଚାର ଦିନକୁ ଦିନ ବଢ଼ି ଚାଲିଛି, ତାକୁ ବନ୍ଦ କରିବାର ଉପଯୁକ୍ତ ଉପାୟ ବାହାର କରିବାକୁ ହେବ । ନାରୀମାନଙ୍କୁ ଉପଯୁକ୍ତ ସମ୍ମାନ ଦେଇ ବଞ୍ଚିବାକୁ ଦେବାକୁ ହେବ ।

ଆଜିର ସମୟରେ ଆମର ଏହି ସମାଜରେ ପ୍ରତ୍ୟେକ ଦିନ କେଉଁଠି ନା କେଉଁଠି ନାରୀ ଉପରେ ଅତ୍ୟାଚାର ଖବର ନାରୀ ନିର୍ଯ୍ୟାତନା ହେବାର ଖବର ଆମ ପାଖରେ ଦୁରଦର୍ଶନ, ଖବର କାଗଜ ଆଦି ମାଧ୍ୟମରେ ପହଞ୍ଚୁଛି । ନାରୀ ପ୍ରତି ପାଶବିକ ଅତ୍ୟାଚାର କରାଯାଉଛି । ଗୋଟିଏ ଦୁଇଟି ନୁହେଁ, ଶହ ଶହ ସଂଖ୍ୟାରେ । ଏ ସବୁକୁ ଶୁଣି, ଦେକି ଆମେ ନୀରବ ହୋଇ ବସି ରହିଛେ । ଏହାଦ୍ୱାରା ଆମେ ଆମ କର୍ତ୍ତବ୍ୟରେ ଅବହେଳା କରୁଛେ । ଆମର ମଧ୍ୟ ଏହାର ନିରାକରଣ ପାଇଁ କିଛି କରିବାର ଅଛି । ଆମ ଆଗରେ ଅନ୍ୟ ନାରୀକୁ (ଝିଅ, ମାଆ, ସ୍ତ୍ରୀ ଆଦି) ପାଶବିକ ଅତ୍ୟାଚାର କରି ଜୀବନରେ ମାରି ଦିଆଯାଉଛି । ଛୋଟ ଛୋଟ ଝିଅ ମଧ୍ୟ ଏଥିରୁ ବାଦ୍ ଯାଉନାହାନ୍ତି । କିଛି ପୁରୁଷ ଆମର ଏହି ସମାଜର ରାକ୍ଷସ ବା ପଶୁ ପାଲଟି ଯାଉଛନ୍ତି । ବଳପୂର୍ବକ ସ୍ତ୍ରୀମାନଙ୍କୁ ଶାରୀରିକ ଏବଂ ମାନସିକ ଭାବରେ ନିର୍ଯ୍ୟାତନା ଦେଉଛନ୍ତି । ଯେତେ ସମ୍ଭବ ସେତେ ତାଙ୍କୁ ଶୋଷଣ କରିବାକୁ ଚେଷ୍ଟା କରୁଛନ୍ତି । ସ୍ତ୍ରୀ, ଝିଅ, ମା ମାନଙ୍କୁ ସମ୍ମାନର ସହିତ ବଞ୍ଚିବାକୁ ଦେଉନାହାନ୍ତି । ଆମେ ସବୁର ମୁକସାକ୍ଷୀ । ଆମେ ଶୁକ୍ଳାମ୍ବରଧର ବିଷ୍ଣୁ ପାଲଟି ନୀରବରେ ବସି ରହିଲେ, ଏହି ସମସ୍ୟାର ସମାଧାନ କରିବ କିଏ ? ପ୍ରତ୍ୟେକ ବ୍ୟକ୍ତି ଏହି ପ୍ରଶ୍ନ ନିଜକୁ ନିଜେ ପଚାରି, ତାର ଉତ୍ତର ପାଇବାକୁ ହେବ । ନଚେତ ଏହା ସଂକ୍ରାମକ ବ୍ୟାଧିଭଳି ଚତୁଃଦିର୍ଗ ସଂକ୍ରମିତ ହୋଇଯିବ । ନେଡ଼ିଗୁଡ଼ କହୁଣୀକୁ ବୋହିଗଲେ ଚାଟିବା ଅସମ୍ଭବ । ବେଳ ଥାଉ ଥାଉ ଆମକୁ ବନ୍ଧ ବାନ୍ଧିବାକୁ ହେବ । ନଚେତ ଆପେ କରିବା କୁକର୍ମର ଫଳ ଆମକୁ ହିଁ ଭୋଗ କରିବାକୁ ହେବ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆଜିର ଆମ ସମାଜର ଝିଅ, ବୋହୁ, ମାଆ ମାନେ ନିର୍ଭୟରେ ରାସ୍ତାରେ ଚାଲି ପାରୁନାହାନ୍ତି । ଏପରିକି ନିଜ ଘର ଭିତରେ ମଧ୍ୟ ସେମାନେ ନିରାପଦ ମଣୁନାହାନ୍ତି । ଜୋର ଜବରଦସ୍ତ ବଳପ୍ରୟୋଗ କରି ଝିଅମାନଙ୍କୁ ଉଠାଏ ନେଇ ଯାଉଛନ୍ତି । କିଛି ନରପିଶାଚ ସେମାନଙ୍କୁ ଏକାଠି ମିଶି ଗଣଦୁଷ୍କର୍ମ କରି ସାକ୍ଷ୍ୟପ୍ରମାଣ ନଷ୍ଟ କରିବା ଅଭିପ୍ରାୟରେ ସେମାନଙ୍କୁ ଜୀବନରେ ମାରି ଦେଉଛନ୍ତି, ନିଆଁରେ ଜଳାଇ ଦେଉଛନ୍ତି, ମାଟିରେ ପୋତି ଦେଉଛନ୍ତି ।

ବର୍ତ୍ତମାନ୍ ସମୟରେ ଯେଉଁମାନେ ଗଠନମୂଳକ ଚିନ୍ତା ରଖି ଜୀବନରେ ଆଗକୁ ବଢୁଛନ୍ତି । ଯେଉଁମାନଙ୍କ ପାଖରେ ସୃଜନଶକ୍ତି ଭରିରହିଛି, ସେହିଭଳି ସମସ୍ତ ବ୍ୟକ୍ତିବିଶେଷ ଏକତ୍ରିତ ହୋଇ ଏଭଳି ଅସାମାଜିକ, ଦୁଷ୍କର୍ମ ବିରୋଧରେ କଣ୍ଠସ୍ୱର ଉତ୍ତୋଳନ କରି ଏହାକୁ ଦୃଢ଼ରହି ଦମଅ କରିବାକୁ ସମସ୍ତ ଶକ୍ତି, ସାମର୍ଥ୍ୟ ଓ ଉପାୟ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ଆଗଭର ହେବା ଉଚିତ । ନିଜପର ଭେଦଭାବ ନିଚ ସ୍ୱଭାବର ବ୍ୟକ୍ତିମାନେ ରଖିଥାନ୍ତି । ଏହା ଜ୍ଞାନୀ, ଗୁଣୀ, ବିଦ୍ୱାନଙ୍କ ପାଖରେ ଶୋଭା ପାଇନଥାଏ । ସେମାନେ ସମସ୍ତ ମାନବଜାତିକୁ ନିଜ ପରିବାର ଭାବରେ ଗ୍ରହଣ କରି କାର୍ଯ୍ୟରତ ରହନ୍ତି । ତେଣୁ ଯଥାର୍ଥରେ କୁହାଯାଇଛି, "ଅୟଂ ନିଜ ପରୋବେତ୍ତି ଗଣାନାଂ ଲଘୁଚେଷତାମ୍, ଉଦାର ଚରିତାନାଂ ତୁ ବସିଦେବ କୁଟୁମ୍ବକମ୍" ।

ଆଜି ଭାରତର ପ୍ରତ୍ୟେକ ପ୍ରଦେଶର କୋଣ ଅନୁକୋଣରେ ନାରୀ ଧର୍ଷଣ, ଦୁଷ୍କର୍ମ, ନାରୀ ନିର୍ଯ୍ୟାତନା ପ୍ରବଳ ଭାବରେ ବ୍ୟାପି ଚାଲିଛି । ଏ ସବୁ ଆମେ ପ୍ରତିଦିନ ଅଙ୍ଗେ ନିଭାଉଛେ, ଏପରିକି ଛୋଟ ଛୋଟ ନାବାଳିକା, ଶିଶୁମାନେ ମଧ୍ୟ ଏଥିରୁ ବାଦ୍ ଯାଉନାହାନ୍ତି । ଭାରତର ରାଜଧାନୀ ଦିଲ୍ଲୀର ନିର୍ଭୟାକାଣ୍ଡ, ଲକ୍ଷ୍ନୌର ଉନ୍ନାଓ କାଣ୍ଡ, ହାଇଦ୍ରାବାଦର ଡାକ୍ତର ପ୍ରିୟଙ୍କା କାଣ୍ଡ, ଓଡ଼ିଶା ଯାଜପୁରର ସ୍ମିତାରାଣୀ ବିଶ୍ୱାଳ କାଣ୍ଡ, ଆଦି

 Magazine Downloaded from www.aahwaan.com

ଏହାର ଜ୍ୱଳନ୍ତ ଉଦାହରଣ ପାଲଟି ସାରିଛି । ଏହିଭଳି କେତେ ବେବିନା, ଟିକିନା, କୁନ୍ଦୁଲିପୀଡ଼ିତା ଅକାଳରେ ଦୁଷ୍କର୍ମର ଶୀକାର ହୋଇ ମୃତ୍ୟୁବରଣ କରୁଛନ୍ତି, ତାହାର ହିସାବ ନାହିଁ । ଏ ସବୁକି ଦେଖିବା ଶୁଣିବା ବେଳେ ସ୍ୱତଃ ମନଭିତରେ ପ୍ରଶ୍ନ ଉଙ୍କିମାରୁଛି, ଆମର ଏହି ଭାରତ ଦିନେ ଥିଲା ପୂଣ୍ୟଭୂମି, ଏଠାରେ କେତେ ଦେବାଦେବୀ ମହାପୁରୁଷ ଜନ୍ମଗ୍ରହଣ କରି ଏହାକୁ ପବିତ୍ର କରିଥିଲେ । ଏହାର ସଂସ୍କୃତି ଦିନେ ପୃଥିବୀରେ ଥିଲା ଅତି ମହାନ, ତେବେ ତାହା ଅପସଂସ୍କୃତିରେ ପରିଣତ ହେଲା କାହିଁକି ? ଏହାର ପ୍ରକୃତ କାରଣ ଆମକୁ ଖୋଜି ବାହାର କରି, ସେ ସବୁର ନିରାକରଣ ପାଇଁ, ସଂସ୍କୃତିର ପୁନଃଉତ୍‌ଥାପନ ପାଇଁ ସମସ୍ତଙ୍କୁ ଏକ ହୋଇ ଆଗକୁ ବଢ଼ିବାକୁ ହେବ । ସମୟକୁ ଅପେକ୍ଷା କରି, ନୀରବ ଦର୍ଶକ ସାଜି ବସିରହିଲେ ଆଉ ଚଳିବ ନାହିଁ ।

ପୁରାଣ ଶାସ୍ତ୍ରରେ ଆମେ ପଢ଼ିଚେ, ମହାଭାରତରେ ଦୁର୍ଯ୍ୟୋଧନ ଦ୍ରୌପଦୀଙ୍କୁ ଅପମାନିତ କରି ସବଂଶେ ନିପାତ ହୋଇଥିଲା । ରାମାୟଣରେ ରାବଣ ସୀତାସତିଙ୍କ ଅପମାନ କରି ସବଂଶେ ମୃତ୍ୟୁବରଣ କରିଥିଲା । ସେଥିପାଇଁ ବିନାଶର ସମୟ ଉପସ୍ଥିତ ହେବା ପୂର୍ବରୁ ଆମମାନଙ୍କୁ ସଦବୁଦ୍ଧି ମିଳୁ । ପରମାତ୍ମା ଆମର ସହାୟକ ହୁଅନ୍ତୁ । ସୁବୁଦ୍ଧି ଆମମାନଙ୍କ ଭିତରେ ପୁଣି ଜାଗ୍ରତ ହେଉ । ତାହେଲେ ଆମେ ସମସ୍ତେ ମିଶି ଦେବଭୂମି ଭାରତର ମହାନ୍ ସଂସ୍କୃତିକୁ ବିନାଶମୁଖରୁ ରକ୍ଷା କରି ପାରିବା ନଚେତ ଧରାପୃଷ୍ଠରୁ ଏହି ମହାନସଂସ୍କୃତି ଲୋପ ହୋଇଯିବା କିଛି ଅସମ୍ଭବ ନୁହେଁ ।

ଆଜି ପ୍ରତ୍ୟେକ ଭାରତବାସୀ ସର୍ବୋପରି ଓଡ଼ିଶାବାସୀ ଏକମନ ଏକ ପ୍ରାଣ ହୋଇ ଏହାର ପ୍ରକୃତ କାରଣ ଖୋଜିବାକୁ ହେବ । ମୋର ଦୃଷ୍ଟିରେ ଏପରି ଭୟାନକ, ନାରକୀୟ କାଣ୍ଡ, ନାରୀ ଲୁଣ୍ଠନ, ଗଣଧର୍ଷଣ ଆଦିର ମୁଖ୍ୟ କାରଣ ନିଶାଦ୍ରବ୍ୟର ଅବାଧ ପ୍ରଚଳନ, ଅତୀତରେ ନିଶା ଦ୍ରବ୍ୟର କ୍ରୟ ବିକ୍ରୟ ବହୁତ କମ ଥିଲା । ତେଣୁ ଏଭଳି ଅସାମାଜିକ ଘଟଣା

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

କାଁ ଭାଁ ଘଟୁଥିଲା, ସେଗୁଡ଼ିକୁ ଦୃଢ଼ହସ୍ତରେ ଦମନ କରାଯାଉଥିଲା । ନିଶାଖୋର ବ୍ୟକ୍ତିବିଶେଷଙ୍କୁ କଠୋର ଦଣ୍ଡବିଧାନ ହେଉଥିଲା । ଆଜି ମଦ, ଅଫିମ, ଚରସ୍, ହେରୋଇନ୍ ଆଦି ମାଦକଦ୍ରବ୍ୟର ବ୍ୟବସାୟ ବହୁଳଭାବରେ ଚାଲୁଛି । ତା'ର ଉପରେ ପ୍ରଥମେ କଟକଣା ଲଗାଇ ବନ୍ଦ କରିବାର ଆବଶ୍ୟକତା ରହିଛି । କାରଣ ପୁରୁଷମାନେ ନିଶାସକ୍ତ କଲାପରେ ନିଜର ଜ୍ଞାନକୁ ହରାଇ ବସୁଛନ୍ତି, ସେମାନେ କ'ଣ କରୁଛନ୍ତି ନିଜେ ବୁଝି ପାରୁନାହାନ୍ତି । ହିଂସା ଆଚରଣ କରିବାପାଇଁ ପଶ୍ଚାତପଦ ହେଉନାହାନ୍ତି । କ୍ଷଣିକ ଆନନ୍ଦପାଇଁ ନିରୀହ ବାଳିକା, ସ୍ତ୍ରୀ ମାନଙ୍କର ପ୍ରାଣ ନେବାପାଇଁ ସେମାନଙ୍କର ବିବେକ ତାଙ୍କୁ ବାରଣ କରି ପାରୁନାହିଁ । ଦୁଷ୍କର୍ମ ନାରୀନିର୍ଯ୍ୟାତନା ଦିନକୁ ଦିନ ବଢ଼ିଚାଲିଛି । ବନ୍ଦ ହେବାର ନାଁ ନେଉନାହିଁ । ତେଣୁ ଆମମାନଙ୍କୁ ନିଦ୍ରାଭଙ୍ଗକରି ଉଠିବାକୁ ହେବ । ଶାସନ ଦାୟିତ୍ୱରେ ଥିବା ବ୍ୟକ୍ତିବିଶେଷମାନେ ଅଗ୍ରଣୀ ଭୂମିକା ଗ୍ରହଣ କରି ଆବଶ୍ୟକ ପଡ଼ିଲେ ଜନମତ ସଂଗ୍ରହ କରି ସମ୍ବିଧାନର ତଦନୁରୂପ ସଂଶୋଧନ କରିବାକୁ ହେବ । ଗଣଦୁଷ୍କର୍ମରେ ଲିପ୍ତ ଥିବା ବ୍ୟକ୍ତିଙ୍କୁ ଧରାପଡ଼ିବା ପରେ ଆଉ ପୋଲିସ ହାଜତରୁ କାହାରିକୁ ନିଦିବାଭଳି ବ୍ୟବସ୍ଥା କରିବାକୁ ହେବ । ନିଶା ବ୍ୟବସାୟ ଉପରେ ରୋକ ଲଗାଇବା ଅତ୍ୟନ୍ତ ଆବଶ୍ୟକ ।

ବର୍ତ୍ତମାନର ପ୍ରଚଳିତ ଆଇନ୍, କାନୁନ ଏ ସବୁ ଗଣଦୁଷ୍କର୍ମ ନାରୀ ନିର୍ଯ୍ୟାତନା, ନାରୀ ଧର୍ଷଣକୁ ରୋକିବାପାଇଁ ପର୍ଯ୍ୟାପ୍ତ ହେଉନାହିଁ । ଦଣ୍ଡ ବ୍ୟବସ୍ଥାକୁ କଠୋରରୁ କଠୋରତମ କରିବା ଆବଶ୍ୟକ । ଅଭିଯୁକ୍ତ ମାନଙ୍କୁ ପୋଲିସ ହେରାସତରେ କେଶ ଫଇସଲା ହେବା ପର୍ଯ୍ୟନ୍ତ ରଖିବା ଦରକାର । ଯଦି ସେପରି କରା ନ ଯାଉଛି । ତେବେ ସେମାନେ ବାହାରକୁ ବାହାରିବା ପରେ ସାକ୍ଷ୍ୟପ୍ରମାଣ ନଷ୍ଟ କରିବା ଉଦ୍ଦେଶ୍ୟରେ ଆବଶ୍ୟକ ହେଲେ ପୀଡ଼ିତାକୁ ଜାଳି ପୋଡ଼ି ମାରି ଦେଉଛନ୍ତି । ଏସବୁ ଆମ ଦୃଶ୍ୟକୁ ବହୁଳଭାବରେ ଆସୁଛି । ତାକୁ ଅଣଦେଖା କଲେ ଚଳିବ ନାହିଁ ।

 Magazine Downloaded from www.aahwaan.com

ଅତୀତରେ ରାଜାରାଜୁଡ଼ାମାନେ ନାରୀକୁ ଉପଭୋଗର ସାମଗ୍ରୀ ଭାବରେ ବ୍ୟବହାର କରୁଥିଲେ, ସେମାନଙ୍କ ପାଇଁ କୌଣସି ପ୍ରତିବନ୍ଧକ ନଥିଲା । ଜଙ୍ଗଲରେ ସିଂହ ରଜା । ସେ ଚାହିଁଲେ ଏକାଧିକ ହରିଣକୁ ମାରି ଖାଇଯାଉଛି । ନ ଖାଇଲେ ମଧ୍ୟ ମାରି ଫୋପାଡ଼ି ଚାଲିଯାଉଛି । ଆମ ମଣିଷ ସମାଜରେ ଆମେ କଣ ସେହି ଜଙ୍ଗଲରାଜ ପ୍ରଚଳିତ ହେବାକୁ ଦେବା ? ଏହି ପ୍ରଶ୍ନ ଆପଣମାନେ ସମସ୍ତେ ନିଜେ ନିଜକୁ ପଚାରନ୍ତୁ । ଯଦି 'ନା' ବୋଲି ଉତ୍ତର ଆସେ । ତେବେ ତାର ନିରାକରଣ ପାଇଁ ଆମେ ଗଣମାଧ୍ୟମ, ଶାସକବର୍ଗ ଆଦିଙ୍କ ଉପରେ ସଂପୂର୍ଣ୍ଣ ନିର୍ଭର ନ କରି ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ଏକ ହୋଇ ଏହାର ପ୍ରତିବାଦ କରିବା । ଦୁଷ୍କର୍ମକାରୀଙ୍କୁ ଯେପରି ଉପଯୁକ୍ତ ଦଣ୍ଡ ମିଳିପାରିବ ତାର ବ୍ୟବସ୍ଥା କରିବା । ଜଣକ ପ୍ରତି ଅସଦବ୍ୟବହାର ହେଲେ ସମସ୍ତେ ମିଶି ତାହାକୁ ଦୃଢ଼ ହସ୍ତରେ ଦମନ କରିବା । ତାହାହେଲେ ବ୍ୟବସ୍ଥାରେ ନିଶ୍ଚୟ ପରିବର୍ତ୍ତନ ଆସିପାରିବ । ଏହା ମୋର ଆଶା ଓ ବିଶ୍ୱାସ ।

ଅବସରପ୍ରାପ୍ତ ଇଂରାଜୀ ଅଧ୍ୟାପକ
କେନ୍ଦ୍ରୀୟ ବିଦ୍ୟାଳୟ, ଚିଲିକା,
ବାଣପୁର, ଖୋର୍ଦ୍ଧା, ଓଡ଼ିଶା,
ଭ୍ରାମ୍ୟଭାଷ : ୭୮୭୩୮୦୯୮୯୩

ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# କାହାକୁ କହିବା



ସହଦେବ ପ୍ରଧାନ

କାହାକୁ କହିବା, କପାଳରେ ସିନା କର ମାରିବା"

ଜୀବନ ସ୍ରୋତରେ ଚକାଭଉଁରୀ ଖେଳ ଖେଳୁ ଖେଳୁ କେତେବେଳେ ଯେ ମାନବ ଭଉଁରୀ ଗର୍ଭରେ ଲୀନ ହୋଇ ଅଣନିଃଶ୍ୱାସୀ ହୋଇଯାଏ, ତାହା ଜାଣି ନ ଥାଏ । ସମୁଦ୍ର ଢେଉ ଏବଂ ଜଳସ୍ରୋତ ଭଉଁରୀର ଏକ ବିଶେଷତା ଏହି ଯେ ଢେଉ ବା ଭଁଉରୀ କାହାକୁ ବି ନିଜ ଗର୍ଭରେ ଲୀନ ହେବାକୁ ଦିଏ ନାହିଁ । ଜୀବ ହେଉ ବା ନିର୍ଜୀବ ହେଉ ନିଶ୍ଚିତଭାବେ ବାହାରକୁ ହିଁ ଫୋପାଡ଼ି ହୋଇଯାଏ । ଭଉଁରୀ ଅଥବା ଢେଉର ବା କି ଦୋଷ, ସେ ତ କାହାକୁ ହାତଠାରି ନିଜ ଗର୍ଭକୁ ଡ଼ାକେ ନାହିଁ । ସେ ଖେଳି ଖେଳି ଆନନ୍ଦରେ ନାଚି ଚାଲିଥାଏ । କିନ୍ତୁ ମୂଢ଼ ଜୀବ ସେଥିରେ ଛନ୍ଦି ହୋଇଗଲା ପରେ ବୃଥାରେ ତା ଉପରେ ଦୋଷ ଲଦିଦିଏ ।

ଜୀବ କହିଲେ, ପୃଥିବୀର ସର୍ବଶ୍ରେଷ୍ଠ ଜୀବ ହେଲା ମାନବ - ଯିଏ କି ନିଜ ସ୍ୱାର୍ଥସିଦ୍ଧି ପାଇଁ କେତେ ବଡ଼ ବିପଦପୂର୍ଣ୍ଣ କ୍ଷେତ୍ରକୁଣ୍ଡଳୀ ମଧ୍ୟକୁ ବି ପ୍ରବେଶ କରିଥାଏ । କିଛି କ୍ଷୟକ୍ଷତି ହୋଇଗଲେ ନିଜ କର୍ମକୁ ନୁହେଁ, ନିଜ ଭାଗ୍ୟକୁ ଦୋଷ ଦେଇଥାଏ । ସଫଳ ହୋଇଗଲେ ନିଜ ପାରଙ୍ଗମତାର ଡିଣ୍ଡିମ ପିଟେ, କିନ୍ତୁ ବିଫଳ ହେଲେ ଭାଗ୍ୟ ଓ ଭଗବାନଙ୍କର ଦ୍ୱାହି ଦିଏ । ସେ ଜାଣିପାରେ ନାହିଁ ଯେ ତା ବ୍ୟତୀତ, ଅନ୍ୟ ଏକ ଅଲୌକିକ ଶକ୍ତି ତାର ଜୀବନ ଗତିକୁ ନିୟନ୍ତ୍ରଣ କରିଥାଏ । ମହାଭାରତର ତୃତୀୟ ପାଣ୍ଡବ ଅର୍ଜୁନ ଜାଣି ନଥିଲେ ଯେ ତାଙ୍କୁ ବୃହନ୍ନଳା ସାଜି ନୃତ୍ୟଗୁରୁ ରୂପେ ଏକ ବର୍ଷ ବିତାଇବାକୁ ହେବ । ରାମାୟଣର ମହାନ୍

Magazine Downloaded from www.aahwaan.com

ମର୍ଯ୍ୟାଦା ପୁରୁଷ ଅଯୋଧ୍ୟାର ରାଜା ଦଶରଥଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀରାମଚନ୍ଦ୍ର ମଧ୍ୟ ଆଗରୁ ଜାଣି ନଥିଲେ ଯେ, ତାଙ୍କୁ ମଧ୍ୟ ଚଉଦବର୍ଷ ପର୍ଯ୍ୟନ୍ତ ବନବାସ କଷ୍ଟ ଭୋଗିବାକୁ ପଡ଼ିବ । ସେହିପରି ସତ୍ୟର ପୂଜାରୀ ଓ ପ୍ରତୀକ ରାଜା ହରିଶ୍ଚନ୍ଦ୍ର ଜାଣି ନଥିଲେ ଯେ ଦିନେ ସେ ଶ୍ମଶାନ ଭୂଇଁରେ ଚଣ୍ଡାଳର ଭୂମିକା ନିର୍ବାହ କରି ଶବଦାହ ଭଳି ଏକ ଇତର କର୍ମ କରିବେ ।

ଆଗାମୀ ପ୍ରତିଟି ମୂହୁର୍ତ୍ତ ପରେ କଣ ଘଟିବ କିଏ ଜାଣି ନଥାଏ । ତଥାପି ମାନବ ସ୍ୱାର୍ଥ, ଲୋଭ, ମୋହ, ମାୟାର ବଶୀଭୂତ ହୋଇ ଗୋଟିକ ପରେ ଗୋଟିଏ ଭୁଲ କରି, ଦୁଷ୍କର୍ମରେ ଲିପ୍ତ ରହି ଜୀବନ ଅତିବାହିତ କରେ । ପୃଥିବୀର ସବୁଠାରୁ ଶ୍ରେଷ୍ଠ ଜୀବ ମାନବ ମହାଜ୍ଞାନୀ, କିନ୍ତୁ ସେ ମହାମୂର୍ଖ, କାରଣ ଅନ୍ୟଜୀବମାନେ ଅଜ୍ଞାନବଶତଃ ଭୁଲ କରିଥାନ୍ତି, କିନ୍ତୁ ମାନବ ଜ୍ଞାନୀ ହୋଇ ବି ଭୁଲ, କୁକର୍ମ, ପାପାଚାରଣ କରିଥାଏ । ନିଜେ ଦୋଷ କରି ଅନ୍ୟକୁ ଦୋଷୀ ସାବ୍ୟସ୍ତ କରିବାକୁ କେବେ ହେଁ ଦ୍ୱିଧା ପ୍ରକାଶ କରେ ନାହିଁ । ନିଜ ଦୋଷ ଅନ୍ୟମୁଣ୍ଡରେ ଲଦି ଦେଇ ଦୋଷମୁକ୍ତ ହେବାକୁ ଚାହୁଁଥାଏ । ଜଘନ୍ୟ ଅପରାଧ କରି, ପାପକର୍ମକୁ ଅବଲମ୍ବନ କରି ସାଧୁତାର ଛଦ୍ମବେଶ ଧାରଣ କରିଥାଏ ।

ଜଗତରେ ମାନବ ହିଁ ଏକମାତ୍ର ପ୍ରାଣୀ ଯେ କି ନିଜେ କେବେ ତୃପ୍ତି ଲାଭ କରିପାରେ ନାହିଁ । ଗୋଟିଏ ଇଛା ପୂରଣ ହେବା ମାତ୍ରେ ଅନ୍ୟଟି – ଏହିପରି ଶହ ଶହ ଇଛାର ସ୍ୱପ୍ନ ଦେଖେ । ଆବଶ୍ୟକତାଠାରୁ ଖୁବ୍ ଅଧିକ କାମନା କରେ ।

ବ୍ୟାଘ୍ର କେବେ କ୍ରୋଧିତ ହୋଇ ମୃଗ ଶିକାର କରେ ନାହିଁ । ସର୍ପ କେବେ ହିଂସ୍ର ହୋଇ ମଣ୍ଡୁକ ଶିକାର କରେ ନାହିଁ । ନିଜ କ୍ଷୁଧା ମେଣ୍ଟେଇବା ପାଇଁ ସେମାନେ ଏପରି କରିବାକୁ ବାଧ୍ୟ ହୋଇଥାନ୍ତି । କିନ୍ତୁ ମାନବ, ହିଂସା, ଦ୍ୱେଷ, ପରଶ୍ରୀକାତରତାର ବଶବର୍ତ୍ତୀ ହୋଇ ଅନ୍ୟର ତଣ୍ଟି କାଟେ, ଡ଼କାୟତି କରେ ତଥା ନରହତ୍ୟା କରେ ।

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପୁରୁଷ ପଶୁଟିଏ କେବେ ହେଲେ ମାଈ ପଶୁଟିର ଇଚ୍ଛା ବିରୋଧରେ ସଙ୍ଗମ କରେ ନାହିଁ । ପକ୍ଷୀମାନଙ୍କ କ୍ଷେତ୍ରରେ ବି ଠିକ୍ ସେଇଆ । କିନ୍ତୁ ଅଧମ ମାନବ କାମାସକ୍ତ ହୋଇ କୋମଳମତି ଶିଶୁକନ୍ୟା, ପାଗଳିନୀ, ଗର୍ଭବତୀ ମହିଳା ଓ ବୃଦ୍ଧାଙ୍କୁ ମଧ୍ୟ ଦୁଷ୍କର୍ମ କରିବାକୁ ପଛାଏ ନାହିଁ । ଦୁର୍ଷ୍କର୍ମ ଶବ୍ଦଟି କେବଳ ମାନବ ସମାଜର ଶବ୍ଦକୋଷରେ ମିଳିଥାଏ । ଅନ୍ୟ କୌଣସି ଜୀବଜନ୍ତୁ ବା ପକ୍ଷୀ କୀଟପତଙ୍ଗ ସମାଜରେ ଏହା କେବେ ବି ପରିଲକ୍ଷିତ ହୁଏ ନାହିଁ ।

ପଶୁପକ୍ଷୀ ମାନଙ୍କର ବାକ୍‌ଶକ୍ତି ନାହିଁ । ତଥାପି ସେମାନେ ପରସ୍ପରର କଥା ଭାଷାକୁ ସ୍ପଷ୍ଟଭାବେ ବୁଝିପାରନ୍ତି । ଏବଂ କୌଣସି ପଶୁ ବା ପକ୍ଷୀ ଯଦି ବିପଦରେ ପଡ଼ନ୍ତି, ଉଦ୍ଧାର କରିବା ପାଇଁ ଦଳଗତଭାବେ ଅନ୍ୟ ପଶୁ ବା ପକ୍ଷୀମାନେ ଆସି ସାହାଯ୍ୟ ସହଯୋଗ କରନ୍ତି । କିନ୍ତୁ ମଣିଷ କ୍ଷେତ୍ରରେ ଏହା ପରିଲକ୍ଷିତ ହୁଏ ନାହିଁ । ଜଣେ ମଣିଷ ରାଜରାସ୍ତାରେ ଦୁର୍ଘଟଣାର ଶୀକାର ହୋଇ ଛଟପଟ ହେଉଥିଲେ ମଧ୍ୟ, କୌଣସି ବ୍ୟକ୍ତି ଆଇନରେ ଛନ୍ଦି ନ ହେବା ପାଇଁ ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିଲେ ମଧ୍ୟ, ବାଟରେ ଯାଉଥିବା ପଥିକଟି ଦର୍ଶକ ସାଜି ଫଟୋ ଉଠାଇ ସୋସିଆଲ୍ ମିଡ଼ିଆରେ ପ୍ରଚାର କରି ମଜା ନେଉଛି ସିନା ପୀଡ଼ିତ ବ୍ୟକ୍ତିକୁ ସାହାଯ୍ୟ କରିବା ପାଇଁ ଅଗ୍ରସର ହେଉନାହିଁ । ସ୍ପଷ୍ଟଭାବେ କହିବାକୁ ଗଲେ - ଜଗତରେ ଏକମାତ୍ର ଜୀବ ମାନବ ଯିଏ କି କଥା କହିପାରେ ଅଥଚ ପରସ୍ପର ମଧ୍ୟରେ ଅବୁଝା, ଭୁଲ ବୁଝାମଣା ଏବଂ ଯୁକ୍ତିତର୍କ କେବଳ ମାନବ ସମାଜରେ ହିଁ ସର୍ବାଧିକ ମାତ୍ରାରେ ପରିଲକ୍ଷିତ ହୁଏ ।

ସମୁଦ୍ର କେବେ ତାର ସୀମା ଲଂଘନ କରି ନଥାଏ । ମାନବ ସୀମାତୀତ କୁକର୍ମ, ଅନ୍ୟାୟ-ଅତ୍ୟାଚାର କରେ । ନାଗ, ବାଘ ବିନା ଦୋଷରେ, ଅକାରଣରେ କେବେ କାହାକୁ

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ଆକ୍ରମଣ କରନ୍ତି ନାହିଁ । ମାନବ କୌତୁହଳ ସକାଶେ ମଧ୍ୟ ଅନୀତି, ଅତ୍ୟାଚାର, ଦୁଃଷ୍କର୍ମ କରିବାକୁ ପଛଘୁଞ୍ଚା ଦିଏନାହିଁ ।

ପଶୁପକ୍ଷୀ କେବେ ପରିବେଶ କ୍ଷୟ ବା ପ୍ରଦୁଷିତ କରନ୍ତି ନାହିଁ । ମାନବ ନିଜ ସ୍ୱାର୍ଥ ପାଇଁ ପ୍ରକଳ୍ପ, ନଦୀବନ୍ଧ, ରାସ୍ତାଘାଟ, ଶିଳ୍ପକାରଖାନା ଇତ୍ୟାଦିର ପ୍ରତିଷ୍ଠା ନିମନ୍ତେ ଅଶୋଚନୀୟ ଭାବେ ପରିବେଶର କ୍ଷୟ ଓ ପ୍ରଦୁଷଣ ଘଟାଇଥାଏ, ଯାହାଦ୍ୱାରା ବିଚରା ନିର୍ଦ୍ଦୋଷ ପଶୁପକ୍ଷୀ ତଥା ସରୀସୃପମାନେ ବହୁତ ସମସ୍ୟା ଓ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି ।

ଏ ଦୁନିଆରେ ମଣିଷ ତାର ପୂର୍ବ ସଂଚିତ ସୁକୃତି ଯୋଗୁଁ ଦୁର୍ଲଭ ଜନ୍ମ ଲାଭ କରିଥିଲେ ମଧ୍ୟ ପ୍ରକୃତ ମାନବିକ ମୂଲ୍ୟବୋଧର ଗୁଣାତ୍ମକ ବିକାଶ ପ୍ରତି ଦୃଷ୍ଟି ନ ଦେଇ ଆଧୁନିକତା ନାଆଁରେ ନାନା ଚାକଚକ୍ୟ ଉପଢୌକନ ପ୍ରତି ଲୋଭାସକ୍ତ ହୋଇପଡ଼ିଛି । ଜଡ଼ ବିଜ୍ଞାନର ଅଗ୍ରଗତି ହେବା ସଙ୍ଗେ ସଙ୍ଗେ ସମଗ୍ର ମାନବ ସମାଜ ଆଧ୍ୟାତ୍ମିକତା ଓ ଧର୍ମୀୟ ଚେତନାଠାରୁ ଦୂରେଇ ଯିବା ଯୋଗୁଁ କ୍ରମଶଃ ମାନବୀୟ ମୂଲ୍ୟବୋଧ ନଷ୍ଟ ହେବାକୁ ବସିଲାଣି । ମଣିଷ ଭାବିପାରୁନାହିଁ ଯେ ଏ ଭୌତିକ ଜଗତ ବିନାଶଶୀଳ । ଆଜିର ମଣିଷ ବୈଷୟିକ ଜାଲରେ ଛନ୍ଦିହୋଇ ଈଶ୍ୱରୀୟ ସତ୍ତାକୁ ଉପଲବ୍ଧି କରିପାରୁନାହିଁ । ଅନନ୍ତ ସମୁଦ୍ରରେ ଖେଳୁଥିବା ମାଛ ତୃଷାରେ ବ୍ୟାକୁଳ ହେଲା ପରି, ସୁଖର ସମୁଦ୍ର ଜୁଆରରେ ଛିଡ଼ା ହୋଇଥିବା ମଣିଷ ସୁଖ ଖୋଜି ପାଉନାହିଁ । ଜୀବନର ସମସ୍ତ ଭୌତିକ ଆବଶ୍ୟକତା ପୂର୍ଣ୍ଣ ହୋଇଗଲା ପରେ ମଧ୍ୟ ସେ ସ୍ୱୟଂ ସଂପୂର୍ଣ୍ଣ ହୋଇପାରୁନାହିଁ । ପାର୍ଥିବ ସଂଭୋଗରେ ଅନ୍ଧ ହୋଇ ଆଧ୍ୟାତ୍ମିକ ଭାବଧାରାର ଅଭାବ ଯୋଗୁଁ ମଣିଷ ଆଜି ଆଖି ଥାଇ ମଧ୍ୟ ଅନ୍ଧ, କାନ ଥାଇ କାଲ ଓ ବୁଦ୍ଧି ଥାଇ ମଧ୍ୟ ବାତୁଳ ।

ଆଜିକାର ଶାସନ ପଦ୍ଧତି ବି ସେଇୟା । ଅପାରଗ, ଦୁର୍ନୀତି ଖୋର, ଲୋକପ୍ରତିନିଧି

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

ପ୍ରଶାସକମାନେ ଯେ କେବଳ ଅସାମାଜିକ ମନ୍ଦ ପ୍ରକୃତି ତଥା ଗୁଣ୍ଡାମାନଙ୍କୁ ପୃଷ୍ଠପୋଷକତା କରନ୍ତି ତା'ନୁହେଁ; ସେମାନେ ଅନେକ କ୍ଷେତ୍ରରେ ତାନ୍ତ୍ରିକ ଭଣ୍ଡବାବାମାନଙ୍କ ଆସ୍ପର୍ଦ୍ଧା ମଧ୍ୟ ବଢ଼ାନ୍ତି । ପ୍ରଶାସନିକ ଅଧିକାରୀଙ୍କ ପ୍ରଶ୍ରୟ ପାଇ ଏ ଭଳି ଭଣ୍ଡମାନେ ଜନସାଧାରଣଙ୍କୁ ତଥା ଗଣତନ୍ତ୍ରକୁ ଦିଗ୍‌ଭ୍ରଷ୍ଟ କରିପକାଉଛନ୍ତି । ପ୍ରଶାସନିକ ଜନପ୍ରତିନିଧିମାନେ କର୍ମକ୍ଷେତ୍ରରେ ନିଜର ଅପାରଗତାକୁ ଲୁଚାଇ ରଖି ସତ୍ତାକୁ ବଞ୍ଚାଇ ରଖିବା ପାଇଁ କିଛି ମନ୍ଦ ପ୍ରକୃତି ତଥା ଗୁଣ୍ଡା ଶ୍ରେଣୀୟ ଲୋକଙ୍କୁ ପୃଷ୍ଠପୋଷକତା କରି ତାଙ୍କ ବାହୁ ଛାୟାତଳେ ଆଶ୍ରୟ ନିଅନ୍ତି ।

ବର୍ତ୍ତମାନ ମନେ ହେଉଛି ଆମର ସଭ୍ୟତା ଓ ସମାଜ ଯେମିତି ଅନ୍ୟ କାହାଦ୍ୱାରା କବଳିତ । ସେଥିପାଇଁ ବର୍ତ୍ତମାନ ଜରାନିବାସ ସଂଖ୍ୟା ବୃଦ୍ଧି ପାଉଛି । ବୃଦ୍ଧ ପିତାମାତାଙ୍କୁ ଏଇଠାରେ ଛାଡ଼ିଦେଇ ଜନ୍ମିତ ପୁତ୍ର, ତଥା ସାଂସ୍କୃତିକ ଓ ସାମାଜିକ ସ୍ୱୀକୃତି ଲାଭ କରିଥିବା ବୋହୁମାନେ ଭୋଗ ବିଳାସ ବାସନରେ ଆଧୁନିକ ଜୀବନଶୈଳୀରେ ଜୀବନ ଅତିବାହିତ କରନ୍ତି । କ୍ରମଶଃ ଆମର ସଂସ୍କୃତି, ପରମ୍ପରା, ନୈତିକତା ଓ ସାମାଜିକ ମୂଲ୍ୟବୋଧ ଅପସରି ଯାଉଛି । ପାଶ୍ଚାତ୍ୟ ସଭ୍ୟତା, ସଂସ୍କୃତି ଓ ବିଚାରଧାରା କାୟା ବିସ୍ତାର କରିଚାଲିଛି । ଯାହାର ନିଦର୍ଶନ ଆଜିର ଯୁବପୀଢ଼ିର ଅଶୋଭନୀୟ ବେଶପୋଷାକ ପରିଧାନ ତଥା ଅସଂଯମ ହାବଭାବ ପ୍ରଦର୍ଶନ ଓ ଅସାମାଜିକ ଔଦ୍ଧତ୍ୟ ଆଚରଣର ପ୍ରତିଫଳନ । ଆଧୁନିକ ଯୁବ ସମାଜ ଆମର ସାମାଜିକ ପରମ୍ପରା, ସଂସ୍କୃତି ଓ ନୈତିକତାକୁ ପଛରେ ପକାଇ ଅନ୍ୟ ସଂସ୍କୃତିର ପଛରେ ଦୌଡ଼ିବାରେ ଲାଗିଛନ୍ତି । ଏହି ଭଳି ଆଧୁନିକତା ଜୀବନଶୈଳୀରେ ଜୀବନଯାପନ କରିବା ଆମ ସଂସ୍କୃତି ଓ ପରମ୍ପରା ପ୍ରତି ଘୋର ଅପମାନ । ହେଲେ "କାହାକୁ କହିବା, କପାଳରେ ସିନା କର ମାରିବା ।"

ସୁବର୍ଣ୍ଣପୁର, ଜରଡ଼ାଗଡ, ଗଞ୍ଜାମ, ମୋବାଇଲ୍ ନଂ – ୬୩୭୨୧୩୩୬୩୫



ଆହ୍ୱାନ ଇ-ପତ୍ରିକା

Magazine Downloaded from www.aahwaan.com

# ବିଶେଷ ସୂଚନା

ଆହ୍ୱାନ ଇ-ପତ୍ରିକାର ଆଗାମୀ ସଂସ୍କରଣ : ଫେବୃଆରୀ ୨୦୨୦

ଲେଖା ପଠାଇବାର ଶେଷ ତାରିଖ : ୩ ଫେବୃଆରୀ ୨୦୨୦

ଲେଖା ପଠାଇବା ସମୟରେ ଇମେଲ୍‌ରେ ସବ୍‌ଜେକ୍ଟ ଲେଖିବେ :

Your name (**ଆପଣଙ୍କ ନାମ**) : February 2020

ଲେଖା ଗୁଡ଼ିକ ଯଦି ଓଡ଼ିଆରେ ଟାଇପ୍ କରି ୱାର୍ଡ଼ ଫାଇଲରେ ପଠାଇବେ ତା ହେଲେ ଆମକୁ ପୁଣିଥରେ ସେହି ସବୁ ଲେଖା ଟାଇପ୍ କରିବାକୁ ପଡ଼ିବ ନାହିଁ । ହାତ ଲେଖାକୁ ଫଟୋ ଉଠାଇ କିମ୍ବା ସ୍କାନ୍ କରି ଇମେଲ୍ ଆଟାଚ୍‌ମେଣ୍ଟ ଭାବରେ ପଠାଇବେ । ହସ୍ତଲେଖା ସୁନ୍ଦର ଓ ପଠନଯୋଗ୍ୟ ହେବା ଅନିବାର୍ଯ୍ୟ, ନଚେତ ଯଦି ପ୍ରକାଶନରେ କୌଣସି ତ୍ରୁଟି ରହେ ସେଥିପାଇଁ ସମ୍ପାଦକ ଦାୟୀ ରହିବେ ନାହିଁ ।

ଯଦି ଗଳ୍ପ ବା କାହାଣୀ କିମ୍ବା ପ୍ରବନ୍ଧ ପଠାଉଛନ୍ତି ତେବେ ଧ୍ୟାନ ଦିଅନ୍ତୁ, ପ୍ରତ୍ୟେକ ଶବ୍ଦ ମଧ୍ୟରେ କେବଳ ଗୋଟିଏ ଖାଲି ସ୍ଥାନ ଛାଡ଼ିବେ, କମା, ପୂର୍ଣ୍ଣଚ୍ଛେଦ, ଯୁକ୍ତାକ୍ଷର ଆଦି ବ୍ୟାକରଣ ତ୍ରୁଟି ପ୍ରତି ସାବଧାନ ରହି ଟାଇପ୍ କରିବେ । ବ୍ୟାକରଣଗତ ତ୍ରୁଟି ପାଇଁ ପ୍ରକାଶନରେ ଅହେତୁକ ବିଳମ୍ବ ହୁଏ । ତେଣୁ ଯଦି ସମ୍ଭବ ହେଉଛି ଆପଣଙ୍କ ନିକଟରେ ଥିବା କେହି ଓଡ଼ିଆ ବନ୍ଧୁଙ୍କ ଦ୍ୱାରା ନିଜ ଲେଖାକୁ ସଠିକ ଭାବରେ ପରୀକ୍ଷା କରି ନିଅନ୍ତୁ ।

ଲେଖା ସହିତ ନିଜର ଗୋଟିଏ ପାସପୋର୍ଟ୍ ଫଟୋ (ଯଦି ନାହିଁ, ତେବେ ଭଲ ଦେଖାଯାଉଥିବା ସୁନ୍ଦର ଫଟୋଟିଏ) ସହିତ ନିଜର ଠିକଣା ଲେଖି ପଠାଇବେ ।

ଆମର ଲେଖା ସଂଗ୍ରହ ଇମେଲ୍ : aahwaan@gmail.com

ଆହ୍ୱାନ ଇ-ପତ୍ରିକା

 Magazine Downloaded from www.aahwaan.com

# ବିଶେଷ ସୂଚନା

ଦୟାକରି ପ୍ରତ୍ୟେକ ମାସର ସଂସ୍କରଣ ନିମନ୍ତେ କେବଳ ଗୋଟିଏ ବା ଦୁଇଟି ଲେଖା ହିଁ ପଠାନ୍ତୁ । କିଛି ବନ୍ଧୁ ଏକାଧିକ ଲେଖା ପଠାଇ ଆମକୁ ଚିନ୍ତାରେ ପକାଇ ଦେଉଛନ୍ତି । ଆମେ ସେ ମଧ୍ୟରୁ ଚୟନ କରିବାକୁ ଅସୁବିଧାର ସମ୍ମୁଖୀନ ହେଉଛୁ । ସୂଚନାଯୋଗ୍ୟ ଯେ କିଛି ବନ୍ଧୁ ବିଗତ ମାସରେ ଅନ୍ୟୁନ ଦଶରୁ ଅଧିକ କବିତା ପଠାଇଛନ୍ତି । ଏହାଦ୍ୱାରା ଆମ ଇମେଲ୍ ବକ୍ସ ଭର୍ତ୍ତି ହେଉଛି ଏବଂ ସମ୍ପାଦନା କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି ।

ବାରମ୍ବାର ଅନୁରୋଧ ସତ୍ତ୍ୱେ ଅନେକ ବନ୍ଧୁ ଟାଇପ୍ ନ କରି ଲେଖା ପଠାଉଛନ୍ତି । ଏହା ଫଳରେ ଆମକୁ ସମ୍ପାଦନା ପୂର୍ବରୁ ଅନ୍ୟୁନ ଅର୍ଦ୍ଧାଧିକ ପୃଷ୍ଠା ନିଜେ ଟାଇପ୍ କରିବାକୁ ପଡୁଛି ଏବଂ ଏଥିପାଇଁ ପତ୍ରିକା ପ୍ରକାଶନରେ ବିଳମ୍ବ ଦେଖା ଦେଉଛି । ଦୟାକରି ନିଜସ୍ୱ ଲେଖା ଟାଇପ୍ କରି ମାଇକ୍ରୋସଫ୍ଟ ୱାର୍ଡ୍ ଫାଇଲରେ ପଠାନ୍ତୁ । ଯଦି ଟାଇପ୍ କରି ପାରୁନାହାନ୍ତି ତା ହେଲେ ଅନ୍ୟ ଉପାୟ କରନ୍ତୁ । ପିଡ଼ିଏଫ୍ ଫାଇଲରେ ପଠାଉଥିବା ଲେଖାକୁ ୱାର୍ଡ୍ ଫାଇଲରେ ପଠାନ୍ତୁ ।

ହ୍ୱାଟ୍‌ସଆପ୍‌ରେ ଲେଖା ପଠାନ୍ତୁ ନାହିଁ । ଏହା ସ୍ୱୀକାର୍ଯ୍ୟ ହେବନାହିଁ । କେବଳ ଇମେଲ୍ ଦ୍ୱାରା ହିଁ ଲେଖା ପଠାନ୍ତୁ । ଆହ୍ୱାନ ଇ-ପତ୍ରିକାର ଆଣ୍ଡ୍ରଏଡ୍ ଆପ୍ ଡାଉନଲୋଡ୍ କରନ୍ତୁ ।

**ପତ୍ରିକାରେ ଥିବା ବ୍ୟାକରଣଗତ ତ୍ରୁଟି ପାଇଁ ସମ୍ପାଦକ କ୍ଷମାପ୍ରାର୍ଥୀ ।**

ଆମ ଇମେଲ୍ ଠିକଣା :

**aahwaan@gmail.com**